# ଧରିତ୍ରୀ DHARITRI

ଭୁବନେଶ୍ୱର, ଶନିବାର, ସେପ୍ଟେମ୍ବର ୨୨/୨୦୧୮ (୨୦ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, September 22 / 2018 (Career & Appointment) ★★★★★★

୪୪ଶ ଭାଗ ୨୯୮ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୫/-





"ପୂର୍ବଭାରତର ଉନ୍ନତି ବିନା ଭାରତର ବିକାଶ ଅସମ୍ପୂର୍ଣ୍ଣ।"

ସତ୍ୟମେବ ଜୟତେ

ପେଟ୍ରୋଲିୟମ୍ ଏବଂ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରଣାଳୟ
ରସାୟନ ଏବଂ ସାର ମନ୍ତ୍ରଣାଳୟ
ଭାରତ ସରକାର

## ପୂର୍ବୋଦୟରୁ ନୂଆ ଭାରତର ହେବ ଉଦୟ

## ସାର କ୍ଷେତ୍ରରେ ଦେଶର ଆତ୍ମନିର୍ଭରଶୀଳତା ଏବଂ ଓଡ଼ିଶାର ସମୃଦ୍ଧି ଦିଗରେ

# ଏକ ମହତ୍ତ୍ୱପୂର୍ଣ୍ଣ ପଦକ୍ଷେପ



## ନରେନ୍ଦ୍ର ମୋଦୀ

ପ୍ରଧାନମନ୍ତ୍ରୀଙ୍କ
କରକମଳରେ

## ତାଳଚେର ଫର୍ଟିଲାଇଜର୍ସ ଲିମିଟେଡ୍

(ଗେଲ୍, ସିଆଇଏଲ୍, ଆର୍‌ସିଏଫ୍ ଏବଂ ଏଫ୍‌ସିଆଇଏଲ୍‌ର ସଂଯୁକ୍ତ ଉଦ୍ୟମ)

## ତାଳଚେର ସ୍ଥିତ
## କୋଇଲାରୁ ଗ୍ୟାସ୍ ଆଧାରିତ ସାର କାରଖାନା ପାଇଁ

## ଶୁଭ କାର୍ଯ୍ୟାରମ୍ଭ

### ତାଳଚେର ଫର୍ଟିଲାଇଜର୍ସ ଲିମିଟେଡ୍‌ର ବିଶେଷତ୍ୱ

- ଦେଶର ପ୍ରଥମ କୋଇଲାରୁ ଗ୍ୟାସ୍ ଆଧାରିତ ସାର କାରଖାନା - ଭାରତୀୟ ଅର୍ଥନୀତି ପାଇଁ ଯୁଗ ପରିବର୍ତ୍ତନକାରୀ
- ମାତ୍ରାଧିକ ପାଉଁଶଯୁକ୍ତ ଭାରତୀୟ କୋଇଲାର ସୁପରିଚାଳନା ପାଇଁ ପେଟ୍‌କୋକ୍ ବ୍ଲେଣ୍ଡିଂ ସମ୍ବଳିତ ପ୍ରକଳ୍ପ
- ପରିତ୍ୟକ୍ତ ଭାବରେ ଉପଲବ୍ଧ ଘରୋଇ କୋଇଲାକୁ ପରିବେଶ ଅନୁକୂଳ ଭାବରେ ବିକଳ୍ପ ବ୍ୟବହାରକୁ ପ୍ରୋତ୍ସାହନଦାୟୀ ଯୁଗାନ୍ତକାରୀ ପ୍ରକଳ୍ପ
- ୧୩୦୦୦ କୋଟି ଟଙ୍କା ପୁଞ୍ଜି ନିବେଶରେ ବାର୍ଷିକ ୧.୨୭ ମିଲିୟନ୍ ମେଟ୍ରିକ୍ ଟନ୍ ୟୁରିଆ ଉତ୍ପାଦନ କ୍ଷମତା
- ବାର୍ଷିକ ୧୬୨୦ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ତରଳୀକୃତ ପ୍ରାକୃତିକ ଗ୍ୟାସ୍ (ଏଲ୍‌ଏନ୍‌ଜି) ଆମଦାନୀ ଦେୟ ହ୍ରାସ
- କୃଷକମାନଙ୍କ ପାଇଁ ଅଧିକ ୟୁରିଆ ଉପଲବ୍ଧକାରୀ
- ପ୍ରାୟ ୪୫୦୦ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ନିଯୁକ୍ତି ସୃଷ୍ଟି

### ଗରିମାମୟ ଉପସ୍ଥିତି

**ପ୍ରଫେସର ଗଣେଶୀ ଲାଲ**
ରାଜ୍ୟପାଳ, ଓଡ଼ିଶା

**ନବୀନ ପଟ୍ଟନାୟକ**
ମୁଖ୍ୟମନ୍ତ୍ରୀ, ଓଡ଼ିଶା

**ଅନନ୍ତ କୁମାର**
କେନ୍ଦ୍ର ରସାୟନ ଓ ସାର ତଥା ସଂସଦୀୟ କାର୍ଯ୍ୟ ମନ୍ତ୍ରୀ

**ଜୁଏଲ୍ ଓରାମ୍**
କେନ୍ଦ୍ର ଜନଜାତୀୟ ବ୍ୟାପାର ମନ୍ତ୍ରୀ

**ଧର୍ମେନ୍ଦ୍ର ପ୍ରଧାନ**
କେନ୍ଦ୍ର ପେଟ୍ରୋଲିୟମ୍ ଏବଂ ପ୍ରାକୃତିକ ଗ୍ୟାସ୍ ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ

**ପିୟୁଷ ଗୋଏଲ**
କେନ୍ଦ୍ର ରେଳବାଇ ଏବଂ କୋଇଲା ମନ୍ତ୍ରୀ

**ତଥାଗତ ସତପଥୀ**
ସାଂସଦ, ଢେଙ୍କାନାଳ

**ବ୍ରଜ କିଶୋର ପ୍ରଧାନ**
ବିଧାୟକ, ତାଳଚେର

**ଶନିବାର, ୨୨ ସେପ୍ଟେମ୍ବର ୨୦୧୮, ପ୍ରାତଃ ୯ ଘଣ୍ଟା ୩୦ ମିନିଟ୍**
**ତାଳଚେର ଫର୍ଟିଲାଇଜର୍ସ ଲିମିଟେଡ୍, ତାଳଚେର, ଓଡ଼ିଶା**





"ଜମ୍ମୁ-କଶ୍ମୀରରେ କେନ୍ଦ୍ରର ଦମନମୂଳକ ନୀତି ଆଦୌ କାମ କରୁନାହିଁ। ସମାଧାନ ପାଇଁ ଆଲୋଚନା ଏକମାତ୍ର ପନ୍ଥା ହୋଇଥିଲେ ହେଁ ଏହା ଏକ ଦୂରନ୍ତ ସ୍ୱପ୍ନ ଭଳି ମନେହେଉଛି।
-ମେହବୁବା ମୁଫ୍ତି, ଜମ୍ମୁ-କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ

## ସଂକ୍ଷେପରେ

### ଫେକ୍ ୱେବ୍‌ସାଇଟ୍‌କୁ ନେଇ ସତର୍କ କଲା ସିବିଏସ୍‌ଇ

ନୂଆଦିଲ୍ଲୀ,୨୧।୯(ପି.ଟି.): ଫେକ୍ ୱେବ୍‌ସାଇଟ୍‌କୁ ନେଇ ଲୋକଙ୍କୁ ସତର୍କ କଲା କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍‌ଇ)। କେତେକ ବ୍ୟବସାୟିକ ୱେବ୍‌ସାଇଟ୍ ସିବିଏସ୍‌ଇର ଲୋଗୋ ବ୍ୟବହାର କରି ଛାତ୍ରଛାତ୍ରୀଙ୍କୁ ଠକୁଥିବା ଅଭିଯୋଗ ହୋଇଛି। ସିବିଏସ୍‌ଇ ଭଳି ଦେଖାଯାଉଥିବା ଫେକ୍ ୱେବସାଇଟ୍ ତିଆରି କରି ସେମାନେ ଛାତ୍ରଛାତ୍ରୀଙ୍କ ପଞ୍ଜୀକରଣ କରୁଛନ୍ତି। ଫେସ୍‌ବୁକ, ଟୁଇଟର୍, ଇ-ମେଲ୍, ଫୋନ୍ କଲ୍ କିମ୍ବା ଅନ୍ୟାନ୍ୟ କୌଣସି ମାଧମରେ ଏହା ଛାତ୍ରୀଛାତ୍ରଙ୍କଠାରୁ ସୂଚନା ଆଦାୟ କରୁଛନ୍ତି। ଭ୍ରମରେ ଲୋକେ ଏଭଳି ଠକଙ୍କ ଜାଲରେ ପଡ଼ି ଯାଉଛନ୍ତି। ସିବିଏସ୍‌ଇ ନିଜର ସରକାରୀ ୱେବ୍‌ସାଇଟ୍ ବ୍ୟତୀତ ଅନ୍ୟ କୌଣସି ମାଧମର ବ୍ୟବହାର କରି ନ ଥାଏ। ଏଣୁ ଫେକ୍ ୱେବ୍‌ସାଇଟ୍‌ରୁ ବର୍ତ୍ତିବା ଲାଗି ସରକାରୀ ୱେବ୍‌ସାଇଟ୍‌ର ସହଯୋଗ ନେବା ପାଇଁ ସିବିଏସ୍‌ଇ ପରାମର୍ଶ ଦେଇଛି।

### ୧ରେ ଆସିବେ ଗୁଟେରେସ୍

ନୂଆଦିଲ୍ଲୀ,୨୧।୯(ପି.ଟି.): ଅକ୍ଟୋବର ୧ରେ ଭାରତ ଗସ୍ତରେ ଆସୁଛନ୍ତି ମିଳିତ ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରେସ୍। ଚାରିଦିନିଆ ଭାରତ ଯାତ୍ରାରେ ଆସି ଗୁଟେରେସ୍ ଏକାଧିକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମରେ ଯୋଗଦେବେ। ବହିର୍ବ୍ୟାପାର ମନ୍ତ୍ରୀ ସୁଷମା ସ୍ୱରାଜଙ୍କ ନିମନ୍ତ୍ରଣ କ୍ରମେ ଗୁଟେରେସ୍‌ଙ୍କ ଏହି ଯାତ୍ରା ସ୍ଥିର ହୋଇଛି। ଶୁକ୍ରବାର ମନ୍ତ୍ରଣାଳୟ ପକ୍ଷରୁ ଦିଆଯାଇଥିବା ସୂଚନା ମୁତାବକ, ଜାତିସଂଘ ମହାସଚିବ ଅନ୍ତର୍ଜାତୀୟ ସୌର ମେଣ୍ଟ(ଆଇଏସ୍‌ଏ)ର ପ୍ରଥମ ସାଧାରଣ ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ମିଳିତ ଭାବେ ଉଦ୍‌ବୋଧନ ଦେବେ। ଦ୍ୱିତୀୟ ଗ୍ଲୋବାଲ୍ ରି-ଇନ୍‌ଭେଷ୍ଟ କନ୍‌ଫରେନ୍ସ ଏବଂ ଇଣ୍ଡିଏନ୍ ଓସିଏନ୍ ରିମ୍ ଆସୋସିଏଶନ୍ ଅଫ୍ ଷ୍ଟେଟସ୍ (ଆଇଓଆର୍‌ଏ)ର ଅକ୍ଷୟ ଶକ୍ତି ମନ୍ତ୍ରୀସ୍ତରୀୟ ବୈଠକରେ ଯୋଗଦେବେ। ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ଅବସରରେ ହେବାକୁ ଥିବା ଅନ୍ତର୍ଜାତୀୟ ସ୍ୱଚ୍ଛତା ସମ୍ମିଳନୀରେ ମଧ ସେ ସାମିଲ ହେବେ।



### ପରଲୋକରେ ଭିଏତ୍‌ନାମ ରାଷ୍ଟ୍ରପତି

ହାନୋଇ,୨୧।୯(ପି.ଟି.): ଭିଏତ୍‌ନାମ ରାଷ୍ଟ୍ରପତି ଟ୍ରାନ୍ ଦାଇ କ୍ୱାଙ୍ଗଙ୍କ ଶୁକ୍ରବାର ୬୧ ବର୍ଷ ବୟସରେ ପରଲୋକ ହୋଇଯାଇଛି। ଦୀର୍ଘଦିନର ଅସୁସ୍ଥତା ପରେ ଶେଷରେ ସେ ଜୀବନ ଯୁଦ୍ଧରେ ପରାଜିତ ହୋଇଛନ୍ତି। ଜଟିଳ ସ୍ୱାସ୍ଥ୍ୟଗତ ସମସ୍ୟା ଯୋଗୁ ଅନେକ ଦିନ ହେଲା ତାଙ୍କର ଚିକିତ୍ସା ଚାଲିଥିଲା ବୋଲି ସ୍ଥାନୀୟ ଗଣମାଧମରେ ସୂଚନା ଦିଆଯାଇଛି। ଏପ୍ରିଲ ୨୦୧୬ରେ ରାଷ୍ଟ୍ରପତି ନିର୍ବାଚିତ ହୋଇଥିବା ଟ୍ରାନ୍ ଅସୁସ୍ଥତା ସତ୍ତ୍ୱେ ସରକାରୀ କାର୍ଯ୍ୟରେ ମୁତୟନ ରହୁଥିଲେ। ଦୁଇଦିନ ପୂର୍ବରୁ ଶେଷଥର ପାଇଁ ଟ୍ରାନ୍‌ଙ୍କୁ ଗଣମାଧମ ସମ୍ମୁଖରେ ଦେଖିବାକୁ ମିଳିଥିଲା। ଭିଏତ୍‌ନାମ ରାଷ୍ଟ୍ରପତିଙ୍କ ପରଲୋକରେ ଶୋକବ୍ୟକ୍ତ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି।



### ୫ ଲଶ୍କର ଆତଙ୍କବାଦୀ ନିହତ

ଶ୍ରୀନଗର,୨୧।୯(ଆଇଏଏନ୍‌ଏସ୍): ଜମ୍ମୁ-କଶ୍ମୀରର ବଣ୍ଡିପୋରା ଜିଲାରେ ଶୁକ୍ରବାର ସୁରକ୍ଷା ବଳର ଏନ୍‌କାଉଣ୍ଟରରେ ୫ ଲଶ୍କର ଆତଙ୍କବାଦୀ ନିହତ ହୋଇଛନ୍ତି। ଏହି ପାକିସ୍ତାନୀ ଆତଙ୍କବାଦୀମାନେ ନିକଟରେ ନିୟନ୍ତ୍ରଣରେଖା (ଏଲ୍‌ଓସି) ଅତିକ୍ରମ କରି ଉପତ୍ୟକାରେ ଅନୁପ୍ରବେଶ କରିଥିବା ପୋଲିସ ଜାଣିବାକୁ ପାଇଛି। ବଣ୍ଡିପୋରାର ସୁମ୍ଲାର ଅଞ୍ଚଳରେ ଆତଙ୍କବାଦୀଙ୍କ ଉପସ୍ଥିତି ନେଇ ଗୁରୁବାର ସୁରକ୍ଷା ବଳକୁ ଗୋଇନ୍ଦା ସୂଚନା ମିଳିଥିଲା। ରାଷ୍ଟ୍ରୀୟ ରାଇଫଲ୍ସ, ସ୍ପେଶାଲ ଅପରେଶନ ଗ୍ରୁପ୍ (ଏସ୍‌ଓଜି) ଏବଂ ରାଜ୍ୟ ପୋଲିସ ପକ୍ଷରୁ ମିଳିତ ଭାବେ ସମ୍ପୃକ୍ତ ଅଞ୍ଚଳରେ ତଲାସି ଚାଲିଥିବାବେଳେ ଆତଙ୍କବାଦୀମାନେ ସେମାନଙ୍କ ଉପରକୁ ଗୁଳିବର୍ଷା କରିଥିଲେ। ଯବାନଙ୍କ ଜବାବୀ କାର୍ଯ୍ୟାନୁଷ୍ଠାନରେ ୫ ଆତଙ୍କବାଦୀ ନିହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୨ ଜଣଙ୍କ ମୃତଦେହ ଠାବ କରାଯାଇଛି।

■ ରୁଷିଆ ସହ ପ୍ରତିରକ୍ଷା ସମ୍ପର୍କ ମହଙ୍ଗା ପଡ଼ିଲା

# ଚାଇନାକୁ ଆମେରିକାର ଛାଟ

ୱାଶିଂଟନ/ବେଜିଂ/ମସ୍କୋ, ୨୧।୯(ପି.ଟି.)



ରୁଷିଆକୁ ଏକପାଖିଆ କରିବା ପାଇଁ ବିଶ୍ୱର ଶକ୍ତିଶାଳୀ ରାଷ୍ଟ୍ର ଆମେରିକା କ୍ଷମତା ପ୍ରୟୋଗ ଆରମ୍ଭ କରିଦେଇଛି। ରୁଷିଆଠାରୁ ସୁଖୋଇ ସୁ-୩୫ ଯୁଦ୍ଧବିମାନ ଓ ଏସ୍-୪୦୦ କ୍ଷେପଣାସ୍ତ୍ର ଆଦି ସାମରିକ ଅସ୍ତ୍ରଶସ୍ତ୍ର କ୍ରୟ କରୁଥିବାରୁ ଚାଇନାକୁ ନାଲିଆଖି ଦେଖାଇବା ସହ ଏହା କଟକଣା ଲଗାଇଛି। ଟ୍ରମ୍ପ୍ ପ୍ରଶାସନ ପ୍ରଥମକରି କାଟ୍‌ସା ଆଇନ ଅନୁଯାୟୀ ତୃତୀୟ ରାଷ୍ଟ୍ରକୁ ଟାର୍ଗେଟ କରି ଆର୍ଥିକ ସହଯୋଗ କାଟ୍ କରିଛି। କେବଳ ଚାଇନା ନୁହେଁ ରୁଷିଆଠାରୁ ପ୍ରତିରକ୍ଷା ସାମଗ୍ରୀ କିଣୁଥିବା ସମସ୍ତ ରାଷ୍ଟ୍ର ସମଦଶା ଭୋଗିବେ ବୋଲି ଆମେରିକା ଚେତାବନୀ ଦେଇଛି। ପରୋକ୍ଷରେ ଏହା ଭାରତ ଆଡ଼କୁ ମଧ ଇଙ୍ଗିତ କରୁଛି। ଟ୍ରମ୍ପ୍ ପ୍ରଶାସନର ଏହି ଛାଟ ପରେ ରୁଷିଆ ଏବଂ ଚାଇନା ଶୁକ୍ରବାର ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଏଭଳି ନିଷ୍ପତ୍ତି ନେଇ ୱାଶିଂଟନ ନିଆଁ ସହ ଖେଳୁଥିବାରୁ ପରିଣାମ ଭୋଗିବ ବୋଲି ଉଭୟ ରାଷ୍ଟ୍ର କହିଛନ୍ତି।

ଆମେରିକା ଏବଂ ରୁଷିଆ ମଧ୍ୟରେ ଚାଲିଛି ଶୀତଳଯୁଦ୍ଧ। ସିରିଆ, କ୍ରିମିଆ ସମେତ ବିଭିନ୍ନ ଅନ୍ତର୍ଜାତୀୟ ପ୍ରସଙ୍ଗରେ ରୁଷିଆର ଉଗ୍ର କାର୍ଯ୍ୟକଳାପ ବାରମ୍ବାର ଦେଖି ଆମେରିକା ପୂରା ଖପ୍ପା। ପ୍ରତିଶୋଧ ବହ୍ନିରେ ରୁଷିଆ ଉପରେ ପରୋକ୍ଷ ଆକ୍ରମଣ କରିଛନ୍ତି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍। କାଉଣ୍ଟରିଂ ଆମେରିକାସ୍ ଆଡଭର୍ସରିଜ୍ ଥ୍ରୋ ସାଙ୍କସନ୍ସ ଆକ୍ଟ (କାଟ୍‌ସା) କଟକଣାକୁ ଏହା ମାଧ୍ୟମ କରିଛି। ରୁଷିଆ, ଇରାନ ଓ ଉତ୍ତର କୋରିଆ ବିରୋଧରେ ଅର୍ଥନୈତିକ ଓ ରାଜନୈତିକ କଟକଣା ଜାରି କରିବା ଲାଗି ୨୦୧୭ରେ ଟ୍ରମ୍ପ ପ୍ରଶାସନ କାଟ୍‌ସା ଆଇନ ଗୃହୀତ କରିଥିଲା। ଏବେ ଏହାକୁ ଅସ୍ତ୍ର କରି ଚାଇନା ପ୍ରତିରକ୍ଷା ମନ୍ତ୍ରଣାଳୟର ଅସ୍ତ୍ର ବିକାଶ ବିଭାଗ (ଇଡିଡି) ଉପରେ କଟକଣା ଲଗାଇଛି ଆମେରିକା। ୧୦ ସୁଖୋଇ ଯୁଦ୍ଧବିମାନ ଏବଂ ବହୁକୋଟି ଡଲାର ମୂଲ୍ୟର ଏସ୍-୪୦୦ ମିଶାଇଲ ରୁଷିଆଠାରୁ କିଣି କାଟ୍‌ସା ଆଇନର ଉଲ୍ଲଂଘନ କରିଥିବାରୁ ବେଜିଂକୁ ଏହି ଦଣ୍ଡ ମିଳିଛି ବୋଲି ଶୁକ୍ରବାର ଆମେରିକା ପରରାଷ୍ଟ୍ର ବିଭାଗ ପକ୍ଷରୁ କୁହାଯାଇଛି। ସେହିପରି ରୁଷିଆର ୩୩ ଗୋଇନ୍ଦା ଅଧିକାରୀ ଓ ସାମରିକ କ୍ଷେତ୍ର ସହ ଜଡ଼ିତ ବ୍ୟକ୍ତି, ସଂସ୍ଥାକୁ କଳା ତାଲିକାଭୁକ୍ତ କରାଯାଇଛି। ତେବେ କୌଣସି ରାଷ୍ଟ୍ରର ପ୍ରତିରକ୍ଷା କ୍ଷମତା ହ୍ରାସ କରିବା ଆମେରିକାର ଉଦ୍ଦେଶ୍ୟ ନୁହେଁ। ରୁଷିଆକୁ ଟାର୍ଗେଟ କରିବା ଲାଗି ଏହି ଛାଟ ଦିଆଯାଇଥବା ଟ୍ରମ୍ପ୍ ପ୍ରଶାସନର ଜଣେ ବରିଷ୍ଠ ଅଧିକାରୀ ଘୋଷଣା କରିଛନ୍ତି।

ୟୁକ୍ରେନ୍‌ରେ ଔଦ୍ଧତ୍ୟ, କ୍ରିମିଆକୁ କବ୍‌ଜା, ସାଇବର ଆକ୍ରମଣ ଏବଂ ୨୦୧୬ ଆମେରିକା ରାଷ୍ଟ୍ରପତି ନିର୍ବାଚନରେ ହସ୍ତକ୍ଷେପ ଆଦି ଅନ୍ୟାନ୍ୟ ଦାଦାଗିରି ପାଇଁ ରୁଷିଆ ବିରୋଧରେ କାଟ୍‌ସା ଆଇନ ଲାଗୁ ହୋଇଛି। ତେଣୁ ଏହା ସହ ପ୍ରତିରକ୍ଷା ସମ୍ପର୍କ ରଖୁଥିବା ରାଷ୍ଟ୍ରଗୁଡ଼ିକୁ ଆମେରିକା ଶତ୍ରୁ ଭାବେ ବିବେଚନା କରୁଛି। ସେମାନଙ୍କୁ ଆର୍ଥିକ ଓ କୂଟନୈତିକ ସ୍ତରରେ ସହଯୋଗ ଯୋଗାଇବ ନାହିଁ ବୋଲି ଆମେରିକୀୟ ଅଧିକାରୀ ସ୍ପଷ୍ଟ କରିଛନ୍ତି। ରୁଷିଆର ପ୍ରମୁଖ ଅସ୍ତ୍ର ଯୋଗାଣକାରୀ କମ୍ପାନୀ ରୋସୋବୋରୋନ୍ ଏକ୍ସପୋର୍ଟକୁ କଳା ତାଲିକାରେ ସ୍ଥାନିତ କରାଯାଇଛି। ଏହାଠାରୁ ଅସ୍ତ୍ରଶସ୍ତ୍ର କ୍ରୟ କରିଥିବାରୁ ଚାଇନାର ଇଡିଡି ଓ ଏହାର ନିର୍ଦ୍ଦେଶକ ଲି ଶାଙ୍ଗ୍‌ଫୁଙ୍କୁ ଝଟକା ଦେଇଛି ଆମେରିକା। ଆମେରିକୀୟ ଆଇନ ଅନୁଯାୟୀ ଇଡିଡି କିମ୍ବା ଲି'ଙ୍କ ସମ୍ପତ୍ତି ବାଜ୍ୟାପ୍ତି ହେବ। ବିଶ୍ୱ ଆର୍ଥିକ ବଜାରରେ ଏବେ ଇଡିଡି ସାମିଲ ହୋଇପାରିବ ନାହିଁ। ଆମେରିକାର ଘୋଷଣା ପରେ ଜି ଜିନ୍‌ପିଙ୍ଗଙ୍କ ନେତୃତ୍ୱାଧୀନ ଚାଇନା ସରକାର କଡ଼ା ଭାଷାରେ ସମାଲୋଚନା କରିଛନ୍ତି। କଟକଣା ହଟାଅ, ନଚେତ୍ ଭୟଙ୍କର ପରିଣାମ ଭୋଗିବାକୁ ପଡ଼ିବ ବୋଲି ୱାଶିଂଟନକୁ ଚେତବାନୀ ଦେଇଛନ୍ତି ଚାଇନା ବୈଦେଶିକ ମନ୍ତ୍ରଣାଳୟ ମୁଖପାତ୍ର ଜେଙ୍ଗ୍ ଶୁଆଙ୍ଗ୍। ସେହିପରି ରୁଷିଆର ଉପ ବୈଦେଶିକ ମନ୍ତ୍ରୀ ସେର୍ଜେଇ ର୍‌ୟାବ୍‌କୋଭ କହିଛନ୍ତି ଯେ, ସାନି କଟକଣା ଜାରି କରି ଆମେରିକା ବିଶ୍ୱ ଅସ୍ଥିରତା ସୃଷ୍ଟି କରିଛି। ରୁଷିଆର ପ୍ରତିରକ୍ଷା ସଂସ୍ଥା, ରାଜନେତା ଓ ବ୍ୟବସାୟୀଙ୍କୁ ଟାର୍ଗେଟ କରି ନିଆଁ ସହ ଖେଳୁଥିବାରୁ ଆମେରିକାକୁ ମହଙ୍ଗା ପଡ଼ିବ ବୋଲି ର୍‌ୟାବ୍‌କୋଭ ଚେତାଇ ଦେଇଛନ୍ତି।

**ଟ୍ରମ୍ପ୍‌ଙ୍କ ନାଲିଆଖି**

- ■ କାଟ୍‌ସା ଅନୁଯାୟୀ ଇଡିଡି ଉପରେ କଟକଣା
- ■ ସୁ-୩୫, ଏସ୍-୪୦୦ କ୍ରୟ ପାଇଁ ଦଣ୍ଡ
- ■ କଟକଣା ହଟାଅ, ନଚେତ୍ ପରିଣାମ ଭୋଗିବ: ଚାଇନା
- ■ ଆମେରିକା ନିଆଁ ସହ ଖେଳୁଛି: ରୁଷିଆ

## ଭାରତକୁ ବି ଚେତାବନୀ



ୱାଶିଂଟନ, ୨୧।୯: ଚାଇନା ବିରୋଧରେ କଟକଣା ଜାରି କରିବା ପରେ ଏବେ ଭାରତ ଏବଂ ତୁର୍କୀ ଉପରେ ନଜର। ପ୍ରତିରକ୍ଷା କ୍ଷେତ୍ରରେ ସବୁଠୁ ବଡ଼ ବନ୍ଧୁ ଭାବେ ପରିଗଣିତ ରୁଷିଆଠାରୁ ଏସ୍-୪୦୦ କିଣିବାକୁ ଭାରତ ଉଦ୍ୟମ ଚଳାଇଛି। ଏତିକିବେଳେ ଟ୍ରମ୍ପ୍ ପ୍ରଶାସନର ହାକିମାତି ନୂଆଦିଲ୍ଲୀକୁ ଅଡୁଆରେ ପକାଇଛି। ରୁଷିଆ ସହ ହୋଇଥିବା ଏୟାର ଡିଫେନ୍ସ ସିଷ୍ଟମ୍ ବୁଝାମଣାକୁ ନେଇ ଆଗେଇବ ବୋଲି ଭାରତ ନିକଟରେ ସ୍ପଷ୍ଟ କରିସାରିଥିଲେ ସୁଦ୍ଧା ବେଜିଂ ବିରୋଧରେ କଟକଣା ଲଗାଇ ଆମେରିକା ନୂଆଦିଲ୍ଲୀକୁ ମଧ ପରୋକ୍ଷରେ ଚେତାବନୀ ଦେଇଛି। ଚାଇନା ଉପରେ ଛାଟ ପଡ଼ିଥିବାରୁ ଏବେ ନରେନ୍ଦ୍ର ମୋଦି ସରକାର କ'ଣ ନିଷ୍ପତ୍ତି ନେବେ, ତାହା ଦେଖିବାର କଥା। ସେହିପରି ରୁଷିଆଠାରୁ ତୁର୍କୀ ଏସ୍-୪୦୦ ଯୁଦ୍ଧବିମାନ କ୍ରୟ କରୁଛି। ତେଣୁ ଏହା ମଧ ଆମେରିକା ଟାର୍ଗେଟରେ ରହିପାରେ ବୋଲି ଚର୍ଚ୍ଚା ହେଉଛି। କିନ୍ତୁ ଏନେଇ ଆମେରିକା ପରରାଷ୍ଟ୍ର ବିଭାଗ ପକ୍ଷରୁ ପ୍ରତିକ୍ରିୟା ମିଳିପାରିନାହିଁ।

# ବୋଟ୍ ବୁଡ଼ି ୧୩୬ ମୃତ



ନାଇରୋବି,୨୧।୯(ପି.ଟି.)

ତାଞ୍ଜାନିଆର ଭିକ୍ଟୋରିଆ ହ୍ରଦରେ ଗୁରୁବାର ବୋଟ୍ ବୁଡ଼ି ୧୩୬ ଜଣ ପ୍ରାଣ ହରାଇଛନ୍ତି। ଅନେକ ଯାତ୍ରୀଙ୍କ ସନ୍ଧାନ ମିଳିପାରି ନାହିଁ। ଫଳରେ ମୃତ୍ୟୁସଂଖ୍ୟା ବଢ଼ିବା ନେଇ ଆଶଙ୍କା କରାଯାଉଛି। ଏମ୍‌ଭି ନ୍ୟେରେର୍ ନାମକ ଏକ ବୋଟ୍ ୟୁକେରେୱେ ଦ୍ୱୀପର ବୁଗୋଲୋରା ସହରରୁ ପ୍ରାୟ ୨୦୦ ଯାତ୍ରୀଙ୍କୁ ଧରି ଭିକ୍ଟୋରିଆ ହ୍ରଦରେ ଯାତ୍ରା କରୁଥିଲା। ଗନ୍ତବ୍ୟସ୍ଥଳ ୟୁକାରା ଦ୍ୱୀପ ନିକଟରେ ଏହା ବୁଡ଼ିଯାଇଥିଲା। କ୍ଷମତାଠାରୁ ଦୁଇଗୁଣ ଓଜନ ବହନ କରିଥିବା ଯୋଗୁ ବୋଟ୍‌ଟି ବୁଡ଼ିଯାଇଥିବା ସନ୍ଦେହ କରାଯାଉଛି ବୋଲି ମାଞ୍ଜା ଗଭର୍ନର ଜନ୍ ମୋଙ୍ଗେଲା ଶୁକ୍ରବାର ସୂଚନା ଦେଇଛନ୍ତି। ୧୩୬ ଜଣଙ୍କ ମୃତଦେହ ଉଦ୍ଧାର ହୋଇଥିବାବେଳେ ଏପର୍ଯ୍ୟନ୍ତ ଜଣେ ହେଲେ ଯାତ୍ରୀଙ୍କୁ ଜୀବନ୍ତ ଉଦ୍ଧାର କରାଯାଇ ନ ଥିବା ସେ କହିଛନ୍ତି। ବୋଟ୍‌ଟି ବନ୍ଦରରେ ପହଞ୍ଚିବା ବେଳେ ଦୁର୍ଘଟଣାର ଶିକାର ହୋଇଥିଲା। ଲୋକେ ଓହ୍ଲାଇବା ପାଇଁ ବୋଟ୍‌ର ଗୋଟିଏ ପଟକୁ ଚାଲି ଆସିଥିବାବେଳେ ଭାରସାମ୍ୟ ହରାଇ ଏହା ବୁଡ଼ି ଯାଇଥିଲା।

■ ନନ୍ ବଳାତ୍କାର ମାମଲା

# ବିଶପ୍ ଫ୍ରାଙ୍କୋ ଗିରଫ

କୋଚି,୨୧।୯(ଆଇଏଏନ୍‌ଏସ୍)



ନନ୍ ବଳାତ୍କାର ମାମଲାରେ ଶେଷରେ ଗିରଫ ହେଲେ ରୋମାନ୍ କାଥୋଲିକ୍ ଚର୍ଚ୍ଚ ବିଶପ୍ ଫ୍ରାଙ୍କୋ ମୁଲକ୍କଲ। ତିନିଦିନର ଘନଘନ ଜେରା ପରେ ଶୁକ୍ରବାର କେରଳ ପୋଲିସ ଜଲନ୍ଧର ଚର୍ଚ୍ଚ ବିଶପ୍‌ଙ୍କୁ ଗିରଫ କରିଛି। ଦେଶରେ ପ୍ରଥମକରି ଜଣେ ବିଶପ୍‌ଙ୍କୁ ବଳାତ୍କାର ମାମଲାରେ ଗିରଫ କରାଯାଇଛି। ଅଭିଯୁକ୍ତଙ୍କ ପଦମର୍ଯ୍ୟାଦାକୁ ଦୃଷ୍ଟିରେ ରଖି ତାଙ୍କ ବିରୋଧରେ ଠୋସ୍ ପ୍ରମାଣ ଯୋଗାଡ଼ କରିବା ପରେ ଗିରଫ କରାଯାଇଥିବା ଜଣେ ପୋଲିସ ଅଧିକାରୀ ସୂଚନା ଦେଇଛନ୍ତି। ୨୦୧୪ରୁ ୨୦୧୬ ମଧ୍ୟରେ ବିଶପ୍ ତାଙ୍କୁ ୧୩ଥର ବଳାତ୍କାର କରିଥିଲେ ଏବଂ ଏହାକୁ ବିରୋଧ କରି ପରେ ଧମକାଉଥିଲେ ବୋଲି କେରଳ ନନ୍ ଅଭିଯୋଗ ଆଣିଥିଲେ। ନନ୍‌ଙ୍କୁ ଚାରିଆଡୁ ସମର୍ଥନ ମିଳିବା ପରେ ଚାପର ବଶବର୍ତ୍ତୀ ହୋଇ ପୋଲିସ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଥିଲା। କୋଚି ନିକଟବର୍ତ୍ତୀ ତ୍ରିପୁନିଥୁରାସ୍ଥିତ କ୍ରାଇମବ୍ରାଞ୍ଚ କାର୍ଯ୍ୟାଳୟରେ ତିନିଦିନ ଧରି ଅଧିକାରୀମାନେ ଜେରା କରିଥିଲେ। ଏହାପରେ ତାଙ୍କୁ ଗିରଫ କରାଯାଇଛି। ନିଜକୁ ନିର୍ଦ୍ଦୋଷ ବୋଲି କହୁଥିବା ମଲକ୍କଲକୁ ଗିରଫ କରିବା ପରେ ଡାକ୍ତରୀ ମାଇନା ପାଇଁ ପଠାଇଥିଲା। ସେପଟେ ତଦନ୍ତ ପ୍ରକ୍ରିୟା ଉଚିତ ଦିଗରେ ଆଗେଇଛି ବୋଲି ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନ୍ କହିଛନ୍ତି।

# ସିବିଆଇରେ ଅନ୍ତର୍ଦ୍ୱନ୍ଦ୍ୱ

ନୂଆଦିଲ୍ଲୀ,୨୧।୯(ପି.ଟି.)



ରାକେଶ ଅସ୍ଥାନା ଆଲୋକ ବର୍ମା

ଦେଶର ପ୍ରମୁଖ ତଦନ୍ତକାରୀ ସଂସ୍ଥା ସିବିଆଇରେ ଦେଖାଦେଇଛି ଅନ୍ତର୍ଦ୍ୱନ୍ଦ୍ୱ। ଏଜେନ୍ସିର ଦୁଇ ଶୀର୍ଷ ଅଧିକାରୀଙ୍କ ମଧ୍ୟରେ ଦୀର୍ଘଦିନ ହେଲା ଲାଗି ରହିଥିବା ବିବାଦ ଏବେ ପଦାରେ ପଡ଼ିଛି। ସିବିଆଇର ଦ୍ୱିତୀୟ ସ୍ତରୀୟ ଅଧିକାରୀ ରାକେଶ ଅସ୍ଥାନା ଏହାର ନିର୍ଦ୍ଦେଶକ ଆଲୋକ ବର୍ମାଙ୍କ ବିରୋଧରେ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଛନ୍ତି। କେନ୍ଦ୍ରୀୟ ଭିଜିଲାନ୍ସ କମିଶନ (ସିଭିସି) ନିକଟରେ ଅସ୍ଥାନାଙ୍କ ଅଭିଯୋଗ ହେଲା, ସେ ତଦନ୍ତ କରୁଥିବା ପିଛିଲା ୬ଟି ମାମଲାରେ ବର୍ମା ହସ୍ତକ୍ଷେପ କରୁଛନ୍ତି। ଏପରି କି ସିବିଆଇ ନିର୍ଦ୍ଦେଶକ ତାଙ୍କୁ ଧମକାଉଛନ୍ତି ବୋଲି ସେ ଦର୍ଶାଇଛନ୍ତି। ପ୍ରଥମେ ଅସ୍ଥାନା କେନ୍ଦ୍ର ସରକାରଙ୍କ ନିକଟରେ ଅଭିଯୋଗ ଆଣିଥିଲେ। ବର୍ତ୍ତମାନ ଏହି ମାମଲା ସିଭିସିଙ୍କ ନିକଟରେ ପହଞ୍ଚିଛି। ଅଭିଯୋଗର ଯାଞ୍ଚ କରିବା ଲାଗି ସିବିଆଇ ନିକଟରୁ ଅନେକ ଫାଇଲ ମାଗିଛି ସିଭିସି।

ଅନ୍ୟପକ୍ଷରେ ଅସ୍ଥାନାଙ୍କ ସମସ୍ତ ଅଭିଯୋଗକୁ ସିବିଆଇ ପକ୍ଷରୁ ଖଣ୍ଡନ କରାଯାଇଛି। ଅସ୍ଥାନାଙ୍କ ଅଭିଯୋଗ ମନଗଢ଼ା ଏବଂ ଉଦ୍ଦେଶ୍ୟ ପ୍ରଣୋଦିତ। ପିଛିଲା କେତୋଟି ମାମଲାର ତଦନ୍ତରେ ନିଜେ ଅସ୍ଥାନା ଅଧିକାରୀଙ୍କୁ ହଇରାଣ କରୁଥିବା ସାମ୍ନାକୁ ଆସିଛି। ସେମାନଙ୍କ କାର୍ଯ୍ୟରେ ହସ୍ତକ୍ଷେପ କରୁଥିବା ସିବିଆଇ ପକ୍ଷରୁ କୁହାଯାଇଛି।

■ ରାଫେଲ ଚୁକ୍ତିକୁ ନେଇ ଝଡ଼: ମୁହଁ ଖୋଲିଲେ ଫ୍ରାନ୍ସର ପୂର୍ବତନ ରାଷ୍ଟ୍ରପତି

# ଅମ୍ବାନୀଙ୍କ ନାମ ଉଠାଇଲେ ଓଲାନ୍ଦ

ନୂଆଦିଲ୍ଲୀ, ୨୧।୯(ପି.ଟି.)



ଫ୍ରାଁସୁଆ ଓଲାନ୍ଦ





ଅନିଲ ଅମ୍ବାନୀ

ରାଫେଲ୍ ଯୁଦ୍ଧବିମାନ କ୍ରୟ ସଂକ୍ରାନ୍ତ ଚୁକ୍ତିକୁ ନେଇ ଜାତୀୟ ରାଜନୀତି ଜୋର ଧରିଥିବାବେଳେ ଫ୍ରାନ୍ସର ପୂର୍ବତନ ରାଷ୍ଟ୍ରପତି ଫ୍ରାଁସୁଆ ଓଲାନ୍ଦ ମୁହଁ ଖୋଲିଛନ୍ତି। ସିଧାସଳଖ ସେ ରିଲାଏନ୍ସ କମ୍ପାନୀ ମାଲିକ ଅନିଲ ଅମ୍ବାନୀଙ୍କ ନାମ ନେଇଛନ୍ତି। ବହୁ କୋଟି ଟଙ୍କାର ରାଫେଲ ଚୁକ୍ତିବେଳେ ଭାରତ ସରକାର ଅମ୍ବାନୀଙ୍କ ରିଲାଏନ୍ସ ଡିଫେନ୍ସ କମ୍ପାନୀକୁ ଦାସଲ୍ଟ ଆଭିଏଶନର ଅଂଶୀଦାର ବୋଲି ଦର୍ଶାଇଥିଲେ। ତେଣୁ ତତ୍କାଳୀନ ଫ୍ରାନ୍ସ ସରକାରଙ୍କ ପାଖରେ ଅନ୍ୟ ଉପାୟ ନ ଥିଲା ବୋଲି ଓଲାନ୍ଦ କହିଛନ୍ତି। ଫ୍ରାନ୍ସ ଗଣମାଧମ 'ମିଡିଆପାର୍ଟ'ରେ ଓଲାନ୍ଦଙ୍କ ଉକ୍ତି ପ୍ରକାଶ ପାଇବା ପରେ ନରେନ୍ଦ୍ର ମୋଦି ସରକାରଙ୍କୁ ଆକ୍ରମଣ କରିବା ଲାଗି ବିରୋଧୀଙ୍କୁ ସାନି ଅସ୍ତ୍ର ମିଳିଯାଇଛି। ତେବେ ଓଲାନ୍ଦଙ୍କ କଥାର ସତ୍ୟତା କେତେଦୂର ରହିଛି, ତାହାର ତର୍ଜମା ଚାଲିଛି ବୋଲି ପ୍ରତିରକ୍ଷା ମନ୍ତ୍ରଣାଳୟର ଜଣେ ମୁଖପାତ୍ର କହିଛନ୍ତି।

ଫରାସୀ ଭାଷାରେ ପ୍ରକାଶିତ 'ମିଡିଆପାର୍ଟ'ର ଏକ ସାକ୍ଷାତ୍‌କାରରେ ଫ୍ରାନ୍ସର ପୂର୍ବତନ ରାଷ୍ଟ୍ରପତି ବିସ୍ଫୋରକ କଥା କହିଛନ୍ତି। ରାଫେଲ୍ ଚୁକ୍ତି ସମ୍ପର୍କରେ ତାଙ୍କୁ ପ୍ରଶ୍ନ କରିବାରୁ ଓଲାନ୍ଦ କହିଛନ୍ତି, ଭାରତ ସରକାର ରିଲାଏନ୍ସର ନାମ ପ୍ରସ୍ତାବ ଦେବା ପରେ ଅମ୍ବାନୀଙ୍କ ସହ ଦାସଲ୍ଟ ବୁଝାମଣା କରିଥିଲେ। ଯେଉଁ ପକ୍ଷର ନାମ ପ୍ରସ୍ତାବ ଦିଆଗଲା, ତାଙ୍କ ସହ ଆଲୋଚନା କରିବାକୁ ଫ୍ରାନ୍ସ ସରକାର ଏକପ୍ରକାର ବାଧ୍ୟ ହୋଇଥିଲେ। ରିଲାଏନ୍ସକୁ ପାର୍ଟନର ଭାବେ କିଏ ଏବଂ କାହିଁକି ଚୟନ କରିଥିଲେ ବୋଲି ପଚାରିବାରୁ ସେ କହିଛନ୍ତି, ଏ ବାବଦରେ ତାଙ୍କ ସରକାରର କିଛି ମତଲବ ନ ଥିଲା। ସେ ଯାହା ହେଉନା କାହିଁକି ଓଲାନ୍ଦଙ୍କ ମନ୍ତବ୍ୟ ସରକାରଙ୍କୁ ଘେରିବା ଲାଗି ବିରୋଧୀଙ୍କୁ ସୁଯୋଗ ଦେଇଛି। କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଏହି ଅବସରରେ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ସମାଲୋଚନା କରିଛନ୍ତି। ପ୍ରଧାନମନ୍ତ୍ରୀ ନିଜେ ରାଫେଲ ଚୁକ୍ତି ସମ୍ପର୍କରେ ବୁଝାମଣା କରିଥିଲେ। ରୁଦ୍ଧଦ୍ୱାର ଭିତରେ ସେ ଏପଟ ସେପଟ କରିଦେଇଥିଲେ। ଏବେ ଓଲାନ୍ଦଙ୍କ ଉକ୍ତି ପ୍ରକାଶ ପାଇବା ପରେ ଏହା ସ୍ପଷ୍ଟ ହୋଇଯାଇଛି ବୋଲି ରାହୁଲ କହିଛନ୍ତି। ପ୍ରଧାନମନ୍ତ୍ରୀ ଦେଶ ସହ ବିଶ୍ୱାସଘାତକତା କରିଛନ୍ତି। ଆମ ଯବାନଙ୍କ ବଳିଦାନକୁ ସେ ଅସମ୍ମାନିତ କରିଛନ୍ତି ବୋଲି କଂଗ୍ରେସ ମୁଖ୍ୟ ପ୍ରକାଶ କରିଛନ୍ତି। ସେହିପରି ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ୍ କେଜ୍‌ରିୱାଲ କହିଛନ୍ତି, ଓଲାନ୍ଦଙ୍କ ମନ୍ତବ୍ୟ ଏବଂ ମୋଦି ସରକାର ଏଯାଏ କହିଆସୁଥିବା କଥା ସହ ମେଳ ଖାଉ ନାହିଁ। ରାଫେଲ ଚୁକ୍ତି ସମ୍ପର୍କିତ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଲୁଚାଇ ଜାତୀୟ ସୁରକ୍ଷାକୁ ବିପଦ ମୁଖକୁ ଠେଲି ଦିଆଯାଇଛି।

■ ଶୋପିଆନ୍‌ରେ ଆତଙ୍କବାଦୀଙ୍କ ବର୍ବରତା

# ଅପହୃତ ୩ ପୋଲିସଙ୍କୁ ହତ୍ୟା

ଶ୍ରୀନଗର,୨୧।୯(ପି.ଟି.)

ଦକ୍ଷିଣ କଶ୍ମୀରରେ ପୁଣିଥରେ ବର୍ବରତାର ସୀମା ଟପିଛନ୍ତି ଆତଙ୍କବାଦୀ। ସେମାନେ ଶୋପିଆନ୍ ଜିଲାର ୩ ପୋଲିସ କର୍ମୀଙ୍କୁ ଘରୁ ଅପହରଣ କରିନେଇ ଶୁକ୍ରବାର ଅତି ନିର୍ମମ ଭାବେ ହତ୍ୟା କରିଛନ୍ତି। ଉପତ୍ୟକାରେ ଆତଙ୍କବାଦର ୩ ଦଶନ୍ଧି ଇତିହାସରେ ଏହା ସବୁଠୁ କଳଙ୍କିତ ଅଧ୍ୟାୟ ବୋଲି ପୋଲିସ କହିଛି।

ହିଜ୍‌ବୁଲ ମୁଜାହିଦ୍ଦିନ୍ କମାଣ୍ଡର ରିୟାଜ୍ ନାଇକୁ ନିକଟରେ ସୋସିଆଲ ମିଡିଆରେ ଭିଡିଓ ଜାରି କରି ପୋଲିସ କର୍ମୀମାନଙ୍କୁ ଏକାଧିକ ଥର ଧମକ ଦେଇଥିଲେ। ସ୍ପେଶାଲ ପୋଲିସ ଅଫିସର (ଏସ୍‌ପିଓ)ମାନେ ନିଜ ଚାକିରି ଛାଡ଼ି ଦିଅନ୍ତୁ। ନଚେତ୍ ସେମାନେ ଫଳ ଭୋଗିବେ ବୋଲି

**ଚାକିରି ନ ଛାଡ଼ିଲେ ଫଳ ଭୋଗିବେ ବୋଲି ଧମକ ଦେଇଥିଲା ହିଜ୍‌ବୁଲ**



ନାଇକୁ ଏଥିରେ ସେମାନଙ୍କୁ ଚେତାବନୀ ଦେଇଥିଲେ। ହେଲେ ତାଙ୍କ ଧମକକୁ କେହି ଭ୍ରୂକ୍ଷେପ କରି ନ ଥିଲେ। ଫଳରେ ଆତଙ୍କବାଦୀମାନେ କନଷ୍ଟେବଲ ନିସାର ଅହମ୍ମଦ ଏବଂ ଦୁଇ ଏସ୍‌ପିଓ ଫିର୍ଦୋସ ଅହମ୍ମଦ ଓ କୁଲ୍‌ୱନ୍ତ ସିଂଙ୍କୁ ଶୁକ୍ରବାର ଭୋର ସମୟରେ ଅପହରଣ କରିନେଇଥିଲେ। ଏହାର କିଛି ସମୟ ପରେ ୩ ପୋଲିସ କର୍ମୀଙ୍କ ଗୁଳିବିଦ୍ଧ ମୃତଦେହ ଏକ ନଦୀକୂଳ ବଗିଚାରେ ଠାବ ହୋଇଛି। ଜମ୍ମୁ-କଶ୍ମୀର ପୋଲିସର ୭ ଏସ୍‌ପିଓ ଏଥିରେ ଭୟଭୀତ ହୋଇ ଚାକିରିରୁ ଇସ୍ତଫା ଦେଇଥିବା ଭିଡିଓ ଜାରି ଘୋଷଣା କରିଥିବା ରିପୋର୍ଟ କେତେକ ଗଣମାଧ୍ୟମରେ ପ୍ରକାଶ ପାଇଛି। ଅନ୍ୟପକ୍ଷରେ ଏହି ଖବରକୁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଖଣ୍ଡନ କରିଛି। ୩ ପୋଲିସ କର୍ମୀଙ୍କ ହତ୍ୟା ପରେ କେହି ଏସ୍‌ପିଓ ଇସ୍ତଫା ଦେଇ ନାହାନ୍ତି। ଏହା ବିଭ୍ରାଟ ସୃଷ୍ଟିକାରୀ ତତ୍ତ୍ୱଙ୍କ ଅପପ୍ରଚାର ବୋଲି ମନ୍ତ୍ରଣାଳୟ ପକ୍ଷରୁ ଜାରି ଏକ ବିବୃତିରେ ସ୍ପଷ୍ଟ କରାଯାଇଛି।

# ଭାରତ-ପାକ୍ ଆଲୋଚନା ବାତିଲ

ନୂଆଦିଲ୍ଲୀ,୨୧।୯(ପି.ଟି.)

ଗୋଟିଏ ପଟେ ଶାନ୍ତିବାର୍ତ୍ତାର ପ୍ରସ୍ତାବ, ଅନ୍ୟପଟେ ଆତଙ୍କବାଦୀଙ୍କୁ ପ୍ରୋତ୍ସାହନ। ପାକିସ୍ତାନର ଏଭଳି ଦୋମୁହାଁ ନୀତି ପୁଣିଥରେ ସାମ୍ନାକୁ ଆସିବା ପରେ ଇସ୍‌ଲାମାବାଦ ସହ ପ୍ରସ୍ତାବିତ ଆଲୋଚନା ବାତିଲ କରିଦେଇଛି ନୂଆଦିଲ୍ଲୀ।

ଜମ୍ମୁ-କଶ୍ମୀରର ଶୋପିଆନ୍‌ରେ ପାକିସ୍ତାନୀ ଆତଙ୍କବାଦୀମାନେ ୩ ପୋଲିସ କର୍ମୀଙ୍କୁ ଅପହରଣ ପରେ ଶୁକ୍ରବାର ହତ୍ୟା କରିଛନ୍ତି। ସେପଟେ ହିଜ୍‌ବୁଲ ପୋଷ୍ଟରବୟ ବୁର୍‌ହାନ୍ ୱାନିଙ୍କୁ ମହିମାମଣ୍ଡିତ କରି ତାଙ୍କ ନାମରେ ୨୦ଟି ଡାକ ଟିକଟ ଜାରି କରିଛି ପାକିସ୍ତାନ। ଏହାର ପ୍ରତିବାଦରେ ନୂଆଦିଲ୍ଲୀ ପକ୍ଷରୁ ଏଭଳି ନିଷ୍ପତ୍ତି ନିଆଯାଇଛି। ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ରବୀଶ କୁମାର ଶୁକ୍ରବାର କହିଛନ୍ତି, ଉପରୋକ୍ତ ୨ଟି ଘଟଣାକ୍ରମ ଭାରତକୁ ବ୍ୟଥିତ କରିଛି। ଏଭଳି ପରିବେଶରେ ପାକିସ୍ତାନ ସହ ଆଲୋଚନା ନିରର୍ଥକ। ଏହାକୁ ଦୃଷ୍ଟିରେ ରଖି ନ୍ୟୁୟର୍କରେ ହେବାକୁ ଥିବା ଜାତିସଂଘ ସାଧାରଣ ପରିଷଦ (ୟୁଏନ୍‌ଜିଏ) ଅଧିବେଶନ ପରିପ୍ରେକ୍ଷୀରେ ଭାରତର ବହିର୍ବ୍ୟାପାର ମନ୍ତ୍ରୀ ସୁଷମା ସ୍ୱରାଜ ଓ ପାକିସ୍ତାନ ପ୍ରତିପକ୍ଷ ଶାହ ମେହମୁଦ୍ କୁରେଶୀଙ୍କ ସାକ୍ଷାତ୍ ଆଲୋଚନାକୁ ରଦ୍ଦ କରାଯାଇଛି। ପ୍ରକାଶ ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିକଟକୁ ପାକିସ୍ତାନ ପ୍ରତିପକ୍ଷ ଇମ୍ରାନ ଖାନ୍ ଗତ ୧୪ ତାରିଖରେ ଏକ ପତ୍ର ଲେଖିଥିଲେ। ଆତଙ୍କବାଦ ସମେତ ଅନ୍ୟ କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ନେଇ ଆଲୋଚନା ପାଇଁ ସେ ଆଗ୍ରହୀ। ଆସନ୍ତା ୨୫ରେ ୟୁଏନ୍‌ଜିଏ ଅଧିବେଶନରେ ଦୁଇଦେଶର ବହିର୍ବ୍ୟାପାର ମନ୍ତ୍ରୀ ପରସ୍ପରକୁ ଭେଟି ଶାନ୍ତିବାର୍ତ୍ତାକୁ ଆଗକୁ ବଢ଼ାଇବା ଲାଗି ଉଦ୍ୟମ କରିବେ ବୋଲି ଇମ୍ରାନ ପ୍ରସ୍ତାବ ଦେଇଥିଲେ। ଇମ୍ରାନଙ୍କ ଅନୁରୋଧକୁ ଗୁରୁବାର ଭାରତ ରକ୍ଷାକରି ଆଲୋଚନା ପାଇଁ ରାଜି ହୋଇଥିଲା। ଏହାର ୨୪ ଘଣ୍ଟା ନ ପୂରୁଣୁ ପୁଣିଥରେ ପାକିସ୍ତାନର ମୁଖା ଖୋଲିଯାଇଛି। ଫଳରେ ଆଲୋଚନା ବାତିଲ କରିବାକୁ ନିଷ୍ପତ୍ତି ନେଇଛି ନୂଆଦିଲ୍ଲୀ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ସେପ୍ଟେମ୍ବର ୨୨/୨୦୧୮ Bhubaneswar, Saturday, September 22/ 2018





କେନ୍ଦ୍ରାପଡ଼ା ଜିଲା ମହାକାଳପଡା ବ୍ଲକର କଂସାର ବଡ ଦାଣ୍ଡୁଆ ଓ ସୁନିତି ପଞ୍ଚାୟତ ସୀମା ସଂଲଗ୍ନ ମିଲନମୋଡ ନିକଟ ଗୋବରୀ ଶାଖା ନାଳରେ ବାଉଁଶ ଚାର ନିର୍ମାଣ ହୋଇଛି । ତେବେ ଲଗାଣ ବର୍ଷା ଯୋଗୁ ଏହି ବାଉଁଶ ଚାର ଉପରେ ୨ଫୁଟ ଉଚ୍ଚର ପାଣି ଚାଲିଛି ।


## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................



ଲକି
ପରିବାରବର୍ଗ



ଛୋଟୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ । ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ ।

# classified

## real estate

### SALE

Book duplex (ready to move) Tankapani road, near BJEM-2 school, Ranga bazar. Cost- 55 lakhs with bank finance. 8917360040, 7077074156. D-64165

3 bedroom flat 4000 sqft. full furnished including 4 Car parking (A-Block) (G-4/5) Ridhisidhi Enclave, ICE Factory Lane, Cuttack Road, Bhubaneswar. Contact No: 9439706527. D-8492

Book SC plots at Patia Bhubaneswar walkable distance from Patia Station immediate possession/ registration. 6371034524. D-64325

ଘରବାରି plot sale in Bhubaneswar ନଖରା sqft.- 580/-, ଅରଗୁଳ sqft.- 170/-, ପାହାଳ sqft.- 700/- Smruti. 7749090720. D-64314

ଜଟଣୀଗେଟ୍ NH-5 ୪୦୦ ମିଟର ଦୂରତାରେ ସ୍ଥିତିବାନ ପ୍ଲଟ ପୋଜେସନ ସହ ୪୬୯/- ଏବଂ ରେଙ୍ଗ ଷ୍ଟେସନ ପାଖରେ ୩୩୯/- 7008202635, 9938066403. D-64321

ଭୁବନେଶ୍ୱର ପିତାପଲି NH-5 ଠାରୁ 100' ଦୂରତାରେ BDA yellowzone ପ୍ଲଟ ମିଳୁଅଛି । 8338932027. D-64324

ଭୁବନେଶ୍ୱର ଜଟଣୀଗେଟ୍ NH-5ରୁ 900 ମିଟର 1200କୁ 1,60,000/- ପ୍ରତାପ ନଗରୀ, ଧାକୁଲେଇପିଠ NH-5ରୁ ଅଳ୍ପ ଦୂରତାରେ 1200କୁ 2,10,000/- outrightରେ plot ମିଳୁଅଛି । 9938177361, 9776934361. D-64323

ନଖରା ତ୍ରିନାଥ ବଜାରଠାରେ SC plot ଘରବାରି ପାଚେରିସହ 1200କୁ 3,40,000/-ରେ ବିକ୍ରିହେବ । (out right) 9776934361, 9658523912. D-64322

**2/3 BHK ready to move flats for sale at DHPL Pride, Ghatikia near DAV Kalinga Nagar, starting at Rs.30 lakhs Contact: 9937059891, 8908312315, 8908292617.** D-8487

Bhubaneswar AIIMS Hospital Doon School 30' road gharabari possession plot. 8598065734. D-62793

Booking simplex 2BHK 1200 sqft. Tankapani road Sai Temple 26,19,000/-. 7735738102. D-8484

3000 sft homestead land for immediate sale Chandrasekharpur, Bhubaneswar. Contact directly Deepak: 9937329999 (condition apply). D-64505

Plot 3400 sft. gharabari with boundary NH Dhauli for immediate construction. 7008908054. D-64502

**3BHK flat top floor with ceiling & 3nos. 1.5 Ton split AC ready to move NR KIIT College SB-1676 sqft. price per sqft. 3100/- parking electrification & DG connection extra 2.5 lacs Govt. fee born by purchasers. Hurry up stock limited. Plz contact Mr. Jyoti Mob: 7008143144, 9668995106. (Finance LIC HFL).** D-64326

ଜଟଣୀଗେଟ ପାଖରେ NHକୁଲାଗି ଘରବାରି ପାଚେରି ପ୍ଲଟ ମିଳୁଅଛି । 9778556265. D-64327

3000 sft GA plot Bapuji Nagar, Bhubaneswar for immediate sale. Contact directly Deepak: 9937329999 (condition apply). D-64506

## construction

**Construct your dream home @ 450/-, @ 1350/- & onwards with all branded materials along with 50 years structural guaranty. We provide BDA plan approval & Architect plan– SMPL: 9439483779.** D-8488

## to-let

One BHK AC-6500/- furnished single room AC-5000/-, Old Town, Bhubaneswar. 9437388990. D-63372

3BHK flat with garage beside Lewis Road near Ravi Talkies Square, Bhubaneswar. Contact: 9437282739, 0674-2435359. D-63847

## healthcare

Fully refreshed/ relaxed body massage by expert therapist, Shastrinagar. 7377984773. D-64116

Rejuvenate and Ayurvedic full body massage by smart therapist. 9114402304. D-64118

Pamper yourself this Mansoon profesional massage. Contact Purple Orchid. 9776598888. D-64117

Physiotherapy and herbal massage by trained ladies/ gents therapist: 7008773793. D-63500

Saishree ayurvedic full body massage ladies & gents. Contact: 7438896074. D-63095

Ayurvedic full body massage ladies / gents smart expert therapist. 9114697517. D-63096

Newly open herbal full body massage with re-freshment well trained therapist. 7381239385. D-63097

Newly opening ayurvedic full body massage by expert lady therapist. 9583125024. D-63098

Newly opening ayurvedic body massage in joint pains, smart therapist. 9776383819. D-64168

Newly opening ayurvedic body massage smart therapist, Shree Herbal. 7750020754. D-64169

Experience full body massage with us by experts. Enquiry: 7377048581. D-64170

All type of massage and good therapy full body massage Sai herbal spa. 7609005923. D-64202

Bangkok spa special offer 50% off on all 1hrs any full body massage. 9861688844, 8018739084. D-64319

Opening newly ayurvedic full body massage ladies, gents. 7609923705, 7438851534. D-38531

## business

Maa Shib Durga Traders, Bhubaneswar. ଅଗରବତୀ ମେସିନ୍ ସ୍ୱଳ୍ପଅର୍ଥ ବିନିଯୋଗକରି ମାସକୁ ପାଆନ୍ତୁ 70,000/- ପର୍ଯ୍ୟନ୍ତ profit, କଞ୍ଚାମାଲ୍ freeରେ, 9337090042, 9937988891. D-8474

SSE, MSME, LSE, Agriculture, food. Want to make any Industries contact Mr. Samantaray (FCA). 7008236035, 9937309695. D-8491

## ଜନ୍ମଦିନ ଶୁଭେଚ୍ଛା



(ଛୋଟୁ)
ଆରୁଶ୍
ବାଲେଶ୍ୱର

ତୋର ପ୍ରଥମ ଜନ୍ମଦିନରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମ ସମସ୍ତଙ୍କର ପ୍ରାର୍ଥନା, ତୋର ଚଲାପଥ କୁସୁମିତ ହେଉ, ପ୍ରଭୁ ଶ୍ରୀଜଗନ୍ନାଥ ତୋତେ ଦୀର୍ଘାୟୁ ଓ ଯଶସ୍ୱୀ କରାନ୍ତୁ । ଶୁଭେଚ୍ଛା ସହ: **ଆୟୁଶ, ପ୍ରଥମ, ଗୁନ୍‌ଗୁନ୍, କୁମ୍‌କୁମ୍, କ୍ରିଷ୍ଣା, କାଜେରୀ, ବାପା, ମାମା, ଜେଜେବାପା, ଜେଜେମା, ଅଜା, ଆଈ ଓ ମଉସା, ମାଉସୀ ଓ ପରିବାରବର୍ଗ ।** ଧ-୮୪୯

## ୭ମ ଜନ୍ମଦିନ ଶୁଭେଚ୍ଛା



(ଲକି)
ଓମ୍‌ପ୍ରକାଶ ସାହୁ
ଗ୍ରାମ- ବାଲିପାଟଣା, ଚାନ୍ଦବାଲି, ଭଦ୍ରକ

ଆଜିର ୭ମ ଶୁଭଜନ୍ମଦିନ ଅବସରରେ ତୋର ଚଲାପଥ କୁସୁମିତ ହେଉ, ତୋର ଉଜ୍ଜ୍ୱଳମୟ ଦୀର୍ଘ ଜୀବନ ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ପ୍ରାର୍ଥନା । ଶୁଭେଚ୍ଛା ସହ: **ଜେଜେବାପା- ଯୁଧିଷ୍ଠିର ସାହୁ, ଜେଜେମା- ଯଶୋଦା, ବାପା- ଦିଲୀପ, ମାତା- ରଶ୍ମିତା, ଦଦା- ମନୋଜ, ବାପୁନି, ଖୁଡୀ- ଅନୁ, ଭଉଣୀ- ଆଦ୍ୟାଶା, ମିଷ୍ଟି, ଅଜା, ଆଈ, ମାମୁ, ମଉସା, ମାଉସୀ ଓ ପରିବାରବର୍ଗ ।** ଧ-୮୪୭

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି । ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ । ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।


# କେନ୍ଦ୍ରକୁ ଡେପୁଟେଶନରେ ଯିବେ ଖୁରାନିଆ, ରାଧିକା

ଭୁବନେଶ୍ୱର, ୨୧।୯(ବ୍ୟୁରୋ)

୨ ଜଣ ଆଇପିଏସ୍ ଅଧିକାରୀ କେନ୍ଦ୍ରୀୟ ଡେପୁଟେଶନରେ ଯିବେ । ସେମାନେ ହେଲେ କମିଶନରେଟ ପୋଲିସର ପୂର୍ବତନ ପୋଲିସ କମିଶନର ୱାଇ.ବି. ଖୁରାନିଆ ଏବଂ ରାଜ୍ୟ ସିଲେକ୍ସନ ବୋର୍ଡ ଅଧ୍ୟକ୍ଷା ବି.ରାଧିକା । ବି. ରାଧିକା ୧୯୮୯ ବ୍ୟାଚର ଓଡିଶା କ୍ୟାଡର ଆଇପିଏସ୍ ଅଧିକାରୀ । ତାଙ୍କ ଜନ୍ମମାଟି ଆନ୍ଧ୍ରପ୍ରଦେଶ । ସେହିପରି ୧୯୯୦ ବ୍ୟାଚର ଆଇପିଏସ୍ ଅଧିକାରୀ ଖୁରାନିଆଙ୍କ ଘର ହରିୟାଣାର କାଇଥଲ ଅଞ୍ଚଳରେ । ସେ ଏବେ ଏଡିଜି ପୋଭିଜନିଂ ଅଛନ୍ତି । ପୂର୍ବରୁ ପୋଲିସ କମିଶନର ଥିବା ସମୟରେ ତାଙ୍କର କାର୍ଯ୍ୟ ଦକ୍ଷତା ବେଶ୍ ଭଲ ଥିଲା । ହେଲେ ହଠାତ୍ ଗତ ଅଗଷ୍ଟରେ ତାଙ୍କୁ ବଦଳି କରାଯାଇଥିଲା । ସେ ଟ୍ୱିନ୍ ସିଟିର ଦାୟିତ୍ୱ ନେବା ପରେ ଗ୍ୟାଙ୍ଗଷ୍ଟର ଡି ବଦର୍ସଙ୍କୁ ଗିରଫ କରି ଚର୍ଚ୍ଚାରେ ରହିଥିଲେ । ଖୁରାନିଆ କହିଛନ୍ତି, ସେ ଡେପୁଟେଶନରେ ଯିବା ଲାଗି ପୂର୍ବରୁ ଗୃହ ବିଭାଗ ନିକଟରେ ଆବେଦନ କରିଥିଲେ । ଗୃହ ବିଭାଗ ତାଙ୍କୁ ଅନୁମତି ଦେଇଛି ।


## ମନେ ପଡ଼ନ୍ତି

### ତୃତୀୟ ଶ୍ରାଦ୍ଧବାର୍ଷିକ



**ସ୍ମୃତି ରଂଜନ ମିଶ୍ର (ପପୁ)**
ତଡାଶ, ଚନ୍ଦନପୁର, ପୁରୀ
ଆବିର୍ଭାବ: ଶ୍ରାବଣ କୃଷ୍ଣ ତ୍ରୟୋଦଶୀ
୨୩।୦୭।୧୯୮୭
ତିରୋଧାନ: ଭାଦ୍ରବ ଶୁକ୍ଳ ତ୍ରୟୋଦଶୀ
୨୬।୦୯।୨୦୧୫
ତୋର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ । ଶୋକସନ୍ତପ୍ତ: ପରିବାରବର୍ଗ ଓ ଆତ୍ମୀୟସ୍ୱଜନ ।
ଧ-୬୦୮୧୪

### ଶ୍ରଦ୍ଧାଞ୍ଜଳି
### ପଞ୍ଚମ ଶ୍ରାଦ୍ଧବାର୍ଷିକୀ



**ଵ ବର୍ଣ୍ଣିକା ପଟ୍ଟନାୟକ**
ଆବିର୍ଭାବ- ୧୯।୧୧।୧୯୬୯
ତିରୋଧାନ- ୨୨।୦୯।୨୦୧୩
୪୪, ସ୍ୱର୍ଣ୍ଣପୁରୀ, ଭୁବନେଶ୍ୱର
ଚାହୁଁ ଚାହୁଁ ପାଞ୍ଚବର୍ଷ ବିତିଗଲା । ଆମ ସମସ୍ତଙ୍କୁ ଶୋକ ସାଗରରେ ଭସାଇ ଦେଇ ତୁମେ ଅକାଳରେ ଚାଲିଗଲ ଏକ ଅଜଣା ରାଇଜକୁ । ତୁମର ସ୍ନେହ, ଶ୍ରଦ୍ଧା ଓ ମଧୁମୟ ସ୍ମୃତି ଆମ ପାଇଁ ଆଜି ବି ଜୀବନ୍ତ ଏବଂ ସଦାସର୍ବଦା ରହିବ ମଧ୍ୟ । ତୁମର ତ୍ୟାଗ, ନିଷ୍ପାପର ସେବା, ପରକୁ ଆପଣାର କରିବାର ଗୁଣ ପାଇଁ ଆଜି ଆମ ପରିବାରର ପ୍ରତ୍ୟେକ ସଦସ୍ୟଙ୍କଠାରୁ ଆରମ୍ଭ କରି ବନ୍ଧୁବାନ୍ଧବ, ସାଙ୍ଗସାଥୀ ସମସ୍ତେ ତୁମକୁ ମନେ ପକାଉଛନ୍ତି । ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଜଗତର ନାଥ ଶ୍ରୀ ଜଗନ୍ନାଥଙ୍କ ନିକଟରେ ଆମ ସମସ୍ତଙ୍କ ବିନମ୍ର ପ୍ରାର୍ଥନା । -ଶୋକସନ୍ତପ୍ତ ସ୍ୱାମୀ, ଝିଅ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ
ଧ-୬୨୯୦୯


## ଉଚ୍ଚ ମଧ୍ୟ ଆୟକାରୀ ଦେଶ ହେବ ଭାରତ

# ୫ ବର୍ଷିଆ ଯୋଜନା ପ୍ରସ୍ତୁତ କରିଛି ବିଶ୍ୱ ବ୍ୟାଙ୍କ

**ୱାଶିଂଟନ, ୨୧।୯:** ବିଶ୍ୱ ବ୍ୟାଙ୍କ ଭାରତ ଲାଗି ଏକ ମହତ୍ତ୍ୱାକାଂକ୍ଷୀ ପାଞ୍ଚବର୍ଷୀୟ ଯୋଜନା 'ସ୍ଥାନୀୟ ଭାଗିଦାରୀ ବ୍ୟବସ୍ଥା'(ସିପିଏଫ୍)କୁ ଅନୁମୋଦନ କରିଛି । ଏହି ଯୋଜନାକୁ ଲାଗୁ କରିବା ଲାଗି ଭାରତକୁ ୨୫ରୁ ୩୦ ବିଲିୟନ ଡଲାର ଆର୍ଥିକ ସହାୟତା ଯୋଗାଇ ଦେବାକୁ ବିଶ୍ୱ ବ୍ୟାଙ୍କ ଘୋଷଣା କରିଛି । ଏହି ଅର୍ଥ ବିନିଯୋଗ କରି ଭାରତ ନିମ୍ନ ମଧ୍ୟ ଆୟକାରୀ ଦେଶ ଶ୍ରେଣୀରୁ ଉଠି ଆସି ଉଚ୍ଚ ମଧ୍ୟ ଆୟକାରୀ ଦେଶ ଶ୍ରେଣୀରେ ପ୍ରବେଶ କରିପାରିବ । ଆସନ୍ତା ୫ ବର୍ଷ ମଧ୍ୟରେ ଭାରତର ଅର୍ଥନୀତି ୫ ଲକ୍ଷ କୋଟି ଟଙ୍କାରେ ପହଞ୍ଚିବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିବାର ଦିନକ ପରେ ବିଶ୍ୱ ବ୍ୟାଙ୍କର ଘୋଷଣା ବିଶେଷ ପ୍ରଣିଧାନଯୋଗ୍ୟ । ବିଶ୍ୱ ବ୍ୟାଙ୍କ ପକ୍ଷରୁ କୁହାଯାଇଛି ଯେ, ସିପିଏଫ ଯୋଜନା ପ୍ରଣୟନ ଦ୍ୱାରା ଭାରତ ନିଜର ଏକିକୃତ ଆର୍ଥିକ ବୃଦ୍ଧିର ଲକ୍ଷ୍ୟକୁ ସହଜରେ ହାସଲ କରିପାରିବ । ଭାରତକୁ ଉଚ୍ଚ ମଧ୍ୟ ଆୟକାରୀ ରାଷ୍ଟ୍ରରେ ପରିଣତ କରିବା ଲାଗି ଆଗତ ଯୋଜନାକୁ ବିଶ୍ୱ ବ୍ୟାଙ୍କ ବୋର୍ଡ ଅଫ୍ ଡାଇରେକ୍ଟର ସମର୍ଥନ କରିଥିଲେ । ଏହି ସହାୟତା ଅର୍ଥରେ ଦେଶର ଢ଼ାଞ୍ଚାଗତ ବିକାଶରେ ରହିଥିବା ସମସ୍ୟାର ସମାଧାନ କରାଯାଇପାରିବ । ଏହାଦ୍ୱାରା ଦେଶର ଏକିକୃତ ବିକାଶ, ନିଯୁକ୍ତି ସୁଯୋଗ ସୃଷ୍ଟି ଏବଂ ମାନବ ସମ୍ବଳ ବିକାଶକୁ ପ୍ରାଥମିକତା ଦିଆଯାଇପାରିବ । ଏହି ଭାଗିଦାରୀ ବ୍ୟବସ୍ଥା ଦ୍ୱାରା ଭାରତକୁ ଅନ୍ତର୍ରାଷ୍ଟ୍ରୀୟ ପୁନଃନିର୍ମାଣ ଏବଂ ବିକାଶ ବ୍ୟାଙ୍କ(ଆଇବିଆର୍‌ବି), ଅନ୍ତର୍ରାଷ୍ଟ୍ରୀୟ ଅର୍ଥ ନିଗମ(ଆଇଏଫସି) ଏବଂ ବହୁବିଧ ନିବେଶ ଗ୍ୟାରେଣ୍ଟି ଏଜେନ୍ସି(ଏମଆଇଜିଏ)ରୁ ୫ ବର୍ଷରେ ୨୫ରୁ ୩୦ ବିଲିୟନ ଡଲାର ଆର୍ଥିକ ସହାୟତା ମିଳିବ । ବିଶ୍ୱ ବ୍ୟାଙ୍କ ଉପାଧ୍ୟକ୍ଷ ଏବଂ ଦକ୍ଷିଣ ଏସିଆ ବ୍ୟାପାର ଦାୟିତ୍ୱରେ ରହିଥିବା ହାର୍ଟୱିଙ୍ଗ ସ୍କାଫର କହିଛନ୍ତି ଯେ, ଦ୍ରୁତଗତିରେ ବୃଦ୍ଧି ପାଉଥିବା ଅର୍ଥନୀତି, ବିଶ୍ୱରେ ଉଚ୍ଚ ଆସନ ହାସଲ ଏବଂ ଗତ ଦଶନ୍ଧିରେ ସବୁଠାରୁ ଅଧିକ ସଂଖ୍ୟାରେ ଲୋକଙ୍କୁ ଦାରିଦ୍ର୍ୟମୁକ୍ତ କରିବାରେ ଅନୁଭବି ଭାରତ ୨୦୩୦ ସୁଦ୍ଧା ଏକ ଉଚ୍ଚ ମଧ୍ୟ ଆୟକାରୀ ଦେଶ ଭାବେ ଉଭା ହେବ । ବିଶ୍ୱ ବ୍ୟାଙ୍କର ଭାରତ ନିର୍ଦ୍ଦେଶକ ଜୁନେଦ ଅହମ୍ମଦ କହିଛନ୍ତି ଯେ, ୫ ବର୍ଷୀୟ ଯୋଜନା ଭାରତ ପ୍ରତି ବିଶ୍ୱ ବ୍ୟାଙ୍କର ପ୍ରତିଶ୍ରୁତିବଦ୍ଧତାକୁ ଦର୍ଶାଉଛି ।

# ୪୨ କୋଟିରୁ ଊର୍ଦ୍ଧ୍ୱ ସମ୍ପତ୍ତି ଜବତ କଲା ଇଡି

**ନୂଆଦିଲ୍ଲୀ, ୨୧।୯:** ବିଟ୍ କଏନ କାରବାର ସହିତ ସମ୍ପୃକ୍ତ ଥିବା ସନ୍ଦେହ କରି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ଭାରତ ଏବଂ ଦୁବାଇରୁ ଏକ ଘରୋଇ କମ୍ପାନୀର ୪୨ କୋଟି ୮୮ ଲକ୍ଷ ଟଙ୍କାର ସମ୍ପତ୍ତି ଜବତ କରିଛି । ଇଡି ଶୁକ୍ରବାର ଏ ସମ୍ପର୍କରେ ସୂଚନା ଦେଇ କହିଛି, ବେଆଇନ ଅର୍ଥ କାରବାର ନିରୋଧ ଆଇନ(ପିଏମ୍‌ଏଲ୍‌ଏ) ଆଧାରରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ବିଭିନ୍ନ ସ୍ଥାନରୁ ଏହି ସମ୍ପତ୍ତି ଜବତ କରାଯାଇଛି । ଏମ୍‌ଏସ୍ ଭାରିଏବୁଲ୍ ଟେକ୍ ପ୍ରାଇଭେଟ୍ ଲିମିଟେଡ୍ ନାମକ ସିଙ୍ଗାପୁରଭିତ୍ତିକ କମ୍ପାନୀର ମୁଖ୍ୟ ଅମିତ୍ ଭରଦ୍ୱାଜ ଏହାର କିଙ୍ଗପିନ୍ ବୋଲି ଇଡି କହିଛି । ଦୁବାଇରେ ଏହାର ୬ଟି ଅଫିସ୍, ଭାରତରେ ଫ୍ଲାଟ୍ ଏବଂ ବ୍ୟାଙ୍କ ବାଲାନ୍ସ ଜବତ ହୋଇଛି । ଏହାର ମୂଲ୍ୟ ପ୍ରାୟ ୪୨ କୋଟିରୁ ଊର୍ଦ୍ଧ୍ୱ ହେବ ବୋଲି ପ୍ରାଥମିକ ତଦନ୍ତ ଆଧାରରେ ଇଡିର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି ।

# ଦେବାଶିଷଙ୍କ ଅଡୁଆ ବଢ଼ିଲା

କେନ୍ଦୁଝର, ୨୧।୯ (ସ୍ୱ.ପ୍ର.)



ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ବଦ୍ରିନାରାୟଣ ପାତ୍ରଙ୍କ ପୁଅ ଦେବାଶିଷଙ୍କ ଅଡୁଆ ବଢ଼ିବାରେ ଲାଗିଛି । ତାଙ୍କ ନାମରେ ରାମଚନ୍ଦ୍ରପୁର ଥାନା ପୋଲିସ ଆଉ ଏକ ମାମଲା ରୁଜୁ କରିଛି । ଦେବାଶିଷଙ୍କ ବିରୋଧରେ ସଙ୍ଗୀନ ଦଫା ଲାଗିଥିବା ଜଣାପଡ଼ିଛି । ରାମଚନ୍ଦ୍ରପୁର ଥାନା ପଦନା ଗ୍ରାମରେ ପୋଲିସକୁ ମାଡ଼ ମାରି ଅଭିଯୁକ୍ତଙ୍କୁ ଖସାଇ ନେବା ଭଳି ମାମଲା ଦେବାଶିଷଙ୍କ ନାମରେ ରୁଜୁ ହୋଇଛି । ଏହି ମାମଲାରେ ଦେବାଶିଷଙ୍କୁ ରିମାଣ୍ଡରେ ଆଣି ଅଧିକ ପଚରାଉଚରା କରିବା ପାଇଁ କୋର୍ଟରେ ଆବେଦନ କରାଯାଇଥିବା କ୍ରାଇମବ୍ରାଞ୍ଚ ଡିଏସପି ସୁରେଶ ପାତ୍ର ସୂଚନା ଦେଇଛନ୍ତି । ଅନ୍ୟପଟେ ଓକିଲଙ୍କ ଆନ୍ଦୋଳନ ଚାଲିଥିବାରୁ ଦେବାଶିଷ ଜାମିନ ଆବେଦନ କରିପାରି ନ ଥିଲେ । ଫଳରେ ଶୁକ୍ରବାର ଜାମିନ ପାଇଁ ଦେବାଶିଷ କେନ୍ଦୁଝର ଜେଲ କର୍ତ୍ତୃପକ୍ଷଙ୍କ ଜରିଆରେ କୋର୍ଟରେ ଆବେଦନ କରିଥିବା ଜେଲର ସତ୍ୟପ୍ରକାଶ କହିଛନ୍ତି ।

# ଇଞ୍ଜିନରୁ ଅଲଗା ହେଲା ବଗି



ନିରାକାରପୁର,୨୧।୯(ଡି.ଏନ.ଏ.)

ଖୋର୍ଦ୍ଧା ଜିଲା ନିରାକାରପୁର ଲେଭଲ୍ କ୍ରସିଂ ନିକଟରେ ଶୁକ୍ରବାର ପୂର୍ବାହ୍ନରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଥିଲା । ୫୮ ବଗି ବିଶିଷ୍ଟ ଏକ ମାଲବାହୀ ଟ୍ରେନ୍ ଇଞ୍ଜିନ୍‌ଟି ଅନ୍ୟ ବଗିରୁ ଅଲଗା ହୋଇଯାଇଥିଲା । ଫଳରେ ୩୫ବଗି ସହ ଇଞ୍ଜିନ୍ ଓ ଅନ୍ୟ ବଗିଗୁଡ଼ିକ ଅଲଗା ହୋଇ ପ୍ରାୟ ୭୫୦ ମିଟର ପର୍ଯ୍ୟନ୍ତ ଗଡ଼ି ଚାଲିଥିଲା । ସାର ବୋଝେଇ ହୋଇ ଆନ୍ଧ୍ରପ୍ରଦେଶର କାକିନାଡ଼ାରୁ ବିହାରକୁ ଯାଉଥିବା ଏହି ଟ୍ରେନ୍‌ଟିର ଏଭଳି ସ୍ଥିତି ଲୋକଙ୍କୁ ଭୟଭୀତ କରିଥିଲା । ଏ ବିଷୟରେ ଗେଟ୍‌କିପର ଗାର୍ଡଙ୍କୁ ଜଣାଇବା ପରେ ଇଞ୍ଜିନ୍ ଚାଳକ ଓ ଗାର୍ଡ ଉଭୟ କ୍ଲିପିଂ ସେଟ୍ କରାଇଥିଲେ । ବଗି ସହ ଇଞ୍ଜିନ୍ ସଂଯୋଗ କରାଯିବା ପରେ ଟ୍ରେନ ସ୍ୱାଭାବିକ ଭାବେ ଗତି କରିଥିଲା । ହେଲେ ଏହାକୁ ନେଇ ପ୍ରାୟ ୪୫ ମିନିଟ୍ ପର୍ଯ୍ୟନ୍ତ ଗେଟ୍ ପଡ଼ିଯାଇଥିବାରୁ ନୂଆଁ ଜଗନ୍ନାଥ ସଡ଼କର ଉଭୟ ପାର୍ଶ୍ୱରେ ଶହ ଶହ ଗାଡ଼ିମୋଟର ଅଟକି ରହି ଟ୍ରାଫିକ ସମସ୍ୟା ସୃଷ୍ଟି କରିଥିଲା । ଘଟଣା ସମ୍ପର୍କରେ ନିରାକାରପୁର ରେଳ ଷ୍ଟେଶନ୍‌ର ବାଣିଜ୍ୟ ଅଧିକାରୀ ସନ୍ଦୀପ ସ୍ୱରୂପ ନାୟକ କହନ୍ତି, ଏହା କିପରି ଘଟିଲା ବର୍ତ୍ତମାନ ଜଣାପଡ଼ିନି, ଏ ବିଷୟରେ ଅନୁସନ୍ଧାନ କରିବି । ଷ୍ଟେଶନ୍ ପରିଚାଳକ ସୁଜିତ୍ କୁମାର ବର୍ଷାତ କହିଥିଲେ, ମୋର ୪ଟା ବେଳେ ଡ୍ୟୁଟି ଥିଲା । ପୂର୍ବାହ୍ନ ସମୟରେ ଏହା ଘଟିଥିବାରୁ ମୁ ଏ ନେଇ ବିଶେଷ କିଛି ଜାଣିନାହିଁ । କାର୍ଯ୍ୟରତ ଗେଟ୍‌କିପର୍ ଦୋଳଗୋବିନ୍ଦ ପାଇଖାଣୀ କହିଛନ୍ତି ଯେ, ଇଞ୍ଜିନ୍ ସହ ୩୫ ବଗି ଓ ଅନ୍ୟପକ୍ଷରେ ଖାଲି ବଗିଗୁଡ଼ିକୁ ଅଲଗା ହୋଇ ରେଳଧାରଣା ଉପରେ ଗଡ଼ି ଚାଲୁଥିବା ଦେଖିଥିଲି । ମୁଁ ଏ ବିଷୟରେ ଗାର୍ଡ଼ଙ୍କୁ ଜଣାଇବା ପରେ ସେ ରେଡ୍ ଫ୍ଲାଗ୍ ଦେଖାଇ ଟ୍ରେନକୁ ରଖିଦେଇଥିଲେ ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜିର ଚନ୍ଦ୍ର ଧନିଷ୍ଠା ନକ୍ଷତ୍ରସ୍ଥ ହେତୁ ଦୃଢ଼ ପଦକ୍ଷେପ ନେଇ କାର୍ଯ୍ୟ ହାସଲ କରିପାରିବେ । ଆପଣଙ୍କ କର୍ମ କ୍ଷେତ୍ରର ପାରିପାର୍ଶ୍ୱିକ ପରିସ୍ଥିତି ବିଶେଷ ଭଲ ରହିବ । ସପ୍ତମସ୍ଥ ସ୍ୱଗୃହୀ ଶୁକ୍ରଙ୍କ ପ୍ରଭାବରେ ବିଳାସ ଉପକରଣ ଓ ଅର୍ଥ ଲାଭ ସାଙ୍ଗକୁ ଶାରୀରିକ ସୁସ୍ଥତା ଫେରିପାଇବେ । ଯାତ୍ରା, ବାଣିଜ୍ୟ, କ୍ରୟ ବିକ୍ରୟ କାର୍ଯ୍ୟରେ ବ୍ୟସ୍ତତା ବୃଦ୍ଧି ପାଇପାରେ ।

**ବୃଷ** ରବି ସ୍ୱନକ୍ଷତ୍ରରେ ରହିଥିବାରୁ ଆଶା କରୁଥିବା ଦିଗରୁ ଅର୍ଥ ପାଇ ଖୁସି ହେବେ । ବନ୍ଧୁଙ୍କଠାରୁ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ୍ୟ କାର୍ଯ୍ୟ ସାଧନ କରିପାରନ୍ତି । ଆଲୋଚନା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡିପାରେ । କେତେକ ସାଧାରଣ କଥାକୁ କେନ୍ଦ୍ରକରି କିମ୍ବା ଘରୋଇ କଳହକୁ ନେଇ ଅଶାନ୍ତି ଲାଗିରହିବ ।

**ମିଥୁନ** ବୁଧ ତୃତୀୟାଧିପତିଙ୍କ ନକ୍ଷତ୍ରସ୍ଥ ହେତୁ ପଦସ୍ଥ ବ୍ୟକ୍ତିଙ୍କ ଅନୁକମ୍ପାରୁ ସ୍ଥଗିତ କାର୍ଯ୍ୟ ତ୍ୱରାନ୍ୱିତ ହେବ । ମାତ୍ର ସମସ୍ତ ପ୍ରକାର ସୁବିଧା ଥିଲେ ମଧ୍ୟ ଖର୍ଚ୍ଚାନ୍ତ ହୋଇ କାମ ହାସଲ କରିବାକୁ ପଡିପାରେ । ଯେତେ ଭଲ କାମ କଲେ ମଧ୍ୟ ପରିବାର ଭିତରୁ ସମାଲୋଚିତ ହେବାକୁ ପଡିବ । ଆଜି ନିକଟ ସମ୍ପର୍କୀୟଙ୍କ ଦ୍ୱାରା ଭୋଗ ବିଳାସର ପ୍ରାଚୁର୍ଯ୍ୟ ପାଇବେ ।

**କର୍କଟ** ରାହୁଙ୍କ ନକ୍ଷତ୍ରସ୍ଥ ଶୁକ୍ର କିଛିଟା ବିଶୃଙ୍ଖଳିତ ପରିସ୍ଥିତି ମଧ୍ୟରେ ଅଭିଳାଷକୁ ପୂରଣ କରାଇବ । ଏମିତି କେତେକ ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡିବ, ଯାହାଦ୍ୱାରା ଦ୍ୱନ୍ଦ୍ୱରେ ପଡି ହଠାତ୍ କୌଣସି ନିଷ୍ପତ୍ତି ନେଇପାରିବେ ନାହିଁ । ଆକସ୍ମିକ ଭାବରେ ଦୂରରେ ରହୁଥିବା ବନ୍ଧୁଙ୍କ ନିକଟରୁ ଆଶା କରୁଥିବା ଶୁଭ ଖବର ଶୁଣି ଖୁସି ହେବେ ।

**ସିଂହ** ମିତ୍ର ନକ୍ଷତ୍ରସ୍ଥ ମଙ୍ଗଳ ଶତ୍ରୁ କ୍ଷେତ୍ରରେ ରହିଥିବାରୁ ଇଚ୍ଛାଥିଲେ ମଧ୍ୟ କେତେକ କାମ କରିବା ଦିଗରେ ପଛେଇଯାଇପାରନ୍ତି । ଅବଶ୍ୟ ଜମିଜମା କାରବାର, ଆରକ୍ଷୀ ମାମଲା ତଥା ବହୁତ ଦିନରୁ ଖୋଜୁଥିବା ଜିନିଷ ପ୍ରାପ୍ତିରେ ଶୁଭ ସଂକେତ ପାଇବେ । ସଭାସମିତିରେ ଆଲୋଚନା ସରଗରମ ହେବାର ସମ୍ଭାବନା ରହିଛି ।

**କନ୍ୟା** ବିଶାଖା ନକ୍ଷତ୍ରସ୍ଥ ବୃହସ୍ପତି ଏକାଧାରରେ ଅର୍ଥ, ସମ୍ମାନ ପ୍ରଦାନ କରିବା ସାଙ୍ଗକୁ ବନ୍ଧୁଙ୍କ ଆତିଥ୍ୟ ଗ୍ରହଣ କରାଇବ । ତଥାପି ଦୀର୍ଘ ଦିନର କେତେକ ଅପୂରଣୀୟ ଆଶା ମନରେ ବିଭିନ୍ନ ପ୍ରକାର ଆଶଙ୍କା ସୃଷ୍ଟି କରିପାରେ । ପରକଥାରେ ପଡି ଭୁଲ ମାର୍ଗ ଅନୁସରଣ କରି ଅନୁତାପ କରିବାକୁ ପଡିପାରେ ।

**ତୁଳା** କେତୁ ନକ୍ଷତ୍ରସ୍ଥ ଶନି ଧୀର ମନ୍ଥର ଗତିରେ କାର୍ଯ୍ୟ ସାଧନ କରାଇବ । ଶନିଙ୍କ କୁପ୍ରଭାବ ଜନିତ ସାମାଜିକ କ୍ଷେତ୍ରରେ ବନ୍ଧୁଙ୍କ ସମ୍ମୁଖରେ ମନର ଭାବକୁ ପ୍ରକାଶ କରିବାରେ ପଛେଇଯିବେ । ମାଳିମକଦ୍ଦମାରେ ଆପୋସ ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନ ହୋଇଯିବ । ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ସମସ୍ୟା ଲାଗି ରହିବ ।

**ବିଛା** କୁମ୍ଭରାଶି ପ୍ରତି ଶନିଙ୍କ ପ୍ରତ୍ୟକ୍ଷ ଦୃଷ୍ଟି ଯୋଗୁ ଭଲ ମନ ନେଇ କାମ କଲେ ମଧ୍ୟ ଅନ୍ୟମାନଙ୍କ ଦ୍ୱାରା ଉପେକ୍ଷିତ ହେବେ । କର୍ମକ୍ଷେତ୍ରର ବିଭିନ୍ନ ପ୍ରକାର ସମସ୍ୟା ଚିନ୍ତାକରି ମନ ଭାରାକ୍ରାନ୍ତ ରହିବ । ଧାର କରଜ କରି ଆବଶ୍ୟକତା ଚଳାଇନେବେ । କଳା, ସଙ୍ଗୀତ, ଚଳଚ୍ଚିତ୍ର କ୍ରୀଡା, ପ୍ରତିଯୋଗିତା କ୍ଷେତ୍ରରେ ସଫଳତା ମିଳିପାରେ ।

**ଧନୁ** ଭାଗ୍ୟାଧିପତି କର୍ମସ୍ଥାନରେ ଅବସ୍ଥାନ କରୁଥିବାରୁ ପ୍ରତ୍ୟେକ କାର୍ଯ୍ୟ ସୁଚାରୁ ରୂପେ ସମ୍ପାଦନ କରିପାରିବେ । ତଥାପି ପାରିବାରିକ କ୍ଷେତ୍ରରେ ସାମାନ୍ୟ ଅସ୍ଥିରତା କର୍ମକ୍ଷେତ୍ରକୁ ପ୍ରଭାବିତ କରିବାର ସମ୍ଭାବନା ରହିଛି । ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ । ସାମାଜିକ ସ୍ତରରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ ।

**ମକର** ଗୁରୁ ଓ ଶୁକ୍ର କର୍ମସ୍ଥାନରେ ରହି ପାରିବାରିକ ଜୀବନର ସମସ୍ୟାକୁ ସୁଧାରି ନେବାରେ ସାହାଯ୍ୟ କରିବେ । ଫଳତଃ ନିଜ ଲୋକଙ୍କ ପରିବର୍ତ୍ତିତ ଚିନ୍ତାଧାରା ଓ ବନ୍ଧୁଙ୍କ ସମର୍ଥନ ସହାୟକ ହୋଇପାରିବ । ମନ ଚାହୁଁ ନ ଥିଲେ ମଧ୍ୟ ଘର ପାଇଁ ହଠାତ୍ କେତେକ ଅତ୍ୟାବଶ୍ୟକ ଜିନିଷ ଆଣିବାକୁ ବାଧ ହେବେ ।

**କୁମ୍ଭ** ଚନ୍ଦ୍ରଙ୍କ ଦ୍ୱାରା ସଂଘଟିତ ବିପରୀତ ରାଜଯୋଗ ପ୍ରଭାବରେ ଅସଜଡା ପରିସ୍ଥିତିକୁ ସଜାଡି ନେବାର ପ୍ରୟାସ କରି ସଫଳତା ପାଇବେ । ଆର୍ଥିକ ସ୍ଥିତି ସାମୟିକ ଦୁର୍ବଳ ରହିବା କାରଣରୁ ବିକଳ୍ପ ଚିନ୍ତା ଓ ବ୍ୟବସ୍ଥା କରିବାକୁ ପଡିପାରେ । ଶିଳ୍ପ, ବ୍ୟବସାୟ ଓ ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ ।

**ମୀନ** କେବଳ ବୃହସ୍ପତିଙ୍କ ବ୍ୟତୀତ ଅନ୍ୟ ସମସ୍ତ ଗ୍ରହ ଅନୁକୂଳ ସ୍ଥାନରେ ରହିଥିବାରୁ କାମ ହାସଲ ହେବ । ସଫଳତା ପ୍ରଚ୍ଛନ୍ନଭାବରେ ଲୁକ୍କାୟିତ ହୋଇଥିବାରୁ ପରୋକ୍ଷଭାବରେ ସହାୟତା ପାଇପାରିବେ । ଶନିଙ୍କ ଦୃଷ୍ଟିର ପ୍ରଭାବରେ ପାରସ୍ପରିକ ଭୁଲ୍ ବୁଝାମଣା କାରଣରୁ ଅର୍ଥ ସମ୍ପର୍କକୁ ନେଇ ବିବାଦଗ୍ରସ୍ତ ହୋଇପାରନ୍ତି ।

ଆଜି ଭାଦ୍ରବ ଶୁକ୍ଳ ତ୍ରୟୋଦଶୀ ଶନିବାର, ଶ୍ରୀମନ୍ଦିରରେ ବଳିବାମନ ବେଶ, ସେପ୍ଟେମ୍ବର ୨୨ ତାରିଖ, ରାଶି ନକ୍ଷତ୍ର-ଧନିଷ୍ଠା/କୁମ୍ଭ, ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଶରଣଂ, ଦିବା ଘ୧୦।୪୧ମି. ଗତେ ଘ୧।୧୧ମି. ମଧ୍ୟେ, ଘ୨।୩୯ମି. ଗତେ ଘ୪।୦୯ମି. ମଧ୍ୟେ ଅମୃତ ବେଳା । ସକାଳ ଘ୭।୧୧ମି. ଗତେ ଘ୮।୪୧ମି. ମଧ୍ୟେ ମାହେନ୍ଦ୍ରବେଳା । ଦିବା ଘ୮।୪୦ମି. ଗତେ ଘ୧୦।୦୯ମି. ମଧ୍ୟେ ରାହୁକାଳ ।



**ସଫଳ ପ୍ରତ୍ୟାବର୍ତ୍ତନ**

ବାଂଲାଦେଶ ବିପକ୍ଷରେ ୪ ଉଇକେଟ ନେଇ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହେବା ସହ ରବୀନ୍ଦ୍ର ଜାଡେଜା ଦିନିକିଆକୁ ସଫଳ ପ୍ରତ୍ୟାବର୍ତ୍ତନ କରିଛନ୍ତି।

୧୫

୧୧

**'ମଣ୍ଟୋ' ରିଲିଜ୍ ନେଇ ନନ୍ଦିତାଙ୍କ ପ୍ରତିକ୍ରିୟା**

ଶୁକ୍ରବାର 'ମଣ୍ଟୋ' ମୁକ୍ତିଲାଭ କରିଛି। କିନ୍ତୁ ପ୍ରଥମ ଦିନର ମର୍ନିଂ ଶୋ' ପ୍ରଦର୍ଶିତ ହୋଇପାରି ନ ଥିବାରୁ ଅଭିନେତ୍ରୀ ତଥା ଫିଲ୍ମ ନିର୍ମାତା ନନ୍ଦିତା ଦାସ ନୈରାଶ୍ୟ ପ୍ରକାଶ କରିଛନ୍ତି ।








# ବଦଳିଲେ ସାତକୋଶିଆ ଡିଏଫ୍ଓ

ଭୁବନେଶ୍ୱର, ୨୧।୯(ବ୍ୟୁରୋ): ସାତକୋଶିଆ ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ ଏସ୍.ଏମ୍.ଟି. ରହମନଙ୍କୁ ଶୁକ୍ରବାର ବଦଳି କରାଯାଇଛି। ରହମନଙ୍କୁ କଟକ ବନଖଣ୍ଡକୁ ବଦଳି କରାଯାଇଥିବା ବେଳେ ବର୍ତ୍ତମାନ କଟକ ବନଖଣ୍ଡ ଅଧିକାରୀ ଥିବା ସୁଦର୍ଶନ ପାତ୍ରଙ୍କୁ ଢେଙ୍କାନାଳ(ଟେରିଟୋରି)ର ଡିଭିଜନ୍‌କୁ ବଦଳି କରାଯାଇଛି। ଏ ନେଇ ଶୁକ୍ରବାର ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ସୂଚନାଯୋଗ୍ୟ, ସାତକୋଶିଆରେ ଗତ ୧୨ ତାରିଖରେ ବାଘୁଣୀ 'ସୁନ୍ଦରୀ' ଜଣେ ମହିଳାଙ୍କୁ ମାରିଥିବା ଅଭିଯୋଗ ହୋଇଥିଲା। ଏହାପରେ ସ୍ଥାନୀୟ ଲୋକେ ସେଠାରେ ଲଙ୍କାକାଣ୍ଡ ଘଟାଇଥିଲେ। ଫଳରେ ବନବିଭାଗର ଲକ୍ଷାଧିକ ଟଙ୍କା ନଷ୍ଟ ହୋଇଥିଲା। ଏହି ଘଟଣା ପାଇଁ ରହମନଙ୍କୁ ବଦଳି କରାଯାଇଥିବା କୁହାଯାଉଛି। ଘୁମୁସର ଉତ୍ତର ବନଖଣ୍ଡର ଡିଏଫ୍ଓ ରାମସ୍ୱାମୀ ପି. ସାତକୋଶିଆର ଡିଏଫ୍ଓ ଭାବେ ନିଯୁକ୍ତ ପାଇପାରନ୍ତି ବୋଲି ସୂଚନା ମିଳିଛି।

**ଆଜିର ମନ୍ତବ୍ୟ**

> ମହିଳାଙ୍କ ସମାନ ଅଧିକାର ପାଇଁ ଆଇନ ଅପେକ୍ଷା ସାମାଜିକ ମାନସିକତାରେ ପରିବର୍ତ୍ତନ ଲୋଡ଼ା।
>
> -ସୋନିଆ ଗାନ୍ଧୀ, ଉପା ଅଧ୍ୟକ୍ଷା


**BISHANDAYAL JEWELLERS**

BIS: 916

Sriya Square, Bhubaneswar

Deals in : Gold, Diamond & Silver

Gold 24 CT - ₹ 31,900/- 10gm.

Gold 22 CT - ₹ 30,800/- 10gm.

Silver Rate - ₹ 370/- / 10gm.

Making Charge - ₹100/- onwards / 1gm.

Condition Apply

Lowest gold Rate & Making Charges

NECC NATIONAL EGG CO-ORDINATION COMMITTEE 21.09.2018 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
| --- | --- | --- | --- |
| BBSR | 54 | 98 | 108 |
| CTC | 55 | 100 | 110 |
| DKL | 56 | 101 | 111 |
| BDK | 57 | 102 | 112 |
| BLS | 58 | 103 | 113 |
| ANG | 57 | 102 | 112 |

*Conditions Apply

Eggs Retail Price- 47/-Dozen

Issued in the Interest of Consumers


# 'ଡାଏ' ଦୁର୍ବଳ



ଶିମିଳିପାଳରୁ ବାହାରିଥିବା ଗଙ୍ଗାହାର ନଦୀର ବନ୍ୟାଜଳ ବୈଶିଙ୍ଗା-ଉଦଳା ରାଜପଥ ଉପରେ ପ୍ରବାହିତ।



ବନ୍ୟାଜଳରେ ମାଲକାନଗିରି ଜିଲା ପୋଟେରୁ ବଜାର ବୁଡ଼ି ରହିଛି ।

ଭୁବନେଶ୍ୱର, ୨୧।୯(ବ୍ୟୁରୋ)

ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗର ଓ ଏହାର ଆଖପାଖ ଅଞ୍ଚଳରେ ସୃଷ୍ଟି ହୋଇଥିବା ବାତ୍ୟା 'ଡାଏ' ଦୁର୍ବଳ ହେବାରେ ଲାଗିଛି। ଗୁରୁବାର ମଧ୍ୟରାତ୍ରିରେ ସ୍ଥଳଭାଗ ଅତିକ୍ରମ କରିବା ପରେ ଏହା ଶୁକ୍ରବାର ଆଭ୍ୟନ୍ତରୀଣ ଓଡ଼ିଶା ଓ ଛତିଶଗଡ ଉପରେ ରହିଥିଲା। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, 'ଡାଏ' ଅବପାତରେ ପରିଣତ ହୋଇ ବିଦର୍ଭ ନିକଟରେ କେନ୍ଦ୍ରୀଭୂତ ହୋଇଛି। ଏହା ପଶ୍ଚିମ-ଉତ୍ତର ପଶ୍ଚିମ ଦିଗଦେଇ ଗତି କରୁଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଏହା ସମ୍ପୂର୍ଣ୍ଣ ଦୁର୍ବଳ ହୋଇଯିବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ନୂଆପଡା, ବରଗଡ, ଝାରସୁଗୁଡା, ସୁନ୍ଦରଗଡ, କେନ୍ଦୁଝର, ମୟୂରଭଞ୍ଜ ଏବଂ ଭଦ୍ରକ ଜିଲାରେ ପ୍ରବଳ ବର୍ଷା ହେବ ବୋଲି ଅନୁମାନ କରାଯାଇଛି। ଆସନ୍ତା ୧୨ ଘଣ୍ଟା ପର୍ଯ୍ୟନ୍ତ ସମୁଦ୍ର ଭିତରକୁ ନ ଯିବା ଲାଗି ମତ୍ସ୍ୟଜୀବୀମାନଙ୍କୁ ସତର୍କ କରାଯାଇଛି।

ଲଘୁଚାପ ଯୋଗୁ ବୁଧବାର ରାତିରୁ ଉପକୂଳବର୍ତ୍ତୀ ଜିଲାରେ ବର୍ଷା ଲାଗିରହିଛି। ଡୁହାକୁ ଡୁହା ବର୍ଷା ସାଙ୍ଗକୁ ପବନ ଜନଜୀବନକୁ ପ୍ରଭାବିତ କରିଛି। ସ୍ୱତନ୍ତ୍ର ରିଲିଫ କମିଶନରଙ୍କ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଗତ ୨୪ ଘଣ୍ଟା ମଧ୍ୟରେ ମାଲକାନଗିରି ଜିଲାରେ ସର୍ବାଧିକ ୧୬୬.୩ ମିଲିମିଟର ବର୍ଷା ହୋଇଥିବାବେଳେ ବାଲେଶ୍ୱର ଜିଲାରେ ୧୧୨.୫ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ସେହିପରି ଅଧିକାଂଶ ଜିଲାରେ ୫୦ରୁ ୧୦୦ ମିଲିମିଟର ବର୍ଷା ହୋଇଛି । କୋରାପୁଟ ଜିଲାରେ ୯୨.୩ ମିଲିମିଟର ବର୍ଷା ହୋଇଥିବା ବେଳେ କଟକରେ ୫୬.୧, ଭଦ୍ରକରେ ୬୨.୫, ଯାଜପୁର ୫୭.୮,

☞ପୃଷ୍ଠା-୪

**ବର୍ଷା ବିପ୍ଳାତ**

- ମାଲକାନଗିରି ଜଳମଗ୍ନ
- କାଲିମେଳାର ୪, ମାଛକୁଣ୍ଡର ୩ ଗେଟ୍ ଖୋଲା
- ବଢୁଛି ବୈତରଣୀ, ବୁଢ଼ାବଳଙ୍ଗ, ଜଳକା
- ଲଘୁଚାପ ଦୁର୍ବଳ: ବନ୍ୟା ଆଶଙ୍କା ନାହିଁ
- ୭ ଦିନ ରିଲିଫ ଘୋଷଣା କଲେ ମୁଖ୍ୟମନ୍ତ୍ରୀ


ଆପଣଙ୍କ ଏହି କପି ସହିତ ପାଇବେ ପିଲାଙ୍କ ଧରିତ୍ରୀ



ହକର ଭାଇଙ୍କଠାରୁ ମାଗି ନିଅନ୍ତୁ


**ଆଜିର ସମ୍ପାଦକୀୟ**

**ଫାଇଦାରେ କଶ୍ମୀର ବାବୁ**

**କିଛି ତଥ୍ୟ**

ଗତ ସପ୍ତାହରେ ଦେଶର ବିଦେଶୀ ମୁଦ୍ରା ଭଣ୍ଡାରରେ ୧.୨୦୭ ବିଲିୟନ ବୃଦ୍ଧି ଘଟି ୪୦୦.୪୮୯ ବିଲିୟନ ଡଲାର ଛୁଇଁଛି। ପୂର୍ବ ସପ୍ତାହରେ ଏଥିରେ ୮୧୯.୫ ନିୟୁତ ହ୍ରାସ ହେବା ଯୋଗୁ ଏହା ୩୯୯.୨୮୨ ବିଲିୟନ ଡଲାରକୁ ଖସି ଆସିଥିଲା।
-ଭାରତୀୟ ରିଜର୍ଭ ବ୍ୟାଙ୍କ

# ଆମିକସ୍ କ୍ୟୁରି ବୁଝିଲେ ଶ୍ରୀମନ୍ଦିର ପରମ୍ପରା

**ଶ୍ରୀମନ୍ଦିର ସଂସ୍କାର ମାମଲା**

- ଫୋକସରେ ବଂଶାନୁକ୍ରମିକ ସେବା
- ଶଙ୍କରାଚାର୍ଯ୍ୟଙ୍କ ସହ ରୁଦ୍ଧଦ୍ୱାର ଆଲୋଚନା
- ତିନିଜଣିଆ କମିଟି ଓ ଜିଲା ଜଜ୍‌ଙ୍କ ମତ ନେଲେ



ଶଙ୍କରାଚାର୍ଯ୍ୟଙ୍କୁ ସାକ୍ଷାତ କରୁଛନ୍ତି ଆମିକସ୍ କ୍ୟୁରି ଗୋପାଳ ସୁବ୍ରମଣ୍ୟମ୍।

ପୁରୀ ଅଫିସ, ୨୧।୯

ଶ୍ରୀମନ୍ଦିର ସଂସ୍କାର ମାମଲାରେ ସୁପ୍ରିମ୍‌କୋର୍ଟଙ୍କ ଦ୍ୱାରା ନିଯୁକ୍ତ ଆମିକସ୍ କ୍ୟୁରି ଗୋପାଳ ସୁବ୍ରମଣ୍ୟମ୍ ଶୁକ୍ରବାର ବିଭିନ୍ନ ପକ୍ଷଙ୍କ ସହ ଆଲୋଚନା କରିଛନ୍ତି। ମହାପ୍ରଭୁଙ୍କ ମଙ୍ଗଳ ଆଳତି ଦର୍ଶନରୁ ହିଁ ସେ ଆରମ୍ଭ କରିଛନ୍ତି ତାଙ୍କର ଏହି ଦୁଇଦିନିଆ ମାରାଥନ ଆଲୋଚନା। ପ୍ରଥମେ ଶ୍ରୀମନ୍ଦିର ପ୍ରଶାସନ ସହ ଆଲୋଚନା କରିବା ପରେ ଗୋବର୍ଦ୍ଧନ ମଠକୁ ଯାଇ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀଙ୍କ ମତ ସଂଗ୍ରହ କରିଥିଲେ। ଅପରାହ୍ଣରେ ସର୍କିଟ ହାଉସ୍‌ରେ ରାଜ୍ୟ ସରକାରଙ୍କ ଦ୍ୱାରା ଗଠିତ ତିନିଜଣିଆ କମିଟି, ଆଇନ ବିଭାଗ ସଚିବ ଏବଂ ପୁରୀ ଜିଲା ଜଜ୍‌ଙ୍କ ସହ ଆଲୋଚନା କରିଥିଲେ। ଶନିବାର ଗଜପତି ମହାରାଜା ଦିବ୍ୟସିଂହ ଦେବ, ମନ୍ତ୍ରୀ ମହେଶ୍ୱର ମହାନ୍ତି ଏବଂ ଏମ୍‌ପି ପିନାକୀ ମିଶ୍ର, ଆଡଭୋକେଟ ଜେନେରାଲଙ୍କ ସହ ଆଲୋଚନା କରିବାକୁ ଥିବାବେଳେ ଶ୍ରୀମନ୍ଦିର ପରିଚାଳନା କମିଟି ଏବଂ ଛତିଶା ନିଯୋଗ ବୈଠକରେ ଉପସ୍ଥିତ ରହି ମତ ନେବେ। ପ୍ରତ୍ୟୁଷରେ ଆମିକସ୍ କ୍ୟୁରି ଶ୍ରୀମନ୍ଦିରକୁ ଆସି ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ।

☞ପୃଷ୍ଠା-୪

# ଆଜି ଆସୁଛନ୍ତି ପ୍ରଧାନମନ୍ତ୍ରୀ



- ଲୋକାର୍ପିତ ହେବ ଝାରସୁଗୁଡ଼ା ବିମାନବନ୍ଦର
- ତାଳଚେର ସାର କାରଖାନା ଭିତ୍ତିପ୍ରସ୍ତର ସ୍ଥାପନ ହେବ

ଭୁବନେଶ୍ୱର,(ବ୍ୟୁରୋ)/ତାଳଚେର, (ନି.ପ୍ର.)/ଝାରସୁଗୁଡ଼ା ଅଫିସ,୨୧।୯

ବହୁପ୍ରତୀକ୍ଷାର ଅନ୍ତ ଘଟିବ। ଶନିବାର ଝାରସୁଗୁଡ଼ା ବିମାନବନ୍ଦରର ଉଦ୍‌ଘାଟନ କରିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ଏଥିସହିତ ଅନୁଗୋଳ ଜିଲା ତାଳଚେର ସାରକାରଖାନାର ପୁନରୁଦ୍ଧାର ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିବେ। ଏଥିପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି । ୨୦୦୨ରୁ ବନ୍ଦ ପଡ଼ିଥିବା ତାଳଚେର ସାର କାରଖାନା (ବର୍ତ୍ତମାନର ନୂତନ ନାମ ତାଳଚେର ଫର୍ଟିଲାଇଜର୍ସ ଲିମିଟେଡ୍)ର ପୁନରୁଦ୍ଧାର ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିବେ। ବଲଣ୍ଡା ହେଲିପ୍ୟାଡ୍‌ଠାରୁ ଶିଳାନ୍ୟାସ ସ୍ଥଳ ଓ ସାଧାରଣ ସଭା ନିମନ୍ତେ ବକ୍ସି ଜଗବନ୍ଧୁ ଷ୍ଟାଡିୟମକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ ରଖାଯାଇଛି। ସୁରକ୍ଷା ବ୍ୟବସ୍ଥାକୁ ମଧ୍ୟ କଡ଼ାକଡ଼ି କରାଯାଇଛି। ସମ୍ପୂର୍ଣ୍ଣ ତାଳଚେର ସୁରକ୍ଷା ବଳୟରେ ଥିବା ବେଳେ ଏସ୍‌ପିଜି ସହ ରାଜ୍ୟ ପୋଲିସ, ସିଆର୍‌ପିଏଫ୍ ଯବାନ ଓ ୨ଟି ସ୍ପେଶାଲ ଟାକ୍‌ଟିକାଲ ପ୍ଲାଟୁନଙ୍କୁ ମୁତୟନ କରାଯାଇଛି।

☞ପୃଷ୍ଠା-୪


**INTERNATIONAL BRANDED GARMENTS sale**

ବିଶ୍ୱବ୍ୟାପୀ ବିପୁଳ ସଫଳତା ପରେ ଏବେ ଭାରତରେ

ଭୁବନେଶ୍ୱରରେ ପ୍ରଥମ ଥର ପାଇଁ ୨ ଦିନିଆ ଏକ୍ସକ୍ଲୁସିଭ୍ ସେଲ୍



ପ୍ରିୟ ଗ୍ରାହକ,

ଆମ କମ୍ପାନୀ ବିଶ୍ୱସାରା ଅନ୍ତର୍ଜାତୀୟ ବ୍ରାଣ୍ଡେଡ୍ ଗାର୍ମେଣ୍ଟ୍‌ସ ସେଲ୍ ଆୟୋଜନ କରିଛି। ବିଦେଶରେ ଅଭୂତପୂର୍ବ ସଫଳତା ପରେ, ଆମେ ଏବେ ଭାରତକୁ ଆସିଛୁ ଏବଂ ଭୁବନେଶ୍ୱରଠାରେ ଆମର ସେଲ୍ ଆୟୋଜନ କରୁଛୁ । ସମ୍ପୂର୍ଣ୍ଣ ଷ୍ଟକ୍‌ରେ ସମଗ୍ର ପରିବାର ପାଇଁ ନୂଆ ଫ୍ରେଶ୍ ରେଡିମେଡ୍ ପୋଷାକ ରହିଛି। ଆମର ପୁରୁଷଙ୍କ କଲେକ୍ସନ୍‌ରେ ସାର୍ଟ, ଟ୍ରାଉଜର୍, ବ୍ରାଣ୍ଡେଡ୍ ଜିନ୍‌ସ ଏବଂ ଟି-ସାର୍ଟ, ବ୍ଲେଜର୍, ଶର୍ଟସ୍ ଇତ୍ୟାଦି, ଝିଅ ଓ ମହିଳାଙ୍କ କଲେକ୍ସନରେ କୁର୍ତ୍ତି, ଟପ୍‌ସ, ସାର୍ଟ, ଟି-ସାର୍ଟ, ବ୍ଲେଜର୍, ବ୍ରାଣ୍ଡେଡ୍ ଜିନ୍‌ସ ଇତ୍ୟାଦି ଅନ୍ତର୍ଭୁକ୍ତ ଏବଂ କିଡ୍‌ସ ୱେର୍‌ରେ ସମ୍ପୂର୍ଣ୍ଣ ନୂଆ ଫେସନେବଲ୍ କଲେକ୍ସନ୍ ଉପଲବ୍ଧ। ସେଲ୍ ମାତ୍ର ୨ ଦିନ ପାଇଁ - ୨୨ ଓ ୨୩ ସେପ୍ଟେମ୍ବର, ୨୦୧୮ । ସେଲ୍ ପୂର୍ବାହ୍ନ ୧୦ ଘଟିକାରୁ ରାତ୍ରି ୧୦ ଘଟିକା ପର୍ଯ୍ୟନ୍ତ।

UPTO 90% OFF

ମେନ୍‌ସ ୱେର୍ @ ₹୪୦୦ରୁ ₹୧୨୦୦ ପ୍ରକୃତ ମୂଲ୍ୟ ₹୬୦୦ରୁ ₹୫୨୯୫

ଲେଡିଜ୍ ୱେର୍ @ ₹୩୦୦ରୁ ₹୭୦୦ ପ୍ରକୃତ ମୂଲ୍ୟ ₹୪୫୦ରୁ ₹୪୨୯୫

କିଡ୍‌ସ ୱେର୍ @ ₹୧୫୦ରୁ ₹୬୦୦ ପ୍ରକୃତ ମୂଲ୍ୟ ₹୪୯୦ରୁ ₹୩୦୯୫

nikitamedia.in

ହୋଟେଲ ମେଫେୟାର୍ କନ୍‌ଭେନ୍‌ସନ୍ ୮-ବି, ଜୟଦେବ ବିହାର, ଭୁବନେଶ୍ୱର, ଓଡ଼ିଶା

• ENTRY FREE • Time 10 AM TO 10 PM • ALL CARD PAYMENTS ACCEPTED


# 'ଜୟ ହିନ୍ଦ୍ ହିନ୍ଦ୍, ଜୟ ଇଣ୍ଡିଆ' ଗୀତରେ କମ୍ପିବ କଳିଙ୍ଗ ଷ୍ଟାଡିୟମ

**ହକି ବିଶ୍ୱକପ**

- ଉଦ୍‌ଘାଟନୀ ଉତ୍ସବରେ ରହମନ ମୁଖ୍ୟ ଆକର୍ଷଣ



ଭୁବନେଶ୍ୱର, ୨୧।୯ (ସ୍ପୋର୍ଟ୍ସ ବ୍ୟୁରୋ)

ହକି ବିଶ୍ୱକପ୍‌ର ୧୪ତମ ସଂସ୍କରଣ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ନଭେମ୍ବର ୨୮ରୁ ଆରମ୍ଭ ହେବ। ଏହାର ଉଦ୍‌ଘାଟନୀ ଉତ୍ସବରେ ଓସ୍କାର ପୁରସ୍କାର ବିଜେତା ସଂଗୀତ ନିର୍ଦ୍ଦେଶକ ଏ.ଆର. ରହମନ ଓ ଜଣାଶୁଣା ଗୀତିକାର ଗୁଲ୍‌ଜାର ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିବେ। 'ଜୟ ହିନ୍ଦ୍ ହିନ୍ଦ୍, ଜୟ ଇଣ୍ଡିଆ ମାଥେ ପେ ବିଜୟ କି ବିନ୍ଦିଆ' ଗୀତରେ କମ୍ପିବ କଳିଙ୍ଗ। ଓଡ଼ିଶାରେ ଆୟୋଜନ ହେବାକୁ ଯାଉଥିବା ଏହି ମେଗା ପ୍ରତିଯୋଗିତାର ଟାଇଟଲ ସଂଗୀତ ବା ଅଫିସିଆଲ ଗୀତ ପ୍ରସ୍ତୁତ କରିବେ ରହମନ ଓ ଗୁଲ୍‌ଜାର। ଉଦ୍‌ଘାଟନୀ ଉତ୍ସବରେ ରହମନଙ୍କ ସଙ୍ଗୀତରେ ମନ୍ତ୍ରମୁଗ୍ଧ ହେବେ ରାଜ୍ୟ,ଦେଶ ତଥା ବିଶ୍ୱର କ୍ରୀଡ଼ାପ୍ରେମୀ। ହକି ବିଶ୍ୱକପ୍‌ର ପ୍ରସ୍ତୁତିରେ ଓଡ଼ିଶା ସରକାର କୌଣସି ପ୍ରକାର ଅବହେଳା କରିବାକୁ ଚାହୁଁନାହାନ୍ତି। ସବୁ ଦୃଷ୍ଟିକୋଣରୁ ଏହାକୁ ସଫଳ କରିବାରେ ସରକାର ଚେଷ୍ଟିତ। ତେଣୁ ଏହି ମେଗା ଇଭେଣ୍ଟର ଟାଇଟଲ ଗୀତକୁ ପ୍ରସ୍ତୁତ କରିବା ପାଇଁ ରହମନ ଓ ଗୁଲ୍‌ଜାରଙ୍କ ଭଳି ବିଶ୍ୱସ୍ତରୀୟ ସଙ୍ଗୀତକାର ଓ ଗୀତିକାରଙ୍କୁ ଦାୟିତ୍ୱ ଦିଆଯାଇଛି।

ବିଶ୍ୱକପ୍‌କୁ ନେଇ ସଙ୍ଗୀତକାର ତଥା ଗାୟକ ରହମନ ବେଶ୍ ଉତ୍ସାହିତ ଅଛନ୍ତି। ଭାରତରେ ହକି ପ୍ରତି ଅହେତୁକ ଭଲପାଇବା ଅଛି ଓ ଭାରତ ବିଷୟରେ ହକିଠାରୁ ଅଧିକ କେହି ଭାବବ୍ୟକ୍ତ ପାରିବେ ନାହିଁ ବୋଲି ସେ କହିଛନ୍ତି। ବିଶ୍ୱକପ୍‌ଠାରୁ କୌଣସି ହକି ଇଭେଣ୍ଟ ବଡ଼ ନୁହେଁ। ଏହି ମେଗା ଇଭେଣ୍ଟ ଏଠାରେ ଆମ ଟର୍ଫ ଉପରେ ଖେଳାଯିବ। ବିଶ୍ୱକପ୍ ଦିନକୁ ଦିନ ପାଖେଇ ଆସୁଥିବାରୁ ସମସ୍ତଙ୍କ ହୃତ୍‌ସ୍ପନ୍ଦନ ବଢିବାରେ ଲାଗିଛି। ଗୁଲଜାର ସାହେବ ଓ ମୁଁ ବିଶ୍ୱକପ୍ ଟାଇଟଲ ସଙ୍ଗୀତ ସଂଯୋଜନା ଦାୟିତ୍ୱରେ ରହିଛୁ। ଏହା ମନୋରଞ୍ଜନ ଦେବା ସହିତ ସମସ୍ତଙ୍କୁ ଉତ୍ସାହ ଓ ପ୍ରେରଣା ଦେବ ବୋଲି ରହମନ କହିଛନ୍ତି। ହକିର ଏହି ମହୋତ୍ସବରେ ସମସ୍ତେ ସାମିଲ ହୋଇ ଭାରତୀୟ ଖେଳାଳିଙ୍କୁ ଉତ୍ସାହିତ କରିବା ସହ ସାର୍ବଭୌମିକ ଏକତାର ମନ୍ତ୍ରକୁ ଉପଲବ୍ଧି କରିବେ ବୋଲି ରହମନ କହିଛନ୍ତି।

ବିଶ୍ୱକପ୍‌ର ଟାଇଟଲ ଗୀତକୁ ରହମନ ନିର୍ଦ୍ଦେଶନା ଦେବା ଆନନ୍ଦର ବିଷୟ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ରହମାନ ସଙ୍ଗୀତ ପରିବେଷଣ କରିବା ଏକ ଗୌରବର ବିଷୟ। ରହମନ ହେଉଛନ୍ତି ସାରା ଦେଶର ସ୍ୱର। ସେ ଏବେ ବିଶ୍ୱକପ୍‌ର ସ୍ୱର ବନିବାକୁ ଯାଉଛନ୍ତି।

☞ପୃଷ୍ଠା-୪

# ଫାଇଦାରେ କଶ୍ମୀର ବାବୁ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ଜମ୍ମୁ-କଶ୍ମୀରରେ ରାଜ୍ୟପାଳ ଶାସନ ଲାଗୁ ହେବା ଯୋଗୁ ରାଜ୍ୟ କ୍ୟାଡର ବାବୁମାନେ ବେଶ୍ ଫାଇଦାରେ ଅଛନ୍ତି। କାରଣ ପ୍ରଶାସନରେ ସେମାନଙ୍କୁ ଗୁରୁତ୍ୱପୂର୍ଣ୍ଣ ପଦପଦବୀ ମିଳିଛି। ୧୯୮୬ ବ୍ୟାଚ୍ ଜମ୍ମୁ-କଶ୍ମୀର କ୍ୟାଡର ଆଇଏଏସ୍ ଅଫିସର ତଥା ପୂର୍ବତନ ମୁଖ୍ୟ ଶାସନ ସଚିବ ବି.ବି. ବ୍ୟାସ ରାଜ୍ୟପାଳଙ୍କ ଉପଦେଷ୍ଟା ଭାବେ ପୁନର୍ନିଯୁକ୍ତି ପାଇଛନ୍ତି। ସେହିପରି ରାଜ୍ୟ କ୍ୟାଡରର ଅବସରପ୍ରାପ୍ତ ଆଇଏଏସ୍ ଅଫିସର ଖୁର୍ଶିଦ ଅହମଦ ଗନାଇ ଏବଂ ଅବସରପ୍ରାପ୍ତ ଆଇପିଏସ୍ ଅଫିସର କେ. ବିଜୟ କୁମାର ମଧ୍ୟ କ୍ୟାବିନେଟ୍‌ର ସମତୁଲ କୁହାଯାଉଥିବା ରାଜ୍ୟ ପ୍ରଶାସନିକ ପରିଷଦର ସଦସ୍ୟ ଭାବେ ନିଯୁକ୍ତ ହୋଇଛନ୍ତି, ଯେଉଁମାନଙ୍କର ଉଚ୍ଚସ୍ତରୀୟ ନିଷ୍ପତ୍ତି ନେବାର କ୍ଷମତା ରହିଛି। ବାବୁ-ନିରୀକ୍ଷକମାନଙ୍କ କହିବା ଅନୁସାରେ, ବର୍ତ୍ତମାନର ମୁଖ୍ୟ ଶାସନ ସଚିବ ବି.ଭି.ଆର୍. ସୁବ୍ରମଣ୍ୟମ୍‌ଙ୍କ ଯୋଗୁ ଏହା ସମ୍ଭବ ହୋଇଛି। ସୁବ୍ରମଣ୍ୟମ୍ ହେଉଛନ୍ତି ୧୯୮୭ ବ୍ୟାଚ୍‌ର ଛତିଶଗଡ଼ କ୍ୟାଡର ଆଇଏଏସ୍ ଅଫିସର, ଯାହାଙ୍କୁ ଜୁନ୍ ମାସରେ ବ୍ୟାସଙ୍କ ସ୍ଥାନରେ ନିଯୁକ୍ତି ମିଳିଛି। ରାଜ୍ୟପାଳ ଶାସନ ଲାଗୁ ହେବା ପରଠାରୁ ସତ୍ୟପାଲ ମଲିକ ଓ ସୁବ୍ରମଣ୍ୟମ୍ ରାଜ୍ୟ କ୍ୟାଡର ଆଇଏଏସ୍ ଓ କେଏଏସ୍ ଅଫିସରଙ୍କ ପାଇଁ କାର୍ଯ୍ୟ କରିଆସିଛନ୍ତି, ଯାହା କ୍ୱଚିତ୍ ପୂର୍ବ ସରକାରଗୁଡ଼ିକରେ କେହି କରିଛନ୍ତି। ତେବେ ଅନ୍ୟ ରାଜ୍ୟର ଆଇଏଏସ୍ ଅଫିସରମାନେ ଏଥିରେ ଖୁସି ନ ହେବା ସ୍ୱାଭାବିକ।

### ଡିଜିପି ପଦ ପାଇଁ ଦୌଡ଼

ହରିୟାଣାର ଅନେକ ଆଇପିଏସ୍ ଅଫିସର ରାଜ୍ୟର ପରବର୍ତ୍ତୀ ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ହେବା ଲାଗି ସବୁ ପ୍ରକାର ଚେଷ୍ଟା ଜାରି ରଖିଛନ୍ତି। ବର୍ତ୍ତମାନର ପୋଲିସ ମୁଖ୍ୟ ବି.ଏସ୍. ସାନ୍ଧୁ ଆସନ୍ତା ମାସ ଶେଷ ସୁଦ୍ଧା ଅବସର ନେବାକୁ ଯାଉଛନ୍ତି। ସୁପ୍ରିମ୍‌କୋର୍ଟଙ୍କ ଆଦେଶମତେ ଦୁଇବର୍ଷର ସୁରକ୍ଷିତ କାର୍ଯ୍ୟକାଳ ଡିଜିପି ପଦ ଲାଗି ବରିଷ୍ଠ ପୋଲିସ ବାବୁମାନଙ୍କୁ ପ୍ରଲୋଭିତ କରିଛି। ବର୍ତ୍ତମାନ ସୁଦ୍ଧା ହରିୟାଣା ପୋଲିସ ଏକାଡେମି ମଧୁବନର ମହାନିର୍ଦ୍ଦେଶକ କେ.କେ. ସିନ୍ଧୁ, ଭୋଣ୍ଡସି କମ୍ପ୍ଲେକ୍ସର ଭାରପ୍ରାପ୍ତ ମହାନିର୍ଦ୍ଦେଶକ ବି.କେ. ସିହ୍ନା ଏବଂ ରାଜ୍ୟ ଭିଜିଲାନ୍ସ ମହାନିର୍ଦ୍ଦେଶକ ପି.ଆର୍. ଦେଓ ଉକ୍ତ ପଦ ଲାଗି ଦୌଡ଼ରେ ଆଗରେ ଥିବା ଜଣାପଡ଼ିଛି। ଆଉ ଜଣେ ଆଇପିଏସ୍ ଅଫିସର, ଯିଏ କି ବିଚାର ପରିସରକୁ ଆସିବାର ସମ୍ଭାବନା ଥିଲେ ମଧ୍ୟ ରାଜ୍ୟ ସରକାରଙ୍କ ସହ ସୁସମ୍ପର୍କରେ ନାହାନ୍ତି, ସେ ମଧ୍ୟ ଶାସକ ଦଳର ବଡ଼ବଡ଼ିଆଙ୍କ ପାଖରେ ଲବି କରୁଥିବା ଶୁଣିବାକୁ ମିଳୁଛି। କିନ୍ତୁ ମନୋହରଲାଲ ଖଟ୍ଟର ସରକାର ଏ ପର୍ଯ୍ୟନ୍ତ କେନ୍ଦ୍ର ଲୋକସେବା ଆୟୋଗ (ୟୁପିଏସ୍‌ସି)ର ଅଧିକାରୀମାନଙ୍କ ପାଖକୁ ଡିଜିପି ପଦ ଲାଗି ପ୍ରାର୍ଥୀମାନଙ୍କର ଏକ ନାମତାଲିକା ପ୍ରସ୍ତୁତ କରିବାକୁ ପ୍ରସ୍ତାବ ଦେଇନାହାନ୍ତି। ସୁପ୍ରିମ୍‌କୋର୍ଟଙ୍କ ରାୟ ଏହା ସ୍ପଷ୍ଟ କରିଦେଇଛି ଯେ, ରାଜ୍ୟଗୁଡ଼ିକ ତିନିମାସ ଆଗରୁ ଯୋଗ୍ୟ ଆଇପିଏସ୍ ଅଫିସରମାନଙ୍କର ଏକ ନାମତାଲିକା ୟୁପିଏସ୍‌ସିକୁ ପଠାଇବା ଦରକାର।

### ଶୂନ୍ୟସ୍ଥାନ ପୂରଣ

କେନ୍ଦ୍ର ସରକାର କେନ୍ଦ୍ରୀୟ ପ୍ରତ୍ୟକ୍ଷ କର ପରିଷଦ (ସିବିଡିଟି)ର ସଦସ୍ୟ ଭାବେ ଭାରତୀୟ ରାଜସ୍ୱ ସେବା (ଆଇଆର୍‌ଏସ୍) ଅଧିକାରୀ ଆଦିତ୍ୟ ବିକ୍ରମ ଏବଂ ପ୍ରମୋଦ ଚନ୍ଦ୍ର ମୋଦିଙ୍କ ନିଯୁକ୍ତିକୁ ଯଥାକ୍ରମେ ୨୦୧୮ ଫେବୃୟାରୀ ୧ ଓ ମାର୍ଚ୍ଚ ୧ରୁ ଅନୁମୋଦନ କରିଛନ୍ତି। ତଥାପି ସିବିଡିଟିର ବାବୁ ଅଭାବଜନିତ ସମସ୍ୟା ଦୂର ହୋଇପାରି ନାହିଁ। ତଦନ୍ତ ଏବଂ ଆଇଟି ଓ କମ୍ପ୍ୟୁଟରୀକରଣ ବିଭାଗର ସଦସ୍ୟ ପଦ ଦୁଇଟି ଫେବୃୟାରୀ ମାସରୁ ଖାଲି ପଡ଼ିଛି। ସେହିପରି ରାଜସ୍ୱ ଓ ଟିକସଦାତା ସେବା ଏବଂ ପ୍ରଶାସନ ବିଭାଗର ସଦସ୍ୟ ପଦ ଦୁଇଟି ଯଥାକ୍ରମେ ଜୁନ୍ ୩୦ ଓ ଜୁଲାଇ ୩୧ରୁ ଖାଲି ପଡ଼ିଛି। ପୁନଶ୍ଚ ଅଡିଟ୍ ଓ ଜୁଡିସିଆଲ ବିଭାଗ ସଦସ୍ୟ ଶାବ୍ରି ଭଟ୍ଟଶାଳି ଏବଂ ଲେଜିସ୍‌ଲେଶନ ବିଭାଗ ସଦସ୍ୟ ଅରବିନ୍ଦ ମୋଦି ଆଉ ଦୁଇ ସପ୍ତାହ ଭିତରେ ଅବସର ନେବାକୁ ଯାଉଛନ୍ତି। ଏଥିରୁ ଜଣାପଡୁଛି ଯେ, ବୋର୍ଡରେ ସଦସ୍ୟ ସଂଖ୍ୟା ଆଶାତୀତ ଭାବେ ହ୍ରାସ ପାଇ ଏହାକୁ ଅଚଳ କରିବାକୁ ବସିଥିବାରୁ ତୁରନ୍ତ ଖାଲି ସ୍ଥାନଗୁଡ଼ିକ ପୂରଣ କରିବାକୁ ସରକାରଙ୍କ ଉପରେ ଚାପ ପଡ଼ିଥିଲା। ତେବେ ସରକାର ଏବେ ଦୁଇଟି ପଦବୀ ପୂରଣ କରିଥିଲେ ମଧ୍ୟ ୨୦୧୮-୧୯ ପ୍ୟାନେଲ ବର୍ଷ ପାଇଁ ଆଉ ଚାରୋଟି ପଦ ପୂରଣ କରାଯିବାକୁ ବାକି ରହିଛି। ବର୍ତ୍ତମାନ ପ୍ରଶ୍ନ ଉଠୁଛି ସରକାର ଯଦି ଆଦିତ୍ୟ ବିକ୍ରମ ଓ ପି.ସି. ମୋଦିଙ୍କ ନିଯୁକ୍ତିକୁ ଗତ ଫେବୃୟାରୀ ଓ ମାର୍ଚ୍ଚ ମାସରୁ ଅନୁମୋଦନ ଦେଲେ, ତା'ହେଲେ ଏଥିପାଇଁ ଏତେ ଡେରି କଲେ କାହିଁକି ?

Email: dilipcherian@gmail.com

### ଚିରନ୍ତନୀ

ପ୍ରବୋଧିବି ଏହି କପୋତ
ସାନ୍ତ୍ୱନା ହେବ ପ୍ରାପତ ,
ଝିଲ୍ଲୀ ଚିରଇ କାତର-ରୋଦନ
ମୋ ବିନା ତା'ର କେ ନାହିଁ
ସେ ତ ମୋ ପଥେ ରହିଛି ଚାହିଁ।
(ବିଶ୍ୱର ଆହ୍ୱାନ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

### su|do|ku | ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | 4 | D | | | 1 | 2 | | | A | | 0 | C | |
| | | | | | 7 | | | C | 0 | 9 | 1 | | | E |
| | | 8 | | | 3 | A | | B | | | | 6 | 5 | |
| | C | | A | | | | | | E | | B | | 8 | |
| | | 0 | B | | | E | 3 | | 7 | | | | | |
| E | 9 | | | | 0 | 6 | | 8 | C | 4 | 5 | | A | |
| | | | | 8 | A | | | 9 | | 3 | | | | |
| | 4 | | 3 | | | | | | | | 0 | | | |
| | | | | | | 4 | | E | B | 2 | 8 | 5 | 7 | |
| | | 2 | | | E | | 0 | 1 | | | | | 4 | |
| | 0 | | | | | B | | 3 | 1 | 7 | | 9 | 2 | |
| | 1 | | 7 | | | 0 | | 2 | | | C | 4 | D | |
| B | 5 | | 9 | | | | A | | | | D | 8 | | |
| | 2 | | | 3 | | | C | 5 | | | | | | |
| | | C | 6 | | | | | | | 8 | 4 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 9 | 1 | 2 | 4 | B | 8 | 0 | 6 | 5 | E | C | A | 3 | 7 | D |
| 3 | 5 | 8 | A | 6 | D | 2 | 1 | 9 | 7 | B | 0 | C | E | 4 |
| A | 4 | 6 | E | C | 9 | 7 | 3 | D | 5 | 8 | 2 | B | 0 | 1 |
| 0 | C | 7 | 3 | 2 | 1 | 8 | B | E | 9 | 4 | D | 6 | 5 | A |
| D | B | E | 5 | 0 | 7 | C | A | 4 | 3 | 1 | 6 | 2 | 8 | 9 |
| E | 9 | 4 | D | A | 0 | B | 8 | 7 | C | 6 | 1 | 5 | 2 | 3 |
| C | 0 | D | 7 | 3 | 5 | A | E | 6 | 4 | 2 | 9 | 8 | 1 | B |
| 6 | 3 | A | 2 | 8 | C | D | 9 | 1 | B | E | 5 | 0 | 4 | 7 |
| 5 | 8 | 1 | 6 | E | B | 4 | 2 | 0 | A | 7 | 3 | 9 | D | C |
| 7 | 2 | B | 1 | 9 | 4 | 3 | 5 | C | D | 0 | 8 | E | A | 6 |
| 2 | A | C | 0 | 7 | 3 | E | 4 | 8 | 6 | D | B | 1 | 9 | 5 |
| 8 | D | 5 | 9 | 1 | E | 6 | C | B | 2 | A | 7 | 4 | 3 | 0 |
| 4 | 7 | 3 | C | D | 6 | 5 | 0 | 2 | 1 | 9 | E | A | B | 8 |
| B | 6 | 9 | 8 | 5 | 2 | 1 | 7 | A | 0 | 3 | 4 | D | C | E |
| 1 | E | 0 | B | 4 | A | 9 | D | 3 | 8 | 5 | C | 7 | 6 | 2 |

ଗତକାଲିର ଉତ୍ତର



ମନ-ମାନଚିତ୍ର

ଡ. ନରହରି ବେହେରା

# ଅନ୍ତହୀନ ତିନୋଟି ସମସ୍ୟା

ପ୍ରାତଃଭ୍ରମଣ ସମୟରେ ଗୋବିନ୍ଦବାବୁ କହିଲେ, ତୁମେ ମହାଭାରତର ଯକ୍ଷ-ଯୁଧିଷ୍ଠିର ସମ୍ବାଦ ପଢ଼ିଛ ? ଯକ୍ଷ ଯୁଧିଷ୍ଠିରଙ୍କୁ ପ୍ରଶ୍ନ କରିଥିଲେ- କେଉଁ ବ୍ୟାଧିର ଶେଷ ନାହିଁ ? ଏହାର ଉତ୍ତରରେ ଯୁଧିଷ୍ଠିର କହିଥିଲେ, ଲୋଭରୂପକ ବ୍ୟାଧିକୁ ଉପଶମ କରିହେବ ନାହିଁ। ଆଚ୍ଛା, ତୁମେ କିଛି ସମୟ ପାଇଁ ଯୁଧିଷ୍ଠିର ହୋଇଯାଅ ଏବଂ ମୁଁ ତୁମକୁ ଯକ୍ଷ ଭାବରେ ଯେଉଁ ପ୍ରଶ୍ନ କରୁଛି ତାହାର ଉତ୍ତର ଦିଅ। ମୁଁ ଦେଖିବି ତୁମର ବୁଦ୍ଧି କେତେ। ଏବେ କୁହ- ଭାରତରେ କେଉଁ ତିନୋଟି କଥାର ଅନ୍ତ ହେବ ନାହିଁ ? ମୁଁ ଏଭଳି ଅପ୍ରତ୍ୟାଶିତ ପ୍ରଶ୍ନର କି ଉତ୍ତର ଦେବି ଜାଣି ନ ପାରି ତାଙ୍କ ମୁହଁକୁ ଚାହିଁଲି। ସେ ହସି ହସି କହିଲେ- ଆରେ, ସବୁଦିନ ଦେଖୁଛ, ପଢୁଛ ତଥାପି ଜାଣିପାରୁନ ? ସେ ତିନୋଟି ହେଲା- ଆମ ଦେଶରେ ଦାରିଦ୍ର୍ୟର ଶେଷ ନାହିଁ, ଜାତିଆଣ ଭେଦଭାବର ଅନ୍ତ ନାହିଁ କି ସଂରକ୍ଷଣରେ ପୂର୍ଣ୍ଣଚ୍ଛେଦ ପଡ଼ିବାର ସମ୍ଭାବନା ନାହିଁ। ଏ ଦେଶରେ ଏହି ତିନୋଟି ଚାଲିଥିବ ହିଁ ଚାଲିଥିବ। ଏହା ଉପରେ ନେତାମାନଙ୍କର ଭାଷଣ ଚାଲିଥିବ, ଯୋଜନା ପରେ ଯୋଜନା ଚାଲିଥିବ, କିନ୍ତୁ ଏଗୁଡ଼ିକର ଶେଷ କେଉଁଠି ତାହା କେହି କହିପାରିବେନି। ଦାରିଦ୍ର୍ୟ କଥା ମନେ ପକା। 'ଗରିବୀ ହଟାଓ' ବୋଲି ଦିନେ ଭାରତର ମାଟି, ପାଣି, ପବନ ଚମକୁଥିଲା। ଇତିମଧ୍ୟରେ କେତେ ପଞ୍ଚବାର୍ଷିକ ଯୋଜନା ପ୍ରସ୍ତୁତ ହୋଇଛି। ଦାରିଦ୍ର୍ୟ ଯାଇଛି କି ? ସରକାର ଖାଦ୍ୟ ସୁରକ୍ଷା ଯୋଜନାରେ ଅଠସ୍ତରି ପ୍ରତିଶତ ଲୋକଙ୍କୁ ରାଶନ କାର୍ଡ ଯୋଗାଇଦେଲେ, ତଥାପି ହଜାର ହଜାର ଲୋକ ପ୍ରତ୍ୟେକ ଦିନ ବ୍ଲକ୍ ଅଫିସ୍‌ରେ ରାଶନ କାର୍ଡ ପାଇଁ ଧାଡ଼ି ବାନ୍ଧିଛନ୍ତି। ସ୍ୱାଧୀନତାର ୭୨ ବର୍ଷ ପରେ ଯଦି ତିରିଶ ପ୍ରତିଶତ ଲୋକ ସ୍ୱଚ୍ଛଳ ହୋଇପାରିଲେ ନାହିଁ, ତେବେ ଚିନ୍ତା କର ଶତ ପ୍ରତିଶତ ଲୋକଙ୍କୁ ଦାରିଦ୍ର୍ୟମୁକ୍ତ କରିବାକୁ ଆଉ କେତେବର୍ଷ ଲାଗିବ। ଏ ଦେଶରେ ଦାରିଦ୍ର୍ୟର ଅନ୍ତ ଘଟିବ ନାହିଁ, କାରଣ ବନ୍ୟା-ବାତ୍ୟା ସମୟରେ କିମ୍ବା ଅନ୍ୟ ସମୟରେ ଗରିବଙ୍କ ପାଇଁ ଯାହା ଯୋଜନା ହୁଏ, ସବୁଥିରୁ ଧନୀ ଲୋକମାନେ ସୁବିଧା ହାତେଇ ନେବାକୁ ଉପାୟ କରିଥାନ୍ତି। ଆଉ କିଛି ଲୋକ ସବୁଦିନ ଗରିବ ହୋଇ ରହିବାକୁ ଭଲ ପାଆନ୍ତି। ସରକାର ସେମାନଙ୍କୁ ବେପାର ବଣିଜ କରିବାକୁ ରିହାତିରେ ଋଣ ଦେଲେ କିମ୍ବା ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ପାଇଁ ଟଙ୍କା ଦେଲେ ସେ ଟଙ୍କାକୁ ସେଥିରେ ବିନିଯୋଗ ନ କରି କିଏ ଟିଭି କିଣିଦେଉଛି ତ କିଏ ଗାଡ଼ି କିଣିଦେଉଛି। ଏହାର ଅର୍ଥ ସେମାନେ ସବୁଦିନ ସେହି ଗରିବ ହୋଇ ଭଙ୍ଗାଘରେ ରହିବାକୁ ଚାହାନ୍ତି। ଏମିତି ହେଲେ ଦାରିଦ୍ର୍ୟ ଦୂର ହେବ କେମିତି ?

ଭାରତର ଆଉ ଗୋଟିଏ ଦୁର୍ଭାଗ୍ୟ ହେଉଛି ଜାତିଭେଦ। ଆଜି ଆମେ ଅତ୍ୟାଧୁନିକ ସଭ୍ୟ ନାଗରିକ ଭାବରେ ଯେତେ ଡିଣ୍ଡିମ ପିଟିଲେ ମଧ୍ୟ ଅଧିକାଂଶଙ୍କ ମଧ୍ୟରେ ଜାତିଆଣ ଭାବର ଗନ୍ଧ ସ୍ପଷ୍ଟ ବାରିହୁଏ। ଏହି ଜାତିଆଣ ବିଭେଦ ଦେଶ ପ୍ରଗତିର ମୁଖ୍ୟ ବାଧକ। ତେଣୁ ସ୍ୱାଧୀନତା ପରେ ଜାତିଆଣ ଭେଦକୁ ଲୋପ କରିବା ପାଇଁ ସମ୍ବିଧାନରେ ଅସ୍ପୃଶ୍ୟତାକୁ ନିଷିଦ୍ଧ କରାଯାଇଛି। ଗାନ୍ଧିଜୀ ସେମାନଙ୍କୁ ଭଗବାନଙ୍କ ସନ୍ତାନର ଆଖ୍ୟା ଦେଇ 'ହରିଜନ'ବୋଲି ସମ୍ବୋଧନ କରୁଥିଲେ। ଏପରି କି ସ୍କୁଲ, କଲେଜ ରେଜିଷ୍ଟର ବା ଆବେଦନ ଫର୍ମରେ କୌଣସି ଜାତିଗତ ସୂଚନା ରହିବ ନାହିଁ ବୋଲି ଆଇନ କରାଯାଇଥିଲା। ମାତ୍ର ଏ ସକଳ ଚେଷ୍ଟା ଆମ ସମାଜରୁ ଜାତିଆଣ ବିଭେଦକୁ ଦୂର କରିପାରିଲାନି। ତେଣୁ ଦଳିତ ଜନତାଙ୍କ ସାମାଜିକ ଓ ଆର୍ଥିକ ଉନ୍ନତିରେ ସୁଧାର ଆଣିବା ପାଇଁ ଚାକିରି ଏବଂ ଶିକ୍ଷା କ୍ଷେତ୍ରରେ ସଂରକ୍ଷଣର ବ୍ୟବସ୍ଥା କରାଗଲା। ଆଶା କରାଯାଉଥିଲା ଏହାଦ୍ୱାରା ସେମାନେ ସମାଜର ମୁଖ୍ୟସ୍ରୋତକୁ ଆସିବେ ଓ ଆମ ଭିତରେ ଥିବା ଜାତିଆଣ ଭେଦଭାବରେ ପୂର୍ଣ୍ଣଚ୍ଛେଦ ପଡ଼ିବ। ସମ୍ବିଧାନପ୍ରଣେତା ଡକ୍ଟର ଭୀମରାଓ ଆମ୍ବେଦ୍‌କର ଜଣେ ଦଳିତ ଶ୍ରେଣୀର ବ୍ୟକ୍ତି ହୋଇଥିଲେ ମଧ୍ୟ ସଂରକ୍ଷଣ ବ୍ୟବସ୍ଥାକୁ ନାପସନ୍ଦ କରୁଥିଲେ। କାରଣ ଏହାଦ୍ୱାରା ଦଳିତ ଏବଂ ସାଧାରଣ ବର୍ଗଙ୍କ ଭିତରେ ଅନ୍ୟ ପ୍ରକାର ବିଭେଦ ସୃଷ୍ଟି ହେବ। ଫଳରେ ଅପେକ୍ଷାକୃତ ଅଧିକ ମେଧାଶକ୍ତିସମ୍ପନ୍ନ ବ୍ୟକ୍ତିମାନଙ୍କୁ ତାଙ୍କ ନ୍ୟାଯ୍ୟ ଅଧିକାରରୁ ବଞ୍ଚିତ କରାଯିବ। ମାତ୍ର ତାଙ୍କର ଅନିଚ୍ଛା ସତ୍ତ୍ୱେ ଏହି ସଂରକ୍ଷଣ ବ୍ୟବସ୍ଥା ଗ୍ରହଣ କରାଗଲା ମାତ୍ର ଦଶବର୍ଷ ପାଇଁ। ଏହା ଭିତରେ ସ୍ୱାଧୀନତାର ସତୁରି ବର୍ଷ ବିତିଗଲାଣି, ତଥାପି ସେହି ସଂରକ୍ଷଣ ବ୍ୟବସ୍ଥା ଶେଷ ନ ହୋଇ ଦିନକୁ ଦିନ ବଢ଼ି ଚାଲିଛି। ଏହି ପରିପ୍ରେକ୍ଷୀରେ ମନେପଡୁଛି, ଥରେ ବିଶିଷ୍ଟ ସାମ୍ବାଦିକ କୁଲଦୀପ ନାୟାର କହିଥିଲେ- 'ସଂରକ୍ଷଣ ହେଉଛି ଏଭଳି ଏକ ଔଷଧ, ଯାହାର କିଏକ୍ସପାଏରି ତାରିଖ ନାହିଁ।' ସତରେ ଏହା ଏକ ବାସ୍ତବଧର୍ମୀ ବକ୍ତବ୍ୟ। ସଂରକ୍ଷଣ ବ୍ୟବସ୍ଥା ଦ୍ୱାରା କେତେ ଦଳିତ ଲାଭବାନ ହେଲେଣି ତାହାର ହିସାବ କେହି ଜାଣନ୍ତି ନାହିଁ। ସରକାରୀ ସ୍ତରରେ ତର୍ଜମା ମଧ୍ୟ କରାଯାଉନାହିଁ। ଏହା କେବଳ ରାଜନୀତିଆଙ୍କ ତୁଷ୍ଟୀକରଣ ବ୍ୟବସ୍ଥାରେ ପରିଣତ ହୋଇଛି। ଦିନକୁ ଦିନ ଏହି ବ୍ୟବସ୍ଥା ଦଳିତ ଏବଂ ସାଧାରଣ ବର୍ଗଙ୍କ ମଧ୍ୟରେ ଦୂରତାର ଏକ ବଳୟ ସୃଷ୍ଟି କରୁଛି। ବିଭିନ୍ନ ରାଜନୈତିକ ଦଳ ଏଥିରୁ ଫାଇଦା ନେବାରେ ଅହରହ ଚେଷ୍ଟାରତ। କିଛିଦିନ ତଳେ ସର୍ବୋଚ୍ଚ ନ୍ୟାୟାଳୟ ଏକ ମକଦ୍ଦମାର ବିଚାର ବେଳେ କହିଲେ, ଏଣିକି ଜାତିଆଣ ଆକ୍ଷେପ ବାବଦରେ କୌଣସି ଦଳିତ ଅଭିଯୋଗ କଲେ ତାହାର ତଦନ୍ତ କରା ନ ଯାଇ ଅଭିଯୁକ୍ତଙ୍କୁ ଗିରଫ କରାଯାଇପାରିବ ନାହିଁ। କାରଣ ତୁରନ୍ତ ଗିରଫ କରିବା ଦ୍ୱାରା ସମ୍ପୃକ୍ତ ବ୍ୟକ୍ତିଙ୍କର ସାମାଜିକ ସମ୍ମାନରେ ଆଞ୍ଚ ଆସୁଛି। ଏହି ନିର୍ଦ୍ଦେଶ ଏତେ ବାଧିଲା ଯେ ଦଳିତମାନେ ରାସ୍ତାରୋକୋ, ପୋଡ଼ାଜଳା ଆରମ୍ଭ କରିଦେଲେ। ଏହାର ଅର୍ଥ ହେଲା, ସତ୍ୟାସତ୍ୟ ଅନୁସନ୍ଧାନ ନ କରି କିମ୍ବା ଜଣଙ୍କୁ ନ୍ୟାୟ ପାଇଁ ସୁଯୋଗ ନ ଦେଇ ତା'ଙ୍କୁ ଦଣ୍ଡ ଦେବା ଠିକ୍ ବୋଲି ସେମାନଙ୍କର ମତ। ଦଳିତମାନଙ୍କର ଏହି ପ୍ରତିକ୍ରିୟାରେ କିଛି ସାଧାରଣ ବର୍ଗ ଆନ୍ଦୋଳନ ଆରମ୍ଭ କରିଦେଲେ। ଏହିପରି କ୍ରିୟା ଏବଂ ପ୍ରତିକ୍ରିୟା ଆମ ସମାଜ ପାଇଁ କେତେ କ୍ଷତିକାରକ, ତାହା ଆମେ ଚିନ୍ତା କରିବା କଥା।

ଦୀର୍ଘଦିନ ଧରି ସଂରକ୍ଷଣ ବ୍ୟବସ୍ଥାର ପ୍ରଚଳନ ସତ୍ତ୍ୱେ କାହିଁକି ଦଳିତ ଶ୍ରେଣୀର ଅଧିକାଂଶ ଲୋକ ଏ ପର୍ଯ୍ୟନ୍ତ ମୁଖ୍ୟସ୍ରୋତକୁ ଆସି ପାରୁନାହାନ୍ତି, ତାହାର ଏକ ପୁଙ୍ଖାନୁପୁଙ୍ଖ ସର୍ବେକ୍ଷଣ କରାଯାଇ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ବିଧେୟ। ତେବେ ମୋଟାମୋଟି ବିଶ୍ଳେଷଣରୁ ଯାହା ଉପଲବ୍ଧ ହୁଏ, ସଂରକ୍ଷଣ ସତ୍ତ୍ୱେ ଦଳିତମାନଙ୍କର ବିଶେଷ ପ୍ରଗତି ନ ହେବାର ଯେତେ କାରଣ ଅଛି ତନ୍ମଧ୍ୟରୁ ଗୋଟିଏ ପ୍ରମୁଖ କାରଣ ହେଉଛି, ସଂରକ୍ଷଣର ସୁବିଧା ସବୁ ଦଳିତଙ୍କ ନିକଟରେ ପହଞ୍ଚି ପାରୁନାହିଁ। ପଛୁଆଶ୍ରେଣୀ କ୍ଷେତ୍ରରେ ସଂରକ୍ଷଣରେ ଯେପରି ଆର୍ଥିକ ସ୍ୱଚ୍ଛଳ ବର୍ଗଙ୍କୁ ବାଦ୍ ଦିଆଯାଇଥାଏ, ସେପରି ଯଦି ଦଳିତମାନଙ୍କ କ୍ଷେତ୍ରରେ ସ୍ୱଚ୍ଛଳବର୍ଗଙ୍କୁ ବାଦ୍ ଦିଆଯାଆନ୍ତା ତେବେ ହୁଏତ ସେହି ବର୍ଗର ଆର୍ଥିକ ଅନଟନରେ ଘାଣ୍ଟିହେଉଥିବା ଅନ୍ୟମାନେ ଅଧିକ ସୁଯୋଗ ପାଇପାରନ୍ତେ। ଫଳରେ ପର୍ଯ୍ୟାୟକ୍ରମେ ସମସ୍ତେ ଏହି ସଂରକ୍ଷଣର ସୁବିଧା ପାଇ ମୁଖ୍ୟସ୍ରୋତକୁ ଆସିପାରନ୍ତେ। କାରଣ ଜଣେ ଦଳିତବର୍ଗର ଆଇଏଏସ୍ ତାଙ୍କ ପିଲାମାନଙ୍କୁ ଯେପରି ଶିକ୍ଷା ଦେଇପାରିବେ, ଗାଁରେ କାମ କରୁଥିବା ଦଳିତ ଶ୍ରେଣୀର ମୂଲିଆ ସେହି ଶିକ୍ଷା ଦେଇପାରିବେ ନାହିଁ। ତେଣୁ ସଂରକ୍ଷଣ ସୁବିଧା ଥିଲେ ମଧ୍ୟ ତାହାର ଲାଭ ସେ ପାଇପାରିବେ ନାହିଁ। ଏବେ ସର୍ବୋଚ୍ଚ ନ୍ୟାୟାଳୟ ପଦୋନ୍ନତି କ୍ଷେତ୍ରରେ ଦଳିତଶ୍ରେଣୀର ସ୍ୱଚ୍ଛଳବର୍ଗୀୟ କର୍ମଚାରୀମାନେ ଆର୍ଥିକ ଅନଗ୍ରସର ଦଳିତମାନଙ୍କୁ ସୁଯୋଗ ଦେବା ଉଚିତ ବୋଲି ମତ ଦେଇଛନ୍ତି। ମାତ୍ର ସହଜ ସୁଲଭ ଏହି ସୁବିଧାକୁ କିଏ ବା କାହିଁକି ଛାଡ଼ିବ ? ଅନ୍ୟପକ୍ଷରେ ଏ କ୍ଷେତ୍ରରେ ଆଇନ ପ୍ରଣୟନ କରି ବିରୁଡ଼ି ବସାରେ ହାତ ମାରିବାକୁ ବି କୌଣସି ରାଜନୈତିକ ଦଳ ଚାହୁଁନାହାନ୍ତି। ତେଣୁ ଅନନ୍ତକାଳ ଯାଏ ଏହି ସଂରକ୍ଷଣ ବ୍ୟବସ୍ଥା ଚାଲିଥିଲେ ମଧ୍ୟ ନିମ୍ନମଧ୍ୟବିତ୍ତ ଶ୍ରେଣୀର ଦଳିତ ଲୋକମାନେ ବେଶି କିଛି ଲାଭ ପାଇ ନ ପାରି ସେହି ତିମିରରେ ରହିଥିବେ।

ସାମାଜିକ, ଆର୍ଥନୀତିକ ଏବଂ ମାନସିକତାର ପରିବର୍ତ୍ତନ ବିନା ଏ ସଂରକ୍ଷଣ ବ୍ୟବସ୍ଥା ଯେ ଅନ୍ତହୀନ ଭାବେ ଚାଲୁଥିବ ଏବଂ ଦଳିତ ତଥା ସାଧାରଣବର୍ଗଙ୍କ ମଧ୍ୟରେ ଏକ ବିଭାଜନ ରେଖା ସୃଷ୍ଟି କରିଚାଲୁଥିବ- ଏ କଥାକୁ ଅସ୍ୱୀକାର କରାଯାଇ ନ ପାରେ। ମୁଁ ଗୋବିନ୍ଦବାବୁଙ୍କର ଏ ବୟାନକୁ ଶୁଣି ଭାବୁଥିଲି, ସତରେ କ'ଣ ଏ ବ୍ୟବସ୍ଥାର କିଛି ସୁଧାର ଆସିବ ନାହିଁ ?

ବାସୁଦେବବାସ୍ୟମ୍, ଜଗନ୍ନାଥବିହାର, ବାଇପାସ, ଭଦ୍ରକ, ମୋ-୯୪୩୮୪୬୫୪୭୮



ନାରାୟଣ ପଣ୍ଡା

# ଧର୍ମରେ ଖେଚୁଡ଼ି

ଏକଦା ଭକ୍ତପ୍ରବର ହନୁମାନଙ୍କୁ ଭୀମ ପଚାରିଲେ- ଭାଇ ହନୁମାନ, ତୁମେ କ'ଣ ଶ୍ରୀକୃଷ୍ଣଙ୍କୁ ରାମଙ୍କଠାରୁ ପୃଥକ୍ ଜ୍ଞାନ କର ? ହନୁମାନ ହସି କହିଲେ,- ''ଶ୍ରୀନାଥେ ଜାନକୀନାଥେ ଅଭେଦଃ ପରମାତ୍ମନି, ତଥାପି ମମ ସର୍ବସ୍ୱଃ ରାମଃ କମଳଲୋଚନଃ।'' ଅର୍ଥାତ୍ ରାମ ଓ କୃଷ୍ଣଙ୍କ ମଧ୍ୟରେ କୌଣସି ପ୍ରଭେଦ ନାହିଁ। ତଥାପି କମଳଲୋଚନ ଶ୍ରୀରାମ ହେଉଛନ୍ତି ମୋର ଜୀବନସର୍ବସ୍ୱ। କାରଣ ରାମଙ୍କ ଭାବ କୃଷ୍ଣଙ୍କ ପାଖରେ ଅବା କୃଷ୍ଣଙ୍କ ଭାବ ରାମଙ୍କ ପାଖରେ ମିଳିବ ନାହିଁ। ମା', ଭଗିନୀ, ପତ୍ନୀ, କନ୍ୟା ସମସ୍ତେ ନାରୀ। ହେଲେ ଭଗିନୀଙ୍କଠାରେ ମାତାଙ୍କ ଭାବ ନ ଥାଏ। ପତ୍ନୀଙ୍କ ମଧ୍ୟରେ ମା'ଙ୍କ ଭାବ ମିଳିବ ନାହିଁ। ଏହିପରି ଭାବବିପ୍ଳବକୁ ବ୍ୟଭିଚାର ହିଁ କୁହାଯାଏ।

ଶ୍ରୀମନ୍ଦିରରେ ସବୁଧର୍ମର ଅନୁଗାମୀଙ୍କ ପ୍ରବେଶ ବାସ୍ତବରେ ଏହିଭଳି ଏକ ସ୍ଥିତି ଉତ୍ପନ୍ନ କରେ। ଧର୍ମଭିତ୍ତିରେ ଆମର ଜନସଂଖ୍ୟା ହିସାବ ହୁଏ। ସମସ୍ତଙ୍କ ଉପାସନାପୀଠ ସ୍ୱତନ୍ତ୍ର। ମନ୍ଦିର, ମସ୍‌ଜିଦ, ଗିର୍ଜା ଅବା ଗୁରୁଦ୍ୱାରା ଭିନ୍ନ ଭିନ୍ନ ଧର୍ମବିଶ୍ୱାସୀଙ୍କ ପୂଜାପୀଠ। ପ୍ରାଚୀନ ସନାତନ ଧର୍ମର କେତେକ ଧାରାକୁ ବୌଦ୍ଧ, ଜୈନ ଓ ଅଲେଖ ଆଦି ବିରୋଧ କରନ୍ତି। ଇସଲାମ ଓ ଖ୍ରୀଷ୍ଟିଆନ ଏକେଶ୍ୱରବାଦୀ ହେଲେ ମଧ୍ୟ ସେମାନଙ୍କ ଭିତରେ ଭେଦ ଅଛି। କାହାରି ଭାବ ସହ କାହାରି ଭାବ ସମାନ ନୁହେଁ। ବର୍ତ୍ତମାନ ସର୍ବଧର୍ମ ସମନ୍ୱୟ ଆଳରେ କେହି କେହି ବିଶ୍ୱଧର୍ମ ଗଠନ କରିବାକୁ ଆଗ୍ରହୀ। ସେମାନେ ହିନ୍ଦୁ, ମୁସଲମାନ, ଖ୍ରୀଷ୍ଟିଆନ ସମସ୍ତଙ୍କୁ ଏକ କରି ଖେଚୁଡି କରିବାକୁ ଚାହାନ୍ତି। ଏହା କ'ଣ ପ୍ରକୃତ ସର୍ବଧର୍ମ ସମନ୍ୱୟ ?

ସବୁ ଧର୍ମ ମହାନ। ସବୁ ଧର୍ମର ସ୍ୱତନ୍ତ୍ରତା ରହିଛି। ତେବେ ଧାର୍ମିକ ସହାବସ୍ଥାନ ପାଇଁ ଖେଚୁଡି କରିବାର ଆବଶ୍ୟକତା କ'ଣ ? ଏହାଦ୍ୱାରା ସମ୍ପୃକ୍ତ ଧର୍ମର ଭାବଗୁଡିକରେ ଅବନତି ଘଟୁଛି। ଉଦାହରଣ ସ୍ୱରୂପ ଶ୍ରୀମନ୍ଦିରରେ ଅଣହିନ୍ଦୁଙ୍କର ପ୍ରବେଶ କଥା ନିଆଯାଇପାରେ। ଯୁଗ ଯୁଗ ଧରି ଏହା ଏକ ହିନ୍ଦୁପୀଠ। ଭାରତର ଅନ୍ୟ ବଡ ବଡ ମନ୍ଦିର ପରି ଏହି ମନ୍ଦିରର ପ୍ରବେଶ ଦ୍ୱାରରେ କେବଳ ହିନ୍ଦୁମାନଙ୍କର ପ୍ରବେଶ ପାଇଁ ଉଲ୍ଲେଖ ରହିଛି। ଏକ ବିସ୍ତାରଶୀଳ ଆନ୍ତର୍ଜାତିକ ଧର୍ମୀୟ କୂଟନୀତିର ଏହା ଏକ ଅଂଶ ନୁହେଁ ତ !

ମଧ୍ୟଯୁଗରେ ହିନ୍ଦୁମାନଙ୍କୁ ଲୋପକରିବା ପାଇଁ ପ୍ରାଣାନ୍ତକ ଉଦ୍ୟମ କରାଯାଇଥିଲା। ବହୁ ସଂଖ୍ୟାରେ ହିନ୍ଦୁମାନଙ୍କୁ ହତ୍ୟା କରାଯିବା ସହ ମନ୍ଦିର ଉପରେ ଆକ୍ରମଣ କରାଯାଇଥିଲା। ଐତିହାସିକ କେ. ଲାଲ ଲେଖିଛନ୍ତି ୧୦୦୦ ଖ୍ରୀଷ୍ଟାବ୍ଦଠାରୁ- ମହମ୍ମଦ ଗଜନୀଙ୍କ ଆକ୍ରମଣ ୧୫୨୫ ମଧ୍ୟରେ- ସୁଲତାନେଟ ଶାସନ ଶେଷ ସୁଦ୍ଧା ୮୦ ନିୟୁତ ହିନ୍ଦୁଙ୍କ ଜୀବନ ହାନି ଘଟିଥିଲା। ଷ୍ଟିଫେନ ନାପ୍ ତାଙ୍କ ପୁସ୍ତକ 'crimes against India'ରେ ଉକ୍ତ ତଥ୍ୟକୁ ସମର୍ଥନ କରି କହିଛନ୍ତି, ଏହା ବୋଧହୁଏ ମଣିଷ ଜାତିର ଇତିହାସରେ ବିଶ୍ୱର ବୃହତ୍ତମ ଗଣହତ୍ୟା। ସେହିପରି ବେଲଜିୟମର ପ୍ରାଚ୍ୟବିତ୍ କ୍ରୋଏନରାଦ ଏଲଷ୍ଟ (koenrad elast) ଉଲ୍ଲେଖ କରିଛନ୍ତି, ୮୦ନିୟୁତ ଲୋକଙ୍କୁ ହତ୍ୟାକରିବା ଭାରତରେ ଇସଲାମୀ ଜେହାଦର ଏକ ବଡ କୃତିତ୍ୱ। ଦୁଃଖର ସହିତ କୁହାଯିବ, ଐତିହାସିକ ଗଣହତ୍ୟାରେ ଭାରତ ପ୍ରଥମ ସ୍ଥାନରେ ରହିଛି। ଏହା ଥିଲା ଏକ ନିର୍ମମ ଅତୀତର କଥା। ବର୍ତ୍ତମାନ ଏଥିପାଇଁ କାହାକୁ ଉତ୍ତରଦାୟୀ କରାଯାଇ ନ ପାରେ। ବର୍ତ୍ତମାନ ଇସଲାମଧର୍ମୀମାନେ ତାଙ୍କର ଉପାସନା ପୀଠକୁ ନେଇ ବେଶ୍ ଗର୍ବିତ। ସେମାନଙ୍କ ମଧ୍ୟରୁ ହିନ୍ଦୁ ମନ୍ଦିରରେ ପ୍ରବେଶ କରିବା କିମ୍ବା ଦିଅଁ ଦର୍ଶନ କରିବା ପାଇଁ କେଉଁଠି ଦାବି ଉଠିନାହିଁ। କୌଣସି ଇସଲାମୀ କିମ୍ବା ଇସଲାମୀ ସାମାଜିକକର୍ମୀ ହିନ୍ଦୁ ମନ୍ଦିରରେ ପ୍ରବେଶାଧିକାର ଚାହିଁନାହାନ୍ତି। ଶ୍ରୀମନ୍ଦିର ଏକ ପର୍ଯ୍ୟଟନ କେନ୍ଦ୍ର ଅବା ସଂଗ୍ରହାଳୟ ନୁହେଁ। ଏଠାରେ କେବଳ ହିନ୍ଦୁମାନଙ୍କର ଧାର୍ମିକ, ପରମ୍ପରାଗତ ପୂଜାପାର୍ବଣ ଅନୁଷ୍ଠିତ ହୁଏ। ତେବେ ସର୍ବଧର୍ମ ସମନ୍ୱୟ ନାମରେ ଅଣହିନ୍ଦୁ ପ୍ରବେଶର ଦ୍ୱାହି ଦେଇ ମନ୍ଦିରକୁ ସେମାନଙ୍କୁ ନିମନ୍ତ୍ରଣ କରିବା କେତେଦୂର ଯଥାର୍ଥ, ତାହା ବିଚାର୍ଯ୍ୟ। ସେହିପରି 'ହେ ବିଷାଦିତ ଓ ଭାରାକ୍ରାନ୍ତ ମଣିଷ, ସମସ୍ତେ ମୋ ପାଖକୁ ଆସ, ମୁଁ ତୁମକୁ ବିଶ୍ରାମ ଦେବି' - ପ୍ରଭୁ ଯିଶୁଙ୍କ ଏହି ବାଣୀରେ ଉଦ୍‌ବୁଦ୍ଧ ହୋଇ- ଶ୍ରୀଜଗନ୍ନାଥ ଜଗତର ନାଥ ହୋଇଥିବା ପରିପ୍ରେକ୍ଷୀରେ ଇସ୍କନପନ୍ଥୀ କେତେକ ଭାଇଭଉଣୀ ଶ୍ରୀମନ୍ଦିରରେ ପ୍ରବେଶ କରିବା ପାଇଁ ଆଗ୍ରହ ଦେଖାଉଛନ୍ତି।

ନିକଟରେ ମାନ୍ୟବର ସୁପ୍ରିମ୍‌କୋର୍ଟ ଶ୍ରୀମନ୍ଦିରରେ ଅଣହିନ୍ଦୁ ପ୍ରବେଶ ନିମନ୍ତେ ପ୍ରସ୍ତାବ ଦେଇଛନ୍ତି। ବର୍ତ୍ତମାନ ସମସ୍ୟା ଅଣହିନ୍ଦୁ ପ୍ରବେଶ ନୁହେଁ, ମାତ୍ର କେତେକ ହିନ୍ଦୁଙ୍କୁ ନିଷେଧ କରାଯିବା ଭଳି ଅମାନବୀୟ ମାନସିକତା। ହିନ୍ଦୁଧର୍ମର ପ୍ରତ୍ୟେକ ବର୍ଗଙ୍କର ମନ୍ଦିର ପ୍ରବେଶ କରିବା ଜନ୍ମଗତ ଅଧିକାର। ଅସ୍ପୃଶ୍ୟତା ନାମରେ ସ୍ଥାନେ ସ୍ଥାନେ ସେମାନଙ୍କ ମନ୍ଦିର ପ୍ରବେଶକୁ ନିଷେଧ କରାଯାଇ କେତେକ ବ୍ୟକ୍ତି ମଣିଷ ସମାଜକୁ ଭାଗ ଭାଗ କରୁଛନ୍ତି। ପ୍ରଥମେ ଆମ ଧର୍ମକୁ ରକ୍ଷା କରାଯାଉ। ଉଚ୍ଚ ବର୍ଗର ଦ୍ୱାହିଦେଇ ଅନ୍ୟମାନଙ୍କୁ ତାଙ୍କ ଅଧିକାରରୁ ବଞ୍ଚିତ କରିବା ଅଗଣତାନ୍ତ୍ରିକ ନୁହେଁ, ଦେଶର ପ୍ରଚଳିତ ସାମ୍ବିଧାନିକ ନ୍ୟାୟ ବ୍ୟବସ୍ଥା ପ୍ରତି ତାଚ୍ଛଲ୍ୟ କରିବା ସହିତ ସମାନ। ପ୍ରଥମେ ସମସ୍ତ ହିନ୍ଦୁ ଭାରତର ପ୍ରତିଟି ମନ୍ଦିରରେ ପ୍ରବେଶ କରିବାର ଅଧିକାର ଲାଭ କରନ୍ତୁ। ଏହାଦ୍ୱାରା ଭାରତ ମୁହଁରେ ପ୍ରଶାନ୍ତିର ହସ ଉକୁଟି ଉଠିବ। 'ରତ୍ନାକରସ୍ତବ ଗୃହଂ ଗୃହିଣୀ ଚ ପଦ୍ମା, କିଂ ଦେୟମସ୍ତି ଭବତେ ଜଗଦୀଶ୍ୱରାୟ'- ଏହି ସଂସ୍କୃତ ଶ୍ଲୋକଟି କୌଣସି ହିନ୍ଦୁ ପଣ୍ଡିତଙ୍କ ଲେଖା ନୁହେଁ। ଅବ୍‌ଦୁଲ ରହିମ ଖାନଖାନା ଏହାର ରଚୟିତା। 'ଶ୍ରୀରଙ୍ଗାଚରଣ ତଳେ କରୁଛି ମୁଁ ଜଣାଣ' ସାଲବେଗ ଗାଇଥିଲେ। ଏମାନେ ଦିନେ ମନ୍ଦିର ଯାଇ ନ ଥିଲେ। ସେମାନଙ୍କ ହୃଦୟ ମନ୍ଦିରରେ ଆସନ ପାତି ବସିଥିଲେ ଶ୍ରୀଜଗନ୍ନାଥ।

ନବରଙ୍ଗପୁର, ମୋ-୯୪୩୭୧୧୮୯୬୨

## ଏଇ ଭାରତରେ

ମହିଳାମାନେ ସ୍ୱାମୀଙ୍କୁ ସତ୍‌ପଥରେ ଚାଲିବାକୁ ପରାମର୍ଶ ଦେଇଥାଆନ୍ତି। କିନ୍ତୁ ନିଜର ସୁଖସମୃଦ୍ଧି ପାଇଁ ସ୍ୱାମୀଙ୍କୁ ଚୋରି କରିବାକୁ ଉତ୍ସାହିତ କରିବା ଘଟଣା କ୍ୱଚିତ୍ ଦେଖାଯାଏ। ଏପରି ଏକ ଘଟଣା ବେଙ୍ଗାଲୁରୁଠାରେ ଘଟିଛି। ମହାଦେବୀ ନାମ୍ନୀ ୨୮ ବର୍ଷୀୟା ଜଣେ ମହିଳା ତାଙ୍କ ସ୍ୱାମୀଙ୍କୁ ସୁନାଚେନ୍ ଛିଡାଇ ଆଣିବା ଭଳି କୁପ୍ରରୋଚନା ଦେଇଥିବାରୁ ଶେଷରେ ଗିରଫ ହୋଇଛନ୍ତି। ବାଲାରି ଜିଲାର ହୁବିନା ହଡାଗଲି ଥାନାରେ ଏ ସଂକ୍ରାନ୍ତରେ ଏକ ମାମଲା ରୁଜୁ ହୋଇଛି। କୁମ୍ଭାଲଗୋଡୁର ବାସିନ୍ଦା ଏହି ମହିଳା ଜଣକ ବଦଖର୍ଚ୍ଚ କରି ବେଶ୍ ଆୟସରେ ଜୀବନଯାପନ ପାଇଁ ପସନ୍ଦ କରନ୍ତି। ତେଣୁ ସେ ବଡ ବଡ ମଲ୍‌କୁ ଯାଇ ନିଜ ରୁଚିର ସୌଖୀନ ଦ୍ରବ୍ୟ କିଣିବାରେ ବେଶ୍ ଅଭ୍ୟସ୍ତ। ତାଙ୍କ ସ୍ୱାମୀ ଜଣେ ମହିଳାଙ୍କ ବେକରୁ ସୁନାଚେନ୍ ଛିଡାଇବା ଏବଂ ଡକାୟତି କରିବା ଘଟଣାରେ ପୂର୍ବରୁ ପୋଲିସର ଗୁଳିମାଡର ଶିକାର ହେବା ସହିତ ଗିରଫ ହୋଇଥିଲେ। ମହାଦେବୀଙ୍କୁ ସୋମବାର ଗିରଫ କରାଯାଇଛି। ତଦନ୍ତରୁ ଜଣାପଡିଛି, ମହାଦେବୀ ଅର୍ଥ ଅଭାବର ସମ୍ମୁଖୀନ ହେଲେ ତାଙ୍କ ସ୍ୱାମୀଙ୍କୁ ଚୋରି, ଡକାୟତି ପାଇଁ ବାଧ କରନ୍ତି। ମହାଦେବୀଙ୍କ ସ୍ୱାମୀଙ୍କଠାରୁ ପ୍ରାୟ ୧କୋଟି ଟଙ୍କା ମୂଲ୍ୟର ୩.୫ କେଜି ସ୍ୱର୍ଣ୍ଣାଳଙ୍କାର ଜବତ ହେବାପରେ ସେ ପାଖାପାଖି ୧୦୫ଟି ଚୋରି ମାମଲାରେ ଜଡିତ ଥିବା ଜଣାପଡିଥିଲା। ମହାଦେବୀ ସ୍ୱାମୀଙ୍କୁ କେତେକ ଚୋରି ଘଟଣାରେ ସହାୟତା ମଧ୍ୟ କରିଥିଲେ। ଏହି ଦମ୍ପତି ନିଜ ବନ୍ଧୁଘରକୁ ଯାଇ ସେଠାରୁ ମଧ୍ୟ ୩ଲକ୍ଷ ଟଙ୍କା ଓ ସୁନା ଚୋରି କରିଥିବା ଅଭିଯୋଗ ହୋଇଛି।

## ୨୫ ବର୍ଷ ତଳର ଧରିତ୍ରୀ

୨୨ ସେପ୍ଟେମ୍ବର ୧୯୯୩

- ରୁଷ୍ ରାଷ୍ଟ୍ରପତି ବୋରିସ୍ ୟେଲଟସିନ୍ ଅଚାନକ ରୁଷିଆର ପାର୍ଲାମେଣ୍ଟକୁ ଭଙ୍ଗକରି ସାନି ନିର୍ବାଚନ ଘୋଷଣା କରିଛନ୍ତି।
- ଜିମ୍ବାୱେରେ ମୋଟ ୧୦,୫୫୧ ଏଡ୍‌ସ ରୋଗୀଙ୍କୁ ଚିହ୍ନଟ କରାଯିବା ସହ ଏଡ୍‌ସ ରୋଗରେ ଏହା ଆଫ୍ରିକାର ୫ମ ବୃହତ୍ତମ ଦେଶ ବୋଲି ଜଣାପଡିଛି।



ଜିଲା ଡାଏରୀ

ଯାଜପୁର

## ମିଳୁନି ନିମ୍ନତମ ପୌରସେବା

ଓଡିଶାର ପୁରାତନ ରାଜଧାନୀ ଯାଜପୁର ଏକ ଶିଳ୍ପସମୃଦ୍ଧ ଜିଲା। ଏଠାରେ ମା' ବିରଜାଙ୍କ ମନ୍ଦିର ସମେତ ଅନେକ ତୀର୍ଥସ୍ଥାନ ରହିଛି। ପ୍ରତିଦିନ ସହରକୁ ରାଜ୍ୟ ଓ ରାଜ୍ୟ ବାହାରୁ ବିଭିନ୍ନ କାର୍ଯ୍ୟରେ ଲୋକ ଆସୁଛନ୍ତି। କିନ୍ତୁ ସହରର ଏଭଳି ଏକ ମୁଖ୍ୟ ରାସ୍ତା ନାହିଁ ଯାହା ଠିକ୍ ଅବସ୍ଥାରେ ଅଛି। ଗରିଆପୁର- ମେଡିକାଲ ରାସ୍ତା, ଗାନ୍ଧୀଛକ-ମାର୍କେଟ ଛକ, ବିରଜା ମନ୍ଦିର- ଗରିଆପୁର, ଅଠରନାଳ ପୋଲ, କୁଆସରାପୁର ଛକ, ବଡ଼ବଜାର-ସାନବଜାର ପ୍ରଭୃତି ରାସ୍ତାରେ ହୋଇଥିବା ଢଳେଇ ଉଠିଯାଇ ବଡ଼ ବଡ଼ ଗର୍ତ୍ତ ସୃଷ୍ଟି ହୋଇଛି। ସହରର ପ୍ରମୁଖ ବଜାର ରାସ୍ତା ଓସାରିଆ ହୋଇଛି ସତ, ହେଲେ ଆଭ୍ୟନ୍ତରୀଣ ୱାର୍ଡମାନଙ୍କରେ ନିମ୍ନମାନର କାର୍ଯ୍ୟ ଯୋଗୁ ରାସ୍ତା ବିପର୍ଯ୍ୟସ୍ତ ହୋଇପଡିଛି। ଜିଲାପାଳଙ୍କ କାର୍ଯ୍ୟାଳୟ ସମେତ କୁଆସରାପୁର, ବ୍ରହ୍ମାକୁଣ୍ଡ, ଶିକ୍ଷା ବିଭାଗ ପ୍ରଭୃତି ଅଞ୍ଚଳ ସାମାନ୍ୟ ବର୍ଷାରେ ଜଳମଗ୍ନ ହେଉଛି। ଦେବୀଗୌଡା ଘାଟ ନିକଟରେ କୁଢ କୁଢ ଆବର୍ଜନା ପଡିରହିଛି। କୋଟି କୋଟି ଟଙ୍କା ବିନିଯୋଗରେ କରାଯାଇଥିବା କୁସୁମା ପୋଖରୀ ସାଧାରଣ ଲୋକଙ୍କ କାମରେ ଲାଗୁନି। ନିମ୍ନତମ ପୌରସେବା ଦେବା ପରିବର୍ତ୍ତେ ମ୍ୟୁନିସିପାଲିଟୀ ଅନ୍ୟ କେଉଁ କାର୍ଯ୍ୟରେ ମାତିଛି ସହରବାସୀଙ୍କୁ ତାହା ଅଗୋଚର।

-ହର୍ଷବର୍ଦ୍ଧନ ବେହେରା

## ପାଠକ ଶ୍ରେଷ୍ଠ ବିଚାରକ

### ସମଲିଙ୍ଗୀ ସମ୍ପର୍କ

ମହାଶୟ,

ଧରିତ୍ରୀରେ ପ୍ରକାଶିତ ନିରଞ୍ଜନ ପାଢ଼ୀଙ୍କ ନିବନ୍ଧ 'ନ୍ୟାୟ, ନୀତି ଓ ସମଲିଙ୍ଗୀ ସଂପର୍କ'ରେ ଲେଖକ ସର୍ବୋଚ୍ଚ ନ୍ୟାୟାଳୟର ନିଷ୍ପତ୍ତି ଉପରେ ଆଲୋଚନା କରିଛନ୍ତି। ସର୍ବୋଚ୍ଚ ନ୍ୟାୟାଳୟ ସମଲିଙ୍ଗୀ ସଂପର୍କକୁ ବୈଧ ଘୋଷଣା କରିବା ଦ୍ୱାରା ନ୍ୟାୟ କିପରି ନୈତିକତାଠାରୁ ଦୂରେଇଯାଉଛି, ସେ ସମ୍ବନ୍ଧରେ ଲେଖକ ସ୍ୱମତ ବ୍ୟକ୍ତ କରିଛନ୍ତି। ସେ ବିବାହମୁକ୍ତ ସହବାସୀ ସଂପର୍କର ନୈତିକତା ଉପରେ ମଧ୍ୟ ପ୍ରଶ୍ନ ଉଠାଇଛନ୍ତି। ସେ ଉଠାଇଥିବା ପ୍ରଶ୍ନଗୁଡ଼ିକ ପ୍ରତ୍ୟେକ ଚିନ୍ତାଶୀଳ ଭାରତୀୟ ନାଗରିକର ପ୍ରଣିଧାନଯୋଗ୍ୟ।

ସତ୍ୟନାରାୟଣ ରଥ, ଶହୀଦନଗର, ଭୁବନେଶ୍ୱର

### ଅବ୍ୟବସ୍ଥିତ ମଧ୍ୟାହ୍ନଭୋଜନ

ଗଣେଶ ପୂଜା ଏବଂ ସରସ୍ୱତୀ ପୂଜା ଶିକ୍ଷାନୁଷ୍ଠାନମାନଙ୍କରେ ଦୁଇଟି ପବିତ୍ର ଦିବସ। ଏହି ଦିବସ ଦୁଇଟିରେ ଶିକ୍ଷାର୍ଥୀମାନେ ଆମିଷ ନ ଖାଇ ନିରାମିଷ ଖାଇଥାନ୍ତି। ଗଣେଶ ପୂଜା ଓ ସରସ୍ୱତୀ ପୂଜା ଏହି ଦିନ ଦୁଇଟି କାର୍ଯ୍ୟଦିବସ ନୁହେଁ। ଏହି ଦୁଇଟି ପାଳନୀୟ ଦିବସ। ଏବେ ସରକାର ପାଳନୀୟ ଦିବସଗୁଡ଼ିକରେ ମଧ୍ୟାହ୍ନଭୋଜନ ଯୋଗାଇଦେବାକୁ ସ୍ଥିର କରିଛନ୍ତି। ପ୍ରକାଶଥାଉ କି, ପୁରୀ ଅକ୍ଷୟପାତ୍ର ଫାଉଣ୍ଡେଶନ ଗଣେଶ ପୂଜାରେ କେବଳ ଡାଲମା ଓ ଅଳ୍ପ କିଛି ଖିରି ସ୍କୁଲମାନଙ୍କୁ ଯୋଗାଇଥିଲା। ଗଣେଶ ପୂଜାରେ ପିଲାଙ୍କୁ ଅରୁଆ ଚାଉଳରେ ଭାତ ଗଣ୍ଡେ ବି ମିଳି ନ ଥିଲା। ସରକାର ଏଭଳି ଯୋଜନା କରି ପ୍ରହସନ କରୁଛନ୍ତି କାହିଁକି ?

ସୁକାନ୍ତ କୁମାର ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସାକ୍ଷୀଗୋପାଳ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୨୨ ସେପ୍ଟେମ୍ବର, ୨୦୧୮






## ଜିଏସ୍‌ଟିରେ ଅତିରିକ୍ତ ସେସ୍ ଆଦାୟ ଲାଗି ଜେଟ୍‌ଲୀଙ୍କ ପ୍ରସ୍ତାବ

**ନୂଆଦିଲ୍ଲୀ,୨୧-୯:** କେରଳ ବନ୍ୟା ପୀଡିତଙ୍କୁ ସହାୟତା ଲାଗି ଜିଏସ୍‌ଟି ଅଧୀନରେ ଅତିରିକ୍ତ ସେସ୍ ଆଦାୟ କରିବାକୁ କେନ୍ଦ୍ର ଅର୍ଥ ମନ୍ତ୍ରୀ ଅରୁଣ ଜେଟ୍‌ଲୀ ପ୍ରସ୍ତାବ ଦେଇଛନ୍ତି। ଏ ସଂକ୍ରାନ୍ତରେ କେରଳ ଅର୍ଥ ମନ୍ତ୍ରୀ ଥୋମାସ ଇସାକ୍ ଶୁକ୍ରବାର ସୂଚନା ଦେଇଛନ୍ତି। ନିଜର ଟୁଇଟ୍ ଜରିଆରେ ସେ କହିଛନ୍ତି, ଆସନ୍ତା ୨୮ରେ ହେବାକୁ ଥିବା ଜିଏସ୍‌ଟି କାଉନସିଲ ବୈଠକରେ ଏ ସଂକ୍ରାନ୍ତରେ ଆଲୋଚନା ହେବ।

"ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି, ନୈନଂ ଦହତି ପାବକଃ
ନ ଚୈନଂ କ୍ଲେଦୟନ୍ତ୍ୟାପୋ, ନ ଶୋଷୟତି ମାରୁତଃ"

ଆମର ଚିରନମସ୍ୟ



✓ ଡକ୍ଟର ଭ୍ରମରବର ବେହେରା
୧୨ ମେ ୧୯୨୪ - ୧୨ ସେପ୍ଟେମ୍ବର ୨୦୧୮

ଆପଣଙ୍କ ସମ୍ପୂର୍ଣ୍ଣ ଜୀବନ ଆପଣଙ୍କ ପରିବାରର ମଙ୍ଗଳ
ଓ ସାମାଜିକ ସେବା ପାଇଁ ଉତ୍ସର୍ଗୀକୃତ ରହିଥିଲା।
ଆପଣଙ୍କ ସନ୍ତାନ ଭାବେ ଆମେ ଆଜି ଅତି ଗର୍ବ ଅନୁଭବ କରୁଅଛୁ
ଏବଂ ଆପଣଙ୍କ ଆଦର୍ଶ ଓ ପ୍ରଦର୍ଶିତ ଜୀବନଯାତ୍ରାର ମାର୍ଗରେ
ଆମେ ଅଗ୍ରସର ପାଇଁ ସଦା ପ୍ରଚେଷ୍ଟାରତ।

ଶୋକସନ୍ତପ୍ତ ବେହେରା ପରିବାର
ଜାମସେଦପୁର • ପୁନେ • କଟକ • ଭୁବନେଶ୍ୱର

Dabur

ମାଂଶପେଶୀ ଏବଂ ଆଣ୍ଠୁଗଣ୍ଠି ଯନ୍ତ୍ରଣା ବିରୁଦ୍ଧରେ
ଉଠାନ୍ତୁ ଏକ ପ୍ରାକୃତିକ ଭାବେ ସୁଦୃଢ ପଦକ୍ଷେପ।

ମହାମାଷ ତେଲ




ଡାବର ଆରୋଗ୍ୟ: ନିଃଶୁଳ୍କ ଡାକ୍ତରୀ ପରାମର୍ଶ - 1800-103-1644 (ଟୋଲ ଫ୍ରି)

### ଅଭିଜିତଙ୍କ ଆପତ୍ତିଜନକ ମନ୍ତବ୍ୟ ପ୍ରସଙ୍ଗ

# ଆଜି ବସିବ ବିଧାନସଭା ଗୃହ କମିଟି

**ଭୁବନେଶ୍ୱର,୨୧।୯(ବ୍ୟୁରୋ)**

ଅଭିଜିତ ଆୟର ମିତ୍ରଙ୍କ ଆପତ୍ତିଜନକ ମନ୍ତବ୍ୟକୁ ଯାଞ୍ଚ କରିବାକୁ ଶନିବାର ଅପରାହ୍ନ ୪ଟାରେ ବିଧାନସଭା ଗୃହ କମିଟି ବୈଠକ ହେବ। ବିରୋଧୀ ଦଳ ନେତା ନରସିଂହ ମିଶ୍ରଙ୍କ ଅଧ୍ୟକ୍ଷତାରେ ଗଠିତ ଏହି କମିଟି ଆୟରଙ୍କ ଟୁଇଟର ଯାଞ୍ଚ କରିବା ସହ ସ୍ୱାଧିକାର ଭଙ୍ଗ ନେଇ ଆଇନଗତ ଦିଗଗୁଡିକର ତର୍ଜମା କରିବ। ପରବର୍ତ୍ତୀ ପଦକ୍ଷେପ କ'ଣ ନିଆଯାଇ ପାରିବ ସେ ନେଇ ପୁଙ୍ଖାନୁପୁଙ୍ଖ ଆଲୋଚନା ହେବ। ଏହି ୬ ଜଣିଆ କମିଟିରେ ଭାଜପା ବିଧାୟକ ଦଳ ନେତା କେ.ଭି. ସିଂଦେଓ, ବିଜେଡି ବିଧାୟକ ଦେବୀ ପ୍ରସାଦ ମିଶ୍ର, ଅରୁଣ ସାହୁ, ସଞ୍ଜୟ ଦାସବର୍ମା ଏବଂ ପ୍ରମିଳା ମଲ୍ଲିକ ସଦସ୍ୟ ରହିଛନ୍ତି। ବିଧାନସଭାର ଗତ ମୌସୁମୀ ଅଧିବେଶନରେ ପୁରୀ ଶ୍ରୀଜଗନ୍ନାଥ ମନ୍ଦିର, କୋଣାର୍କ ଓ ବିଧାନସଭା ସଭ୍ୟଙ୍କ ବିରୋଧରେ ଆୟର ଦେଇଥିବା ଆପତ୍ତିଜନକ ମନ୍ତବ୍ୟକୁ ନେଇ ହଟ୍ଟଗୋଳ ହୋଇଥିଲା। ବିରୋଧୀ ଦଳ ନେତା ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ସ୍ୱାଧିକାର ଭଙ୍ଗ ପ୍ରସ୍ତାବ ଆଣିଥିଲା। ଗୃହରେ ସର୍ବସମ୍ମତିକ୍ରମେ ଏହାକୁ ପାରିତ କରାଯିବା ପରେ ବାଚସ୍ପତି ଘଟଣାର ତଦନ୍ତ କରିବାକୁ ବିଧାନସଭାର ଗୃହ କମିଟି ଗଠନ କରିଛନ୍ତି। ଏହି କମିଟି ଆସନ୍ତା ଅଧିବେଶନରେ ବିଧାନସଭାରେ ରିପୋର୍ଟ ଉପସ୍ଥାପନ କରିବ। ନୂଆଦିଲ୍ଲୀଠାରେ ଆୟରଙ୍କୁ ଗୁରୁବାର ଗିରଫ କରାଯାଇଥିଲା। ପରେ ସେ ଜାମିନରେ ମୁକୁଳି ଥିଲେ।

# ଶ୍ରୀନଅରରେ ସୁନିଆ

## ଚାଲିଲା ୬୧ ଅଙ୍କ, ୧୪୨୬ ସାଲ



**ପୁରୀ ଅଫିସ, ୨୧।୯**

ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ଶାସନରେ ୬୦ ଅଙ୍କ ଶେଷ ହୋଇଛି। ଶୁକ୍ରବାର ସୁନିଆ ଅବସରରେ ୬୧ ଅଙ୍କ ଏବଂ ୧୪୨୬ ସାଲ ଆରମ୍ଭ ହୋଇଛି। ସେଥିପାଇଁ ଶ୍ରୀନଅରରେ ପାରମ୍ପରିକ ରୀତିରେ ରାଜ ପରମ୍ପରା ଅନୁଷ୍ଠିତ ହୋଇଥିଲା। ପ୍ରାତଃରୁ ରାଜଗୁରୁମାନେ ଶୁଭଖୁଣ୍ଟି ଅନୁକୂଳ କରି ଯଥାବିଧି ଦେବାର୍ଚ୍ଚନା ନୀତି ସମ୍ପନ୍ନ କରିଥିଲେ। ସନ୍ଧ୍ୟାରେ ପଞ୍ଚ ଦେବତା ପୂଜା, ରାମାଭିଷେକ ପୂଜା ଅନୁଷ୍ଠିତ ହୋଇଥିଲା। ଏହାପରେ ମଙ୍ଗଳାର୍ପଣ ନୀତି ହୋଇ ଅନ୍ୟାନ୍ୟ ବିଧି ସମ୍ପନ୍ନ କରାଯାଇଥିଲା। ଅଙ୍କ କଟାଯାଇ ଘୋଷଣା କରାଯାଇଥିଲା। ଗଜପତି ମହାରାଜା ଗାଦିସୀନ ହେବା ପରେ ଅବିଧ ଲାଗି କରାଯାଇଥିଲା। ଗଜପତି ମହାରାଜାଙ୍କୁ ପ୍ରଜା ଏବଂ କର୍ମଚାରୀମାନେ ସୁନିଆ ଭେଟି ଦେଇଥିଲେ। ଗଜପତି ମହାରାଜାଙ୍କ ପାରମ୍ପରିକ ରାଜଗୁରୁ ଦେବୀ ପ୍ରସାଦ ରାଜଗୁରୁ ଉପସ୍ଥିତ ରହି ରାଜଗୁରୁ ସେବା କରିଥିଲେ। ସୁନିଆ ପରମ୍ପରା ସମ୍ପର୍କରେ ରାଜଗୁରୁ କହିଛନ୍ତି ଯେ, ସୁନିଆରେ ଗଜପତି ମହାରାଜାଙ୍କ ନବବର୍ଷର ଅୟମାରମ୍ଭ ହୋଇଥାଏ। ଗଜପତି ମହାରାଜାଙ୍କ ୬୧ଅଙ୍କ ପ୍ରଚଳିତ ହେଲା, ୧୪୨୬ ସାଲ ପ୍ରବେଶ କଲା। ଅଙ୍କ କଟାର ପରମ୍ପରା ଅଦ୍ୟାବଧି ପ୍ରଚଳିତ ରହିଛି। ଅଙ୍କ କଟାର ସ୍ୱତନ୍ତ୍ର ବିଧି ମଧ୍ୟ ରହିଛି। ସବୁ ଅଙ୍କକୁ ଗ୍ରହଣ କରାଯାଏ ନାହିଁ। ଯେଉଁ ଅଙ୍କର ଦକ୍ଷିଣ ପଟରେ ଶୂନ ରହିଥିବ ତାହାକୁ ଗ୍ରହଣ କରାଯାଏ ନାହିଁ। କିନ୍ତୁ ୧୦କୁ ଗ୍ରହଣ କରାଯାଏ। ଯେଉଁ ଅଙ୍କର ଦକ୍ଷିଣ ପଟେ ୬ ରହିଥିବ ତାହା ମଧ୍ୟ ଗ୍ରହଣ କରାଯାଏ ନାହିଁ।

### ମହାପ୍ରସାଦ ଦର ତାଲିକାକୁ ନେଇ ଦ୍ୱନ୍ଦ୍ୱ

# ଲଗାଇଥିଲେ, ହଟାଇଦେଲେ

**ପୁରୀ ଅଫିସ,୨୧।୯**

ଶ୍ରୀମନ୍ଦିର ଆନନ୍ଦ ବଜାରରେ ଶୁକ୍ରବାର ଲାଗିଥିବା ମହାପ୍ରସାଦ ଦର ତାଲିକାକୁ ନେଇ ଦ୍ୱନ୍ଦ୍ୱ ଉପୁଜିଛି। ଲାଗିଥିବା ତାଲିକା ତଳେ ମୁଖ୍ୟ ପ୍ରଶାସକ, ଶ୍ରୀମନ୍ଦିର ପ୍ରଶାସନ ଲେଖାଥିବାରୁ ଭକ୍ତ ଦ୍ୱନ୍ଦ୍ୱରେ ପଡିଛନ୍ତି। ପରେ ଏହି ତାଲିକାକୁ ହଟାଇ ଦିଆଯାଇଛି। ସକାଳେ ଆନନ୍ଦ ବଜାରରେ ଏବଂ ଶୁଆଶାରୀ ମନ୍ଦିର ନିକଟରେ ଗୋଟିଏ ଲେଖାଏ ମହାପ୍ରସାଦ ଦର ତାଲିକା ଲାଗିଥିଲା। ଏ ସମ୍ପର୍କରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ରଙ୍କୁ ପଚାରିବାରୁ ସେ ଏ ବିଷୟରେ ଜାଣି ନ ଥିବା କହିବା ସହ ଏହାକୁ ଅନୁମୋଦନ କରି ନ ଥିବା କହିଥିଲେ। ପରିଚାଳନା କମିଟିରେ ମଧ୍ୟ ଏହି ଦର ତାଲିକା ଅନୁମୋଦନ ପାଇନାହିଁ। ପରିଚାଳନା କମିଟି ବୈଠକରେ ଦର ଧାର୍ଯ୍ୟ ପରେ ଏହା ଲଗାଯିବ। ତେଣୁ ଲାଗିଥିବା ତାଲିକାକୁ ହଟାଇ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ତାଙ୍କ ନିର୍ଦ୍ଦେଶ ମୁତାବକ ଲାଗିଥିବା ଦୁଇଟି ଫ୍ଲେକ୍ସକୁ ହଟାଇ ଦିଆଯାଇଥିଲା। ତେବେ ଲଗାଇ ପୁଣି କାହିଁକି ହଟାଇ ଦିଆଗଲା, ତାହାକୁ ନେଇ ନାନା ପ୍ରକାର ଚର୍ଚ୍ଚା ସୃଷ୍ଟି ହୋଇଛି।

ଆନନ୍ଦ ବଜାରରେ ଶୃଙ୍ଖଳା ଆଣିବା ଲାଗି ଶ୍ରୀମନ୍ଦିର ପ୍ରଶାସନ ବିଭିନ୍ନ ପ୍ରକାର ପଦକ୍ଷେପ ଆରମ୍ଭ କରିଛି। ଏ ନେଇ ସୁଆର ମହାସୁଆର ନିଯୋଗ ସହ ଏକାଧିକ ଥର ଆଲୋଚନା କରିଛି। ଅନେକ ସମୟରେ ଆନନ୍ଦ ବଜାରରେ ଭକ୍ତଙ୍କୁ ଶୋଷଣ କରାଯାଉଥିବା ନେଇ ଅଭିଯୋଗ ହେଉଥିବାରୁ ମହାପ୍ରସାଦ ଦର ତାଲିକା (କୁଡୁଆ ଚିତ୍ର ସହ କାହାର ମୂଲ୍ୟ କେତେ) ସ୍ପଷ୍ଟ ଭାବେ ପ୍ରଦର୍ଶିତ ହେବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ଏଥିପାଇଁ ସୁଆର ମହାସୁଆର ନିଯୋଗ ଏକ ଦର ତାଲିକା ପୂର୍ବରୁ ଶ୍ରୀମନ୍ଦିର ପ୍ରଶାସନକୁ ଦେଇଥିଲା। ପ୍ରଶାସନ ଅନୁମତି ଦେବା ପରେ ଏହାକୁ ଆନନ୍ଦ ବଜାରରେ ଲଗାଯିବ ବୋଲି ସୂଚନା ମିଳିଥିଲା।



ପୂର୍ବୋଦୟରୁ ହେବ...
...ନବ ଭାରତର ଉଦୟ

ଏନ୍‌ଟିପିସିର ଦୁଲଙ୍ଗା କୋଇଲାଖଣି, ସୁନ୍ଦରଗଡ଼

- ଓଡିଶା ରାଜ୍ୟରେ ଏନ୍‌ଟିପିସିର ପ୍ରଥମ ଖଣି ଦୁଲଙ୍ଗା ରୁ ପ୍ରତିବର୍ଷ 7 ମିଲିୟନ୍ ମେଟ୍ରିକ୍ ଟନ୍ କୋଇଲା ଉତ୍ପାଦନ
- ବିଦ୍ୟୁତ୍ ଉତ୍ପାଦନରେ ବୃଦ୍ଧି ଯୋଗୁଁ ନାଗରିକମାନଙ୍କର ଜୀବନସ୍ତରରେ ଉନ୍ନତି ହେବ
- ଅଞ୍ଚଳର ଆର୍ଥିକ ବିକାଶରେ ସହାୟତା
- ନୂଆ ରୋଜଗାରର ସୁଯୋଗ
- କୌଶଳ ବିକାଶ ଏବଂ ଶିକ୍ଷା ଉପରେ କେନ୍ଦ୍ରୀତ ସାମାଜିକ ଦାୟିତ୍ୱ

ର

ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀଙ୍କ
ଦ୍ୱାରା
ରାଷ୍ଟ୍ରକୁ ସମର୍ପଣ

ଶନିବାର, 22 ସେପ୍‌ଟେମ୍ବର, 2018 ଅପରାହ୍ନ 12.35 ଟାରେ
ଝାରସୁଗୁଡା, ଓଡିଶା ରେ







ଗାରୀମାମୟ ଉପସ୍ଥିତିରେ

ପ୍ର. ଗଣେଶି ଲାଲ
ରାଜ୍ୟପାଳ, ଓଡିଶା

ନବୀନ ପଟ୍ଟନାୟକ
ମୁଖ୍ୟମନ୍ତ୍ରୀ, ଓଡିଶା

ସୁରେଶ ପ୍ରଭୁ
ବାଣିଜ୍ୟ, ଶିଳ୍ପ ଏବଂ ବେସାମରିକ
ବିମାନ ଚଳାଚଳ କେନ୍ଦ୍ର ମନ୍ତ୍ରୀ

ଜୁଏଲ୍ ଓରାମ୍
କେନ୍ଦ୍ରୀୟ ମନ୍ତ୍ରୀ,
ଜନଜାତୀୟ କାର୍ଯ୍ୟ ମନ୍ତ୍ରାଳୟ

ଧର୍ମେନ୍ଦ୍ର ପ୍ରଧାନ
ପେଟ୍ରୋଲିୟମ୍ ଓ ପ୍ରାକୃତିକ ଗ୍ୟାସ୍ ଏବଂ କୌଶଳ
ବିକାଶ ଏବଂ ଉଦ୍ୟୋଗୀକ କେନ୍ଦ୍ର ମନ୍ତ୍ରୀ

ଡଃ ପ୍ରଭାସ କୁମାର ସିଂ
ସାଂସଦ

ନବକିଶୋର ଦାସ
ବିଧାୟକ, ଓଡିଶା

ରାଧାରାଣୀ ପଣ୍ଡା
ବିଧାୟକ, ଓଡିଶା

ଶକ୍ତି ମନ୍ତ୍ରାଳୟ
ଭାରତ ସରକାର
www.powermin.nic.in

ଏନ୍‌ଟିପିସି : ଏକ ଶକ୍ତିଶାଳୀ କଂପାନୀ
- ସମୁଦାୟ ସଂସ୍ଥାପନ କ୍ଷମତା 53,651 ମେଗାୱାଟ୍
- 21ଟି କୋଇଲା ଆଧାରିତ, 7 ଗ୍ୟାସ୍/ତରଳ ଇନ୍ଧନ ଆଧାରିତ, 1 ଟି ହାଇଡ୍ରୋ, 11 ଟି ସୌରଶକ୍ତି, 1ଟି ପବନ ଶକ୍ତି, 1ଟି ଲଘୁ ହାଇଡ୍ରୋ ଏବଂ 9ଟି ଯୁଗ୍ମ ଉପକ୍ରମ ପାୱାର ଷ୍ଟେସନ୍ ପରିଚାଳିତ
- 21,000 ମେଗାୱାଟ୍ ରୁ ଅଧିକ କ୍ଷମତା ନିର୍ମାଣରତ
- 2032 ବର୍ଷ ସୁଦ୍ଧା 130 ଗିଗାୱାଟ୍ କ୍ଷମତାର କଂପାନୀ କରାଇବାର ଲକ୍ଷ୍ୟ



ଉତ୍ତରପ୍ରଦେଶ ଆଲିଗଡ଼ ପୋଲିସର ଏନ୍‌କାଉଣ୍ଟରର ଭିଡିଓ ଶୁଟିଂ କରିବା ପାଇଁ ଟିଭି ଖବରଦାତାଙ୍କୁ ନିମନ୍ତ୍ରଣ ଦେବା ବିଷୟକୁ ନେଇ ଚର୍ଚ୍ଚା । ୨ ଅଭିଯୁକ୍ତଙ୍କୁ ଟାର୍ଗେଟ୍ କରି ସଶସ୍ତ୍ର ପୋଲିସ କର୍ମଚାରୀ ଲକ୍ଷ୍ୟଭେଦ କୌଶଳକୁ କ୍ୟାମେରାରେ କଏଦ କରିଥିଲେ ଖବରଦାତା । ୬ଟି ହତ୍ୟା ମାମଲାରେ ଉଭୟଙ୍କୁ ପୋଲିସ ଖୋଜୁଥିଲା । ଅଭିଯୁକ୍ତଙ୍କ ଠିକଣା ପାଇବା ପରେ ପୋଲିସ ପକ୍ଷରୁ ଏହି ଅପରେସନ୍ କରାଯାଇଛି ।




ପ୍ରଥମ ପୃଷ୍ଠାରୁ...


## 'ଡାଏ' ...

ମୟୂରଭଞ୍ଜ ୭୯.୮, ଢେଙ୍କାନାଳ ୭୦.୮, କେନ୍ଦୁଝର ୬୧.୫, ନୟାଗଡ ୫୯.୫, କନ୍ଧମାଳ ୫୯.୫, କଟକ ୫୮.୧, ଅନୁଗୋଳ ୫୬.୫ ଏବଂ ନୂଆପଡା ଜିଲାରେ ୫୨.୯ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ୧୨ଟି ଜିଲାରେ ୨୫ରୁ ୫୦ ମିଲିମିଟର ବର୍ଷା ହୋଇଛି। ମାଲକାନଗିରି ଜିଲାର କୋରୁକୁଣ୍ଡା ବ୍ଲକରେ ସର୍ବାଧିକ ୪୦୩, ମାଲକାନଗିରିରେ ୨୦୭ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ କୋରାପୁଟ ଜିଲାର ସିମିଳିଗୁଡାରେ ୪୦୩, ଅନୁଗୋଳ ଜିଲାର ତାଳଚେରରେ ୧୦୮, ବାଲେଶ୍ୱର ଜିଲାର ବାଲେଶ୍ୱର ବ୍ଲକରେ ୧୮୪, ରେମୁଣା ୧୭୧, ଔପଦା୧୨୫, ସୋର ୧୧୩, ନୀଳଗିରି ୧୦୪, ବସ୍ତା ୧୦୧, ଭଦ୍ରକ ଜିଲାର ଭଣ୍ଡାରିପୋଖରୀ ୧୦୦, କଟକ ଜିଲାର ନରସିଂହପୁର ୧୦୨, ଢେଙ୍କାନାଳ ଜିଲାର ଓଡାପଡା ବ୍ଲକରେ ୧୦୬ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ଏହାଛଡା ମୟୂରଭଞ୍ଜ, ମାଲକାନଗିରି, କୋରାପୁଟ, କନ୍ଧମାଳ, କେନ୍ଦୁଝର ଜିଲାର ୨୦ଟି ବ୍ଲକରେ ୧୦୦ ମିଲିମିଟରରୁ ଅଧିକ ବର୍ଷା ହୋଇଛି। ଲଘୁଚାପ ଯୋଗୁ ରାଜ୍ୟରେ ୩ ପ୍ରତିଶତ ଅଧିକ ବର୍ଷା ହୋଇଛି। ଜୁନ ପହିଲାରୁ ସେପ୍ଟେମ୍ବର ୨୧ ମଧ୍ୟରେ ରାଜ୍ୟରେ ସ୍ୱାଭାବିକ ଠାରୁ ୧୭.୮ ମିଲିମିଟର ଅଧିକ ବର୍ଷା ହୋଇଛି।

ଲଘୁଚାପ ଯୋଗୁ ରାଜ୍ୟରେ ଗତ ୩ ଦିନ ଧରି ପ୍ରବଳ ବର୍ଷା ଲାଗିରହିଛି। ଏଥିଯୋଗୁ ବୁଢାବଳଙ୍ଗ, ବୈତରଣୀ ଓ ଜଳକା ନଦୀରେ ବନ୍ୟା ପାଣି ଫୁଲିବାରେ ଲାଗିଛି। ଜଳ ସମ୍ପଦ ବିଭାଗରୁ ମିଳିଥିବା ସୂଚନା ଅନୁଯାୟୀ ବୈତରଣୀ ନଦୀର ଆଖୁଆପଦା ଓ ବୁଢାବଳଙ୍ଗ ନଦୀର ଏନଏଚ-୫ ଗୋବିନ୍ଦପୁରଠାରେ ବନ୍ୟା ଜଳ ବଢିବାରେ ଲାଗିଛି। ଜଳକା ନଦୀରେ ବନ୍ୟାପାଣି ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି। ଏଠାରେ ବିପଦ ସଙ୍କେତ ସ୍ତର ୫.୫୦ ମିଟର ଥିବା ବେଳେ ଶୁକ୍ରବାର ରାତ୍ରି ସୁଦ୍ଧା ୬.୩୫ ମିଟର ଉପରେ ପ୍ରବାହିତ ହେଉଛି। ତେବେ ବର୍ଷା ହ୍ରାସ ପାଇଥିବାରୁ ବନ୍ୟା ଆଶଙ୍କା ନାହିଁ ବୋଲି ରିଲିଫ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ମାଲକାନଗିରି ବ୍ୟତୀତ ଅନ୍ୟ ଜିଲାରେ ସ୍ଥିତି ସ୍ୱାଭାବିକ ରହିଛି। ବିଭିନ୍ନ ନଦୀରେ ଜଳସ୍ତର ବିପଦ ସଙ୍କେତ ତଳେ ପ୍ରବାହିତ ହେଉଛି ବୋଲି ସ୍ୱତନ୍ତ୍ର ରିଲିଫ କମିଶନର ବିଷ୍ଣୁପଦ ସେଠୀ କହିଛନ୍ତି।

୩ ଦିନ ଧରି ପ୍ରବଳବର୍ଷା ଯୋଗୁ ମାଲକାନଗିରି ଜିଲା ଅଧିକ କ୍ଷତିଗ୍ରସ୍ତ ହୋଇଛି। ଜିଲାର କେତେକ ସ୍ଥାନରେ କଚ୍ଚାଘର ଭାଙ୍ଗିଯିବା ସହ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଜିଲା ପାଇଁ ୭ ଦିନ ସକାଶେ ରିଲିଫ ଘୋଷଣା କରିଛନ୍ତି। ବୃଦ୍ଧାବୃଦ୍ଧ ଓ ୧୨ ବର୍ଷରୁ କମ ପିଲାଙ୍କ ପାଇଁ ଦୈନିକ ଯଥାକ୍ରମେ ୬୦ ଟଙ୍କା ଏବଂ ୪୫ ଟଙ୍କା ଦେବାକୁ ଘୋଷଣା କରାଯାଇଛି। ବନ୍ୟା ପ୍ରଭାବିତ ଲୋକମାନଙ୍କୁ ସହାୟତା ଯୋଗାଇଦେବାକୁ ମୁଖ୍ୟମନ୍ତ୍ରୀ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରବଳ ବର୍ଷା ଯୋଗୁ ବାଲିମେଲା, ଜଲାପୁଟ ଏବଂ ମାଛକୁଣ୍ଡ ଡ୍ୟାମର କେତେକ ଗେଟ ଖୋଲାଯାଇ ପାଣି ନିଷ୍କାସନ କରାଯାଉଛି। ବାଲିମେଲା ଏବଂ ଜଲାପୁଟ ଡ୍ୟାମର ୪ଟି ଗେଟ ଖୋଲାଯାଇଥିବା ବେଳେ ମାଛକୁଣ୍ଡ ଡ୍ୟାମର ୧ଟି ଗେଟ ଦେଇ ଜଳ ପ୍ରବାହିତ ହେଉଛି। ବାଲିମେଲାରୁ ପ୍ରତି ସେକେଣ୍ଡରେ ୨୦ ହଜାର କ୍ୟୁସେକ ଜଳ ନିଷ୍କାସନ ହେଉଥିବା ବେଳେ ଜଲାପୁଟ ଓ ମାଛକୁଣ୍ଡ ଜଳଭଣ୍ଡାରରୁ ୧୦ ହଜାର କ୍ୟୁସେକ ଜଳ ନିଷ୍କାସିତ ହେଉଛି।

ପ୍ରବଳ ବର୍ଷା ଯୋଗୁ ମାଲକାନଗିରି ସହର ପାଖ ରାସ୍ତାରେ ୨ଫୁଟ ଉଚ୍ଚରେ ଜଳ ପ୍ରବାହିତ ହେଉଛି। କୁଡ଼ିଗୁଡ଼ା, ସତ୍ୟମଗୁଡା, ପାତ୍ରଗୁଡ଼ା, ତେଲରାଇ, କୁମୁଡ଼ିଗୁଡ଼ା, ଏମ୍.ଭି.- ୨, ଏମ୍.ଭି.-୩ଅଞ୍ଚଳରେ ଗୋଡ଼ ଉର୍ଦ୍ଧ୍ୱରେ ବର୍ଷାଜଳ ଗଳିପାରିବା ସହରରେ ବନ୍ୟା ପରିସ୍ଥିତି ସୃଷ୍ଟି କରିଛି। ଅନେକ କଜାଘର ନଷ୍ଟ ହୋଇଛି। ଏମ୍.ଭି.-୩ ବିଏସଏଫ୍ କ୍ୟାମ୍ପ ଏବଂ ଏମ୍.ଭି.-୨ ଅଞ୍ଚଳରେ ଅନେକ ଘର ଜଳମଗ୍ନ ହୋଇରହିଛି। ଅଗ୍ନିଶମ ଏବଂ ଓଡ୍ରାଫ ଟିମ୍ ୪୦ରୁ ଉର୍ଦ୍ଧ୍ୱ ଲୋକଙ୍କୁ ଉଦ୍ଧାର କରି ସ୍ଥାନୀୟ ସ୍କୁଲରେ ରଖିଛନ୍ତି। ଏମ୍.ଭି.- ୧୧, କୋରୁକୋଣ୍ଡା ଏବଂ ତାଲାକୋଟା ନଦୀ ଉପରେ ୭/୧୦ ଫୁଟ ପାଣି ପ୍ରବାହିତ ହେବାରୁ ଯୋଗାଯୋଗ ବ୍ୟବସ୍ଥା ବାଲିମେଳା ଯାତାୟାତ ବାଧାପ୍ରାପ୍ତ ହୋଇଛି। ମାଲକାନଗିରି ସହରର ୧୧୯ କଲୋନୀ ବିଦ୍ୟାଳୟର ପାଚେରି ଭୁଶୁଡିପଡିଛି। ପୋଟେରୁ ନଦୀରେ ବନ୍ୟା ଯୋଗୁ ପୋଟେରୁ ପୋଲ ଉପରେ ୧୦ ଫୁଟ ଉଚ୍ଚର ଜଳ ପ୍ରବାହିତ ହେଉଛି। ପୋଟେରୁ ବଜାର, ଥାନା ଏବଂ ବ୍ୟବସାୟିକ ପ୍ରତିଷ୍ଠାନଗୁଡିକରେ ପାଣି ପ୍ରବେଶ କରିଛି। ମାଲକାନଗିରି-କାଲିମେଲାରେ ଯୋଗାଯୋଗ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇପଡିଛି। ଶିଖପାଲି, ସିଙ୍ଗାରାଜଖଣ୍ଡା, ଇରାଲଗୁଣ୍ଡି, ନିଲିଗୁଡା, କୋୟାଗିରି, ଆକରପାଲି, କଟାମାଟେରୁ ଗ୍ରାମଗୁଡିକରେ ଅନେକ ଘର ଭାଙ୍ଗିଯାଇଛି। ଚାଷଜମିଗୁଡିକ ଜଳମଗ୍ନ ହୋଇରହିଛି। ସେହିପରି ମାଲକାନଗିରି ସୀମାନ୍ତ ଛତିଶଗଡକୁ ଯୋଗାଯୋଗ କରୁଥିବା ସାବେରୀ ପୋଲ ଉପରେ ୫ ଫୁଟ ଉଚ୍ଚରେ ଜଳ ପ୍ରବାହିତ ହେଉଛି। ଏଥିଯୋଗୁ ମାଲକାନଗିରି-ସୁକୁମା ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ଜିଲା ବନ ବିଭାଗର ୨ ଲକ୍ଷରୁ ଉର୍ଦ୍ଧ୍ୱ ଚାରା ନଷ୍ଟ ହୋଇଯାଇଥିବା ଜଣାପଡିଛି। ମାଲକାନଗିରି ସଦର ବ୍ଲକ ଏମ୍.ଭି- ୭ କେନ୍ଦ୍ରୀୟ ନର୍ସରିରେ ୭୦୦ ଫୁଟ ଲମ୍ବର ପାଚେରି ତମସା ନଦୀରେ ବନ୍ୟା ଯୋଗୁ ଭୁଶୁଡି ପଡିବା ସହ ଏହା ମଧ୍ୟରେ ଥିବା ୨ ଲକ୍ଷରୁ ଉର୍ଦ୍ଧ୍ୱ ଚାରା ଏବଂ ଅନ୍ୟାନ୍ୟ ସାମଗ୍ରୀ ନଷ୍ଟ ହୋଇଛି।

## ଆଜି ଆସୁଛନ୍ତି ...

ପ୍ରଧାନମନ୍ତ୍ରୀଙ୍କ ସହ ଏହି ଶିଳାନ୍ୟାସ କାର୍ଯ୍ୟକ୍ରମରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, କେନ୍ଦ୍ର ରସାୟନ ଓ ସାର ତଥା ସଂସଦୀୟ ବ୍ୟାପାର ମନ୍ତ୍ରୀ ଅନନ୍ତ କୁମାର, ରେଳ ଓ କୋଇଲା ମନ୍ତ୍ରୀ ପୀୟୂଷ ଗୋଏଲ, ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ, ଢେଙ୍କାନାଳ-ଅନୁଗୋଳ ଏମ୍ପି ତଥାଗତ ସତପଥୀ, ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ ପ୍ରମୁଖ ଉପସ୍ଥିତ ରହିବେ।ପ୍ରଧାନମନ୍ତ୍ରୀ ସକାଳ ୮ଟା ୫୫ରେ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବେ। ସେଠାରୁ ୯ଟାରେ ହେଲିକପ୍ଟର ଯୋଗେ ଆସି ୯ଟା ୪୫ରେ ତାଳଚେର ବଲଣ୍ଡାସ୍ଥିତ ବ୍ଲାକ୍ ଡାଇମଣ୍ଡ ଷ୍ଟାଡିୟମରେ ଓହ୍ଲାଇବେ। ପରେ ସଡକ ପଥରେ ସାର କାରଖାନା ପରିସରରେ ପହଞ୍ଚି ୧୦ଟା ୨୫ ମଧ୍ୟରେ ଶିଳାନ୍ୟାସ କାର୍ଯ୍ୟ ସମାପନ କରିବେ। ସାଢ଼େ ୧୦ଟାରୁ ୧୧ଟା ୧୫ ଯାଏ ବକ୍ସି ଜଗବନ୍ଧୁ ଷ୍ଟାଡିୟମଠାରେ ସାଧାରଣ ସଭାରେ ଉଦ୍‌ବୋଧନ ଦେବେ। ୧୧ଟା ୩୫ରେ ହେଲିପ୍ୟାଡ୍‌ରୁ ଝାରସୁଗୁଡ଼ା ଅଭିମୁଖେ ଗସ୍ତ କରିବେ। ସେହିପରି ଶିଳାନ୍ୟାସ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭୁବନେଶ୍ୱରରୁ ୮ଟା ୨୦ରେ ହେଲିକପ୍ଟର ଯୋଗେ ତାଳଚେର ଅଭିମୁଖେ ବାହାରିବେ। ୯ଟା ୫ରେ ବଲଣ୍ଡା ଷ୍ଟାଡିୟମ ନିକଟ ଦୁର୍ଗାମଣ୍ଡପ ପଡ଼ିଆରେ ଅବତରଣ କରିବେ। ଏହା ପରେ ମୁଖ୍ୟମନ୍ତ୍ରୀ ୯ଟା ୪୫ରେ ପ୍ରଧାନମନ୍ତ୍ରୀଙ୍କୁ ସ୍ୱାଗତ କରିବା ପାଇଁ ବ୍ଲାକଡାଇମଣ୍ଡ ଷ୍ଟାଡିୟମରେ ପହଞ୍ଚିବେ। ସେଠାରୁ ସାର କାରଖାନା ପରିସରକୁ ଯାଇ ଶିଳାନ୍ୟାସ କାର୍ଯ୍ୟକ୍ରମରେ ଯୋଗଦେଇ ୧୦ଟା ୪୦ ମିନିଟରେ ଝାରସୁଗୁଡ଼ା ଅଭିମୁଖେ ଯାତ୍ରା କରିବେ। ପ୍ରଧାନମନ୍ତ୍ରୀଙ୍କ ଏହି କାର୍ଯ୍ୟକ୍ରମରେ ବହୁ ଜନସମାଗମ ହେବାର ସମ୍ଭାବନା ରହିଛି । ଏହାକୁ କିପରି ସଫଳତାର ସହ ସମାପନ କରାଯିବ ସେ ନେଇ ଜିଲା ପ୍ରଶାସନ ପୂରା ଲାଗି ପଡ଼ିଥିବା ବେଳେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଧ୍ୟ ଏଠାକୁ ଘନ ଘନ ଗସ୍ତରେ ଆସି ସମସ୍ତ କାର୍ଯ୍ୟ ନିଜେ ତଦାରଖ କରିଛନ୍ତି। ହେଲିପ୍ୟାଡ, ସଭାସ୍ଥଳ, ଶିଳାନ୍ୟାସ ସ୍ଥଳ, ପ୍ରଧାନମନ୍ତ୍ରୀଙ୍କ ରୁଟ୍ ସମେତ ସମସ୍ତ କାର୍ଯ୍ୟ ବୁଲି ସମୀକ୍ଷା କରିଛନ୍ତି।

ତାଳଚେର ଗସ୍ତରେ ଶନିବାର ଆସୁଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏନ୍‌ଟିପିସି ଦ୍ୱାରା ପରିଚାଳିତ ତାଳଚେର ଥର୍ମାଲ ପାୱାର ଷ୍ଟେଶନ (ଟିଟିପିଏସ୍) ଷ୍ଟେଜ-୩ର ଭିତ୍ତିପ୍ରସ୍ତର ସ୍ଥାପନ କରିବାର କାର୍ଯ୍ୟସୂଚୀ ରହିଥିଲା। ହେଲେ ଏହି ପ୍ରକଳ୍ପକୁ ରାଜ୍ୟ ସରକାରଙ୍କ ଉଚ୍ଚସ୍ତରୀୟ କମିଟି (ଏଚ୍ଏଲ୍‌ସି)ର ଅନୁମୋଦନ ଏଯାଏ ମିଳି ନ ଥିବାରୁ ଏ ନେଇ ଅନିଶ୍ଚିତତା ଦେଖାଦେଇଛି। ଏ ସମ୍ପର୍କରେ ଟିଟିପିଏସ୍ ଜନସମ୍ପର୍କ ଅଧିକାରୀ ସମରେନ୍ଦ୍ର ମଲିକ କହିଛନ୍ତି, ଏଯାଏ ରାଜ୍ୟ ସରକାରଙ୍କର ଠାରୁ ଏଚ୍ଏଲ୍‌ସି ମିଳି ନାହିଁ। ତେଣୁ ଭିତ୍ତିପ୍ରସ୍ତର ସ୍ଥାପନ ନେଇ ଅନିଶ୍ଚିତତା ଲାଗି ରହିଛି ବୋଲି ସେ କହିଛନ୍ତି।

ଅନ୍ୟପକ୍ଷରେ ଦିନ ପ୍ରାୟ ୧୨ଟା ୩୫ରେ ପ୍ରଧାନମନ୍ତ୍ରୀ ଝାରସୁଗୁଡା ବିମାନବନ୍ଦରରେ ପହଞ୍ଚିବେ । ତାଙ୍କ ସହିତ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ସୁରେଶ ପ୍ରଭୁ, ରେଳ ଓ କୋଇଲା ମନ୍ତ୍ରୀ ପୀୟୂଷ ଗୋଏଲ, ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମଙ୍କ ସମେତ ସ୍ଥାନୀୟ ଏମ୍ପି, ବିଧାୟକମାନେ ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଯୋଗ ଦେବେ । ସମସ୍ତଙ୍କ ଉପସ୍ଥିତିରେ ପ୍ରଧାନମନ୍ତ୍ରୀ ମୋଦି ବିମାନବନ୍ଦରକୁ ଦେଶ ଓ ଜାତି ଉଦ୍ଦେଶ୍ୟରେ ଲୋକାର୍ପଣ କରିବେ।

୧୦୨୭.୫ ଏକର ପରିମିତ ଜମିରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସହଭାଗିତାରେ ୨୧୦ କୋଟି ଟଙ୍କା ବ୍ୟୟରେ ଝାରସୁଗୁଡ଼ା ବିମାନବନ୍ଦର ନିର୍ମିତ ହୋଇଛି। ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ବିମାନବନ୍ଦର ଉଦ୍‌ଘାଟନ ପରେ ରିଜିଓନାଲ କନେକ୍ଟିଭିଟି ସ୍କିମ୍(ଆରସିଏସ୍) ଅନ୍ତର୍ଗତ ଉଡାନ୍ ଯୋଜନାରେ ବିମାନ ଚଳାଚଳ ଆରମ୍ଭ ହେବ। ଏହି ଅବସରରେ ଝାରସୁଗୁଡ଼ାରୁ ପ୍ରଧାନମନ୍ତ୍ରୀ ମୋଦି ସୁନ୍ଦରଗଡ଼ ଜିଲା ଏମ୍‌ସିଏଲ୍ ଅଧୀନ ବସୁନ୍ଧରା କୋଇଲା ଖଣି ଅଞ୍ଚଳରୁ କୋଇଲା ପରିବହନ ଲାଗି ୫୩.୧ କି.ମି. ଦୂରତା ବିଶିଷ୍ଟ ଝାରସୁଗୁଡ଼ା-ସରଡେଗା ରେଳପଥ ଉଦ୍‌ଘାଟନ କରିବେ। ଏହି ପ୍ରକଳ୍ପ ପାଇଁ କେନ୍ଦ୍ର କୋଇଲା ମନ୍ତ୍ରାଳୟ ୧,୧୨୪ କୋଟି ଟଙ୍କା ବ୍ୟୟ କରିଛି। ସେହିପରି ସୁନ୍ଦରଗଡ଼ ଜିଲାର ୨ଟି କୋଇଲାଖଣି ଯଥା ଏନ୍‌ଟିପିସି ପାଇଥିବା ଡୁଲଙ୍ଗା ଏବଂ ଏମ୍‌ସିଏଲ୍ ଅଧୀନରେ ଥିବା ଗର୍ଜନବାହାଲ ଖୋଲାମୁହଁ କୋଇଲା ଖଣିକୁ ଉଦ୍‌ଘାଟନ କରାଯିବ। ଶନିବାର ଦିନ ୧୨.୩୫ରୁ ୧ଟା ପର୍ଯ୍ୟନ୍ତ ଝାରସୁଗୁଡ଼ା ବିମାନବନ୍ଦରଠାରେ ଏହି ସମସ୍ତ ପ୍ରକଳ୍ପର ଉଦ୍‌ଘାଟନୀ କାର୍ଯ୍ୟକ୍ରମ ରହିଛି। ଏହା ପରେ ପ୍ରଧାନମନ୍ତ୍ରୀ ଅମଲିପାଲିଠାରେ ଆୟୋଜିତ ବିଶାଳ ସମାବେଶରେ ଉଦ୍‌ବୋଧନ ଦେବାର କାର୍ଯ୍ୟକ୍ରମ ରହିଛି। ଏହା ପରେ ପ୍ରଧାନମନ୍ତ୍ରୀ ୨ଟା ୨୦ ମିନିଟରେ ଝାରସୁଗୁଡାରୁ ହେଲିକପ୍ଟର ଯୋଗେ ଛତିଶଗଡ ଅଭିମୁଖେ ଯାତ୍ରା କରିବେ। ପ୍ରଧାନମନ୍ତ୍ରୀ ଟୁଇଟ କରି ତାଙ୍କ ଗସ୍ତ ସମ୍ପର୍କରେ ସୂଚନା ଦେଇଛନ୍ତି।

## ଆମିକସ୍ କ୍ୟୁରି ବୁଝିଲେ...

ପୂର୍ବାହ୍ନ ପ୍ରାୟ ସାଢେ ୧୦ଟାରେ ଶ୍ରୀମନ୍ଦିର ପ୍ରଶାସନ ସହ ପ୍ରଥମ ଆଲୋଚନା କରିଥିଲେ। ମନ୍ଦିର କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି ଆଲୋଚନାରେ ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ର, ଜିଲାପାଳ ଜ୍ୟୋତିପ୍ରକାଶ ଦାସ, ଏସ୍‌ପି ସାର୍ଥକ କୁମାର ଷଡ଼ଙ୍ଗୀ, ନୀତି ପ୍ରଶାସକ ପ୍ରଦୀପ ଦାଶ ପ୍ରମୁଖ ଉପସ୍ଥିତ ରହି ତାଙ୍କୁ ଶ୍ରୀମନ୍ଦିରର ସେବା ଓ ପରମ୍ପରା ସମ୍ପର୍କରେ ଅବଗତ କରାଇଥିଲେ। ତେବେ ସୁପ୍ରିମ୍‌କୋର୍ଟଙ୍କ ୧୨ଟି ପ୍ରସ୍ତାବ ମଧ୍ୟରୁ ବଂଶାନୁକ୍ରମିକ ସେବା ଉପରେ ଅଧିକ ଫୋକସ ରହିଥିଲା। ବଂଶାନୁକ୍ରମିକ ସେବା ରହୁ, ସେବକଙ୍କ ସଂଖ୍ୟା ସୀମିତ କରାଯାଉ ବୋଲି ଆମିକସ୍ କ୍ୟୁରିଙ୍କୁ କୁହାଯାଇଥିଲା। ଯେଉଁ ସେବକ ବାଦ୍ ପଡିବେ ସେମାନଙ୍କୁ କ୍ଷତିପୂରଣ ଦିଆଯିବ। କିନ୍ତୁ ସରକାରୀ ଚାକିରି କରିଥିବା ସେବକଙ୍କୁ କ୍ଷତିପୂରଣ ଦିଆଯିବ ନାହିଁ ବୋଲି ମନ୍ଦିର ପ୍ରଶାସନ ପ୍ରସ୍ତାବ ରଖିଥିବା ଚର୍ଚ୍ଚା ହେଉଛି।

ଆଲୋଚନା ସମ୍ପର୍କରେ ମୁଖ୍ୟ ପ୍ରଶାସକ କହିଥିଲେ ଯେ, ଶ୍ରୀମନ୍ଦିର କେବେ ତିଆରି ହୋଇଥିଲା, ଏହାର ପ୍ରଥା ପରମ୍ପରା, ସେବକଙ୍କ ବଂଶାନୁକ୍ରମିକ ଅଧିକାର, ବାର୍ଷିକ ପର୍ବପର୍ବାଣି, ରଥଯାତ୍ରା, ମନ୍ଦିର ପରିଚାଳନା କମିଟି, ଶ୍ରୀମନ୍ଦିର ସ୍ୱତ୍ୱଲିପି, କେତେ ପ୍ରକାର ସେବକ ଅଛନ୍ତି ସେ ସଂକ୍ରାନ୍ତରେ ଆମିକସ୍ କ୍ୟୁରିଙ୍କୁ ପୁଙ୍ଖାନୁପୁଙ୍ଖ ଭାବେ ଅବଗତ କରାଯାଇଥିଲା। ସେହିପରି ଶ୍ରୀମନ୍ଦିର କେବେ ରାଜାଙ୍କ ହାତରୁ ସରକାରଙ୍କ ଅଧୀନକୁ ଆସିଥିଲା ଏ ସବୁର ଇତିହାସ ବି କୁହାଯାଇଥିଲା। ସୁପ୍ରିମ୍‌କୋର୍ଟଙ୍କ ୧୨ଟି ପ୍ରସ୍ତାବ ସମ୍ପର୍କରେ ଶ୍ରୀମନ୍ଦିର ପରିଚାଳନା କମିଟି କ'ଣ ସବୁ ପଦକ୍ଷେପ ନେଇଛି, ସେବକମାନଙ୍କ ସହ କି ପ୍ରକାର ଆଲୋଚନା କରାଯାଇଛି ସେ ବିଷୟରେ ଆମିକସ୍ କ୍ୟୁରି ଜାଣିବାକୁ ଚାହିଁଥିଲେ। ୧୨ଟି ପ୍ରସ୍ତାବ ମଧ୍ୟରୁ ୯ଟି ପ୍ରସ୍ତାବ କାର୍ଯ୍ୟକାରୀ କରିବାରେ ସମସ୍ତଙ୍କ ସହମତି ରହିଛି। କିନ୍ତୁ ବଂଶାନୁକ୍ରମିକ ସେବା ଉଚ୍ଛେଦ, ଅନ୍ନଦାନ ଆଟିକା ପାଇଁ ସଂଗ୍ରହ ହେଉଥିବା ଦାନ, ଥାଳି ଗରା ମାଧ୍ୟମରେ ଦାନ ଆଦାୟ ନିଷିଦ୍ଧ ଏବଂ ଶ୍ରୀମନ୍ଦିର ଆଇନରେ ସଂଶୋଧନ ନେଇ ଅସହମତି ରହିଛି। ଏଥିପାଇଁ ଗଠିତ ସବ୍ କମିଟି ଏହାର ତର୍ଜମା କରିଛି ବୋଲି ଆମିକସ୍ କ୍ୟୁରିଙ୍କୁ ବୁଝାଯାଇଥିଲା। ସୁପ୍ରିମ୍‌କୋର୍ଟଙ୍କ ରାୟ ସମ୍ପର୍କରେ ମନ୍ଦିର ପ୍ରଶାସନ କ'ଣ ପଦକ୍ଷେପ ନେଇଛି ସେ ସମ୍ପର୍କରେ ପାୱାର ପଏଣ୍ଟ ପ୍ରେଜେଣ୍ଟେଶନ କରାଯାଇଥିଲା। ଫେବୃୟାରୀରେ ଶ୍ରୀମନ୍ଦିର ଆକାଉଣ୍ଟ ଅନ୍‌ଲାଇନ ହେବ ଶୁଣି ଆମିକସ୍ କ୍ୟୁରୀ ଖୁସି ପ୍ରକାଶ କରିଥିଲେ।

ସେହିପରି ମନ୍ଦିର କର୍ମଚାରୀଙ୍କ ସଂଖ୍ୟା କମାଇବା ପାଇଁ ଏକ କମିଟି ଗଠନ କରାଯାଇ ଏହାର ତର୍ଜମା ଚାଲିଛି। ରୋଷଘର ଶ୍ରୀମନ୍ଦିର ପ୍ରଶାସନ ଅଧୀନକୁ ଅଣାଯିବା ଲାଗି ମଧ୍ୟ ଏକ କମିଟି ଗଠନ ହୋଇଛି। କମିଟି ଏ ନେଇ ସୁଆର ମହାସୁଆର ନିଯୋଗ ସହ ଏକାଧିକଥର ଆଲୋଚନା କରିଛି। ଏହା ପ୍ରାୟତଃ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ଆମିକସ୍ କ୍ୟୁରିଙ୍କୁ ଅବଗତ କରାଯାଇଥିଲା। ଶନିବାର ପୂର୍ବାହ୍ନ ୧୧ଟାରେ ପରିଚାଳନା କମିଟି ଏବଂ ଅପରାହ୍ନ ୪ଟାରେ ଛତିଶା ନିଯୋଗ ବୈଠକ ଅନୁଷ୍ଠିତ ହେବ। ଏହି ଦୁଇଟି ବୈଠକରେ ଆମିକସ୍ କ୍ୟୁରି ଉପସ୍ଥିତ ରହିବେ। ବୈଠକରେ ଯେଉଁ ୩ ପ୍ରସ୍ତାବ ଉପରେ ଅସହମତି ରହିଛି ତାହା ଉପରେ ପରିଚାଳନା କମିଟି ଏବଂ ଛତିଶା ନିଯୋଗ ଆଭିମୁଖ୍ୟ ରଖିପାରିବେ ବୋଲି ମୁଖ୍ୟ ପ୍ରଶାସକ କହିଛନ୍ତି।

### ଭକ୍ତଙ୍କୁ ଶୋଷଣ ବନ୍ଦ ହେଉ

ମନ୍ଦିର ପ୍ରଶାସନ ସହ ଆଲୋଚନା ସାରି ଆମିକସ୍ କ୍ୟୁରି ଗୋବର୍ଦ୍ଧନ ମଠକୁ ଯାଇଥିଲେ। ସେଠାରେ ଶଙ୍କରାଚାର୍ଯ୍ୟଙ୍କ ସହ ରୁଦ୍ଧଦ୍ୱାର ଆଲୋଚନା କରିଥିଲେ। ପ୍ରାୟ ଦେଢ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଧରି ଜଗଦ୍‌ଗୁରୁଙ୍କଠାରୁ ଶ୍ରୀମନ୍ଦିର ସଂସ୍କାର ସଂକ୍ରାନ୍ତରେ ମତ ନେଇଥିଲେ। ଶଙ୍କରାଚାର୍ଯ୍ୟ ଶ୍ରୀମନ୍ଦିର ସେବାପୂଜା, ପରମ୍ପରା ଏବଂ ସାମ୍ପ୍ରତିକ ସମୟରେ ଶ୍ରୀମନ୍ଦିର ସ୍ଥିତି କିପରି ରହିଛି ତାହା ଆମିକସ୍ କ୍ୟୁରିଙ୍କୁ ଅବଗତ କରାଇଥିଲେ। ଶ୍ରୀମନ୍ଦିରରୁ ଶୋଷଣ ବନ୍ଦ ହେବା ସହ ସମସ୍ତେ ମହାପ୍ରଭୁଙ୍କ ପ୍ରତି ସମର୍ପଣର ମନୋଭାବ ରଖିବା ଦରକାର। ଶ୍ରୀମନ୍ଦିର ହେଉଛି ଧାର୍ମିକ ପ୍ରାଣକେନ୍ଦ୍ର। ଶିକ୍ଷା, ରକ୍ଷା, ସଂସ୍କୃତି, ସେବା, ଧର୍ମ, ମୋକ୍ଷର ଏହା ପବିତ୍ର ଅନୁଷ୍ଠାନ ହୋଇ ବିଶ୍ୱକୁ ଉଦ୍‌ଭାସିତ କରୁ। ଏହା ଆମର ଧ୍ୟେୟ ହେବା ଉଚିତ ବୋଲି ଶଙ୍କରାଚାର୍ଯ୍ୟ କହିଛନ୍ତି। ଏହି ଆଲୋଚନା ବେଳେ ଶଙ୍କରାଚାର୍ଯ୍ୟ ଧର୍ମ ରକ୍ଷା ଦିଗରେ ଅଧିକ ଗୁରୁତ୍ୱ ଦେଇଥିବା ସୂଚନା ମିଳିଛି।

ଅପରାହ୍ନରେ ଆମିକସ୍ କ୍ୟୁରି ସର୍କିଟ୍ ହାଉସ୍‌ରେ ରାଜ୍ୟ ସରକାରଙ୍କ ଦ୍ୱାରା ଗଠିତ ତିନିଜଣିଆ କମିଟି ଏବଂ ଆଇନ ବିଭାଗ ସଚିବଙ୍କ ସହ ଆଲୋଚନା କରିଥିଲେ। ସନ୍ଧ୍ୟାରେ ଜିଲାଜଜ୍ ଅମ୍ବୁଜ ମୋହନ ଦାସଙ୍କଠାରୁ ଶ୍ରୀମନ୍ଦିର ସଂସ୍କାର ସଂକ୍ରାନ୍ତରେ ମତ ସଂଗ୍ରହ କରିଥିଲେ। ସୂଚନାଥାଉ କି, ଜିଲା ଜଜ୍ ଦାସଙ୍କ ସୁପାରିସକୁ ଆଧାର କରି ସୁପ୍ରିମକୋର୍ଟ ଦେଇଥିବା ୧୨ଟି ପ୍ରସ୍ତାବ ଦେଇଛନ୍ତି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚହଟ ଚମ୍ପା**
**ତଳେ ପାଟଫୁଲି ଉପରେ ଝୁମ୍ପା,**
**ବାହାର ସୁନ୍ଦର ଭିତର ଫମ୍ପା ।**

ଚମ୍ପାଫୁଲ ଦେଖିବାକୁ ଅତି ସୁନ୍ଦର, କିନ୍ତୁ ଏହାର ଭିତରଟା ପୂରା ଫମ୍ପା। ପରୋକ୍ଷରେ ଉପରକୁ ନିଜର ସୁନ୍ଦରତା ଦେଖେଇ ହେଉଥିବା ବ୍ୟକ୍ତିର ଭିତରର ଗୁଣଗ୍ରାମ ଯଦି ସେତେ ଭଲ ହୋଇ ନ ଥାଏ ସେହି ବ୍ୟକ୍ତି ସମାଜରେ ସେତେ ଆଦୃତି ବା ଖ୍ୟାତି ଲାଭ କରିପାରି ନ ଥାଏ। ଉତ୍ତମ ସ୍ୱଭାବ ବା ସୁଗୁଣ ଥିବା ବ୍ୟକ୍ତି ସମସ୍ତଙ୍କର ପ୍ରିୟଭାଜନ ହୋଇପାରୁଥିବା ବେଳେ ଦୁର୍ଗୁଣ ବ୍ୟକ୍ତିଙ୍କୁ କେହି ଆଦର କରି ନ ଥାନ୍ତି। ରୂପଠାରୁ ଗୁଣ କାହିଁ କେତେ ଗୁଣରେ ଶ୍ରେଷ୍ଠ ହୋଇଥିବା ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ଚାଲିଲା ବେଳେ କି ମଠମଠ**
**ଶୋଇଲା ବେଳେ କି ଭଟଭଟ ?**

ମଠେଇ ମଠେଇ ଯିଏ ବାଟ ଚାଲୁଥାଏ ତା' ସଙ୍ଗେ ବାଟ ଚାଲିବା କଷ୍ଟକର ହୋଇଯାଇଥାଏ। ସେହିପରି ଶୋଇଲାବେଳେ କାନ ପାଖରେ ଯଦି କିଏ ଭଟ ଭଟ ହୁଏ ବା କଥା କୁହେ ତା'ହେଲେ ନିଦ ଭାଙ୍ଗିଯାଇଥାଏ। ଏପରି ଅବସ୍ଥା ବଡ଼ ବିରକ୍ତିକର ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

## 'ଜୟ ହିନ୍ଦ୍ ହିନ୍ଦ୍, ଜୟ ଇଣ୍ଡିଆ' ...

ପୁଣି ଗୁଲ୍‌ଜାରଙ୍କ ଭଳି ଜଣେ ଉଚ୍ଚକୋଟୀର ଗୀତିକାର ବିଶ୍ୱକପ୍‌ର ଟାଇଟଲ ଗୀତ ଲେଖିବା ଆମ ପାଇଁ ସୌଭାଗ୍ୟର ବିଷୟ । ଏହି ଦୁଇ କିମ୍ବଦନ୍ତୀ ପୁରୁଷ ଖେଳାଳିମାନଙ୍କୁ ଉତ୍ସାହିତ କରିବ। ଏଥି ସହ ସାରା ଦେଶକୁ ଉକ୍ତ ଟାଇଟଲ ଗୀତ ଜରିଆରେ ବିଶ୍ୱକପ୍ ସପକ୍ଷରେ ଏକାଠି କରିବାରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଟାଇଟଲ ଗୀତର ମ୍ୟୁଜିକ୍ ଭିଡିଓକୁ ମଧ୍ୟ ରହମନ ନିର୍ଦ୍ଦେଶନା ଦେବେ ଓ ଏହା ଦେଶର ହକି ଏନ୍ଥୁଡିଶାଳ ସୁନ୍ଦରଗଡ଼ରେ ଶୁଟିଂ କରାଯିବ ବୋଲି ହକି ବିଶ୍ୱକପ୍ ନିମନ୍ତେ ଓଡ଼ିଶା ସରକାରଙ୍କ ଷ୍ଟ୍ରାଟେଜି ଓ କମ୍ୟୁନିକେଶନ ପରାମର୍ଶଦାତା ନୁପୂର ମହାଜନ କହିଛନ୍ତି। ଏହି ଗୀତ ଅକ୍ଟୋବରରେ କଳିଙ୍ଗ ଷ୍ଟାଡିୟମରେ ଉନ୍ମୋଚନ କରାଯିବ। ନଭେମ୍ବର ୨୭ ତାରିଖରେ ରାଜ୍ୟରେ ପ୍ରଥମଥର ପାଇଁ ହେଉଥିବା ବିଶ୍ୱକପ୍‌ର ଉଦ୍‌ଘାଟନୀ ଉତ୍ସବରେ ରହମନ ଏହାକୁ ପରିବେଷଣ କରିବେ। ସୂଚନାଯୋଗ୍ୟ ଯେ, ୨୦୦୮ରେ ଡ୍ୟାନି ବଏଲଙ୍କ ନିର୍ଦ୍ଦେଶିତ 'ସ୍ଲମ୍ ଡଗ୍ ମିଲିୟନେୟର' ହଲିଉଡ ଚଳଚ୍ଚିତ୍ରରେ ରହମନ ସଙ୍ଗୀତ ନିର୍ଦ୍ଦେଶନାରେ ଓ ଗୁଲଜାରଙ୍କ ରଚନାରେ 'ଜୟ ହୋ' ବେଶ୍ ଲୋକପ୍ରିୟ ହୋଇଥିଲା। ଏହି ଗୀତ ପାଇଁ ରହମନ ଓ ଗୁଲଜାର ଓସ୍କାର ପୁରସ୍କାର ମଧ୍ୟ ହାସଲ କରିଥିଲେ।


# CLASSIFIED DISPLAY

ALL EDITION-B/W (Every Day) For Booking Contact: 0674-2580385, 7894447131, 7894447148, 9437038266, 7894447166

SPOT ADMISSION
B.Ed
CT(D.EL.Ed) & M.Ed
Admission Closing Soon
Acharya Nagarjuna University
UGC & NCTE Approved
Equivalent to Utkal University
Weekend Class & Study Material
SINCE 2001 NIDT
B.J.B. Nagar, Lewis Road, Bhubaneswar
9338229373, 9438286091
9776587145

ମୋବାଇଲ ଉପକରଣ
ଆମ୍ବନୀ ଗ୍ରୁପ୍ ଭାରତର ସର୍ବପ୍ରଥମ କମ୍ପାନୀ (ରେଜି. odi577407) । ଖାଲି ଜମିରେ ଡିଜିଟାଲ ଉପକରଣ ଲଗାନ୍ତୁ। ଅଗ୍ରିମ 70,000,00 ଭଡ଼ା 50,000 + ଏକ ବାଇକ୍ + 1 ଲାପ୍‌ଟପ୍ ଫ୍ରି + ମାସିକ 60,000ର ଅନ୍ୟାନ୍ୟ ସୁବିଧା। (ଇଚ୍ଛୁକ ବ୍ୟକ୍ତି ନାମ-ଠିକଣା ଏସ୍ଏମ୍ଏସ୍/ଫୋନ୍ କରନ୍ତୁ)
9634734514
23/315, Block-23, Trilok Puri, Delhi

ଫାଇନାନ୍ସ
ଓଡ଼ିଶା ଫାଇନାନ୍ସ ଭାରତୀୟ ଗୋଲ୍ଡ ମେଡାଲିଷ୍ଟ କମ୍ପାନୀ ସରକାରୀ ଜନକଲ୍ୟାଣ ଯୋଜନା ଦ୍ୱାରା ସବୁ ପ୍ରକାର ଋଣ ମାର୍କଶିଟ୍, ପ୍ରପର୍ଟି, ଆଧାର କାର୍ଡ, ପର୍ସନାଲ, କୃଷି, ରାଶନକାର୍ଡ ସମସ୍ତ ଋଣ ୪୦% ସବ୍‌ସିଡ଼ି, ୨% ସୁଧ।
(ଟଙ୍କା ନେଉନାହୁଁ, ଧୋକା ଦେଉନାହୁଁ)
9193648143
9193648156
Koharaulia, Liladewa, Sonbhadra Yogichaura, Uttar Pradesh, 231222

Ambujha Group
Govt. Registered Gold Medalist
କମ୍ପାନୀ ଦ୍ୱାରା ନିଜ ଖାଲି ଜମି, ଛାତ, ପ୍ଲଟ୍‌ରେ ସବୁ କମ୍ପାନୀର ଡିଜିଟାଲ୍ ଉପକରଣ ଲଗାନ୍ତୁ। ଅଗ୍ରିମ ୨୦ ଲକ୍ଷ, ଭଡ଼ା - 45,000/- + ବାଇକ୍ ଓ ଅନ୍ୟାନ୍ୟ ସୁବିଧା ପାଆନ୍ତୁ ।
9671892171
7060089488
WZ-94B, TF, Gali No.3, Guru Nanak Nagar, Delhi

ଠକମାନଙ୍କ ପ୍ରତି ସାବଧାନ
ନଂ.1 Govt. Approved Vision Group ଦ୍ୱାରା ଆପଣଙ୍କ ଖାଲି ଜମି, ପ୍ଲଟ୍‌ରେ ଡିଜିଟାଲ ଉପକରଣ ଲଗାନ୍ତୁ ମାତ୍ର 7 ଦିନରେ ଏବଂ ପାଆନ୍ତୁ: ଭଡ଼ା- 60,000/-, ଅଗ୍ରିମ- 45 ଲକ୍ଷ। ସିଧାସଳଖ କମ୍ପାନୀ ସହ ଯୋଗାଯୋଗ କରନ୍ତୁ।
ପୂଜା ବର୍ମା
7526990563
A-65 - Anoop Nagar, Block-A, Bindapur, Indore

Get Instant Cash Against Gold
Gold Cash
Sell Your Gold at 100% Market Value
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବୁ। ବିକ୍ରି କରନ୍ତୁ ଆପଣଙ୍କ ସୁନା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free- 1800-120-3430
Bhubaneswar, Cuttack, Rourkela, Bhadrak, Berhampur

FLY ASH BRICKS MACHINE
DEALERS REQUIRED ALL OVER ODISHA
M/s Rashmi Enterprises Rourkela Bisra
CONTACT
7749095348, 8249919890

FINANCE
ନବରାତ୍ର ଋଣ ଧମାକା । ଭାରତର ସବୁଠାରୁ ବଡ କମ୍ପାନୀ Kuber Finance ୧୨ଘଣ୍ଟା ମଧ୍ୟରେ ଯୋଗାଇ ଦେଉଛି 2% ବାର୍ଷିକ ସୁଧରେ ମାର୍କଶିଟ, ଆଧାରକାର୍ଡ, ପ୍ରପର୍ଟି, ବ୍ୟବସାୟ, ପ୍ରୋଜେକ୍ଟ ଋଣ । ମହିଳା ଓ ଛାତ୍ରୀଛାତ୍ରଙ୍କ ପାଇଁ ସ୍ୱତନ୍ତ୍ର 50% ରିହାତି । ଅନଲାଇନ ଠକେଇ ପ୍ରତି ସାବଧାନ।
9634685376
7895118679

SMS JOBS DHAMAKA (PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph- 7739216167 9973805993

BARSHA FINANCE
ସବୁ ଜିଲ୍ଲାର ଶିକ୍ଷିତ ଓ ବେରୋଜଗାରୀମାନେ ନିଜର ପ୍ରମାଣପତ୍ର ଦ୍ୱାରା ସମସ୍ତ ପ୍ରକାର ଲୋନ୍ ନେଇପାରିବେ। ପର୍ସନାଲ, ବିଜ୍‌ନେସ, ଶିକ୍ଷା, ହୋମ୍, କୃଷି ଓ ପଶୁପାଳନ। ୨% ସୁଧରେ ବର୍ଷା ଫାଇନାନ୍ସ ଲୋନ୍ ଯୋଗାଇ ଦେଉଛି।
M: 8337960856, 8337960833

BUSINESS
ବଂଶଲ ଗ୍ରୁପ୍ ଦ୍ୱାରା ନିଜର ଖାଲି ଜମି, ଛାତ, ପ୍ଲଟ୍ ଉପରେ ଡିଜିଟାଲ ଓ ମଲ୍ଟିମିଡିଆ ଉପକରଣ ଲଗାନ୍ତୁ। 60 ଲକ୍ଷ ଅଗ୍ରିମ, ଭଡ଼ା 40 ହଜାର।
ଦ୍ରଷ୍ଟବ୍ୟ: ଉପକରଣ ଲଗାଇବାର ଅନୁମତି ଅଳ୍ପ କେତୋଟି କମ୍ପାନୀର ଅଛି।
CONTACT 86979-80580 95578-79781

FINANCE
କମ ସୁଧ ଆକର୍ଷଣୀୟ ଛାଡ
Maa mangalam Finance
ସମସ୍ତ ଋଣ ୩ରୁ ୬ ଦିନ ମଧ୍ୟରେ ଘରେ ବସି ପାଆନ୍ତୁ । ଉଦ୍ୟୋଗ, ପର୍ସନାଲ, ପ୍ରପର୍ଟି, ମାର୍କଶିଟ ଋଣ ଉପଲବ୍ଧ । ୩୦ହଜାର ପର୍ଯ୍ୟନ୍ତ ମହିଳାଙ୍କ ଗ୍ରାହକଙ୍କ ପାଇଁ ବିଶେଷ ଛାଡ । (ସର୍ତ୍ତାବଳୀ ଲାଗୁ)
E-36, Ground Floor, Krishna Apartment Boring Rd, Patna-24
9546657102

SHARMA FINANCE
25 ଲକ୍ଷ୍ୟରୁ ଅଧିକ ସନ୍ତୁଷ୍ଟ ଗ୍ରାହକ
Sharma Finance Company
ଶିକ୍ଷିତ ଓ ବେରୋଜଗାରୀ ମାନେ ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ, ପେ-ସ୍ଲିପ୍ ଋଣ ମାତ୍ର 24 ଘଣ୍ଟାରେ । 2% ବାର୍ଷିକ ସୁଧ 50% ଛାଡ । ଘରେ ବସି ପାଆନ୍ତୁ
ମହିଳା ମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Plot No.-704/2019, Sector-5, Mysore, Bangalore
9674690190
7895084744

Urbasi Oil & Capsules
ନାରୀର ସୌନ୍ଦର୍ଯ୍ୟତା ପାଇଁ ବ୍ୟବହାର କରନ୍ତୁ ।
Bhaskar's semegra (Oil & Capsules)
ଶକ୍ତି ବଢ଼ାଇ ଉତ୍ତେଜନା ଆଣି ମସ୍ତିରେ ରଖେ
ସବୁଠାରୁ ଉତ୍ତମ ଓ ସବୁଠାରୁ ଶସ୍ତା
60 Capsul only Rs. 270/-
ସମସ୍ତ ଔଷଧ ଦୋକାନରେ ଉପଲବ୍ଧ ।
Stockist-Odisha Drug Distributor
Cell: 7873239883

LOAN
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କଶିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
8658167603
7064382081

ଯାନ୍ତ୍ରିକ ଉପକରଣ
All India Govt. (ପଞ୍ଜୀକୃତ) ଗୋଲ୍ଡ ମେଡାଲିଷ୍ଟ କମ୍ପାନୀରୁ ନିଜ ଖାଲି ଜମି, ଛାତ, ପ୍ଲଟ୍ ଉପରେ ଡିଜିଟାଲ ଉପକରଣ ଲଗାନ୍ତୁ । ଅଗ୍ରିମ ୨୦,୦୦୦,୦୦ ଭଡ଼ା 45,000, ବାଇକ୍ + ଅନ୍ୟାନ୍ୟ ସୁବିଧାସୁଯୋଗ। ସିଧାସଳଖ କମ୍ପାନୀ ସହ କଥା ହୁଅନ୍ତୁ।
7056060195
7065897645
G-72(A), Jahangir Puri, Galli No.-8, Delhi

!! ଋଣ ଋଣ ଋଣ !!
ମହାରାଷ୍ଟ୍ର ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ଋଣ ୯୦୦/-ରେ
୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ
0% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି ସମସ୍ତ ଋଣ ମାତ୍ର ୧ ଦିନରେ
Toll Free
18001214188
8556894339
Office Add.: 102, Dalamal House, 3rd Floor, Nariman Point, Mumbai

ସାକ୍ଷୀ ଫାଇନାନ୍ସ
ଋଣ ଋଣ ଋଣ
ସରକାରୀ ଜନକଲ୍ୟାଣ ଋଣ ମାତ୍ର 24 ଘଣ୍ଟାରେ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଏଗ୍ରିକଲ୍ଚର, ସୁଧ 1% ବାର୍ଷିକ, ରିହାତି 45% (ମହିଳାଙ୍କ ପାଇଁ ବିଶେଷ ରିହାତି)
At: 208, Jiwan Park, Delhi - 110059
Mob: 07310616779

FINANCE
UNB ଋଣ ଲିମିଟେଡ୍ ଭରସାର ପ୍ରତିକ ସରକାରୀ ସ୍ୱୀକୃତିପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ମାତ୍ର ୩୬ ଘଣ୍ଟାରେ । 0% ସୁଧ 45% ଛାଡ । ଘରେ ବସି ପାଆନ୍ତୁ
No File Charge No Guarantor
Apply Online From Home
7302721098
8650077892

Dhanlaxmi Finance Services
ଓଡ଼ିଶା ସରକାରଙ୍କ ଦ୍ୱାରା ପଞ୍ଜୀକୃତ (Reg No.- od5348dh45) ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବ୍ୟବସାୟ ଏବଂ ସବୁ ପ୍ରକାର ଋଣ 72 ଘଣ୍ଟାରେ ପାଆନ୍ତୁ । (1 ଲକ୍ଷରୁ 5 କୋଟି ପର୍ଯ୍ୟନ୍ତ) 1% ସୁଧ, 40% ରିହାତି।
74/8, Taaran, Punjab
dhanlaxmifin1991@gmail.com
Call Now: 09193648126

କମ୍ପାନୀର ସମସ୍ତ ଖର୍ଚ୍ଚ ଋଣରୁ କଟିବ। ଭାରତର ନଂ.1 କମ୍ପାନୀ
M. GROUP OF FINANCE
ଦ୍ୱାରା ମାର୍କଶିଟ୍, ପ୍ରପର୍ଟି ଆଦି ସମସ୍ତ ଋଣ ଘରେ ବସି ପାଆନ୍ତୁ 2% ସୁଧ, 50% ରିହାତିରେ। (ଠକମାନଙ୍କ ପ୍ରତି ସାବଧାନ)
9467916478
9467913850
J/6, B-Block, Jiwan Park, Delhi

ଦୀପାବଳି ଧମାକା
ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ।
CAPITAL SMALL FINANCE LIMITED
ପଞ୍ଜୀକରଣ ନଂ. KA76108CH8928
ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, ବ୍ୟବସାୟ ସବୁ ଋଣ 24ରୁ 48 ଘଣ୍ଟାରେ ଘରେ ବସି 2% ସୁଧ, 40% ରିହାତି।
D-244, Tejendra Nagar, Zundal, Zundal-382421, Tal.- Gandhinagar, Dist- Gandhinagar
MOB +91 8126993527 +91 8126673652
ଠକମାନଙ୍କ ପ୍ରତି ସାବଧାନ

ଇନ୍‌ଫ୍ରା ଟେଲିକମ୍ ନେଟ୍‌ୱର୍କ କମ୍ପାନୀ
ଖାଲି ଜମି, ଚାଷଜମି, ଛାତ ଯେକୌଣସି ସ୍ଥାନରେ ନେଟ୍‌ୱର୍କ ଉପକରଣ ସ୍ଥାପନ କରନ୍ତୁ। ଅଗ୍ରିମ 30-90 ଲକ୍ଷ । ଭଡ଼ା - 30ରୁ ୨୦ ହଜାର। ମାତ୍ର 72 ଘଣ୍ଟାରେ ଜମି ଯାଞ୍ଚ ଏବଂ ନେଟ୍‌ୱର୍କ ଉପକରଣ ସ୍ଥାପନ + ମାଗଣା ମୋବାଇଲ, ବାଇକ୍ + ମାସିକ 30,000 ର ଅନ୍ୟାନ୍ୟ ସୁବିଧାସୁଯୋଗ। ନାମ ଓ ଠିକଣା ଦିଅନ୍ତୁ ତା'ପରେ ଆମେ ଆପଣଙ୍କୁ ସର୍ଭେ ଫଳାଫଳ ଦେବୁ।
Address:- Head Office G-79 Aadrsh Nagar Krolbagh Delhi
Contact: 8009586581, 8881393751

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଭଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
କୌଣସି ପ୍ରକାର ସମସ୍ୟାର ସମାଧାନ ପାଇଁ ମୋତେ ସମ୍ପର୍କ କରନ୍ତୁ
ସ୍ପେଶାଲିଷ୍ଟ: ବଶୀକରଣ ଓ ମୁଠକରଣୀ
ବାବା ଆଲାମ ଖାନ
ମ୍ୟାଷ୍ଟର କ୍ୟାଣ୍ଟିନ, ରାମ ମନ୍ଦିର ପାଖ, ଭୁବନେଶ୍ୱର
9773820765
8512004851

DOORSANCHAR YOJNA (A GOVT. APPROVED)
ସରକାରୀ ଯୋଜନାରେ ଅନ୍ତର୍ଗତ ଯାନ୍ତ୍ରିକ ଉପକରଣ ଗୁଡିକ ନିଜର ପ୍ଲଟ୍, କ୍ଷେତ, ଛାତ ଉପରେ ଶତ ପ୍ରତିଶତ ଗ୍ୟାରେଣ୍ଟେଡ୍ ଶୀଘ୍ର ଲଗାନ୍ତୁ
ଭଡ଼ା- ୧୨୦୦୦୦/- + ଆଡଭାନ୍ସ- ୧ କୋଟି ୨୦ ଲକ୍ଷ + କୋର୍ଟ ଏଗ୍ରିମେଣ୍ଟ
୨ ଚାକିରୀ + ରହିବା + ଖାଇବା Free
Office No.413, Commercial Complex, Paschim Vihar, New Delhi-64
08076675193
08700152155

FINANCE
No File Charge No Guarantor
KMB ଋଣ ଲିମିଟେଡ୍ ଭରସାର ପ୍ରତିକ ସରକାରୀ ସ୍ୱୀକୃତିପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ମାତ୍ର ୩୬ ଘଣ୍ଟାରେ । 0% ସୁଧ 50% ଛାଡ । ଘରେ ବସି ପାଆନ୍ତୁ
Apply Online From Home
Lane No - 5, MG Road, Bangalore
8445013573
7895667899

ତନ୍ତ୍ର ମନ୍ତ୍ର ସମ୍ରାଟଙ୍କ ଖୋଲା ଚ୍ୟାଲେଞ୍ଜ
ଯେଉଁଠି ଆଶ ସେଠି ହେବ A to Z ସମସ୍ୟାର 2 ଘଣ୍ଟାରେ ସମାଧାନ
ସ୍ପେଶାଲିଷ୍ଟ: ବଶୀକରଣ, ମୁଠହରଣୀ, ମନ ମୁତାବକ ପ୍ରେମ, ବିବାହରେ ବାଧା, ଗଣମୁକ୍ତି, ଗର୍ଭ ବନ୍ଧନ, ଗୃହ କ୍ଳେଶ, ବିଦେଶ ଯାତ୍ରା, ସଉତୁଣୀ ଓ ଶତ୍ରୁ ମୁକ୍ତି, କ୍ୟାରିୟର ମଟେରିଂ, ସ୍ୱାମୀ ସ୍ତ୍ରୀ ମନୋମାଳିନ୍ୟ, ଚାକିରି, ବ୍ୟବସାୟ, ଯାଦୁ ଟୋନା ଭଳି ସମସ୍ୟାର 101% ସମାଧାନ।
ବାବା ହଜରତ ଉସମାନ
21 ବୈଦିକ ବିଦ୍ୟାରେ ନିପୁଣ
9873361894, 9654673664

ପାଠକଙ୍କ ପାଇଁ ସୂଚନା:
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

TARIFF — MORE SPACE • SAME PRICE — * GST 5% Extra

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |



ପ୍ରଥମ ଥର ପାଇଁ 'ବ୍ଲାଙ୍କ୍' ଫିଲ୍ମରେ ପୋଲିସ ଅଫିସର ଭୂମିକାରେ ଆକ୍ସନ ରୋଲ୍ କରିବା ମୋ ପାଇଁ କୌତୁହଳଜନକ।
-ଇଶିତା ଦତ୍ତ, ବଲିଉଡ୍ ଅଭିନେତ୍ରୀ



# ଭାରତରେ ମୁସଲମାନଙ୍କ ଦାରିଦ୍ର୍ୟ କମିଛି



**ଜାତିସଂଘ:** ଭାରତ ଦାରିଦ୍ର୍ୟ ଦୂରୀକରଣ ପାଇଁ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଉଥିବାବେଳେ ମୁସଲମାନ, ଅନୁସୂଚିତ ଜନଜାତି ଓ ଦଳିତମାନେ ଉଲ୍ଲେଖନୀୟ ଅଗ୍ରଗତି କରିପାରିଛନ୍ତି। ଜାତିସଂଘ ଦ୍ୱାରା ପ୍ରକାଶିତ ରିପୋର୍ଟରୁ ଏହି ସୂଚନା ମିଳିଛି। ୨୦୦୫-୦୬ରୁ ୨୦୧୫-୧୬ ମଧ୍ୟରେ ଏହା ହେଉଛି ଭାରତରେ 'ଅତି ସକାରାତ୍ମକ ଧାରା'। ଅତ୍ୟନ୍ତ ଦରିଦ୍ର ଲୋକମାନେ ଉନ୍ନତି କରିପାରିଛନ୍ତି ବୋଲି ଅକ୍ସଫୋର୍ଡ ପଭର୍ଟି ଆଣ୍ଡ ହ୍ୟୁମ୍ୟାନ୍ ଡେଭଲପମେଣ୍ଟ ଇନିସିଏଟିଭ୍ (ଓପିଏଚ୍‌ଡିଆଇ)ର ନିର୍ଦ୍ଦେଶକ ସାବିନା ଆଲକାୟର କହିଛନ୍ତି। ଏଠାରେ ୨୦୧୮ ମଲ୍ଟିଡାଇମେନସନାଲ୍ ପଭର୍ଟି ଇଣ୍ଡେକ୍ସ (ଏମ୍‌ପିଆଇ) ଉପସ୍ଥାପନ କରିବା ଅବସରରେ ଆଲକାୟର ଏହା ପ୍ରକାଶ କରିଛନ୍ତି। ଜାତିସଂଘ ଉନ୍ନୟନ କାର୍ଯ୍ୟକ୍ରମ (ୟୁଏନ୍‌ଡିପି) ଏବଂ ଓପିଏଚ୍‌ଡିଆଇ ଦ୍ୱାରା ପ୍ରସ୍ତୁତ ଏମ୍‌ପିଆଇ ଉନ୍ନୟନର ବିଭିନ୍ନ ଦିଗକୁ ବିଚାରକୁ ନେଇଥାଏ।

ଅନୁସୂଚିତ ଜନଜାତି ସମ୍ପ୍ରଦାୟର ସଦସ୍ୟମାନେ ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବା ବେଳେ ସେମାନଙ୍କ ଦାରିଦ୍ର୍ୟ ବିଗତ ଦଶନ୍ଧିରେ ଦ୍ରୁତ ଗତିରେ ହ୍ରାସ ପାଇଛି। ଅନୁରୂପ ଭାବରେ ଦଳିତମାନେ ମଧ୍ୟ ଉନ୍ନତି କରିପାରିଛନ୍ତି ବୋଲି ଆଲକାୟର କହିଛନ୍ତି। ମୁସଲମାନ ଭଳି ଏକ ଧର୍ମୀୟ ଗୋଷ୍ଠୀର ବ୍ୟକ୍ତିମାନେ ୧୦ବର୍ଷ ତଳେ ଅତ୍ୟନ୍ତ ଦରିଦ୍ର ଥିଲେ। ସେମାନଙ୍କ ଦାରିଦ୍ର୍ୟ ଉଲ୍ଲେଖନୀୟ ଭାବରେ ହ୍ରାସ ପାଇଥିବା ଏମ୍‌ପିଆଇରୁ ସୂଚନା ମିଳିଛି।

୨୦୦୬ରୁ ୨୦୧୬ ମଧ୍ୟରେ ଅନୁସୂଚିତ ଜନଜାତିଙ୍କ ଏମ୍‌ପିଆଇ ୦.୪୪୭ରୁ ହ୍ରାସପାଇ ୦.୨୨୯ ହୋଇଛି। ଏହି ଦଶନ୍ଧି ମଧ୍ୟରେ ଦାରିଦ୍ର୍ୟ ହାର ୭୯.୮%ରୁ ୫୦%କୁ ହ୍ରାସ ପାଇଛି। ସେହିଭଳି ଦଳିତଙ୍କ ଏମ୍‌ପିଆଇ ୦.୩୩୮ରୁ ୦.୧୪୫କୁ ହ୍ରାସ ପାଇଥିବା ବେଳେ ଦାରିଦ୍ର୍ୟ ହାର ୬୫%ରୁ ୩୨.୯%କୁ ହ୍ରାସ ପାଇଛି। ସେହିପରି ମୁସଲମାନ ସମ୍ପ୍ରଦାୟର ଏମ୍‌ପିଆଇ ୨୦୦୬ରେ ୦.୩୩୧ ଥିବା ବେଳେ ୨୦୧୬ରେ ଏହା ୦.୧୪୪କୁ ହ୍ରାସ ପାଇଛି। ଏହି ସମ୍ପ୍ରଦାୟର ଦାରିଦ୍ର୍ୟ ହାର ୬୦.୩%ରୁ ୩୧.୧%କୁ ହ୍ରାସ ପାଇଛି। ଜାତୀୟ ସ୍ତରରେ ଏହି ୩ଟି ବର୍ଗର ଲୋକଙ୍କ ଦାରିଦ୍ର୍ୟ ୨୦୦୬ରେ ୫୪.୭% ଥିବାବେଳେ ୨୦୧୬ରେ ଏହା ୨୭.୫%କୁ ହ୍ରାସ ପାଇଛି। ସେହିଭଳି ଏହି ବର୍ଗ ଲୋକଙ୍କ ଏମ୍‌ପିଆଇ ୧୦ବର୍ଷ ମଧ୍ୟରେ ୦.୨୭୯ରୁ ୦.୧୨୧କୁ ହ୍ରାସ ପାଇଥିବା ଉକ୍ତ ତଥ୍ୟାବଳୀରେ ପ୍ରଦର୍ଶିତ ହୋଇଛି। ଅର୍ଥାତ୍ ୨୦୦୫-୦୬ରେ ଏହି ବର୍ଗର ଦରିଦ୍ରଙ୍କ ସଂଖ୍ୟା ୬୩୫ ନିୟୁତ ଥିବାବେଳେ ୨୦୧୫-୧୬ ବେଳକୁ ଏହା ୨୭୧ ନିୟୁତ ହ୍ରାସ ପାଇ ୩୬୪ ନିୟୁତରେ ପହଞ୍ଚିପାରିଥିବା ଏମ୍‌ପିଆଇରୁ ସୂଚନା ମିଳିଛି।

# ଗିର୍ ଜଙ୍ଗଲରେ ୧୧ ସିଂହ ମୃତ

ରାଜକୋଟ,୨୧।୯(ପି.ଟି.)



ଗୁଜରାଟର ଗିର୍ ଜଙ୍ଗଲରେ ୧୧ଟି ସିଂହ ମୃତଦେହ ଉଦ୍ଧାର ହୋଇଛି। ସବୁତକ ସିଂହ ଗତ ୧୦-୧୧ଦିନ ମଧ୍ୟରେ ପ୍ରାଣ ହରାଇଥିବା ଅନୁମାନ କରାଯାଉଛି। ସିଂହ ମୃତ୍ୟୁ ଖବର ପ୍ରକାଶ ପାଇବା ପରେ ପ୍ରାଣୀପ୍ରେମୀଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଥିବାବେଳେ ରାଜ୍ୟ ସରକାରଙ୍କ ପକ୍ଷରୁ ଏହାର ତଦନ୍ତ ନିର୍ଦ୍ଦେଶ ଦିଆଯାଇଥିବା ଜଣାପଡ଼ିଛି।

ସମସ୍ତ ସିଂହଙ୍କ ଅବଶେଷ ଗିର୍ ଜଙ୍ଗଲର ପୂର୍ବ ଡିଭିଜନ୍‌ରେ ଠାବ କରାଯାଇଛି। ଅମ୍‌ରେଲୀ ଜିଲାର ରାଜୁଲା ନିକଟରେ ବୁଧବାର ଏକ ସିଂହୀର ମୃତଦେହ ଠାବ କରାଯାଇଥିଲା। ସେହିଦିନ ଦଲ୍‌ଖାନିଆ ରେଞ୍ଜରୁ ଆଉ ୩ ସିଂହଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ଜଙ୍ଗଲର ଭିନ୍ନ ଭିନ୍ନ ପ୍ରାନ୍ତରେ ଆଉ ୭ ଅର୍ଦ୍ଧଗଳିତ ମୃତଦେହ ଉଦ୍ଧାର କରାଯାଇଛି ବୋଲି ଗିର୍ (ପୂର୍ବ) ରେଞ୍ଜ୍ ଉପ ବନ ସଂରକ୍ଷକ ପି. ପୁରୁଷୋତ୍ତମ ସୂଚନା ଦେଇଛନ୍ତି। ତେବେ ଏହି ମୃତ ବନ୍ୟପ୍ରାଣୀଙ୍କ ଭିସାରା ନମୁନା ସଂଗ୍ରହ କରାଯାଇ ଜୁନାଗଡ଼ ପଶୁ ଚିକିତ୍ସାଳୟକୁ ପଠାଇ ଦିଆଯାଇଥିବା ସେ କହିଛନ୍ତି। ରାଜ୍ୟ ସରକାର ଏହାର ତଦନ୍ତ ନିର୍ଦ୍ଦେଶ ଦେଇଥିବା ଗୁଜରାଟ ବନ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ରାଜୀବ କୁମାର ସୂଚନା ଦେଇଛନ୍ତି। ଲଢ଼େଇ ଏବଂ ରୋଗ ଯୋଗୁ ଏତେ ସଂଖ୍ୟାରେ ସିଂହ ପ୍ରାଣ ହରାଇଥିବା ବନ ବିଭାଗ ପିସିସିଏଫ୍ ଏ.କେ. ସକ୍ସେନ ଆଶଙ୍କାବ୍ୟକ୍ତ କରିଛନ୍ତି। ଲଢ଼େଇ ଏବଂ ଏହା ଜନିତ କ୍ଷତ ଯୋଗୁ ୮ଟି ସିଂହ ପ୍ରାଣ ହରାଇଥିବା ଅନୁମାନ କରାଯାଉଛି। ଏଥିରେ ଅଧିକ ସିଂହୀ ଏବଂ ଶାବକଙ୍କ ଜୀବନ ଯାଇଛି। ଏହା ଶିକାରୀଙ୍କ କାର୍ଯ୍ୟ ହୋଇଥିବା ଆଦୌ ଜଣାପଡୁନାହିଁ। ତଥାପି ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପ୍ରକୃତ ଘଟଣା ସାମ୍ନାକୁ ଆସିବ ବୋଲି ସକ୍ସେନା ପ୍ରକାଶ କରିଛନ୍ତି।



ଶୁକ୍ରବାର ଅପରାହ୍ଣ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ**—ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ଅଧିକାଂଶ ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି।

**ସ୍ଥାନୀୟ ଅଞ୍ଚଳ**—ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘାଚ୍ଛନ୍ନ ରହିବ। ଘଡ଼ଘଡ଼ି ସହ ବର୍ଷା ମଧ୍ୟ ହୋଇପାରେ। ଶନିବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୧ ଡିଗ୍ରୀ ଏବଂ ସର୍ବନିମ୍ନ ୨୪ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ଶୁକ୍ରବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୬.୮ | ୨୨.୬ |
| ଚାନ୍ଦବାଲି | ୨୭.୭ | ୨୫.୦ |
| କଟକ | ୨୮.୬ | ୨୩.୪ |
| ପାରାଦ୍ୱୀପ | ୩୦.୦ | ୨୭.୧ |
| ଭୁବନେଶ୍ୱର | ୨୯.୬ | ୨୪.୯ |
| ଗୋପାଳପୁର | ୩୧.୨ | ୨୪.୮ |
| ପୁରୀ | ୩୦.୦ | ୨୫.୮ |
| ଅନୁଗୋଳ | ୨୮.୧ | ୨୨.୦ |
| ବାରିପଦା | ୨୫.୮ | ୨୩.୫ |
| ଝାରସୁଗୁଡ଼ା | ୨୮.୪ | ୨୪.୫ |
| କେନ୍ଦୁଝର | ୨୪.୭ | ୨୨.୭ |
| ସମ୍ବଲପୁର | ୨୯.୮ | ୨୩.୩ |
| ସୁନ୍ଦରଗଡ଼ | ୩୦.୦ | ୨୧.୦ |
| ହୀରାକୁଦ | ୨୯.୫ | ୨୪.୬ |
| ତାଳଚେର | ୩୦.୨ | ୨୪.୫ |
| ଭବାନୀପାଟଣା | ୨୯.୦ | ୨୩.୪ |
| ବଲାଙ୍ଗୀର | ୨୯.୦ | ୨୪.୦ |
| କୋରାପୁଟ | ୨୩.୦ | ୧୯.୦ |
| ଫୁଲବାଣୀ | ୨୭.୫ | ୨୧.୫ |
| ଟିଟିଲାଗଡ଼ | ୩୦.୦ | ୨୧.୫ |
| ମାଲକାନଗିରି | ୨୫.୦ | --- |
| ସୋନପୁର | ୩୧.୪ | ୨୨.୬ |
| ଦାରିଙ୍ଗିବାଡ଼ି | ୨୪.୫ | ୨୦.୦ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

## ଇତିହାସର ଆଇନାରେ

### ସେପ୍ଟେମ୍ବର ୨୨ର ପ୍ରମୁଖ ଘଟଣା

୧୯୬୫ ସେପ୍ଟେମ୍ବର ୨୨ରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଲାଗି ରହିଥିବା ଯୁଦ୍ଧର ବିଧିବଦ୍ଧ ପରିସମାପ୍ତି ଘଟିଥିଲା। ଯୁଦ୍ଧବିରତି ପାଇଁ ମିଳିତ ଜାତିସଂଘ ସୁରକ୍ଷା ପରିଷଦରେ ଯୁଦ୍ଧବିରତି ସଂକଳ୍ପନାମା ଆଗତ ହୋଇଥିଲା। ଯୁଦ୍ଧର ଅନ୍ତ ପାଇଁ ଏହିଦିନ ଉକ୍ତ ସଂକଳ୍ପନାମାକୁ ଉଭୟ ପକ୍ଷରୁ ନିଃସର୍ତ୍ତ ସମର୍ଥନ ମିଳିଥିଲା। ଦୁଇ ପଡ଼ୋଶୀ ଦେଶ ମଧ୍ୟରେ ଏପ୍ରିଲରେ ଆରମ୍ଭ ହୋଇଥିବା ଯୁଦ୍ଧ ସେପ୍ଟେମ୍ବରରେ ଶେଷ ହୋଇଥିଲା।

୧୯୯୧ ସେପ୍ଟେମ୍ବର ୨୨ରେ ପୁରାତନ ଇହୁଦୀ ଧାର୍ମିକ ପାଣ୍ଡୁଲିପି 'ଡେଡ୍ ସି ସ୍କ୍ରୋଲ୍' (କମ୍‌ରାନ୍ କେଭ୍‌ସ ସ୍କ୍ରୋଲ୍)ର ସାର୍ବଜନୀନ କରାଯାଇଥିଲା। ହିବ୍ରୁ ଭାଷାର ଏହି ପୁରାତନ ଲିପିକୁ ୱେଷ୍ଟ ବ୍ୟାଙ୍କ୍ ନିକଟରେ ଡେଡ୍ ସି'ରୁ ଉଦ୍ଧାର କରାଯାଇଥିଲା। ଅଧାନଷ୍ଟ ଅବସ୍ଥାରେ ଉଦ୍ଧାର କରାଯାଇଥିବା ଭିନ୍ନ ପ୍ରକାରର ପ୍ରାୟ ୯୮୧ ପାଣ୍ଡୁଲିପିକୁ ଗବେଷକମାନେ ଏକତ୍ର କରିପାରିଥିଲେ। ଏହା ୧୯୪୬-୪୭ ଏବଂ ୧୯୫୬ରେ ୧୧ଟି ଗୁମ୍ଫା ମଧ୍ୟରୁ ଉଦ୍ଧାର କରାଯାଇଥିଲା।

## ଇଭାଙ୍କାଙ୍କ ସ୍ୱପ୍ନ



**ୱାଶିଂଟନ୍:** ସେ ହେଉଛନ୍ତି ଗ୍ଲୋବାଲ୍ ଫ୍ୟାଶନ୍ ଆଇକନ୍, ସଫଳ ମହିଳା ବ୍ୟବସାୟୀ, ରିୟଲିଟି ଟିଭି ବ୍ୟକ୍ତିତ୍ୱ, ଲେଖିକା, ଆମେରିକା ରାଷ୍ଟ୍ରପତିଙ୍କ ପରାମର୍ଶଦାତା। ଏସବୁ ଉର୍ଦ୍ଧ୍ୱରେ ସେ ଜଣେ ସଫଳ ମା' ମଧ୍ୟ। ସେ ହେଉଛନ୍ତି ବିଶ୍ୱର ଜଣେ ବହୁଚର୍ଚ୍ଚିତ ଚେହେରା ଇଭାଙ୍କା ଟ୍ରମ୍ପ। କିନ୍ତୁ ଏସବୁଠୁ ଭିନ୍ନ ଜୀବନକୁ ନେଇ ଆଉ କିଛି ସ୍ୱପ୍ନ ଦେଖିଥିଲେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଝିଅ ଇଭାଙ୍କା ଟ୍ରମ୍ପ। ମହାକାଶ ଯାତ୍ରା କରିବା ତାଙ୍କର ଆଉ ଏକ ସ୍ୱପ୍ନ ବୋଲି ଇଭାଙ୍କା କହିଛନ୍ତି। ଏଠାରେ ଥିବା ଜନ୍‌ସନ୍ ସ୍ପେସ୍ ସେଣ୍ଟରକୁ ଗସ୍ତକରି ୩୬ ବର୍ଷୀୟା ଇଭାଙ୍କା ମହାକାଶଚାରୀଙ୍କ ଭୂୟସୀ ପ୍ରଶଂସା କରିଛନ୍ତି। ମହାକାଶଚାରୀ ହୋଇ ମହାଶୂନ୍ୟରେ ଘୂରି ବୁଲିବା ପିଲାବେଳୁ ତାଙ୍କର ଇଚ୍ଛା। ସେମାନେ ତାଙ୍କ ସ୍ୱପ୍ନର କାର୍ଯ୍ୟ କରୁଛନ୍ତି ବୋଲି ଇଭାଙ୍କା କହିଛନ୍ତି।

" ଭାରତର ସର୍ବ ବୃହତ୍ ସିଲ୍‌କ, କଟନ୍ ଓ ହସ୍ତତନ୍ତ ଶିଳ୍ପୀ ମାନଙ୍କର ଡାଇରେକ୍ଟ ପ୍ରଦର୍ଶନୀ ଓ ବିକ୍ରୟ "
NATIONAL SILK EXPO
22 TO 30 SEPTEMBER
Saree | Suit | Dress Material | Fashion Jewelry | Much More
Special Maharashtra Paithani, Gujarati Patola, Chhattisgarh Silk, Banarasi, Kalamkari, Uppada, Kosa Tassar, Lucknow Chikan, Sanganeri & Block Print, Mangalgiri, Gadwal, Bandhini, Kanjiwaram, Chanderi, Maheshwari, Kashmir Saree, Kantha, Khadi Silk, Tribal Work & more collection from across India
50% OFF
ବିବାହ ଓ ପର୍ବପର୍ବାଣି ପାଇଁ ବିଶେଷ ସଂଗ୍ରହ
Hotel New Marrion
Opp. Ram Mandir, 6, Janpath, Bhubaneshwar
ENTRY FREE
TIME: 11AM TO 9PM • M: 09368882225 • ALL DEBIT & CREDIT CARDS ACCEPTED

# ମଦ୍ୟପାନଜନିତ ମୃତ୍ୟୁ ୩୦ଲକ୍ଷ

**ଜେନେଭା:** ବିଶ୍ୱରେ ପ୍ରତିବର୍ଷ ମଦ୍ୟପାନ ଯୋଗୁ ୩୦ଲକ୍ଷ ଲୋକ ମୃତ୍ୟୁବରଣ କରନ୍ତି। ଏଡ୍ସ, ହିଂସାକାଣ୍ଡ ଓ ସଡକ ଦୁର୍ଘଟଣାରେ ସମୁଦାୟ ମୃତ୍ୟୁବରଣ କରୁଥିବା ଲୋକସଂଖ୍ୟାଠାରୁ ଏହା ଅଧିକ ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଶୁକ୍ରବାର ଏହାର ରିପୋର୍ଟ ପ୍ରକାଶ କରିଛି। ବିଶେଷକରି ପୁରୁଷମାନେ ମଦ୍ୟପାନ ଯୋଗୁ ଅଧିକ ସଂଖ୍ୟାରେ ମୃତ୍ୟୁର ଶିକାର ହେଉଥିବା ଦର୍ଶାଯାଇଛି। ମଦ୍ୟପାନ ଏବଂ ସ୍ୱାସ୍ଥ୍ୟ ପ୍ରସଙ୍ଗ ଉପରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଦ୍ୱାରା ପ୍ରକାଶିତ ସର୍ବଶେଷ ରିପୋର୍ଟରୁ ଜଣାଯାଏ, ପ୍ରତିବର୍ଷ ବିଶ୍ୱରେ ପ୍ରତି ୨୦ମୃତ୍ୟୁରେ ମଦ୍ୟପାନ ଜନିତ ମୃତ୍ୟୁସଂଖ୍ୟା ୧ରୁ ଅଧିକ। ମଦ୍ୟପାନ କରି ଗାଡି ଚଳାଇବା, ମଦ୍ୟପାନ ଜନିତ ହିଂସାକାଣ୍ଡ ଏବଂ ତଜ୍ଜନିତ ସ୍ୱାସ୍ଥ୍ୟ ସମସ୍ୟାକୁ ମୃତ୍ୟୁର କାରଣ ଭାବେ ଦର୍ଶାଯାଇଛି।

ମଦ୍ୟପାନଜନିତ ପୁରୁଷ ମୃତ୍ୟୁସଂଖ୍ୟା ୭୫%ରୁ ଅଧିକ ବୋଲି ଏଥିରୁ ଜାଣିବାକୁ ମିଳିଛି। ଏହାର କୁପରିଣାମ ଯୋଗୁ ସମ୍ପୃକ୍ତ ବ୍ୟକ୍ତିର ପରିବାର ତଥା ସମାଜ ବହୁଭାବରେ କ୍ଷତିଗ୍ରସ୍ତ ହୋଇଥାଏ। ହିଂସାକାଣ୍ଡ, ମାନସିକ ସ୍ୱାସ୍ଥ୍ୟ ସମସ୍ୟା ଏବଂ କ୍ୟାନ୍‌ସର ଓ ଷ୍ଟ୍ରୋକ୍ ଯୋଗୁ ଅନେକ ଲୋକ ମୃତ୍ୟୁବରଣ କରିଥାଆନ୍ତି ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ମୁଖ୍ୟ ଟେଡ୍ରସ ଆଧନମ୍ ଘେବ୍ରେଇସସ୍ ପ୍ରକାଶ କରିଛନ୍ତି।

ଏକ ସୁସ୍ଥ ସମାଜର ପ୍ରଗତିରେ ପ୍ରତିବନ୍ଧକ ସାଜିଥିବା ମଦ୍ୟକୁ ବିରୋଧ କରିବାର ସମୟ ଆସିଛି। ମଦ୍ୟପାନ ଯୋଗୁ ଲିଭର ସେରୋସିସ୍ ଏବଂ ବିଭିନ୍ନ କ୍ୟାନ୍‌ସର ସୃଷ୍ଟି ହୋଇଥାଏ। ମଦ୍ୟପାନକାରୀ ଟ୍ୟୁବରକୁଲୋସିସ୍,



ଏଚ୍‌ଆଇଭି ଏବଂ ନିମୋନିଆ ଭଳି ସଂକ୍ରାମକ ରୋଗରେ ସହଜରେ ଆକ୍ରାନ୍ତ ହୋଇଥାଆନ୍ତି ବୋଲି ଉକ୍ତ ରିପୋର୍ଟରେ କୁହାଯାଇଛି।

ୟୁରୋପ ବ୍ୟତୀତ ଏସିଆ ମହାଦେଶର ଚାଇନା ଓ ଭାରତରେ ମଦ୍ୟପାନ ବୃଦ୍ଧି ପାଇବାରେ ଲାଗିଛି। ୨୦୨୫ ସୁଦ୍ଧା ବିଶ୍ୱରେ ମଦ୍ୟପାନକାରୀଙ୍କ ସଂଖ୍ୟା ୧୦%କୁ ହ୍ରାସ କରିବା ନିମନ୍ତେ ଯେଉଁ ଲକ୍ଷ୍ୟ ରଖାଯାଇଛି ତାହା ପୂରଣ ଲାଗି ଏଭଳି କ୍ଷତିକାରକ ପାନୀୟଠାରୁ ନିବୃତ୍ତ ରହିବା ପାଇଁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ସମ୍ପୃକ୍ତ ଦେଶଗୁଡ଼ିକୁ ପରାମର୍ଶ ଦେଇଛି। ସଦସ୍ୟଭୁକ୍ତ ରାଷ୍ଟ୍ରଗୁଡ଼ିକ ମଦ୍ୟ ବିଜ୍ଞାପନ ନିଷେଧ କରିବା ସହିତ ଏହା ଉପରେ ଅଧିକ ଶୁଳ୍କ ଲାଗୁ କରିବା ଭଳି ପଦକ୍ଷେପ ନେଲେ ଅନେକ ଲୋକଙ୍କ ଜୀବନ ରକ୍ଷା ହୋଇପାରିବ ବୋଲି ଟେଡ୍ରସ୍ ପ୍ରକାଶ କରିଛନ୍ତି।

# 'ନାସା'ର ବେଲୁନ୍ ମିଶନ୍

**ୱାଶିଂଟନ୍:** ନାସାର ବେଲୁନ ମିଶନ୍ ଦ୍ୱାରା ଆମ ବାୟୁମଣ୍ଡଳରେ ଥିବା ନୀଳ ବାଦଲର ଫଟୋ ଉଠାଯାଇପାରିଛି। ଏଥିରୁ ମିଳିଥିବା ତଥ୍ୟକୁ ନକ୍ଟିଲୁସେଣ୍ଟ କ୍ଲାଉଡ୍ସ ବା ପୋଲାର ମେସୋସ୍ଫେରିକ୍ କ୍ଲାଉଡ୍ସ(ପିଏମ୍‌ସି) କୁହାଯାଏ। ଏହାକୁ ଅନୁଧ୍ୟାନକରି ପାଣିପାଗ, ମହାସାଗର, ହ୍ରଦ ଏବଂ ଅନ୍ୟ ଗ୍ରହର ପରିବେଶର ଅସ୍ଥିରତା ସମ୍ପର୍କରେ ବିଶେଷ ସୂଚନା ଜଣାପଡିବ ବୋଲି ନାସା ପକ୍ଷରୁ ଏକ ବିବୃତିରେ କୁହାଯାଇଛି।

ନାସାର ଦୀର୍ଘସୂତ୍ରୀ ବେଲୁନ୍ ମିଶନ୍ ମେସୋସ୍ଫିୟରଠାରେ ଅବସ୍ଥାନ କରିଥିବା ବେଳେ ୫ଦିନ ଧରି ବାଦଲର ଚିତ୍ର ଉତ୍ତୋଳନ କରିଥିଲା। ବେଲୁନ ମିଶନ୍ ଦ୍ୱାରା ପ୍ରେରିତ ଫଟୋଚିତ୍ରକୁ ବୈଜ୍ଞାନିକମାନେ ବିଶ୍ଳେଷଣ କରିଛନ୍ତି।

Maruti Herbal
ସାନ୍ନିଧ୍ୟର କୁହୁକ... ରହେ ଅକ୍ଷୁର୍ଣ୍ଣ
MRP : 10 cap pack ₹ 275/- 30 cap pack ₹ 650/-
Stay-On POWER CAPSULES
ଆୟୁର୍ବେଦିକ କ୍ୟାପ୍ସୁଲ୍ 'ଷ୍ଟେ-ଅନ୍', ଯେଉଁଥିରେ ଅଛି 12ରୁ ବି ଅଧିକ ପରୀକ୍ଷିତ ଆୟୁର୍ବେଦିକ ଜଡିବୁଟି (ଭିଟାମିନ୍, ମିନେରାଲ୍ ଯୁକ୍ତର) ଅସାଧାରଣ ମିଶ୍ରଣ । ଯାହାଯୋଗୁ ଆପଣ ତନ-ମନରେ ନବଯୌବନ, ରୋଗ ପ୍ରତିରୋଧକ କ୍ଷମତା, ସ୍ଫୁର୍ତ୍ତି, ଉତ୍ସାହ, ଶକ୍ତି ଏବଂ ଉଦ୍ଦୀପନାର ଅନୁଭବ ପାଇବେ।
CLINICALLY TESTED
ଷ୍ଟେ-ଅନ୍ Daily Health Supplement
S/S. Mahendra Pharma
Available as CAPSULES, ORAL LIQUID, OIL & SPRAY form at Chemists

INDIAN RAILWAYS
## ପୂର୍ବ ତଟ ରେଳପଥ
### କର୍ମଚାରୀ ଅଭିଯୋଗ ପ୍ରତିକାର ପ୍ରଣାଳୀ

ଏତଦ୍ୱାରା ପୂର୍ବ ତଟ ରେଳପଥର ସମସ୍ତ କର୍ମଚାରୀମାନଙ୍କୁ ସୂଚିତ କରାଯାଉଛି ଯେ, ସେମାନେ ଆବଶ୍ୟକ ଅନୁସାରେ ମହାପ୍ରବନ୍ଧକ / ମଣ୍ଡଳ ରେଳ ପ୍ରବନ୍ଧକଙ୍କ ସ୍ତରରେ **କର୍ମଚାରୀ ଅଭିଯୋଗ ପ୍ରତିକାର ପ୍ରଣାଳୀ** ସୁବିଧାର ସୁଯୋଗ ପ୍ରାପ୍ତ କରିପାରିବେ । ବିସ୍ତୃତ ସମୟ ସାରଣୀ ନିମ୍ନ ଅନୁଯାୟୀ ଅଟେ।

**ମହାପ୍ରବନ୍ଧକ ସ୍ତରୀୟ କର୍ମଚାରୀ ଅଭିଯୋଗ ପ୍ରତିକାର**

- ପ୍ରତ୍ୟେକ ବୁଧବାର **1000** ଘଟିକା, ଦରଖାସ୍ତ ଗୁଡ଼ିକ ମଙ୍ଗଳବାର 1100 ଘଟିକା ସୁଦ୍ଧା ଇମେଲ୍ ଠିକଣା dycpoirecor@gmail.com କିମ୍ବା ଫ୍ୟାକ୍ସ - 0674-2300031 କିମ୍ବା ଟୋଲ୍ ଫ୍ରି ନମ୍ବର : **18003457126** ମାଧ୍ୟମରେ ଦାଖଲ କରିପାରିବେ।

| କର୍ମଚାରୀ ଅଭିଯୋଗ ପ୍ରତିକାର ଅଧିକାରୀ | ଅଭିଯୋଗ ପ୍ରତିକାର ଦିନ |
|---|---|
| ମଣ୍ଡଳ ରେଳ ପ୍ରବନ୍ଧକ/ ଖୋର୍ଦ୍ଧା ରୋଡ଼ | ପ୍ରତ୍ୟେକ ସୋମବାର 1030 ଘଟିକା, ଦରଖାସ୍ତ ସେହିଦିନ 1000 ଘଟିକା ରେ ଦାଖଲ କରିବାକୁ ହେବ। |
| ମଣ୍ଡଳ ରେଳ ପ୍ରବନ୍ଧକ/ ସମ୍ବଲପୁର | ପ୍ରତ୍ୟେକ ମଙ୍ଗଳବାର 1600 ଘଟିକା ରୁ 1700 ଘଟିକା ପର୍ଯ୍ୟନ୍ତ, ଦରଖାସ୍ତ ସେହିଦିନ 1500 ଘଟିକା ରେ ଦାଖଲ କରିବାକୁ ହେବ। |
| ମଣ୍ଡଳ ରେଳ ପ୍ରବନ୍ଧକ/ ୱାଲ୍‌ଟିୟର | ବୁଧବାର ବ୍ୟତୀତ ପ୍ରତ୍ୟେକ କାର୍ଯ୍ୟ ଦିବସର 1530 ଘଟିକା ରୁ 1630 ଘଟିକା ପର୍ଯ୍ୟନ୍ତ, ଦରଖାସ୍ତ ସେହିଦିନ 1500 ଘଟିକା ରେ ଦାଖଲ କରିବାକୁ ହେବ। |
| ମୁଖ୍ୟ ପ୍ରଶାସନିକ ଅଧିକାରୀ/ ନିର୍ମାଣ | ପ୍ରତ୍ୟେକ କାର୍ଯ୍ୟ ଦିବସର 1600 ଘଟିକା ରୁ 1700 ଘଟିକା ପର୍ଯ୍ୟନ୍ତ, ଦରଖାସ୍ତ ସେହିଦିନ 1500 ଘଟିକା ରେ ଦାଖଲ କରିବାକୁ ହେବ। ପ୍ରତ୍ୟେକ ମାସର ପଞ୍ଚମ ଦିନ ଅଭିଯୋଗ ଦିବସ ଅଟେ। ଯଦି ଏହା ଛୁଟି ଦିନ ହୋଇଥାଏ, ତେବେ ପରବର୍ତ୍ତୀ କାର୍ଯ୍ୟ ଦିବସକୁ ଅଭିଯୋଗ ଦିବସ ରୂପେ ପାଳନ କରାଯିବ। |
| ମୁଖ୍ୟ କାରଖାନା ପ୍ରବନ୍ଧକ/ ମଞ୍ଚେଶ୍ୱର | ପ୍ରତ୍ୟେକ କାର୍ଯ୍ୟ ଦିବସର 1700 ଘଟିକା ରୁ 1800 ଘଟିକା ପର୍ଯ୍ୟନ୍ତ। |

PR-351/J/18-19
*ଉପ ମୁଖ୍ୟ କାର୍ମିକ ଅଧିକାରୀ, IR & W*

A grand Exhibition of Cotton & Silk
10th Cottonfab-2018
Traditional, Gorgeous & Fabulous Handlooms,
Saree : Dressmaterial : Kurties : Salwar-Kameez : Home Furnishing
SPECIAL ATTRACTION
Handloom Dress FASHION SHOW
Today 6.30 PM Onwards
BROUGHT TO YOU
UTTAR PRADESH FABRICS Chikan work, Banarasi Silk, Aplic Work, Block Print, RAJASTHAN FABRICS Block Print, Dhabu, Sanganeri, Bandhej, Kota Doria. GUJRAT FABRICS Traditional Bandhani, Kutch Embroidery MADHYA PRADESH FABRICS Light weight Chanderi, Traditional Maheshwari, Batik Print. BIHAR FABRICS Kosa, Kora, Tussar. JAMMU & KASHMIR FABRICS Embroidered Silk, Pashmina Shawls. WEST BENGAL FABRICS Kantha, Baluchari, Dhakai Jamdani, Tangail. ODISHA Sambhalpuri Ikkat, Bomkai. ANDHRA PRADESH Kalamkari Vegetable Dye, Zari Border. Mangalgiri, Pochampalli, Gadwal, Venkatgiri, Udappa. TAMILNADU FABRICS Madurai & Kanjeewaram, Coimbatore, Erode Cotton. HARYANA FABRICS Handlooms & Embroidery ALSO AVAILABLE :- Hyderabadi Real Pearl, Rajasthan Stone Polki, Mumbai & Delhi Artificial Jewellers. & Bedcovers, Bedsheets, Curtains, Export Handloom Darri, Rughs, Runner Etc.
All Debit/Credit Cards Accepted
Gate No. 3, Exhibition Ground,
Unit-III, Kharvela Nagar, Bhubaneswar
31st Aug. - 02nd Oct. 2018, Time: 10.30 AM To 9.00 PM
REGD BY:- Ministry of Textiles, Govt. of India, ORGANISED BY :- Awadh Hathkargha Hastshilp Evam Gramodyog Samiti, Lucknow
Contact No.09235602388, Email: cottonfabexpo@gmail.com,cottonfabexpo.com



ପଇସାକୁ ଯଦି ଜ୍ଞାନ ଅର୍ଜନରେ ଖଟାଇଲ ଜାଣି ରଖ ସବୁଠାରୁ ଉଚ୍ଚ ହାରରେ ସୁଧ ମିଳିବ।
- ବେଞ୍ଜାମିନ୍ ଫ୍ରାଙ୍କଲିନ୍

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ସ୍ୱାମୀ ଚିଦାନନ୍ଦ ସରସ୍ୱତୀଙ୍କ ଦଶମ ପୁଣ୍ୟତିଥି ଆରାଧନା ଦିବସ ପାଳନ, ଶିବାନନ୍ଦ ସାଂସ୍କୃତିକ କେନ୍ଦ୍ର, ଅଶୋକନଗର, ସକାଳ ୬ଟାରୁ ଆରମ୍ଭ। ସନ୍ଧ୍ୟା ଅଧିବେଶନ, ସନ୍ଧ୍ୟା ୬ଟା।
- ଇନ୍‌ଷ୍ଟିଚ୍ୟୁଟ ଅଫ୍ ଲାଇଫ୍ ସାଇନ୍ସେସ୍ ଓ ରିଜିଓନାଲ୍ ମେଡିକାଲ ରିସର୍ଚ୍ଚ ସେଣ୍ଟର, ଭୁବନେଶ୍ୱରର ମିଳିତ ଆନୁକୂଲ୍ୟରେ ସାଇନ୍ସ ଏକ୍ସପୋଜିଶନ ଆଣ୍ଡ ଓପନ୍ ଡେ', ଆଇଏଲ୍ଏସ୍ ଅଡିଟୋରିୟମ୍, ନାଲ୍‌କୋ ଛକ, ପୂର୍ବାହ୍ନ ୧୦ଟା।
- କଟନଫାବ୍-୨୦୧୮, ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍-୩, ପୂର୍ବାହ୍ନ ୧୦ଟା ୩୦ରୁ ରାତି ୯ଟା। ଫ୍ୟାଶନ ଶୋ', ସନ୍ଧ୍ୟା ୬ଟା ୩୦।
- ସିଲ୍‌କ ଫ୍ୟାବ୍ ପ୍ରଦର୍ଶନୀ, ହୋଟେଲ କଳିଙ୍ଗ ଅଶୋକ, ଗୌତମ ନଗର, ପୂର୍ବାହ୍ନ ୧୧ଟାରୁ ରାତି ୮ଟା।
- ନ୍ୟାଶନାଲ୍ ସିଲ୍କ ଏକ୍ସପୋ, ହୋଟେଲ ନ୍ୟୁ ମାରିୟନ, ପୂର୍ବାହ୍ନ ୧୧ଟାରୁ ରାତି ୯ଟା।
- ଶ୍ରୀଗୁଣ୍ଡିଚା ଆଧାତ୍ମିକ ଟ୍ରଷ୍ଟ, ଓଡ଼ିଶା ପକ୍ଷରୁ ୭ମ ଆଧାତ୍ମିକ ପୁସ୍ତକ ମହୋତ୍ସବ, ପ୍ରଦର୍ଶନୀ ପଡ଼ିଆ, ପୂର୍ବାହ୍ନ ୧୧ଟା। ସାଧାରଣ ଜ୍ଞାନ ପ୍ରତିଯୋଗିତା, ଅପରାହ୍ନ ୫ଟା। ଆଲୋଚନାଚକ୍ର, ସନ୍ଧ୍ୟା ୬ଟା।
- ଏକ୍ସପୋର୍ଟ ଇନ୍ସପେକ୍ସନ ଏଜେନ୍ସିର ନୂଆ ଅଫିସ ଓ ଲାବରେଟୋରି କମ୍ପ୍ଲେକ୍ସ ଉଦ୍‌ଘାଟନ, ପ୍ଲଟ୍ ନଂ. ୪୫/ଏ/୧, ଚନ୍ଦକା ଶିଳ୍ପାଞ୍ଚଳ, ପଟିଆ, ଅପରାହ୍ନ ୩ଟା ୩୦।
- ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ସଙ୍ଗୀତ ସନ୍ଧ୍ୟା, ସୂଚନା ଭବନ, ସନ୍ଧ୍ୟା ୬ଟା।

**ଜଟଣୀ**

- ଆଇଆଇଟି, ଭୁବନେଶ୍ୱରର ୭ମ ସମାବର୍ତ୍ତନ ସମାରୋହ, ଇନ୍‌ଷ୍ଟିଚ୍ୟୁଟ କ୍ୟାମ୍ପସ୍, ଅରଗୁଳ, ପୂର୍ବାହ୍ନ ୧୧ଟା।

## ନାବାଳିକାଙ୍କୁ ବଳାତ୍କାର, ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର, ୨୧।୯(ବ୍ୟୁରୋ):** ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ବଳାତ୍କାର କରିବା ଅଭିଯୋଗରେ ପୋଲିସ ଶୁକ୍ରବାର ଅଭିଯୁକ୍ତ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ଭରତପୁର ଅଞ୍ଚଳର ଜୀବନଜ୍ୟୋତି ଚୌଧୁରୀ। ସୂଚନା ମୁତାବକ, ଜୀବନଜ୍ୟୋତି ଉକ୍ତ ନାବାଳିକାଙ୍କ ସହ ପ୍ରଥମେ ବନ୍ଧୁତା ସ୍ଥାପନ କରି ପ୍ରେମ ଜାଲରେ ଫସାଇଥିଲେ। ପରେ ବିବାହ ପ୍ରତିଶ୍ରୁତି ଦେଇ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ପରବର୍ତ୍ତୀ ସମୟରେ ନାବାଳିକା ଜଣକ ବିବାହ ପାଇଁ ପରିବାର ଲୋକଙ୍କ ସହିତ କଥା ହେବାକୁ କହିବାରୁ ଜୀବନ ତାଙ୍କଠାରୁ ଦୂରେଇ ଯାଇଥିଲେ। ଏ ନେଇ ନାବାଳିକା ଜଣକ ପରିବାର ଲୋକଙ୍କୁ ଜଣାଇବା ପରେ ଗୁରୁବାର ଥାନାରେ ଅଭିଯୋଗ କରାଯାଇଥିଲା। ପୋଲିସ ଏକ ମାମଲା(୩୮୮/୧୮) ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଶୁକ୍ରବାର ପୋଲିସ ଜୀବନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ଖବରକାଗଜ ଏଜେଣ୍ଟଙ୍କ ପରଲୋକ

**ସାକ୍ଷୀଗୋପାଳ, ୨୧।୯(ଡି.ଏନ୍.ଏ.):** ଖବରକାଗଜ ଏଜେଣ୍ଟ ଲକ୍ଷ୍ମୀପ୍ରିୟା ସାହୁ (୫୫)ଙ୍କର ଶୁକ୍ରବାର ସକାଳେ ପରଲୋକ ହୋଇଛି। ତାଙ୍କ ଘର ସାକ୍ଷୀଗୋପାଳ ବଜାର ଉପକଣ୍ଠ ମଠସାହିରେ। ସାକ୍ଷୀଗୋପାଳ ଅନ୍ତର୍ଗତ ଅଲଗୁମ ଅଞ୍ଚଳ ପାଇଁ ସେ ଖବରକାଗଜ ଏଜେଣ୍ଟ ଭାବେ କାର୍ଯ୍ୟ କରୁଥିଲେ। ଗତ କିଛିମାସ ହେଲା ସେ କର୍କଟ ରୋଗରେ ଆକ୍ରାନ୍ତ ହୋଇଥିଲେ। ଅବସ୍ଥା ଉଦ୍‌ବେଗ ଜନକ ହେବାରୁ ତାଙ୍କୁ ସାକ୍ଷୀଗୋପାଳ ଡାକ୍ତରଖାନାରେ ଚିକିତ୍ସା କରାଯାଉଥିବା ସମୟରେ ତାଙ୍କର ମୃତ୍ୟୁ ଘଟିଥିଲା। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି। ସ୍ୱାମୀ, ଦୁଇପୁତ୍ର, ଝିଅଜ୍ୱାଇଁ ଓ ଆତ୍ମୀୟମାନେ ତାଙ୍କ ଶେଷ ସମୟରେ ଉପସ୍ଥିତ ଥିଲେ।

## ପଥରରେ ଛେଚି ବାଇକ ଝାମ୍ପିନେଲେ

**ଭୁବନେଶ୍ୱର, ୨୧।୯(ବ୍ୟୁରୋ):** ଏୟାର ଫିଲ୍ଡ ଥାନା ଅଧୀନ ପୋଖରୀପୁଟ ଅଞ୍ଚଳରେ ଜଣେ ଯୁବକଙ୍କୁ ଦୁର୍ବୃତ୍ତମାନେ ଆକ୍ରମଣ କରି ତାଙ୍କଠାରୁ ବାଇକ ଛଡାଇ ଫେରାର ହୋଇଯାଇଛନ୍ତି। ଲୁଟ ଓ ଆକ୍ରମଣର ଶିକାର ଯୁବକ ଜଣଙ୍କ ହେଲେ କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଅଞ୍ଚଳର ସମ୍ବିତ ମହାନ୍ତି। ସମ୍ବିତ ଏକ ଆରଓ୍ୱାନ ୫ ବାଇକ ବ୍ୟବହାର କରନ୍ତି। ଶୁକ୍ରବାର ସନ୍ଧ୍ୟାରେ କାମ ସାରି ପୋଖରୀପୁଟ ରାସ୍ତାରେ ଘରକୁ ଫେରୁଥିଲେ। ଏହି ସମୟରେ ଦୁଇ ଜଣ ଦୁର୍ବୃତ୍ତ ବାଇକରେ ପିଛାକରି ଏକ ଖାଲି ସ୍ଥାନରେ ତାଙ୍କୁ ଅଟକାଇଥିଲେ। କିଛି ବୁଝିବା ଆଗରୁ ସେମାନେ ତାଙ୍କ ମୁଣ୍ଡକୁ ପଥରରେ ଛେଚି ତାଙ୍କଠାରୁ ବାଇକଟିକୁ ଛଡାଇ ଫେରାର ହୋଇଯାଇଥିଲେ। ଖବର ପାଇ ପିସିଆର ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ସେଠାରୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲ ନେଇଥିଲା। ଏ ନେଇ ସମ୍ବିତଙ୍କ ଅଭିଯୋଗ ପରେ ଲୁଟେରାଙ୍କୁ ଠାବ କରିବା ନେଇ ପୋଲିସ ତଦନ୍ତ ଆରମ୍ଭ କରିଛି।

## ଡାଏ ପ୍ରଭାବ



ପୁରୀରେ ଝଡ଼ତୋଫାନ ସମୟର ଦୃଶ୍ୟ।



ପୁରୀ ବେଳାଭୂମିରେ ବାଲି ମାଡ଼ିଯିବାରୁ ଡଙ୍ଗା ପୋତି ହୋଇଯାଇଛି।

# ୫୦ କିମି ବେଗରେ ବହିଲା ପବନ

**ପୁରୀ ଅଫିସ, ୨୧।୯**

- କୂଳ ଖାଉଛି ଅଶାନ୍ତ ସମୁଦ୍ର
- ବେଳାଭୂମି ମାର୍ଗରେ ଧୂଳିଝଡ଼
- ଭାଙ୍ଗିଲା ୩୩ ଘର

ବାତ୍ୟା ଆଶଙ୍କା ଟଳିଥିଲେ ବି ଶୁକ୍ରବାର ଦିନତମାମ ପୁରୀରେ ପାଗ ମେଘୁଆ ରହିବା ସାଙ୍ଗକୁ ପବନ ଜାରି ରହିଛି। ଲଘୁଚାପ ପ୍ରଭାବରେ ସମୁଦ୍ର ବି ଅଶାନ୍ତ ରହିଛି। ପ୍ରତି ୬ ସେକେଣ୍ଡରେ ୫ଫୁଟ ଉଚ୍ଚରେ ଜୁଆର ଆସୁଛି। ସମୁଦ୍ର ସ୍ନାନ କରିବା ଲାଗି ପର୍ଯ୍ୟଟକ ସୁରକ୍ଷିତ ମଣୁନାହାନ୍ତି। ଅନ୍ୟପକ୍ଷରେ ସମୁଦ୍ର ଅଶାନ୍ତ ରହିଥିବାରୁ ମତ୍ସ୍ୟଜୀବୀ ସମୁଦ୍ରକୁ ନ ଯାଇ ହାତବାନ୍ଧି ବସିଛନ୍ତି।

ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ଅବପାତ ରୂପ ନେବା ପରେ ଝଡ଼ବାତ୍ୟା ହେବାର ଆଶଙ୍କା ରହିଥିଲା। ଏପରି କି ୬୦ରୁ ୮୦ କିମି ବେଗରେ ପବନ ବହିବାର ପୂର୍ବାନୁମାନ କରାଯାଇଥିଲା। କିନ୍ତୁ ଗୁରୁବାର ଦିନତମାମ ବର୍ଷା ଜାରି ରହିଥିଲା। ରାତି ୧୦ଟା ପରଠାରୁ ପବନ ଆରମ୍ଭ ହୋଇଯାଇଥିଲା। ରାତି ବଢିବା ସାଙ୍ଗକୁ ପବନର ଗତି ମଧ ବଢିଥିଲା। ପୁରୀରେ ସର୍ବାଧିକ ୫୦କିମି ବେଗରେ ପବନ ବହିଥିବା ଜିଲା ଜରୁରିକାଳୀନ ଅଧିକାରୀ ଇତିଶ୍ରୀ ନାୟକ ସୂଚନା ଦେଇଛନ୍ତି।

ଅନ୍ୟପକ୍ଷରେ ଗତ ୨୪ ଘଣ୍ଟା ମଧ୍ୟରେ ପୁରୀ ସହରରେ ୪୯.୩୩ ମିଲିମିଟର ବର୍ଷା ହୋଇଥିବା ପାଣିପାଗ ବିଭାଗ ପକ୍ଷରୁ ରେକର୍ଡ କରାଯାଇଛି। ଗୁରୁବାର ରାତିର ପବନରେ ଏସ୍‌ସିଏସ୍ ମହାବିଦ୍ୟାଳୟ ପରିସରରେ ୨ଟି ଗଛ ଉପୁଡି ପଡିଥିଲା। ଏହାସହିତ ଜିଲାର ବିଭିନ୍ନ ଅଞ୍ଚଳରେ ୩୩ଟି କଚ୍ଚାଘର ଭାଙ୍ଗିଥିବା ଜଣାପଡିଛି। ସେଥିମଧ୍ୟରେ ସଦର ବ୍ଲକ ଅଞ୍ଚଳର ୨୬ଟି ଘର ଭାଙ୍ଗିଥିବା ବେଳେ କଣାସ ଓ ନିମାପଡ଼ା ଅଞ୍ଚଳରେ ୭ଟି ଘର ଭାଙ୍ଗିଥିବା ପ୍ରାଥମିକ ଆକଳନରୁ ଜଣାପଡିଛି। ପବନ ଯୋଗୁ ଧୂଳିଝଡ଼ ହୋଇ ବେଳାଭୂମି ମାର୍ଗରେ ବାଲିର ଆସ୍ତରଣ ଜମି ରହିଛି। ଶୁକ୍ରବାର ଦିନତମାମ ପବନ ଯୋଗୁ ବାଲି ଉଡିଥିବାରୁ ବେଳାଭୂମି ମାର୍ଗରେ ଲୋକମାନଙ୍କ ଚଳପ୍ରଚଳରେ ସମସ୍ୟା ଉପୁଜିଥିଲା।

## ଅଶାନ୍ତ ରହିଲା ଚିଲିକା, ସମୁଦ୍ର



ଶିପକୁଦା ଗ୍ରାମରେ ପଶିଥିବା ଜୁଆର ପାଣି।

**ବ୍ରହ୍ମଗିରି, ୨୧।୯(ଡି.ଏନ୍.ଏ.)**

ବାତ୍ୟା ଡାଏ ପ୍ରଭାବରେ ଗୁରୁବାର ରାତିରେ ସମୁଦ୍ର ଓ ଚିଲିକା ଅଶାନ୍ତ ହୋଇପଡିଥିଲା। ଏହାର ପ୍ରଭାବରେ ବ୍ରହ୍ମଗିରି ଅଞ୍ଚଳରେ ଅନେକ ଗଛ ଭାଙ୍ଗି ଯାଇ ରାସ୍ତା ଅବରୋଧ ହୋଇଥିଲା। ଶୁକ୍ରବାର ସକାଳୁ ବ୍ରହ୍ମଗିରି ଅଗ୍ନି ସେବା ସଂସ୍ଥା ଗଛ କାଟି ରାସ୍ତା ଅବରୋଧ ହଟାଇଛନ୍ତି। ଏପଟେ ସମୁଦ୍ର ଅଶାନ୍ତ ହେବା ଯୋଗୁ ଚିଲିକା ମଧ ଅଶାନ୍ତ ହୋଇଛି। ଜୁଆର ପାଣି ଅରଖକୁଦା, ସାନପାଟଣା ଆଦି ଚିଲିକା କୂଳିଆ ଗାଁ ଭିତରେ ପଶିଛି। ଫଳରେ ଏହି ମତ୍ସ୍ୟଜୀବୀ ଗାଁଗୁଡିକ ଏକ ପ୍ରକାର ଆତଙ୍କରେ ରହିଛନ୍ତି। ଉଚ୍ଚ ଜୁଆରରୁ ଉପକୂଳୀୟ ଗାଁଗୁଡ଼ିକୁ ସୁରକ୍ଷା ଦେବା ପାଇଁ ପାଚେରି ନିର୍ମାଣ କରାଯାଇଥିଲେ ମଧ କେତେକ ସ୍ଥାନରେ ନିମ୍ନ ମାନ ଓ ଅଧାପନ୍ତରିଆ ହୋଇ ପଡିଥିବାରୁ ଏହା ବର୍ତ୍ତମାନ ଜୁଆର ପାଣିରେ ଧୋଇ ବିପଦ ପୂର୍ଣ୍ଣ ଅବସ୍ଥାରେ ରହିଛି। ସେହିପରି ଗାଁରେ ଜୁଆର ପାଣି ପଶିବାରୁ କେତେକ ମତ୍ସ୍ୟଜୀବୀଙ୍କ ଡଙ୍ଗା ଭାସିଯିବା ସହିତ ଭାଙ୍ଗିଯାଇଥିବା ଜଣାପଡିଛି।

# ଖୋର୍ଦ୍ଧାରେ ଭାଙ୍ଗିଲା ୮୦ରୁ ଊର୍ଦ୍ଧ୍ୱ ଘର

**ଖୋର୍ଦ୍ଧା ଅଫିସ,୨୧।୯**

ସାମୁଦ୍ରିକ ଝଡ ଡାଏ ବିପଦ ଟଳି ଯାଇଛି। ଲୋକେ ବାତ୍ୟାରୁ ମୁକ୍ତି ପାଇ ଆଶ୍ୱସ୍ତି ଅନୁଭବ କରିଛନ୍ତି। ବାତ୍ୟା ପ୍ରଭାବରେ ଖୋର୍ଦ୍ଧା ଜିଲାରେ ଶୁକ୍ରବାର ବିଭିନ୍ନ ସ୍ଥାନରେ ତୁହାକୁ ତୁହା ଲଗାଣ ବର୍ଷା ଓ ପବନ ଲାଗି ରହିଥିଲା। ଚିଲିକା ଅଞ୍ଚଳରେ ୪୦ରୁ ୬୦ କିମି ବେଗରେ ପବନ ବହିଥିଲା। ସନ୍ଧ୍ୟା ବେଳକୁ ପବନ ଓ ବର୍ଷା କମି ଯାଇଥିଲା। ବାତ୍ୟା ଭୟରେ ସ୍ଥାନାନ୍ତର ହୋଇଥିବା ଚିଲିକା ବ୍ଲକର ଡୁଙ୍ଗମାଳ, ଅଠରବାଟିଆ, ଗବପଦରର କେତେକ ପରିବାର ସନ୍ଧ୍ୟାରେ ନିଜ ଘରକୁ ଫେରି ଆସିଛନ୍ତି। ବର୍ଷା ଓ ପବନ ପ୍ରଭାବରେ ଚିଲିକା ତଟବର୍ତ୍ତୀ ଅଞ୍ଚଳ ଚନ୍ଦ୍ରାପୁଟର ଗୋବିନ୍ଦ ଜାଲି, ବଡକୂଳର ଭରତ ବେହେରା, ଛେଡାପଦର ଗାଁର ସଞ୍ଜୟ ମହାପାତ୍ରଙ୍କ ଆଜବେଷ୍ଟସ ଘରର ଛପର ଉଠାଇ ନେଇଥିଲା। ସେହିପରି ଖୋର୍ଦ୍ଧା ତହସିଲରେ ଖୋର୍ଦ୍ଧା ସହର ଓ ବ୍ଲକ ଅଞ୍ଚଳରେ ୨୨ ବଖରା, ଜଟଣୀରେ ୨୨, ବାଣପୁର ତହସିଲରେ ବାଣପୁର ନନ୍ଦପୁର ପଞ୍ଚାୟତ ସୁନାକେରା ପ୍ରକାଶ ବଳିଆରସିଂହଙ୍କ ପରି ୧୦, ବେଗୁନିଆ ବ୍ଲକରେ ୧୦, ବୋଲଗଡ ବ୍ଲକରେ ୫ ଏପରି ମୋଟରେ ୭୦ରୁ ଊର୍ଦ୍ଧ୍ୱ ଲୋକଙ୍କ ଘର ଭାଙ୍ଗି ଯାଇଥିବା ଜଣାପଡିଛି। ୧୦୦ ଊର୍ଦ୍ଧ୍ୱ ଚାଳଛପର ଉଡି ଯାଇଛି। ତେବେ ଇମରଜେନ୍ସି ବିଭାଗକୁ ମାତ୍ର ଖୋର୍ଦ୍ଧା ଓ ଜଟଣୀ ତହସିଲ ଘରଭଙ୍ଗା ତଥ୍ୟ ଆସିଥିବା କୁହାଯାଇଛି। ବାଲୁଗାଁ ସହର ୧୧ନଂ. ୱାର୍ଡ ଉତ୍ତରାଣୀ ଛକରେ ଆମ୍ବ ଗଛ ଉପୁଡି ରାସ୍ତା ଉପରେ ପଡିଥିଲା। ଗୋପବନ୍ଧୁ କଲୋନୀ ଭିତରକୁ ୧ ଫୁଟ ପାଣି ପ୍ରାୟ ୫୦ ଫୁଟ ପର୍ଯ୍ୟନ୍ତ ରାସ୍ତା ଉପରେ ଗୁରୁବାର ରାତିରେ ପ୍ରବାହିତ ହୋଇଥିଲା। ସେହିପରି ଚିଲିକା ଆଖପାଖ ଅଞ୍ଚଳରେ କୁସୁମୀ ଓ କଂସାରୀ ନଦୀ ଫୁଲିଥିଲା। କଂସାରୀ ନଦୀରେ ବନ୍ୟା ଜଳ ବୃଦ୍ଧି ପାଉଥିବାରୁ କିମ୍ବିରିପଡା ଗାଁଲୋକ ବାରିପଟ ଦେଇ ପାଣି ପଶିଥିଲା। ଚିଲିକା ମୁହାଣ ନିକଟରେ ଚିଲିକା ଭିତରକୁ ବନ୍ୟାଜଳ ପ୍ରବେଶ କରୁନଥିବାରୁ ବାଙ୍କିଆପଲ୍ଲୀ ଗାଁ ଭିତରକୁ ପାଣି ପଶୁଥିଲା। ସମ୍ପୃକ୍ତ ଗାଁର ଚାଷଜମି ଜଳମଗ୍ନ ହେଇ ଯାଇଥିଲା। କୁସୁମୀ ନଦୀ ଯୋଗୁ ପଞ୍ଚୁପାଟିଆ ଗାଁକୁ ପାଣି ପ୍ରବେଶ କରିବା ଆରମ୍ଭ କରିଥିଲେ ହେଁ ସନ୍ଧ୍ୟାରେ କମି ଯାଇଥିଲା।



ବାଣପୁର ତହସିଲ ଅନ୍ତର୍ଗତ ସୁନାକେରା ଗ୍ରାମରେ ଘର ଭାଙ୍ଗିଯାଇଛି।

### ଟାଙ୍ଗୀରେ ସର୍ବାଧିକ ବର୍ଷା

ଖୋର୍ଦ୍ଧା ଜିଲାର ଟାଙ୍ଗୀ ବ୍ଲକରେ ଶୁକ୍ରବାର ସର୍ବାଧିକ ୬୭.୨ ମିମି ବର୍ଷା ହୋଇଛି। ୨ୟରେ ଖୋର୍ଦ୍ଧା ବ୍ଲକରେ ୪୭ ମିମି, ତୃତୀୟରେ ବୋଲଗଡ ବ୍ଲକ ୪୬ ମିମି ରହିଛି। ସେହିଭଳି ଭୁବନେଶ୍ୱରରେ ୪୩.୬ ମିମି, ବାଲିପାଟଣା ବ୍ଲକରେ ୩୫.୮ ମିମି, ବେଗୁନିଆ ୩୫ ମିମି, ଜଟଣୀ ୨୦ ମିମି, ବାଲିଅନ୍ତା ବ୍ଲକରେ ୧୭ ମିମି, ଚିଲିକା ୧୩ ମିମି, ବାଣପୁର ବ୍ଲକରେ ୧୧ ମିମି ବର୍ଷା ହୋଇଛି।

### ଚିଲିକା ମତ୍ସ୍ୟଜୀବୀ କ୍ଷତିଗ୍ରସ୍ତ

ଚିଲିକା ତଟବର୍ତ୍ତୀ ମତ୍ସ୍ୟଜୀବୀଙ୍କ ସାମୁଦ୍ରିକ ଝଡ ବତ୍ୟା 'ଡାଏ' ପ୍ରଭାବରେ ଡଙ୍ଗା, ଜାଲ ଓ ମାଛଧରା ଉପକରଣ କ୍ଷତିଗ୍ରସ୍ତ ହୋଇଥିବା ଅଭିଯୋଗ ହୋଇଛି। ତଟବର୍ତ୍ତୀ ଅଞ୍ଚଳ ଚନ୍ଦ୍ରାପୁଟ, ବଡକୂଳ, ଅଶ୍ୱାରିପାଟଣା, ବଉଳାବନ୍ଧ, ନଈରୀ, ଜରିପଡା ଆଦି ଗାଁର ମତ୍ସ୍ୟଜୀବୀଙ୍କ ମାଛଧରା ଡଙ୍ଗା ଭାଙ୍ଗି ରୁଜି ନଷ୍ଟ ହୋଇଯାଇଛି। ସେହିଭଳି ମା' କାଳିଜାଈ ମଟର ବୋଟ ମାଲିକ ସଂଘର ଚନ୍ଦ୍ରାପୁଟ, ବଡକୂଳ, ଅଶ୍ୱାରିପାଟଣାସ୍ଥିତ ମାଛମରା ଓ ଯାତ୍ରୀବାହୀ ଡଙ୍ଗା ୪୦ରୁ ଊର୍ଦ୍ଧ୍ୱ ନଷ୍ଟ ହୋଇଛି। ଏହାର ତଦନ୍ତ କରି ମତ୍ସ୍ୟଜୀବୀମାନଙ୍କ କ୍ଷତିପୂରଣ ଯୋଗାଇ ଦେବାକୁ ଚିଲିକା ମତ୍ସ୍ୟଜୀବୀ ମହାସଂଘର ବସନ୍ତ କୁମାର ନାୟକ ଦାବି କରିଛନ୍ତି।

## ରାଜଧାନୀରେ ଅଧଘଣ୍ଟାଏ ପ୍ରବଳ ବର୍ଷିଲା

**ଭୁବନେଶ୍ୱର, ୨୧।୯ (ବ୍ୟୁରୋ)**

ବାତ୍ୟା ଡାଏ ପ୍ରଭାବରେ ଶୁକ୍ରବାର ଅପରାହ୍ନରେ ରାଜଧାନୀରେ ପ୍ରବଳ ବର୍ଷା ସହିତ ପବନ ହୋଇଛି। ଅଧଘଣ୍ଟାଏ କାଳ ରାଜଧାନୀର ରାଜରାସ୍ତା ଜନଶୂନ୍ୟ ପାଲଟି ଯାଇଥିଲା। ଚାହୁଁ ଚାହୁଁ ପାଖାପାଖି ୧ ଫୁଟ ଉଚ୍ଚର ପାଣି ରାସ୍ତା ଉପରେ ମାଡ଼ି ଚାଲିଲା।

ଇସ୍କନ ମନ୍ଦିର ସମ୍ମୁଖ, ନୟାପଲ୍ଲୀ ବେହେରାସାହି ଛକ, ଜୟଦେବ ବିହାର ଏବଂ ଆଚାର୍ଯ୍ୟ ବିହାର ଆଦି ଅଞ୍ଚଳରେ ବର୍ଷା ପାଣି ଜମି ରହିଥିଲା। ସେହିପରି ଅତ୍ୟଧିକ ପାଣି ଜମିଥିବା ସ୍ଥାନରେ ଅଗ୍ନିଶମ ବିଭାଗର କର୍ମଚାରୀ ପମ୍ପ ଲଗାଇ ପାଣି ନିଷ୍କାସନ କରିଥିଲେ। ସେହିପରି ରନ୍ଭିଲ୍ଲା, ପାଇକନଗର, ଗୌରୀନଗର, ଗୌରୀଗାର୍ଡେନ, ଗୌରୀ ଶଙ୍କର ଇଂଲିଶ ମିଡିୟମ୍ ସ୍କୁଲ ପରିସରରେ ପାଣି ନିଷ୍କାସନ କରାଯାଇଥିଲା। ବିଏମ୍‌ସି ପକ୍ଷରୁ ମଲ୍ଲିକ୍ କମ୍ପ୍ଲେକ୍ସ, ପାଇକ ନଗର, ନୀଳକଣ୍ଠେଶ୍ୱର ମନ୍ଦିର, ଗ୍ୟାରେଜ ଛକ, ସାଇମନ୍ଦିର ପାଖ, ନୂଆଗାଁ ମୁଖ୍ୟ ରାସ୍ତାରେ ପମ୍ପ ଦ୍ୱାରା ଜମି ରହିଥିବା ବର୍ଷାପାଣି ନିଷ୍କାସନ କରିଥିଲେ। ସହରରେ ୨୬.୧ ମିମି ବର୍ଷା ହୋଇଥିବା ଭୁବନେଶ୍ୱର ପାଣିପାଗ କେନ୍ଦ୍ର ରେକର୍ଡ କରିଛି। ବର୍ଷାରେ ପାଣି ଜମିଥିବା ଭଳି ସମସ୍ୟାରେ ପଡିଥିବା ୭ ଅଭିଯୋଗ ବିଏମ୍‌ସି କଣ୍ଟ୍ରୋଲ ରୁମକୁ ଆସିଥିଲା। ଏହାକୁ ସମାଧାନ କରାଯାଇଛି ବୋଲି ବିଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଛି। ସହରରେ କୌଣସି ଜନସାଧାରଣ ଜଳବନ୍ଦୀ ସମସ୍ୟାରେ ପଡିଲେ ଭୁବନେଶ୍ୱର ଅପରେଣ୍ଟିଙ୍ଗ ସେଣ୍ଟର ଟୋଲ ଫ୍ରି ନଂ. ୧୮୦୦୩୪୫୦୦୬୧ରେ ଏବଂ ଷ୍ଟର୍ମ ୱାଟର କଣ୍ଟ୍ରୋଲ ରୁମ୍ ୦୬୭୪-୨୪୩୨୨୮୧କୁ ଫୋନ କରିବାକୁ ବିଏମସି ପକ୍ଷରୁ କୁହାଯାଇଛି।









ଲଘୁଚାପ ଯୋଗୁ ଶୁକ୍ରବାର ମଧ୍ୟାହ୍ନରେ ପ୍ରବଳ ବର୍ଷା ଫଳରେ ଭୁବନେଶ୍ୱରର ନୟାପଲ୍ଲୀ ବେହେରାସାହି ଅଞ୍ଚଳ ଜଳମଗ୍ନ ହୋଇପଡ଼ିଛି।



ବରଂ ଜନ୍ମ ନ ହେବା ଭଲ, କିନ୍ତୁ ଜନ୍ମ ହୋଇ ଅଜ୍ଞତା ଭିତରେ ବୁଡ଼ ରହିବାଟା ହେଉଚି ସବୁଠାରୁ ବଳି ଦୁର୍ଭାଗ୍ୟ।
- ପ୍ଲାଟୋ





## ତୋରଣରେ ଆକର୍ଷଣ
# ଚିତୋରଗଡ଼ ଦୁର୍ଗ
## ଶହୀଦନଗର ଦୁର୍ଗାପୂଜା ସମିତି

ଭୁବନେଶ୍ୱର,୨୧।୯(ବ୍ୟୁରୋ)



ଶାରଦୀୟ ଦୁର୍ଗାପୂଜା ପାଇଁ ପ୍ରସ୍ତୁତ ହେଉଛି ରାଜଧାନୀ। ଧୁମ୍‌ଧାମରେ ମା'ଙ୍କୁ ସ୍ୱାଗତ କରିବା ପାଇଁ ସମସ୍ତ ପୂଜା ମଣ୍ଡପରେ ଆରମ୍ଭ ହୋଇଯାଇଛି ସଜବାଜ। ମଣ୍ଡପଗୁଡ଼ିକରେ ତୋରଣ ଓ ମୂର୍ତ୍ତି ନିର୍ମାଣ କାମ ପ୍ରାୟତଃ ଅଧାଅଧି ଶେଷ ହୋଇଥିବା ବେଳେ ଚୂଡ଼ାନ୍ତ ରୂପ ଦେବାକୁ ଚାଲିଛି ଜୋର୍‌ଦାର ପ୍ରସ୍ତୁତି। ଏହି ପରମ୍ପରାରେ ନିଜକୁ ସାମିଲ କରିଛି ଭୁବନେଶ୍ୱରର ଅନ୍ୟତମ ପ୍ରମୁଖ ପୂଜାମଣ୍ଡପ ଶହୀଦନଗର। ଶହୀଦନଗର ଦୁର୍ଗାପୂଜା ସମିତି ପକ୍ଷରୁ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ସହ ପାର୍ଶ୍ୱବର୍ତ୍ତୀ ମୂର୍ତ୍ତି ଓ ତୋରଣ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ଚଳିତବର୍ଷ ଏଠାକାର ପ୍ରମୁଖ ଆକର୍ଷଣ ମଧ୍ୟରେ ରହିଛି ରାଜସ୍ଥାନର ପ୍ରସିଦ୍ଧ ଚିତୋରଗଡ଼ ଦୁର୍ଗ ଆକୃତିର ବିଶାଳ ତୋରଣ, ମାତା କି ଜାଗରଣ କାର୍ଯ୍ୟକ୍ରମ, ଚାନ୍ଦିରେ ନିର୍ମିତ ମେଢ଼ ଓ ସୁନାରୁପା ଅଳଙ୍କାରରେ ସଜ୍ଜିତ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି।

ସମିତି ପକ୍ଷରୁ ଏଥର ୨୫ରୁ ୩୦ଲକ୍ଷ ଟଙ୍କାର ବଜେଟ୍ କରାଯାଇଛି। ଏଥିରେ ମୂର୍ତ୍ତି ଓ ତୋରଣ ନିର୍ମାଣ ସହ ମା'ଙ୍କ ଅଳଙ୍କାର, ଲାଇଟ୍ ଡେକୋରେଶନ, ଭସାଣି ଶୋଭାଯାତ୍ରା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ରହିଛି। ରାଜସ୍ଥାନର ପ୍ରସିଦ୍ଧ ଚିତୋରଗଡ଼ ଦୁର୍ଗ ଢାଞ୍ଚାରେ ତୋରଣ ନିର୍ମାଣ କରାଯିବାକୁ ଥିବାବେଳେ ଏହାର କାର୍ଯ୍ୟ ଅଧାଅଧି ହେଲାଣି। ବହୁଚର୍ଚ୍ଚିତ ପଦ୍ମାବତ୍ ଫିଲ୍ମର 'ଘୁମର୍' ଗୀତ ଏଠାରେ ଶୁଟିଂ ହୋଇଥିବା ବେଳେ ଦର୍ଶକଙ୍କୁ ଆକୃଷ୍ଟ କରିବାକୁ ସମାନ ଢାଞ୍ଚାରେ ତୋରଣ ତିଆରି କରିବାକୁ ସମିତି ସ୍ଥିର କରିଛି। ୭୦ ଫୁଟ ଉଚ୍ଚତା ଏବଂ ୧୨୦ ଫୁଟ ଓସାର ବିଶିଷ୍ଟ ଏହି ତୋରଣ କିଭଳି ଅନ୍ୟ ପୂଜା ମଣ୍ଡପଗୁଡ଼ିକଠାରୁ ଭିନ୍ନ ତଥା ଆକର୍ଷଣୀୟ ହେବ, ସେଥିପାଇଁ ରାଜ୍ୟ ବାହାରୁ ଆସିଥିବା ସ୍ୱତନ୍ତ୍ର ଡିଜାଇନର, ୩୫ରୁ ଊର୍ଦ୍ଧ୍ୱ କାରିଗର କାମରେ ଲାଗିଛନ୍ତି। ପ୍ଲାଏ, ସୋଲ, କାଉଁରିଆ କାଠିର ସୂକ୍ଷ୍ମ କାରୁକାର୍ଯ୍ୟ ଏଥିରେ ଦେଖିବାକୁ ମିଳିବ। ଏହାସହ ମା'ଙ୍କ ଚାନ୍ଦିମୁକୁଟ, ଚାନ୍ଦିମେଢ଼ ଏବଂ ସୁନା ଓ ରୁପାରେ ନିର୍ମିତ ଅଳଙ୍କାର ମଣ୍ଡପର ଅନ୍ୟତମ ଆକର୍ଷଣ ରହିବ। ୨୦ଫୁଟ ଉଚ୍ଚତା ଓ ୧୮ଫୁଟ ଚଉଡ଼ାର ଚାନ୍ଦିମେଢ଼ରେ ୨.୨୫ କୁଇଣ୍ଟାଲ ରୁପା ଲାଗିଥିବା ବେଳେ ୧୦୦ ଗ୍ରାମର ସୁନା ଓ ମୋତି ଅଳଙ୍କାରରେ ମା' ସଜ୍ଜିତ ହେବେ। ୧୨ ଫୁଟ ଉଚ୍ଚତା ଓ ୧୮ ଫୁଟ ଚଉଡ଼ା ବିଶିଷ୍ଟ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ଏବଂ ପାର୍ଶ୍ୱ ଦେବଦେବୀମାନେ ଏଠାରେ ପୂଜା ପାଇବେ। ସେହିଭଳି ଆଲୋକୀକରଣ ଓ ସାଜସଜ୍ଜା ବ୍ୟବସ୍ଥା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଛି। ୬ଟି ବଡ଼ ଏଲ୍‌ଇଡି ଗେଟ୍ ସହ ୬୦ଟି ଷ୍ଟ୍ରକଚର ଗେଟ୍ ଏବଂ ରଙ୍ଗବେରଙ୍ଗ ଆଲୋକମାଳାରେ ସମଗ୍ର ଅଞ୍ଚଳକୁ ସଜାଯିବ। କୌଣସି ଦୁର୍ଘଟଣାକୁ ଏଡ଼ାଇବା ପାଇଁ ମଣ୍ଡପ ନିକଟରେ ଏକ ଫାଷ୍ଟଏଡ୍ ଗାଡ଼ି ସହ ଅଗ୍ନିନିର୍ବାପନ ପାଇଁ ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରାଯିବ। ପାର୍କିଂ ସୁବିଧା ପାଇଁ ମଣ୍ଡପ ନିକଟରେ ସ୍ୱତନ୍ତ୍ର ପାର୍କିଂସ୍ଥଳ ପ୍ରସ୍ତୁତ ହେବ, ଯେଉଁଠି ସ୍ୱତନ୍ତ୍ର ସ୍ୱେଚ୍ଛାସେବୀଙ୍କୁ ଦାୟିତ୍ୱରେ ରଖାଯିବ। ସବୁଠାରୁ ବଡ଼କଥା ହେଲା, ଦିବ୍ୟାଙ୍ଗ ଏବଂ ବରିଷ୍ଠ ନାଗରିକମାନେ ଯେପରି ବିନା ପ୍ରତିବନ୍ଧକରେ ମା'ଙ୍କ ଦର୍ଶନ କରିପାରିବେ, ତାହା ଉପରେ ଗୁରୁତ୍ୱ ଦିଆଯିବ।

### କମିଟି ସଦସ୍ୟଙ୍କ ମୁହଁରୁ...



ଚଳିତବର୍ଷ ପୂଜାର ଆକର୍ଷଣ ରହିବ ଦଶମୀ ସନ୍ଧ୍ୟାରେ ହେବାକୁ ଥିବା 'ମାତା କି ଜାଗରଣ' କାର୍ଯ୍ୟକ୍ରମ। କମିଶନରେଟ୍ ପୋଲିସର କଟକଣା ଯୋଗୁ ରାବଣ ପୋଡ଼ି ବନ୍ଦହୋଇ ଏଥର ମୁମ୍ବାଇର ଅନିଲ ବାଉରାଙ୍କ ଦ୍ୱାରା ନୂଆଶୈଳୀରେ ମାତା କି ଜାଗରଣ ଅନୁଷ୍ଠିତ ହେବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏଥିରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହାବ୍ୟତୀତ ପ୍ରତିବର୍ଷ ଭଳି ଏଥର ମଧ ପଞ୍ଚମୀରୁ ନବମୀ ଯାଏ ଭଜନ କାର୍ଯ୍ୟକ୍ରମ କରାଯିବ। ଏଥିରେ ଓଡ଼ିଶାର ଜଣାଶୁଣା କଣ୍ଠଶିଳ୍ପୀମାନେ ଭଜନ ପରିବେଷଣ କରିବେ।

- ସଚ୍ଚିଦାନନ୍ଦ ରଥ, ସଭାପତି



ଶ୍ରଦ୍ଧାଳୁଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ସମିତି ପକ୍ଷରୁ ମଣ୍ଡପ ଭିତରେ ଓ ବାହାରେ ୨୪ଟି ସିସିଟିଭି କ୍ୟାମେରା ଲଗାଯିବ। ଟ୍ରାଫିକ୍ ବ୍ୟବସ୍ଥାର ସୁପରିଚାଳନା ପାଇଁ ସ୍ୱତନ୍ତ୍ର ଟ୍ରାଫିକ୍ ପୋଲିସ ଏବଂ ମହିଳାଙ୍କ ସୁରକ୍ଷା ଲାଗି ମହିଳା ହୋମଗାର୍ଡ ଓ ସିକ୍ୟୁରିଟି ଗାର୍ଡ ନିୟୋଜିତ ହେବେ। ଏହାବ୍ୟତୀତ ୧୦୦ରୁ ଊର୍ଦ୍ଧ୍ୱ ସ୍ୱେଚ୍ଛାସେବୀ ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରିବେ। ମଣ୍ଡପ ଭିତରକୁ ପ୍ରବେଶ ପାଇଁ ୩ଟି ଭିନ୍ନ ଭିନ୍ନ ଗେଟ୍ କରାଯାଉଥିବା ବେଳେ ଗୋଟିଏ ମହିଳା, ଗୋଟିଏ ପୁରୁଷ ଏବଂ ଅନ୍ୟଟି ଦିବ୍ୟାଙ୍ଗ ଓ ବୟସ୍କଙ୍କ ପାଇଁ ରହିବ।

- ନାରାୟଣ ମହାପାତ୍ର, ସମ୍ପାଦକ



ପ୍ରତିବର୍ଷ ଭଳି ଏଥର ମଧ ଶହୀଦନଗର ପୂଜା ସମିତି ପକ୍ଷରୁ ସମୂହ ଭସାଣି ଉତ୍ସବ ଅନୁଷ୍ଠିତ ହେବ। ୨୩ଟି ମେଢ଼ ଏହି ଭସାଣି ଉତ୍ସବରେ ଭାଗନେବାକୁ ଥିବାବେଳେ ପାରମ୍ପରିକ ଲୋକନୃତ୍ୟ ଓ ବାଦ୍ୟ ପ୍ରମୁଖ ଆକର୍ଷଣ ସାଜିବ। ଏଥର ଆମେ ବିଦ୍ୟୁତ୍ ଅପଚୟ ରୋକିବାକୁ ଗୁରୁତ୍ୱ ଦେଉଛୁ। ସାଜସଜ୍ଜା ପାଇଁ କମ୍ ବିଦ୍ୟୁତ୍ ବ୍ୟବହାର ହେଉଥିବା ଉନ୍ନତମାନର ଲାଇଟ୍ ଲଗାଯିବ। ସପ୍ତମୀରେ ନକୁଳଦାନା, କିସ୍‌ମିସ୍, ଅଷ୍ଟମୀରେ ପଣା, ନବମୀରେ ଚୁଡ଼ାଘଷା ଓ ଦଶମୀରେ ରସଗୋଲା ଭୋଗ କରାଯିବ।

- ଡ. ଜଗନ୍ନାଥ ମହାପାତ୍ର, ମୁଖ୍ୟ ଉପଦେଷ୍ଟା







## ଖାନନଗର-ଖପୁରିଆ ଶିଳ୍ପାଞ୍ଚଳ ପୂଜା କମିଟି
# ମା'ଙ୍କ ମଥାରେ ଝଲସିବ ସୁନା ମୁକୁଟ

କଟକ ଅଫିସ,୨୧।୯

କଟକ ସହରର ଅନ୍ୟତମ ପୁରାତନ ସାହି ହେଉଛି ଖାନନଗର। ସାହି ବାସିନ୍ଦାଙ୍କ ଦ୍ୱାରା ୧୯୫୨ରୁ ଏଠାରେ ଶାରଦୀୟ ଦୁର୍ଗାପୂଜାକୁ ମହାଆଡମ୍ବରରେ ପାଳନ କରାଯାଇ ଆସୁଛି। ୨୦୧୧ରେ ଦେବୀ ଦୁର୍ଗାଙ୍କ ଚାନ୍ଦିମେଢ଼ କରାଯାଇଥିବା ବେଳେ ଚଳିତବର୍ଷ ପ୍ରଥମଥର ସୁନାର ମୁକୁଟ ହେବ ବୋଲି ଖାନନଗର-ଖପୁରିଆ ଶିଳ୍ପାଞ୍ଚଳ ପୂଜା କମିଟି ପକ୍ଷରୁ କୁହାଯାଇଛି। ସୁନା ମୁକୁଟର ଓଜନ ପ୍ରାୟ ୩ କେଜି। ଏହାର ନିର୍ମାଣ ଓ କାରୁକାର୍ଯ୍ୟ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି।

### ଚାଳ ଘରୁ ଆଜି ଚାନ୍ଦିମେଢ଼

ସାହି ବାସିନ୍ଦା ଏକାଠି ହୋଇ ଦଶହରା ପାଳନ କରିବାକୁ ନିଷ୍ପତ୍ତି ନେଲେ। ଏଥିପାଇଁ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ନିର୍ମାଣ କରିବାକୁ ଯୋଜନା କଲେ। କିନ୍ତୁ ୧୯୫୨ରେ ଏକ ଚାଳ ଘରେ ପ୍ରଥମେ ପଞ୍ଚମୁଖୀ ମହାଦେବଙ୍କ ପ୍ରତିମୂର୍ତ୍ତି କରାଯାଇ ପୂଜା କରାଯାଇଥିଲା। କିଛି ବର୍ଷ ପରେ ବଗଳାମୁଖୀ ପ୍ରତିମୂର୍ତ୍ତି କରାଯିବା ପରେ ୧୯୬୨ରୁ ଦେବୀ ଦୁର୍ଗାଙ୍କ ମୂର୍ତ୍ତି ତିଆରି ହୋଇଆସୁଛି। ୧୯୮୦ରେ ଉକ୍ତ ସ୍ଥାନରେ ଛାତଘର ତିଆରି ହୋଇଥିଲା। ଖାନନଗର, ନେତାଜୀ ନଗର, ଘାଟକୂଳ, ଅରୁଣୋଦୟନଗର, ସୂର୍ଯ୍ୟବିହାର, କାଳୀ ବିହାର, ମଲାଚଣ୍ଡିଆ ଛକର ବାସିନ୍ଦା ମିଳିମିଶି ଏହି ପୂଜା ପାଳନ କରୁଛନ୍ତି। ୨୦୧୧ରେ ସହରର ଚାନ୍ଦିମେଢ଼ ତାଲିକାରେ ଅନ୍ତର୍ଭୁକ୍ତ ହୋଇଥିଲା ଏହି ଖାନନଗର-ଖପୁରିଆ ଶିଳ୍ପାଞ୍ଚଳ ପୂଜା କମିଟି। ଦିନେ ଚାଳ ଘରେ ଦଶହରା ପୂଜା ଆରମ୍ଭ କରିଥିବା ଏହି କମିଟି ପରବର୍ତ୍ତୀ ସମୟରେ ଚାନ୍ଦିମେଢ଼ ନିର୍ମାଣ କରିଥିବାବେଳେ ଚଳିତବର୍ଷ ସୁନାର ମୁକୁଟ ତିଆରି କରୁଛି। ଏହା ପଛରେ ଅନେକ ବ୍ୟକ୍ତିଙ୍କ ଅକ୍ଲାନ୍ତ ପରିଶ୍ରମ ଓ ଅବଦାନ ରହିଛି ବୋଲି ସାହି ବାସିନ୍ଦା କହିଛନ୍ତି।

### ଅଷ୍ଟମୀରେ ମା'ଙ୍କ ମୁହଁକୁ ଚାହିଁ ହୁଏନି



ପୂଜକ ପ୍ରମୋଦ ନନ୍ଦ କହିଛନ୍ତି, ଷଷ୍ଠୀରେ ପୂଜାମଣ୍ଡପରେ ରୀତିନୀତି ଆରମ୍ଭ ହୁଏ। ଷଷ୍ଠୀ ଓ ସପ୍ତମୀରେ ମା'ଙ୍କ ମୁଖମଣ୍ଡଳରେ ଶୀତଳତା ଥିଲେ ମଧ୍ୟ ଅଷ୍ଟମୀ ଦିନ ମୁହଁକୁ ଚାହିଁବାକୁ ଭୟ ଲାଗେ। ଏହି ଦିନ ମା'ଙ୍କ ମୁହଁରେ ଏକ ଅଦ୍ଭୁତ ଉଜ୍ଜ୍ୱଳତା ମୁଁ ଅନୁଭବ କରେ। ଗତ ୪ବର୍ଷ ହେବ ଏଠାରେ ପୂଜା କରି ଆସିବା ଭିତରେ ଅନେକ ଅଲୌକିକତା ମୁଁ ଅନୁଭବ କରିଛି ବୋଲି ପୂଜକ ନନ୍ଦ କହିଛନ୍ତି। ପାଖରେ ଟଙ୍କାଟିଏ ନ ଥିବା ସମୟରେ କାହାକୁ ହାତ ପତାଇବା ବଦଳରେ ମା'ଙ୍କ ପାଖରେ ଅଳିଟିଏ କରିଦିଏ। ମୋ ପେଟକଥା ମା' ବୁଝି ନିଅନ୍ତି ବୋଲି ସେ କହିଛନ୍ତି।

### ସ୍ୱତନ୍ତ୍ରତା ବଜାୟ ରହିଛି, ରହିବ



ଏହି ପୂଜା କମିଟିର ସ୍ୱତନ୍ତ୍ରତା ବଜାୟ ରହିଥିଲା ଓ ରହିବ ବୋଲି ସାଧାରଣ ସମ୍ପାଦକ ପ୍ରଫୁଲ୍ଲ କୁମାର ସାହୁ କହିଛନ୍ତି। ଚଳିତ ବର୍ଷ ବଜେଟ ପ୍ରାୟ ୨୦ଲକ୍ଷ ଟଙ୍କା ରହିଛି। ପୂଜା କମିଟିର ସମସ୍ତ କର୍ମକର୍ତ୍ତା ଓ ସାହି ବାସିନ୍ଦାଙ୍କ ପ୍ରଚେଷ୍ଟାରେ ପୂଜାକୁ ଶାନ୍ତିଶୃଙ୍ଖଳା ଓ ଉତ୍ସାହର ସହ ପାଳନ କରାଯିବ। ଯେଉଁ ସମସ୍ତ ଯୋଜନା କରାଯାଇଛି ତାହାକୁ କାର୍ଯ୍ୟରେ ପରିଣତ କରାଯିବ ବୋଲି ପ୍ରଫୁଲ୍ଲ କହିଛନ୍ତି।

### ଏଥର ଆକର୍ଷଣ ବାବା ହରଭଜନସିଂ ମନ୍ଦିର ତୋରଣ

ପ୍ରତ୍ୟେକ ବର୍ଷ ଭିନ୍ନ ଭିନ୍ନ ସୁନ୍ଦର ତୋରଣ ନିର୍ମାଣରେ ଏହି ପୂଜା କମିଟିର ସ୍ୱତନ୍ତ୍ରତା ରହିଥିବାରୁ ଏଥର କିଛି ନିଆରା କରିବାକୁ ପ୍ରସ୍ତୁତି ଚାଲିଛି। ଏଥର ଆକର୍ଷଣ ହେବ ସିକିମ୍‌ର ନାଥୁଲା ବର୍ଡ଼ରଠାରେ ଥିବା ବାବା ହରଭଜନ ସିଂଙ୍କ ମନ୍ଦିର ଆକୃତିର ତୋରଣ। ପୂଜା କମିଟି ନିକଟରେ ତିଆରି ହେବାକୁଥିବା ଏହି ତୋରଣ ବେଶ୍ ଆକର୍ଷଣୀୟ ଓ ଲୋକାଦୃତ ହେବ। ତୋରଣର ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରାଯାଇଛି। ଶୀଘ୍ର ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯିବ ବୋଲି କମିଟି ପକ୍ଷରୁ କୁହାଯାଇଛି।

### ଦଶମୀରେ ଦହି ପଖାଳ

ଦଶମୀ ତିଥିରେ ସର୍ବସାଧାରଣଙ୍କ ନିମନ୍ତେ ଦହିପଖାଳର ବ୍ୟବସ୍ଥା କରାଯାଏ। ଚଳିତବର୍ଷ ମଧ୍ୟ ଦହିପଖାଳ କରାଯିବ। ଏହାଛଡ଼ା ପୂଜା ଅବସରରେ ସାହିର ପ୍ରତ୍ୟେକ ଘରେ ଲଡୁ ଭୋଗ ବଣ୍ଟାଯାଏ।

## ସେଲ୍‌ଫି କର୍ଣ୍ଣର

### ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ metroselfie@gmail.com ରେ ଆମର ସେଲ୍‌ଫି କର୍ଣ୍ଣରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।





@ ଗୌତମ



@ ପ୍ରିୟଦର୍ଶିନୀ



@ ଶିବାନନ୍ଦ



@ ନିରଞ୍ଜନ



@ ସୌମ୍ୟପ୍ରକାଶ



@ ଜଗଦୀଶ

ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ | metroselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

# ଶ୍ରୀମନ୍ଦିରରେ ବାମନ ଜନ୍ମନୀତି ସମ୍ପନ୍ନ

ପୁରୀ ଅଫିସ, ୨୧।୯

ଶ୍ରୀମନ୍ଦିରରେ ଶୁକ୍ରବାର ଭାଦ୍ରବ ଶୁକ୍ଳ ଦ୍ୱାଦଶୀ ତିଥିରେ ମହାପ୍ରଭୁଙ୍କ ବାମନ ଜନ୍ମନୀତି ସମ୍ପନ୍ନ ହୋଇଛି। ଏଥିଲାଗି ଦିନତମାମ ଶ୍ରୀମନ୍ଦିରରେ ଭକ୍ତଙ୍କ ଭିଡ଼ ଜମିଥିଲା। ଶ୍ରୀମନ୍ଦିରରେ ଠାକୁରଙ୍କ ସକାଳ ଧୂପ ଓ ଭୋଗମଣ୍ଡପ ସରିବା ପରେ ତିନିବାଡ଼ରେ ଯାତ୍ରାଙ୍ଗୀ ମହାସ୍ନାନ ହୋଇଥିଲା। ନୂଆ ଲୁଗା ଲାଗି ପରେ ଠାକୁରଙ୍କ ଶ୍ରୀଅଙ୍ଗରେ ଚନ୍ଦନ ଲାଗି କରାଯାଇଥିଲା। ପବିତ୍ର ବେଢା ନୀତି ପରେ ମହାପ୍ରଭୁଙ୍କ ପବିତ୍ରା ଲାଗି ହୋଇଥିଲା। ଠାକୁର ଛଅମୂର୍ତ୍ତି ଅଳଙ୍କାର ଲାଗି ହୋଇ ବେଶ ହୋଇଥିଲେ। ମଧ୍ୟାହ୍ନ ଧୂପ ବଢ଼ିବା ପରେ ଜୟ ବିଜୟ ଦ୍ୱାର ବନ୍ଦ ହୋଇଥିଲା। ଭିତର ଚନ୍ଦନ ଅର୍ଗଳିଠାରେ ପୂଜାପଣ୍ଡା ସାମନ୍ତ ପଞ୍ଚବର୍ଣ୍ଣ ମୁରୁଜରେ ବାମନ ଜନ୍ମନୀତି ମଣ୍ଡଳ ପକାଇଥିଲେ। ବାମନ ଦେବ ଭିତରକୁ ବିଜେ ହେବା ପରେ ଧଣ୍ଡି ପ୍ରସାଦ ଲାଗି ହୋଇଥିଲା। ସନ୍ଧ୍ୟାରେ ବାମନ ଜନ୍ମନୀତି ସମ୍ପନ୍ନ ହୋଇଥିଲା। ପୂଜାପଣ୍ଡା କ୍ଷୀର, ଲହୁଣି, କୋରା ମଣୋହି କରିଥିଲେ। ମୁଦିରସ୍ତ ପ୍ରସାଦ ଲାଗି କରିବା ପରେ ମହାଜନ ସେବକ ଠାକୁରଙ୍କୁ ସୋମନାଥ ମଣ୍ଡପ ଖଟ ଉପରେ ବିଜେ କରାଇଥିଲେ। ଭଣ୍ଡାରରୁ ରୁପାବଟାରେ ଶ୍ରୀଦୁର୍ଗାଦେବୀଙ୍କୁ ଅଣାଯାଇ ମଣ୍ଡପ ଖଟ ଉପରେ ବିଜେ କରାଯାଇଥିଲା। ସେଠାରେ ପୂଜାପଣ୍ଡା ବସୁଧାରା ଏବଂ ଯଜ୍ଞ ପବିତ୍ରା ପ୍ରଦାନ କରିଥିଲେ। ଏହାପରେ ପାଣିପଡି ଶୀତଳ ଭୋଗ ପନ୍ତି ବଢାହୋଇଥିଲା। ଦୁଧ ମଣୋହି କରି ମୁଦିରସ୍ତ ପ୍ରସାଦ ଲାଗି କରିବା ପରେ ପୂଜାପଣ୍ଡା ପଞ୍ଚୋପଚାରରେ ପୂଜା କରିଥିଲେ। ବନ୍ଦାପନା ହୋଇ ବାମନ ଦେବ ଦକ୍ଷିଣୀ ଘରକୁ ଏବଂ ଦେବୀଦୁର୍ଗା ଭଣ୍ଡାର ଘରକୁ ବିଜେ କରିଥିଲେ।

# ପାର୍ବଣରେ ମାକୟେର ନୂଆ ଉତ୍ପାଦ ବଜାର ପ୍ରବେଶ

ଭୁବନେଶ୍ୱର, ୨୧-୯(ବ୍ୟୁରୋ)



ମାକୟେର ନୂଆ ଉତ୍ପାଦ ବଜାର ପ୍ରବେଶ କରାଉଛନ୍ତି (ବାମରୁ) ସ୍ମୃତି ରଞ୍ଜନ ମହାପାତ୍ର, ପ୍ରମୋଦ କେ. ଖୋସଲା ଏବଂ ତପନ କୁମାର ମହାପାତ୍ର।

କିଚେନ୍ ଏବଂ ହୋମ୍ ଆପ୍ଲାଏନ୍ସ ଉତ୍ପାଦ କ୍ଷେତ୍ରରେ ଦେଶରେ ଏକ ସ୍ୱତନ୍ତ୍ର ପରିଚୟ ହାସଲ କରିଥିବା ମାକୟେ ବ୍ରାଣ୍ଡ ଶୁକ୍ରବାର ମିକ୍ସର ଗ୍ରାଇଣ୍ଡର ଏବଂ ଜୁସର୍ ପ୍ରଡକ୍ଟରେ ୭ଟି ନୂଆ ମଡେଲ୍ ବଜାର ପ୍ରବେଶ କରାଇଛି। ଏହି ଉତ୍ପାଦ ପ୍ରିମିୟମ ରେଞ୍ଜରେ ଆସିଥିବା ବେଳେ ୧୨୦୦ ୱାଟ୍‌ର ଗୋଟିଏ କମର୍ସିଆଲ୍ ଜୁସର ମିକ୍ସର ଗ୍ରାଇଣ୍ଡର, ୭୫୦ ୱାଟ୍‌ର ୪ଟି ମିକ୍ସର-ଗ୍ରାଇଣ୍ଡର ଏବଂ ୯୫୦ ୱାଟ୍‌ର ୨ଟି ପ୍ରିମିୟମ ଜୁସର ରହିଛି ବୋଲି କମ୍ପାନୀ ପକ୍ଷରୁ ପ୍ରକାଶ। ଏହି ସବୁ ମଡେଲଗୁଡ଼ିକର ମୂଲ୍ୟ ୩ ହଜାର ଟଙ୍କାରୁ ଆରମ୍ଭ।

ବଜାର ପ୍ରବେଶ ଅବସରରେ ମାକୟେ ବ୍ରାଣ୍ଡର ମୂଳ କମ୍ପାନୀ କାନ୍‌ବାର ଇଣ୍ଡଷ୍ଟ୍ରିଜ୍ ପ୍ରାଇଭେଟ୍ ଲିମିଟେଡ୍‌ର ମାର୍କେଟିଂ ଡାଇରେକ୍ଟର ପ୍ରମୋଦ କେ. ଖୋସଲା କହିଛନ୍ତି, କମ୍ପାନୀର ଅଭିବୃଦ୍ଧିରେ ଓଡ଼ିଶାର ଅବଦାନ ଉତ୍ସାହଜନକ ରହିଛି। ସାରା ଭାରତରେ ଏହାର ୩୦୦ ଡିଷ୍ଟ୍ରିବ୍ୟୁଟର ରହିଥିବା ବେଳେ ଆଉ ଦୁଇ ବର୍ଷ ମଧ୍ୟରେ ଏହି ସଂଖ୍ୟା ୫୦୦ ଅତିକ୍ରମ କରିବ। ଓଡ଼ିଶାରେ ୪୫୦ ରିଟେଲ୍ ଆଉଟ୍‌ଲେଟ୍‌ରେ ମାକୟେ ବ୍ରାଣ୍ଡର ଉତ୍ପାଦ ଉପଲବ୍ଧ। ବିକ୍ରିପରର ସେବା ପାଇଁ ଏଠାରେ ୧୦ ଟି ସର୍ଭିସ୍ ସେଣ୍ଟର ମଧ୍ୟ ରହିଛି। ଏହି ଅବସରରେ ଓଡ଼ିଶା ଓ ଝାଡ଼ଖଣ୍ଡର ସର୍ଭିସ୍ ଇନ୍‌ଚାର୍ଜ ସ୍ମୃତି ରଞ୍ଜନ ମହାପାତ୍ର ଏବଂ ସ୍ଥାନୀୟ ବ୍ରାଞ୍ଚ ମ୍ୟାନେଜର ତପନ କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।





ଭୁବନେଶ୍ୱରର ଏକ ହୋଟେଲରେ ଶୁକ୍ରବାର ଜୀବନ ରେଖା ପରିଷଦ, ୱାଇଏମ୍‌ସିଏ ଓ ଅନ୍ୟ କେତେକ ସଂସ୍ଥା ପକ୍ଷରୁ ମିଳିତ ଭାବେ ଆୟୋଜିତ ଛାତ୍ରୀଛାତ୍ରଙ୍କ ବ୍ୟକ୍ତିତ୍ୱ ବିକାଶ ସପ୍ତାହ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ବିଦେଶୀ, ସ୍ଥାନୀୟ ଛାତ୍ରୀଛାତ୍ର ଏବଂ ଅନ୍ୟମାନେ।



ପ୍ରାତଃକାଳରେ ଶଯ୍ୟାତ୍ୟାଗ କଲାବେଳେ ଏବଂ ରାତ୍ରିରେ ନିଦ୍ରାଗତ ହେବାକୁ ଯିବାବେଳେ ପ୍ରତିଦିନ ଅତି କମ୍‌ରେ ପାଞ୍ଚ ମିନିଟ୍ ପାଇଁ ଭଗବାନଙ୍କୁ ପ୍ରାର୍ଥନା କର।
- ବୁଦ୍ଧଦେବ



## ସଂକ୍ଷେପରେ

### ଛିନ୍‌ତାଇ ଅଭିଯୁକ୍ତଙ୍କୁ କାବୁ କଲେ ଲୋକେ

**ଭୁବନେଶ୍ୱର,୨୧।୯(ବ୍ୟୁରୋ):** ମଞ୍ଚେଶ୍ୱର ଥାନା ଅଞ୍ଚଳରେ ବସ୍‌ରୁ ଓହ୍ଲାଉଥିବା ଜଣେ ଯାତ୍ରୀଙ୍କଠାରୁ ଛିନତାଇ କରୁଥିବା ବେଳେ ଅଭିଯୁକ୍ତଙ୍କୁ ସ୍ଥାନୀୟ ଲୋକେ କାବୁ କରିଛନ୍ତି। ପରେ ତାଙ୍କୁ ନିସ୍ତୁକ ମାଡ଼ ମାରି ପୋଲିସ ଜିମା ଦେଇଛନ୍ତି। ଅଭିଯୁକ୍ତ ହେଲେ ନୟାଗଡ ଜିଲା ଦଶପଲ୍ଲା ଅଞ୍ଚଳର ଜିତେନ୍ଦ୍ର ଦାସ(୩୮)। ସୂଚନା ମୁତାବକ, କେନ୍ଦ୍ରାପଡା ଜିଲା ରାଜକନିକାର ଭଞ୍ଜନ ମଲ୍ଲିକ ନିଜ ଝିଅର ଚିକିତ୍ସା ପାଇଁ ଶୁକ୍ରବାର ବସ୍‌ରେ ଭୁବନେଶ୍ୱର ଆସିଥିଲେ। ପୂର୍ବାହ୍ନ ପ୍ରାୟ ୧୦ଟାରେ ସେ ହଂସପାଳ ଛକ ନିକଟରେ ବସରୁ ଓହ୍ଲାଇବା ପରେ ଜିତେନ୍ଦ୍ର ଓ ତାଙ୍କର ଜଣେ ସହଯୋଗୀ ଭଞ୍ଜନଙ୍କଠାରୁ ପର୍ସ ଓ ମୋବାଇଲ ଛିନତାଇ କରିଥିଲେ। ଭଞ୍ଜନ ପାଟି କରିବାରୁ ସ୍ଥାନୀୟ ଲୋକ ଜିତେନ୍ଦ୍ରଙ୍କୁ କାବୁ କରିବାରେ ସଫଳ ହୋଇଥିଲେ। ଖବର ପାଇ ପୋଲିସ ପହଞ୍ଚି ଜିତେନ୍ଦ୍ରଙ୍କୁ ଥାନାକୁ ଆଣିଥିଲା। ପରେ ଏକ ମାମଲା(୪୬୧/୧୮) ରୁଜୁ କରି ତାଙ୍କୁ କୋର୍ଟ ଚାଲାଣ କରିଛି।

### ଆଜିଠୁ ପୂଜା କମିଟି ଅଭିଯୋଗ ଶୁଣିବେ ଜିଲାପାଳ

**ଭୁବନେଶ୍ୱର,୨୧।୯(ବ୍ୟୁରୋ):** କମିଶନରେଟ୍ ମୁଖ୍ୟାଳୟରେ ଗତ ୧୮ ତାରିଖ ରାଜଧାନୀର ଏକାଧିକ ଦୁର୍ଗାପୂଜା କମିଟି, ପୋଲିସ ଓ ଜିଲା ପ୍ରଶାସନକୁ ନେଇ ଏକ ବୈଠକ ହୋଇଥିଲା। ପୂଜା କମିଟିଗୁଡ଼ିକର ରହିଥିବା ଏକାଧିକ ସମସ୍ୟା କଥା ସେମାନେ ଉଠାଇଥିଲେ। ତେଣୁ ଏହାକୁ ସମାଧାନ କରିବା ପାଇଁ ଜିଲାପାଳ ଏକ ବୈଠକ କରି ବିଭିନ୍ନ ପୂଜା କମିଟିର ଅଭିଯୋଗ ଶୁଣିବା ପରେ ସମାଧାନ କରିବେ ବୋଲି କହିଥିଲେ। ଏହି ବୈଠକ ପ୍ରତି ଶନିବାର ଅପରାହ୍ନ ୫ଟାରେ ହେବ ବୋଲି ଜିଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ଏହି ପର୍ଯ୍ୟାୟରେ ଶନିବାର ଖୋର୍ଦ୍ଧା ଜିଲାପାଳଙ୍କ ଅଧକ୍ଷତାରେ ସ୍ୱତନ୍ତ୍ର ପ୍ରଦକ୍ଷଣ ଗୃହ(ସ୍ପେଶାଲ ସର୍କିଟ ହାଉସ)ରେ ବୈଠକ କରାଯିବ। ଏହି ପ୍ରଥମ ବୈଠକରେ ସମସ୍ତ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଉପସ୍ଥିତିରେ ଆଲୋଚନା ମାଧ୍ୟମରେ ସମାଧାନ କରାଯିବ। ତେଣୁ ଏହି ବୈଠକରେ ଭୁବନେଶ୍ୱରର ଏକାଧିକ ପୂଜା କମିଟିର ସଦସ୍ୟ ଉପସ୍ଥିତ ରହି ସେମାନଙ୍କ ଅଭିଯୋଗ ଜଣାଇବା ପାଇଁ ଜିଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି।

### ଜେ. ଆଦାନୀ, ଗୁଡ୍‌ଲି ରଥ ପାଇବେ ସୁମନ୍ତ ସମ୍ମାନ

**ଭୁବନେଶ୍ୱର,୨୧।୯(ବ୍ୟୁରୋ):** ସଙ୍ଗୀତ କ୍ଷେତ୍ରରେ ଜୀବନବ୍ୟାପୀ ସାଧନା ପାଇଁ ବର୍ଷିୟାନ୍ ଓଡ଼ିଆ ସଙ୍ଗୀତଜ୍ଞ ଜେ. ଆଦାନୀ ଓ ସଙ୍ଗୀତ ନିର୍ଦ୍ଦେଶକ ଗୁଡ୍‌ଲି ରଥଙ୍କୁ ଚଳିତବର୍ଷ 'ସୁମନ୍ତ ସମ୍ମାନ-୨୦୧୮' ପ୍ରଦାନ କରାଯିବ। ପ୍ରଥିତଯଶା ଗାୟକ ତଥା ସଙ୍ଗୀତ ନିର୍ଦ୍ଦେଶକ ସ୍ୱର୍ଗତ ସୁମନ୍ତ ମହାନ୍ତିଙ୍କ ସ୍ମୃତି ଉଦ୍ଦେଶ୍ୟରେ ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ 'ସ୍ମୃତିସୁମନ୍ତ' ଓ 'ସୁମନ୍ତ ସମ୍ମାନ' ପ୍ରଦାନ କରାଯିବ। ସୁମନ୍ତ ମହାନ୍ତି ଫାଉଣ୍ଡେଶନ ଟ୍ରଷ୍ଟ ପକ୍ଷରୁ ଆସନ୍ତା ୨୮ତାରିଖ ସନ୍ଧ୍ୟାରେ ରବୀନ୍ଦ୍ର ମଣ୍ଡପଠାରେ ଏକ ବିଶେଷ ସଙ୍ଗୀତଭିତ୍ତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇ ସମ୍ମାନ ପ୍ରଦାନ କରାଯିବ। ସମ୍ମାନ ଉତ୍ସବ ଅବସରରେ ଆୟୋଜିତ ହେବାକୁ ଥିବା ସଙ୍ଗୀତ କାର୍ଯ୍ୟକ୍ରମରେ ଲୋକପ୍ରିୟ କଣ୍ଠଶିଳ୍ପୀ ତୃପ୍ତି ଦାସ, ଈରା ମହାନ୍ତି, ନାଜିଆ ଆଲାମ୍, ସୌରଭ ନାୟକ, ଜୁବୁଲି ସୁନ୍ଦରରାୟ ପ୍ରମୁଖ ସୁମନ୍ତଙ୍କ ନିର୍ଦ୍ଦେଶିତ ସଙ୍ଗୀତ ପରିବେଷଣ କରିବେ। ସୁପ୍ରସିଦ୍ଧ ଓଡ଼ିଶୀ ନୃତ୍ୟଶିଳ୍ପୀ ମୀରା ଦାସଙ୍କ ନୃତ୍ୟାନୁଷ୍ଠାନ ଗୁଞ୍ଜନ ପକ୍ଷରୁ ସୁମନ୍ତଙ୍କ ସ୍ୱର ସଂଯୋଜିତ ଗୀତରେ ଓଡ଼ିଶୀ ନୃତ୍ୟାଭିନୟ ମଞ୍ଚସ୍ଥ ହେବ। ଏହି ଅବସରରେ ପ୍ରଥମ ଥର ପାଇଁ 'ସୁମନ୍ତ ସମ୍ମାନ' ପ୍ରଦାନ କରାଯିବ ବୋଲି ସୁମନ୍ତ ମହାନ୍ତି ଫାଉଣ୍ଡେଶନ ଟ୍ରଷ୍ଟ ସମ୍ପାଦିକା ଜ୍ୟୋତ୍ସ୍ନା ମହାପାତ୍ର ଓ ଆବାହକ ଡ. ଆଶିଷ ମହାପାତ୍ର ସୂଚନା ଦେଇଛନ୍ତି।

### ଏକାମ୍ର ହାଟକୁ ସଂଯୋଗ ହେଲା ବିଦ୍ୟୁତ୍

**ଭୁବନେଶ୍ୱର,୨୧।୯(ବ୍ୟୁରୋ):** ଦୁଇଦିନ ଧରି ଅନ୍ଧାରରେ ଥିବା ଏକାମ୍ର ହାଟକୁ ଶେଷରେ ବିଦ୍ୟୁତ୍ ସଂଯୋଗ କରାଯାଇଛି। ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ କର୍ତ୍ତୃପକ୍ଷ ତତ୍ପରତା ପ୍ରକାଶ କରି ଶୁକ୍ରବାର ମଧ୍ୟାହ୍ନ ସୁଦ୍ଧା ହାଟ ପରିସରକୁ ପୁନର୍ବାର ବିଦ୍ୟୁତ୍ ସଂଯୋଗ କରିଛନ୍ତି। ସେସୁ ପକ୍ଷରୁ କେବୁଲ୍ ବିଛା କାର୍ଯ୍ୟ ଚାଲିଥିବା ବେଳେ କୌଣସି ଏକ ସ୍ଥାନରେ କେବୁଲ୍ ତାର କଟିଯିବାରୁ ବୁଧବାର ରାତି ୧୦ଟାରୁ ହାଟରେ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ ହୋଇଥିଲା। ଏ ନେଇ ବ୍ୟବସାୟୀମାନେ ଇଡ୍‌କୋ ଏବଂ ସେସୁ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ ଏହାକୁ କେହି ଗୁରୁତର ନେଇ ନ ଥିଲେ। ଫଳରେ ୨ଦିନରୁ ଊର୍ଦ୍ଧ୍ୱ ସମୟ ଧରି ଏହି ବ୍ୟବସାୟିକସ୍ଥଳୀ ଅନ୍ଧାରରେ ରହିଥିଲା।

## ଭାଷା ପ୍ରୟୋଗଶାଳା ଗଠନ
# ଘରୋଇ ସଂସ୍ଥାକୁ ଅନୁଗ୍ରହ ଦେଖାଇଛି ଉଚ୍ଚଶିକ୍ଷା ବିଭାଗ

**ଭୁବନେଶ୍ୱର, ୨୧।୯(ବ୍ୟୁରୋ)**

**ସିଏଜି ରିପୋର୍ଟ**

ଉଚ୍ଚଶିକ୍ଷା ବିଭାଗ ରାଜ୍ୟର ସମସ୍ତ ସରକାରୀ କଲେଜ ଏବଂ ସରକାରୀ ସହାୟତାପ୍ରାପ୍ତ ୧୦୮ କଲେଜରେ ଭାଷା ପ୍ରୟୋଗଶାଳା ଗଠନ କରିବାକୁ ନିଷ୍ପତ୍ତି ନେଇଥିଲା। ବିଭାଗ ମନୋନୟନ ଭିତ୍ତିରେ ସେଣ୍ଟର ଫର୍ ଆଡ୍‌ଭାନ୍ସ କମ୍ୟୁନିକେଶନ(ସିଏସି) ନାମକ ସଂସ୍ଥାକୁ ଅନୁଗ୍ରହ ଦେଖାଇ ପ୍ରକଳ୍ପ କାର୍ଯ୍ୟ କରିବାକୁ ଦେଇଥିଲା। ୨୨.୮୮ କୋଟି ଟଙ୍କା ବ୍ୟୟ କରାଯାଇ ଭାଷା ପ୍ରୟୋଗଶାଳା ଗଠନ ହୋଇଥିଲେ ମଧ୍ୟ ୫୬ଟି କଲେଜରେ ନାମଲେଖା ହୋଇ ନ ଥିଲା। ଫଳରେ ଭାଷା ପ୍ରୟୋଗଶାଳା ଗଠନର ଉଦ୍ଦେଶ୍ୟ ହାସଲ ହୋଇପାରିନାହିଁ ବୋଲି ସିଏଜି(କମ୍ପ୍ଟ୍ରୋଲର ଆଣ୍ଡ ଅଡିଟର ଜେନେରାଲ) ତାଙ୍କ ରିପୋର୍ଟରେ ପ୍ରକାଶ କରିଛନ୍ତି।

ରାଜ୍ୟର ସମସ୍ତ ସରକାରୀ ବିଶ୍ୱବିଦ୍ୟାଳୟ, ସରକାରୀ କଲେଜ ଏବଂ କିଛି ଅନୁଦାନପ୍ରାପ୍ତ ବେସରକାରୀ କଲେଜରେ ଭାଷା ପ୍ରୟୋଗଶାଳା ଗଠନ କରିବାକୁ ଉଚ୍ଚଶିକ୍ଷା ବିଭାଗ ୨୦୧୨ ଜାନୁୟାରୀରେ ନିଷ୍ପତ୍ତି ନେଇଥିଲା। ଛାତ୍ରୀଛାତ୍ରଙ୍କୁ ଭାଷା ଉପରେ ଅଧିକ ଜ୍ଞାନ ଯୋଗାଇଦେବା ଏହାର ଲକ୍ଷ୍ୟ ଥିଲା। ଏଥିପାଇଁ କଲେଜ ଏବଂ ବିଶ୍ୱବିଦ୍ୟାଳୟରେ ୩୦ ଜଣ ବସିବା ଭଳି କ୍ଷମତା ବିଶିଷ୍ଟ କୋଠରି ନିର୍ମାଣ କରିବାକୁ ସ୍ଥିର ହୋଇଥିଲା। ଏଥିରେ ବୈଦ୍ୟୁତିକ ସାଜ ସରଞ୍ଜାମ, ଆଭ୍ୟନ୍ତରିଣ ସାଜସଜ୍ଜା ସହିତ କୋଠରୀଗୁଡିକରେ କମ୍ପ୍ୟୁଟର ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ଉପକରଣ ରହିବ।

ଉଚ୍ଚଶିକ୍ଷା ବିଭାଗ ସିଏସିକୁ କେନ୍ଦ୍ର ସରକାରଙ୍କ ବୈଷୟିକ ଅନୁଷ୍ଠାନ ଆଇଆଇଟି ଖଡଗପୁରର ଏକ ୟୁନିଟ୍ ଦର୍ଶାଇ କାର୍ଯ୍ୟ କରିବା କ୍ଷମତା ଦେଇଥିଲା। କିନ୍ତୁ ସିଏସି ଏକ ବେସରକାରୀ ସଂସ୍ଥା। ଏହାର ପ୍ରଶାସନିକ ଏବଂ ଆର୍ଥିକ ସମ୍ପର୍କ ଆଇଆଇଟି ଖଡଗପୁର ସହିତ ନ ଥିଲା। ତେଣୁ ଆଇଆଇଟି ଖଡଗପୁର ଆଳରେ ସିଏସିକୁ କାର୍ଯ୍ୟ କରିବା କ୍ଷମତା ଦେବା ଅନୈତିକ ବୋଲି ସିଏଜି ରିପୋର୍ଟରେ ଉଲ୍ଲେଖ କରିଛନ୍ତି। ୨୦୧୩ ମାର୍ଚ୍ଚରେ ବିଭାଗ ସଂସ୍ଥା ସହିତ କାମ ଆରମ୍ଭ ନେଇ ବୁଝାମଣା ପତ୍ର ସ୍ୱାକ୍ଷର କରିଥିଲା। ୨୦୧୬ ଫେବୃୟାରୀରେ ବୁଝାମଣା ପତ୍ରର ପରିସମାପ୍ତି ହୋଇଥିଲା। ଉଚ୍ଚଶିକ୍ଷା ବିଭାଗ ତାହାକୁ ପୁଣିଥରେ ନବୀକରଣ କରିଥିଲା। ୨୦୧୭ ସୁଦ୍ଧା ୨୦ ଭାଷା ପ୍ରୟୋଗଶାଳାକୁ ସରକାର ଅନୁମୋଦନ କରିଥିଲେ। ଫଳସ୍ୱରୂପ ୪୦ ସରକାରୀ ଏବଂ ୬୮ ସରକାରୀ ସହାୟତାପ୍ରାପ୍ତ କଲେଜରେ ଭାଷା ପ୍ରୟୋଗଶାଳା କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିଲା। ମାର୍ଚ୍ଚ ୨୦୧୭ ସୁଦ୍ଧା ସିଏସିକୁ ବିଭାଗ ୨୨.୮୮ କୋଟି ଟଙ୍କା ପ୍ରଦାନ କରିଛି ବୋଲି ସିଏଜିଙ୍କ ରିପୋର୍ଟ କହୁଛି। ୧୦୨ କଲେଜରେ ଭାଷା ପ୍ରୟୋଗଶାଳା ପ୍ରତିଷ୍ଠା ହୋଇଛି। ୫୬ କଲେଜରେ ନାମଲେଖା ହୋଇନାହିଁ। ସେହିପରି ୩ ବର୍ଷ ପୂର୍ବରୁ ୪୨ କଲେଜରେ ୮.୬୪ କୋଟି ଟଙ୍କା ବ୍ୟୟରେ ଭାଷା ପ୍ରୟୋଗଶାଳା ପ୍ରତିଷ୍ଠା ହୋଇସାରିଛି। ଅବଶିଷ୍ଟ ୧୪ କଲେଜରେ ୨୦୧୬-୧୭ରେ ଭାଷା ପ୍ରୟୋଗଶାଳା ଗଠନ କରାଯାଇଛି ବୋଲି ସିଏଜି ପ୍ରକାଶ କରିଛନ୍ତି।



ଶୁକ୍ରବାର ରାଜଧାନୀ ଭୁବନେଶ୍ୱରରେ ବର୍ଷା ସମୟର ଦୃଶ୍ୟ।

## ୭ ଦଫା ଦାବି ପୂରଣ ନୋହିଲା
### ୨୪, ୨୫ରେ ମତ୍ସ୍ୟଜୀବୀଙ୍କ ଆନ୍ଦୋଳନ, ୨୭ରେ ସମାବେଶ

**ଖୋର୍ଦ୍ଧା ଅଫିସ,୨୧।୯**

୭ ଦଫା ଦାବି ପୂରଣ ନ ହେବାରୁ ଚିଲିକା ମତ୍ସ୍ୟଜୀବୀ ମହାସଂଘ ପକ୍ଷରୁ ଆଇନ ଅମାନ୍ୟ ଆନ୍ଦୋଳନ ହେବ। ଏ ନେଇ ଚଳିତ ମାସ ୨୪ ଓ ୨୫ ତାରିଖ ଦୁଇଦିନ ଧରି ଚିଲିକା ତହସିଲ ଓ ବ୍ଲକ ଘେରାଉ କରାଯିବ। ୨୭ରେ ନଳବଣ ପରିସରରେ ମତ୍ସ୍ୟଜୀବୀ ସମାବେଶ କରାଯିବ ବୋଲି ପ୍ରେସ ବିବୃତିରେ ଚିଲିକା ମତ୍ସ୍ୟଜୀବୀ ମହାସଂଘର ସଭାପତି ରବୀନ୍ଦ୍ର ବେହେରା କହିଛନ୍ତି। ଏ ନେଇ ବିଭିନ୍ନ ଦିବସରେ ଚନ୍ଦ୍ରାପୁଟ, ସୋରଣ, ବଡଲାବନ୍ଧଠାରେ ଅନୁଷ୍ଠିତ ବୈଠକରେ ନିଷ୍ପତ୍ତି ହୋଇଛି। ଏଥିରେ ଧର୍ମନନ୍ଦ କେଇ, ମୋହନ ବେହେରା, ମହାଦେବ ବେହେରା, ଜୟକୃଷ୍ଣ ବେହେରା ପ୍ରମୁଖଙ୍କ ଅଧ୍ୟକ୍ଷତାରେ ସ୍ଥିର ହୋଇଛି ବୋଲି କୁହାଯାଇଛି। ଅଭିଯୋଗ ଅନୁସାରେ, ବିଧାନସଭା ମୌସୁମୀ ଅଧିବେଶନରେ ଚିଲିକା ବିଲ୍ ଗୃହୀତ କରାଇବାର ଦାବି ରହିଛି। ସେହିଭଳି ସମୁଦ୍ରରୁ ଚିଲିକାକୁ ସଂଯୋଗ ହୋଇଥିବା ଅରଖକୁଦା ମୁହାଣ, ପାଲୁରୁ କେନାଲରୁ ଆଲିମ ଜାଲ ଓ ସରୁ ଜାଲ ଉଚ୍ଛେଦ ପରି ଅନୁରୂପ ଦାବି ଥିଲା। ଅପରପକ୍ଷେ ଦହିଖିଆ ନାଳଠାରୁ ଟାଟା ବନ୍ଧ, ସିଡୁଆ ନାଳଠାରୁ ମଗର ମୁଖ ନାଳ, ସିଆଣ୍ଡି ନାଳଠାରୁ କଳାଖାଇ ନାଳ ଏବଂ ଚିଲିକାରୁ ସରୁଜାଲ ଓ ମଶାରି ଜାଲ ଉଚ୍ଛେଦ କରି ଚିଲିକାରେ ମତ୍ସ୍ୟ ଉତ୍ପାଦନ ବୃଦ୍ଧି କରାଇବା ଦାବି ମଧ୍ୟ ରହିଥିଲା। ମତ୍ସ୍ୟଜୀବୀମାନଙ୍କର ନ୍ୟାଯ୍ୟ ଦାବି ଚିଲିକାରୁ ବେଆଇନ ଚିଙ୍ଗୁଡି ଘେରି ସୈରାଚ୍ ଘୋଷଣା କରିଥିବା ପ୍ରକ୍ରିୟାକୁ ରାଜ୍ୟ ସରକାର ବନ୍ଦ କରିବା, ବେଆଇନ ଚିଙ୍ଗୁଡି ଘେରି ଓ ବନ୍ଧ ଘେରି ଉଚ୍ଛେଦ ଦାବି ମଧ୍ୟ ରହିଥିଲା।

## ଏୟାର ଓଡ଼ିଶା ନିର୍ଦ୍ଦେଶକଙ୍କ ନାମରେ ବଳାତ୍କାର ମାମଲା
# ତଥ୍ୟ ପ୍ରମାଣ ଯୋଗାଡ଼ କରୁଛି ପୋଲିସ

**ଭୁବନେଶ୍ୱର, ୨୧।୯(ବ୍ୟୁରୋ)**

**ଡାକ୍ତରୀ ରିପୋର୍ଟ ମିଳିବା ପରେ କାର୍ଯ୍ୟାନୁଷ୍ଠାନ: ସିପି**

ଏୟାର ଓଡିଶା ନିର୍ଦ୍ଦେଶକ ସନ୍ତୋଷ ପାଣିଙ୍କ ନାମରେ ହୋଇଥିବା ବଳାତ୍କାର ମାମଲାରେ ପୋଲିସ ତଦନ୍ତକୁ ଜୋରଦାର କରିଛି। ଘଟଣା ଦିନ ଯୁବତୀ ଓ ସନ୍ତୋଷ ଯେଉଁ ଯେଉଁ ସ୍ଥାନକୁ ଯାଇଥିଲେ ସେସବୁ ଜାଗାକୁ ପୋଲିସ ଯାଇ ଯାଞ୍ଚ କରିଛି। ଏହାସହ ଯୁବତୀଙ୍କୁ ବଳାତ୍କାର କରାଯାଇଥିବା ସ୍ଥାନକୁ ଯାଇ ପୋଲିସ କିଛି ନମୁନା ସଂଗ୍ରହ କରିଛି। ଗୁରୁବାର ଯୁବତୀ ଜଣକ କହିଥିଲେ ଯେ, ପୋଲିସ ତାଙ୍କୁ ନ୍ୟାୟ ନ ଦେଲେ ସେ ଆତ୍ମହତ୍ୟା କରିବେ। ତେଣୁ ପୋଲିସ ଏବେ ଅଡୁଆରେ ପଡିଛି। ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଲାଗି ପୋଲିସ ତଥ୍ୟ ପ୍ରମାଣ ଯୋଗାଣ କରିବାରେ ଲାଗିଛି। ପୋଲିସ କମିଶନର ସତ୍ୟଜିତ ମହାନ୍ତି କହିଛନ୍ତି, ଯୁବତୀ ଓ ସନ୍ତୋଷଙ୍କ ସିଡିଆର ରିପୋର୍ଟ ଆଧାରରେ ତଦନ୍ତ ଚାଲିଛି। ସନ୍ତୋଷଙ୍କ ବିରୋଧରେ ପ୍ରମାଣ ଯୋଗାଡ କରାଯାଉଛି। ଦୁଇ ଜଣଙ୍କ ସିଡିଆର ଓ ଡାକ୍ତରୀ ମାଇନା ରିପୋର୍ଟ ଆସିବା ପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ନିଆଯିବ। ଅନ୍ୟପଟେ ଗିରଫ ଭୟରେ ସନ୍ତୋଷ ଆଗୁଆ ଜାମିନ ପାଇଁ ଆବେଦନ କରିଥିବା ଚର୍ଚ୍ଚା ହେଉଛି।

ଏହା ବ୍ୟତୀତ ଯୁବତୀ ଜଣକ ଘଟଣାର ଏକ ମାସ ପରେ କ'ଣ ପାଇଁ ଅଭିଯୋଗ କଲେ ତାହାକୁ ନେଇ ମଧ୍ୟ ପୋଲିସ ସନ୍ଦେହରେ ପଡ଼ିଛି। ତେଣୁ ଉକ୍ତ ଯୁବତୀ ବର୍ତ୍ତମାନ କୋଲକାତାରେ ଯେଉଁ ଚାକିରି କରୁଛନ୍ତି ସେଠାକୁ ଖଣ୍ଡଗିରି ପୋଲିସ ଯାଇ ପଚରାଉଚରା କରିବ ବୋଲି ଜଣାପଡ଼ିଛି। ତେବେ ଏ ପର୍ଯ୍ୟନ୍ତ ସନ୍ତୋଷଙ୍କୁ ପଚରାଉଚରା କରାଯାଇ ନ ଥିବାରୁ ପୋଲିସର ଭୂମିକାକୁ ନେଇ ମଧ୍ୟ ସନ୍ଦେହ ସୃଷ୍ଟି ହେଉଛି।

ସୂଚନାଯୋଗ୍ୟ, ଗତ ବୁଧବାର ଯୁବତୀ ଜଣକ ସନ୍ତୋଷଙ୍କ ନାମରେ ଖଣ୍ଡଗିରି ଥାନାରେ ବଳାତ୍କାର ଅଭିଯୋଗ କରିଥିଲେ। ଗତ ଅଗଷ୍ଟ ୧୦ରେ ସନ୍ତୋଷ ଯୁବତୀଙ୍କୁ ଘରେ ଛାଡିଦେବାକୁ କହି କାରରେ ନେଇଥିଲେ। ବାଟରୁ ମଦ କିଣିବା ସହ ଥଣ୍ଡାରେ ନିଶା ଦେଇ ଯୁବତୀଙ୍କୁ ତାଙ୍କ ଭଡ଼ା ଘରେ ବଳାତ୍କାର କରିଥିଲେ ବୋଲି ଅଭିଯୋଗ ହୋଇଥିଲା।

# ବିମାନବନ୍ଦରରେ କଡ଼ା ସୁରକ୍ଷା ବ୍ୟବସ୍ଥା

**ଭୁବନେଶ୍ୱର, ୨୧।୯(ବ୍ୟୁରୋ)**

**ମୁତୟନ ହେବେ ୧୫ ପ୍ଲାଟୁନ ପୋଲିସ, ୪୦ ଅଫିସର**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ଓଡ଼ିଶା ଗସ୍ତରେ ଆସୁଛନ୍ତି। ମୋଦି ସ୍ୱତନ୍ତ୍ର ବିମାନ ଯୋଗେ ଆସି ସକାଳ ପ୍ରାୟ ୮ଟା ୫୫ରେ ବିଜୁ ପଟ୍ଟନାୟକ ବିମାନବନ୍ଦରରେ ପହଞ୍ଚିବେ। ପରେ ଏଠାରୁ ସିଧା ତାଳଚେର ଯିବାର କାର୍ଯ୍ୟକ୍ରମ ରହିଛି। ପ୍ରଧାନମନ୍ତ୍ରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି କମିଶନରେଟ୍ ପୋଲିସ ପକ୍ଷରୁ ବିମାନ ବନ୍ଦର ଓ ଏହାର ଆଖପାଖ ଅଞ୍ଚଳରେ କଡା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ବିମାନବନ୍ଦର ଏବଂ ଏହା ନିକଟବର୍ତ୍ତୀ ଅଞ୍ଚଳରେ ପ୍ରାୟ ୧୫ ପ୍ଲାଟୁନ ପୋଲିସ ଫୋର୍ସ ଓ ୪୦ ଅଫିସର ମୁତୟନ ହେବେ। ଅନ୍ୟପଟେ ପ୍ରଧାନମନ୍ତ୍ରୀଙ୍କ ଗସ୍ତ ପାଇଁ କମିଶନରେଟ୍ ପୋଲିସ ପକ୍ଷରୁ ଆପତକାଳୀନ ଯୋଜନା କରାଯାଇଛି। ଯଦି କୌଣସି କାରଣ ବଶତଃ ବିମାନରେ ଯିବା ବାତିଲ ହୁଏ କିମ୍ବା ପ୍ରଧାନମନ୍ତ୍ରୀ ରାଜଭବନକୁ ଯିବାକୁ ଚାହାନ୍ତି, ତେବେ ତାଙ୍କୁ ବାଇ ରୁଟ୍‌ରେ ନିଆଯିବ। ଏହାକୁ ଦୃଷ୍ଟିରେ ରଖି ଆପତକାଳୀନ ଯୋଜନା କରାଯାଏ ବୋଲି ପୋଲିସ କମିଶନର ସତ୍ୟଜିତ୍ ମହାନ୍ତି କହିଛନ୍ତି।

## ୨୨ ବର୍ଷର ବ୍ୟବସାୟ ଦେଇଛି ପରିଚୟ



ଜଳଖିଆ ଦୋକାନୀ ଗୋବର୍ଦ୍ଧନ ସ୍ୱାଇଁ।

**ବାଲିଅନ୍ତା,୨୧।୯(ଡି.ଏନ୍.ଏ.)**

**ଦିନକର କାହାଣୀ**

ଭିଙ୍ଗାରପୁର-ବାଲିପାଟଣା ଆର୍.ଡି. ରାସ୍ତାର ଖମଙ୍ଗ ଛକରେ ରହିଛି ଗୋବର୍ଦ୍ଧନ ସ୍ୱାଇଁଙ୍କ ଜଳଖିଆ ଦୋକାନ। ଦୀର୍ଘ ୨୨ବର୍ଷର ଏହି ବ୍ୟବସାୟ ତାଙ୍କୁ ଦେଇଛି ସ୍ୱତନ୍ତ୍ର ପରିଚୟ। ତାଙ୍କ ହାତ ତିଆରି ଚା' ହେଉ କି ଜଳଖିଆ, ସବୁର ବେଶ୍ ଡିମାଣ୍ଡ ରହିଛି। ଖାସ୍ ସେଥିପାଇଁ ଦୋକାନ ଆଗରେ ସକାଳୁ ରାତି ଯାଏ ଜମେ ଗ୍ରାହକଙ୍କ ଭିଡ଼। କର୍ମକୁ ଭଲପାଉଥିବା ଗୋବର୍ଦ୍ଧନ କୁହନ୍ତି, ସେ ଛୋଟ ଥିଲା ବେଳେ ତାଙ୍କ ଘରର ଆର୍ଥିକ ସ୍ଥିତି ଭଲ ନ ଥିଲା। ତେଣୁ ତାଙ୍କୁ ୭ମ ଶ୍ରେଣୀରୁ ପାଠପଢ଼ା ଛାଡ଼ିବାକୁ ପଡ଼ିଲା। ସେତେବେଳେ ଜେଜେ ସମ୍ରାଟ ସ୍ୱାଇଁଙ୍କର ଏକ ଚା' ଦୋକାନ ଥିଲା। ସେଠାରେ ରହି ସେ କାମ ଆରମ୍ଭ କରିଥିଲେ। ସେବେଠାରୁ ଏହି ବେଉସାକୁ ଆଦରି ନେଇଛନ୍ତି।

କର୍ମ ହିଁ ଭଗବାନ, ଏହି ବିଶ୍ୱାସ ରଖି ଗୋବର୍ଦ୍ଧନ ନିଜର କର୍ମକୁ ସବୁବେଳେ ପ୍ରାଧାନ୍ୟ ଦେଇଆସୁଛନ୍ତି। ପ୍ରତ୍ୟେହ ଭୋର୍ ୫ଟାରୁ ଉଠି ସେ ସମସ୍ତ ନିତ୍ୟକର୍ମ ସାରିଦିଅନ୍ତି। ସକାଳ ସାଢ଼େ ୬ଟା ବାଜିବା କ୍ଷଣି ସାଇକେଲରେ ଦୋକାନରେ ପହଞ୍ଚି ଗ୍ରାହକଙ୍କ ସେବାରେ ଲାଗିପଡ଼ନ୍ତି। ତାଙ୍କ ଦୋକାନ ସ୍ପେଶାଲ ଚା'ର ଅଧିକ ଚାହିଦା ରହିଥିବାରୁ ଦୋକାନ ଖୋଲିବା ମାତ୍ରେ ଗ୍ରାହକମାନେ ଆସି ପହଞ୍ଚିଯାଆନ୍ତି। ପ୍ରତିଦିନ ୨୫ଲିଟର ଦେଶୀ ଗାଈ କ୍ଷୀରରେ ସେ ଚା' ପ୍ରସ୍ତୁତ କରନ୍ତି। ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା କାକରୁଦ୍ରପୁର ପଞ୍ଚାୟତ ଗସ୍ତରେ ଆସିଲେ, ତାଙ୍କ ହାତ ତିଆରି ଚା' ପିଇବାକୁ ପସନ୍ଦ କରିଥାଆନ୍ତି ବୋଲି ଗୋବର୍ଦ୍ଧନ କୁହନ୍ତି। ଚା' ସହିତ ଦୋକାନର ଟଙ୍କିକିଆ ବରା, ଆଳୁଚପ୍, ଦୁଇଟଙ୍କିଆ ଜିଲାପିର ମଧ୍ୟ ବେଶ୍ ଚାହିଦା ରହିଛି। ସକାଳୁ ମଧ୍ୟାହ୍ନ ଯାଏ ଦୋକାନ ଚଳାଇବା ପରେ ଅପରାହ୍ନ ୧ଟାରେ ଗୋବର୍ଦ୍ଧନ ଘରକୁ ଖାଇବାକୁ ଯାଆନ୍ତି। ୨ଟାରେ ଘରୁ ଫେରି ଦୋକାନରେ କିଛି ସମୟ ବିଶ୍ରାମ ନିଅନ୍ତି। ପୁଣି ୩ଟାରୁ ଚା' ଓ ଜଳଖିଆ ତିଆରିରେ ଲାଗିପଡ଼ନ୍ତି। ରାତି ୧୦ଟାରେ ଦୋକାନ ବନ୍ଦ କରି ଘରର ସଉଦା କିଣିବାକୁ ବାଲିପାଟଣା ବଜାରକୁ ଯାଆନ୍ତି। ସଉଦା କିଣିସାରି ରାତି ୧୧ଟା ବେଳକୁ ଘରକୁ ଫେରନ୍ତି। କିଛି ସମୟ ପରେ ରାତ୍ରି ଭୋଜନ କରି ଶୋଇବାକୁ ଯାଆନ୍ତି। ସ୍ତ୍ରୀଙ୍କ ହାତରନ୍ଧା ନିରାମିଷ ଖାଦ୍ୟ ଖାଇବାକୁ ପସନ୍ଦ କରୁଥିବା ବେଳେ ସେ କିନ୍ତୁ ଆମିଷପ୍ରିୟ ବୋଲି କୁହନ୍ତି। ନିଜେ ଚିକେନ୍ ତରକାରି ଭଲ ରାନ୍ଧିଜାଣିଛନ୍ତି। ସେହି ଅଞ୍ଚଳର ବୟସ୍କ ଲୋକଙ୍କ ସହ ମିଶି ଭୋଜି କରିବାରେ ତାଙ୍କର ସଉକ ରହିଛି। ମାସକୁ ଥରେ ସ୍ତ୍ରୀଙ୍କ ସହିତ ସିନେମା ଦେଖିବାକୁ ଭୁବନେଶ୍ୱର ଯାଆନ୍ତି। ପରିବାର କହିଲେ ମା' ବ୍ରାହ୍ମଣୀ ସ୍ୱାଇଁ, ବାପା ଧର୍ମାନନ୍ଦ ସ୍ୱାଇଁ, ସ୍ତ୍ରୀ ବନିତା, ପୁଅ ଆଦିତ୍ୟ ଓ ସାନଭାଇ ସୁଦର୍ଶନ। ପୁଅ ୭ମ ଶ୍ରେଣୀରେ ପାଠ ପଢୁଥିବା ବେଳେ ସାନଭାଇଙ୍କୁ ଦୋକାନ ଆୟରୁ ଉଚ୍ଚଶିକ୍ଷିତ କରାଇପାରିଛନ୍ତି। ଏବେ ସେ ମୁମ୍ବାଇର ଏକ ଘରୋଇ ହସ୍ପିଟାଲରେ ଅର୍ଥୋପେଡିକ୍ ଡାକ୍ତର ଭାବେ କାର୍ଯ୍ୟରତ। ଗୋବର୍ଦ୍ଧନ କୁହନ୍ତି, ଏହି ଜଳଖିଆ ଦୋକାନ ମୋତେ ଆତ୍ମନିର୍ଭରଶୀଳ କରାଇଛି। ସ୍ୱାଧୀନ ଭାବେ ଜୀବନ ଜିଇଁବାର ବାଟ ଦେଖାଇଛି। ଦୋକାନରୁ ଯାହା ଲାଭ ବାହାରୁଛି, ସେଥିରେ ପରିବାର ଧରି ଖୁସିରେ ଅଛି।

## ଭିଏସ୍‌ଏସ୍ ନଗର ଦୁର୍ଗାପୂଜା ସମିତିର ମାଟି ଅନୁକୂଳ



କୁଆଖାଇ ନଦୀରୁ ମାଟି ଅନୁକୂଳ କରାଯାଉଛି।

**ଭୁବନେଶ୍ୱର, ୨୧।୯(ବ୍ୟୁରୋ)**

ଭିଏସ୍‌ଏସ୍ ନଗର ସାର୍ବଜନୀନ ଦୁର୍ଗାପୂଜା ସମିତି ପକ୍ଷରୁ ଶୁକ୍ରବାର ପବିତ୍ର ସୁନିଆ ଅବସରରେ ମା' ଦୁର୍ଗାଙ୍କ ମୂର୍ତ୍ତି ନିର୍ମାଣ ଲାଗି କୁଆଖାଇ ନଦୀରୁ ମାଟି ଅନୁକୂଳ କରାଯାଇଛି। କମିଟି କର୍ମକର୍ତ୍ତାମାନେ ଘଣ୍ଟଘଣ୍ଟା, ଶଙ୍ଖ ବଜାଇ ପୂଜା ମଣ୍ଡପରୁ ଶୋଭାଯାତ୍ରାରେ ନଦୀପଠାକୁ ଯାଇ ମୃତ୍ତିକା ଉତ୍ତୋଳନ କରିଥିଲେ। ପୂଜା ସମିତିର ସଭାପତି ଆର୍ତ୍ତତ୍ରାଣ ଦଳାଇ, ଉପସଭାପତି ନିମାଇଁ ଦାସ, ସାଧାରଣ ସମ୍ପାଦକ ଶୀତଳ ଚନ୍ଦ୍ର ମହାନ୍ତି, ପ୍ରତାପ କୁମାର ନନ୍ଦ, ଦିଲୀପ ଦାଶଶର୍ମା, ଇଂ. ଶିବ ପ୍ରସାଦ ମିଶ୍ର, ଉମା ବଲ୍ଲଭ ମିଶ୍ର, ପାଣ୍ଡବ ଚରଣ ରାଉତରାୟ, ଇଂ. ନଳିନୀ କୁମାର ମହାନ୍ତି, ମହେଶ୍ୱର ବିଶ୍ୱାଳ, ନିରଞ୍ଜନ ପାତ୍ର, ଉତ୍କଳ ପାଣିଗ୍ରାହୀ, ଦାମୋଦର ଶତପଥୀ ପ୍ରମୁଖଙ୍କ ସମେତ ଅନ୍ୟ କର୍ମକର୍ତ୍ତାମାନେ ଏଥିରେ ଅଂଶଗ୍ରହଣ କରିଥିଲେ। ସୂଚନାଯୋଗ୍ୟ, ସମିତି ପକ୍ଷରୁ ଦୀର୍ଘ ୪୦ବର୍ଷ ହେଲା ସୁନିଆ ଅବସରରେ ମା'ଙ୍କ ମୃଣ୍ମୟୀ ପ୍ରତିମା ତିଆରି ଲାଗି ମୃତ୍ତିକା ଅନୁକୂଳ କରାଯାଉଛି।

## ଫଟୋରେ ଖବର






ରବୀନ୍ଦ୍ର ମଣ୍ଡପଠାରେ ଶୁକ୍ରବାର ଭୁବନେଶ୍ୱର ମ୍ୟୁଜିକ୍ ସର୍କଲ ଦ୍ୱାରା ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ହିନ୍ଦୁସ୍ତାନୀ ସିତାର ବାଦନ କରୁଛନ୍ତି ସ୍ୱପ୍ନେଶ୍ୱର ଚକ୍ରବର୍ତ୍ତୀ। | ମହରମ ଉପଲକ୍ଷେ ଶୁକ୍ରବାର ମୁସ୍‌ଲିମ୍ ସମ୍ପ୍ରଦାୟର ଲୋକମାନେ ତାଜିଆ ଶୋଭାଯାତ୍ରାରେ ଯାଉଛନ୍ତି।



ଆଗରୁ ଦେଇ ନ ଥିଲେ ଏବେ ପାଇପାରିବନି। ତେଣୁ ପାଇବାର ଉତ୍କୃଷ୍ଟ ଉପାୟ ହେଉଛି ଦେବା। ସଞ୍ଚୟରେ ମଣିଷର ସ୍ପର୍ଦ୍ଧା ବଢ଼େ, ତ୍ୟାଗରେ ବଢ଼େ ମହତ୍ତ୍ୱ।
-ଶିରିଡ଼ି ସାଇ



## ସଂକ୍ଷେପରେ

### ସୁନିଆରେ ମା'ମଙ୍ଗଳାଙ୍କୁ ଲାଗିହେଲା ଚୁଡ଼ାଘଷା, କାକରା

**କାକଟପୁର, ୨୧।୯(ଡି.ଏନ୍.ଏ.):** ପବିତ୍ର ସୁନିଆ ଅବସରରେ ଶୁକ୍ରବାର କାକଟପୁରର ଅଧିଷ୍ଠାତ୍ରୀ ଦେବୀ ମା'ମଙ୍ଗଳାଙ୍କ ନିକଟରେ ନୂଆ ଧାନରୁ ପ୍ରସ୍ତୁତ ଚୁଡାଘଷା ଓ କାକରା ଭୋଗ ଲାଗି କରାଯାଇଛି। ମଙ୍ଗଳା ମନ୍ଦିରରେ ପୁରୀ ଶ୍ରୀମନ୍ଦିର ପରି ୧୨ମାସରେ ୧୩ ପର୍ବ ଭକ୍ତି ଓ ନିଷ୍ଠାର ସହିତ ପାଳନ କରାଯାଉଥିବା ମା'ଙ୍କ ସେବକ ପ୍ରଦୀପ ପଣ୍ଡା କହିଛନ୍ତି। ଚୁଡ଼ାରେ ନଡିଆ, ଘିଅ, ଚିନି ପକାଯାଇ ସ୍ୱତନ୍ତ୍ର ଭାବେ ଚୁଡାଘଷା ପ୍ରସ୍ତୁତ କରାଯାଇଥିଲା। ଚୁଡାଘଷା ସହିତ କାକରା ପିଠା, ଦହି, ଖଇ, ନିସୁଡି ପ୍ରଭୃତିକୁ ପୂଜାପଣ୍ଡା ପ୍ରକାଶଚନ୍ଦ୍ର ପଣ୍ଡା ମା'ଙ୍କ ବଲ୍ଲଭ ଭୋଗରେ ମା'ଙ୍କୁ ଲାଗି କରିଥିଲେ। ଏହାପରେ ଶ୍ରଦ୍ଧାଳୁ, ସେବକଙ୍କ ପରିବାର ପକ୍ଷରୁ ନୂଆ ଚୁଡାରେ ଚୁଡାଘଷା କରାଯାଇ ମା'ଙ୍କ ନିକଟରେ ଭୋଗ ଲାଗି କରାଯାଇଥିଲା। ସୁନିଆ ପାଇଁ ମନ୍ଦିରରେ ଭକ୍ତଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା।

### ଟଙ୍କା ପାଇଁ ଭଉଣୀଙ୍କୁ ହତ୍ୟା ଧମକ: ଭାଇ ଗିରଫ

**କଟକ ଅଫିସ୍, ୨୧।୯:** ଟଙ୍କା ପାଇଁ ନିଜ ଭଉଣୀଙ୍କୁ ହତ୍ୟା ଧମକ ଦେବା ଅଭିଯୋଗରେ ମଙ୍ଗଳାବାଗ ପୋଲିସ ଶୁକ୍ରବାର ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଖୋର୍ଦ୍ଧା ଜିଲା ବାଲିପାଟଣା ଥାନା ଅନ୍ତର୍ଗତ ସୁମୁଡି ଅଞ୍ଚଳର ରାଜୀବ ଲୋଚନ ସ୍ୱାଇଁ ଓରଫ ରିଣ୍ଟୁଆ(୩୨)। ଏ ନେଇ ପୋଲିସ ଏକ ମାମଲା(୧୮୪/୧୮) ରୁଜୁ କରିଛି। ପୋଲିସ ସୂଚନା ଅନୁଯାୟୀ, ରିଣ୍ଟୁଆ ଜଣେ ଦୁର୍ଦ୍ଧାନ୍ତ ଅପରାଧୀ। ତାଙ୍କ ନାମରେ ବାଲିପାଟଣା, ନିମାପଡା, ପିପିଲି ଏବଂ ମଙ୍ଗଳାବାଗ ଥାନାରେ ୨୧ଟି ମାମଲା ରହିଛି। ଗତ ଅଗଷ୍ଟ ୨୮ ତାରିଖରେ ରିଣ୍ଟୁଆ ଜେଲରୁ ମୁକୁଳିଥିଲେ। ସେହିଦିନ ସେ ମଙ୍ଗଳାବାଗ ଅଞ୍ଚଳରେ ରହୁଥିବା ତାଙ୍କ ବିବାହିତ ସାନ ଭଉଣୀ ଶୁଭସ୍ମିତା ସ୍ୱାଇଁଙ୍କ ଘରକୁ ଯାଇ ୫ ଲକ୍ଷ ଟଙ୍କା ଦେବାକୁ କହିଥିଲେ। ହେଲେ ଶୁଭସ୍ମିତା ଟଙ୍କା ଦେବାକୁ ମନା କରିବାରୁ ରିଣ୍ଟୁଆ ତାଙ୍କୁ ଜୀବନରୁ ମାରି ଦେବାକୁ ଧମକ ଦେଇଥିଲେ। ଏ ନେଇ ଶୁଭସ୍ମିତା ମଙ୍ଗଳାବାଗ ଥାନାରେ ଅଭିଯୋଗ କରିଥିଲେ। ଗତ ସେପ୍ଟେମ୍ବର ୧୪ ତାରିଖରେ ନିମାପଡା ଅଞ୍ଚଳରେ ଜଣେ ଖବରଦାତାଙ୍କୁ ରିଣ୍ଟୁଆ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ଏ ନେଇ ଅଭିଯୋଗ ହେବା ପରେ ନିମାପଡା ପୋଲିସ ରିଣ୍ଟୁଆଙ୍କୁ ଖୋଜୁଥିବା ମଙ୍ଗଳାବାଗ ଥାନାଧିକାରୀ ଅରୁଣ କୁମାର ସ୍ୱାଇଁ କହିଛନ୍ତି।

### ଖୁଦୁରୁକୁଣୀ ଭସାଣି ପ୍ରସ୍ତୁତି ବୈଠକ
### ମୁତୟନ ହେବେ ୧୦ ପ୍ଲାଟୁନ୍ ପୋଲିସ ଫୋର୍ସ

**କଟକ ଅଫିସ୍, ୨୧।୯ :** ଆସନ୍ତା ୨୬ ତାରିଖରେ କଟକରେ ଖୁଦୁରୁକୁଣୀ ଭସାଣି ଉତ୍ସବ ଅନୁଷ୍ଠିତ ହେବ। ଏଥିପାଇଁ କମିଶନରେଟ୍ ପୋଲିସ ପକ୍ଷରୁ ଶୁକ୍ରବାର ଚାଉଳିଆଗଞ୍ଜ ଅଞ୍ଚଳରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କଟକର ବିଭିନ୍ନ ଅଞ୍ଚଳରୁ ୧୭ଟି ମେଢ଼ ଭସାଣି ଶୋଭାଯାତ୍ରାରେ ସାମିଲ ହେବାର କାର୍ଯ୍ୟକ୍ରମ ରହିଛି। ମୂର୍ତ୍ତି ବିସର୍ଜନ ପାଇଁ ଚାଉଳିଆଗଞ୍ଜ ଥାନା ଅନ୍ତର୍ଗତ ନୂଆବଜାର ପୋତାପୋଖରୀ ଅଞ୍ଚଳରେ ଅସ୍ଥାୟୀ ପୋଖରୀ ଖୋଳାଯାଇଛି। ଭସାଣି ଉତ୍ସବକୁ ସୁରୁଖୁରୁରେ ପରିଚାଳନା କରିବା ପାଇଁ ୧୦ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯିବ ବୋଲି ପୋଲିସ ସୂଚନା ଦେଇଛି। ବୈଠକରେ କଟକ ଡିସିପି ଅଖିଳେଶ୍ୱର ସିଂ ଯୋଗଦେଇ ପୂଜା କମିଟିର ସଦସ୍ୟମାନଙ୍କ ସହ ଆଲୋଚନା କରିଥିଲେ। ବିଶେଷକରି ଟ୍ରାଫିକ ବ୍ୟବସ୍ଥା ପରିଚାଳନା ସମ୍ପର୍କରେ ଆଲୋଚନା ହୋଇଥିଲା। ମୁଖ୍ୟତଃ ପାରାଦୀପ-କଟକ ରାସ୍ତାରେ ଅଧିକ ମାତ୍ରାରେ ଟ୍ରାଫିକ ସମସ୍ୟା ଦେଖାଦେବା ଆଶଙ୍କା ଥିବାରୁ ସେହି ଅଞ୍ଚଳରେ ବ୍ୟାପକ ପୋଲିସ ମୁତୟନ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ସମସ୍ତ ଥାନା ଅଧିକାରୀଙ୍କୁ ଉକ୍ତ ଦିନ ସଜାଗ ରହିବାକୁ କୁହାଯାଇଛି।

# ଡିପ୍ଲୋମା ଆଡମିଶନ ଆଳରେ ଡାକ୍ତରଙ୍କ ଠକେଇ

- ଛାତ୍ରଙ୍କୁ ଆର୍ଥିକ, ମାନସିକ ଓ ଶାରୀରିକ ନିର୍ଯାତନା
- ନ୍ୟାୟ ପାଇଁ ଡିସିପିଙ୍କ ନିକଟରେ ଅଭିଯୋଗ

**ଭୁବନେଶ୍ୱର, ୨୧।୯(ବ୍ୟୁରୋ)**

ସରକାରୀ କଲେଜରେ ମାଗଣା ଡିପ୍ଲୋମା ପଢ଼ିବା ନେଇ ଦୁଇ ଛାତ୍ର ଠକେଇର ଶିକାର ହୋଇଛନ୍ତି। ଏନେଇ ସେମାନେ ଶହୀଦନଗର ଥାନାରେ ଅଭିଯୋଗ କରି ନିରାଶ ହେବା ପରେ ଡିସିପିଙ୍କ ନିକଟରେ ଶୁକ୍ରବାର ଅଭିଯୋଗ କରିଛନ୍ତି। ଠକେଇ ଓ ନିର୍ଯାତନାର ଶିକାର ହୋଇଥିବା ଛାତ୍ରଦ୍ୱୟ ହେଲେ ରାୟଗଡା ଜିଲା ଟିକିରି ଥାନା ଅଞ୍ଚଳର କମଳ ଲୋଚନ ମାଝି (୧୭) ଓ ଦିବାକର ମାଝି (୧୭)। ଏ ନେଇ ଖୋର୍ଦ୍ଧା ଜିଲାପାଳ, ସ୍ୱାସ୍ଥ୍ୟମନ୍ତ୍ରୀ ଓ ଡାଇରେକ୍ଟର ଅଫ ମେଡିକାଲ ଏଜୁକେସନ ଟ୍ରେନିଂ କାଉନସିଲଙ୍କ ନିକଟରେ ଅଭିଯୋଗ କରିବା ପରେ ପୋଲିସ ନିକଟରେ ଅଭିଯୋଗ କରିବାକୁ ସେମାନଙ୍କୁ କୁହାଯାଇଥିଲା। ଦୁଇ ଛାତ୍ରଙ୍କ ଅଭିଯୋଗ ମୁତାବକ ଗତ ଅଗଷ୍ଟରେ ମେଡିକାଲ ଲାବୋରେଟୋରି ଟେକ୍ନୋଲୋଜିରେ ମାଗଣା ଡିପ୍ଲୋମା କରିବା ନେଇ ମୋବାଇଲେ ସେମାନେ ମେସେଜ ପାଇଥିଲେ। ଉକ୍ତ ନମ୍ବରେ ଫୋନ କରିବାରୁ ଜଣେ ବ୍ୟକ୍ତି ନିଜକୁ ଡାକ୍ତର ପରିଚୟ ଦେବା ସହ ଶହୀଦନଗରରେ ଅଫିସ ଥିବା କହିଥିଲେ। ସରକାରୀ କଲେଜରେ ପାଠ ପଢ଼ିବା ସହ କୌଣସି ଟଙ୍କା ଦେବାକୁ ପଡିବ ନାହିଁ ବୋଲି କହିଥିଲେ। ଏଥିସହ ୧୫ ହଜାର ଟଙ୍କା ପଇଠ କଲେ ସ୍ୱତନ୍ତ୍ର ତାଲିମ ସହ ଡାକ୍ତରଙ୍କ ଡାଇଗ୍ନୋଷ୍ଟିକ ସଂସ୍ଥାରେ ଚାକିରି ମିଳିବ ବୋଲି କହିଥିଲେ। ଏହାପରେ ଛାତ୍ରଦ୍ୱୟ ଭୁବନେଶ୍ୱର ଶହୀଦନଗରସ୍ଥିତ ଅଫିସରେ ପହଞ୍ଚିଥିଲେ। ସେଠାରେ ସାର୍ଟିଫିକେଟ ସହ ୧୫ ହଜାର ଟଙ୍କା ଦେଇଥିଲେ। ମାତ୍ର ଉକ୍ତ ଡାକ୍ତର ଜଣକ ସେମାନଙ୍କୁ ନିଜର ଏକ ଘରୋଇ କଲେଜରେ ଆଡମିଶନ କରାଇଥିଲେ। ସେଠାରେ ଲାବୋରେଟୋରି ନାହିଁ, ଅଧ୍ୟାପକ ନାହାନ୍ତି, ଏପରି କି କ୍ଲାସ ହେଉ ନଥିବା ଜାଣିବା ପରେ ଉଭୟ ଛାତ୍ର ଟଙ୍କା ଓ ସାର୍ଟିଫିକେଟ ଫେରସ୍ତ ମାଗିବାରୁ ଡାକ୍ତର ଜଣକ ମନା କରିଥିଲେ। ପରେ ଉଭୟଙ୍କ ଠାରୁ ଖାଲି କାଗଜରେ ଦସ୍ତଖତ ରଖି କେବଳ ସାର୍ଟିଫିକେଟ ଫେରାଇ ସେମାନଙ୍କୁ ବିଦା କରିଦେଇଥିଲେ। ଥାନାରେ ଅଭିଯୋଗ କଲେ ଜୀବନରୁ ମାରି ଦେବାକୁ ଧମକ ଦେଇଥିଲେ। ଏ ନେଇ ଛାତ୍ର ଦ୍ୱୟ ଶହୀଦନଗର ଥାନାରେ ଅଭିଯୋଗ କରିବା ପରେ ମଧ୍ୟ ତାଙ୍କ ଅଭିଯୋଗକୁ କେହି ଗୁରୁତ୍ୱ ଦେଲେ ନାହିଁ। ଶେଷରେ ଡାକ୍ତରଙ୍କ ସହଯୋଗୀ ଥାନାକୁ ଆସି ଖାଲି କାଗଜରେ ନେଇଥିବା ଦସ୍ତଖତ ଉପରେ ଉଭୟ ଟଙ୍କା ପାଇବାକୁ ନାହିଁ ବୋଲି ଲେଖାଥିବା ପୋଲିସକୁ ଦେଖାଇଥିଲେ। ଶେଷରେ ନିରାଶ ହୋଇ ଉଭୟେ ଡିସିପିଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏ ନେଇ ଡିସିପି ଅନୁପ ସାହୁ କହିଛନ୍ତି, ଘଟଣାର ତଦନ୍ତ କରାଯିବ। ଛାତ୍ରମାନେ ଠକେଇର ଶିକାର ହେବା ସହ ଯଦି ସେମାନଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦିଆଯାଇଥାଏ, ତେବେ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ।




ଚନ୍ଦ୍ରଶେଖରପୁରସ୍ଥିତ ଡିଷ୍ଟ୍ରିକ୍ଟ ସେଣ୍ଟର ଓନର୍ସ ଆସୋସିଏଶନ ପକ୍ଷରୁ ମା' ଦୁର୍ଗାଙ୍କ ମୃଣ୍ମୟୀ ମୂର୍ତ୍ତି ନିର୍ମାଣ ନିମନ୍ତେ ଶୁକ୍ରବାର କୁଆଖାଇ ନଦୀପଠାରେ ମାଟି ଅନୁକୂଳ କରାଯାଉଛି।



ରାଜଭବନ ଅଭିଷେକ କକ୍ଷଠାରେ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟପାଳ ପ୍ରଫେସର ଗଣେଶି ଲାଲ ବକ୍ତବ୍ୟ ଦେଉଛନ୍ତି।

# ଭଲ ମଣିଷ ହେବା ପାଇଁ ଆତ୍ମବିଶ୍ୱାସ ଜରୁରୀ

**ଭୁବନେଶ୍ୱର, ୨୧।୯(ବ୍ୟୁରୋ)**

ଜ୍ଞାନ ଓ ପାଣ୍ଡିତ୍ୟ ଜଣକୁ ବରିଷ୍ଠ ଓ ବିଶିଷ୍ଟ ବ୍ୟକ୍ତି କରିପାରେ। କିନ୍ତୁ ଆଧ୍ୟାତ୍ମିକତା ବ୍ୟକ୍ତିକୁ ବିଶୁଦ୍ଧ କରିଥାଏ ବୋଲି ରାଜ୍ୟପାଳ ପ୍ରଫେସର ଗଣେଶି ଲାଲ ପ୍ରକାଶ କରିଛନ୍ତି। ଶୁକ୍ରବାର ରାଜଭବନ ଅଭିଷେକ କକ୍ଷଠାରେ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ଆୟୋଜିତ 'ଅଖିଳ ଭାରତୀୟ ପ୍ରଦର୍ଶନ ବସ୍ ଅଭିଯାନ'ର ଅଭିଯାତ୍ରୀ ଦଳକୁ ସମ୍ବର୍ଦ୍ଧିତ କରି ରାଜ୍ୟପାଳ ଏହା କହିଛନ୍ତି। ସମ୍ପ୍ରତି ଦେଶର ସମସ୍ୟା ରାଜନୈତିକ, ଅର୍ଥନୈତିକ କି ସାମାଜିକ ନୁହେଁ, ଏହା ମୂଳତଃ ବ୍ୟକ୍ତି ସମସ୍ୟା। ଭଲ ମଣିଷଙ୍କ ସଂଖ୍ୟା ବଢ଼ିବା ଦରକାର। ଭଲ ମଣିଷ ହେବା ପାଇଁ ଆତ୍ମବିଶ୍ୱାସ ଆବଶ୍ୟକ। ଏହା ମାଧ୍ୟମରେ ଅସାଧ୍ୟ ସାଧନ ସମ୍ଭବ ବୋଲି ରାଜ୍ୟପାଳ କହିଛନ୍ତି। ରାଜଯୋଗିନୀ ବ୍ରହ୍ମାକୁମାରୀ ଲୀନା ଅଭିଯାନ ସମ୍ପର୍କରେ ସୂଚନା ଦେଇ କହିଲେ ଯୁବଶକ୍ତିକୁ ସକାରାତ୍ମକ ପରିବର୍ତ୍ତନର ଅଗ୍ରଦୂତ କରାଇବା, ସୁସ୍ଥ ଓ ସ୍ୱଚ୍ଛ ଭାରତ ନିର୍ମାଣରେ ବ୍ରତୀ କରାଇବା ଏବଂ ସମାଜରେ ଆଧ୍ୟାତ୍ମିକ ମୂଲ୍ୟବୋଧର ପ୍ରସାର କରାଇବା ଏହି ଅଭିଯାନର ମୂଳଲକ୍ଷ୍ୟ ଓ ଉଦ୍ଦେଶ୍ୟ। ଅଭିଯାତ୍ରୀମାନେ ସେମାନଙ୍କ ଅନୁଭବ ଓ ଉପଲବ୍ଧି ସମ୍ପର୍କରେ କହିଥିଲେ। ରାଜ୍ୟପାଳଙ୍କ ପ୍ରମୁଖ ଶାସନ ସଚିବ ମଧୁସୂଦନ ପାଢ଼ୀ ଅନୁଷ୍ଠାନର ମହତ ଉଦ୍ଦେଶ୍ୟକୁ ପ୍ରଶଂସା କରିବା ସହିତ ଅଭିଯାନର ସଫଳତା କାମନା କରିଛନ୍ତି।

### ଡକାୟତି ଉଦ୍ୟମ ପଣ୍ଡ
### ମାରଣାସ୍ତ୍ର ସହ ୫ ଗିରଫ

**ଖୋର୍ଦ୍ଧା ଅଫିସ, ୨୧।୯**

ଖୋର୍ଦ୍ଧା ଟାଉନ ଥାନା ପୋଲିସ ଖୋର୍ଦ୍ଧା ସହରରୁ ଡକାୟତି ଉଦ୍ୟମ ପଣ୍ଡ କରିଥିବାବେଳେ ଗୁରୁବାର ବିଳମ୍ବିତ ରାତିରେ ଗ୍ୟାଙ୍ଗର ୫ ଜଣ ଡକାୟତଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ଭୁଜାଲି, ଲଙ୍କା ଗୁଣ୍ଡ, ମୋବାଇଲ ଓ ମହମବତି ଜବତ କରିଛି। ଅନ୍ୟପକ୍ଷେ ଦଫା ୩୯୯, ୪୦୨ରେ ନଂ. ୩୬୮/୧୮ରେ ମାମଲା ରୁଜୁ କରି ପୁରୀ ଜିଲା ପିପିଲି ଥାନା ଧାନ ଗହୀର ଗାଁର ଆସିଫ ଅଫତର ଖାଁ, ଏମ.ଡି. ମହମ୍ମଦ ସିଫୁର ଓରା ଓରଫ ବାବୁନିଆଓ ଅବଦୁଲ ବସର, ଜଟଣୀ ଥାନା ଜୋରକର୍ଣ୍ଣି ଗାଁର ସୁମନ୍ତ ବିଶ୍ୱାଳ ଏବଂ ବେଗୁନିଆ ଥାନା ଧଳାପଥର ଗାଁର ସଞ୍ଜୟ ବେହେରାଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବା ପରେ ୫ ଡକାୟତଙ୍କୁ ଖୋର୍ଦ୍ଧା ଜେଲକୁ ପଠାଇ ଦିଆଯାଇଛି। ଗୁରୁବାର ରାତି ପ୍ରାୟ ସାଢେ ଗୋଟାଏରୁ ଦୁଇଟା ମଧ୍ୟରେ ୫ ଜଣ ଡକାୟତ ଡକାୟତି ପାଇଁ ଖୋର୍ଦ୍ଧା ସହରର ଗାନ୍ଧୀ ପଡିଆରେ ଏକତ୍ର ହୋଇ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରୁଥିବା ବେଳେ ଖବରପାଇ ଇନ୍ସପେକ୍ଟର ବ୍ରହ୍ମାନନ୍ଦ ସ୍ୱାଇଁ ପହଞ୍ଚି ସେମାନଙ୍କୁ କାବୁ କରିଥିଲେ।

# କୁକୁର-ସାପ ଲଢ଼େଇ ମନୁଷ୍ୟକୃତ

**କେନ୍ଦ୍ରମନ୍ତ୍ରୀଙ୍କ ନିକଟରେ ଅଭିଯୋଗ**

**ଭୁବନେଶ୍ୱର, ୨୧।୯(ବ୍ୟୁରୋ)**

ନିକଟରେ ଭଦ୍ରକରେ ତମ୍ପ ସାପ କବଳରୁ ଏକ କୁକୁର ତା'ର ଛୁଆକୁ ବଞ୍ଚାଇବା ଘଟଣାର ଖବର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ଏହାର ଭିଡିଓ ମଧ୍ୟ ଗଣମାଧ୍ୟମରେ ପ୍ରଦର୍ଶିତ ହୋଇଥିଲା। ତେବେ ଉକ୍ତ ଭିଡିଓରେ କୁକୁର ଛୁଆଙ୍କୁ ଜଗିଥିବା ମା' କୁକୁର ପାଖକୁ ସାପଧରା ହୁକ ସାହାଯ୍ୟରେ ତମ୍ପଟିକୁ ଜବରଦସ୍ତ ଠେଲିପେଲି ଲଢ଼େଇ କରାଯାଉଥିବା ଦେଖାଯାଉଛି। ଏହି ଲଢ଼େଇ ମନୁଷ୍ୟକୃତ ବୋଲି ଅଭିଯୋଗ ହୋଇଛି। ଏହାକୁ ବିରୋଧ କରି ଭଦ୍ରକର ସମ୍ପୃକ୍ତ ସାପ ଧରାଳିଙ୍କ ନାମରେ ପିପୁଲ ଫର୍ ଆନିମଲ(ପିଏଫ୍ଏ) ପକ୍ଷରୁ କେନ୍ଦ୍ରମନ୍ତ୍ରୀ ମାନେକା ଗାନ୍ଧୀ ଓ ମୁଖ୍ୟ ବନ୍ୟପ୍ରାଣୀ ତତ୍ତ୍ୱାବଧାରକଙ୍କ ନିକଟରେ ଅଭିଯୋଗ କରାଯାଇଛି। ପିଏଫ୍ଏ ଷ୍ଟୁଡେଣ୍ଟ ଉଇଙ୍ଗ, ଭୁବନେଶ୍ୱରର ସମ୍ପାଦକ ସନ୍ତୋଷ ଦାସ ଏହି ଅଭିଯୋଗ କରିଥିବା ଜଣାପଡ଼ିଛି।

ସାପ ବା ଅନ୍ୟ ବନ୍ୟପ୍ରାଣୀଙ୍କ ସହ ସୋସିଆଲ ମିଡିଆରେ ଫଟୋ ପୋଷ୍ଟ କରିବା ୱାଇଲ୍ଡଲାଇଫ କ୍ରାଇମ କଣ୍ଟ୍ରୋଲ ବ୍ୟୁରୋ ନିର୍ଦ୍ଦେଶନାମା ଅନୁଯାୟୀ ଏକ ଅପରାଧ। କିନ୍ତୁ ସମ୍ପୃକ୍ତ ସାପଧରାଳି ଏହି ନିୟମ ମାନନ୍ତି ନାହିଁ। ସେହିପରି ବୈଜ୍ଞାନିକ ଦୃଷ୍ଟିକୋଣରୁ ନାଗ ସାପ କ୍ଷୀର ପିଏ ନାହିଁ, କିନ୍ତୁ ଉକ୍ତ ସାପଧରାଳି ସାପକୁ ଧରି ଲୋକମାନଙ୍କ ଦ୍ୱାରା କ୍ଷୀର ପିଆନ୍ତି ଓ ସେହି ଫଟୋକୁ ସୋସିଆଲ ମିଡିଆରେ ପୋଷ୍ଟ କରନ୍ତି ବୋଲି ସନ୍ତୋଷ ତାଙ୍କ ଅଭିଯୋଗରେ ଲେଖିଛନ୍ତି। ଅଭିଯୋଗକୁ ଆଧାର କରି ମାନେକା ଗାନ୍ଧୀ ଭଦ୍ରକ ବନଖଣ୍ଡ ଅଧିକାରୀ ଅମ୍ଳାନ ନାୟକଙ୍କୁ ଅବଗତ କରାଇ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। ଅନ୍ୟପଟେ ଉକ୍ତ ସାପଧରାଳି ବନ ବିଭାଗରେ ଚାକିରି କରିଥିବା ଜଣାପଡ଼ିଛି।

ଏ ନେଇ ଭଦ୍ରକ ବନଖଣ୍ଡ ଅଧିକାରୀ ନାୟକ କୁହନ୍ତି, ଅଭିଯୋଗ ଆଧାରରେ ଆମେ ତଦନ୍ତ କରୁଛୁ। ଅଭିଯୋଗରେ ଯେଉଁ ଫଟୋ ଦିଆଯାଇଛି ତାହା ପୁରୁଣା, କିନ୍ତୁ ଭିଡିଓଟି ଏବେକାର। ତେଣୁ ସେହି ଫଟୋ ଓ ଭିଡିଓର କ'ଣ ସତ୍ୟାସତ୍ୟ ରହିଛି ତାହାର ତଦନ୍ତ କରାଯିବ। ତଦନ୍ତ ପରେ ମୁଖ୍ୟ ବନ୍ୟପ୍ରାଣୀ ତତ୍ତ୍ୱାବଧାରକଙ୍କୁ ଜଣାଇ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନିଆଯିବ। ଉକ୍ତ ସାପ ଧରାଳି ବନ ବିଭାଗରେ କାର୍ଯ୍ୟ କରୁଥିବା ସମ୍ପର୍କରେ ବନଖଣ୍ଡ ଅଧିକାରୀ କୁହନ୍ତି, ଆମର ୱାଇଲ୍ଡଲାଇଫ୍ ପ୍ରୋଟେକ୍ସନ ସ୍କ୍ୱାଡ୍‌ରେ ସେ ଅଛନ୍ତି। ଦୈନନ୍ଦିନ ସଂରକ୍ଷଣ ଆକ୍ଟିଭିଟିରେ ତାଙ୍କୁ ରଖାଯାଏ। ଏପରିକି ବିଭାଗର ତତ୍ତ୍ୱାବଧାନରେ ସେ ଉଦ୍ଧାର କରିଥିବା ସାପକୁ ବନ କର୍ମଚାରୀଙ୍କ ଉପସ୍ଥିତିରେ ସୁରକ୍ଷିତ ସ୍ଥାନରେ ଛଡ଼ାଯାଇଥାଏ। ତେବେ ସେ ବିଭିନ୍ନ ସାପ ଧରି ସୋସିଆଲ ମିଡିଆରେ ଫଟୋ ଛାଡ଼ିବା ବିଷୟରେ ଆମେ ଅବଗତ ନ ଥିଲୁ। ବର୍ତ୍ତମାନ ଏହା ଜଣାପଡ଼ିବା ପରେ ଉପରିସ୍ଥ ଅଧିକାରୀଙ୍କୁ ପଚାରି ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବୁ। ସୂଚନାଯୋଗ୍ୟ, ଉକ୍ତ ଲଢ଼େଇରେ ମା'କୁକୁରଟି ୨ଟି ଛୁଆଙ୍କୁ ମଧ୍ୟ ହରାଇଥିଲା।

### ନନ୍ଦନକାନନରେ ପଶୁପକ୍ଷୀ ଅଦଳବଦଳ ପ୍ରକ୍ରିୟା ଆରମ୍ଭ
## ମହୀଶୂର ଗଲେ ୩ ଗୁରାଣ୍ଡି, ଆସିବ ଧୂସର ଗଧିଆ

**ବାରଙ୍ଗ, ୨୧।୯(ଡି.ଏନ୍.ଏ.)**

କିଛିଦିନର ବ୍ୟବଧାନ ପରେ ପୁଣିଥରେ ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ପଶୁପକ୍ଷୀ ଅଦଳବଦଳ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ଏଥର ମହୀଶୂର ଚିଡ଼ିଆଖାନା ସହ ପଶୁପକ୍ଷୀ ଅଦଳବଦଳରେ ନନ୍ଦନକାନନକୁ ଆସିବ ଏକ ଯୋଡ଼ା ଧୂସର ଗଧିଆ। ଏଥିନିମନ୍ତେ ଗତ କିଛିମାସ ତଳେ କେନ୍ଦ୍ରୀୟ ଚିଡ଼ିଆଖାନା କର୍ତ୍ତୃପକ୍ଷ(ସିଜେଡ୍ଏ) ସ୍ୱୀକୃତି ପ୍ରଦାନ କରିସାରିଥିଲେ। କେବଳ ଉଭୟ ଚିଡ଼ିଆଖାନା କର୍ତ୍ତୃପକ୍ଷଙ୍କ ମଧ୍ୟରେ ଆଲୋଚନା ହୋଇ ଅଦଳବଦଳ ଲାଗି ଉପଯୁକ୍ତ ସମୟ ଧାର୍ଯ୍ୟ କରାଯିବା କଥା ବାକି ରହିଥିଲା। ତେବେ ଶୁକ୍ରବାର ନନ୍ଦନକାନନର ଏକ ୭ଜଣିଆ ଟିମ୍ ମହୀଶୂର ଅଭିମୁଖେ ଯାତ୍ରା କରିଛି। ଏହି ଟିମ୍ ନିଜ ଦାୟିତ୍ୱରେ ଗୋଟିଏ ମାଈ ଓ ଦୁଇଟି ଅଣ୍ଡିରା ଗୁରାଣ୍ଡି ସାଙ୍ଗରେ ନେଇ ଯାଇଛି। ମହୀଶୂର ଚିଡ଼ିଆଖାନାରୁ ଏକ ଯୋଡ଼ା ଭାରତୀୟ ଧୂସର ଗଧିଆ ଧରି ଟିମ୍ ଆସନ୍ତା ୨୮ ତାରିଖ ସୁଦ୍ଧା ନନ୍ଦନକାନନରେ ଆସି ପହଞ୍ଚିବ ବୋଲି ନନ୍ଦନକାନନ ଉପ-ନିର୍ଦ୍ଦେଶକ ଜୟନ୍ତ କୁମାର ଦାସ କହିଛନ୍ତି।

### ଓଭରବ୍ରିଜ ରାସ୍ତା ମଝିରେ କଣ୍ଟେନର: ଗାଡି ଚଳାଚଳ ବାଧାପ୍ରାପ୍ତ

**ଫୁଲନଖରା, ୨୧।୯(ଡି.ଏନ୍.ଏ.):** ଖଣ୍ଡଗିରି ଛକ ନିକଟରେ ଶୁକ୍ରବାର କାର(ଓଡି ୦୨ଏସ ୬୧୦୨)କୁ ଏକ କଣ୍ଟେନର(ଏନଏଲ ୦୧ଏଏ ୧୦୭୯)ପଛ ପଟୁ ଧକ୍କା ଦେଇ ଖସି ପଳାଇ ଆସିଥିଲା। ମାତ୍ର କାର ଡ୍ରାଇଭର କଣ୍ଟେନରକୁ ପିଛା କରି ଫୁଲନଖରା ଫ୍ଲାଏ ଓଭରବ୍ରିଜ ଉପରେ ଅଟକାଇଥିଲେ। ଏଥିରେ ଉତ୍କ୍ଷିପ୍ତ ହୋଇ କଣ୍ଟେନର ଡ୍ରାଇଭର ରାସ୍ତା ମଝିରେ ଗାଡିକୁ ଆଡ ପକାଇ ପଳାଇଯାଇଥିଲେ। ଫଳରେ ଭୁବନେଶ୍ୱରରୁ କଟକ ଅଭିମୁଖେ ଆସୁଥିବା ସମସ୍ତ ଗାଡି ରାତି ୭ଟା ୩୦ରୁ ସାଢେ ୮ଟା ପର୍ଯ୍ୟନ୍ତ ଅଟକି ରହିଥିଲା। ଫୁଲନଖରା ଟ୍ରାଫିକ ପୋଲିସ ପହଞ୍ଚି ଉକ୍ତ କଣ୍ଟେନରକୁ ସାଇଡ କରିଥିଲା।

### ପୂର୍ଣ୍ଣଚନ୍ଦ୍ର ହତ୍ୟାକାଣ୍ଡକୁ ମାସେ ପୂରିଲା
# ଏବେ ବି ହତ୍ୟାକାରୀ ସନ୍ଧାନରେ ପୋଲିସ

**ୟୁଟ୍ୟୁବରେ ଭାଇରାଲ ହେଉଛି ପୂର୍ଣ୍ଣଚନ୍ଦ୍ରଙ୍କ ଭିଡିଓ**

**ଭୁବନେଶ୍ୱର, ୨୧।୯(ବ୍ୟୁରୋ)**

ନୟାପଲ୍ଲୀ ଥାନା ଆଇଆରସି ଭିଲେଜରେ ଥିବା ଏକ ସରକାରୀ ହାଇସ୍କୁଲ ପରିସରରେ ଗତ ମାସ ୨୦ ତାରିଖ ରାତିରେ ପୂର୍ଣ୍ଣଚନ୍ଦ୍ର ନାୟକଙ୍କୁ ଅତି ନିର୍ମମ ଭାବେ ହତ୍ୟା କରାଯାଇଥିଲା। ଏହି ଘଟଣାକୁ ମାସେ ପୂରିଥିଲେ ମଧ୍ୟ ହତ୍ୟାକାରୀ କିଏ ପୋଲିସ ଚିହ୍ନଟ କରିପାରିନି। ସନ୍ଦେହରେ ପୋଲିସ ଏକାଧିକ ବ୍ୟକ୍ତିଙ୍କୁ ଥାନାକୁ ଡକାଇ ପଚରାଉଚୁରା କରିଥିଲେ ମଧ୍ୟ ହତ୍ୟାକାଣ୍ଡର କୌଣସି ସୁରାକ ମିଳିନି। ଥାନା ପାଖରେ ଲାଗିଥିବା ଏକ ସିସିଟିଭି ଫୁଟେଜ ଆଧାରରେ ପୋଲିସ ତଦନ୍ତ କରିଥିଲେ ମଧ୍ୟ ହତ୍ୟାକାରୀ ସମ୍ପର୍କରେ କୌଣସି ସୂଚନା ମିଳିପାରିନାହିଁ। ତେଣୁ କମିଶନରେଟ ପୋଲିସର ସୁରକ୍ଷା ଓ ପାରିବା ପଣିଆକୁ ନେଇ ଅନେକ ପ୍ରଶ୍ନ ମୁଣ୍ଡ ଟେକିଛି। ପୋଲିସ ତଦନ୍ତରୁ ଜାଣିବାକୁ ପାଇଥିଲା ଯେ, ଘଟଣା ରାତିରେ ସ୍କୁଲ ହତା ଓ ଆଖପାଖ ଅଞ୍ଚଳରେ ପ୍ରାୟ ୧୫ ହଜାରରୁ ଊର୍ଦ୍ଧ୍ୱ ମୋବାଇଲ ଲୋକେସନ ଦେଖାଉଥିବାରୁ ତା ମଧ୍ୟରୁ ହତ୍ୟାକରୀଙ୍କୁ ଚିହ୍ନଟ କରିବା କଷ୍ଟକର ବ୍ୟାପାର ହୋଇଥିଲା। ଅପରପକ୍ଷରେ ପୂର୍ଣ୍ଣଚନ୍ଦ୍ରଙ୍କର ଏକ ଭିଡିଓ ୟୁଟ୍ୟୁବରେ ଭାଇରାଲ ହେଉଛି। ଯାହାକୁ ଅଗଷ୍ଟ ୧ରେ ଅପଲୋଡ କରାଯାଇଛି। ଯେଉଁଥିରେ ପୂର୍ଣ୍ଣଚନ୍ଦ୍ରଙ୍କୁ କିଛି ପ୍ରଶ୍ନ ପଚରାଯାଉଛି। ସେଥିରେ ସେ ସାଲିଆସାହି ଅଞ୍ଚଳରେ ଠିକାକାମ କରୁଥିବା ଠିକାଦାରମାନଙ୍କ କାମକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ଫଳରେ ପୂର୍ଣ୍ଣଚନ୍ଦ୍ରଙ୍କୁ ଯୋଜନା ମୁତାବକ ହତ୍ୟା କରାଯାଇଛି ବୋଲି ସନ୍ଦେହ ହେଉଛି।

# କୁଆଖାଇ ନଦୀରୁ ମାଟି ଅନୁକୂଳ



କୁଆଖାଇ ନଦୀପଠାରେ ମାଟି ଅନୁକୂଳ ଲାଗି ପୂଜା କରାଯାଉଛି।

**ପାର୍ବଣ ପ୍ରସ୍ତୁତି**

**ବାଲିଅନ୍ତା, ୨୧।୯(ଡି.ଏନ୍.ଏ.)**

ସୁନିଆଁ ଅବସରରେ ଗୁରୁବାର ରାଜଧାନୀର ବିଭିନ୍ନ ପୂଜା କମିଟି ପକ୍ଷରୁ ମା' ଦୁର୍ଗାଙ୍କ ମୃଣ୍ମୟୀ ମୂର୍ତ୍ତି ନିର୍ମାଣ ନିମନ୍ତେ ଶେଷ ପର୍ଯ୍ୟାୟ ମାଟି ଅନୁକୂଳ ପର୍ବ ଅନୁଷ୍ଠିତ ହୋଇଯାଇଛି। ବିଏମ୍‌ସିର ୧୮ନଂ. ୱାର୍ଡ ଅଧୀନ ପାଣ୍ଡରା ଦୁର୍ଗାପୂଜା ସମିତି ପକ୍ଷରୁ ଚଳିତବର୍ଷ ୯ମ ବାର୍ଷିକ ଦୁର୍ଗାପୂଜା ପାଇଁ କୁଆଖାଇ ନଦୀରୁ ମାଟି ଅନୁକୂଳ କରାଯାଇଥିଲା। ରୀତିନୀତି ଅନୁଯାୟୀ ସେଠାରେ ହୋମଯଜ୍ଞ ଅନୁଷ୍ଠିତ ହୋଇଥିଲା। ଏହାପରେ ନଦୀକୂଳରୁ ଏକ ମାଟିପାତ୍ରରେ ସଂଗୃହୀତ ମାଟିକୁ ଶୋଭାଯାତ୍ରାରେ ପୂଜା ମଣ୍ଡପକୁ ଅଣାଯାଇଥିଲା। ଏହି ମାଟି ଅନୁକୂଳ କାର୍ଯ୍ୟକ୍ରମରେ ପ୍ରଫୁଲ୍ଲ କୁମାର ପ୍ରଧାନ, ସତ୍ୟାନନ୍ଦ ତରାଇ, ସତ୍ୟାନନ୍ଦ ବେହେରା, ପ୍ରଫୁଲ୍ଲ କୁମାର ଭଞ୍ଜ, ସୁରେନ୍ଦ୍ର ଭୋଇ, ପ୍ରମୋଦ ଭୋଇ, ସତ୍ୟନାରାୟଣ ମହାରଣା, ବିଷ୍ଣୁଚରଣ ଦାସ, ବିନୋଦ କୁମାର ସାହୁ, ନୃସିଂହ ଚରଣ ବେହେରା ଓ ଶୁଭ୍ରାଂଶୁ ଜେନାଙ୍କ ସମେତ ସମିତିର କର୍ମକର୍ତ୍ତାମାନେ ସାମିଲ ହୋଇଥିଲେ। ସେହିପରି ପଳାଶୁଣୀ ଦୁର୍ଗାପୂଜା ସମିତି ଓ ରସୁଲଗଡ଼ ଦୁର୍ଗାପୂଜା ପରିଚାଳନା କମିଟି ପକ୍ଷରୁ ମଧ୍ୟ ମଞ୍ଚେଶ୍ୱର ନିକଟ କୁଆଖାଇ ନଦୀରୁ ମାଟି ଅନୁକୂଳ କରାଯାଇଥିଲା।

# ନିଶାମୁକ୍ତ ପଞ୍ଚାୟତ ଗଠନ ପାଇଁ ପ୍ରୟାସ କରୁଛନ୍ତି ମହିଳା

**ଭୁବନେଶ୍ୱର, ୨୧।୯(ବ୍ୟୁରୋ)**

ପିପୁଲ୍ସ କଲ୍‌ଚରାଲ ସେଣ୍ଟର(ପିକକ୍) ଓ ଦି ହଙ୍ଗର୍ ପ୍ରୋଜେକ୍ଟର ମିଳିତ ସହାୟତାରେ ମହିଳା ଲୋକ ପ୍ରତିନିଧି ଏବଂ ଗଣମାଧ୍ୟମକୁ ନେଇ ଏକ କର୍ମଶାଳା ଶୁକ୍ରବାର ରେଡ୍‌କ୍ରସ ଭବନଠାରେ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପିକକ୍‌ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ଅନୁରାଧା ମହାନ୍ତି ଯୋଗଦେଇ କହିଥିଲେ, ହିଂସା ଓ ନିଶାମୁକ୍ତ ପଞ୍ଚାୟତ ଗଠନ ଲାଗି ମହିଳା ଲୋକ ପ୍ରତିନିଧିମାନଙ୍କୁ ନେଇ ଗଠିତ ଅଲିଭା ଫେଡେରେଶନ ତାହାର ଉଦ୍ୟମ ଜାରି ରଖିଛି। ଆଗାମୀ ଦିନରେ ଅଧିକରୁ ଅଧିକ ମହିଳା ଲୋକ ପ୍ରତିନିଧିଙ୍କୁ ଏଥିରେ ସାମିଲ କରାଯିବ। ସେମାନେ କିଭଳି ସରକାରୀ କାର୍ଯ୍ୟ ବ୍ୟବସ୍ଥା ବିଶେଷକରି ପଞ୍ଚାୟତର ଅର୍ଥ ପରିଚାଳନା ସଂକ୍ରାନ୍ତରେ ଭଲଭାବେ ବୁଝି ଉନ୍ନୟନ କାର୍ଯ୍ୟକୁ ଆଗକୁ ନେଇପାରିବେ, ସେ ଦିଗରେ ସେମାନଙ୍କୁ ତାଲିମ ପ୍ରଦାନ କରାଯାଉଛି। ଇତିମଧ୍ୟରେ ୧୧ଟି ଘରୋଇ ହିଂସାର ସମାଧାନ, ୫ଟି ବାଲ୍ୟବିବାହକୁ ରୋକିବା ସହିତ ନିଜ ଅଞ୍ଚଳରେ ଥିବା ବିଦ୍ୟାଳୟ ପରିସରରେ ଏକ ହଜାର ବୃକ୍ଷ ରୋପଣ କରିଥିବାରୁ ସେ ମହିଳାମାନଙ୍କୁ ଉଚ୍ଚପ୍ରଶଂସା କରିଥିଲେ।

କର୍ମଶାଳାରେ ଉପସ୍ଥିତ ମହିଳା ପ୍ରତିନିଧିମାନେ ସେମାନଙ୍କ ସଫଳତାର ଅଭିଜ୍ଞତା ବର୍ଣ୍ଣନା କରିଥିଲେ। ବେଣ୍ଣୁପୁର ସରପଞ୍ଚ ରଶ୍ମିତା ପାତ୍ର ନିଜ ଅଞ୍ଚଳକୁ ନିଶାମୁକ୍ତ କରିଥିବା ବେଳେ ବୋଲଗଡ଼ ସରପଞ୍ଚ ବବିତା ସାହୁ ନାରୀ ନିର୍ଯାତନା ଓ ବାଲ୍ୟବିବାହ ରୋକିବା କ୍ଷେତ୍ରରେ ଅଲିଭା ଫାଉଣ୍ଡେଶନର କାର୍ଯ୍ୟ ସଂକ୍ରାନ୍ତରେ ଉଲ୍ଲେଖ କରିଥିଲେ। ସେହିଭଳି ସତ୍ୟଭାମାପୁରର ନାଏବ ସରପଞ୍ଚ ସାବିତ୍ରୀ ସାହୁ, ବଇଁଚୁଆ ପଞ୍ଚାୟତର ୱାର୍ଡମେମ୍ବର ଲକ୍ଷ୍ମୀପ୍ରିୟା ସାହୁ, ବାଲିଅନ୍ତାର ୱାର୍ଡମେମ୍ବର ବିଜୟିନୀ ପାତ୍ର ଓ ପୂରଣ ପଞ୍ଚାୟତର ୱାର୍ଡମେମ୍ବର ସ୍ୱପ୍ନା ଭୋଇ ନିଜ ଅଞ୍ଚଳର ସମସ୍ତ ପିଲାଙ୍କୁ ବିଦ୍ୟାଳୟକୁ ପଠାଇବା ସହିତ ଜଣେ ଦୁଃସ୍ଥ କର୍କଟ ରୋଗୀଙ୍କୁ ସହାୟତା କରିଥିବା ଦର୍ଶାଇଥିଲେ। ଭିଙ୍ଗାରପୁରର ୱାର୍ଡମେମ୍ବର ଗୀତାଞ୍ଜଳି ଦାସ ଜଣେ ଗରିବ ଲୋକର ସରକାରୀ ଘର ପାଇବାରେ ଉପୁଜିଥିବା ପ୍ରତିବନ୍ଧକ ଦୂର କରିଥିବା ଏବଂ ବୋଲଗଡ଼ ୱାର୍ଡମେମ୍ବର ଅଞ୍ଜନା ସ୍ୱାଇଁ ଯୋଜନାରୁ ବାଦ୍ ପଡ଼ିଥିବା ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରିଥିବା କହିଥିଲେ। ପିକକ୍‌ର ମୀନାକ୍ଷୀ ପଣ୍ଡା, ଜ୍ୟୋତିଶଙ୍କର ମହାନ୍ତି, ଉପମା ମହାନ୍ତି, ବାମଦେବ ଜେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।




ରେଡ୍‌କ୍ରସ ଭବନଠାରେ ଆୟୋଜିତ କର୍ମଶାଳାରେ ଯୋଗଦେଇଥିବା ଅତିଥି।



ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ଭାଜପା ନେତା ଜୟନାରାୟଣ ମିଶ୍ର ଦିଲ୍ଲୀ ଏମ୍ସରେ ଚିକିତ୍ସିତ ହେଉଛନ୍ତି। ସମ୍ବଲପୁରର ଭାଜପା ଯୁବନେତା କାହ୍ନୁରାମ ଶର୍ମା ଶୁକ୍ରବାର ଏହି ସୂଚନା ଦେଇଛନ୍ତି ।

**ସଂକ୍ଷେପରେ**

## ସର୍ଜିକାଲ ଷ୍ଟ୍ରାଇକ୍ ଦିବସକୁ ନେଇ ରାଜନୀତି

**କୋଲକାତା/ନୂଆଦିଲ୍ଲୀ,୨୧।୯(ପି.ଟି.):** ସେପ୍ଟେମ୍ବର ୨୯କୁ 'ସର୍ଜିକାଲ୍ ଷ୍ଟ୍ରାଇକ୍ ଦିବସ' ପାଳନ ନେଇ ୟୁଜିସି ନିର୍ଦ୍ଦେଶନାମା ପ୍ରକାଶ ପାଇବାର ଦିନକ ପରେ ଶୁକ୍ରବାର ଏହାକୁ ନେଇ ଦେଶରେ ରାଜନୈତିକ ଉଷ୍ମତା ଦେଖିବାକୁ ମିଳିଛି। ତୃଣମୂଳ କଂଗ୍ରେସ ଶାସନାଧୀନ ପଶ୍ଚିମବଙ୍ଗ ସରକାରଙ୍କ ସମେତ ଅନେକେ ଏହାକୁ ବିରୋଧ କରୁଥିବାବେଳେ ଏହା ରାଜନୀତି ନୁହେଁ, ବରଂ ଦେଶଭକ୍ତିର ପ୍ରତିଫଳନ ବୋଲି କେନ୍ଦ୍ର ସରକାରଙ୍କ ପକ୍ଷରୁ କୁହାଯାଇଛି। ବିବାଦ ଆରମ୍ଭ ହେବା ପରେ ଏଚ୍ଆର୍ଡି ମନ୍ତ୍ରୀ ପ୍ରକାଶ ଜାଭ୍ଡେକର କହିଛନ୍ତି, 'ସର୍ଜିକାଲ୍ ଷ୍ଟ୍ରାଇକ୍' ଦିବସ ପାଳନ ନେଇ ବିଶ୍ୱବିଦ୍ୟାଳୟ ଏବଂ ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକୁ ପରାମର୍ଶ ଦିଆଯାଇଛି। ସେମାନଙ୍କୁ ବାଧବାଧକତାର ସହ ନିର୍ଦ୍ଦେଶନାମା ଦିଆଯାଇନାହିଁ।

## ବ୍ୟାଙ୍କକ୍‌ରେ ଓଡ଼ିଶା ପର୍ଯ୍ୟଟନର ରୋଡ୍ ଶୋ

**ଭୁବନେଶ୍ୱର,୨୧।୯(ବ୍ୟୁରୋ):** ଓଡ଼ିଶା ପର୍ଯ୍ୟଟନ ପକ୍ଷରୁ ବ୍ୟାଙ୍କକ୍‌ରେ ରାଜ୍ୟ ପର୍ଯ୍ୟଟନ ସମ୍ବଳର ପ୍ରଚାର ପ୍ରସାର ପାଇଁ ଦ୍ୱିତୀୟ ରୋଡ୍ ଶୋ' ଅନୁଷ୍ଠିତ ହୋଇଯାଇଛି। ଥାଇଲାଣ୍ଡସ୍ଥିତ ଭାରତୀୟ ଦୂତାବାସ ଏବଂ ଫିକିର ମିଳିତ ସହଯୋଗରେ ବ୍ୟାଙ୍କକ୍‌ର ଏକ ହୋଟେଲରେ ଏହି ରୋଡ୍ ଶୋ' ଆୟୋଜିତ ହୋଇଥିଲା। ଏଥିରେ ୧୪୦ରୁ ଊର୍ଦ୍ଧ୍ୱ ଟୁର୍ ଅପରେଟର, ଟ୍ରାଭେଲ ଏଜେଣ୍ଟ, ଦୂତାବାସ ପ୍ରତିନିଧି ଏବଂ ପର୍ଯ୍ୟଟନ ସହ ଜଡ଼ିତ ବ୍ୟକ୍ତିମାନେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଓଡ଼ିଶା ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶିକା ଅର୍ଚ୍ଚନା ପଟ୍ଟନାୟକ, ସଞ୍ଜୟ କୁମାର, ଦୂତାବାସ ଅଧିକାରୀ ଆଙ୍କାଗାନୀ ରାମୁ ପ୍ରମୁଖ ଯୋଗଦେଇ ଓଡ଼ିଶାରେ ପର୍ଯ୍ୟଟନ କ୍ଷେତ୍ରରେ ରହିଥିବା ସୁଯୋଗ ସମ୍ପର୍କରେ ଆଲୋକପାତ କରିଥିଲେ। ଏହାସହ ନଭେମ୍ବରରେ ଭୁବନେଶ୍ୱରରେ ଅନୁଷ୍ଠିତ ହେବାକୁ ଥିବା ପୁରୁଷ ହକି ବିଶ୍ୱକପ୍ ୨୦୧୮ର ବିଶେଷ ପ୍ରଚାର ପ୍ରସାର ଉପରେ ଗୁରୁତ୍ୱ ଦିଆଯାଇଥିଲା।

# ମୋଦିଙ୍କ ଆଭିମୁଖ୍ୟ ଉପରେ ନଜର

- କୌଣସି ପ୍ରଭାବ ପଡିବ ନାହିଁ ବୋଲି କହିଲେ ବିଜେଡି, କଂଗ୍ରେସ
- ଏଠି କଳି, ଦିଲ୍ଲୀରେ କୋଳାକୋଳି: ନିରଞ୍ଜନ
- ୪ବର୍ଷ କାମ କଲୁ, ଏବେ ହିସାବ ଦେବୁ: ଧର୍ମେନ୍ଦ୍ର

**ଭୁବନେଶ୍ୱର୨୧।୯, (ବ୍ୟୁରୋ)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଓଡିଶା ଗସ୍ତ ନେଇ ରାଜ୍ୟ ରାଜନୀତି ଚଳଚଞ୍ଚଳ ହୋଇଉଠିଛି। ମୋଦି ଏହି ଗସ୍ତ ବେଳେ କି ବକ୍ତବ୍ୟ ରଖିବେ ତା'ଉପରେ ସମସ୍ତଙ୍କ ନଜର ରହିଛି। ଆଗକୁ ସାଧାରଣ ନିର୍ବାଚନ ଥିବାରୁ ମୋଦିଙ୍କ ଆଭିମୁଖ୍ୟ ରାଜ୍ୟ ରାଜନୀତିକୁ ଭିନ୍ନ ମୋଡ ଦେଇପାରେ ବୋଲି କୁହାଯାଉଛି। ଅନ୍ୟପଟେ ପୂର୍ବ ଗସ୍ତ ବେଳେ ପ୍ରଧାନମନ୍ତ୍ରୀ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିଥିଲେ। ମାତ୍ର ପରବର୍ତ୍ତୀ ସମୟରେ କେନ୍ଦ୍ର ସରକାରଙ୍କ ବିଭିନ୍ନ ନିଷ୍ପତ୍ତିକୁ ସମର୍ଥନ ଜଣାଇଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପ୍ରଧାନମନ୍ତ୍ରୀ ଏବଂ କେନ୍ଦ୍ରର ଅନ୍ୟମନ୍ତ୍ରୀମାନେ ଧନ୍ୟବାଦ ଦେଇଥିଲେ। ରାଜ୍ୟ ସଭା ଉପାଧ୍ୟକ୍ଷ ନିର୍ବାଚନରେ ଏନ୍ଡିଏ ସମର୍ଥିତ ପ୍ରାର୍ଥୀଙ୍କୁ ସମର୍ଥନ ଦେବାକୁ ପ୍ରଧାନମନ୍ତ୍ରୀଙ୍କ ସମେତ ଭାଜପା ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ ଓ କେନ୍ଦ୍ରର ଅନ୍ୟ ମନ୍ତ୍ରୀମାନେ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ। ଏହା ଜାତୀୟ ରାଜନୀତିରେ ମୁଖ୍ୟମନ୍ତ୍ରୀଙ୍କ ପତିଆରାକୁ ବହୁଗୁଣିତ କରିଛି। ଏଭଳି କ୍ଷେତ୍ରରେ ପ୍ରଧାନମନ୍ତ୍ରୀଙ୍କ ରାଜ୍ୟ ସରକାର ବିରୋଧୀ ଆଭିମୁଖ୍ୟ ଓଡ଼ିଶାବାସୀଙ୍କ ଉପରେ କୌଣସି ପ୍ରଭାବ ନ ପକାଇପାରେ ବୋଲି ରାଜନୈତିକ ସମୀକ୍ଷକମାନେ ଆଲୋଚନା କରୁଛନ୍ତି। ବିଗତ ଦିନରେ ମଧ୍ୟ ପ୍ରଧାନମନ୍ତ୍ରୀ ହୁଅନ୍ତୁ ବା ଶାହ ରାଜ୍ୟ ସରକାରଙ୍କ ବିରୋଧରେ ବହୁବାର କଡ଼ା ଆଭିମୁଖ୍ୟ ରଖିଛନ୍ତି। ମାତ୍ର ପରବର୍ତ୍ତୀ ସମୟରେ ତାହା ପ୍ରଭାବଶୂନ୍ୟ ହୋଇଥିବା ପରିଲକ୍ଷିତ ହୋଇଛି। ରାଜ୍ୟର ଭାଜପା ନେତାମାନେ ମଧ୍ୟ ବିଜେଡ଼ି ସରକାରଙ୍କୁ ବାରମ୍ବାର ଟାର୍ଗେଟ କରିଥିବାବେଳେ କେନ୍ଦ୍ର ସରକାରଙ୍କ ପ୍ରଶଂସା ସବୁକିଛିକୁ ଏପଟସେପଟ କରିପକାଇଛି। ପଞ୍ଚାୟତ ନିର୍ବାଚନର ସଫଳତାକୁ ଛାଡିଦେଲେ ରାଜ୍ୟବାସୀଙ୍କ ସମର୍ଥନ କୌଣସି ସମୟରେ ଭାଜପାକୁ ନ ମିଳିବା ଏହାକୁ ସ୍ପଷ୍ଟ କରୁଛି। ତେବେ ଏଭଳି କ୍ଷେତ୍ରରେ ପ୍ରଧାନମନ୍ତ୍ରୀଙ୍କ ଓଡିଶା ଗସ୍ତ ବହୁ ଗୁରୁତ୍ୱ ବହନ କରୁଛି। ମାତ୍ର ତାଙ୍କ ଗସ୍ତ ଦ୍ୱାରା କୌଣସି ପ୍ରଭାବ ପଡିବ ନାହିଁ ବୋଲି ବିଜେଡି ଏବଂ କଂଗ୍ରେସ ମତ ରଖିଛନ୍ତି।

ଶାସକ ଦଳ ମୁଖ୍ୟ ସଚେତକ ଅମର ପ୍ରସାଦ ଶତପଥୀ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ଯେଉଁସବୁ ପ୍ରକଳ୍ପ ଉଦ୍‌ଘାଟନ କରିବା ପାଇଁ ଆସୁଛନ୍ତି ତାହା ବହୁ ପୂର୍ବରୁ ହେବା କଥା। ମାତ୍ର ଏବେ ନିର୍ବାଚନକୁ କମ୍ ସମୟ ଥିବାରୁ ସେ ଉଦ୍‌ଘାଟନ କରି ଜନମତ ସଂଗ୍ରହ ପାଇଁ ପ୍ରୟାସ କରିବାକୁ ଆସୁଛନ୍ତି। ୩ବର୍ଷ ତଳୁ କେନ୍ଦ୍ର ସରକାର ଏନେଇ ଯୋଜନା କରିଥିଲେ। ମାତ୍ର କାର୍ଯ୍ୟ ବିଳମ୍ବ ହେବାରୁ ମୁଖ୍ୟମନ୍ତ୍ରୀ ବାରମ୍ବାର ଚିଠି ଲେଖି ଏ ବାବଦରେ ତାଙ୍କୁ ଜଣାଇଥିଲେ। ହେଲେ ଜାଣିଶୁଣି ବିଳମ୍ବରେ ଏହା କରାଯାଉଛି। ପ୍ରଧାନମନ୍ତ୍ରୀ ସରକାରୀ କାର୍ଯ୍ୟକ୍ରମରେ ଯୋଗଦେବାକୁ ଆସୁଛନ୍ତି। ତାଙ୍କ ଆଭିମୁଖ୍ୟକୁ ଲକ୍ଷ୍ୟକରି ବିଜେଡି ତା'ର ଉତ୍ତର ଦେବ। ତେବେ ତାଙ୍କ ଗସ୍ତ ଦ୍ୱାରା କୌଣସି ପ୍ରଭାବ ପଡିବ ନାହିଁ ବୋଲି ଶତପଥୀ କହିଛନ୍ତି।

ପିସିସି(ପ୍ରଦେଶ କଂଗ୍ରେସ କମିଟି) ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି ଯେ, ମୋଦିଙ୍କ ଗସ୍ତ ଦ୍ୱାରା କୌଣସି ପ୍ରଭାବ ପଡିବ ନାହିଁ। ବିଜେଡି-ଭାଜପା ଭାଇଭାଇ। ଏଠି କଳି, ଦିଲ୍ଲୀରେ ଉଭୟ କୋଳାକୋଳି ବୋଲି ସେ ସମାଲୋଚନା କରିଛନ୍ତି।

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ଯେ, ସାଢେ ୪ବର୍ଷ ହେଲା କାମ କରୁଛୁ। ଏବେ ତା'ର ହିସାବ ଦେବାର ସମୟ ଆସିଛି। ଯେଉଁ ରାଜ୍ୟ ଏକ ବିରାଟ ସାମ୍ବିଧାନିକ ସଙ୍କଟ ଆଡକୁ ମୁହାଁଉଛି ସେଠାର ଶାସନକର୍ତ୍ତାଙ୍କୁ ଲୋକମାନେ ଏବେ ଚିହ୍ନିଲେଣି। ତେଣୁ ତାଙ୍କ ସହ ମୋଦିଙ୍କ ବିକାଶକୁ ତୁଳନା କରାଯାଇପାରିବ ନାହିଁ ବୋଲି ସେ କହିଛନ୍ତି। ସେ ଆହୁରି କହିଛନ୍ତି, ରାଜ୍ୟ ସଭା ଉପାଧ୍ୟକ୍ଷ ପଦ ବିଜେଡିକୁ ଯଚାଯାଇଥିଲା। ମାତ୍ର ସେମାନେ କାହିଁକି ନେଲେ ନାହିଁ ଏକଥା ତାଙ୍କୁ ପଚାରିଲେ କହିପାରିବେ। ଅନାସ୍ଥା ପ୍ରସ୍ତାବ ବେଳେ ଭାଜପାକୁ ବିଜେଡି ସାହାଯ୍ୟ କରି ନ ଥିଲା। କୌଣସି ବାଧ୍ୟବାଧକତାରୁ ଦଳୀୟ ଏମ୍‌ପିମାନେ ବିନା ବିତର୍କରେ କକ୍ଷତ୍ୟାଗ କରିଥିଲେ। ରାଷ୍ଟ୍ରପତି ନିର୍ବାଚନରେ ଆମେ ସମର୍ଥନ ମାଗିଥିଲୁ ଓ ସେମାନେ ଦେଇଥିଲେ। କିନ୍ତୁ ଉପରାଷ୍ଟ୍ରପତି ନିର୍ବାଚନରେ କାହିଁକି ସମର୍ଥନ କଲେନି ବୋଲି ଧର୍ମେନ୍ଦ୍ର ପ୍ରଶ୍ନ କରିଛନ୍ତି।

# ଅକ୍ଟୋବରରେ ଆସିବେ ରାହୁଲ

**ଭୁବନେଶ୍ୱର, ୨୧।୯(ବ୍ୟୁରୋ)**

କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ଓଡିଶା ଗସ୍ତ ନେଇ କିଛିଦିନ ହେବ ଚର୍ଚ୍ଚା ଜୋର ଧରିଛି। ପିସିସି ସଭାପତି ଭାବେ ନିରଞ୍ଜନ ପଟ୍ଟନାୟକ ଦାୟିତ୍ୱ ନେବା ପରଠାରୁ ବିଭିନ୍ନ ସମୟରେ ଦଳୀୟ କାର୍ଯ୍ୟାଳୟରେ ହେଉଥିବା ବୈଠକ ବା କାର୍ଯ୍ୟକ୍ରମରେ ଏନେଇ ନେତାମାନେ ମତ ରଖୁଛନ୍ତି। ପୂର୍ବରୁ ସେପ୍ଟେମ୍ବର ଶେଷ ସପ୍ତାହରେ ରାହୁଲ ଓଡିଶା ଗସ୍ତରେ ଆସିବେ ବୋଲି କଂଗ୍ରେସ ପ୍ରଭାରୀ ଜିତେନ୍ଦ୍ର ସିଂ ଏବଂ କାର୍ଯ୍ୟକାରୀ ସଭାପତି ପ୍ରଦୀପ ମାଝି ସୂଚନା ଦେଇଥିଲେ। ରାହୁଲ ଓଡିଶା ଆସିବାକୁ ଆଗ୍ରହୀ ଥିଲେ ମଧ୍ୟ ସାଙ୍ଗଠନିକ କାର୍ଯ୍ୟ ଶେଷ ହୋଇପାରୁ ନ ଥିବାରୁ ଏହା ସମ୍ଭବ ହୋଇପାରୁ ନାହିଁ ବୋଲି ଶୁଣିବାକୁ ମିଳିଥିଲା। ଅନ୍ୟପଟେ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୪ବର୍ଷ ମଧ୍ୟରେ ବାରମ୍ବାର ଓଡିଶା ଗସ୍ତରେ ଆସି ରାଜ୍ୟରେ ଦଳୀୟ ସଙ୍ଗଠନ ମଜଭୁତ କରିବା ପାଇଁ ଉଦ୍ୟମ ଚଳାଇଛନ୍ତି। ମୋଦି ପୁଣି ଶନିବାର ଓଡିଶା ଆସୁଛନ୍ତି। ଶାହ ମଧ୍ୟ ଆସନ୍ତା ୨୪ତାରିଖରେ ପୁରୀ ଗସ୍ତରେ ଆସିବେ। ଏହି ଅବସରରେ ସେ ଦଳୀୟ ସଙ୍ଗଠନ ମଜଭୁତ କରିବା ସହ ରାଜ୍ୟରେ ଭାଜପା କିଭଳି ସରକାର କରିବ ତା'ର ଭିତ୍ତିଭୂମି ଯାଞ୍ଚ କରିବେ। ଏଭଳି ସ୍ଥିତିରେ ପିସିସି ସଭାପତି ଆସନ୍ତା ମାସରେ ରାହୁଲଙ୍କ ଓଡିଶା ଗସ୍ତ ନେଇ ସୂଚନା ଦେଇଛନ୍ତି। ଏହାକୁ ନେଇ ଦଳୀୟ ନେତା ଓ କର୍ମୀ ମହଲରେ ବିଶେଷ ଉତ୍ସାହ ଦେଖିବାକୁ ମିଳିଛି। ନିରଞ୍ଜନ କହିଛନ୍ତି ଯେ, ଅକ୍ଟୋବରରେ ରାହୁଲ ଓଡିଶା ଆସିବେ। ଏହାପରେ ନଭେମ୍ବରରେ ସେ ପୁନର୍ବାର ଆସିବାର କାର୍ଯ୍ୟକ୍ରମ ରହିଛି। ମାତ୍ର ସେ କେବେ



ଆସିବେ ସେ ନେଇ ତାରିଖ ସ୍ପଷ୍ଟ କରାଯାଇ ନାହିଁ। ରାଜ୍ୟର ବିଭିନ୍ନ ସ୍ଥାନରେ ସାଧାରଣ ସଭା ଆୟୋଜନ କରାଯିବ। ରାହୁଲ ଏଥିରେ ଯୋଗଦେଇ କେନ୍ଦ୍ର ସରକାରଙ୍କ ଦୁର୍ନୀତି ସମ୍ପର୍କରେ ସାଧାରଣ ଲୋକଙ୍କୁ ଜଣାଇବା ସହ ଦଳକୁ ମଜଭୁତ କରିବା ପାଇଁ କର୍ମୀମାନଙ୍କୁ ଆହ୍ୱାନ ଦେବେ। ଅନ୍ୟପଟେ ଦଳୀୟ କାର୍ଯ୍ୟକର୍ତ୍ତାମାନଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି ବୋଲି ସେ କହିଛନ୍ତି। ତେବେ ଶାହ ଓ ମୋଦି ବାରମ୍ବାର ଓଡିଶା ଗସ୍ତ କରୁଥିବାବେଳେ ରାହୁଲ ଏ ପର୍ଯ୍ୟନ୍ତ ରାଜ୍ୟ ଗସ୍ତରେ ନ ଆସିବା ଦ୍ୱାରା କିଛି ପ୍ରଭାବ ପଡିବ କି ବୋଲି ନିରଞ୍ଜନଙ୍କୁ ପଚାରିବାରୁ ସେ କହିଛନ୍ତି, ରାଜ୍ୟରେ ଭାଜପା ବହୁ ଦୁର୍ବଳ ଅବସ୍ଥାରେ ରହିଛି। କେନ୍ଦ୍ରୀୟ ନେତାମାନେ ଯେତେ ଚେଷ୍ଟା କଲେ ସୁଦ୍ଧା ସେମାନେ ଆଗକୁ ବଢିପାରୁ ନାହାନ୍ତି। ସେଥିଲାଗି ଶାହ ଓ ମୋଦି ବାରମ୍ବାର ଓଡିଶା ଗସ୍ତ କରୁଛନ୍ତି ।




**ଅପେକ୍ଷାରେ:** ଝାରସୁଗୁଡ଼ା ବିମାନବନ୍ଦର



ତାଳଚେର ବକ୍ସି ଜଗବନ୍ଧୁ ଷ୍ଟାଡିୟମ୍‌ଠାରେ ପ୍ରଧାନମନ୍ତ୍ରୀଙ୍କ ସାଧାରଣ ସଭା କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତ ହୋଇଥିବା ମଞ୍ଚ।

# ବିଶ୍ୱ ସହ ପଶ୍ଚିମ ଓଡ଼ିଶାକୁ ଯୋଡିବାର ଉଦ୍ୟମ ସଫଳ ହୋଇଛି: ବିଜେଡି

**ଭୁବନେଶ୍ୱର, ୨୧।୯(ବ୍ୟୁରୋ)**

ଝାରସୁଗୁଡ଼ା ବିମାନବନ୍ଦର ପାଇଁ ଓଡ଼ିଶା ଦୀର୍ଘଦିନ ହେବ ଦାବି କରି ଆସୁଥିଲା। ପଶ୍ଚିମ ଓଡ଼ିଶାକୁ ସାରା ବିଶ୍ୱ ସହ ଯୋଡ଼ିବା ପାଇଁ ଦୀର୍ଘଦିନ ଧରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କରି ଆସୁଥିବା ଉଦ୍ୟମ ବର୍ତ୍ତମାନ ସାକାର ହୋଇଛି। ରାଜ୍ୟ ସରକାରଙ୍କ ଆନ୍ତରିକତା ଓ ନିଷ୍ଠା ବଳରେ ଝାରସୁଗୁଡ଼ା ବିମାନବନ୍ଦର ଲୋକାର୍ପଣ ଶନିବାର ହେବାକୁ ଯାଉଛି। ଏହି ବିମାନବନ୍ଦର ନିର୍ମାଣ ପାଇଁ ରାଜ୍ୟ ସରକାର ମାଗଣାରେ ୧୧୮.୭୫ ଏକର ଜମି ଏବଂ ବଜେଟ୍‌ରୁ ୭୫ କୋଟି ଟଙ୍କା ବ୍ୟୟ କରିଛନ୍ତି। ସେହିପରି ମାଗଣାରେ ଜଳ ଓ ବିଜୁଳି ଯୋଗାଇ ଦେଇଛନ୍ତି। ବିମାନବନ୍ଦର ସୁରକ୍ଷା ବ୍ୟବସ୍ଥା, ଆଣ୍ଟି ହାଇଜାକିଂ ସୁରକ୍ଷା ଦଳ, ଅଗ୍ନି ନିରାପତ୍ତା ବ୍ୟବସ୍ଥା ରାଜ୍ୟ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଇଛି। ଝାରସୁଗୁଡ଼ା ବିମାନବନ୍ଦରକୁ 'ବୀର ସୁରେନ୍ଦ୍ର ସାଏ'ଙ୍କ ନାମରେ ନାମିତ କରିବା ପାଇଁ ରାଜ୍ୟ ସରକାର ପ୍ରସ୍ତାବ ଦେଇଛନ୍ତି। ଏହି ବିମାନବନ୍ଦର ଓଡ଼ିଶାର ସମୃଦ୍ଧି ଓ ସ୍ୱାଭିମାନର ଏକ ପ୍ରତୀକ ହେବ। ବିଜେଡି ରାଜ୍ୟ ସମ୍ପାଦକ ବିଜୟ ନାୟକ ଏଥିପାଇଁ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

# ମୁଖ୍ୟମନ୍ତ୍ରୀଙ୍କ ନାମରେ ଥାନାରେ ଅଭିଯୋଗ

**ଚିଲିକାରେ ହେଲିକପ୍ଟର ଉଡ଼ାଣ ଘଟଣା**

**ବ୍ରହ୍ମଗିରି, ୨୧।୯ (ଡି.ଏନ୍.ଏ.)**

ଚିଲିକା ଉପରେ ହେଲିକପ୍ଟର ଉଡାଣକୁ ନେଇ ପୂର୍ବତନ ଏମ୍‌ପି ବୈଜୟନ୍ତ ପଣ୍ଡାଙ୍କ ନାମରେ ଥାନାରେ ମାମଲା ରୁଜୁ ହେବା ପରେ ଏବେ ମୁଖ୍ୟମନ୍ତ୍ରୀ ଓ ଅନ୍ୟାନ୍ୟ ରାଜନେତାଙ୍କ ଉପରକୁ ଅଙ୍ଗୁଳି ଉଠିଛି। ମୁଖ୍ୟମନ୍ତ୍ରୀଙ୍କ ସହ ଅନ୍ୟ ରାଜନେତାମାନେ ଚିଲିକା ଉପରେ ହେଲିକପ୍ଟର ଉଡାଇଥିବା ଦର୍ଶାଇ ଶୁକ୍ରବାର ପୁରୀ ସଚେତନ ନାଗରିକ ମଞ୍ଚ ତରଫରୁ ସଭାପତି ପ୍ରିୟଦର୍ଶନ ପଟ୍ଟନାୟକ ଅରଖକୁଦା ମେରାଇନ ଥାନାରେ ଏକ ଅଭିଯୋଗ କରିଛନ୍ତି। ସେ ତାଙ୍କ ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି ଯେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ପୁରୀ ଏମ୍‌ପି ପିନାକୀ ମିଶ୍ର ଓ ବ୍ରହ୍ମଗିରି ବିଧାୟକ ସଞ୍ଜୟକୁମାର ଦାସବର୍ମା ଅନେକ ଥର ଚିଲିକା ଉପରେ ହେଲିକପ୍ଟର ଉଡାଇଛନ୍ତି। ଏହା ଦ୍ୱାରା ସେମାନେ ଆଇନର ଖୋଲାଖୋଲି ଉଲ୍ଲଂଘନ କରିଛନ୍ତି। ଏ ନେଇ ସେମାନଙ୍କ ଉପରେ ମଧ୍ୟ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ପଟ୍ଟନାୟକ ପୂର୍ବରୁ ଗତ ୧୮ ତାରିଖରେ ପୁରୀ ଏସପିଙ୍କ ନିକଟରେ ଏକ ଅଭିଯୋଗ କରିଥିଲେ। ଶୁକ୍ରବାର ଏହାର ଏକକିତା ନକଲ ଅରଖକୁଦା ମେରାଇନ ଥାନାଧିକାରୀଙ୍କୁ ପ୍ରଦାନ କରିଛନ୍ତି। ଏ ସମ୍ପର୍କରେ ଅରଖକୁଦା ମେରାଇନ ଥାନା ଅଧିକାରୀ ଖଗେଶ୍ୱର କର କୁହନ୍ତି, ମୁଁ ଏକ ଅଭିଯୋଗ ପାଇଛି। ଏ ନେଇ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରିବି।

# ଅଭିଜିତ୍‌ଙ୍କ ଗିରଫଦାରିକୁ ଜାତୀୟ ଗଣମାଧ୍ୟମରେ ନିନ୍ଦା

**ଥାନାରେ ହାଜର ହେବାକୁ ବୈଜୟନ୍ତ ମାଗିଲେ ୪ସପ୍ତାହ**

**ଭୁବନେଶ୍ୱର, ୨୧।୯(ବ୍ୟୁରୋ)**

ଚିଲିକା ଉପରେ ପୂର୍ବତନ ଏମ୍‌ପି ବୈଜୟନ୍ତ ପଣ୍ଡାଙ୍କ ହେଲିକପ୍ଟର ଉଡିବା ପ୍ରସଙ୍ଗ ନେଇ ଜୋର୍ ଧରିଛି ରାଜନୀତି। ପୁରୀ ପୋଲିସ୍ ମାମଲାକୁ ଜଟିଳ କରୁଥିବା ବୈଜୟନ୍ତ ଅଭିଯୋଗ କରିଛନ୍ତି। ଅନ୍ୟପଟେ ଅଭିଜିତ୍ ଆୟର ମିତ୍ରଙ୍କ ବିରୋଧରେ ରାଜ୍ୟ ସରକାର ଗ୍ରହଣ କରିଥିବା ଆଭିମୁଖ୍ୟକୁ ଜାତୀୟସ୍ତରରେ ନିନ୍ଦା କରାଯାଇଛି। ବୈଜୟନ୍ତ କହିଛନ୍ତି ଯେ, ସେ କେଉଁଦିନ ପୋଲିସ ନିକଟରେ ପକ୍ଷ ରଖିବେ ସେନେଇ ବିଭ୍ରାନ୍ତି ସୃଷ୍ଟି କରାଯାଉଛି। ପୋଲିସ ନିକଟରେ ଆସନ୍ତା ୨୧ରେ ହାଜର ହେବା ପାଇଁ ଗତ ୧୯ରେ ଅରଖକୁଦା ମେରାଇନ ଥାନା ଆଇଆଇସି ଚିଠି କରିଥିଲେ। ମାତ୍ର ଆସନ୍ତା ୨୪ରେ ତାଙ୍କୁ ପକ୍ଷ ରଖିବା ପାଇଁ ପୁରୀ ଏସ୍‌ପି ସାର୍ଥକ ଷଡଙ୍ଗୀ ଗଣମାଧ୍ୟମରେ କହିଥିଲେ। ପୁରୀ ପୋଲିସ ତାଙ୍କୁ ଜାଣିଶୁଣି ବାଟବଣା କରିବାକୁ ଚେଷ୍ଟା କରୁଥିବା ସେ ଟୁଇଟରରେ ଉଲ୍ଲେଖ କରିଛନ୍ତି। ଡିଜିପିଏ ଏହାର ତଦନ୍ତ ଶେଷ କରିବା ପର୍ଯ୍ୟନ୍ତ ଅଥବା ତଥ୍ୟ ପ୍ରମାଣ ସଂଗ୍ରହ ପାଇଁ ତାଙ୍କୁ ୪ ସପ୍ତାହ ସମୟ ଦେବାକୁ ବୈଜୟନ୍ତ ପୋଲିସ୍‌କୁ ଅନୁରୋଧ କରିଛନ୍ତି। ପ୍ରତିଶୋଧପରାୟଣ ହୋଇ ତାଙ୍କୁ ମାମଲାରେ ଛନ୍ଦିବାକୁ ଉଦ୍ୟମ କରାଯାଉଥିବା ସେ ଅଭିଯୋଗ କରିଛନ୍ତି। ଅନ୍ୟପଟେ ଓଡିଶା ଓ କୋଣାର୍କ ମନ୍ଦିର ସମ୍ପର୍କରେ ଅରୁଚିକର ମନ୍ତବ୍ୟ ଦେଇଥିବା ଅଭିଜିତଙ୍କ ଗିରଫଦାରିକୁ ନେଇ ଜାତୀୟ ଗଣମାଧ୍ୟମରେ ଚର୍ଚ୍ଚା ଜୋର୍ ଧରିଛି। ଏହା ଓଡିଶା ଓ ରାଜ୍ୟ ସରକାରଙ୍କ ପାଇଁ ଲଜ୍ଜାକର ବୋଲି ରିପବ୍ଲିକ ଟିଭିର ଏଡିଟୋରିଆଲ ଆଡଭାଇଜର ଚିତ୍ରା ସୁବ୍ରମଣ୍ୟମ ଟୁଇଟରେ କରିଛନ୍ତି। ଅଭିଜିତ୍‌ଙ୍କୁ ଅଟକ ରଖିବା ଏକ ସ୍କାଣ୍ଡାଲ ବୋଲି ବରିଷ୍ଠ ସ୍ତମ୍ଭକାର ବୀର ସିଙ୍ଘଭି ସମାଲୋଚନା କରିଛନ୍ତି। ବରିଷ୍ଠ ଖବରଦାତା ବିକ୍ରମ ଚନ୍ଦ୍ରା ଏହା ରାଜ୍ୟ ସରକାରଙ୍କ ଖରାପ ନିଷ୍ପତ୍ତି ବୋଲି କହିଛନ୍ତି। ପୋଲିସ ଷ୍ଟେଟ୍‌ରେ ଅଭିଜିତ୍ ସଦ୍ୟତମ ନିର୍ଯାତିତ ବୋଲି ବରିଷ୍ଠ ସାମ୍ବାଦିକ ରାଜଦୀପ ସରଦେଶାଇ ଟୁଇଟକରିଛନ୍ତି। ସ୍ୱରାଜ୍ୟ କନ୍‌ସଲଟିଂ ଏଡିଟର ଆନନ୍ଦ ରଙ୍ଗନାଥନ୍ ଗିରଫକୁ ବାଚାଳାମିର ଆଖ୍ୟା ଦେଇଛନ୍ତି। ଆଉଟ୍‌ଲୁକ୍ ମାଗାଜିନ୍ ଏଡିଟର ରୁବେନ ବାନାର୍ଜୀ କହିଛନ୍ତି, ଅଭିଜିତ୍‌ଙ୍କ ଗିରଫଦାରି ଧାର୍ମିକ ନୁହେଁ, ବରଂ ରାଜନୈତିକ ମାମଲା। ସୋସିଆଲ ମିଡିଆରେ ଲୋକେ ବହୁତ କଥା ଲେଖୁଛନ୍ତି। ଏ ଘଟଣାରେ ଓଡିଶା ପୋଲିସ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲା। ଅନ୍ୟସବୁ ମାମଲାରେ ଏମିତି କାର୍ଯ୍ୟାନୁଷ୍ଠାନ ନେଲେ ଭଲ ହୋଇଥାଆନ୍ତା ବୋଲି ସେ କହିଛନ୍ତି।

# ରାଜ୍ୟ ସରକାରଙ୍କ ମୁଖା ଖୋଲିଛି ସିଏଜି ରିପୋର୍ଟ: ଭାଜପା

- ଅଡିଟ୍ ନ ହେବା ଯାଏ ବିଜୁ ଯୁବବାହିନୀ ବାବଦରେ ଅର୍ଥ ଖର୍ଚ୍ଚ କରିପାରିବେନି
- ଆମକୁ କେନ୍ଦ୍ର ହିଁ ସମ୍ମାନିତ କରିଛି: ବିଜେଡି

**ଭୁବନେଶ୍ୱର, ୨୧।୯(ବ୍ୟୁରୋ)**

ସିଏଜି(କମ୍ପଟ୍ରୋଲର ଆଣ୍ଡ ଅଡିଟର ଜେନେରାଲ)ଙ୍କ ରିପୋର୍ଟ ପ୍ରକାଶ ପାଇବା ପରେ ରାଜ୍ୟ ସରକାରଙ୍କ ସ୍ୱଚ୍ଛ ଓ ଦୁର୍ନୀତିମୁକ୍ତ ଶାସନର ଅସଲ ଚେହେରା ଖୋଲିଯାଇଛି। ସିଏଜି ଦର୍ଶାଇଥିବା ରାଜ୍ୟ ସରକାରଙ୍କ ଦୁର୍ନୀତି ବିରୋଧରେ ଭାଜପା ରାଜ୍ୟବାସୀଙ୍କ ପକ୍ଷରୁ ଅଦାଲତର ଆଶ୍ରୟ ନେବ ବୋଲି ଚେତାବନୀ ଦେଇଛି । ଶୁକ୍ରବାର ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳୀୟ ମୁଖପାତ୍ର ପୀତାମ୍ବର ଆଚାର୍ଯ୍ୟ କହିଛନ୍ତି, ବିଜୁ ଯୁବ ବାହିନୀ ବାବଦରେ ରାଜ୍ୟ ସରକାର ସବୁ ଖର୍ଚ୍ଚ ବନ୍ଦ ରଖିବା ପାଇଁ ସିଏଜିଙ୍କ ପକ୍ଷରୁ କ୍ରୀଡା ଓ ଯୁବ ବ୍ୟାପାର ବିଭାଗକୁ ଚିଠି ଦିଆଯାଇଛି । ହକି ବିଶ୍ୱକପରେ ବ୍ୟସ୍ତ ଥିବା କାରଣରୁ ବିଜୁ ଯୁବବାହିନୀ ପାଇଁ ହେବାକୁ ଥିବା ଅଡିଟ୍ କାର୍ଯ୍ୟରେ ସହଯୋଗ କରିପାରିବ ନାହିଁ ବୋଲି କ୍ରୀଡା ଓ ଯୁବ ବ୍ୟାପାର ବିଭାଗ ଉତ୍ତର ଦେବାପରେ ସିଏଜି ଏଭଳି ଚିଠି ଲେଖିଥିଲେ। ଡିସେମ୍ବର ପରେ ଅଡିଟ୍ କାର୍ଯ୍ୟରେ ବିଭାଗ ସହଯୋଗ କରିବ ବୋଲି କହିଥିଲା । ବିଭାଗର ଏଭଳି ଉତ୍ତରକୁ ଉଲ୍ଲେଖ କରି ସିଏଜି କହିଛନ୍ତି, ଯଦି ହିସାବ ଦେବାପାଇଁ ସମୟ ନାହିଁ ତେବେ ଯୁବବାହିନୀ କ୍ରିୟାନ୍ୱୟନ ପାଇଁ ସମୟ କେମିତି ଅଛି। ହକି ବିଶ୍ୱକପ୍ କାମରୁ ମୁକ୍ତ ହୋଇ ହିସାବ ନ ଦେବା ପର୍ଯ୍ୟନ୍ତ




ଖବରଦାତା ସମ୍ମିଳନୀରେ ସିଏଜି ରିପୋର୍ଟକୁ ନେଇ ରାଜ୍ୟ ସରକାରଙ୍କୁ ସମାଲୋଚନା କରୁଛନ୍ତି ଭାଜପା ମୁଖପାତ୍ର ପୀତାମ୍ବର ଆଚାର୍ଯ୍ୟ।

ଯୁବବାହିନୀ ଖର୍ଚ୍ଚ ବାବଦରେ ତହବିଲରୁ ଟଙ୍କାଟିଏ ଖର୍ଚ୍ଚ ନ କରିବାକୁ ସିଏଜି ନିର୍ଦ୍ଦେଶ ଦେଇଛନ୍ତି। ଏହି ମାମଲାର ସତ୍ୟାସତ୍ୟ ସମ୍ପର୍କରେ କ୍ରୀଡ଼ା ଓ ଯୁବବ୍ୟାପାର ସଚିବ ବିଶାଳ ଦେବ ଉତ୍ତର ରଖନ୍ତୁ ବୋଲି ଆଚାର୍ଯ୍ୟ ଦାବି କରିଛନ୍ତି । ଏପରି କି ଯୁବବାହିନୀ ଶାସକ ବିଜେଡିର ଗୁଣ୍ଡାବାହିନୀ ବୋଲି ଆଚାର୍ଯ୍ୟ ଅଭିଯୋଗ କରିଛନ୍ତି ।

ସେ ଆହୁରି କହିଛନ୍ତି ଯେ, ପିସି ଖାଇବା ପାଇଁ ରାଜ୍ୟ ସରକାର ୟୁସି ଦେଉନାହାନ୍ତି। ତ୍ରୟୋଦଶ ଅର୍ଥ କମିଶନରୁ ଗୃହ ବିଭାଗ ପାଇଁ ୧୦୦ କୋଟି ଟଙ୍କା ଅନୁଦାନ ମିଳିଥିଲା। ମାତ୍ର ଏହାର ୟୁସି ନ ଦେବା କାରଣରୁ ରାଜ୍ୟ ସରକାରଙ୍କୁ ୨୫ କୋଟି ଟଙ୍କା ହରାଇବାକୁ ପଡ଼ିଲା। ୟୁସି ନ ଦେବା ପଛର କାରଣ ହେଉଛି ରାଜ୍ୟ ସରକାର ୭୫ କୋଟି ଟଙ୍କା ଖର୍ଚ୍ଚ ନ କରି ଚଳୁ କରିଦେଇଛନ୍ତି । ଜାମର କିଣା, କର୍ମଚାରୀଙ୍କ ଗୃହ ନିର୍ମାଣ ଭଳି ବ୍ୟାପକ ଅନିୟମିତତା କରାଯାଇଥିବା ସିଏଜି ରିପୋର୍ଟରେ ଦର୍ଶାଇଛନ୍ତି। ସରକାରୀ ଡାକ୍ତରଖାନାରେ ସରଞ୍ଜାମ କିଣା, ନବକଳେବର ଅର୍ଥ ବାଟମାରଣା, ବାତ୍ୟା ଅଞ୍ଚଳରେ ବାସଗୃହ ନିର୍ମାଣ ଆଦି କ୍ଷେତ୍ରରେ ମଧ୍ୟ ବ୍ୟାପକ ଦୁର୍ନୀତି ହୋଇଛି। ୧୯ ବର୍ଷରେ ସରକାର ରାଜ୍ୟବାସୀଙ୍କୁ ଶୁଦ୍ଧ ପାନୀୟ ଜଳ ଯୋଗାଇବାରେ ବିଫଳ ହୋଇଥିବା ରିପୋର୍ଟରେ ଦର୍ଶାଯାଇଛି। ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ନିର୍ମାଣରେ ଓଡିଶା ଦେଶର ଏକ ନମ୍ବର ରାଜ୍ୟ ବୋଲି ରଙ୍ଗିନ ବିଜ୍ଞାପନ ଦିଆଯାଇଛି। ମାତ୍ର ରାଜ୍ୟ ସରକାରଙ୍କ ମଛର କାର୍ଯ୍ୟକୁ ନେଇ ସିଏଜି ପ୍ରଶ୍ନ ଉଠାଇଛନ୍ତି। ଏଥିପାଇଁ ଓଡ଼ିଶା ୧୫୫ କୋଟି ଟଙ୍କାର କେନ୍ଦ୍ରୀୟ ସହାୟତାରୁ ବଞ୍ଚିତ ହେଲା ବୋଲି ସିଏଜି ତାଙ୍କ ରିପୋର୍ଟରେ ଦର୍ଶାଇଛନ୍ତି, ଯାହା କି ରାଜ୍ୟ ସରକାରଙ୍କ କେନ୍ଦ୍ର ଅବହେଳା ନାରାକୁ ମିଥ୍ୟା ବୋଲି ପ୍ରମାଣିତ କରୁଛି ବୋଲି ଆଚାର୍ଯ୍ୟ କହିଛନ୍ତି । ମୟୂରଭଞ୍ଜ ଜିଲାରେ ହୋଇଥିବା କୃଷି ଦୁର୍ନୀତିକୁ ସରକାର ସ୍ୱୀକାର କରିଥିଲେ ମଧ୍ୟ କାହିଁକି ତଦନ୍ତ କରୁନାହାନ୍ତି ବୋଲି ଆଚାର୍ଯ୍ୟ ପ୍ରଶ୍ନ ଉଠାଇଛନ୍ତି ।

ଏସବୁର ଉତ୍ତରରେ ଶାସକ ଦଳର ମୁଖ୍ୟ ସଚେତକ ଅମର ପ୍ରସାଦ ଶତପଥୀ କହିଛନ୍ତି, ବିଜୁ ଯୁବବାହିନୀ ଅର୍ଥ ଏ ପର୍ଯ୍ୟନ୍ତ ସବୁ ଜାଗାରେ ଖର୍ଚ୍ଚ ହୋଇନାହିଁ। ଆଗକୁ ଏ ଟଙ୍କା ଖର୍ଚ୍ଚ ହେବାପରେ ସିଏଜି ଏନେଇ ଅଡିଟ୍ କରିପାରିବେ। ଅଡିଟ୍ କରିବାକୁ ସିଏଜିଙ୍କୁ ମନା ନାହିଁ। ଭାଜପା ଏପରି ହାବଭାବ ଦେଖାଉଛି, ଯେମିତି ଲୋକମାନଙ୍କୁ ବିଭ୍ରାନ୍ତ କରିପାରିବ। ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ନିର୍ମାଣରେ କେନ୍ଦ୍ର ସରକାର ଓଡ଼ିଶାକୁ ଏକ ନମ୍ବର ରାଜ୍ୟଭାବେ ସମ୍ମାନିତ କରିଛନ୍ତି। ଓଡ଼ିଶାର ଭାଜପା ନେତାମାନେ ରାଜ୍ୟ ସରକାର ଭୁଲ୍ ତଥ୍ୟ ଦେଉଛନ୍ତି ବୋଲି କହିଲା ବେଳେ କେନ୍ଦ୍ରୀୟ ନେତାମାନେ ସମ୍ମାନିତ କରୁଛନ୍ତି। ତେବେ କେଉଁଟା ଠିକ୍ ସେକଥା ସେମାନେ କୁହନ୍ତୁ ବୋଲି ଶତପଥୀ କହିଛନ୍ତି।



ଲଘୁଚାପ ପ୍ରଭାବରେ ସମୁଦ୍ର ଅଶାନ୍ତ ରହିଛି । ଉଚ୍ଚଜୁଆର ଯୋଗୁ କେନ୍ଦ୍ରାପଡା ଜିଲା ମହାକାଳପଡା ବ୍ଲକସ୍ଥିତ ରାମଚଣ୍ଡୀ ଗଳିଆ ନଦୀରେ ଭାରସାମ୍ୟ ହରାଇ ୨ଟି ମାଛଧରା ଡଙ୍ଗା ଶୁକ୍ରବାର ବୁଡିଯାଇଥିଲା । ସ୍ଥାନୀୟ ମତ୍ସ୍ୟଜୀବୀମାନେ ଉଭୟ ବୋଟ୍ ସହ ୫ ଜଣ ମତ୍ସ୍ୟଜୀବୀଙ୍କୁ ଉଦ୍ଧାର କରିଛନ୍ତି ।



## ସଂକ୍ଷେପରେ...

### ଇସ୍‌ଲାମପୁରରେ ହିଂସା: ୨ ଛାତ୍ର ମୃତ

ରାଇଗଞ୍ଜ, ୨୧ା୯(ପି.ଟି.): ଏକ ସ୍କୁଲରେ ଶିକ୍ଷକ ନିଯୁକ୍ତିକୁ କେନ୍ଦ୍ରକରି ପଶ୍ଚିମବଙ୍ଗର ଉତ୍ତର ଦିନାଜପୁରର ଇସ୍‌ଲାମପୁରରେ ପୋଲିସ ଜନତା ହାତାହାତି ହେବା ଫଳରେ ବଡ଼ଧରଣର ହିଂସା ଘଟିଛି। ଏହି ଘଟଣାରେ ଦୁଇ ଛାତ୍ରଙ୍କ ଜୀବନ ଯାଇଛି। ସଂଘର୍ଷବେଳେ ପୋଲିସ କାର୍ଯ୍ୟାନୁଷ୍ଠାନ ଯୋଗୁ ଗୁରୁବାର ଜଣେ ଆଇଟିଆଇ ଛାତ୍ର ପ୍ରାଣ ହରାଇଥିଲେ। ଆହତ ହୋଇଥିବା ଆଉ ଜଣେ ଛାତ୍ରଙ୍କ ଶୁକ୍ରବାର ମୃତ୍ୟୁ ହୋଇଛି। ନର୍ଥ ବେଙ୍ଗଲ୍ କଲେଜ୍ ଆଣ୍ଡ ହସ୍ପିଟାଲରେ ସେ ଆଖିବୁଜିଛନ୍ତି। ଛାତ୍ର ମୃତ୍ୟୁ ଘଟଣାକୁ ନେଇ ଭାଜପା ୧୨ ଘଣ୍ଟିଆ ବନ୍ଦ ପାଳନ କରିଛି। ପୋଲିସ ଗୁଳିମାଡ଼ରେ ରାଜେଶ ସରକାର ଏବଂ ତାପସ ବର୍ମନ୍‌ଙ୍କ ପ୍ରାଣହାନି ଘଟିଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। କିନ୍ତୁ ଉତ୍ତର ଦିନାଜପୁର ଏସ୍‌ପି ସୁମ୍ନିତ କୁମାର ଏହାକୁ ଖଣ୍ଡନ କରିଛନ୍ତି। ପୋଲିସ ଗୁଳିମାଡ଼ କରି ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ତେବେ ଏହା ସତ ଯେ, ଦୁଇ ଛାତ୍ରଙ୍କ ଦେହରେ ଗୁଳି ବାଜିଛି। କିନ୍ତୁ କିଏ ଏହି ଗୁଳିମାଡ଼ କରିଛନ୍ତି, ତାହା ତଦନ୍ତ ପରେ ଜଣାପଡ଼ିବ ବୋଲି ଏସ୍‌ପି କହିଛନ୍ତି। ସଂଘର୍ଷବେଳେ ଗଣ୍ଡଗୋଳକାରୀମାନେ ପାଖରେ ବେଆଇନ ଅସ୍ତ୍ର ଏବଂ ବୋମା ରଖିଥିଲେ। ସେମାନଙ୍କ ଆକ୍ରମଣରେ ୧୪ ପୋଲିସ କନ୍‌ଷ୍ଟେବଲ ଆହତ ହୋଇଛନ୍ତି ବୋଲି କୁମାର କହିଛନ୍ତି। ଏହି ଘଟଣାରେ ସମ୍ପୃକ୍ତି ଅଭିଯୋଗରେ ଭାଜପା କର୍ମୀଙ୍କ ସମେତ ୭ ଜଣଙ୍କୁ ଅଟକ ରଖାଯାଇଛି। ଇସ୍‌ଲାମପୁର ଅଞ୍ଚଳରେ ଥିବା ଦାରିଭିଟ ଉଚ୍ଚ ବିଦ୍ୟାଳୟରେ ଉର୍ଦ୍ଦୁ ଶିକ୍ଷକଙ୍କ ନିଯୁକ୍ତିକୁ ନେଇ ଆରମ୍ଭ ହୋଇଥିଲା ବିବାଦ। ସ୍କୁଲରେ ବିଜ୍ଞାନ ଏବଂ ଇଂଲିଶ ଶିକ୍ଷକଙ୍କ ଆବଶ୍ୟକତା ଥିବା ଦାବିକରି କେତେଜଣ ପୁରାତନ ଛାତ୍ର ଏବଂ ଅଞ୍ଚଳବାସୀ ଅଡ଼ିବସିଥିଲେ। ନୂଆକରି ନିଯୁକ୍ତ ହୋଇଥିବା ୩ ଉର୍ଦ୍ଦୁ ଶିକ୍ଷକଙ୍କୁ ସେମାନେ ଗୁରୁବାର ସ୍କୁଲ ଭିତରକୁ ପ୍ରବେଶ କରାଇ ଦେଲେ ନାହିଁ। ଏହାପରେ ଗଣ୍ଡଗୋଳ ଆରମ୍ଭ ହୋଇଥିଲା। ପୋଲିସ ଆସି ସ୍ଥିତି ନିୟନ୍ତ୍ରଣ କରିବାକୁ ଉଦ୍ୟମ କରିବାରୁ ଉଭୟ ପକ୍ଷ ମଧ୍ୟରେ ସଂଘର୍ଷ ଘଟିଥିଲା। ଦୁଇ ମୃତ ଛାତ୍ର ଉକ୍ତ ସ୍କୁଲରେ ପଢ଼ିଥିଲେ। ଏହି ଘଟଣା ପଛରେ ଆର୍‌ଏସ୍‌ଏସ୍ ଏବଂ ଭାଜପାର ହାତ ରହିଛି ବୋଲି ଶାସକ ତୃଣମୂଳ କଂଗ୍ରେସ ଅଭିଯୋଗ କରିଛି। ଜବାବରେ ପଶ୍ଚିମବଙ୍ଗର ଭାଜପା ମୁଖ୍ୟ ଦିଲୀପ ଘୋଷ କହିଛନ୍ତି, ତୃଣମୂଳ କଂଗ୍ରେସ ସବୁଆଡ଼େ ଆର୍‌ଏସ୍‌ଏସ୍ ଭୂତ ଦେଖିବାକୁ ପାଉଛି।

### ଏସ୍‌ସିବିରେ କାର୍ଯ୍ୟକ୍ଷମ ହେଲାନି ଯକୃତ ପ୍ରତିରୋପଣ ୟୁନିଟ୍

# ଖତ ଖାଉଛି ୪.୧୬ କୋଟିର ଉପକରଣ

**ସିଏଜି ରିପୋର୍ଟ**

ଭୁବନେଶ୍ୱର, ୨୧ା୯(ବ୍ୟୁରୋ)

ଏସ୍‌ସିବି ମେଡିକାଲ କଲେଜ ଏବଂ ହସ୍ପିଟାଲରେ ଯକୃତ ପ୍ରତିରୋପଣ ୟୁନିଟ୍ ପାଇଁ କିଣାଯାଇଥିବା ଉପକରଣ ଏବଂ ୟୁନିଟ୍ ତିଆରି ପାଇଁ ବ୍ୟୟ ହୋଇଥିବା ମୋଟ ୪.୪୯ କୋଟି ଟଙ୍କାର କୌଣସି ସୁଫଳ ମିଳିଲା ନାହିଁ। ୟୁନିଟ୍ ପାଇଁ ୪.୧୬ କୋଟି ଟଙ୍କାର ଉପକରଣ କିଣାଯାଇଥିଲା। ମାତ୍ର କାର୍ଯ୍ୟକ୍ଷମ ନ ହେବାରୁ ସେଗୁଡ଼ିକ ୨ବର୍ଷରୁ ଅଧିକ ସମୟ ହେଲା ପଡ଼ିରହି ଖତ ଖାଉଛି। ଭାରତର ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକ(ସିଏଜି) ୨୦୧୭ ରିପୋର୍ଟରେ ଏହା ପ୍ରକାଶ କରିଛନ୍ତି।

ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲରେ ଗୋଟିଏ ଯକୃତ ପ୍ରତିରୋପଣ ୟୁନିଟ୍ କରିବା ପାଇଁ ୨୦୧୩ ମେ'ରେ ରାଜ୍ୟ ସରକାର ନିଷ୍ପତ୍ତି ନେଇଥିଲେ। ୟୁନିଟ୍ ପାଇଁ ୧୨.୫୨ କୋଟି ଟଙ୍କା ଏବଂ ଆବଶ୍ୟକ ବିଭିନ୍ନ ଉପକରଣ ଲାଗି ୨୧.୫୮ କୋଟି ଟଙ୍କା ମଞ୍ଜୁର କରିଥିଲେ।

ଏସ୍‌ସିବି ଅଧୀକ୍ଷକ ୨୦୧୫ ଜାନୁୟାରୀ ଏବଂ ଫେବୃୟାରୀରେ ୪.୧୬ କୋଟି ଟଙ୍କାର କେତେକ ଉପକରଣ କିଣିଥିଲେ। ସେହି ସମୟରେ ଉପକରଣ ଯୋଗାଇଥିବା ସଂସ୍ଥାକୁ ୩.୫୯ କୋଟି ଟଙ୍କା ପ୍ରଦାନ କରାଯାଇଥିଲା। କିନ୍ତୁ ଅପରେଶନ ଥିଏଟର, ଆଇସିୟୁ ଏବଂ ୱାର୍ଡ କାର୍ଯ୍ୟ ସମ୍ପୂର୍ଣ୍ଣ ନ ହେବାରୁ ୟୁନିଟ୍ କାର୍ଯ୍ୟକ୍ଷମ ହୋଇପାରି ନ ଥିଲା। ଫଳରେ କିଣାଯାଇଥିବା ସରଞ୍ଜାମ ବ୍ୟବହାର ହୋଇପାରି ନ ଥିଲା। ଉପଯୁକ୍ତ ସ୍ଥାନାଭାବରୁ ୪.୧୬ କୋଟି ଟଙ୍କାର ସରଞ୍ଜାମ ନଷ୍ଟ ହେବାକୁ ବସିଛି ବୋଲି ରିପୋର୍ଟରେ ପ୍ରକାଶ ପାଇଛି।

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ୨୦୧୭ ସେପ୍ଟେମ୍ବରରେ ସିଏଜିଙ୍କ ନିକଟରେ ନିଜର ମତ ରଖିଥିଲା। ବିଭାଗ କହିଥିଲା ଯେ, ଯକୃତ ପ୍ରତିରୋପଣ ଏକ ଜଟିଳ ପ୍ରକ୍ରିୟା। ଏହାର ସଂସ୍ଥାପନ ନିମନ୍ତେ ଭିତ୍ତିଭୂମି, ମାନବ ସମ୍ବଳ, ସାଜସରଞ୍ଜାମ ଏବଂ ପ୍ରଶିକ୍ଷଣ ଆବଶ୍ୟକ, ଯାହା କି ସମୟ ସାପେକ୍ଷ।

ସେହିପରି କିଣାଯାଇଥିବା ଅତ୍ୟାଧୁନିକ ସାଜସରଞ୍ଜାମ ପରିଚାଳନା କରିବାରେ ଚିକିତ୍ସାଳୟ କର୍ତ୍ତୃପକ୍ଷଙ୍କ ଦ୍ୱାରା ପଦକ୍ଷେପ ନିଆଯାଇ ନ ଥିଲା। ଫଳରେ ୪.୪୯ କୋଟି ଟଙ୍କା ବ୍ୟୟ କରିବା ପରେ ମଧ୍ୟ ଯକୃତ ରୋଗୀଙ୍କୁ ଏସ୍‌ସିବିରେ ସ୍ୱାସ୍ଥ୍ୟସେବା ପ୍ରଦାନ କରାଯାଇ ପାରି ନ ଥିଲା ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

## ଭିମସାରରେ ସିୟୁଏସଏ ମେଶିନ ଅକାମୀ

ଭୁବନେଶ୍ୱର, ୨୧ା୯(ବ୍ୟୁରୋ)

ବୀର ସୁରେନ୍ଦ୍ର ସାଏ ଇନ୍‌ଷ୍ଟିଚ୍ୟୁଟ ଅଫ୍ ମେଡିକାଲ ସାଇନ୍ସ ଆଣ୍ଡ ରିସର୍ଚ୍ଚ(ଭିମସାର), ବୁର୍ଲା ପାଇଁ ୯୦.୨୫ ଲକ୍ଷ ଟଙ୍କାରେ କିଣା ଯାଇଥିବା ଗୋଟିଏ କ୍ୟାଭିଟ୍ରନ ଅଲଟ୍ରାସୋନିକ୍ ସର୍ଜିକାଲ ଆସ୍ପାଇରେଟ୍‌ର(ସିୟୁଏସ୍‌ଏ) ମେଶିନ ଅକାମୀ ହୋଇପଡିଛି। ଡାକ୍ତରଙ୍କ ପ୍ରଶିକ୍ଷଣ ପାଇଁ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିବାରୁ ମେଶିନଟି କ୍ରୟ ହେବା ଦିନଠାରୁ ୨୦୧୭ ଜାନୁୟାରୀ ଯାଏ ଦୀର୍ଘ ୩ବର୍ଷ ହେଲା ଅକାମୀ ହୋଇ ପଡିରହିଛି ବୋଲି ସିଏଜି ତାଙ୍କ ରିପୋର୍ଟରେ ଦର୍ଶାଇଛନ୍ତି।

ଲୋକଙ୍କୁ ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇଦେବା ପାଇଁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଏକ କ୍ରୟ ଆଦେଶକ୍ରମେ ଡିସେମ୍ବର ୨୦୧୩ରେ କୋଲକତାର ମେସର୍ସ ମେଡିକାଲ ଆଣ୍ଡ କମ୍ପାନୀଠାରୁ ଏହି ମେଶିନ୍ କିଣାଯାଇଥିଲା। ଏହି ମେଶିନର ମୂଲ୍ୟ ୯୯.୭୪ ଲକ୍ଷ ଟଙ୍କା। କିନ୍ତୁ ଭିମସାର ଅଧୀକ୍ଷକ ସେତେବେଳେ କମ୍ପାନୀକୁ ୯୦.୨୫ ଲକ୍ଷ ଟଙ୍କା ପ୍ରଦାନ କରିଥିଲେ। ଅବଶିଷ୍ଟ ଟଙ୍କା ମେଶିନ ଚାଲିଲା ପରେ ଦିଆଯିବ ବୋଲି ଚୁକ୍ତି ହୋଇଥିଲା। ଏହି ମେଶିନ ଅତ୍ୟାଧୁନିକ ଥିଲା। ରାଜ୍ୟର ଅନ୍ୟ କୌଣସି ସରକାରୀ ଚିକିତ୍ସାଳୟରେ ଏଭଳି ମେଶିନ୍ ସଂସ୍ଥାପନ ହୋଇ ନ ଥିଲା। ପ୍ରଥମ ଥର ପାଇଁ ଭିମସାରରେ ଏହି ମେଶିନ୍ ସଂସ୍ଥାପନ କରାଗଲା। ସର୍ତ୍ତ ଅନୁଯାୟୀ କମ୍ପାନୀ ୨ ଡାକ୍ତରଙ୍କୁ ମେଶିନ୍ ଚଳାଇବା ଉପରେ ପ୍ରଶିକ୍ଷଣ ଦେବାର ଥିଲା। କମ୍ପାନୀ କର୍ତ୍ତୃପକ୍ଷ ପ୍ରଶିକ୍ଷଣ ଦେବା ପାଇଁ ଦୁଇଜଣ ଡାକ୍ତରଙ୍କ ନାମ ସୁପାରିସ କରିବାକୁ କହିଥିଲେ। ମେଶିନ ପରିଚାଳନା ଉଦ୍ଦେଶ୍ୟରେ ଡାକ୍ତରଙ୍କୁ ପ୍ରଶିକ୍ଷଣ ପାଇଁ ମନୋନୟନ କରିବାରେ ତତ୍କାଳୀନ ଭିମସାର ଅଧୀକ୍ଷକ ବିଫଳ ହେବାରୁ ୯୦.୨୫ ଲକ୍ଷ ଟଙ୍କାର ମେଶିନ ଅବ୍ୟବହୃତ ହୋଇ ପଡ଼ିରହିଛି।

## ବିଭିନ୍ନ ସହରରେ ରିଲିଜ୍ ହେଲା 'ମଣ୍ଟୋ'

ନୂଆଦିଲ୍ଲୀ



ଭାରତର ବିଭିନ୍ନ ସହରରେ ଫିଲ୍ମ ଫ୍ରାଇଡେରେ 'ମଣ୍ଟୋ' ମୁକ୍ତିଲାଭ କରିଛି। କିନ୍ତୁ ପ୍ରଥମ ଦିନର ମର୍ନିଂ ଶୋ' ପ୍ରଦର୍ଶିତ ହୋଇପାରି ନ ଥିବାରୁ ଅଭିନେତ୍ରୀ ତଥା ଫିଲ୍ମ ନିର୍ମାତା ନନ୍ଦିତା ଦାସ ନୈରାଶ୍ୟ ପ୍ରକାଶ କରିଥିଲେ। କିନ୍ତୁ ଅପରାହ୍ନରେ ଫିଲ୍ମ ରିଲିଜ ହେବାପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା ବୋଲି ଭାୟକମ୍ ୧୮ ମୋଶନ୍ ପିକ୍ଚର୍ସ ପକ୍ଷରୁ କୁହାଯାଇଛି।

'ମଣ୍ଟୋ' ଫିଲ୍ମ ଏଚ୍‌ପି ଷ୍ଟୁଡିଓ, ଫିଲ୍ମଷ୍ଟକ୍ ଏବଂ ଭାୟକମ୍୧୮ ମୋସନ୍ ପିକ୍ଚର୍ସର ମିଳିତ ପ୍ରଯୋଜନାରେ ପ୍ରସ୍ତୁତ ହୋଇଛି। ଲେଖକ ସାଦତ୍ ହାସନ୍ ମଣ୍ଟୋଙ୍କ ଅନୁସନ୍ଧାନମୂଳକ ଜୀବନ କାହାଣୀ ଉପରେ ଏହି ଫିଲ୍ମ ଆଧାରିତ। ନୱାଜୁଦ୍ଦିନ୍ ସିଦ୍ଦିକି ଏଥିରେ ଚରିତ୍ରକୁ ଜୀବନ୍ତ ରୂପ ଦେଇଛନ୍ତି। ଏହି ଫିଲ୍ମ ଶୁକ୍ରବାର ରିଲିଜ୍ ହୋଇଥିବା ବେଳେ ଏହାର ମର୍ନିଂ ଶୋ' ଦିଲ୍ଲୀ, ନଏଡା, ମୁମ୍ବାଇ, ପୁଣେ ଏବଂ ଅହମ୍ମଦାବାଦ୍ ଭଳି ଅନେକ ନଗରୀରେ ପ୍ରଦର୍ଶିତ ହୋଇପାରି ନ ଥିଲା। ଶୋ' ବାତିଲ ହେବାନେଇ ଅନେକ ଲୋକ ପ୍ରତିକ୍ରିୟା ପ୍ରକାଶ କରି ବ୍ୟକ୍ତିଗତ ମିସେଜ୍ ପଠାଇଥିଲେ। ଏହା ଉପରେ ନନ୍ଦିତା ଟୁଇଟ୍‌ରେ ଉଲ୍ଲେଖ କରିଛନ୍ତି– 'ଏହା ମୋତେ ଆଘାତ ଦେଇଛି। ଅହମ୍ମଦାବାଦ୍‌ର ଜଣେ ବନ୍ଧୁଙ୍କଠାରୁ ମଧ୍ୟ ମୁଁ ସେଭଳି ମିସେଜ୍ ପାଇଛି। ଏଥିପାଇଁ ମୁଁ ସମଦରଦୀ ଭାବ ପ୍ରକାଶ କରୁଛି।'

### ଓଦା ଲୁଗା ଶୁଖାଇବା ବେଳେ ବିଦ୍ୟୁତ୍ ଆଘାତ

## ବଡ଼ଯାଆଙ୍କୁ ବଞ୍ଚାଇବାକୁ ଯାଇ ମଝିଆ ମୃତ

ଅମ୍ବାଭୋନା, ୨୧ା୯ (ଡି.ଏନ.ଏ)

ବରଗଡ଼ ଜିଲା ଅମ୍ବାଭୋନା ଥାନା ରୁଚିଦା ଗ୍ରାମରେ ଶୁକ୍ରବାର ଏକ ଅଭାବନୀୟ ଘଟଣା ଘଟିଛି । ବିଦ୍ୟୁତ୍ ସଂସ୍ପର୍ଶରେ ଆସିବାରୁ ଗ୍ରାମର ହଜାରୁ ପଧାନଙ୍କ ମଝିଆ ବୋହୂଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଛି । ମୃତା ମହିଳା ହେଲେ ଅଞ୍ଜନା ପଧାନ (୩୦) । ବଡ ବୋହୂ ପଦ୍ମିନୀ ପଧାନ (୩୩) ଆହତ ହୋଇଛନ୍ତି । ତାଙ୍କୁ ଅମ୍ବାଭୋନାର ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି ।

ସୂଚନା ଅନୁସାରେ, ଅପରାହ୍ନ ସାଢେ ୨ଟାରେ ପଦ୍ମିନୀ ଏକ ତାରରେ ଓଦାଲୁଗା ଶୁଖାଉଥିବା ବେଳେ ସେଥିରେ ବିଦ୍ୟୁତ୍ ପ୍ରବାହିତ ହେଉଥିଲା । ଫଳରେ ତାଙ୍କୁ ବିଦ୍ୟୁତ୍ ଆଘାତ ଲାଗିଥିଲା। ସେ ଚିତ୍କାର କରିବାରୁ ତାଙ୍କୁ ବଞ୍ଚାଇବାକୁ ଯାଇ ମଝିଆ ବୋହୂ ଅଞ୍ଜନାଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା ।

## ଆଇଜିଏଚ୍‌କୁ ମେଡିକାଲ କଲେଜ କରିବାର ପ୍ରସ୍ତାବ ନାହିଁ

**ସୁପର ସ୍ପେଶିଆଲିଟି ହସ୍‌ପିଟାଲ ପାଇଁ ମନା କଲା ଆରଏସ୍‌ପି**

ବଲାଙ୍ଗୀର ଅଫିସ, ୨୧ା୯

ରାଉରକେଲା ଇସ୍ପାତ୍ ଜେନେରାଲ ହସ୍ପିଟାଲ(ଆଇଜିଏଚ୍)କୁ ଏକ ସୁପର ସ୍ପେଶିଆଲିଟି ହସ୍‌ପିଟାଲ ଏବଂ ମେଡିକାଲ କଲେଜରେ ପରିଣତ କରାଯିବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କ ରାଉରକେଲା ଗସ୍ତ ସମୟରେ ପ୍ରତିଶ୍ରୁତି ଦେଇଥିଲେ । ଏବେ ତାହା ପାଣିର ଗାର ସଦୃଶ ହୋଇଛି । ସୂଚନା ଅଧିକାର ଆଇନ ବଳରେ ମଗା ଯାଇଥିବା ତଥ୍ୟରୁ ଏହା ଜଣାପଡିଛି। ବଲାଙ୍ଗୀରର ସୂଚନା ଅଧିକାର କର୍ମୀ ହେମନ୍ତ କୁମାର ପଣ୍ଡା ରାଉରକେଲା ଇସ୍ପାତ୍ ଜେନେରାଲ ହସ୍‌ପିଟାଲକୁ ଏକ ସୁପର ସ୍ପେଶିଆଲିଟି ହସ୍ପିଟାଲରେ ପରିଣତ କରାଯିବାର ପ୍ରସ୍ତାବ ସମ୍ପର୍କରେ ମେଡିକାଲ କାଉନ୍‌ସିଲ ଅଫ୍ ଇଣ୍ଡିଆ ଏବଂ ଷ୍ଟିଲ ଅଥରିଟି ଅଫ୍ ଇଣ୍ଡିଆକୁ ପୃଥକ ପୃଥକ୍ ଭାବେ ସୂଚନା ଅଧିକାର ଆଇନ ବଳରେ ତଥ୍ୟ ମାଗିଥିଲେ । ରାଉରକେଲା ଇସ୍ପାତ୍ ଜେନେରାଲ ହସ୍ପିଟାଲକୁ ମେଡିକାଲ କଲେଜରେ ପରିଣତ କରିବା ପାଇଁ ପ୍ରସ୍ତାବ ନାହିଁ ବୋଲି ମେଡିକାଲ କାଉନ୍‌ସିଲ ଅଫ୍ ଇଣ୍ଡିଆ ପଣ୍ଡାଙ୍କୁ ତଥ୍ୟ ପ୍ରଦାନ କରିଛନ୍ତି। ସେହିପରି ରାଉରକେଲା ଇସ୍ପାତ୍ କାରଖାନା ପାଖରେ ମଧ୍ୟ ଏହି ଡାକ୍ତରଖାନାକୁ ଏକ ସୁପର ସ୍ପେଶିଆଲିଟି ହସ୍ପିଟାଲରେ ପରିଣତ କରିବା ପାଇଁ କୌଣସି ପ୍ରସ୍ତାବ ନାହିଁ ବୋଲି କାରଖାନା ପକ୍ଷରୁ ତଥ୍ୟ ପ୍ରଦାନ କରାଯାଇଛି ।

ଭିଲାଇ ଷ୍ଟିଲ ପ୍ଲାଣ୍ଟ ଅଧୀନରେ ଜବାହରଲାଲ ନେହେରୁ ହସ୍‌ପିଟାଲ ଏବଂ ରିସର୍ଚ୍ଚ ସେଣ୍ଟର ନାମରେ ଷ୍ଟିଲ ଅଥରିଟି ଅଫ୍ ଇଣ୍ଡିଆ ଅଧୀନରେ ଏକମାତ୍ର ସୁପର ସ୍ପେଶିଆଲିଟି ହସ୍‌ପିଟାଲ ରହିଥିବା ତଥ୍ୟରୁ ଜଣାପଡିଛି।

# ଗର୍ଭଗୃହରେ ଆମିକସ୍ କ୍ୟୁରି

**ଦର୍ଶନକୁ ନେଇ ଉଠିଲା ପ୍ରଶ୍ନ**

ପୁରୀ ଅଫିସ,୨୧ା୯:

ଶ୍ରୀମନ୍ଦିର ଜଗମୋହନ ମରାମତି କାମ ଆରମ୍ଭ ପରଠାରୁ ଗର୍ଭଗୃହ ଦର୍ଶନ ବନ୍ଦ ରହିଥିଲା। ମରାମତି ଶେଷ ପରେ ଜଷ୍ଟିସ ବି.ପି. ଦାସ କମିଶନଙ୍କ ସୁପାରିସକୁ ଭିତ୍ତି କରି ଶ୍ରୀମନ୍ଦିର ପ୍ରଶାସନ ଗର୍ଭଗୃହ ଦର୍ଶନ ଉପରେ କଟକଣା ଲଗାଇଛି। ଏହା ପରଠାରୁ ଭିତରକାଠ ନିକଟରୁ ଭକ୍ତମାନେ ଦର୍ଶନ କରୁଛନ୍ତି। ପାଳିଆ ସେବକଙ୍କ ଛଡା ଅନ୍ୟ ସମସ୍ତଙ୍କ ଲାଗି ଏହି କଟକଣା ରହିଛି। ହେଲେ ଶୁକ୍ରବାର ଆମିକସ୍‌କ୍ୟୁରି ଗୋପାଳ ସୁବ୍ରମଣ୍ୟମ୍ ଗର୍ଭଗୃହରେ ଦର୍ଶନ କରିଛନ୍ତି। ଆମିକସ୍ କ୍ୟୁରିଙ୍କ ଅନିଚ୍ଛା ସତ୍ତ୍ୱେ କେତେଜଣ ସେବକ ତାଙ୍କୁ ଗର୍ଭଗୃହକୁ ନେଇଥିବା ଚର୍ଚ୍ଚା ହେଉଛି। ପୂର୍ବରୁ ସୁପ୍ରିମ୍‌କୋର୍ଟର ପ୍ରଧାନ ବିଚାରପତି ଜଷ୍ଟିସ ଦୀପକ ମିଶ୍ରଙ୍କ ସମେତ ହାଇକୋର୍ଟର ମୁଖ୍ୟ ବିଚାରପତି ଏବଂ ଏକାଧିକ ବିଚାରପତି ଶ୍ରୀମନ୍ଦିରକୁ ଆସିଛନ୍ତି।

ଏଥିସହ ବହୁ ବିଶିଷ୍ଟ ବ୍ୟକ୍ତି ବି ମହାପ୍ରଭୁଙ୍କ ଦର୍ଶନ କରିଛନ୍ତି। ସମସ୍ତେ ଭିତରକାଠ ଏବଂ ବାହାର କାଠ ନିକଟରୁ ଦାରୁବିଗ୍ରହଙ୍କୁ ଦର୍ଶନ କରିଥିବା ବେଳେ କ'ଣ ପାଇଁ କେତେଜଣ ସେବକ ଆମିକସ୍ କ୍ୟୁରିଙ୍କୁ ଗର୍ଭଗୃହକୁ ନେଲେ ତାହା ଏବେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଶ୍ରୀମନ୍ଦିର ପରିଚାଳନାଗତ ସଂସ୍କାର ମାମଲା ସୁପ୍ରିମ୍‌କୋର୍ଟରେ ବିଚାରାଧୀନ ରହିଛି। ଏହି ମାମଲାରେ ସର୍ବୋଚ୍ଚ ନ୍ୟାୟାଳୟ ଆମିକସ୍ କ୍ୟୁରି ଭାବେ ଗୋପାଳ ସୁବ୍ରମଣ୍ୟମ୍‌ଙ୍କୁ ନିଯୁକ୍ତ କରିଛନ୍ତି। ତାଙ୍କ ରିପୋର୍ଟକୁ ଆଧାର କରି ସୁପ୍ରିମ୍‌କୋର୍ଟଙ୍କ ଚୂଡ଼ାନ୍ତ ନିଷ୍ପତ୍ତି ଦେବେ ବୋଲି କୁହାଯାଉଛି। ସେ ବିଭିନ୍ନ ପକ୍ଷଙ୍କ ମତ ସଂଗ୍ରହ କରିବା ଲାଗି ପୁରୀରେ ଅଛନ୍ତି। ଶୁକ୍ରବାର ଆମିକସ୍ କ୍ୟୁରି ମହାପ୍ରଭୁଙ୍କ ମଙ୍ଗଳ ଆଳତି ଦର୍ଶନ କରିବାକୁ ଆସିଥିଲେ। ସେ ଭିତର କାଠ ନିକଟରେ ଠିଆ ହୋଇ ଠାକୁରଙ୍କୁ ଦର୍ଶନ କରୁଥିଲେ। ସୁପ୍ରିମ୍‌କୋର୍ଟରେ ରୁଜୁ ମାମଲା ଦ୍ୱାରା ସେବାୟତ ପ୍ରଭାବିତ ହେବାକୁ ଯାଉଥିବାରୁ କେତେଜଣ ସେବକ ତାଙ୍କୁ ଖୁସି କରିବା ପାଇଁ ଗର୍ଭଗୃହକୁ ନେଇଥିବା କୁହାଯାଉଛି।

ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର କୁମାର ମିଶ୍ର କହିଛନ୍ତି, ଗର୍ଭଗୃହକୁ ସର୍ବସାଧାରଣଙ୍କ ଦର୍ଶନ ଉପରେ କଟକଣା ରହିଛି। ଏହା ସତ୍ତ୍ୱେ ଆମିକସ୍ କ୍ୟୁରି ଗର୍ଭଗୃହକୁ ପ୍ରବେଶ କଲେ କିପରି ? ଶ୍ରୀମନ୍ଦିର ସଂସ୍କାର ମାମଲା ନେଇ ସେ ବିଭିନ୍ନ ପକ୍ଷଙ୍କ ମତ ସଂଗ୍ରହ କରିବାକୁ ଆସିଛନ୍ତି। ଏଥିରେ ଗର୍ଭଗୃହକୁ ଯିବାର ଆବଶ୍ୟକତା ଅଛି କି ନାହିଁ ତାହାର ତର୍ଜମା ହେବା ଦରକାର। ଏ ସଂକ୍ରାନ୍ତରେ ଶ୍ରୀମନ୍ଦିରର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ମନ୍ଦିର ପ୍ରଶାସନ ପକ୍ଷରୁ ଆମେ ବାରଣ କରିଥିଲୁ। ଗର୍ଭଗୃହ ପ୍ରବେଶ ଉପରେ ବି.ପି. ଦାସ କମିଶନଙ୍କ କଟକଣା ରହିଛି। କେବଳ ପାଳିଆ ସେବକ ଗର୍ଭଗୃହକୁ ଯାଇପାରିବେ ବୋଲି ଆମିକସ୍ କ୍ୟୁରିଙ୍କୁ କହିଥିଲୁ। ହେଲେ କେତେଜଣ ତାଙ୍କ ହାତଧରି ଭିତରକୁ ନେଇଯାଇଥିଲେ।

ଅନ୍ୟପକ୍ଷରେ ଗର୍ଭଗୃହ ଦର୍ଶନ ବନ୍ଦ ରହିଛି। ସାହାଣମେଲା ଦର୍ଶନ କରିବାକୁ କେତେଜଣ ସେବକ ଦାବି କରିଆସୁଛନ୍ତି। ମହାପ୍ରଭୁଙ୍କର ନୀତିକାନ୍ତି ଗର୍ଭଗୃହରେ ସମ୍ପନ୍ନ ହୋଇଥାଏ। ଆମିକସ୍ କ୍ୟୁରି ଶ୍ରୀମନ୍ଦିରର ସେବାପୂଜା ଏବଂ ପରିଚାଳନା ବ୍ୟବସ୍ଥା ଅନୁଧ୍ୟାନ କରିବା ସହ ମତ ନେବାକୁ ଆସିଛନ୍ତି। ତେଣୁ ଗର୍ଭଗୃହକୁ ଯାଇ ଦର୍ଶନ କରିବା ଯେତିକି ଗୁରୁତ୍ୱପୂର୍ଣ୍ଣ ନୁହେଁ, ଗର୍ଭଗୃହ ବିଷୟରେ ସେ ଜାଣିବା ଦରକାର ବୋଲି ସମ୍ପୃକ୍ତ ସେବକ ତାଙ୍କୁ ଗର୍ଭଗୃହକୁ ନେଉଥିବା କୁହାଯାଉଛି।

**Central University of Orissa**
(Established Under the Act of Parliament, 2009)
Landiguda, Dist.Koraput, Odisha. Pin.: 764 021
06852-288235/288238, Fax.06852-288225

Ref No: CUO/Admn./SC/105 Dt-18.09.2018

**NOTICE INVITING TENDER**

The Central University of Orissa, desires to allot 04 (four) no. of shops in the temporary 'Shopping Complex' at its Sunabeda Campus, Dist - Koraput on monthly rental basis. Sealed Tenders are invited from the agencies who are interested to take the shops on monthly rental basis. The last date for submission of Tender will be 17/10/2018 1500Hrs. For further details please log on to our website www.cuo.ac.in.

Sd/- Registrar

# ରୋଗୀଙ୍କୁ ରକ୍ତ ଦେଲେ ଡାକ୍ତର



କଣ୍ଟାବାଞ୍ଜି, ୨୧ା୯(ଡି.ଏନ.ଏ.)

ବହୁ ସମୟରେ ଡାକ୍ତରଙ୍କ ରୋଗୀସେବାରେ ଅବହେଳା ନେଇ ଅଭିଯୋଗ ହୋଇଥାଏ। ହେଲେ ଏପରି ବହୁ ଡାକ୍ତର ଅଛନ୍ତି ଯେଉଁମାନଙ୍କ କାର୍ଯ୍ୟ ଅନ୍ୟ ପାଇଁ ଉଦାହରଣ ସାଜେ। ସେମାନଙ୍କ ଉତ୍ସର୍ଗୀକୃତ କାର୍ଯ୍ୟ ରୋଗୀଙ୍କୁ ବଞ୍ଚିବାର ନୂତନ ଆଶା ଦେଖାଏ। ଗୁରୁବାର ରାତିରେ ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ସରକାରୀ ଡାକ୍ତରଖାନାରେ ଏଭଳି ଏକ ଘଟଣା ଦେଖିବାକୁ ମିଳିଥିଲା। ରକ୍ତହୀନତା ରୋଗରେ ପୀଡିତ ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ଜଣେ ରୋଗୀଙ୍କୁ କାର୍ଯ୍ୟରତ ଡାକ୍ତର ନିଜେ ରକ୍ତ ଦେଇ ତାଙ୍କ ଜୀବନ ବଞ୍ଚାଇଛନ୍ତି।

ଘଟଣା ଥିଲା ଏପରି..,କଣ୍ଟାବାଞ୍ଜି ଧୋବାପଡାର ପ୍ରତ୍ୟୁଷ କୁମାର ହେର୍ଣ୍ଣା ଗୁରୁବାର ରାତିରେ କଣ୍ଟାବାଞ୍ଜି ସରକାରୀ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ଚିକିତ୍ସା ସମୟରେ ତାଙ୍କର ନିହାତି ରକ୍ତ ଆବଶ୍ୟକ ଥିବା ଡାକ୍ତର ବିଷ୍ଣୁ ମେହେର କହିଥିଲେ। 'ବି' ପଜିଟିଭ୍ ରକ୍ତର ଆବଶ୍ୟକତା ଥିବା ବେଳେ ସ୍ଥାନୀୟ ବିଜୁ ପଟ୍ଟନାୟକ ରକ୍ତ ଭଣ୍ଡାରରେ ଏହା ଉପଲବ୍ଧ ନ ଥିଲା। ଅବସ୍ଥା ଗୁରୁତର ହେବା ଦେଖି ଡାକ୍ତର ମେହେର ନିଜେ ୧ୟୁନିଟ ରକ୍ତଦାନ କରିଥିଲେ। ପରେ ଏହା ରୋଗୀଙ୍କୁ ଦିଆଯାଇଥିଲା। ଡାକ୍ତରଙ୍କ ଏହି କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଉଛି।

## ମୁମ୍ବାଇ ବିସ୍ଫୋରଣ ଅଭିଯୁକ୍ତ ଖୁର୍ସିଦଙ୍କୁ ହତ୍ୟା

କାଠମାଣ୍ଡୁ,୨୧ା୯:

୧୯୯୩ ମୁମ୍ବାଇ ବିସ୍ଫୋରଣର ଅଭିଯୁକ୍ତ ଖୁର୍ସିଦ ଆଲାମ୍‌ଙ୍କୁ ଶୁକ୍ରବାର ନେପାଳରେ ଗୁଳିକରି ହତ୍ୟା କରାଯାଇଛି। ସୁନସାରି ଜିଲା ହରିନଗର ଅଞ୍ଚଳସ୍ଥିତ ଭୁତାହ ମାର୍କେଟରେ ୪ ଅପରାଧୀ ୨ଟି ବାଇକ୍‌ରେ ଆସି ଆଲମ୍‌ଙ୍କୁ ହତ୍ୟା କରି ନେପାଳ–ଭାରତ ସୀମା ଆଡକୁ ଚାଲିଯାଇଥିଲେ। ସେମାନେ ବ୍ୟବହାର କରିଥିବା ବାଇକ୍‌ରେ ଭାରତର ରେଜିଷ୍ଟ୍ରେଶନ ନମ୍ବର ଥିବାରୁ ଅପରାଧୀମାନେ ଭାରତର ବୋଲି ସନ୍ଦେହ କରାଯାଉଛି।

## ବ୍ୟାଙ୍କ ଲୁଟ୍ ଉଦ୍ୟମ: ୨ ସୁରକ୍ଷା କର୍ମୀଙ୍କୁ ହତ୍ୟା

ନଏଡା,୨୧ା୯

ଉତ୍ତରପ୍ରଦେଶର ନଏଡା ସେକ୍ଟରସ୍ଥିତ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ (ପିଏନ୍‌ବି)ର ସର୍କଲ ଅଫିସ୍‌ରେ ଶୁକ୍ରବାର ଭୋର ସମୟରେ ଦୁର୍ବୃତ୍ତଙ୍କ ଲୁଟ୍ ଉଦ୍ୟମ ବିଫଳ ହୋଇଛି। ସେଠାରେ ମୁତୟନ ଥିବା ୨ ଜଣ ଘରୋଇ ସୁରକ୍ଷା କର୍ମୀଙ୍କୁ ଦୁର୍ବୃତ୍ତମାନେ ପିଟି ପିଟି ହତ୍ୟା କରିଛନ୍ତି। ସେମାନେ ପ୍ରମାଣ ନିଶ୍ଚିହ୍ନ କରିବା ପାଇଁ ବ୍ୟାଙ୍କର ଏକ ସିସିଟିଭି ଡିଜିଟାଲ ଭିଡିଓ ରେକର୍ଡର ନେଇଯାଇଛନ୍ତି। ପୋଲିସ ସେମାନଙ୍କୁ ଧରିବା ପାଇଁ ତନାଘନା ଚଳାଇଛି।

**PARADIP PORT TRUST**

**e-TENDER CALL NOTICE**

Name of the work : **"Construction of Modular Work Station at Administrative Building".** Estimated cost put to tender **₹.3,15,37,754.63**. Last date & time of submission of Bid **dt.10.10.2018 at 16:00 Hrs**. For details please refer our website **https://eprocure.gov.in/eprocure/app**

Executive Engineer
Roads & Building Division
PPT/PR/356/18-19 Dt.21.09.2018

**PARADIP PORT TRUST**

**CORRIGENDUM - I TO E-TENDER CALL NOTICE No.EM/MM/P/HW/05/2018/1808TDR162, DT.18/08/2018 FOR SUPPLY OF HARDWARE MATERIALS**

The due date of submission of Tender & opening of Technical Bid is hereby further extended as below. **1**. Last Date of submission of tender upto:5.00PM of Dt. **03/10/2018**. **2**. Opening of EMD Bid at 3.30 PM of Dt.**05/10/2018**. All other terms and conditions in the original tender remained unaltered. For details, log on to our website **https://eprocure.gov.in/eprocure/app** or contact the office of the undersigned

Sr. Dy. Materials Manager
PPT/PR/358/18-19, Dt.21/09/2018

**OFFICE OF THE DISTRICT EDUCATION OFFICER, GAJAPATI**

No. 8479/2018 **NOTICE** Dated 18.09.2018

**OPEN TENDER**

Sealed tenders are invited from the intending firms for supply of articles to 07 OAVs which will be submitted to the District Education Officer, Gajapati by 03.10.2018, 5PM. The tender paper may be downloaded from the District website www.gajapati.nic.in.

The details of items with specification terms and conditions of the tender available in the District website i.e. www.gajapati.nic.in

*Sd./- Collector-cum-Chairperson, Odisha Adarsha Vidyalaya, Gajapati*

**Odisha Livestock Resources Development Society**
OBPI Campus, Siripur, Bhubaneswar- 751003
Tel. No. 0674-2397985, Email: olrdsahd@gmail.com
Website: www.olrds.com

**INVITATION FOR EXPRESSION OF INTEREST**

**"Printing of Nakul Swasthya Patra (Animal Health Card) under Pashu Sanjevani Component of National Mission on Bovine Productivity (NMBP)"**

**No. CAD-866:-** Odisha Livestock Resources Development Society (OLRDS), Bhubaneswar invites "EXPRESSION OF INTEREST" from Private firms in prescribed format in sealed cover superscribing "Printing of Nakul Swasthya Patra (Animal Health Card) under Pashu Sanjevani Component of National Mission on Bovine Productivity (NMBP)" on or before 06.10.2018, 1.00PM. The details in this regard can be downloaded from the website of OLRDS: www.olrds.com.

06061/11/0008/1819

**GOVERNMENT OF ODISHA**
**RURAL WATER SUPPLY & SANITATION ORGANISATION**
**OFFICE OF THE EXECUTIVE ENGINEER**
**RWS&S DIVISION, ANGUL, AT: TALCHER**
At- Baghuabole, Po.- Hatatota, Talcher, Dist.- Angul, Pin- 759100
(Ph. No./Fax-06760-240762, E-mail : eerwss_ang@nic.in)

**National Competitive Bidding through e-Procurement**

Bid Identification No. 11/EE/RWSS/ANGUL/2018-19 Dt. 12.09.2018 (DMF)

**No. 766-O:-** The Executive Engineer, RWS&S Division, Angul:at:Talcher on behalf of Governor of Odisha invites Item Rate/Percentage bid through e-procurement in double/single cover system according to norm of e-Procurement system in on-line mode.

| | | |
|---|---|---|
| | Nature of Work | : Rural Piped Water Supply Schemes. |
| 1. | No. of Tenders | : 17 Nos. |
| 2. | Tender Paper Cost | : Rs. 6,000.00 to Rs. 10,000.00 |
| 3. | Value of work | : Rs. 249.34 Lakhs to Rs. 31.49 Lakhs |
| 4. | Class of Contractor | : "C", "B", & "A" Class |
| 5. | Date & time of availability of bid document in portal | : 25.09.2018 at 11.00 hours to 04.10.2018 upto 17.00 hours |
| 6. | Date & time of seeking tender clarification | : 29.09.2018 upto 17.00 hours |
| 7. | Date & time of opening of tender & verification of original document | : 05.10.2018 at 15.00 hours in the Office of the Executive Engineer, RWS&S Division, Angul, at: Talcher |
| 8. | Time of completion | : 4 (Four) to 6 (Six) Calendar Months |
| 9. | The bidders have to participate in online biding only. Further details can be seen from the website https://www.tendersodisha.gov.in. | |
| 10. | Corrigendum if any shall be published in the above website only. | |

*Sd./- Executive Engineer,*
*RWS&S Division, Angul at Talcher*
25019/11/0017/1819

# ସୋସିଆଲ୍ ମିଡିଆ ଆନାଲିଷ୍ଟ

**ସାମ୍ପ୍ରତିକ ସମୟରେ ଏହି ସୋସିଆଲ୍ ମିଡିଆ ଆନାଲିସିସ୍ କ୍ଷେତ୍ରରେ କ୍ୟାରିୟର ସୁଯୋଗ କିପରି ରହିଛି, ଏହାର ଭୂମିକା କ'ଣ, ଏହାର ଗୁରୁତ୍ୱ ତଥା ନିଯୁକ୍ତି ସୁଯୋଗ ଆଦି ସମ୍ପର୍କରେ ଏଠାରେ ଏକ ସଂକ୍ଷିପ୍ତ ଉପସ୍ଥାପନା...**




ଖର୍ଚ୍ଚ କାଟ କରିବା ପାଇଁ ବିଜ୍ଞାପନ ବନ୍ଦ କରିଦେବା ଯାହା, ସମୟ ବଞ୍ଚାଇବା ପାଇଁ ଘଣ୍ଟା କଣ୍ଟା ବନ୍ଦ କରିଦେବା ଠିକ୍ ସେୟା। ଆମେରିକାର ତୃତୀୟ ରାଷ୍ଟ୍ରପତି ଥୋମାସ୍ ଜେଫରସନ ଏକଦା ଏହି କଥା କହିଥିଲେ। ଅର୍ଥାତ୍ ଘଣ୍ଟା କଣ୍ଟାକୁ ବନ୍ଦ କରିଦେଲେ ଯେମିତି ସମୟ ସ୍ଥିର ହୋଇଯାଏ ନାହିଁ ଠିକ୍ ସେମିତି ନିଜର ପ୍ରଚାର ପ୍ରସାର ପାଇଁ ବିଜ୍ଞାପନ ବାବଦ ଖର୍ଚ୍ଚକୁ ବନ୍ଦ କରିଦେଲେ ବି ଟଙ୍କା ସଞ୍ଚୟ ହୋଇଯାଏ ନାହିଁ। ବରଂ ଏହା ଦ୍ୱାରା ନିଜର ବ୍ରାଣ୍ଡ ଭାଲ୍ୟୁ ଲୋକଙ୍କ ପାଖରେ ଅପହଞ୍ଚ ହୋଇଯାଏ।

ବର୍ତ୍ତମାନ ସମୟରେ ଏହି କଥାକୁ ବୋଧହୁଏ ବ୍ୟବସାୟୀମାନେ ଅତି ଗୁରୁତ୍ୱର ସହ ବୁଝିଛନ୍ତି। ଖାଲି ଶିଳ୍ପପତି ବା ନିବେଶକମାନେ ନୁହନ୍ତି ବରଂ ରାଜନେତାଙ୍କଠାରୁ ଆରମ୍ଭ କରି ଅଭିନେତା ତଥା ଯେକୌଣସି କ୍ଷେତ୍ରର ସେଲିବ୍ରିଟି ସମସ୍ତଙ୍କ ପାଇଁ ସମାନ କଥା ପ୍ରଯୁଜ୍ୟ ବୋଲି କୁହାଯାଇ ପାରେ। ସମସ୍ତେ ନିଜର ପ୍ରଚାର ପ୍ରସାର କରାଉଛନ୍ତି। ଏଥିପାଇଁ ବର୍ତ୍ତମାନର ନ୍ୟୁ ମିଡିଆକୁ ଏକ ବୃହତ ପ୍ଲାଟ୍‌ଫର୍ମ ଭାବେ ବାଛି ନିଆଯାଇଛି। ରେଡିଓ, ଟେଲିଭିଜନ, ଖବରକାଗଜ ପରେ ଯଦି ବର୍ତ୍ତମାନ ଗଣଯୋଗାଯୋଗ ବା ଲୋକସମ୍ପର୍କର ବଳିଷ୍ଠ ମାଧ୍ୟମ କାହାକୁ କୁହାଯାଉଥିବ ତେବେ ସୋସିଆଲ୍ ମିଡିଆ ହିଁ ଉକ୍ତ ସ୍ଥାନ ଅକ୍ତିଆର କରିବ। ଫେସ୍‌ବୁକ୍, ହ୍ୱାଟ୍‌ସଆପ୍, ଟୁଇଟର ଭଳି ବହୁଳ ବ୍ୟବହୃତ ସୋସିଆଲ୍ ମିଡିଆଗୁଡିକ ପ୍ରଚାର ପ୍ରସାର ପାଇଁ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି।

ଏହିଭଳି ସୋସିଆଲ୍ ମିଡିଆଗୁଡିକରୁ ଅଧିକରୁ ଅଧିକ ତଥ୍ୟ ସଂଗ୍ରହ କରିବା, ତାହାକୁ ତର୍ଜମା କରିବା, ଲୋକମାନଙ୍କ ମତାମତ, ଆଗ୍ରହ ତଥା ଆବଶ୍ୟକତା ସମ୍ପର୍କରେ ଜାଣି ନିଜର ବ୍ରାଣ୍ଡ୍ ପ୍ରମୋଶନ କରିବା ଆଜି ଏକ ଜରୁରୀ ମାର୍କେଟିଂ ଷ୍ଟ୍ରାଟେଜି ହୋଇଯାଇଛି। ଏହି କାମ ପାଇଁ ଯେଉଁମାନେ ନିୟୋଜିତ ସେମାନଙ୍କୁ ସୋସିଆଲ୍ ମିଡିଆ ଆନାଲିଷ୍ଟ୍ ବୋଲି କୁହାଯାଉଛି।

## ସୋସିଆଲ୍ ମିଡିଆ ଆନାଲିଟିକ୍ସ କ'ଣ

ଏହା ଏକ ପ୍ରକ୍ରିୟା। ବିଭିନ୍ନ ଗଣମାଧ୍ୟମରୁ ତଥ୍ୟ ସଂଗ୍ରହ କରିବା, ଏହାକୁ ଏକତ୍ର କରିବା, ତର୍ଜମା କରିବା ହେଉଛି ସୋସିଆଲ୍ ମିଡିଆ ଆନାଲିଟିକ୍ସ ପର୍ଯ୍ୟାୟଭୁକ୍ତ। ଏହା ଦ୍ୱାରା ନିଜ ବ୍ରାଣ୍ଡ୍ ସମ୍ପର୍କରେ ଗ୍ରାହକ, ଉପଭୋକ୍ତା ତଥା ଟାର୍ଗେଟ୍ ଅଡିଏନ୍ସମାନଙ୍କ ମନରେ କିପରି ପ୍ରତିକ୍ରିୟା ରହିଛି ତାହା ଆକଳନ କରାଯାଇ ପାରେ। ଏହାକୁ ବ୍ୟବହାର କରି ନିଜର ପରବର୍ତ୍ତୀ ରଣକୌଶଳ ସମ୍ପର୍କରେ ଯୋଜନା ପ୍ରସ୍ତୁତ କରାଯାଇ ପାରିବ। ବିଶେଷ କରି ଏହାକୁ ତିନୋଟି ମୁଖ୍ୟ ସୋପାନରେ ବର୍ଗୀକରଣ କରାଯାଇଛି। ପ୍ରଥମ ହେଲା ତଥ୍ୟ ଚିହ୍ନଟ ବା ସଂଗ୍ରହ(ଗ୍ୟାଦରିଂ)। ଦ୍ୱିତୀୟରେ ତର୍ଜମା(ଆନାଲିସିସ୍)ଏବଂ ତୃତୀୟରେ ଏହାର ବ୍ୟାଖ୍ୟା(ଇଣ୍ଟରପ୍ରିଟେଶନ)। ବିଶେଷ କରି କିଏ, କଣ, କେଉଁଠି, କେତେବେଳେ, କାହିଁକି, କିପରି ଭଳି ୬ ଟି ପ୍ରମୁଖ ପ୍ରଶ୍ନ ଆଧାରରେ ଏହି ପ୍ରକ୍ରିୟା ଗତିଶୀଳ। ସେହିପରି ବିଭିନ୍ନ ସୂତ୍ରରୁ ନିଜ ସମ୍ପର୍କିତ ତଥ୍ୟକୁ ସଂଗ୍ରହ କରି ତାହାକୁ ତର୍ଜମା କରିବା ଏବଂ ଗୁରୁତ୍ୱପୂର୍ଣ୍ଣ ସୂଚନାକୁ ବ୍ୟାଖ୍ୟା କରିବା ହେଉଛି ସୋସିଆଲ ମିଡିଆ ଆନାଲିଷ୍ଟ ମାନଙ୍କ ପ୍ରମୁଖ କାର୍ଯ୍ୟ।

## ଶିକ୍ଷା

ଏକ କମ୍ପାନୀର ଅନ୍‌ଲାଇନ୍ ଉପସ୍ଥିତିକୁ ସୁଦୃଢ କରିବାରେ ଜଣେ ସୋସିଆଲ୍ ମିଡିଆ ଆନାଲିଷ୍ଟଙ୍କର ଦାୟିତ୍ୱ ଗୁରୁତ୍ୱପୂର୍ଣ୍ଣ। ଏହି ଦୃଷ୍ଟିରୁ ନିଜ ଶିକ୍ଷାଗତ ଯୋଗ୍ୟତା ସେହି ଅନୁଯାୟୀ ହେବା ଉଚିତ। ବିଶେଷ କରି ସୋସିଆଲ୍ ମିଡିଆ ମ୍ୟାନେଜ୍‌ମେଣ୍ଟ, ପବ୍ଲିକ୍ ରିଲେଶନ, ବିଜ୍‌ନେସ୍ କମ୍ୟୁନିକେଶନ ଭଳି କେତେକ ବିଷୟରେ ସ୍ନାତକୋତ୍ତର ଡିଗ୍ରୀଧାରୀଙ୍କୁ ଅଗ୍ରାଧିକାର ମିଳୁଛି। ଅନ୍‌ଲାଇନ୍ ଭ୍ୟୁୟରଙ୍କ ସଂଖ୍ୟା ବଢାଇବା ଏବଂ ନିଜ ବ୍ରାଣ୍ଡକୁ ପ୍ରୋତ୍ସାହିତ କରିବା ପ୍ରମୁଖ କାର୍ଯ୍ୟ। ଏଥିପାଇଁ ଆନୁଷ୍ଠାନିକ ଶିକ୍ଷାର ଯେତିକି ପ୍ରାଧାନ୍ୟ ରହିଛି ବ୍ୟବହାରିକ ଜ୍ଞାନର ଆବଶ୍ୟକତା ତା ଠାରୁ ଯଥେଷ୍ଟ ଅଧିକ। ବିଭିନ୍ନ ଘଟଣା ସମ୍ପର୍କରେ ଜ୍ଞାନ ରଖିବା, ନିଜକୁ ଅପଡେଟ୍ କରାଇବା ନିହାତି ଜରୁରୀ। ସେହିଭଳି ଯେଉଁ କମ୍ପାନୀ ପାଇଁ ଆପଣ ସୋସିଆଲ୍ ମିଡିଆ ଆନାଲିଷ୍ଟ ଭାବେ ଦାୟିତ୍ୱ ନେଇଛନ୍ତି ତା'ର ଦୋଷ ଦୁର୍ବଳତା ଜଣିବା ନିହାତି ଜରୁରୀ। ଏହା ହେଲେ ହିଁ କମ୍ପାନୀକୁ ବିଭିନ୍ନ ସମୟରେ ସୁରକ୍ଷିତ ରଖିପାରିବେ।



## ନିଯୁକ୍ତି

ବର୍ତ୍ତମାନ ବ୍ୟକ୍ତିବିଶେଷଙ୍କ ଠାରୁ ଆରମ୍ଭ କିର ଅନୁଷ୍ଠାନ ପର୍ଯ୍ୟନ୍ତ ସବୁ କ୍ଷେତ୍ରରେ ସ୍ୱତନ୍ତ୍ର ସୋସିଆଲ୍ ମିଡିଆ ଅପରେଟିଂ ଶାଖା କାର୍ଯ୍ୟ କରୁଛି। ସରକାର, ସରକାରଙ୍କ ବିଭିନ୍ନ ବିଭାଗ, ରାଜନୈତିକ ଦଳ, ଶିକ୍ଷାନୁଷ୍ଠାନ ଆଦି ସବୁ କ୍ଷେତ୍ରରେ ସୋସିଆଲ୍ ମିଡିଆ ଉଇଙ୍ଗ୍‌ସ ସକ୍ରିୟ। ସାମ୍ବାଦିକତା, ଗଣଯୋଗାଯୋଗ କ୍ଷେତ୍ରରେ ଶିକ୍ଷାଲାଭ କରିଥିବା ଯୁବପିଢିଙ୍କ ପାଇଁ ମଧ୍ୟ ଏ କ୍ଷେତ୍ରରେ ପର୍ଯ୍ୟାପ୍ତ ସୁଯୋଗ ରହିଛି। ବର୍ତ୍ତମାନ ସମୟରେ ସୋସିଆଲ୍ ମିଡିଆରେ ଯୁବପିଢିଙ୍କର ବହୁଳ ସମୟ ବ୍ୟୟ ହେଉଛି। ତେଣୁ ଏହାକୁ ଉପାର୍ଜନର ମାଧ୍ୟମ ପାଇଁ ସୋସିଆଲ୍ ମିଡିଆ ଆନାଲିସିସ୍‌କୁ କ୍ୟାରିୟର କରିବାରେ ସୁଯୋଗ ରହିଛି କହିଲେ ଭୁଲ୍ ହେବ ନାହିଁ।

# ନୂଆ ନିଯୁକ୍ତି



## କିଛି ଟିପ୍ସ

**ବର୍ତ୍ତମାନର ନିଯୁକ୍ତି ବଜାର ପ୍ରତିଦ୍ୱନ୍ଦ୍ୱିତାମୂଳକ ହୋଇଛି। ସରକାରୀ ହେଉ କିମ୍ବା ବେସରକାରୀ ଚାକିରି ପାଇଁ କଡା ପ୍ରତିଦ୍ୱନ୍ଦ୍ୱିତା ସାମ୍ନା କରିବାକୁ ପଡୁଛି। ଭଲ ସ୍ଥାନରେ ନିଯୁକ୍ତି ପାଇବା ସମସ୍ତଙ୍କର ସ୍ୱପ୍ନ । ମାତ୍ର ସମସ୍ତଙ୍କୁ ଯେ, ମନ ଚାହୁଁଥିବା ନିଯୁକ୍ତି ମିଳିବ ତାହା କୁହାଯାଇ ନ ପାରେ। ଏଭଳି ସ୍ଥିତିରେ ନୂଆ ନିଯୁକ୍ତି ଆଶାୟୀଙ୍କ ଲାଗି ଏଠାରେ କିଛି ଟିପ୍ସ ପ୍ରଦାନ କରାଗଲା...**



- ନିଯୁକ୍ତି ଖୋଜିବା ବର୍ତ୍ତମାନ ସମୟର ଏକ ଚ୍ୟାଲେଞ୍ଜିଂ କାର୍ଯ୍ୟ। ଏଥି ଲାଗି ଅନେକ ଗ୍ରାଉଣ୍ଡୱାର୍କ କରିବାକୁ ହୁଏ। ଠିକ୍ ନିଯୁକ୍ତିରେ ନିଜକୁ ଫିଟ୍ କରାଇବା ପାଇଁ ଅନେକ ପ୍ରସଙ୍ଗ ଉପରେ ଧ୍ୟାନ ଦେବାକୁ ହୁଏ। ସେହିଭଳି ଫଲୋଅପ୍‌ର ଏକ ମହତ୍ତ୍ୱପୂର୍ଣ୍ଣ ଭୂମିକା ମଧ୍ୟ ଏ ଦିଗରେ ରହିଛି।
- ଏଭଳି ସ୍ଥିତିରେ ପ୍ରଥମେ ରୁଚିକୁ ଜାଣିବାକୁ ପଡିବ। କୌଣସି କାର୍ଯ୍ୟରେ ରୁଚି ନ ଥିଲେ କାମ କରିବାକୁ ମନ ଲାଗିବ ନାହିଁ। ଏଣୁ ଏହି ପ୍ରସଙ୍ଗକୁ ଧ୍ୟାନ ଦେବା ଉଚିତ୍। ଏହାକୁ ଜାଣି ପାରିଲେ ଠିକ୍ ଦିଗରେ ପରିଚାଳିତ ହେବାକୁ ସୁବିଧା ହେବ। ଏହା ପରେ ସମ୍ଭାବ୍ୟ ନିଯୁକ୍ତିଦାତାଙ୍କୁ ଚୟନ କରି ଆଗକୁ ବଢି ପାରିବେ।
- ନୂଆ ନିଯୁକ୍ତି ଲାଗି ନିଜକୁ ତଥା ନିଜର କାର୍ଯ୍ୟ ପରିସର ତଥା ଅଭିଜ୍ଞତାକୁ ଭଲ ଭାବେ ଉପସ୍ଥାପନା କରିବାକୁ ପଡିବ। ଯଦି ନିଜକୁ ତଥା ନିଜ ଆଭିମୁଖ୍ୟକୁ ନିଯୁକ୍ତିଦାତାଙ୍କ ସାମ୍ନାରେ ଠିକ୍ ଭାବେ ଉପସ୍ଥାପନ କରିବାକୁ ସକ୍ଷମ ନ ହେବେ ତେବେ ସେମାନଙ୍କୁ ଇମ୍ପ୍ରେସ କରି ପାରିବେ ନାହିଁ। ଏଭଳି ଏକ ସିଭି ତିଆରି କରନ୍ତୁ ଯାହା ନିଜର ଆଭିମୁଖ୍ୟ ତଥା ଅନ୍ୟାନ୍ୟ ପ୍ରମୁଖ ବିଷୟକୁ ଭଲ ଭାବେ ପ୍ରତିପାଦନ କରୁଥିବ। ଠିକ୍ ପ୍ରସ୍ତୁତି ପରେ ଯାଇ ସାକ୍ଷାତକାରକୁ ଯାଆନ୍ତୁ।
- ନିଯୁକ୍ତିଦାତାଙ୍କ ଧ୍ୟାନ ଆକର୍ଷଣ କରିବା ଲାଗି ନିଜକୁ ଠିକ୍ ଭାବେ ମାର୍କେଟିଂ କରାଇବା ଆବଶ୍ୟକ। ସାକ୍ଷାତକାର ତଥା ସୋସିଆଲ ମିଡିଆ ସହ ଅନ୍ୟାନ୍ୟ ଟୁଲ୍ ବ୍ୟବହାର କରି ଏ ଦିଗରେ କାର୍ଯ୍ୟ କରିପାରିବେ।
- ନିଯୁକ୍ତିଦାତାଙ୍କ ନିକଟକୁ ଯିବା ଆଗରୁ ଘରେ ହୋମୱାର୍କ କରିବାକୁ ଭୁଲନ୍ତୁ ନାହିଁ। କମ୍ପାନୀ ବିଷୟରେ ଗବେଷଣା, ପ୍ରୋଫାଇଲ, କର୍ମଚାରୀ ତଥା ଅନ୍ୟାନ୍ୟ ପ୍ରସଙ୍ଗ ଉପରେ ଜାଣି ରଖିବା ଆବଶ୍ୟକ। ଏହା ବିଶେଷ ଭାବେ ସହାୟକ ହେବ।
- ନୂଆ ଚାକିରି ଖୋଜିବା କଷ୍ଟକର ହେଉଥିବା ବେଳେ ରେଫରେନ୍ସ ଏ କ୍ଷେତ୍ରରେ ବିଶେଷ ଭାବେ ସହାୟକ ହୋଇଥାଏ। ନିଜ ସ୍କୁଲର ପୁରାତନ ଛାତ୍ରୀଛାତ୍ର, ପୂର୍ବତନ ସହକର୍ମୀ, ସୋସିଆଲ ମିଡିଆ ଭଳି ଟୁଲ୍ ବ୍ୟବହାର ଦ୍ୱାରା ନିଜ ଲାଗି ଏକ ରେଫରେନ୍ସ ଗଠନ କରିପାରିବେ।


**ବ୍ଲକ୍ ସ୍ତରୀୟ ନିଯୁକ୍ତି**
ନିଜ ନିଜ ପଞ୍ଚାୟତସ୍ତରରେ କାମ କରିବା ପାଇଁ ODISHA ର ପ୍ରତ୍ୟେକ ଜିଲ୍ଲାରୁ ଆବଶ୍ୟକ
Qual. 7th, 10th, +2, +3 ଓ ITI candidate
Salary : Rs. 8,000 To Rs.15,000
CONTACT : 9178371341

**URGENT REQUIREMENT**
**NIGAM SERVICES**
❖ CUSTOMER HANDLING EXECUTIVE
❖ SALES EXECUTIVE
❖ CUSTOMER CARE OFFICER
❖ HOME DELIVERY (BOY & GIRL)
Monthly Salary: 10000/- to 15000/-
Website address: www.nigamservices.com
Contact: 7064617593, 7064617542

**୪୫ ଜଣ କର୍ମଚାରୀ ଆବଶ୍ୟକ**
(FOR A BOOK SALES COMPANY)
ବିନା ଖର୍ଚ୍ଚରେ ରହିବା ସୁବିଧା ସହିତ ମାସିକ ରୋଜଗାର Rs.8000/- ରୁ Rs.17000/- & more. Qualification - 10th ରୁ Graduation ଏବଂ ବୟସ (18-30) ବର୍ଷ ହୋଇଥିବା ଆବଶ୍ୟକ। ନିଜର Bio-Data ଏବଂ Aadhar Card ସହିତ ଆସନ୍ତା ୪ ଦିନ ମଧ୍ୟରେ ସାକ୍ଷାତ କରନ୍ତୁ।
OFFICE ADDRESS : MICRO EXPANSION
N/6-315, Jaydev Vihar, Bhubaneswar.
Ph : 9238100178

**URGENT REQUIREMENT**
**NIGAM SERVICES**
Official Job:
❖ BACK OFFICE EXECUTIVE
❖ FRONT OFFICE EXECUTIVE
❖ ACCOUNTANT
❖ DATA ENTRY OPERATOR
Monthly Salary: 10000/- to 15000/-
Website address: www.nigamservices.com
Contact: 7064617593, 7064617542

**WANTED**
Candidates with 55% of marks at PG Level may attend the Walk-in-Interview for the Post of **LECT. IN ZOOLOGY** (against leave vacancy) at the College at 11.00 A.M. on Dt.29.09.2018.
**Principal I/C/Secy.**
**Balanga College, Balanga, Puri**
Mob.: 9776428131

**ଆବଶ୍ୟକ**
ଲୋଡର୍ - ଅନ୍‌ଲୋଡର୍
ଡେଲିଭରୀ ବଏଜ୍ ଏକ୍ସି.
ବାଇକ୍/ଡିଏଲ୍/ସ୍ମାର୍ଟ ଫୋନ୍ ଥିବା ଜରୁରୀ, ପାରିତୋଷିକ + ପିଏଫ୍ + ଇଏସ୍‌ଆଇସି + ପେଟ୍ରୋଲ ସୁବିଧା
ଆଗ୍ରହୀ ବ୍ୟକ୍ତିମାନେ ଯୋଗାଯୋଗ କରନ୍ତୁ: 8109036707, 89820 66707

**ଆବଶ୍ୟକ**
ଭୁବନେଶ୍ୱର, କଟକ, ବ୍ରହ୍ମପୁର ଏବଂ ରାଉରକେଲା ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/ above. Monthly Income upto Rs.25000/-.
Part Time / Full Time
Contact: 9938676412

**IBPS ଇନ୍‌ଷ୍ଟିଟ୍ୟୁଟ୍ ଅଫ୍ ବ୍ୟାଙ୍କିଙ୍ଗ୍ ପର୍ସୋନେଲ୍ ସିଲେକ୍ସନ୍**
ୱେବ୍‌ସାଇଟ୍: www.ibps.in
ପ୍ରଶ୍ନ/ଅଭିଯୋଗ ପାଇଁ ଦୟାକରି http://cgrs.ibps.in/ରେ ଲଗ୍ ଇନ୍ କରନ୍ତୁ

**ଅଂଶଗ୍ରହଣକାରୀ ସଙ୍ଗଠନଗୁଡ଼ିକରେ କ୍ଲର୍କ ନିଯୁକ୍ତି ନିମନ୍ତେ ସାଧାରଣ ନିଯୁକ୍ତି ପ୍ରକ୍ରିୟା (୨୦୧୯-୨୦ର ଖାଲି ପଦବୀ ନିମନ୍ତେ ସିଡବ୍ଲ୍ୟୁଇ କ୍ଲର୍କ-VIII)**

ଅଂଶଗ୍ରହଣକାରୀ ସଙ୍ଗଠନଗୁଡ଼ିକରେ କ୍ଲରିକାଲ୍ କ୍ୟାଡର୍ ପଦବୀଗୁଡ଼ିକ ନିମନ୍ତେ କର୍ମଚାରୀ ଚୟନ ଲାଗି ପରବର୍ତ୍ତୀ ସାଧାରଣ ନିଯୁକ୍ତି ପ୍ରକ୍ରିୟା ପାଇଁ ଅନ୍‌ଲାଇନ୍ ପରୀକ୍ଷା (ପ୍ରିଲିମିନାରୀ ଓ ମେନ୍) ଡିସେମ୍ବର ୨୦୧୮ ଏବଂ ଜାନୁୟାରୀ ୨୦୧୯ରେ ଅନୁଷ୍ଠିତ ହେବାର ସମ୍ଭାବନା ରହିଛି ।
କାର୍ଯ୍ୟକ୍ରମର ସମ୍ଭାବ୍ୟ ସମୟସୂଚୀ ନିମ୍ନ ଅନୁଯାୟୀ ହେବ:

| କାର୍ଯ୍ୟକ୍ରମ | ସମ୍ଭାବ୍ୟ ତାରିଖ |
|---|---|
| ଅନ୍-ଲାଇନ୍ ପଞ୍ଜୀକରଣ ପ୍ରାର୍ଥୀଙ୍କ ଦ୍ୱାରା ଦରଖାସ୍ତ ସମ୍ପାଦନ/ସଂଶୋଧନ ସମେତ | ତା୧୮।୦୯।୨୦୧୮ରିଖରୁ ତା୧୦।୧୦।୨୦୧୮ରିଖ |
| ଦରଖାସ୍ତ ଦେୟ/ଇଣ୍ଟିମେଶନ୍ ଦେୟ ପୈଠ (ଅନ୍‌ଲାଇନ୍) | ତା୧୮।୦୯।୨୦୧୮ରିଖରୁ ତା୧୦।୧୦।୨୦୧୮ରିଖ |
| ପ୍ରାକ୍-ପରୀକ୍ଷା ତାଲିମ୍ ଲାଗି କଲ୍ ଲେଟର୍ ଡାଉନ୍‌ଲୋଡ୍ | ନଭେମ୍ବର, ୨୦୧୮ |
| ପ୍ରାକ୍-ପରୀକ୍ଷା ତାଲିମ୍ ସଞ୍ଚାଳନ | ତା୨୬।୧୧।୨୦୧୮ରିଖରୁ ତା୦୧।୧୨।୨୦୧୮ରିଖ |
| ଅନ୍‌ଲାଇନ୍ ପରୀକ୍ଷା – ପ୍ରିଲିମିନାରୀ ନିମନ୍ତେ କଲ୍ ଲେଟର୍ ଡାଉନ୍‌ଲୋଡ୍ | ନଭେମ୍ବର, ୨୦୧୮ |
| ଅନ୍‌ଲାଇନ୍ ପରୀକ୍ଷା – ପ୍ରିଲିମିନାରୀ | ତା୦୮।୧୨।୨୦୧୮ରିଖ, ତା୦୯।୧୨।୨୦୧୮ରିଖ, ତା୧୫।୧୨।୨୦୧୮ରିଖ ଓ ତା୧୬।୧୨।୨୦୧୮ରିଖ |
| ଅନ୍‌ଲାଇନ୍ ପରୀକ୍ଷା – ପ୍ରିଲିମିନାରୀର ପରୀକ୍ଷାଫଳ | ଡିସେମ୍ବର, ୨୦୧୮/ ଜାନୁୟାରୀ, ୨୦୧୯ |
| ଅନ୍‌ଲାଇନ୍ ପରୀକ୍ଷା – ମେନ୍ ନିମନ୍ତେ କଲ୍ ଲେଟର୍ ଡାଉନ୍‌ଲୋଡ୍ | ଜାନୁୟାରୀ, ୨୦୧୯ |
| **ଅନ୍‌ଲାଇନ୍ ପରୀକ୍ଷା – ମେନ୍** | **ତା୨୦।୦୧।୨୦୧୯ରିଖ** |
| ପରୀକ୍ଷାମୂଳକ ଆବଣ୍ଟନ | ଏପ୍ରିଲ୍, ୨୦୧୯ |

ବିବରଣୀ ତଥା ଅପ୍‌ଡେଟ୍ ପାଇଁ ନିୟମିତ ଭାବେ ପ୍ରାଧିକୃତ ଆଇବିପିଏସ୍ ୱେବ୍‌ସାଇଟ୍ www.ibps.in ଦେଖିବା ପାଇଁ ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଉଛି।
ଅନ୍‌ଲାଇନ୍‌ରେ ପଞ୍ଜୀକରଣ କରିବା ପୂର୍ବରୁ ସବିଶେଷ ଅଧିସୂଚନା ପଢ଼ିବା ତଥା ସେଥିରେ ପ୍ରଦତ୍ତ ନିର୍ଦ୍ଦେଶାବଳୀର ଅନୁପାଳନ କରିବା ପାଇଁ ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଉଛି।
ମୁମ୍ବାଇ
ତାରିଖ: ୧୪।୦୯।୨୦୧୮ — ନିର୍ଦ୍ଦେଶକ, ଆଇବିପିଏସ୍

**ଆୟୁର୍ବେଦିକ କ୍ଲିନିକରେ**
କାମ କରିବା ପାଇଁ ଝିଅପିଲା ଏବଂ ସ୍ତ୍ରୀଲୋକ ଆବଶ୍ୟକ। ଯୋଗାଯୋଗ, ଭୁବନେଶ୍ୱର
9583125024

**AREA MANAGER**
**LAVITA WARE PVT. LTD.** a leading sanitary & Bath fittings company urgently required a Area Manager for Odisha. Candidates having a experience of 2-3 yrs in channel & corporate sales through Dealer & Distributor.
Salary Negotiable with TA/DA
Contact: 9861033823, 9937144418

**CANDIDATES REQUIRED FOR TRUST**
ଓଡ଼ିଶାର ପ୍ରତ୍ୟେକ ଜିଲ୍ଲାରେ କାମ କରିବା ପାଇଁ ପ୍ରାର୍ଥୀ ଆବଶ୍ୟକ।
POST: • **DIST HEAD** (15), • **AREA MANAGER** (10)
• **MARKETING EXECUTIVE** (30) • **PEON** (1)
• **TELECALLER-Female** (2)
• **DESIGNER** (1) Must have knowledge of Photoshop & CorelDRAW
**SALARY: 5000/- to 25,000/-**
Interested Candidates may walk in Interview within 7 days from the date of publication. **TIME:** 10.30 A.M. to 5 P.M.
Office Address: SAHAYAKA, Plot No: 246, Kharvel Nagar, Unit-3, BBSR,
Ph: 9437820775, 9078206566

**AREA SALES EXECUTIVE**
CLEAN PLUS ADVANCED CLEANING SOLUTION, a rapidly growing start up urgently require **AREA SALES EXECUTIVES** for Bhubaneswar, Cuttack and Puri. Candidates having knowledge of Channel Sales through Dealers and Distributors will be preferred. Lucrative Salary, TA/DA and Incentives on offer.
CALL: 9007929009
within 7 days between 10 A.M. to 6 P.M.

**WALKING INTERVIEW**
❖ BANKING
❖ BACK OFFICE
❖ HR/ADMIN
❖ SALES / MARKETING
Qual.: 10, +2, Graduation, MBA
Male / Female
8480280229, 9583279596

**HICKS THERMOMETERS INDIA LIMITED**
Requires following dynamic candidate:
**SENIOR SALES EXECUTIVE:** Age upto 40 yrs. with minimum 3 years experience in marketing of Pharmaceutical/OTC/ Surgical products etc. Walk in interview with bio-data on: 21st & 22nd Sept. 2018 Between 12 a.m. to 4.00p.m.
**The Royale Midtown** 52-53, Janpath, Bhubaneswar, Odisha 751001
**Narendra Singh** 9759825801, 6395158669

**---DIRECT JOINING---**
**BACK OFFICE / DATA ENTRY / CUSTOMER CARE / BANK TECHNICAL / SURVEY**
Qual : Under Matric, 10th, +2, Graduate, ITI, Diploma, B.Tech, MBA, MCA, MSW.
Salary : 5000/- To 30,000/- per month
8658566430, 9078148138

**ଡ୍ରାଇଭର ଆବଶ୍ୟକ**
ଭୁବନେଶ୍ୱରରେ ଘରୋଇ ଗାଡ଼ି ଚଳାଇବା ପାଇଁ ଡ୍ରାଇଭର ଆବଶ୍ୟକ। ରହିବା ସୁବିଧା ଅଛି। ଉପଯୁକ୍ତ ବେତନ ଦିଆଯିବ।
7750899392, 8249431114

**URGENTLY REQUIRED**
FIELD INVESTIGATION EXECUTIVES for all Odisha location & BACK OFFICE EXECUTIVES having Computer Knowledge for BBSR Office.
**Add:** Flat No. 307, Nirmala Plaza, Forest Park, BBSR-9.
CONTACT MOB: 7504008200
Send Resume to above address & email
dillipkumar00@gmail.com

**ସୁବର୍ଣ୍ଣ ଅବସର "ଭୁବନେଶ୍ୱର"**
**ବାଇକ ଚାଳକ ପାଇଁ ଚାକିରି**
(ପାର୍ଟ ଟାଇମ ଆଉ ଫୁଲ ଟାଇମ ଚାକିରି ଉପଲବ୍ଧ)
**Rs. 18000/-** ପର୍ଯ୍ୟନ୍ତ ପ୍ରତି ମାସ କମାନ୍ତୁ
ଆବଶ୍ୟକ: Bike / Scooter, RC, DL ଆଉ Android ମୋବାଇଲ
Call: 01139589422
Plot No. 40, Lane: L-4, Near ITER College, Jagmohan Nagar, Bhubaneswar - 751030
(Only for Bhubaneswar)

**DRIVER REQUIRED**
Requires Driver for Private Business House for 407 & 709 goods carrying vehicle at Bhubaneswar.
Contact:
9437022584, 9437460875

See **CAREER APPOINTMENT** on every **Wednesday & Saturday**

**LCJ SILVER**
LALCHAND JEWELLERS REQUIRE
1. **SALES CONSULTANT:** 8 Nos.
2. **CASHIER:** 3 Nos.
3. **SALES SUPERVISOR:** 2 Nos.
For the Bhubaneswar Store.
**Minimum Qualification:**
+3 & 2 yrs. Retail/ Jewellery Experience.
Send Resume at Indramani_r@yahoo.com
or CALL: 0674-2534625, 2536666

ସବୁ ଏୟାର ପୋର୍ଟ ହେତୁ ଡାଇରେକ୍ଟ ଭର୍ତ୍ତି ପକ୍କା ଜଏନିଂ । ଶାସକୀୟ, ଅର୍ଦ୍ଧଶାସକୀୟ, ଅପାଠୁଆରୁ ଗ୍ରାଜୁଏଟ 30,500/- ରୁ 75,500/- । ଗ୍ରାଉଣ୍ଡ ଷ୍ଟାଫ, ସୁପରଭାଇଜର, ଏୟାରହୋଷ୍ଟେସ୍, ଲୋଡର, ହେଲପର, ଡ୍ରାଇଭର । ରହିବା + ଖାଇବା + ବୀମା
CONSULTANT
09319469228

**URGENT REQUIREMENT**
**NIGAM SERVICES**
❖ HOUSE MAID
❖ PEON ❖ DRIVER
❖ SECURITY GUARD
❖ SECURITY SUPERVISOR
Monthly Salary: 10000/- to 15000/-
Website address: www.nigamservices.com
Contact: 7064617593, 7064617542

**URGENTLY REQUIRED**
For Ladies Garment Showroom
1. **SALESMAN / SALES GIRL**
2. **PEON**
RIAZ Collections, Shop No.-5, Plot No.-616/4449, Shree Vihar, Patia, Bhubaneswar
Ph.- 9853715701, 9116923462

**KONERU LAKSHMAIAH EDUCATION FOUNDATION**
(Declared u/s 3 of UGC Act 1956)
KL (DEEMED TO BE UNIVERSITY)
VIJAYAWADA | HYDERABAD
Ph: 0866 - 2577715, 040 - 2354 2127
Applications for our Vijayawada & Hyderabad campuses are invited from **Doctorates only** for the positions of
**PROFESSORS**
**ASSOCIATE PROFESSORS**
**ASSISTANT PROFESSORS**
in Engineering (CSE / ECE / Mechanical / Civil / Bio-Tech), Management, Law, Pharmacy, Fine Arts & Architecture.
Apply online at: **www.kluniversity.in/careers.aspx** within 15 days
www.kluniversity.in — REGISTRAR

**WANTED TRUCK DRIVERS URGENTLY**
**THRIVENI LOGISTICS SERVICES LLP**
Required HMV Drivers for:-
Ashok Leyland, TATA & Bharat Benz (14 & 12 Wheels) at Koida and Rourkela Sector.
CONTACT DETAILS:
9437703976, 9658317291
mail to: thrivenilogisticsodisha@gmail.com

**OFFICIALLY JOB**
ଯୋଗ୍ୟତା: ଦଶମ ପାସ୍/ଫେଲ୍, ବୟସ: (18-35) yrs. Monthly Salary upto Rs.25000/-.
Contact Immediately:
Mob: 8763257042

**DIRECT JOINING**
▸ CALL CENTER
▸ DATA ENTRY
▸ TELE CALLER
▸ DELIVERY EXE
▸ BACK OFFICE
▸ AUTOCAD
Qualification +2, +3, ITI, Diploma.
SALARY Rs.6500 To Rs.16000
Age Below 32 years
9937529015, 9853844830

ନୋଟିସ୍: ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

## ସଂକ୍ଷେପରେ

### ୟେସ ବ୍ୟାଙ୍କକୁ ୩୮ କୋଟି ଜରିମାନା

ନୂଆଦିଲ୍ଲୀ,୨୧-୯: ଘରୋଇ କ୍ଷେତ୍ରର ୟେସ୍ ବ୍ୟାଙ୍କ ଜିଏସ୍‌ଟି ନିୟମ ଉଲ୍ଲଂଘନ କରିଥିବା ଅଭିଯୋଗରେ ୩୮ କୋଟି ଟଙ୍କାର ଜରିମାନା ଦେବାକୁ ରିଜର୍ଭ ବ୍ୟାଙ୍କ ନିର୍ଦ୍ଦେଶ ଦେଇଛନ୍ତି। ଦେଶ ଭିତରେ ଟଙ୍କାର ଆଦାନପ୍ରଦାନ ସଂକ୍ରାନ୍ତରେ ବ୍ୟାଙ୍କ ଜିଏସ୍‌ଟି ନିୟମ ଉଲ୍ଲଂଘନ କରିଥିବା ଆର୍‌ବିଆଇ ଅଭିଯୋଗ ଆଣିବା ପରେ ଜରିମାନା ଅର୍ଥକୁ ବ୍ୟାଙ୍କ ପ୍ରଦାନ କରିଛି। ପ୍ରତିବାଦ ସହ ଉକ୍ତ ଅର୍ଥକୁ ଜମା କରାଯାଇଛି ଏବଂ ଏଥିରେ ବ୍ୟାଙ୍କର କୌଣସି ଭୁଲ୍ ନାହିଁ ବୋଲି ଜଣେ ଅଧିକାରୀ କହିଛନ୍ତି। ଏହି ଘଟଣା ଜଣାପଡିବା ପରେ ଶୁକ୍ରବାର ଷ୍ଟକ୍ ମାର୍କେଟରେ ୟେସ୍ ବ୍ୟାଙ୍କ ଶେୟାର ମୂଲ୍ୟ ୨୯ ପ୍ରତିଶତ ହ୍ରାସ ପାଇଥିଲା। ସହରରେ ରୋଜଗାର କରୁଥିବା ଗ୍ରାମୀଣଙ୍କ ଅର୍ଥକୁ ନିଜ ଘରେ ପହଞ୍ଚାଇବାରେ ବ୍ୟାଙ୍କ ତ୍ରୁଟି କରିଛି ବୋଲି ରିଜର୍ଭ ବ୍ୟାଙ୍କ ଅନୁଭବ କରି ଜରିମାନା ଦଣ୍ଡାଦେଶ ଦେଇଥିବା ସେ କହିଛନ୍ତି।

### ଭାରତର ଅଭିବୃଦ୍ଧି ଅନୁମାନ ବୃଦ୍ଧି କଲା ଫିଚ୍

#### ୭.୮% ହେବ ଜିଡିପି

ନୂଆଦିଲ୍ଲୀ,୨୧-୯: ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାର ଆସନ୍ତାବର୍ଷ ସାଧାରଣ ନିର୍ବାଚନର ସମ୍ମୁଖୀନ ହେବାକୁ ଯାଉଥିବା ବେଳେ ରେଟିଂ ଏଜେନ୍ସି ଫିଚ୍ ଚଳିତ ଆର୍ଥିକ ବର୍ଷର ଜିଡିପି ହାର ଅନୁମାନକୁ ବଢ଼ାଇଛି। ଭାରତର ଅଭିବୃଦ୍ଧି ହାର ୭.୪% ରହିବ ବୋଲି ଏଜେନ୍ସି ପୂର୍ବରୁ ଅନୁମାନ କରିଥିବା ବେଳେ ଏବେ ଏହା ୭.୮% ରହିବ ବୋଲି କହିଛି। ପ୍ରଥମ ତ୍ରୈମାସରେ ଦେଶର ଜିଡିପି ଅଭିବୃଦ୍ଧି ହାର ୮.୨% ରହିଥିଲା। ଗ୍ଲୋବାଲ ଇକୋନୋମିକ ଆଉଟଲୁକ୍-ସେପ୍ଟେମ୍ବର ୨୦୧୮ ଶୀର୍ଷକରେ ପ୍ରକାଶିତ ରିପୋର୍ଟରେ ଫିଚ୍ କହିଛି ଯେ, ପୁଞ୍ଜିନିବେଶ/ଜିଡିପି ଅନୁପାତ ହ୍ରାସ ପାଇବା କ୍ରମେ ବନ୍ଦ ହୋଇଥିବା ବେଳେ ସରକାରଙ୍କ ପକ୍ଷରୁ ଭାରି ନିବେଶ ଯୋଗୁ ବିକାଶ ହାର ବଢ଼ିବ।



“ଆଲିବାବା ଅଫିସରେ ବସି କାର୍ଯ୍ୟ କରୁଥିବା ଟେବୁଲରେ ମରିବା ଅପେକ୍ଷା ସମୁଦ୍ର କୂଳରେ ମରିବାକୁ ଅଧିକ ପସନ୍ଦ କରିବି।
– ଜ୍ୟାକ୍ ମା, କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ, ଆଲିବାବା ଗ୍ରୁପ୍



“ଚଳିତ କିମ୍ବା ଆସନ୍ତା ସପ୍ତାହ ପ୍ରାରମ୍ଭ ବେଳକୁ ବିମାନରେ ଯାତ୍ରୀମାନେ ଟେଲିକମ୍ ତଥା ଇଣ୍ଟରନେଟ ସେବା ଲାଭ କରିବାକୁ ସକ୍ଷମ ହେବେ।
– ଅରୁଣା ସୁନ୍ଦର ରାଜନ, ଟେଲିକମ୍ ସଚିବ

# ଦୁଇ ଗୁଣ ବଢ଼ିଛି ନେତା, ମ୍ୟାନେଜରଙ୍କ ଦରମା

ନୂଆଦିଲ୍ଲୀ,୨୧-୯

ଅନ୍ତର୍ଜାତୀୟ ଶ୍ରମ ସଂଗଠନ(ଆଇଏଲ୍‌ଓ) ଇଣ୍ଡିଆ ୱେଜ ରିପୋର୍ଟ ଅନୁଯାୟୀ ୧୯୯୩-୯୪ରୁ ୨୦୧୧-୧୨ ମଧ୍ୟରେ ଦେଶରେ ନେତା ଓ ମ୍ୟାନେଜରଙ୍କ ଦରମା ଦୁଇଗୁଣା ବଢ଼ିଛି। ନ୍ୟାଶନାଲ ସାମ୍ପଲ ସର୍ଭେ ସଂସ୍ଥାର ଡାଟାକୁ ବିଶ୍ଳେଷଣ କରି ପ୍ରସ୍ତୁତ ରିପୋର୍ଟରେ କୁହାଯାଇଛି ଯେ, ଏହି ଅବଧିରେ ସାଂସଦ, ବିଧାୟକ, ବରିଷ୍ଠ ଅଧିକାରୀ ଏବଂ ମ୍ୟାନେଜରଙ୍କ ବାସ୍ତବିକ ହାରାହାରି ବେତନରେ ୯୮% ବୃଦ୍ଧି ହୋଇଛି। ସେହିପରି ପେସାଦାରଙ୍କ ଦରମା ୯୦% ବଢ଼ିଛି। ଅନ୍ୟପକ୍ଷରେ ପ୍ରାୟ ୨ ଦଶକ ହେବ ପ୍ଲାଣ୍ଟ ଓ ମେଶିନ ଅପରେଟରଙ୍କ ହାରାହାରି ବାସ୍ତବିକ ଦୈନିକ ବେତନ କେବଳ ୪୪% ବୃଦ୍ଧି ପାଇଛି। ସମସ୍ତ ଶ୍ରେଣୀରେ ହାରାହାରି ଦୈନିକ ମଜୁରି ୯୩% ବଢ଼ିଥିବା ଲକ୍ଷ୍ୟ କରାଯାଇଛି। ସବୁଠୁ ମଜାର କଥା ହେଲା, ବେତନ ବୃଦ୍ଧିର ଗତି ଧିମା ପଡିଥିବା ପେସାଦାର ଶ୍ରେଣୀରେ ୨୦୦୪-୦୫ ପରେ ସବୁଠୁ ଅଧିକ ଦରମା ବଢ଼ିଛି। ରିପୋର୍ଟରେ କୁହାଯାଇଛି, କୁଶଳତାପୂର୍ଣ୍ଣ ବ୍ୟବସାୟରେ ୨୦୦୪-୦୫ରୁ ୨୦୧୧-୧୨ ମଧ୍ୟରେ ଦୈନିକ ବେତନ ହାରାହାରି ୩.୭% ହାରରେ ବଢ଼ିଛି। ଏହି କାରଣରୁ ସେମାନଙ୍କ ଦରମା କମ୍ ବଢ଼ିଛି। ଏଥିରେ ଆହୁରି କୁହାଯାଇଛି,ସହରୀ ଭାରତରେ ୧୯୯୩-୯୪ରୁ ୨୦୦୧-୦୫ ମଧ୍ୟରେ ବିଶେଷକରି ପେସାଦାର ଓ ପ୍ରଶାସନିକ ସ୍ତରରେ ଅଧିକ ବେତନ ବଢ଼ିଥିବା ଦେଖାଯାଇଛି। ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ, ବେତନ ଆୟୋଗ ଯୋଗୁ କେବଳ ଯେ ସରକାରୀ କର୍ମଚାରୀଙ୍କ ଦରମା ବଢ଼ିଛି ତାହା ନୁହେଁ ଏହାର ପ୍ରଭାବରେ ଘରୋଇ ସେକ୍ଟରରେ ମଧ୍ୟ ଦରମା ବଢ଼ିଛି। ବିଶେଷକରି ବରିଷ୍ଠ ଅଧିକାରୀ ସ୍ତରରେ ଏହା ଦେଖିବାକୁ ମିଳିଛି। ଅନ୍ୟପକ୍ଷରେ ରିପୋର୍ଟରୁ ଜଣାପଡିଛି ଯେ, ମହିଳା ଓ ପୁରୁଷଙ୍କ ହାରାହାରି ଦୈନିକ ବେତନ ସମାନ ଭାବେ ବଢ଼ିନି। ତେବେ ସାଂସଦ, ବିଧାୟକ, ବରିଷ୍ଠ ଅଧିକାରୀ କ୍ଷେତ୍ରରେ ମହିଳା ଓ ପୁରୁଷଙ୍କ ବେତନରେ ତାରତମ୍ୟ କମିଛି। ବିଭିନ୍ନ କ୍ଷେତ୍ରରେ ଲିଙ୍ଗଗତ ମଜୁରି ପାର୍ଥକ୍ୟ ଅନେକାଂଶରେ କମିଥିଲେ ହେଁ ଏବେ ବି ଅନେକାଂଶରେ ଏହି ପାର୍ଥକ୍ୟ ବେଶ ଅନୁଭୂତ ହେଉଛି। ସେହିପରି ପୁରୁଷଙ୍କ ତୁଳନାରେ ମହିଳା କର୍ମଚାରୀମାନେ ସାମାଜିକ ସୁରକ୍ଷା ଲାଭ ପାଇବାରେ ପଛୁଆ ରହିଛନ୍ତି ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି।

**ଆଇଏଲଓ ଇଣ୍ଡିଆ ୱେଜ ରିପୋର୍ଟ**

- ସାଂସଦ, ବିଧାୟକ, ମ୍ୟାନେଜରଙ୍କ ୯୮%, ପେସାଦାରଙ୍କ ୯୦% ବେତନ ବୃଦ୍ଧି
- ପ୍ଲାଣ୍ଟ, ମେଶିନ ଅପରେଟରଙ୍କ ଦରମା ବଢ଼ିଛି ୪୪%
- ହାରାହାରି ଦୈନିକ ମଜୁରି ବୃଦ୍ଧି ପାଇଛି ୯୩%




## ରଦ୍ଦ ହେଲା ୫୫ ହଜାର ଭୂତ କମ୍ପାନୀଙ୍କ ପଞ୍ଜୀକରଣ

ନୂଆଦିଲ୍ଲୀ,୨୧-୯

ଅବୈଧ ନେଣଦେଣକୁ ରୋକିବା ଲାଗି ଦ୍ୱିତୀୟ ପର୍ଯ୍ୟାୟରେ ଆହୁରି ୫୫ ହଜାର ଭୂତ କମ୍ପାନୀଙ୍କ ପଞ୍ଜୀକରଣକୁ ରଦ୍ଦ କରିଦିଆଯାଇଛି। ଏଥିସହ ଅଧିକାଂଶ କମ୍ପାନୀଙ୍କୁ ନୋଟିସ ଜାରି କରାଯିବା ସହ ସେମାନଙ୍କ କାର୍ଯ୍ୟକଳାପ ଉପରେ ନଜର ରଖାଯାଇଛି ବୋଲି କେନ୍ଦ୍ର ସରକାର କହିଛନ୍ତି। କର୍ପୋରେଟ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ପି.ପି.ଚୌଧୁରୀ ମୁମ୍ବାଇରେ ଇଣ୍ଡୋ-ଆମେରିକାନ ଚାମ୍ବର ଅଫ୍ କମର୍ସର ଚତୁର୍ଥ ବାର୍ଷିକ ସମ୍ମିଳନୀରେ ଯୋଗ ଦେବା ଅବସରରେ ଖବରଦାତାଙ୍କୁ କହିଛନ୍ତି ଯେ, ପ୍ରଥମ ପର୍ଯ୍ୟାୟରେ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ଦୁଇ ବର୍ଷରୁ ଅଧିକ ସମୟ ଧରି ରିଟର୍ନ ଦାଖଲ କରି ନ ଥିବା ଏବଂ ଆର୍ଥିକ ବିବୃତି ଜାରି କରି ନ ଥିବା ୨.୨୬ ଲକ୍ଷ ଭୂତ କମ୍ପାନୀଙ୍କ ପଞ୍ଜୀକରଣକୁ ରଦ୍ଦ କରାଯାଇସାରିଛି। ସେ କହିଛନ୍ତି, ଗୋଟିଏ କୋଠରିରେ ହିଁ ୪୦୦ ଭୂତ କମ୍ପାନୀ ଚାଲୁଥିବାର ସରକାରଙ୍କ ନଜରକୁ ଆସିଛି। ମନି ଲଣ୍ଡରିଂ କାର୍ଯ୍ୟକଳାପ ଚଳାଇବା ଲାଗି କର୍ପୋରେଟ ଜଗତକୁ ବ୍ୟବହାର କରା ନ ଯାଉ ଏହା ସରକାର ସୁନିଶ୍ଚିତ କରିବାକୁ ଚାହାନ୍ତି। ସିରିୟସ ଫ୍ରଡ ଇନଭେଷ୍ଟିଗେଶନ ଅଫିସ (ଏସ୍‌ଏଫ୍‌ଆଇଓ) ଏବଂ ତଦନ୍ତକାରୀ ଏଜେନ୍ସିଗୁଡିକ ଏକାଠି ଭୂତ କମ୍ପାନୀଙ୍କ ସମ୍ପର୍କରେ ତଦନ୍ତ ଚଳାଇଛନ୍ତି। ଆବଶ୍ୟକସ୍ଥଳେ ସେମାନେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି।

**ଦୁର୍ଘଟଣାଜନିତ କ୍ଷତିପୂରଣ ପ୍ରଦାନ**

## ବୀମାଭୁକ୍ତ ହୋଇ ନ ଥିବା ଗାଡ଼ି ବିକ୍ରି ହେବ

ନୂଆଦିଲ୍ଲୀ,୨୧-୯

ବୀମାଭୁକ୍ତ ହୋଇ ନ ଥିବା ଗାଡ଼ି ଯଦି ଦୁର୍ଘଟଣା ଘଟାଏ ସେ କ୍ଷେତ୍ରରେ ଦୁର୍ଘଟଣା ଘଟାଇଥିବା ଗାଡ଼ିର ମାଲିକ କ୍ଷତିଗ୍ରସ୍ତ ବ୍ୟକ୍ତି ଅଥବା ତାଙ୍କ ପରିବାରବର୍ଗଙ୍କୁ ଉଚିତ୍ କ୍ଷତିପୂରଣ ଦେବେ ବୋଲି ସୁପ୍ରିମକୋର୍ଟ ତାଙ୍କ ରାୟରେ ପ୍ରକାଶ କରିଛନ୍ତି। ଯଦି ଗାଡ଼ି ମାଲିକ ସେହି ଅର୍ଥ ଦେବାକୁ ଅକ୍ଷମ ହୁଅନ୍ତି, ତେବେ ସେ କ୍ଷେତ୍ରରେ ତାଙ୍କ ଗାଡ଼ିକୁ ବିକ୍ରି କରି ସେହି ଅର୍ଥକୁ କ୍ଷତିଗ୍ରସ୍ତ ପରିବାରକୁ ଦିଆଯିବ ବୋଲି ରାୟରେ ଉଲ୍ଲେଖ କରାଯାଇଛି। ଏଥିରେ କୁହାଯାଇଛି ଯେ, ଗାଡ଼ି ବିକ୍ରି ଅର୍ଥକୁ କ୍ଲେମ ଟ୍ରିବ୍ୟୁନାଲରେ ଜମା କରାଯିବ। ପ୍ରଚଳିତ ବ୍ୟବସ୍ଥାରେ ତୃତୀୟ ପକ୍ଷ ବୀମା ବ୍ୟବସ୍ଥା ରହିଥିଲେ ହେଁ ଅଧିକାଂଶ ଗାଡ଼ିକୁ ବୀମାଭୁକ୍ତ କରାଯାଉନି। ଏ କ୍ଷେତ୍ରରେ ଦୁର୍ଘଟଣା ଘଟିଲେ ବୀମା ହୋଇ ନ ଥିବା ଗାଡ଼ି ମାଲିକ କ୍ଷତିପୂରଣ ଦେବେ। ନିକଟରେ ସୁପ୍ରିମକୋର୍ଟ ତାଙ୍କ ରାୟରେ କହିଛନ୍ତି ଯେ, ବୀମାଭୁକ୍ତ ହୋଇ ନ ଥିବା ଗାଡ଼ି ମାଲିକଙ୍କ ଠାରୁ କ୍ଷତିପୂରଣ ଅର୍ଥ ଆଦାୟ କରାଯିବ। ସେ ସେହି ଅର୍ଥ ଦେଇ ନ ପାରିଲେ ୩ ମାସ ମଧ୍ୟରେ ତାଙ୍କର ଗାଡ଼ି ବିକ୍ରି କରି ଅର୍ଥ ସଂଗ୍ରହ କରାଯିବ।

## ଓଡିଶାର ନଂ.୧ ବାଇକ୍ ଭାବେ ଗ୍ଲାମରର ସଫଳତା ପାଳିଲା ହିରୋ ମୋଟୋକର୍ପ



ଭୁବନେଶ୍ୱର,୨୧-୯

ହିରୋ ମୋଟୋ କର୍ପ ଲିମିଟେଡର ଅନ୍ୟତମ ଲୋକପ୍ରିୟ ମଡେଲ ଗ୍ଲାମର ଓଡିଶାରେ ନମ୍ବର ୱାନ ମୋଟରସାଇକେଲ ହେବାର ଗୌରବ ଅର୍ଜନ କରିଛି। କମ୍ପାନୀ ରାଜ୍ୟରେ ଥିବା ଏହାର ଡିଲରଶିପଗୁଡିକରେ ଏହି ସଫଳତାକୁ ନେଇ ଉତ୍ସବ ପାଳନ କରୁଛି। ଏହି କାର୍ଯ୍ୟକ୍ରମରେ ଗ୍ଲାମର ଗ୍ରାହକମାନେ ବିପୁଳ ସଂଖ୍ୟାରେ ଯୋଗ ଦେଉଥିବା କମ୍ପାନୀ ପ୍ରକାଶ କରିଛି। କୋରାପୁଟର ଜୟପୁରସ୍ଥିତ 'ସୁପ୍ରିମ ହିରୋ' ଡିଲରଶିପରେ ଏଭଳି ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ଡିଲରଶିପର ପରିଚାଳନା ନିର୍ଦ୍ଦେଶକ ଅମନ ଖୁରାନା କର୍ମଚାରୀ ତଥା ଗ୍ରାହକଙ୍କ ସହ ଉତ୍ସବକୁ ପାଳନ କରିଥିଲେ।

ପାର୍ବଣ ପାଖେଇ ଆସୁଥିବା ବେଳେ ଗ୍ରାହକଙ୍କ ନିକଟତର ହୋଇଥିବାରୁ ଗ୍ଲାମର ସାରା ରାଜ୍ୟରେ କାର୍ନିଭାଲ ପାଳନ କରୁଛି। ଏହି ମଡେଲ ଗ୍ରାହକଙ୍କୁ ଅତୁଳନୀୟ ଷ୍ଟାଇଲ୍ ଆଣ୍ଡ ପାୱାର ପ୍ରଦାନ କରୁଛି। ଏଭଳି ପ୍ରମୁଖ ବୈଶିଷ୍ଟ୍ୟ ଯୋଗୁ ଗ୍ରାହକମାନେ ଏହାକୁ ଭଲ ପାଇବା ସହ ନିଜର କରିଛନ୍ତି ବୋଲି କମ୍ପାନୀ କହିଛି। ବ୍ରାଣ୍ଡ ଉପରେ ଭରସା ତଥା ଭଲ ପାଇବା ଲାଗି ହିରୋ ମୋଟୋ କର୍ପ ସମସ୍ତ ଗ୍ରାହକଙ୍କୁ କୃତଜ୍ଞତା ପ୍ରଦାନ କରିଛି। ଏହି ଅବସରରେ ଗ୍ରାହକଙ୍କ ଲାଗି ବିଶେଷ ରିହାତି ସୁବିଧା ପ୍ରଦାନ କରାଯାଉଛି। କମ୍ପାନୀ ଏହାର ଗ୍ରାହକଙ୍କୁ ଆକର୍ଷକ ୪୯୯୯ ଟଙ୍କାର ଲୋ ଡାଉନ ପେମେଣ୍ଟ ସୁବିଧା ଦେଉଥିବା ପ୍ରକାଶ କରିଛି।

## ସ୍କୋଡା ଅଟୋ ଇଣ୍ଡିଆର ନୂଆ ରାପିଡ୍ ଓନିକ୍ସ ମଡେଲ

ନୂଆଦିଲ୍ଲୀ,୨୧-୯



ସ୍କୋଡା ଅଟୋ ଇଣ୍ଡିଆ ପକ୍ଷରୁ ରାପିଡ୍ ଓନିକ୍ସ ମଡେଲ ବଜାରକୁ ଆସିଛି। ଏହାର ବଜାର ଦର ୯.୭୫ ଲକ୍ଷ ଟଙ୍କା ରହିଛି। ଲାପିଜ ବ୍ଲୁ ଏବଂ କ୍ୟାଣ୍ଡି ହ୍ୱାଇଟ୍ ଭଳି ଦୁଇଟି ରଙ୍ଗରେ ଏହା ଉପଲବ୍ଧ। ସ୍କୋଡାର ସମସ୍ତ ଅଧିକୃତ ଡିଲରଶିପରେ ମଡେଲଟି ଉପଲବ୍ଧ ହେବ। ଏଥିରେ ଗ୍ରାହକମାନେ ଡାଇନାମିକ ଆପିଅରାନ୍ସ ଲାଭ କରିପାରିବେ। ଆକର୍ଷକ ଏକ୍ସଟେରିୟର, କ୍ଲବର୍ ଆଲଏ ହ୍ୱିଲ୍, ଆଇଡେଣ୍ଟିକାଲ ବୋଲ୍ଡ କ୍ୟାପ୍, ଗ୍ଲସି ବ୍ଲାକ ଆର୍‌ଭିଏମ୍ ସୁବିଧା ଏଥିରେ ରହିଛି। ସେହିଭଳି ସୁରକ୍ଷା ତଥା ନିରାପତ୍ତା ବୈଶିଷ୍ଟ୍ୟ, ଡୁଆଲ୍ ଏୟାର ବ୍ୟାଗ୍, ଏବିଏସ୍, ଇଏସ୍‌ସି, ଏଚ୍‌ଏଚ୍‌ସି ଭଳି ଅତ୍ୟାଧୁନିକ ଫିଚର ଗ୍ରାହକ ମଡେଲଟିରେ ପାଇ ପାରିବେ। ଆପିଲିଙ୍ଗ ଡିଜାଇନ୍ ଫିଲୋଶଫି, ଆରାମ ସୁବିଧା ଗ୍ରାହକଙ୍କ ଲାଗି ଉପଲବ୍ଧ ରହିଥିବା କମ୍ପାନୀ ପ୍ରକାଶ କରିଛି। ଏହା ମାନୁଆଲ ଏବଂ ଅଟୋମେଟିକ ଟ୍ରାନ୍ସମିଶନରେ ଆସୁଛି। ପେଟ୍ରୋଲ ଓ ଡିଜେଲ ଭାରିଆଣ୍ଟରେ ଏହା ଉପଲବ୍ଧ।

■ ୪ ଦିନରେ ବୁଡ଼ିଗଲା ୫.୬୬ ଲକ୍ଷ କୋଟି

# ସେନ୍‌ସେକ୍ସ ୩୭ ହଜାର ତଳକୁ ଖସିଲା

ମୁମ୍ବାଇ,୨୧-୯

ଷ୍ଟକ ବଜାରରେ କ୍ରମାଗତ ୪ ଦିନ ହେଲା ନିବେଶକଙ୍କ ପୁଞ୍ଜି ବୁଡ଼ିଛି। ଶୁକ୍ରବାର ସୁଦ୍ଧା ସେମାନେ ୫,୬୬,୧୮୭ କୋଟି ଟଙ୍କା ହରାଇ ସାରିଲେଣି। ଶୁକ୍ରବାର ବଜାର ବନ୍ଦ ହେବା ବେଳକୁ ୩୦ ଶେୟାର ବିଶିଷ୍ଟ ସେନସେକ୍ସ ୨୭୯.୬୨ ପଏଣ୍ଟ ହ୍ରାସ ପାଇ ୩୭ ହଜାର ତଳକୁ ଖସି ୩୬,୮୪୧ରେ ଏବଂ ୫୦ ଶେୟାର ନିଫ୍ଟି ୯୧.୨୫ ପଏଣ୍ଟ ହ୍ରାସ ପାଇ ୧୧,୧୪୩ରେ ବନ୍ଦ ହୋଇଛି। ଶୁକ୍ରବାର ସେନସେକ୍ସରେ ତାଲିକାଭୁକ୍ତ କମ୍ପାନୀଙ୍କ ବଜାର ପୁଞ୍ଜି ୨,୦୨,୪୩୩.୨୬ କୋଟି ହ୍ରାସ ପାଇଛି। ସକାଳେ ଷ୍ଟକ୍ ମାର୍କେଟ ଖୋଲିବାର କିଛି ସମୟ ଭିତରେ ସେନସେକ୍ସ ୧,୧୨୮ ପଏଣ୍ଟ ହ୍ରାସ ପାଇଥିବା ଦେଖାଯାଇଥିଲା। ଫଳରେ ଏହାକୁ ନେଇ ନିବେଶକଙ୍କ ମଧ୍ୟରେ ଆତଙ୍କ ଖେଳି ଯାଇଥିଲା। ସୂଚନାଥାଉ କି, ଶୁକ୍ରବାର ସୁଦ୍ଧା ମାତ୍ର ୪ ସେସନରେ ସେନସେକ୍ସ ୧୨୪୯ ପଏଣ୍ଟ ଏବଂ ନିଫ୍ଟିରେ ୩୭୨ ପଏଣ୍ଟ ହ୍ରାସ ପାଇସାରିଲାଣି। ଡିଏଚ୍‌ଏଫ୍‌ଏଲ୍ ନେତୃତ୍ୱରେ ଅଣ-ବ୍ୟାଙ୍କିଙ୍ଗ ଆର୍ଥିକ ସଂସ୍ଥା କମ୍ପାନୀ ଏବଂ ୟେସ ବ୍ୟାଙ୍କର ପ୍ରତିଷ୍ଠାତା ସିଇଓ ରାଣା କପୁରଙ୍କ କାର୍ଯ୍ୟକାଳକୁ ରିଜର୍ଭ ବ୍ୟାଙ୍କ ହ୍ରାସ କରିବାକୁ ନିବେଶକମାନେ ସହଜରେ ଗ୍ରହଣ କରିପାରୁ ନାହାନ୍ତି।




## ଫିଲିପ୍ସର ଟ୍ରେଡ ପାର୍ଟନର ମିଟ୍



ଭୁବନେଶ୍ୱର,୨୧-୯

ପ୍ରମୁଖ କମ୍ପାନୀ ଫିଲିପ୍ସ ଇଣ୍ଡିଆ ଲିମିଟେଡ୍ ଓ ଏହାର ପାର୍ଟନର ଆର୍‌ଡି ଏଣ୍ଟରପ୍ରାଇଜେସ୍ ପକ୍ଷରୁ 'ଟ୍ରେଡ ପାର୍ଟନର ମିଟ୍ ୨୦୧୮' ଭୁବନେଶ୍ୱରର ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ଏଠାରେ ଭୁବନେଶ୍ୱର, ଖୋର୍ଦ୍ଧା, କଟକ, ପୁରୀ ଏବଂ ନୟାଗଡ ଭଳି ସ୍ଥାନରୁ କମ୍ପାନୀ ସହ ଜଡିତ ପ୍ରାୟ ୨୦୦ ପ୍ରତିନିଧି ଅଂଶ ଗ୍ରହଣ କରିଥିଲେ। ଆଗାମୀ ପାର୍ବଣକୁ ଧ୍ୟାନରେ ରଖି କମ୍ପାନୀ ଏଭଳି ଏକ କାର୍ଯ୍ୟକ୍ରମ ଆୟୋଜନ କରିଥିଲା। ଗ୍ରାହକଙ୍କ ନିକଟତର ହେବାକୁ କମ୍ପାନୀ ଏଭଳି ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛି। ପାର୍ବଣ ଉପଲକ୍ଷେ ଫିଲିପ୍ସ 'ହଜାର ପେ ହଜାର ଅଫର' ପ୍ରଦାନ କରୁଛି। ଏହା କେତେକ ବଛା ବଛା ଡୋମେଷ୍ଟିକ୍ ଆପ୍ଲାଏନ୍ସ ଉପରେ ଲାଗୁ ହେବ। ଏଥିରେ କମ୍ପାନୀର ଏକହଜାର ଟଙ୍କାର ସାମଗ୍ରୀ କ୍ରୟ ଉପରେ ୧ ହଜାର ଟଙ୍କା ଅଫର ଭାବେ ପ୍ରଦାନ କରାଯାଉଛି। କମ୍ପାନୀ କେତେକ ବଛା ବଛା ପ୍ରଡକ୍ଟ ଉପରେ ୫ ବର୍ଷ ପର୍ଯ୍ୟନ୍ତ ୱାରେଣ୍ଟି ପ୍ରଦାନ କରୁଛି।

ପର୍ସନାଲ କେୟାର ପ୍ରଡକ୍ଟ କ୍ରୟ ଉପରେ ଏହି ସମୟରେ ଗ୍ରାହକମାନେ ଆକର୍ଷଣୀୟ ଉପହାର ଲାଭ କରିପାରିବେ ବୋଲି ଫିଲିପ୍ସ ପକ୍ଷରୁ ସୂଚନା ରହିଛି। କମ୍ପାନୀ ବର୍ତ୍ତମାନ କିଚେନ ଆପ୍ଲାଏନ୍ସ, ଗାର୍ମେଣ୍ଟ କେୟାର, ପର୍ସନାଲ କେୟାର, ଏୟାର ପ୍ୟୁରିଫାୟର ବର୍ଗରେ ପ୍ରଡକ୍ଟ ଶୃଙ୍ଖଳା ବଜାରକୁ ଆଣିଛି। ଶୁକ୍ରବାର ଏହା ହଲକ୍ ଫ୍ଲାସ ପ୍ରିମିୟମ ମିକ୍ସର ଗ୍ରାଇଣ୍ଡର ଏବଂ ନୂତନ ବର୍ଗରେ ଫୋନିକ୍ସ ରେଞ୍ଜରେ ଡ୍ରାଏ ଆଇରନ ବଜାରକୁ ଆଣିଛି। ଏହା ବାଦ କମ୍ପାନୀ ନିକଟରେ ରବିନ ମିକ୍ସର ଗ୍ରାଇଣ୍ଡର, ହ୍ୟାଣ୍ଡ ମିକ୍ସର, ସ୍ଲୋ ଜୁସର, ଷ୍ଟିମ୍ ଆଇରନ, ନୂଆ ରେଞ୍ଜର ଗାର୍ମେଣ୍ଟ ଷ୍ଟିମର, ଭାକ୍ୟୁମ କ୍ଲିନର, ନୂଆ ରେଞ୍ଜର ଟ୍ରିମର ଓ ସେଭର ବଜାରକୁ ଆଣିଛି। କାର୍ଯ୍ୟକ୍ରମ ଅବସରରେ କମ୍ପାନୀର ଆଞ୍ଚଳିକ ମୁଖ୍ୟ ଅମିତାଭ ଶାହା, ବ୍ରାଞ୍ଚ ମୁଖ୍ୟ ଶୈଳେନ୍ଦ୍ର ଚୌଧୁରୀ, ଏରିଆ ସେଲ୍‌ସ ମ୍ୟାନେଜର କଷ୍ଟ ଚରଣ ନାୟକ, ବ୍ରାଞ୍ଚ ସର୍ଭିସ ମୁଖ୍ୟ ପବିତ୍ର ପଣ୍ଡା ଏବଂ ବିଜନେସ ପାର୍ଟନର ପ୍ରତାପ ଶଙ୍କର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।


**BHUBANESWAR MUNICIPAL CORPORATION**

**No.31547 COMPETITIVE BIDDING THROUGH e-Procurement Dt.21/09/18**

**NOTICE INVITING TENDER**

**Bid Reference No. BMC-EE DIV-1-17/2018-19, Dt.20.09.2018**

On behalf of the Commissioner, Bhubaneswar Municipal Corporation (BMC), on-line e-tender **Percentage Rate Bids** are invited by the Executive Engineer-I, BMC from the intending and eligible class/category of bidders in conformity with the Detailed Tender Call Notice for execution of the works mentioned in the DTCN. Contractors validly registered/empanelled under BMC are also eligible to participate for the works having estimated cost up to Rs.4.00 lakhs.

Only the Bid Reference No. (BMC-EE DIV-I-17/2018-19) should be written clearly over (superscribed) the envelop containing the bid documents to be submitted by each intending bidder. Nowhere on the envelop the bidders should write Work Name and/or its Sl. No., failing which, such bids shall be rejected outrightly and will not be opened for evaluation. Such non-opened envelops shall be refunded on demand with proper acknowledgement. The affidavit to be submitted/furnished by the intending bidders should feature Name of the Work and/or its Sl. No. It is, therefore, urged that all the intending bidders should go through the tender call notice and DTCN thoroughly and submit their bids accordingly. In case of any mis-match or inconsistency or contradict among different clauses/conditions/instructions/ information mentioned in this tender call notice or in the DTCN, then necessary clarification shall be issued by BMC on specific request without compromising the transparency. Clarifications required, if any, on any matter related to this tender notice, shall be furnished by an authorized officer, Sri S.C Mallia, HA-cum-Acct., BMC Division No.I (Tel. No.9861094727) (during office hours only) till the stipulated last date and time of submission of on-line tender.

1. Total No. of works for which Tenders invited: **31** Nos.
2. Place of Execution : Different locations under **Division-1** of Bhubaneswar Municipal Corporation
3. Estimated Cost of Individual Work : **Rs. 408198/- to Rs. 446512/-**
4. Eligible Class of Contractors –: Registered Contractors of **Class-'D' to Class-'A'** as indicated against each work mentioned in the tender call notice and **BMC Contractors** for the works having estimated cost up to Rs.4.00 lakhs only.
5. Intending bidders have to participate through **"On-Line"** bidding only. The website for online bidding is https://www.tendersodisha.gov.in.
6. The bid documents will be available in the above website from **11.00 A.M of 22.09.2018 to 5 P.M of 01.10.2018** for online bidding.
7. Bids received will be opened at **4.30 P.M onwards on 03.10.2018.**
8. The bidder must possess valid and Compatible **Digital Signature Certificate (DSC).**
9. Further details are available in the DTCN. The DTCN **for 31 Nos.** of works shall be available during the aforesaid period in the e-procurement portal https://www.tendersodisha.gov.in for on-line bidding and in BMC website https://www.bmc.gov.in for view, download and information of all concerned.

**On behalf of Commissioner, BMC, Bhubaneswar**
**Executive Engineer, BMC Division No.-I**

**Progress Through Partnership for a Better Bhubaneswar**



**JOINT ENTRANCE EXAMINATION - 2018, ODISHA**

**NOTICE FOR BAMS / BHMS ADMISSION-2018**

**No: 423/OJEE2018** | **TENTATIVE SCHEDULE** | **Date : 21/09/2018**

| | |
|---|---|
| On-line Registration, Choice Filling and Choice Locking | 24-09-2018 to 30-09-2018 |
| Provisional Allotment | 03-10-2018 |
| Document Verification at **Nodal Centre, OJEE CELL, Gandamunda, Bhubaneswar** (only for Candidates who have got provisional allotment as above). | 05-10-2018 and 06-10-2018 |
| Last date for Withdrawal for Candidates (who wish to withdraw from the Admission process) | **06-10-2018, 5 PM** (only at Nodal Center, OJEE Cell) |
| Final Allotment | 07-10-2018 |
| Document Verification at **Nodal Center OJEE CELL, Gandamunda, Bhubaneswar for Freshly Allotted Candidates only** (Candidates who have already verified after Provisional Allotment, need not come again for document verification) | 09-10-2018 |
| Reporting to Allotted Institution for Final Admission | 09-10- 2018 to 11-10-2018 |
| Spot Admission (if vacancy arises due to any reason) | 30-10-2018 and 31-10-2018 |

*The Physically Challenged **(PC)** Category Candidates of NEET-2018 rank holders, who are interested to take admission in **PC** Category for **BHMS / BAMS courses in different Govt. and Private colleges of Odisha** are required to attend the Medical Board at **LT – II, SCB Medical College, Cuttack on 25.09.2018 OR 26.09.2018 at 10.00 AM**. Candidates are required to bring their **Admit Card /Rank Card and Photo Identity** to the Medical Board. Decision of Medical Board is final and binding. Admission to PC category will be made only as per the result of this board.*
*The candidates appeared medical board earlier during Engineering counselling 2018/Medical Counselling 2018 are not required to attend the PC board again.*

**ELIGIBILITY :**
1. Candidates interested to participate in the BAMS/BHMS counselling must be qualified Rank holders of NEET (UG)-2018.
2. The candidates must be of at least **17 years** of age as on **31.12.2018**.
3. The parents of the candidates must be permanent natives of Odisha. Every candidate has to produce **Resident / Nativity certificate** during certificate verification.
4. The candidates must have passed +2 Sc. and in the subjects of **Physics, Chemistry, Biology and English** individually and must have secured minimum of 50% marks taken together in **Physics, Chemistry & Biology** at +2 Sc. level for General Candidate (GE). This minimum mark is 40% for SC/ST candidates.
5. **Only the Candidates who have duly registered and filled their choices will be considered for Selection / Admission**.

**PAYMENT OF FEES :**
1. During registration, candidates have to pay registration fee of Rs.1000/- online.
2. Allotted candidates have to deposit a part admission fee of Rs.5000/- (SC, ST and PC) or Rs10000/-(other category candidates) through online in the web portal or at any Axis Bank counter. Challan form is available in OJEE webpage as well as in Axis Bank. During document verification, candidates must come with online fee payment receipt or the receipt of Axis Bank which they will get after depositing the part admission fee in the bank.

**N.B. For more information, please visit the website www.ojee.nic.in**

**Sd/-**
**CHAIRMAN, OJEE-2018**

"ଭାରତୀୟ କ୍ରିକେଟ ଦଳ ପୁଣି ଥରେ ଯେତେବେଳେ ଇଂଲଣ୍ଡ ଟୁର୍‌ରେ ଯିବ, ସେତେବେଳେ ଏହାର ବ୍ୟାଟ୍ସମ୍ୟାନମାନେ ଭଲରୂପେ ପ୍ରସ୍ତୁତ ହୋଇଯିବା ଉଚିତ୍ ।
—ରାହୁଲ ଦ୍ରାବିଡ, ଭାରତର ପୂର୍ବତନ ଅଧିନାୟକ



"ମାଞ୍ଚେଷ୍ଟର ସିଟି ଫୁଟ୍‌ବଲ କ୍ଲବରେ ମୁଁ ଅତିକମ୍‌ରେ ୧୦ ବର୍ଷ ରହିବା ଲାଗି ମନସ୍ଥ କରିଥିଲି । ଚୁକ୍ତି ମିଆଦ ବୃଦ୍ଧି ଦ୍ୱାରା ଏହା ସମ୍ଭବ ହେବାକୁ ଯାଉଛି ।
—ସର୍ଗିଓ ଆଗୁଏରୋ, ଆର୍ଜେଣ୍ଟିନା ଫୁଟ୍‌ବଲ ଖେଳାଳି



## ସଂକ୍ଷେପରେ

### ତାମିଲନାଡୁର ବୃହତ୍ ବିଜୟ

କଟକ ଅଫିସ,୨୧।୯: କଟକରେ ଚାଲିଥିବା ୨୪ତମ ସିନିୟର ମହିଳା ଜାତୀୟ ଫୁଟବଲ ଚାମ୍ପିୟନଶିପ୍‌ରେ ଶୁକ୍ରବାର ୫ଟି ମ୍ୟାଚ୍ ଖେଳାଯାଇଛି। ଏଥିରେ ତାମିଲନାଡୁ ୧୩-୦ ଗୋଲରେ ବୃହତ ବ୍ୟବଧାନରେ ଚଣ୍ଡିଗଡ଼କୁ ପରାସ୍ତ କରିଛି। ଅନ୍ୟ ମ୍ୟାଚ୍‌ରେ ମଧ୍ୟପ୍ରଦେଶ ୫-୦ ଗୋଲରେ ଝାଡ଼ଖଣ୍ଡକୁ, ପଣ୍ଡିଚେରୀ ୭-୦ ଗୋଲରେ ଉତ୍ତରାଖଣ୍ଡକୁ, ଆସାମ ୫-୦ ଗୋଲରେ କେରଳକୁ ଓ ମହାରାଷ୍ଟ୍ର ୩-୦ ଗୋଲରେ ମିଜୋରାମକୁ ପରାସ୍ତ କରିଛି।

### ଫିଲ୍ମ ପୋଷ୍ଟରକୁ ନେଇ ଚର୍ଚ୍ଚାରେ କୋହଲି

ନୂଆଦିଲ୍ଲୀ,୨୧।୯: ଚଳିତ ଏସିଆ କପ୍‌ରୁ ବିଶ୍ରାମ ଦିଆଯାଇଥିବା ଭାରତୀୟ ଦଳର ନିୟମିତ ଅଧିନାୟକ ବିରାଟ କୋହଲି ଏବେ ନୂଆ କାରଣ ଲାଗି ଚର୍ଚ୍ଚାକୁ ଆସିଛନ୍ତି। କୋହଲି ଶୁକ୍ରବାର ସୋସିଆଲ ମିଡିଆ ସାଇଟ୍ ଟୁଇଟର ଓ ଇନଷ୍ଟାଗ୍ରାମରେ ଏକ ଫିଲ୍ମ ପୋଷ୍ଟର ଅପଲୋଡ କରିଛନ୍ତି। ଏଥିରେ କୋହଲିଙ୍କୁ ଏକ ସୁପରହିରୋ ଲୁକରେ ଦେଖିବାକୁ ମିଳିଛି। ଏଥିସହ ଫଟୋ ଉପରେ 'ଇଣ୍ଟରଡ୍ୟୁସିଂ ବିରାଟ କୋହଲି, ଟ୍ରେଲର ଦ ମୁଭି' ଲେଖାଅଛି। ଏହାର କ୍ୟାପଶନରେ କୋହଲି ଲେଖିଛନ୍ତି, ୧୦ ବର୍ଷ ପରେ ପୁଣି ଥରେ ପଦାର୍ପଣ କରୁଛି, ଅପେକ୍ଷା ହେଉନାହିଁ। ତେବେ ଏହା ଏକ ଶର୍ଟ ଫିଲ୍ମ ବୋଲି ଆଶା କରାଯାଉଛି।

### ଶ୍ରୀଲଙ୍କା ବିପକ୍ଷ ଦ୍ୱିତୀୟ ମ୍ୟାଚ ଅଧାରୁ ବାତିଲ

କଲମ୍ବୋ, ୨୧।୯ (ପି.ଟି.): ପ୍ରବଳ ବର୍ଷା ଯୋଗୁ ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ଶୁକ୍ରବାର ଖେଳାଯିବାକୁଥିବା ଦ୍ୱିତୀୟ ଅନ୍ତର୍ଜାତୀୟ ମହିଳା ଟି୨୦ ମ୍ୟାଚକୁ ଅଧାରୁ ବାତିଲ କରିଦିଆଯାଇଛି। ବର୍ଷା କାରଣରୁ ମ୍ୟାଚ ଅଧଘଣ୍ଟା ବିଳମ୍ବରେ ଆରମ୍ଭ ହୋଇଥିଲା। ଭାରତ ଟସ୍ ଜିତି ବୋଲିଂ ନିଷ୍ପତ୍ତି ନେଇଥିଲା। ଘରୋଇ ଦଳ ଏକଦା ୭.୫ ଓଭରରେ ୩ ଉଇକେଟ ବିନିମୟରେ ୪୯ରନ କରିଥିବା ବେଳେ ପ୍ରବଳ ବର୍ଷା ହେବାରୁ ମ୍ୟାଚକୁ ବାତିଲ କରିବାକୁ ପଡ଼ିଥିଲା। ବୁଧବାର ଅନୁଷ୍ଠିତ ପ୍ରଥମ ଟି୨୦ରେ ଭାରତ ୧୩ ରନରେ ବିଜୟ ଲାଭ କରିଥିଲା। ୫ ମ୍ୟାଚ ବିଶିଷ୍ଟ ସିରିଜର ତୃତୀୟ ମ୍ୟାଚ ଏଠାରେ ଶନିବାର ଖେଳାଯିବ।

### ଦିଲ୍ଲୀରେ ମହିଳା ବକ୍ସିଂ ବିଶ୍ୱ ଚାମ୍ପିୟନଶିପ୍

ନୂଆଦିଲ୍ଲୀ,୨୧।୯(ପି.ଟି.) ଦୀର୍ଘ ଏକ ଦଶନ୍ଧିର ବ୍ୟବଧାନ ପରେ ମହିଳା ବକ୍ସିଂ ବିଶ୍ୱ ଚାମ୍ପିୟନଶିପ୍ ଦେଶରେ ଆୟୋଜିତ ହେବାକୁ ଯାଉଛି। ଆଗାମୀ ନଭେମ୍ବର ୧୫ ତାରିଖଠାରୁ ଏହି ସମ୍ମାନଜନକ ଟୁର୍ଣ୍ଣାମେଣ୍ଟ ଏଠାରେ ଅନୁଷ୍ଠିତ ହେବ। ଏ ନେଇ ଅନ୍ତର୍ଜାତୀୟ ବକ୍ସିଂ ଆସୋସିଏଶନ (ଏଆଇବିଏ) ଶୁକ୍ରବାର କହିଛି। ନଭେମ୍ବର ୧୩ ତାରିଖ ସୁଦ୍ଧା ଅଂଶଗ୍ରହଣକାରୀ ଦଳମାନେ ପହଞ୍ଚିବେ। ଅନ୍ତିମ ଥର ୨୦୦୬ରେ ଏହି ଇଭେଣ୍ଟରେ ଦେଶରେ ଆୟୋଜିତ ହୋଇଥିଲା।

### ଡକ୍ଟରେଟ୍ ଡିଗ୍ରୀକୁ ସଚିନଙ୍କ ନା'

କଲିକତା,୨୧।୯: ଯାଦବପୁର ବିଶ୍ୱବିଦ୍ୟାଳୟ ପଦାଧିକାରୀମାନେ ଅଲିମ୍ପିକ୍ସ ପଦକଧାରୀ ମେରୀକମ୍ ଓ କିମ୍ବଦନ୍ତୀ କ୍ରିକେଟର ସଚିନ ତେନ୍ଦୁଲକରଙ୍କୁ ସମ୍ମାନଜନକ ଡି. ଲିଟ୍ ଉପାଧିରେ ସମ୍ମାନିତ କରିବାକୁ ନିଷ୍ପତ୍ତି ନେଇଥିଲେ। ମାତ୍ର ନୈତିକତା ଦୃଷ୍ଟିରୁ ସଚିନ ଏହାକୁ ଗ୍ରହଣ କରିବାକୁ ମନା କରି ଦେଇଛନ୍ତି। ଆସନ୍ତା ଡିସେମ୍ବର ୨୪ ତାରିଖରେ ବିଶ୍ୱବିଦ୍ୟାଳୟର ୬୩ତମ ବାର୍ଷିକ କନଭୋକେଶନ ଅବସରରେ ଉଭୟ ମେରୀକମ୍ ଓ ସଚିନଙ୍କୁ ସମ୍ମାନିତ କରାଯିବାର କାର୍ଯ୍ୟକ୍ରମ ଥିଲା। "ଆମେ ସଚିନଙ୍କୁ ଡି. ଲିଟ୍ ଉପାଧିରେ ସମ୍ମାନିତ କରିବାକୁ ନିଷ୍ପତ୍ତି ନେଇଥିଲୁ। ଆମେ ତାଙ୍କ ନିକଟକୁ ମଧ୍ୟ ଯାଇଥିଲୁ। ମାତ୍ର ସେ ଆମକୁ ଏବେ ମେଲ କରିଛନ୍ତି, ସେ ନୈତିକତା ଦୃଷ୍ଟିରୁ ଏହାକୁ ଗ୍ରହଣ କରିପାରିବେ ନାହିଁ" ବୋଲି ଜାଦବପୁର ବିଶ୍ୱବିଦ୍ୟାଳୟ ଭାଇସ ଚାନ୍ସଲର ସୁରଞ୍ଜନ ଦାସ କହିଛନ୍ତି। ଏଥିସହ ଏଭଳି ସମ୍ମାନଜନକ ଉପାଧି ସେ କୌଣସି ବିଶ୍ୱବିଦ୍ୟାଳୟରୁ ଗ୍ରହଣ କରନ୍ତି ନାହିଁ। ଏପରି କି ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟ ପକ୍ଷରୁ ମଧ୍ୟ ଦିଆଯାଇଥିବା ପ୍ରସ୍ତାବକୁ ମଧ୍ୟ ସେ ଫେରାଇ ଦେଇଥିଲେ। କ୍ରିକେଟ ଇତିହାସର ସର୍ବାଧିକ ସ୍କୋରରଙ୍କ ଅନୁଯାୟୀ, ଯେଉଁ ପର୍ଯ୍ୟନ୍ତ ନିଜେ ଡକ୍ଟରେଟ ଅର୍ଜନ କରି ନାହାନ୍ତି ସେ ପର୍ଯ୍ୟନ୍ତ କୌଣସି ଉପାଧି ଗ୍ରହଣ କରିବେ ନହିଁ।

# ମେଳି ବାନ୍ଧିଲେ ଆଶୀର୍ବାଦ ବିରୋଧୀ

**କଟକ ଅଫିସ, ୨୧।୯**

ଆଶୀର୍ବାଦ ବେହେରା ଶେଷରେ ନିଜ ସ୍ୱାର୍ଥ ଦେଖିଛନ୍ତି। ସମ୍ମାନ ଓ ପତିଆରାକୁ ବଜାୟ ରଖିବାକୁ ଯାଇ ନିଜ ଲୋକଙ୍କ ତଣ୍ଟି କାଟିବାକୁ ବି ପଛାଇଲେନି। ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ପାଇଁ ଦୀର୍ଘ ବର୍ଷ ଧରି କାର୍ଯ୍ୟ କରି ଆସୁଥିବା କ୍ଲବଗୁଡ଼ିକର ଶତ୍ରୁ ହେବେ ବୋଲି ବିଶ୍ୱାସ ନ ଥିଲା। ଯଦି ଏଭଳି ହୋଇଛି ତେବେ ଓଡ଼ିଶା କ୍ରିକେଟ ଜଗତ ନିମନ୍ତେ ନାମୀଦାମୀ ଖେଳାଳି ସୃଷ୍ଟି କରି ଆସୁଥିବା କ୍ଲବର ସଦସ୍ୟମାନେ ଏବେ ନିଜ କାର୍ଯ୍ୟ କରିବେ। ଆବଶ୍ୟକ ପଡ଼ିଲେ ଓସିଏ କାର୍ଯ୍ୟାଳୟରେ ତାଲା ପକାଯିବ। ସ୍ଥାନୀୟ ଏକ ହୋଟେଲରେ ରୁଦ୍ଧଦ୍ୱାର ବୈଠକ ଡାକି କଟକର ବିଭିନ୍ନ କ୍ରିକେଟ କ୍ଲବର ବରିଷ୍ଠ କର୍ମକର୍ତ୍ତା, ସ୍କୁଲ, କଲେଜର ସଦସ୍ୟମାନେ ଏହିଭଳି ମତ ଦେଇଛନ୍ତି। ଆଶୀର୍ବାଦଙ୍କ ବିରୋଧରେ ବିରୋଧାଭାଷ କରିଥିବା ବ୍ୟକ୍ତିବିଶେଷମାନେ ଦିନେ ତାଙ୍କର ଅନୁଗତ ଥିଲେ ବୋଲି ସାଧାରଣରେ କୁହାଯାଉଥିଲା। ହେଲେ ଗତ ୧୯ ତାରିଖରେ ଓସିଏର ସମ୍ବିଧାନ ସଂଶୋଧନ ରିପୋର୍ଟ ପ୍ରସ୍ତୁତ ହୋଇ ବିସିସିଆଇକୁ ପଠାଯିବା ପରେ କ୍ଲବ, ସ୍କୁଲ, କଲେଜଗୁଡ଼ିକୁ ବାଦ୍ ଦିଆଯାଇଥିବା ଯୋଗୁ ଏହି ବିବାଦ ମୁଣ୍ଡ ଟେକିଛି। ରାଜ୍ୟ କ୍ରିକେଟରେ ଏହା ଏକ ବିବାଦର ଆରମ୍ଭ ସତ, ମାତ୍ର ଆଶୀର୍ବାଦଙ୍କ ବିରୋଧରେ ପ୍ରଥମଥର ପାଇଁ ଅନେକ ପ୍ରମୁଖ କ୍ଲବର ସଦସ୍ୟ ତଥା କ୍ରୀଡ଼ା ସଙ୍ଗଠକମାନେ ମୁହଁ ଖୋଲିଛନ୍ତି। ବୈଠକରେ ସଞ୍ଜୀବ ଦତ୍ତ, ସତ୍ୟ ମହାନ୍ତି, ତଡ଼ିତ କୁମାର ରାଉତ, ବିଜୟ ଦାସ, ବଙ୍କିମ ଦାସ, ପ୍ରତାପ ଶତପଥୀ, କ୍ଷୀତିଶ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ। କେତେକ ସ୍କୁଲ ଓ କଲେଜର ସଦସ୍ୟ ମଧ୍ୟ ଯୋଗ ଦେଇଥିଲେ।



କ୍ଲବ କର୍ମକର୍ତ୍ତା ଓ ସ୍କୁଲ, କଲେଜ ସଦସ୍ୟମାନଙ୍କ ବୈଠକ।

**ଓସିଏ ସମ୍ବିଧାନ ସଂଶୋଧନ ପ୍ରସଙ୍ଗ**

**ସୁପ୍ରିମକୋର୍ଟ ଯିବେ**

ବିସିସିଆଇକୁ ପଠାଯାଇଥିବା ଓସିଏର ସମ୍ବିଧାନ ସଂଶୋଧନ ରିପୋର୍ଟ ସମ୍ପୂର୍ଣ୍ଣ ରୂପେ ବେଆଇନ ଭାବେ କରାଯାଇଛି। ସାଧାରଣ ପରିଷଦ ବୈଠକ ଡକାଯାଇ ସୁପାରିଶ ହୋଇଥିବା ନିୟମଗୁଡ଼ିକୁ ପାଳନ କରାଯିବା ଦିଗରେ ଆଲୋଚନା କରାଯାଇଥାନ୍ତା। ଶୁକ୍ରବାର ଏ ସମ୍ପର୍କରେ କଟକର ସମସ୍ତ କ୍ରିକେଟ କ୍ଲବର ସଦସ୍ୟ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ସିଇଓ ରାହୁଲ ଜୋହରୀ, ସୁପ୍ରିମକୋର୍ଟର ବରିଷ୍ଠ ଆଇନଜୀବୀ ଗୋପାଳ ସୁବ୍ରମଣ୍ୟମ, କମିଟି ଅଫ ଆଡମିନିଷ୍ଟ୍ରେଟର୍ସ(ସିଓଏ)ର ଅଧ୍ୟକ୍ଷ ବିନୋଦ ରାୟଙ୍କ ନିକଟକୁ ଦାବି ପତ୍ର ପଠାଇଛନ୍ତି। ସୋମବାର ସୁଦ୍ଧା ୨ଟି ଟିମ୍ ଗଠନ କରାଯାଇ ଗୋଟିଏ ଟିମ ସୁପ୍ରିମକୋର୍ଟ ଓ ଅନ୍ୟଏକ ଟିମ ବିସିସିଆଇ କାର୍ଯ୍ୟାଳୟକୁ ଯିବ। ଓସିଏ ପକ୍ଷରୁ ପଠାଯାଇଥିବା ସମ୍ବିଧାନ ସଂଶୋଧନ ରିପୋର୍ଟକୁ ରଦ୍ଦ କରିବାକୁ ନିବେଦନ କରାଯିବ ବୋଲି ବୈଠକରେ ସ୍ଥିର କରାଯାଇଛି।

**ଟାର୍ଗେଟରେ ବିଦ୍ୟୁତ, ଧୀରେନ**

ଓସିଏକୁ ମନମୁଖୀ ଚଳାଇବା କ୍ଷେତ୍ରରେ ପୂର୍ବତନ ସମ୍ପାଦକ ଆଶୀର୍ବାଦ ବେହେରାଙ୍କ ହାତ ରହିଛି। ସିଇଓ ପଦବୀରେ ବସିଥିବା ବିଦ୍ୟୁତ କୁମାର ନାୟକ ଓ କାର୍ଯ୍ୟକାରୀ କମିଟି ଅଧ୍ୟକ୍ଷ ଧୀରେନ ପଲାଇ ଏବେ ଏହାକୁ ନିଜ ଅକ୍ତିଆରରେ ଆଣିବାକୁ ଚେଷ୍ଟା କଲେଣି ବୋଲି ବୈଠକରେ ଅଭିଯୋଗ ହୋଇଥିଲା। ବିଦ୍ୟୁତ ନିଜ ପଦବୀର ଅପ ବ୍ୟବହାର କରି ସମ୍ବିଧାନ ସଂଶୋଧନ ରିପୋର୍ଟ ପଠାଇଛନ୍ତି, ଯାହାକୁ ସହଯୋଗ କରିଛନ୍ତି ଅଧ୍ୟକ୍ଷ ଧୀରେନ। କାର୍ଯ୍ୟକାରୀ କମିଟିର ଅନ୍ୟ ସଦସ୍ୟମାନେ ଏଥିରେ ଚୁପ୍ ରହିଛନ୍ତି । ଯେଉଁଥିରୁ ସ୍ପଷ୍ଟ ହେଉଛି କଟକ ଜିଲା ବାହାରୁ ଆସିଥିବା ଏହି ଦୁଇଜଣ କଟକର କ୍ଲବଗୁଡ଼ିକୁ ମୂଳପୋଛ କରିବାକୁ ଚକ୍ରାନ୍ତ କରୁଛନ୍ତି ବୋଲି କୁହାଯାଇଥିଲା। ଅନ୍ୟପକ୍ଷରେ ବିଦ୍ୟୁତଙ୍କ ଯୋଗ୍ୟତା ନଥିବା ବେଳେ ଆଶୀର୍ବାଦଙ୍କ ଆର୍ଶୀବାଦରୁ ସେ ଏହି ସିଟ୍‌ରେ ଅଛନ୍ତି ବୋଲି ମଧ୍ୟ ଅଭିଯୋଗ ହୋଇଛି।

**୧୨ ରାଜ୍ୟ ଆସୋସିଏଶନ ସହ ଆଲୋଚନା**

କ୍ଲବର ସଦସ୍ୟମାନେ ଏକଜୁଟ ହୋଇ ଶୁକ୍ରବାର ୧୨ଟି ରାଜ୍ୟ କ୍ରିକେଟ ଆସୋସିଏଶନ ସହ ଆଲୋଚନା କରିଥିବା ଜଣାପଡ଼ିଛି। ଅନ୍ୟ ରାଜ୍ୟ ଆସୋସିଏଶନରେ ସମ୍ବିଧାନ ସଂଶୋଧନ ରିପାର୍ଟରେ କ୍ଲବ, କଲେଜ, ସ୍କୁଲଗୁଡ଼ିକୁ ସ୍ଥାନ ମିଳିଛି ବୋଲି କୁହାଯାଇଥିଲା।

**କାହା ପରାମର୍ଶରେ ହୋଇଛି ସମ୍ବିଧାନ ସଂଶୋଧନ କମିଟି**

ସମ୍ବିଧାନ ସଂଶୋଧନ କମିଟିରେ ବଙ୍କିମ ଦାସ, ପ୍ରତାପ ଶତପଥୀ ଓ କ୍ଷୀତିଶ ସାମନ୍ତରାୟ ରହିଛନ୍ତି। ସେମାନଙ୍କ ପରାମର୍ଶ ଲୋଡାଯିବା ତ ଦୂରର କଥା ଲୁଚାଛପାରେ ନୂତନ ସମ୍ବିଧାନ ସଂଶୋଧନ କମିଟି ତିଆରି ହୋଇଛି। ବିନା ସାଧାରଣ ପରିଷଦ ବୈଠକରେ କିପରି ନିଷ୍ପତ୍ତି ନିଆଯାଇଛି ତାହା ସନ୍ଦେହ ସୃଷ୍ଟି କରୁଛି। ଏହି ବୈଠକରେ ସମ୍ବିଧାନ ସଂଶୋଧନ କମିଟିର ଉପରୋକ୍ତ ୩ ଜଣ ସଦସ୍ୟ ମଧ୍ୟ ଉପସ୍ଥିତ ରହି ନିଜ ମତ ଦେଇଛନ୍ତି।

**ଦୁର୍ନୀତିଗ୍ରସ୍ତ ପ୍ରମାଣ କରିବାକୁ ଚାହାନ୍ତି**

ସମସ୍ତ କ୍ରିକେଟ ଆସୋସିଏଶନର ନବକଳେବର କରାଯିବାର ଅର୍ଥ ହେଉଛି ଦୁର୍ନୀତିଗସ୍ତ ବ୍ୟକ୍ତିବିଶେଷଙ୍କୁ କଢ଼ାଯିବ ଓ କ୍ରିକେଟର ବିକାଶ ପାଇଁ ନୂତନ ବିକଳ୍ପ ସୃଷ୍ଟି କରାଯିବ। ହେଲେ ଏବେ ଯେଉଁ କାର୍ଯ୍ୟ ହୋଇଛି ସେଥିରୁ ଆମକୁ ଦୁର୍ନୀତିଗସ୍ତ ପ୍ରମାଣ କରିବାକୁ ଚାହାନ୍ତି ନା କଣ ବୋଲି ବରିଷ୍ଠ କ୍ରୀଡ଼ା ସଙ୍ଗଠକ ପ୍ରଦୀପ ଚୌହ୍ୱାନ ପ୍ରଶ୍ନ କରିଥିଲେ। ଯେଉଁ ଆସୋସିଏଶନ ପାଇଁ କଟକର ସମସ୍ତ କ୍ଲବ ସଦସ୍ୟ ନିଜର ଜୀବନର ଅଧାରୁ ଅଧିକ ସମୟ ଦେଇ କ୍ରିକେଟର ବିକାଶ କରିଛନ୍ତି। ସେମାନଙ୍କୁ ଏଭଳି ବାଦ୍ ଦିଆଯିବା ଦୁଃଖଦାୟକ ଘଟଣା ବୋଲି ପ୍ରଦୀପ କହିଛନ୍ତି।

**ଆଶୀର୍ବାଦ ଡାକିଛନ୍ତି ବୈଠକ**

ଶନିବାର ଆଶୀର୍ବାଦ ବେହେରା ଏକ ବୈଠକ ଡାକିଛନ୍ତି। ବୈଠକରେ କ୍ଲବ, ସ୍କୁଲ ଓ କଲେଜର ସଦସ୍ୟ, କର୍ମକର୍ତ୍ତାଙ୍କୁ ଡକାଯାଇଛି। ତେବେ ବୈଠକ ଡାକି ଆଶୀର୍ବାଦ ନିଜ ମୁଣ୍ଡ ଉପରୁ କେବଳ ଦୋଷ ଛଡ଼ାଇବାକୁ ଯାଇ ସଲାସୁତୁରା କରିବାକୁ ଚାହାନ୍ତି ବୋଲି କୁହାଯାଇଛି। ହେଲେ ଆଉ ଆଶୀର୍ବାଦଙ୍କ କଥାରେ କେହି ରାଜି ହେବେନି। ସମସ୍ତ କ୍ଲବର ସଦସ୍ୟ ଏକଜୁଟ ହୋଇ ଏକ ନୂତନ ସଂଗ୍ରାମ ଲଢ଼ିବେ ବୋଲି ବୈଠକରେ କୁହାଯାଇଥିଲା।

## କ୍ରୀଡ଼ାମନ୍ତ୍ରୀଙ୍କୁ ଭେଟିଲେ ବଜରଙ୍ଗ

**ନୂଆଦିଲ୍ଲୀ,୨୧।୯(ପି.ଟି.)**

କ୍ରୀଡ଼ା ବିଭାଗରେ ସର୍ବୋଚ୍ଚ ସମ୍ମାନ ରାଜୀବ ଗାନ୍ଧୀ ଖେଳରତ୍ନ ପୁରସ୍କାର ପାଇବାରୁ ବଞ୍ଚିତ ହୋଇଥିବା ଷ୍ଟାର କୁସ୍ତିଯୋଦ୍ଧା ବଜରଙ୍ଗ ପୁନିଆ କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ରାଜ୍ୟବର୍ଦ୍ଧନ ସିଂ ରାଠୋରଙ୍କୁ ଭେଟିଛନ୍ତି। ଏଥିସହ ଘଟଣାକୁ ଗୁରୁତ୍ୱ ଦେବା ଲାଗି କ୍ରୀଡ଼ାମନ୍ତ୍ରୀ ଆଶ୍ୱାସନା ଦେଇଛନ୍ତି। "ମୁଁ ଶୁକ୍ରବାର କ୍ରୀଡ଼ାମନ୍ତ୍ରୀ ରାଠୋରଙ୍କୁ ଭେଟିଥାନ୍ତି। ମାତ୍ର ହଠାତ୍ ଗୁରୁବାର ସନ୍ଧ୍ୟାରେ ଦେଖା କରିବା ଲାଗି ଡାକରା ଆସିଥିଲା। ମୋତେ କେଉଁ କାରଣରୁ ଖେଳରତ୍ନ ପୁରସ୍କାରରୁ ବଞ୍ଚିତ କରାଗଲା, ସେ ସମ୍ପର୍କରେ ମୁଁ ପ୍ରଶ୍ନ କରିଥିଲି। ସେ କହିଲେ ମୋ ନିକଟରେ ଏହି ସମ୍ମାନ ପାଇବା ଲାଗି ଯଥେଷ୍ଟ ପଏଣ୍ଟ ନାହିଁ, ଯାହାକି ସମ୍ପୂର୍ଣ୍ଣ ଭୁଲ। ସମ୍ମାନ ଲାଗି ମନୋନୀତ ହୋଇଥିବା ବିରାଟ କୋହଲି ଓ ମିରାବାଈ ଚାନୁଙ୍କ ଠାରୁ ମୁଁ ଅଧିକ ପଏଣ୍ଟ ଅର୍ଜନ କରିଛି। ମୋ ସହ ଭୁଲ ହୋଇଛି। ମୋତେ ନ୍ୟାୟ ଦରକାର। କ୍ରୀଡ଼ାମନ୍ତ୍ରୀ ଏ ଘଟଣାକୁ ଗୁରୁତ୍ୱ ଦେବାକୁ ଆଶ୍ୱସନା ଦେଇଛନ୍ତି। କିନ୍ତୁ ୨୮ ତାରିଖରେ ହେବାକୁ ଥିବା ପୁରସ୍କାର ବିତରଣ ଉତ୍ସବକୁ ଆଉ ଖୁବ କମ୍ ଦିନ ରହିଲା। ମୁଁ ଶୁକ୍ରବାର ସନ୍ଧ୍ୟା ପର୍ଯ୍ୟନ୍ତ ସରକାରଙ୍କ ନିଷ୍ପତ୍ତିକୁ ଅପେକ୍ଷା କରିବି" ବୋଲି ବଜରଙ୍ଗ କହିଛନ୍ତି। ଏହି ୨୪ ବର୍ଷୀୟ ରେସଲର ରାଜ୍ୟଗୋଷ୍ଠୀ ଓ ଏସିଆନ ଗେମ୍ସରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଯଦି ତାଙ୍କ ସପକ୍ଷରେ ନିଷ୍ପତ୍ତିନ ନିଆଯାଏ, ତେବେ ସେ କୋର୍ଟଙ୍କ ଦ୍ୱାରସ୍ଥ ହେବେ ବୋଲି ଚେତାଇ ଦେଇଛନ୍ତି। କ୍ରୀଡ଼ାମନ୍ତ୍ରୀଙ୍କ ସହ ବୈଠକ ଅବସରରେ ବଜରଙ୍ଗଙ୍କ ସହିତ ତାଙ୍କ ମେଣ୍ଟର ଯୋଗେଶ୍ୱର ଦତ୍ତ ମଧ୍ୟ ଉପସ୍ଥିତ ଥିଲେ।

# ମାଲେସିଆରେ ହକି ବିଶ୍ୱକପ୍‌ର ପ୍ରଚାର





ମାଲେସିଆରେ ହକି ବିଶ୍ୱକପ୍‌ର ପ୍ରଚାର କରୁଛନ୍ତି ଓଡ଼ିଶାର ହକି ପ୍ରେମୀ।

**ଭୁବନେଶ୍ୱର,୨୧।୯ (ସ୍ପୋର୍ଟ୍ସ ବ୍ୟୁରୋ)**

ଦେଶ ଓ ବିଦେଶରେ ଭୁବନେଶ୍ୱରରେ ହେବାକୁଥିବା ପୁରୁଷ ହକି ବିଶ୍ୱକପ୍‌ର ପ୍ରସାର ପାଇଁ ଓଡ଼ିଶା ସରକାର ଅନେକ ପଦକ୍ଷେପ ନେଇଛନ୍ତି। ଆୟୋଜକ ସହରର କେତେଜଣ କ୍ରୀଡ଼ାପ୍ରେମୀ ନିଜସ୍ୱ ଉଦ୍ୟମରେ ମାଲେସିଆରେ ଇଭେଣ୍ଟର ପ୍ରଚାର କରିଛନ୍ତି। ଅଲ୍ ଓଡ଼ିଶା କ୍ୟାଟରର ଓ ଟେଣ୍ଟ ହାଉସ୍ ଆସୋସିଏଶନର କେତେଜଣ ସଦସ୍ୟ ସେମାନଙ୍କ ବ୍ୟବସାୟିକ କାର୍ଯ୍ୟରେ ମାଲେସିଆ ଯାଇଥିଲେ। ସେଠାରେ ଦୁଇ ଦିନ ଧରି ବିଭିନ୍ନ ସ୍ଥାନରେ ସେମାନେ ବିଶ୍ୱକପ୍‌ର ପ୍ରଚାର କରିଥିବା ବିନୟ ଭୂଷଣ ପଟ୍ଟନାୟକ ପ୍ରକାଶ କରିଛନ୍ତି। ସେଠାକାର ଲୋକେ ଟୁର୍ଣ୍ଣାମେଣ୍ଟ ନେଇ ଆମ ରାଜ୍ୟ ବିଷୟରେ ବିଭିନ୍ନ କଥା ପଚାରି ବୁଝିଥିଲେ। ଯଥା ରାଜ୍ୟର ପାଣିପାଗ ଏବଂ ବିଭିନ୍ନ ଦର୍ଶନୀୟ ସ୍ଥାନ ସମ୍ପର୍କରେ ନାନା ପ୍ରଶ୍ନ ପଚାରିଥିଲେ। ଏହା ଆମ ପାଇଁ ଏକ ଭିନ୍ନ ଅଭିଜ୍ଞତା ଥିଲା ବୋଲି ପଟ୍ଟନାୟକ ପ୍ରକାଶ କରିଛନ୍ତି। ମାଲେସିଆ ଗସ୍ତରେ ଯାଇଥିବା ଏହି ଦଳର ଅନ୍ୟ ଜଣେ ସଦସ୍ୟ ଗୁରୁ ଚରଣ ଦାସ କହିଛନ୍ତି, କେବଳ ମାଲେସିଆ ନୁହେଁ ଏହି ଦେଶକୁ ଭ୍ରମଣ କରିବାକୁ ଆସିଥିବା ଅନ୍ୟ କେତେକ ବିଦେଶୀ ଆମକୁ ପଚାରିଥିଲେ ତୁମେ କ'ଣ ପୂର୍ବତନ ଭାରତୀୟ ହକି ଖେଳାଳି କିମ୍ବା ଟୁର୍ଣ୍ଣାମେଣ୍ଟ ଆୟୋଜକ ? ଆମେ କେବଳ ଏକ ହକି ଖେଳକୁ ଉତ୍ସାହିତ କରିବା ସମ୍ପର୍କିତ ଏକ ବ୍ୟାନର ହାତରେ ଧରିଥିଲୁ। ଇଭେଣ୍ଟ ପ୍ରତି ଲୋକମାନଙ୍କର ଜାଣିବା ପାଇଁ ଆଗ୍ରହରୁ ସ୍ପଷ୍ଟ ସୂଚନା ମିଳୁଛି ନଭେମ୍ବରରେ ଓଡ଼ିଶାକୁ ବିଦେଶୀ ଦର୍ଶକଙ୍କ ସୁଅ ଛୁଟିବ। ଏହି ପରିପ୍ରେକ୍ଷୀରେ ରାଜ୍ୟ କ୍ରୀଡ଼ା ଓ ଯୁବ ସେବା ବିଭାଗ ନିର୍ଦ୍ଦେଶକ ଭିନିଲ କ୍ରିଷ୍ଣା କହିଛନ୍ତି, ବ୍ୟକ୍ତିଗତ ଭାବେ ଓଡ଼ିଶା ହକି ବିଶ୍ୱକପ୍‌ର ପ୍ରଚାର ଅଭିଯାନରେ ନିଜକୁ ସାମିଲ କରିବା ଏକ ପ୍ରଶଂସନୀୟ କାର୍ଯ୍ୟ।

# ବାଳିକା ଫୁଟ୍‌ବଲ: ଭାରତୀୟ ଦଳର ପରାଜୟ

**ଉଲାନ ବତାର, ୨୧।୯ (ପି.ଟି.)**

ଏଠାରେ ଚାଲିଥିବା ଏଏଫ୍‌ସି ୧୬ବର୍ଷରୁ କମ୍ ମହିଳା ଚାମ୍ପିୟନଶିପ୍ କ୍ୱାଲିଫାୟର୍ସରେ ଭାରତୀୟ ଦଳ ୧-୨ ଗୋଲରେ ମଙ୍ଗୋଲିଆଠାରୁ ହାରିଯାଇଛି। ଏହି ପରାଜୟ ଦ୍ୱାରା ଭାରତ ଗ୍ରୁପ୍ ବି' ପଏଣ୍ଟ ଟେବୁଲର ପ୍ରଥମ ସ୍ଥାନ ହରାଇ ଲାଓସ ପଛକୁ ଦ୍ୱିତୀୟକୁ ଖସି ଆସିଛି। ଲାଓସ ତିନୋଟି ମ୍ୟାଚରୁ ୯ ପଏଣ୍ଟ ଅର୍ଜନ କରିସାରିଥିବା ବେଳେ ଭାରତ ସମାନ ସଂଖ୍ୟକ ମ୍ୟାଚରୁ ୬ ପଏଣ୍ଟ ହାସଲ କରିଛି। ରବିବାର ଭାରତ ଓ ଲାଓସ ଗ୍ରୁପ୍ ପର୍ଯ୍ୟାୟରେ ସେମାନଙ୍କ ଶେଷ ମ୍ୟାଚ ଖେଳିବେ। ଏଥିରେ ଯଦି ଭାରତ ବିଜୟ ଲାଭ କରେ ତେବେ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିପାରିବ। ଆଭେକା ମ୍ୟାଚର ପ୍ରଥମ ଗୋଲ ସ୍କୋର କରି ଭାରତକୁ ୧-୦ରେ ଅଗ୍ରଣୀ କରାଇଥିଲେ। ମାତ୍ର ଏହାର ଅଧଘଣ୍ଟା ପରେ ମଙ୍ଗୋଲିଆର ଗାଣ୍ଟାମର ଏକ ଫିଲ୍ଡ ଗୋଲ ଦେଇ ମ୍ୟାଚକୁ ବରାବର ସ୍ଥିତିକୁ ନେଇ ଆସିଥିଲେ। ଏହା ପରେ ଭାରତ ପଛକୁ ପଛ ଦୁଇଟି ସୁଯୋଗ ପାଇଥିଲେ ମଧ୍ୟ ମଙ୍ଗୋଲିଆ ଦଳର ରକ୍ଷଣଭାଗ ଖେଳାଳିଙ୍କ ଦୃଢ ପ୍ରତିରୋଧ ଯୋଗୁ ଗୋଲ ସମ୍ଭବ ହୋଇ ନ ଥିଲା। ଅନ୍ୟପକ୍ଷରେ ଭାରତୀୟ ରକ୍ଷଣଭାଗ ଦୁର୍ବଳତା ସୁଯୋଗ ନେଇ ଖେଳର ୭୦ ମିନିଟ ସମୟରେ ଖୁଲାଙ୍ଗୁ ମଙ୍ଗୋଲିଆ ତରଫରୁ ଦ୍ୱିତୀୟ ଗୋଲ ସ୍କୋର କରିଥିଲେ।

# ସୂରଜଙ୍କୁ ପୁଣି ଏନ୍‌ସିଏ ଶିବିରକୁ ଡାକରା

**କଟକ ଅଫିସ,୨୧।୯**

ବେଙ୍ଗାଲୁରୁ ସ୍ଥିତ ଜାତୀୟ କ୍ରିକେଟ ଏକାଡେମୀ (ଏନ୍‌ସିଏ)୧୬ବର୍ଷରୁ କମ୍ ଶିବିରରେ ସାମିଲ ହୋଇ ଓଡ଼ିଶା ଫେରିବାର ଗୋଟିଏ ଦିନ ପରେ ପୁଣି ସୂରଜ କୁମାର ବେହେରାଙ୍କୁ ଡାକରା ଆସିଛି। ୧୬ବର୍ଷରୁ କମ୍ ବର୍ଗରେ ସୂରଜଙ୍କ ପ୍ରଦର୍ଶନ ବେଶ ଉଚ୍ଚକୋଟୀର ରହିଥିବା ବେଳେ ଏଥର ତାଙ୍କୁ ୧୯ବର୍ଷରୁ କମ ସ୍ୱତନ୍ତ୍ର ଶିବିରରେ ସାମିଲ କରାଯାଇଛି। ରାଜ୍ୟର ଏହି ପ୍ରତିଭାବାନ ଡାହାଣହାତୀ ପେସ୍ ବୋଲର ଜଣଙ୍କ ଗତ ଅଗଷ୍ଟ ୨୭ରୁ ସେପ୍ଟେମ୍ବର ୧୯ ତାରିଖ ପର୍ଯ୍ୟନ୍ତ ୧୬ବର୍ଷରୁ କମ୍ ଏନସିଏ ଶିବିରରେ ରହି ଗୁରୁବାର ଓଡ଼ିଶା ଫେରିଥିଲେ।

ଶିବିରରେ ହୋଇଥିବା ୨ଟି ମ୍ୟାଚ୍‌ରେ ତାଙ୍କ ପ୍ରଦର୍ଶନ ବେଶ ପ୍ରଭାବଶାଳୀ ରହିଥିଲା। ଏପରିକି ସୂରଜଙ୍କ ପ୍ରଦର୍ଶନ ବଳରେ ସେଠାରେ ଖେଳାଯାଇଥିବା ଅଭ୍ୟାସ ମ୍ୟାଚ୍‌ରେ ତାଙ୍କ ଦଳ ବିଜୟୀ ମଧ୍ୟ ହୋଇଥିଲା। ସେ ପ୍ରଥମ ମ୍ୟାଚ୍‌ରେ



ସୂରଜ କୁମାର ବେହେରା।

ସେ ସୂଚନା ଦେଇଛନ୍ତି। ସେପ୍ଟେମ୍ବର ୨୩ରୁ ୨୯ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଉକ୍ତ ୧୯ବର୍ଷରୁ କମ୍ ଶିବିରରେ ଭଲ ପ୍ରଦର୍ଶନ କରିବାକୁ ଚେଷ୍ଟା କରିବି। ୧୯ବର୍ଷରୁ କମ୍ ବିଶ୍ୱକପ୍-୨୦୨୦ରେ ଜାତୀୟ ଦଳରେ ପ୍ରତିନିଧିତ୍ୱ କରିବାକୁ ଲକ୍ଷ୍ୟ ରହିଛି ବୋଲି ସେ ନିଜ ପ୍ରତିକ୍ରିୟାରେ କହିଛନ୍ତି। ସୂଚନାଥାଉକି, ପିତା ଦେବପ୍ରିୟ ବେହେରା ଓ ମା ଅନସୂୟା ବେହେରାଙ୍କ ପୁତ୍ର ସୂରଜ ନିଜ ପରିବାର ସହ କଟକରେ ରହୁଛନ୍ତି। ସିଡ଼ିଏ ସେକ୍ଟର-୭ ସ୍ଥିତ ରାଜ୍ୟର ପୂର୍ବତନ ଖ୍ୟାତନାମା କ୍ରିକେଟର ସୌରଜିତ ମହାପାତ୍ରଙ୍କ ଶିବିରରେ ସେ ପିଲାଟି ବେଳୁ ପ୍ରଶିକ୍ଷଣ ନେଉଛନ୍ତି। ୨୦୧୭-୧୮ ସିଜନ୍‌ରେ ତାଙ୍କୁ ରାଜ୍ୟ ୧୬ବର୍ଷରୁ କମ୍ ଦଳରେ ସ୍ଥାନ ମିଳିଥିଲା। ଉକ୍ତ ସିଜନ୍‌ରେ ସେ ମୋଟ୍ ୪ଟି ମ୍ୟାଚ୍ ଖେଳି ୭ଟି ଉଇକେଟ ଦଖଲ କରିଥିଲେ। ଆସାମ ବିପକ୍ଷ ମ୍ୟାଚ୍‌ର ପ୍ରଥମ ଇନିଂସ୍‌ରେ ସୂରଜଙ୍କ ୩ଟି ଉଇକେଟ ରାଜ୍ୟ ପାଇଁ ଲାଭଦାୟକ ସାବ୍ୟସ୍ତ ହୋଇଥିଲା। ସୂରଜଙ୍କ କୋଚ୍ ସୌରଜିତଙ୍କ କହିବା ଅନୁଯାୟୀ ଆଗାମୀ ୧୯ବର୍ଷରୁ କମ୍ ବିଶ୍ୱକପ୍ ନିମନ୍ତେ ସୂରଜ ଜାତୀୟ ଦଳ ପାଇଁ ପ୍ରସ୍ତୁତ ହେଉଛନ୍ତି। ଏନସିଏ ଶିବିରରେ ମଧ୍ୟ ତାଙ୍କ ପ୍ରଦର୍ଶନ ଉଚ୍ଚକୋଟୀର ରହିଛି ବୋଲି କୋଚ୍‌ମାନେ ଅନୁଭବ କରିଛନ୍ତି। ରାଜ୍ୟ ନିମନ୍ତେ ସେ ଭବିଷ୍ୟତର ଆଶା ବୋଲି ସୌରଜିତ କହିଥିଲେ।

## ଓଡ଼ିଶା ବଡିବିଲ୍ଡିଂ ଆସୋସିଏଶନ ନିର୍ବାଚନ

# ସୁମିତ୍ରା ସଭାପତି, ପ୍ରସନ୍ନ ସମ୍ପାଦକ

**ଭୁବନେଶ୍ୱର, ୨୧।୯(କ୍ରୀଡ଼ା ପ୍ରତିନିଧି)**

ଓଡ଼ିଶା ବଡିବିଲ୍ଡିଂ ଆସୋସିଏଶନର ସାଧାରଣ ନିର୍ବାଚନ ଶୁକ୍ରବାର ପାନ୍ଥନିବାସଠାରେ ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ସୁମିତ୍ରା ତ୍ରିପାଠୀ ନୂଆ ସଭାପତି ହୋଇଥିବାବେଳେ ପ୍ରସନ୍ନ ମହାସୁଆର ସାଧାରଣ ସମ୍ପାଦକ ପଦ ବଜାୟ ରଖିଛନ୍ତି। ଆସନ୍ତା ୫ ବର୍ଷ ପାଇଁ ନିର୍ବାଚିତ ହୋଇଥିବା ଅନ୍ୟ କର୍ମକର୍ତ୍ତାମାନେ ହେଲେ ମହମ୍ମଦ କୁତ୍‌ବୁଦ୍ଦିନ କାର୍ଯ୍ୟକାରୀ ସଭାପତି, ବାବୁଲି ସ୍ୱାଇଁ କାର୍ଯ୍ୟନିର୍ବାହୀ ଉପ ସଭାପତି, ଡ.ଭାରତୀକୃଷ୍ଣ ବ୍ରହ୍ମା କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ, ସତ୍ୟନାରାୟଣ ମହାନ୍ତି, ନାରାୟଣ ଚନ୍ଦ୍ର ବେହେରା, ବିଜୟ କୁମାର ଦାସ, ବିରଜା ଦାସ, ବିପିନ ଦାସ, ଜି.ସଞ୍ଜୀବ କୁମାର, ବିଶ୍ୱମ୍ଭର ବହିଦାର(ସମସ୍ତେ ଉପ ସଭାପତି), ତରୁଣ କୁମାର ଚାଟାର୍ଜୀ କୋଷାଧ୍ୟକ୍ଷ, ପ୍ରଫୁଲ୍ଲ କୁମାର ଗୁରୁ ଓ ଆର.କେ. ମନୋଜ(ଉଭୟେ ଯୁଗ୍ମ ସମ୍ପାଦକ)। ସଞ୍ଜୟ ଶତପଥୀ, ପ୍ରଶାନ୍ତ କୁମାର ରାଉତ, ଲଲାଟେନ୍ଦୁ ପାତ୍ର, ଅଶୋକ କୁମାର ନାୟକ, ଉମା ଚରଣ ଶତପଥୀ ଆୟୋଜକ କମିଟି ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି। ଏହା ବ୍ୟତୀତ ନବ କୁମାର ସାହୁ, ରାଜ କିଶୋର ସାହୁ, ବିରଞ୍ଚି ନାରାୟଣ ମିଶ୍ର, ତୁଷାରକାନ୍ତ ଦାସ, ସୁଦର୍ଶନ ବେହେରା, ଅସିତ୍ ଅମିତାଭ ସାମଲ, ଭବାନୀ ଶଙ୍କର ସାହୁ, କେଦାରନାଥ ରାଉତ, ମନୋଜ କୁମାର ଦାସ, ବିନୋଦ କୁମାର ମହାରଣା, ଜିତେନ୍ଦ୍ର କୁମାର ଜେନା, ବିବେକାନନ୍ଦ ବାରିକ, ଦିବାକର ପ୍ରହରାଜ, ପାର୍ଥସାରଥୀ ନାୟକ ଓ ନୃସିଂହ ଚରଣ ପାଣିଗ୍ରାହୀ କାର୍ଯ୍ୟକାରୀ ସଭ୍ୟରୂପେ ନିର୍ବାଚିତ ହୋଇଛନ୍ତି।



ଓଡ଼ିଶା ବଡି ବିଲ୍ଡିଂ ଆସୋସିଏଶନ ନିର୍ବାଚନ ପରେ କର୍ମକର୍ତ୍ତାମାନେ।

> ବିଚିତ୍ର ଚୟନ ନୀତି ଯୋଗୁ ଏସିଆନ ଗେମ୍ସ ସ୍ୱର୍ଣ୍ଣ ବିଜେତା ସୌରଭ ଚୌଧାରୀଙ୍କୁ ଜାତୀୟ ଦଳରୁ ଗୋଟିଏ ବର୍ଷ ବଞ୍ଚିତ ହେବାକୁ ପଡ଼ିଥିଲା ।
> –ଯଶପାଲ ରାଣା, ଭାରତର ଜୁନିୟର ଶୁଟିଂ କୋଚ୍



> ଆଇପିଏଲ ଓ ବିଗ୍ ବାଶ୍ ଭଳି ଟୁର୍ନାମେଣ୍ଟ ପ୍ରତି ଲକ୍ଷ୍ୟ ରଖି ଆମ ଖେଳାଳିମାନେ ଟି ୨୦କୁ ନୁହେଁ ବରଂ ୫୦ ଓଭର ଗେମ୍‌କୁ ଅଧିକ ଗୁରୁତ୍ୱ ଦେବା ଉଚିତ୍ ।
> –ଆଣ୍ଡ୍ରୁ ମୋଲ୍ସ, ଆଫଗାନିସ୍ତାନ ୧୯ ବର୍ଷରୁ କମ୍ କ୍ରିକେଟ କୋଚ୍



## ସଂକ୍ଷେପରେ

### ପାକିସ୍ତାନ ବିଜୟୀ

ଆବୁଧାବି,୨୧।୯(ପି.ଟି.)- ଏସିଆ କପ୍ ସୁପର- ୪ ପର୍ଯ୍ୟାୟର ଦ୍ୱିତୀୟ ମ୍ୟାଚ୍‌ରେ ପାକିସ୍ତାନ ୩ଟି ବଲ ବାକିଥାଇ ଆଫଗାନିସ୍ତାନକୁ ୩ ଉଇକେଟରେ ପରାସ୍ତ କରିଛି। ଟସ୍ ଜିତି ଆଫଗାନିସ୍ତାନ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୫୦ ଓଭରରେ ୬ ଉଇକେଟ ହରାଇ ୨୫୭ ରନ ସଂଗ୍ରହ କରିଥିଲା। ଜବାବରେ ପାକିସ୍ତାନ ଅଭିଜ୍ଞ ସୋଏବ ମଲିକଙ୍କ ଅପରାଜିତ ୫୧ ରନ (୪୩ ବଲ, ୩ ଚୌକା, ୧ ଛକା)ର ଅର୍ଦ୍ଧଶତକୀୟ ପାଳି ବଳରେ ୪୯.୩ ଓଭରରେ ୭ ଉଇକେଟ ହରାଇ ୨୫୮ ରନ କରି ବିଜୟ ହାସଲ କରିଛି। ରବିବାର ସୁପର- ୪ ପର୍ଯ୍ୟାୟର ତୃତୀୟ ମ୍ୟାଚ୍‌ରେ ଭାରତ ଓ ପାକିସ୍ତାନ ମୁହାଁମୁହିଁ ହେବେ।

### ରାଜ୍ୟସ୍ତରୀୟ କବାଡ଼ି ଉଦ୍‌ଘାଟିତ

ବରଗଡ଼ ଅଫିସ୍,୨୧।୯: ବରଗଡ଼ ଜର୍ଜ ହାଇସ୍କୁଲରେ ଶୁକ୍ରବାର ଅପରାହ୍ନରେ ୬୪ତମ ରାଜ୍ୟସ୍ତରୀୟ ୧୭ବର୍ଷରୁ କମ୍ ବାଳିକା, ବାଳକ କବାଡ଼ି ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଛି। ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରୋହରେ ବରଗଡ଼ ଏମପି ଡଃ ପ୍ରଭାସ ସିଂ ମୁଖ୍ୟଅତିଥି ଭାବେ ଯୋଗଦେଇପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ । ଜିଲା ଯୋଜନା ବୋର୍ଡ଼ ଅଧ୍ୟକ୍ଷ ତଥା ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ, ଜିଲା ପରିଷଦ ଅଧ୍ୟକ୍ଷା ମୁକ୍ତା ସାହୁ, ପୌରାଧ୍ୟକ୍ଷ ପ୍ରଶାନ୍ତ କୁମାର ବେହେରା, ପୌର ଉପାଧ୍ୟକ୍ଷା କଳ୍ପନା ମାଝି ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ ।

### କରୁଣ ନାୟାର ବୋର୍ଡ ଏକାଦଶ ଅଧିନାୟକ

ନୂଆଦିଲ୍ଲୀ, ୨୧।୯ (ପି.ଟି.): ସେପ୍ଟେମ୍ବର ୨୯ରୁ ଆରମ୍ଭ ହେବାକୁଥିବା ଭ୍ରମଣକାରୀ ୱେଷ୍ଟଇଣ୍ଡିଜ ବିପକ୍ଷ ୱାର୍ମ ଅପ୍ ମ୍ୟାଚ ପାଇଁ ବ୍ୟାଟ୍ସମ୍ୟାନ କରୁଣ ନାୟାରଙ୍କୁ ଶୁକ୍ରବାର ବୋର୍ଡ ସଭାପତି ଏକାଦଶ ଦଳର ଅଧିନାୟକ ମନୋନୀତ କରାଯାଇଛି। ଏହି ଦୁଇ ଦିନିଆ କ୍ରିକେଟ ମ୍ୟାଚ ଭଦୋଦରାଠାରେ ଖେଳାଯିବ। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସିନିୟର ସିଲେକ୍ସନ କମିଟି ମ୍ୟାଚ ପାଇଁ ୧୩ ଜଣିଆ ଦଳ ମନୋନୟନ କରିଛି। ୱେଷ୍ଟଇଣ୍ଡିଜ କ୍ରିକେଟ ଦଳ ସେପ୍ଟେମ୍ବର ୨୬ରୁ ଆରମ୍ଭ କରି ପ୍ରାୟ ୭ ସପ୍ତାହ ଧରି ଭାରତରେ ରହିବ। ଦଳ ଭାରତରେ ଦୁଇଟି ଟେଷ୍ଟ, ୫ ଅନ୍ତର୍ଜାତୀୟ ଦିନିକିଆ ଏବଂ ୩ ଅନ୍ତର୍ଜାତୀୟ ଟି୨୦ ଖେଳିବ। ଓପନିଂ ଟେଷ୍ଟ ରାଜକୋଟଠାରେ ଅକ୍ଟୋବର ୪ରୁ ୮ ପର୍ଯ୍ୟନ୍ତ ଖେଳାଯିବ। ଦ୍ୱିତୀୟ ଟେଷ୍ଟ ହାଇଦ୍ରାବାଦଠାରେ ଅକ୍ଟୋବର ୧୨ରୁ ୧୬ ପର୍ଯ୍ୟନ୍ତ ହେବ। ୫ ମ୍ୟାଚ ବିଶିଷ୍ଟ ଦିନିକିଆ ସିରିଜ ଅକ୍ଟୋବର ୨୧ରୁ ଗୁଆହାଟୀଠାରେ ଆରମ୍ଭ ହେବ। ଏହା ପରେ ଦ୍ୱିତୀୟ ଦିନିକିଆ ଅକ୍ଟୋବର ୨୪ରେ ଇନ୍ଦୋରଠାରେ ଏବଂ ତୃତୀୟ ଦିନିକିଆ ଅକ୍ଟୋବର ୨୭ରେ ପୁଣେଠାରେ ଖେଳାଯିବ। ଶେଷ ଦୁଇଟି ଦିନିକିଆ ଯଥାକ୍ରମେ ମୁମ୍ବାଇ ଓ ଥିରୁଭାନନ୍ତପୁରମରେ ଯଥାକ୍ରମେ ଅକ୍ଟୋବର ୨୯ ଓ ନଭେମ୍ବର ୧ରେ ଅନୁଷ୍ଠିତ ହେବ। ଦିନିକିଆ ସିରିଜ ଶେଷ ହେବା ପରେ ତିନୋଟି ଅନ୍ତର୍ଜାତୀୟ ଦିନିକିଆ କଲିକତା (ନଭେମ୍ବର ୪), ଲକ୍ଷ୍ନୌ (ନଭେମ୍ବର ୬) ଓ ମାଡ୍ରାସ (ନଭେମ୍ବର ୧୧)ଠାରେ ଖେଳାଯିବ। ବୋର୍ଡ ସଭାପତି ଏକାଦଶ: ମୟଙ୍କ ଅଗ୍ରୱାଲ, ପୃଥ୍ୱୀ ଶ', ହନୁମା ବିହାରୀ, କରୁଣ ନାୟାର(ଅଧିନାୟକ), ଶ୍ରେୟାସ ଆୟାର, ଅଙ୍କିତ ବାଓନେ, ଇଶାନ କିଷାନ (ଉଇକେଟକିପର), ଜଲଜ ସାକ୍‌ସେନା, ସୌରଭ କୁମାର, ବସିଲ ଥାମ୍ପି, ଆଭେଶ ଖାଁ, କେ. ବିଗ୍ନେଶ, ଇଶାନ ପୋରେଲ।

# ଭାରତର କ୍ରମାଗତ ତୃତୀୟ ବିଜୟ

## ଏସିଆ କପ୍ କ୍ରିକେଟ

**ଦୁବାଇ, ୨୧।୯(ପି.ଟି.)**

ପ୍ରତ୍ୟାବର୍ତ୍ତନରେ ରବୀନ୍ଦ୍ର ଜାଡେଜାଙ୍କ ଦମ୍‌ଦାର ବୋଲିଂ ଓ ଅଧିନାୟକ ରୋହିତ ଶର୍ମାଙ୍କ ଉପଯୋଗୀ ବ୍ୟାଟିଂ ବଳରେ ଭାରତ ଶୁକ୍ରବାର ଅନୁଷ୍ଠିତ ଏସିଆ କପ୍ ସୁପର-୪ ପର୍ଯ୍ୟାୟର ପ୍ରଥମ ମ୍ୟାଚ୍‌ରେ ବାଂଲାଦେଶକୁ ୮୨ଟି ବଲ ବାକି ଥାଇ ୭ ଉଇକେଟରେ ଅତି ସହଜରେ ପରାସ୍ତ କରିଛି। ଏହା ପୂର୍ବରୁ ଭାରତ ଗ୍ରୁପ୍ ପର୍ଯ୍ୟାୟରେ ହଂକଂ ଓ ପାକିସ୍ତାନକୁ ହରାଇଥିଲା । ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ବାଂଲାଦେଶ ଭାରତୀୟ ବୋଲରଙ୍କ ସମ୍ମୁଖୀନ ହୋଇ ନ ପାରି ୪୯.୧ ଓଭରରେ ୧୭୩ ରନ କରି ଅଲଆଉଟ ହୋଇଥିଲା । ଜବାବରେ ଭାରତ ୩୬.୨ ଓଭରରେ ୩ ଉଇକେଟ ହରାଇ ୧୭୪ ରନ କରି ବିଜୟ ହାସଲ କରିଛି। ୧୦୪ଟି ବଲର ସମ୍ମୁଖୀନ ହୋଇ ୫ ଚୌକା ଓ ୩ ଛକା ସହ ରୋହିତ ୮୩ ରନ କରି ଅପରାଜିତ ରହିବା ସହ ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଛନ୍ତି। ଓପନର ଶିଖର ଧାୱନ ୪୦, ଅମ୍ବାତି ରାୟୁଡୁ ୧୩ ଓ ଅଭିଜ୍ଞ ମହେନ୍ଦ୍ର ସିଂ ଧୋନୀ ୩୩ ରନ କରି ଆଉଟ ହୋଇଥିଲେ। ଦୀନେଶ କାର୍ତ୍ତିକ ୧ ରନ କରି ଅପରାଜିତ ରହିଥିଲେ। ବାଂଲାଦେଶ ତରଫରୁ ମାଶ୍ରାଫି ମୋର୍ତ୍ତାଜା, ସାକିବ ଅଲ ହାସନ ଓ ରୁବେଲ ହୋସେନ ଗୋଟିଏ ଲେଖାଏ ଉଇକେଟ ହାସଲ କରିଥିଲେ। ୨୯ ରନ ବ୍ୟୟ କରି ମୂଲ୍ୟବାନ ୪ ଉଇକେଟ ନେଇଥିବା ଜାଡେଜାଙ୍କୁ ପ୍ଲେୟାର ଅଫ ଦି ମ୍ୟାଚ୍ ବିବେଚନା କରାଯାଇଛି।



ଉଇକେଟ ହାସଲ ପରେ ଉଲ୍ଲସିତ ରବୀନ୍ଦ୍ର ଜାଡେଜା (ଡାହାଣ)।

ପ୍ରଥମେ ବ୍ୟାଟିଂ କରିଥିବା ବାଂଲାଦେଶ ମାତ୍ର ୬୫ ରନରେ ୫ ଉଇକେଟ ହରାଇ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଦୁଇ ଓପନର ଲିଟନ ଦାସ ଓ ନାଜମୁଲ ହୋସେନ ସାଣ୍ଟୋ ୭ ରନ ଲେଖାଏ ସଂଗ୍ରହ କରି ଯଥାକ୍ରମେ ଭୁବନେଶ୍ୱର କୁମାର ଓ ଯଶପ୍ରୀତ ବୁମରାଙ୍କ ଶିକାର ହୋଇଥିଲେ। ଏହାପରେ ସାକିବ ଅଲ ହାସନ ୧୭, ମହମ୍ମଦ ମିଥୁନ ୯ ଓ ଉଇକେଟ କିପର ବ୍ୟାଟ୍ସମ୍ୟାନ ମୁଶଫିକର ରହିମ ୨୧ ରନ କରି ଜାଡେଜାଙ୍କ ଦ୍ୱାରା ଆଉଟ ହୋଇଥିଲେ। ଏହାପରେ ମହମୁଦୁଲ୍ଲା ୨୫ ରନ କରି ଭୁବନେଶ୍ୱରଙ୍କ ଦ୍ୱାରା ଆଉଟ ହୋଇଥିଲେ। ସେହିପରି ମୋସାଡେକ ହୋସେନ ୧୨ ରନ କରିଥିବାବେଳେ ଜାଡେଜାଙ୍କ ଚତୁର୍ଥ ଶିକାର ହୋଇଥିଲେ। ଅଧିନାୟକ ମୋର୍ତ୍ତାଜା ଓ ମେହିଦୀ ହାସନ ମିରାଜ ଅଷ୍ଟମ ଉଇକେଟ ଯୋଡିରେ ୬୬ ରନ କରି ସ୍ଥିତି ସମ୍ଭାଳିବାକୁ ଚେଷ୍ଟା କରିଥିଲେ। ତେବେ ମୋର୍ତ୍ତାଜା ୨୬ ରନ କରି ଭୁବନେଶ୍ୱରଙ୍କ ଦ୍ୱାରା ଆଉଟ ହେବା ପରେ ମିରାଜ ୨ ଚୌକା ଓ ୨ ଛକା ସହ ୫୦ଟି ବଲର ସମ୍ମୁଖୀନ ହୋଇ ୪୨ ରନ କରି ପ୍ୟାଭିଲିୟନ ଫେରିଥିଲେ। ବୋଲିଂରେ ଜାଡେଜା ସର୍ବାଧିକ ୪, ଭୁବନେଶ୍ୱର ଓ ବୁମରା ୩ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

**ସଂକ୍ଷିପ୍ତ ସ୍କୋର:**

ବାଂଲାଦେଶ ୪୯.୧ ଓଭରରେ ୧୭୩ ଅଲଆଉଟ୍ (ମିରାଜ- ୪୨, ମୋର୍ତ୍ତାଜା- ୨୬, ମହମୁଦୁଲ୍ଲା- ୨୫, ମୁସ୍‌ଫିକର- ୨୧, ସାକିବ- ୧୭, ଜାଡେଜା- ୪/୨୯, ଭୁବନେଶ୍ୱର-୩/୩୨,ବୁମରା-୩/୩୭)। ଭାରତ ୩୬.୨ ଓଭରରେ ୧୭୪/୩ (ରୋହିତ- ୮୩*, ଧାୱନ- ୪୦, ଧୋନୀ- ୩୩, ମୋର୍ତ୍ତାଜା- ୧/୩୦, ସାକିବ- ୧/୪୪, ରୁବେଲ- ୧/୨୧)।

# ଚାଇନା ଓପନ: କିଡ଼ାମ୍ବି, ସିନ୍ଧୁ ଆଉଟ୍

**ଚାଙ୍ଗଝୋଉ,୨୧।୯**

ପି.ଭି. ସିନ୍ଧୁ ଓ କିଡାମ୍ବି ଶ୍ରୀକାନ୍ତ ଚାଇନା ଓପନର କ୍ୱାର୍ଟର ଫାଇନାଲରେ ପରାଜିତ ହୋଇ ଅଭିଯାନ ଶେଷ କରିଛନ୍ତି। ଶୁକ୍ରବାର ଖେଳାଯାଇଥିବା ପୁରୁଷ ସିଙ୍ଗଲ୍ସ ମ୍ୟାଚ୍‌ରେ ଶ୍ରୀକାନ୍ତ ୯-୨୧, ୧୧-୨୧ ଗେମ୍‌ରେ ଜାପାନର କେଣ୍ଟୋ ମୋମୋଟାଙ୍କଠାରୁ ହାରି ଯାଇଛନ୍ତି। ଚଳିତ ବର୍ଷ ଜାପାନିଜ ଖେଳାଳିଙ୍କ ବିପକ୍ଷରେ ଏହା ଶ୍ରୀକାନ୍ତଙ୍କ କ୍ରମାଗତ ୩ୟ ପରାଜୟ। ସେହିଭଳି ମହିଳା ସିଙ୍ଗଲ୍ସ ବର୍ଗର କ୍ୱାର୍ଟର ପର୍ଯ୍ୟାୟ ମ୍ୟାଚ୍‌ରେ ସିନ୍ଧୁଙ୍କୁ ୧୧-୨୧, ୨୧-୧୧, ୧୫-୨୧ ଗେମ୍‌ରେ ବିଶ୍ୱର ୬ ନଂ ଚେନ ୟୁଫେଇ ପରାସ୍ତ କରିଛନ୍ତି।

# ଫିଫା ଏଲିଟ୍ କୋଚିଂ କୋର୍ସ କରି ଫେରିଲେ ଶୁଭେନ୍ଦୁ



ଫିଫା ଇନ୍‌ଷ୍ଟ୍ରକ୍ଟର କିମ୍ ପୌଲସେନଙ୍କ ସହ ଶୁଭେନ୍ଦୁ ପଣ୍ଡା।

**ଭୁବନେଶ୍ୱର, ୨୧।୯(କ୍ରୀଡ଼ା ପ୍ରତିନିଧି)**

ଗୋଆରେ ଚଳିତମାସ ୧୭ରୁ ୨୧ ପର୍ଯ୍ୟନ୍ତ ଅନୁଷ୍ଠିତ ଫିଫା ଏଲିଟ୍ କୋଚିଂ କୋର୍ସ କରି ଫେରିଛନ୍ତି ଓଡ଼ିଶାର ଶୁଭେନ୍ଦୁ ପଣ୍ଡା। ଏଥିରେ ଭାରତର ୧୯ ଜଣ ଏଲିଟ୍ କୋଚ୍ ଅଂଶଗ୍ରହଣ କରିଥିଲେ। ଫିଫା ଇନ୍‌ଷ୍ଟ୍ରକ୍ଟର ଡେନ୍‌ମାର୍କର କିମ୍ ପୌଲସେନ ଇନ୍‌ଷ୍ଟ୍ରକ୍ଟର ଦାୟିତ୍ୱ ତୁଲାଇଥିଲେ। ଫିଫା ଓ ଏଆଇଏଫଏଫର ମିଳିତ ଆନୁକୂଲ୍ୟରେ ଏହି କୋର୍ସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଆଇଏଫଏଫ ପକ୍ଷରୁ ଦେଶର ଶ୍ରେଷ୍ଠ କୋଚ୍‌ମାନଙ୍କୁ ଏହି କୋର୍ସ ପାଇଁ ମନୋନୀତ କରାଯାଇଥିଲା। ଶୁଭେନ୍ଦୁ ବର୍ତ୍ତମାନ ୧୫ ବର୍ଷରୁ କମ୍ ଭାରତୀୟ ଦଳର ମୁଖ୍ୟ କୋଚ୍ ଦାୟିତ୍ୱ ନିର୍ବାହ କରୁଛନ୍ତି। ସେ ପ୍ରଥମ ଭାରତୀୟ କୋଚ୍ ଭାବେ ଫୁଟବଲ ପିରିଓଡିସେସନ ବିଶେଷଜ୍ଞ ହେବାର ସୌଭାଗ୍ୟ ଲାଭ କରିଛନ୍ତି। ଏହା ବ୍ୟତୀତ ସେ ଓଡ଼ିଶାର ପ୍ରଥମ କୋଚ୍ ଭାବେ ଫିଫାର ଏଲିଟ୍ କୋର୍ସ କରିଛନ୍ତି। କିମ୍ ଜଣେ ଅତ୍ୟନ୍ତ ଅଭିଜ୍ଞ ଇନ୍‌ଷ୍ଟ୍ରକ୍ଟର। କୋର୍ସ ଅବସରରେ ସେ ୟୁଥ୍ ଓ ପ୍ରଫେସନାଲ ପିଲାଙ୍କ ଟ୍ରେନିଂ ଶୈଳୀରେ ଭିନ୍ନତା, ପୂରା ସିଜନ ପାଇଁ କିପରି ଟ୍ରେନିଂ ଡିଜାଇନ୍ ପ୍ରସ୍ତୁତ କରାଯିବ, ଫୁଟବଲ ସଂସ୍କୃତିରେ କିପରି ଉନ୍ନତି ଅଣାଯିବ ଆଦି ଉପରେ ବିଶେଷ ଶିକ୍ଷା ଦେଇଥିଲେ। ଏହି କୋର୍ସ କରିବା ଫଳରେ ଅନେକ ଅନୁଭୂତି ହୋଇଛି ଏବଂ ଅଭିଜ୍ଞତା ମିଳିଛି ବୋଲି ଶୁଭେନ୍ଦୁ ପ୍ରକାଶ କରିଛନ୍ତି।

# ଇଣ୍ଡିଆ ଗ୍ରୀନ୍‌ରେ ସୁଶ୍ରୀ, ବ୍ଲୁରେ ଅଞ୍ଜଳି, ରୀମାଲକ୍ଷ୍ମୀ

**କଟକ ଅଫିସ,୨୧।୯**

ଅକ୍ଟୋବର ୪ରୁ ୮ ପର୍ଯ୍ୟନ୍ତ ମହୀଶୂରଠାରେ ୨୩ବର୍ଷରୁ କମ୍ ମହିଳା ଟି୨୦ ଚ୍ୟାଲେଞ୍ଜର ସିରିଜ ଅନୁଷ୍ଠିତ ହେବ। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ଦ୍ୱାରା ଅନୁଷ୍ଠିତ ଏହି ସିରିଜରେ ଓଡ଼ିଶାର ୩ଜଣ ଖେଳାଳିଙ୍କୁ ଦେଖିବାକୁ ମିଳିବ। ଇଣ୍ଡିଆ ଗ୍ରୀନ ଦଳରେ ସୁଶ୍ରୀ ଦିବ୍ୟଦର୍ଶିନୀ, ଇଣ୍ଡିଆ ବ୍ଲୁଦଳରେ ଅଞ୍ଜଳି ସିଂ ଓ ରୀମାଲକ୍ଷ୍ମୀ ଏକ୍କାଙ୍କୁ ସୁଯୋଗ ମିଳିଛି। ଏହି ୩ଜଣ ଖେଳାଳି ଗତ ଜାତୀୟ ୨୩ବର୍ଷରୁ କମ୍ ମହିଳା କ୍ରିକେଟ ଟୁର୍ନାମେଣ୍ଟ, ୨୩ବର୍ଷରୁ କମ୍ ପୂର୍ବାଞ୍ଚଳ ଦଳରେ ପ୍ରତିନିଧିତ୍ୱ କରିବା ସହ ଭଲ ପ୍ରଦର୍ଶନ କରି ଚୟନକର୍ତ୍ତାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଅକ୍ଟୋବର ୨ ତାରିଖରେ ଏହି ୩ଜଣ ଖେଳାଳିଙ୍କୁ ମହୀଶୂରରେ ପହଞ୍ଚିବାକୁ କୁହାଯାଇଛି।

# ତୀରନ୍ଦାଜୀ କୋଚ୍ ତେଜାଙ୍କ ଇସ୍ତଫା

**ଚଣ୍ଡିଗଡ଼, ୨୧।୯(ପି.ଟି.)**

ଦ୍ରୋଣାଚାର୍ଯ୍ୟ ପୁରସ୍କାର ପ୍ରତ୍ୟାଶୀ ତାଲିକାରୁ ବାଦ୍ ପଡିବା ପରେ ତୀରନ୍ଦାଜୀ ତଥା କମ୍ପାଉଣ୍ଡ ଆର୍ଚେରୀ କୋଚ୍ ଜୀବନଜୋତ ସିଂ ତେଜା ତାଙ୍କ ପଦରୁ ଇସ୍ତଫା ଦେଇଛନ୍ତି। ମୁଁ ଭାରତୀୟ ଆର୍ଚେରୀ ଟିମ୍ କୋଚ୍ ପଦରୁ ଇସ୍ତଫା ଦେଇଛି ବୋଲି ତେଜା କହିଛନ୍ତି। ମୋ ପ୍ରତି ଅନ୍ୟାୟ ହୋଇଛି ବୋଲି ସେ କହିଛନ୍ତି। ମୁଁ ଏହି ପୁରସ୍କାର ପାଇ ଦାବି କରୁ ନ ଥିଲି, କିନ୍ତୁ ଚୟନ ପ୍ରକ୍ରିୟାରେ ସ୍ୱଚ୍ଛତା ଅବଲମ୍ବନ କରାଯାଉ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି।

ଗତ ଏସିଆନ ଗେମ୍ସ ଅବସରରେ ସେ ଜାତୀୟ କମ୍ପାଉଣ୍ଡ ହେଡ୍ କୋଚ୍ ହିସାବରେ ଜାକର୍ତ୍ତା ଗସ୍ତ କରିଥିଲେ। ତଥାକଥିତ ବିଶୃଙ୍ଖଳା ପାଇଁ ମୋତେ ଆର୍ଚେରୀ ଆସୋସିଏଶନ ଅଫ ଇଣ୍ଡିଆ ତରଫରୁ ଗୋଟିଏ ବର୍ଷ ବାସନ୍ଦ କରିଥିବା ମାମଲା ଏବେ ଅତୀତ ହେଲାଣି ଓ ପୁଣି ମୋ ବିରୋଧରେ ଅସିଥିବା ଅଭିଯୋଗ ବହୁଦିନ ହେବ ମଧ୍ୟ ଭିତ୍ତିହୀନ ତଥା ଅମୂଳକ ସାବ୍ୟସ୍ତ ହୋଇଛି ବୋଲି ତେଜା କହିଛନ୍ତି। ବାସ୍ତବରେ ମୁଁ ଏ ସଂକ୍ରାନ୍ତରେ ସମ୍ପୂର୍ଣ୍ଣ ନିର୍ଦ୍ଦୋଷ ଓ ବିନା କାରଣରେ ମୋତେ ଦଣ୍ଡିତ କରାଯାଇଥିଲା ବୋଲି ତେଜା କହିଛନ୍ତି।

କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ରାଜ୍ୟବର୍ଦ୍ଧନ ସିଂ ରାଠୋର ଜଣେ କ୍ରୀଡ଼ାବିତ୍ ହୋଇଥିବାରୁ ଏହି କଥା ଭଲ ଭାବେ ହୃଦୟଙ୍ଗମ କରିଥିବେ । ଏବେ ମୋତେ ଜଣେ ଦୋଷୀ କିମ୍ବା ଚୋର ବୋଲି ସାବ୍ୟସ୍ତ କରାଯାଉଛି। ଏବେ ମୁଁ ପ୍ରଧାନମନ୍ତ୍ରୀ ଓ ରାଷ୍ଟ୍ରପତିଙ୍କ ଦ୍ୱାରସ୍ଥ ହେବି ବୋଲି ସେ କହିଛନ୍ତି। ଦ୍ରୋଣାଚାର୍ଯ୍ୟ ପ୍ରତ୍ୟାଶୀ ତାଲିକାରୁ ମୋ ନାମ ବାଦ ଦେବା ନେଇ ପୁନର୍ବିଚାର କରିବାକୁ ୩ଜଣ ଅର୍ଜୁନ ପୁରସ୍କାର ବିଜେତା ପ୍ରସ୍ତାବ ଦେଇଥିଲେ ବୋଲି ତେଜା ଦାବି କରିଛନ୍ତି।

୨୦୧୫ରେ ବିଶ୍ୱ ବିଶ୍ୱବିଦ୍ୟାଳୟ ଗେମ୍ସ ପାଇଁ ତେଜା ଭାରତୀୟ ଟିମ୍ ମୁଖ୍ୟ କୋଚ୍ ହିସାବରେ ଯାତ୍ରା କରିଥିଲେ। ତେବେ ଇଭେଣ୍ଟ ସମୟ ନେଇ ଦ୍ୱନ୍ଦ୍ୱ ସୃଷ୍ଟି ହେବା ଫଳରେ ଦଳ ବିଳମ୍ବରେ ପହଞ୍ଚିଥିଲା। ଫଳରେ ଦଳ ଅଳ୍ପକେ ବ୍ରୋଞ୍ଜ୍ ପଦକ ହରାଇଥିଲା। ଏହି କାରଣ ଯୋଗୁ ଆସୋସିଏଶନ ଅଫ୍ ଇଣ୍ଡିଆନ ୟୁନିଭର୍ସିଟିଜ୍ (ଏଆଇୟୁ) ତାଙ୍କୁ ୩ ବର୍ଷ ବାସନ୍ଦ କରିଥିଲା। ତେବେ ଆର୍ଚେରୀ ଆସୋସିଏଶନ ଅଫ୍ ଇଣ୍ଡିଆ (ଏଏଆଇ) ତାଙ୍କ ଉପରେ ଗୋଟିଏ ବର୍ଷ ବାସନ୍ଦାଦେଶ ଜାରି କରିଥିଲା। ଏଆଇୟୁ ପରେ ଏହି ବାସନ୍ଦ ଅବଧିକୁ ଦେଢ ବର୍ଷକୁ କମାଇ ଦେଇଥିଲା। କାରଣ ସେମାନେ ଜାଣିଥିଲେ ଯେ, ଏଥିପାଇଁ ମୋର କୌଣସି ଦୋଷ ନାହିଁ। ଏହା ଏକ ଦୁର୍ଭାଗ୍ୟଜନକ ଘଟଣାଥିଲା ଓ ମୁଁ ଜାଣିଶୁଣି ଏପରି କରି ନ ଥିଲି। ଚିଫ୍ ଡି ମିଶନ ଟାଇମିଂ ପରିବର୍ତ୍ତନ ସମ୍ପର୍କରେ ଜାଣିଥିଲେ ଓ ଆମକୁ ଏ ବିଷୟରେ ସୂଚନା ଦେଇ ନ ଥିଲେ ବୋଲି ତେଜା କହିଛନ୍ତି।

ସୂଚନାଯୋଗ୍ୟ ଯେ, ପ୍ରଶିକ୍ଷଣରେ ୪ ବର୍ଷଧରି ଉଲ୍ଲେଖନୀୟ ଯୋଗଦାନ ପାଇଁ କୋଚ୍‌ମାନଙ୍କୁ ଦ୍ରୋଣାଚାର୍ଯ୍ୟ ପୁରସ୍କାର ପ୍ରଦାନ କରାଯାଇଥାଏ। ପୁରସ୍କାର ବାବଦରେ ନଗଦ ୫ ଲକ୍ଷ୍ୟ ଟଙ୍କା ଦିଆଯାଇଥାଏ। ଏ ବର୍ଷ ଦ୍ରୋଣାଚାର୍ଯ୍ୟ ପୁରସ୍କାର ପାଇଁ କ୍ଲାରେନ୍ସ ଲୋବୋ (ହକି), ତରକ ସିହ୍ନା (କ୍ରିକେଟ), ଜୀବନ କୁମାର ଶର୍ମା (ଜୁଡୋ) ଓ ଭି.ଆର. ବିଡୁ (ଆଥଲେଟିକ୍ସ)ଙ୍କ ନାମ ସୁପାରିସ୍ କରାଯାଇଛି।




# ଓଡ଼ିଶାର କ୍ରମାଗତ ଦ୍ୱିତୀୟ ପରାଜୟ

## ବିଜୟ ହଜାରେ ଟ୍ରଫି

**କଟକ ଅଫିସ,୨୧।୯**

ବିଜୟ ହଜାରେ ଟ୍ରଫିରେ ଓଡ଼ିଶା ଲଗାତାର ଦ୍ୱିତୀୟ ପରାଜୟ ବରଣ କରିଛି । ନୂଆଦିଲ୍ଲୀ ଏୟାରଫୋର୍ସ କମ୍ପ୍ଲେକ୍ସ ଗ୍ରାଉଣ୍ଡରେ ଚାଲିଥିବା ଏହି ଟୁର୍ନାମେଣ୍ଟରେ ଗୁରୁବାର ଆନ୍ଧ୍ରପ୍ରଦେଶଠାରୁ ପରାସ୍ତ ହୋଇଥିବା ଓଡ଼ିଶା ଶୁକ୍ରବାର ୬ ଉଇକେଟରେ କେରଳଠାରୁ ହାରିଛି। ଖରାପ ବ୍ୟାଟିଂ ହିଁ ଦୁଇଟି ଯାକ ମ୍ୟାଚ୍‌ରେ ଓଡ଼ିଶା ପାଇଁ ମହଙ୍ଗା ପଡ଼ିଛି। କେରଳ ବିପକ୍ଷରେ ଓଡ଼ିଶା ମାତ୍ର ୧୧୮ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଥିଲା। ୪ ଉଇକେଟ ହରାଇ କେରଳ ମ୍ୟାଚ୍‌କୁ ଜିତିଥିଲା।

ସଚିନ ବେବିଙ୍କ ନେତୃତ୍ୱାଧୀନ କେରଳ ଟସ୍ ଜିତି ଓଡ଼ିଶାକୁ ବ୍ୟାଟିଂ ଆମନ୍ତ୍ରଣ କରିଥିଲା। ଦଳୀୟ ସ୍କୋର ୬ ହୋଇଥିବାବେଳେ ଓଡ଼ିଶା ଦୁଇ ଓପନର ରାଜେଶ ଧୂପର (୪ରନ୍) ଓ ଅନୁରାଗ ଷଡ଼ଙ୍ଗୀ (୨ରନ୍)ଙ୍କୁ ହରାଇ ସଙ୍କଟରେ ପଡ଼ିଥିଲା। ଅଧିନାୟକ ଗୋବିନ୍ଦ ପୋଦ୍ଦାର ଓ ଶୁଭ୍ରାଂଶୁ ସେନାପତିଙ୍କ ମଧ୍ୟରେ ୩ୟ ଉଇକେଟ ଯୋଡ଼ିରେ ୪୮ରନ୍‌ର ଭାଗୀଦାରି ହୋଇଥିଲା। ୧୩ତମ ଓଭରରେ ଓଡ଼ିଶାର ଦଳୀୟ ସ୍କୋର ୫୦ ହେବା ପରେ ଏହି ଗୁରୁତ୍ୱପୂର୍ଣ୍ଣ ଭାଗୀଦାରିକୁ ଭାଙ୍ଗିବାରେ ସମର୍ଥ ହୋଇଥିଲେ କେରଳ ବୋଲର। ଗୋବିନ୍ଦ (୨୨ରନ୍) ଓ ଶୁଭ୍ରାଂଶୁ (୨୬ରନ୍)ଙ୍କୁ ଗୋଟିଏ ଓଭର ବ୍ୟବଧାନରେ ପ୍ୟାଭିଲିୟନ ଫେରାଇ ଦେଇଥିଲେ। ଓଡ଼ିଶାର ସ୍କୋର ୪ ଉଇକେଟରେ ୫୮ରନ୍‌ରେ ପହଞ୍ଚିଥିଲା। ପରେ ଅଭିଷେକ ରାଉତ (୨୩ରନ୍)ଙ୍କ ବ୍ୟତୀତ ଅନ୍ୟ କୌଣସି ବ୍ୟାଟ୍ସମ୍ୟାନ ଦୀର୍ଘ ସମୟ କ୍ରିଜରେ ତିଷ୍ଠି ପାରି ନ ଥିଲେ। ବିପ୍ଲବ ସାମନ୍ତରାୟ ୬, ଉଇକେଟ କିପର ସୁଜିତ ଲେଙ୍କା ୧୦, ଦୀପକ ବେହେରା ୫, ରାଜେଶ ମହାନ୍ତି ୪, ପପୁ ରାୟ ୬ ଓ ପ୍ରୀତ କନୱର ସିଂ ଚୌହ୍ୱାନ ୫ରନ୍ କରିଥିଲେ। ୩୪.୪ ଓଭରରେ ସମସ୍ତ ଉଇକେଟ ହରାଇ ଓଡ଼ିଶା ୧୧୭ରନ କରିଥିଲା। କେରଳ ପକ୍ଷରୁ ବାମହାତୀ ଅର୍ଥୋଡକ୍ସ ଅକ୍ଷୟ ଚନ୍ଦ୍ରନ ୪ଟି ଓ ସ୍ପିନର ଜଲଜ ସକ୍ସେନା ୩ଟି ଉଇକେଟ ପାଇଥିଲେ। କେରଳ ଇନିଂସ୍‌ର ପ୍ରାରମ୍ଭରୁ ଓଡ଼ିଶା ମଧ୍ୟ ସ୍ପିନ ବୋଲରଙ୍କ ସହାୟତାରେ ଉଇକେଟ ଦଖଲ କରିଥିଲା। ୨୫ରନ୍‌ରେ କେରଳ ୨ଟି ଉଇକେଟ ହରାଇଥିଲା। ମାତ୍ର ଅଧିନାୟକ ସଚିନ ଓ ଉଇକେଟ କିପର ସଞ୍ଜୁ ସାମସନ ସତର୍କତାର ସହ ବ୍ୟାଟିଂ କରି ଦଳକୁ ବିଜୟୀ କରିବାରେ ସକ୍ଷମ ହୋଇଥିଲେ। ଅଧିନାୟକ ସଚିନ ସର୍ବାଧିକ ୪୧ରନ କରି ପପୁ ରାୟଙ୍କ ଦ୍ୱାରା ଆଉଟ ହୋଇଥିଲେ। ସଞ୍ଜୁ ୨୫ରନ୍‌ରେ ଅଭିଷେକ ରାଉତଙ୍କ ଶିକାର ହୋଇଥିଲେ। ୫ନଂ ବ୍ୟାଟିଂ କ୍ରମରେ କେରଳ ସଲମାନ ନିଜାର ଅପରାଜିତ ୩୧ରନ୍ କରିଥିଲେ। ୩୭.୩ ଓଭରରେ ୪ ଉଇକେଟ ହରାଇ କେରଳ ବିଜୟୀ ହୋଇଥିଲା। ପପୁ ରାୟ ୨୫ରନ୍ ବିନିମୟରେ ୨ଟି ଉଇକେଟ ପାଇଛନ୍ତି।

**ସଂକ୍ଷିପ୍ତ ସ୍କୋର**

ଓଡ଼ିଶା: ୧୧୭/ଅଲଆଉଟ୍ (ଶୁଭ୍ରାଂଶୁ ସେନାପତି-୨୬, ଅଭିଷେକ ରାଉତ-୨୩, ଅକ୍ଷୟ ଚନ୍ଦ୍ରନ-୪/୨୯)। କେରଳ: ୧୧୮/୪( ସଚିନ ବେବି ୪୧, ସଲମାନ ନିଜାର-୩୧, ପପୁ ରାୟ-୨/୨୫)।

■ ଆଇଆଇଟିର ସମାବର୍ତ୍ତନ ଉତ୍ସବ ଆଜି

# ୩୩୨ ବିଦ୍ୟାର୍ଥୀଙ୍କୁ ପ୍ରଦାନ କରାଯିବ ଡିଗ୍ରୀ



ଖବରଦାତା ସମ୍ମିଳନୀରେ ଆଇଆଇଟିର ଅଧିକାରୀମାନେ।

**ଜଟଣୀ,୨୧।୯(ଡି.ଏନ.ଏ.)**

ଜଟଣୀ ଅରଗୁଳସ୍ଥିତ ଆଇଆଇଟିର ସପ୍ତମ ସମାବର୍ତ୍ତନ ଉତ୍ସବ ଶନିବାର ଅନୁଷ୍ଠିତ ହେବ। ଶିକ୍ଷାନୁଷ୍ଠାନ କ୍ୟାମ୍ପସ୍‌ରେ ଅନୁଷ୍ଠିତ ହେବାକୁ ଥିବା ଏହି ଉତ୍ସବରେ କେନ୍ଦ୍ର ସରକାରଙ୍କ ବିଜ୍ଞାନ ଓ ପ୍ରାଦ୍ୟୋଗିକ ବିଭାଗର ସଚିବ ପ୍ରଫେସର ଆଶୁତୋଷ ଶର୍ମା ମୁଖ୍ୟଅତିଥି ଭାବେ ଯୋଗଦେବେ। ଆଇଆଇଟି ପରିଚାଳନା ବୋର୍ଡର ଚେୟାରମ୍ୟାନ ପଙ୍କଜ ରମଣଭାଇ ପଟେଲ ଉତ୍ସବରେ ଅଧ୍ୟକ୍ଷତା କରିବେ। ଏଥିରେ କୃତୀ ବିଦ୍ୟାର୍ଥୀମାନଙ୍କୁ ଡିଗ୍ରୀ ପ୍ରଦାନ କରାଯିବ। ପିଏଚ୍‌ଡିରେ ୧୦, ଏମ୍‌ଟେକ୍‌ରେ ୯୧, ଏମ୍‌ଏସିରେ ୬୯ ଓ ବି.ଟେକ୍‌ରେ ୧୬୨ଙ୍କୁ ମିଶାଇ ୩୩୨ ଜଣଙ୍କୁ ଏହି ଡିଗ୍ରୀ ଦିଆଯିବ। ଏହାଛଡ଼ା ଶିକ୍ଷାକ୍ଷେତ୍ରରେ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ବି.ଟେକ୍‌ରେ ସ୍କୁଲ ଅଫ୍ ମେକାନିକାଲ୍ ସାଇନ୍ସର ନନ୍ଦୁରୀ ଦିବାକର ରାଷ୍ଟ୍ରପତି ସ୍ୱର୍ଣ୍ଣପଦକ ପାଇବେ। ଏମ୍.ଟେକ୍‌ରେ ସ୍କୁଲ ଅଫ୍ ଇନ୍‌ଫ୍ରାଷ୍ଟ୍ରକ୍ଚରର ଦେବଲିନା ମୁଖାର୍ଜୀ ଓ ଏମ୍‌ଏସି ସ୍କୁଲ ଅଫ୍ ବେସିକ୍ ସାଇନ୍ସର ସୟାନ୍ ରାୟ ଡାଇରେକ୍ଟରସ୍ ଗୋଲ୍ଡ ମେଡାଲରେ ଭୂଷିତ ହେବେ।

ସେହିପରି ଶ୍ରେଷ୍ଠତ୍ୱ ପ୍ରଦର୍ଶନ ପାଇଁ ବି.ଟେକ୍‌ରେ ନନ୍ଦୁରୀ ଦିବାକର, ରାମରେ ଡିଗାରୀ, ରାହୁଲ ରେଡ୍ଡୀ, କୋଲା ଲକ୍ଷ୍ମୀ ସାଇ ଶ୍ରୀ, ସ୍ନେହସୁଶାନ ଗର୍ଗ, ସୁଧାଂଶୁ ଶ୍ରୀବାସ୍ତବ, ଏମ୍.ଟେକ୍‌ରେ ଦେବଲୀନା ମୁଖାର୍ଜୀ, ବିକାଶ ଶର୍ମା ବିଏସ୍, ବାରିକ ଅନସୂୟା ଅନୁପମ ସ୍ୱାତି, ପଲାସ ସ୍ୱର୍ଣ୍ଣକାର, କୁପିଲି ରାଭିତେଜା, ନାଜନିନ୍ ନିଘାର ସୁଲତାନ ଓ ଏମ୍‌ଏସି ବ୍ୟାଚ୍‌ର ସାୟନ୍ ରାୟ, ଅସ୍ମିତା ସିଂହରାୟ, ରାହୁଲ ରାନା, ଦୀପାଞ୍ଜଳି ହାଲଦାରଙ୍କୁ ଇନ୍‌ଷ୍ଟିଚ୍ୟୁଟ୍ ସିଲଭର ମେଡାଲ ପ୍ରଦାନ କରାଯିବ ବୋଲି ଏକ ଖବରଦାତା ସମ୍ମିଳନୀରେ ଆଇଆଇଟିର ନିର୍ଦ୍ଦେଶକ ପ୍ରଫେସର ଆର୍.ଭି. ରାଜାକୁମାର ସୂଚନା ଦେଇଛନ୍ତି। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଆଇଆଇଟି ରେଜିଷ୍ଟ୍ରାର ଦେବରାଜ ରଥ, ଡିନ୍ (ଆରଆଣ୍ଡଡି) ଆର୍.କେ. ପଣ୍ଡା, ପ୍ରଫେସର ପି.ଆର୍. ସାହୁ, ପ୍ରଫେସର ଭି.ଆର୍. ପେଡ୍ଡିରେଡ୍ଡୀ ପ୍ରମୁଖ ଉପସ୍ଥିତ ଥିଲେ।




■ କୋଣାର୍କ, ଶ୍ରୀମନ୍ଦିର ପ୍ରତି ଅରୁଚିକର ମନ୍ତବ୍ୟ

# ଆୟରଙ୍କ ନାମରେ ପୁଣି ସିଂହଦ୍ୱାର ଥାନାରେ ଏତଲା

**ପୁରୀ ଅଫିସ, ୨୧।୯**

ଅଭିଜିତ୍ ଆୟର ମିତ୍ର ଓଡ଼ିଶା, ଓଡ଼ିଆ ଜାତି, ଓଡ଼ିଶାର ଐତିହ୍ୟକୁ ନେଇ ସୋସିଆଲ ମିଡିଆରେ ବିଭିନ୍ନ ପ୍ରକାର ଅରୁଚିକର ମନ୍ତବ୍ୟ ରଖୁଛନ୍ତି। ଶ୍ରୀଜଗନ୍ନାଥ ଓ କୋଣାର୍କ ସୂର୍ଯ୍ୟମନ୍ଦିର ବିରୋଧରେ କଦର୍ଥ ମନ୍ତବ୍ୟ ରଖିଛନ୍ତି। ଏହା ଓଡ଼ିଶା ଏବଂ ଓଡ଼ିଆ ଜାତିର ସ୍ୱାଭିମାନ ଏବଂ ଭାବାବେଗକୁ କଠୋର ଆଘାତ ଦେଇଛି। ଅଭିଜିତ୍‌ଙ୍କ ଏହି ବିବାଦୀୟ ମନ୍ତବ୍ୟକୁ ବିରୋଧ କରି ଶୁକ୍ରବାର ସଚେତନ ନାଗରିକ ମଞ୍ଚ ପକ୍ଷରୁ ସିଂହଦ୍ୱାର ଥାନାରେ ଏତଲା ଦିଆଯାଇଛି। ମଞ୍ଚର ସଭାପତି ତଥା ଆଇନଜୀବୀ ପ୍ରସନ୍ନ କୁମାର ଦାଶ ଏତଲାରେ ଦର୍ଶାଇଛନ୍ତି ଯେ, ଅଭିଜିତ୍ ବିଧାନସଭାର ସଦସ୍ୟ ଓ ସଦସ୍ୟାଙ୍କ ନାମରେ ବିବାଦୀୟ ମନ୍ତବ୍ୟ ଦେଇଛନ୍ତି। ଏଭଳି ବ୍ୟକ୍ତିଙ୍କ ବିରୋଧରେ ଭାରତୀୟ ଦଣ୍ଡବିଧି ଆଇନର ଧାରା ୧୫୩(ଏ), ୨୯୫(କ), ୨୯୬, ୨୯୭, ୨୯୮, ୧୨୦(ଖ), ୩୪ ଏବଂ ବିଧାନସଭା ଆଚରଣବିଧି ନିୟମ ୧୪୨ ଧାରା ବଳରେ ମକଦ୍ଦମା ରୁଜୁ କରି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ନିବେଦନ କରିଛନ୍ତି। ଏହାସହିତ ସିଂହଦ୍ୱାର ଥାନା ସମ୍ମୁଖରେ ସଚେତନ ନାଗରିକ ମଞ୍ଚ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ଅଭିଜିତ୍‌ଙ୍କ ଫଟୋଚିତ୍ର ସମ୍ବଳିତ ଫ୍ଲେକ୍ସ ପୋଡ଼ାଯାଇଥିଲା। ଏ ସମ୍ପର୍କରେ ସିଂହଦ୍ୱାର ଥାନା ଅଧିକାରୀ ଗୋକୁଳ ଚନ୍ଦ୍ର ଦାସ କହିଛନ୍ତି, ଏହି ଅଭିଯୋଗକୁ ଭିତ୍ତିକରି ଏକ ଷ୍ଟେଶନ ଡାଏରୀ କରାଯାଇଛି। ଏହାର ତଦନ୍ତ କରାଯିବ।


ସିଂହଦ୍ୱାର ସମ୍ମୁଖରେ ଅଭିଜିତ ଆୟର ମିତ୍ରଙ୍କ ପୋଷ୍ଟର ପୋଡାଯାଉଛି।

ସୂଚନାଯୋଗ୍ୟ, ଗତ ୧୫ ତାରିଖରେ ଚିଲିକା ଉପରେ ହେଲିକପ୍ଟର ଉଡ଼ାଣ ହୋଇଥିଲା। ପୂର୍ବତନ ଏମ୍‌ପି ବୈଜୟନ୍ତ ପଣ୍ଡା ଏହି ଉଡ଼ାଣ କରିଥିବା ଜଣାପଡିଥିଲା। ତାଙ୍କ ସହିତ ଦିଲ୍ଲୀର ଅଭିଜିତ୍ ଆୟର ମିତ୍ର ଏବଂ ଆରତି ଟିକୋ ହେଲିକପ୍ଟରରେ ଥିଲେ। ସେ ତାଙ୍କ ଟୁଇଟରରେ ଏହି ହେଲିକପ୍ଟରରେ ବୁଲିବାର ଫଟୋ ପୋଷ୍ଟ କରିବା ସହିତ ଶ୍ରୀଜଗନ୍ନାଥ ମନ୍ଦିର, କୋଣାର୍କ, ଓଡ଼ିଶା ଏବଂ ଓଡ଼ିଆ ଜାତି ବିରୋଧରେ ମନ୍ତବ୍ୟ ରଖିଥିଲେ। ଏହାକୁ ନେଇ ପୂର୍ବରୁ ସିଂହଦ୍ୱାର ଥାନାରେ ଏକ ଏତଲା ହୋଇଛି। ଏହାସହିତ କୋଣାର୍କ ଥାନାରେ ଏକ ମାମଲା ମଧ୍ୟ ରୁଜୁ ହୋଇଛି। ଉକ୍ତ ମାମଲାରେ ପୋଲିସ ଗୁରୁବାର ତାଙ୍କୁ ଦିଲ୍ଲୀରୁ ଗିରଫ କରିଥିବା ବେଳେ ସାକେତ କୋର୍ଟ ତାଙ୍କ ଜାମିନ ମଞ୍ଜୁର କରିଛନ୍ତି। ୨୮ ତାରିଖ ସୁଦ୍ଧା ତଦନ୍ତ ଅଧିକାରୀଙ୍କ ନିକଟରେ ହାଜର ହେବାକୁ ନିର୍ଦ୍ଦେଶ ଦେଇଛନ୍ତି।

## ପୁରାତନ ବୌଦ୍ଧ ମୂର୍ତ୍ତି ଉଦ୍ଧାର



**ଭୁବନେଶ୍ୱର, ୨୧।୯(ବ୍ୟୁରୋ)**

ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରତ୍ନତତ୍ତ୍ୱ ବିଭାଗର ଗବେଷକ ଦୁର୍ଗାଚରଣ ମଙ୍ଗୁଆଳ ଓ ବିଶ୍ୱଜିତ୍ ବେହେରାଙ୍କ ତତ୍ତ୍ୱାବଧାନରେ କଟକ ଜିଲା ଟିଗିରିଆ ବ୍ଲକ ଅନ୍ତର୍ଗତ ହରିଜନ ସାହି, ହାଟମାଳ ଗ୍ରାମରୁ ଏକ ବୌଦ୍ଧ ମୂର୍ତ୍ତି ଉଦ୍ଧାର କରାଯାଇଛି। ଏହି ମୂର୍ତ୍ତିଟି ଖ୍ରୀଷ୍ଟାବ୍ଦ ୯ମ କିମ୍ବା ୧୦ମର ବୋଲି ଅନୁମାନ କରାଯାଉଛି। ଏହି ମୂର୍ତ୍ତିର ପ୍ରଭାମଣ୍ଡଳରେ ଏକ ଶିଳାଲିପି ରହିଛି। ଓଡ଼ିଶା ରାଜ୍ୟ ସଂଗ୍ରହାଳୟର ଭାଷା ତତ୍ତ୍ୱବିତ୍ ଡ.ଭାରତୀ ପାଲଙ୍କ ମତରେ ଏହି ଶିଳାଲିପି ବୌଦ୍ଧ ଧର୍ମର 'ବୁଦ୍ଧ ଧାରିଣୀ ମନ୍ତ୍ର'ର ବ୍ୟାଖ୍ୟା। ଏହି ମନ୍ତ୍ର କୌଣସି ବୌଦ୍ଧ ଧର୍ମାବଲମ୍ବୀ ଉପାସକ ବା ଉପାସିକା ଖୋଦିତ କରିଥାଇ ପାରନ୍ତି। ବୌଦ୍ଧମାନେ ନିର୍ବାଣ ପ୍ରାପ୍ତି ଲାଗି ଏହି ଖୋଦିତମନ୍ତ୍ରପାଠକରୁଥିବାରଜଣାଯାଏ।



ଭୁବନେଶ୍ୱର ଭବାନୀ ମଲ୍‌ରେ ଶୁକ୍ରବାର ହକି ବିଶ୍ୱକପ୍ ଟ୍ରଫିକୁ ଛାତ୍ରୀମାନେ ବୁଲି ଦେଖୁଛନ୍ତି।

■ ମଙ୍ଗଳ ଆଳତି ଦର୍ଶନ କଲେ ଆମିକସ୍ କ୍ୟୁରି

# ପିନ୍ଧିଥିଲେ ପାଟ, ଚିହ୍ନିପାରିଲେନି ସେବକ

**ପୁରୀ ଅଫିସ,୨୧।୯**

ମହାପ୍ରଭୁଙ୍କ ମଙ୍ଗଳ ଆଳତି ଦର୍ଶନ କରିଛନ୍ତି ଆମିକସ୍‌କ୍ୟୁରି ଗୋପାଳ ସୁବ୍ରମଣ୍ୟମ୍। ଶୁକ୍ରବାର ଭୋର ସାଢ଼େ ୫ଟା ସୁଦ୍ଧା ଆମିକସ୍‌କ୍ୟୁରି ସିଂହଦ୍ୱାର ନିକଟରେ ପହଞ୍ଚିଥିଲେ। ଜଣେ ସାଧାରଣ ଭକ୍ତଙ୍କ ଭଳି ଆସିଥିଲେ। ପାଟ ପରିଧାନ କରିଥିବା ବେଳେ ହାତରେ ଥିଲା ଏକ ଆଧ୍ୟାତ୍ମିକ ପୁସ୍ତକ। ଅରୁଣ ସ୍ତମ୍ଭ ସମ୍ମୁଖରେ କିଛି ସମୟ ଠିଆହୋଇ ଦୁଇହାତ ଟେକି ମହାପ୍ରଭୁଙ୍କୁ ସ୍ମରଣ କରିଥିଲେ। ଏହାପରେ ଭିତରକୁ ପ୍ରବେଶ କରିଥିଲେ। ହେଲେ କେତେଜଣ ସେବକ ତାଙ୍କୁ ଚିହ୍ନିପାରି ନ ଥିଲେ।

ଆମିକସ୍‌କ୍ୟୁରି ପ୍ରଥମେ ଶ୍ରୀମନ୍ଦିର ବେଢ଼ା ବୁଲି ଦେଖିଥିଲେ। ପରେ ମହାଲକ୍ଷ୍ମୀଙ୍କ ମନ୍ଦିରକୁ ଯାଇ ସ୍ତୋତ୍ର ପାଠ କରିଥିଲେ। ବିମଳା ମନ୍ଦିରକୁ ଯାଇ କିଛି ସମୟ କଟାଇଥିଲେ। ଏହାପରେ ମହାପ୍ରଭୁଙ୍କୁ ଦର୍ଶନ କରିବାକୁ ଭିତରକୁ ଯିବାବେଳକୁ ପହୁଡ଼ ପଡିଥିଲା। ପୂର୍ବ ରାତି ୪ଟା ୧୦ରେ ମହାପ୍ରଭୁଙ୍କ ପହୁଡ଼ ନୀତି ସମ୍ପନ୍ନ ହୋଇଥିଲା। ତେଣୁ ୬ଟା ୨୫ରେ ଦ୍ୱାର ଫିଟି ନୀତି ଆରମ୍ଭ ହୋଇଥିଲା। ବ୍ରାହ୍ମ ମୁହୂର୍ତ୍ତରେ ମଙ୍ଗଳ ଆଳତି ନୀତି ହେବାର ବିଧି ଥିବା ବେଳେ ପୂର୍ବ ରାତିର ନୀତି ବିଳମ୍ବ ଯୋଗୁ ସକାଳ ୭ଟା ୫ରେ ମଙ୍ଗଳ ଆଳତି ହୋଇଥିଲା। ମଙ୍ଗଳ ଆଳତି ଦର୍ଶନ ସାରି ସେ ମୁକ୍ତିମଣ୍ଡପ ନିକଟକୁ ଆସିଥିଲେ। ସେଠାରେ କିଛି ସମୟ କାଟିବା ପରେ ବାହାରକୁ ଆସିଥିଲେ। ପ୍ରାୟ ଅଢ଼େଇ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ସେ ମନ୍ଦିର ଭିତରେ ରହିଥିଲେ।

### ମହାପ୍ରଭୁଙ୍କୁ ଦାନ ଦେଲେ

ମହାପ୍ରଭୁଙ୍କ ମଙ୍ଗଳ ଆଳତି ଦର୍ଶନ କରିସାରିବା ପରେ ଦାନ ଦେଇଥିଲେ ଆମିକସ୍‌କ୍ୟୁରି। ପିଣ୍ଡିକା ଦାନ ସଂଗ୍ରହ ପାଇଁ ଶ୍ରୀମନ୍ଦିର ପ୍ରଶାସନ ବସାଇଥିବା ଗଡ୍ଡୁରେ ସେ ୨୦୦ ଟଙ୍କିଆ ଏକ ବିଡ଼ା ପକାଇଥିଲେ। ତେବେ ଆମିକସ୍‌କ୍ୟୁରିଙ୍କ ଏହି ଦାନକୁ ନେଇ ନାନା ଚର୍ଚ୍ଚା ଶୁଣିବାକୁ ମିଳିଥିଲା। ସେ ୨୦ ହଜାର ଟଙ୍କା ମହାପ୍ରଭୁଙ୍କୁ ଦାନ ଦେଇଥିବା ଶୁଣିବାକୁ ମିଳୁଥିବା ବେଳେ ଏହା ନିର୍ଦ୍ଦିଷ୍ଟ କେତେ ଅର୍ଥ ଜଣାପଡିନାହିଁ।

ସୂଚନାଯୋଗ୍ୟ, ଅରବିନ୍ଦ ପାଢ଼ୀ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଥିବା ବେଳେ ଆମିକସ୍‌କ୍ୟୁରି ଶ୍ରୀମନ୍ଦିରକୁ ଆସି ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ।

# ଏସ୍‌ସିବିରୁ ରୋଗୀ ନିଖୋଜ

**କଟକ ଅଫିସ, ୨୧।୯:** ଏସ୍‌ସିବି ମେଡିକାଲରୁ ଜଣେ ରୋଗୀ ନିଖୋଜ ହୋଇଯାଇଛନ୍ତି। ତାଙ୍କ ନାମ ଯଶୋମନ୍ତ ଘଡେଇ(୨୮) ଓ ଘର ବାରିପଦା ଅଞ୍ଚଳରେ। ୪ ଦିନ ତଳେ ସେ କିରୋସିନ ପିଇଦେବାରୁ ଗୁରୁତର ହୋଇପଡିଥିଲେ। ଚିକିତ୍ସା ଲାଗି ତାଙ୍କୁ ଏସ୍‌ସିବି ମେଡିକାଲର ମେଡିସିନ ବିଭାଗରେ ଭର୍ତ୍ତି କରାଯାଇଥିଲା। ଗୁରୁବାର ବିଳମ୍ବିତ ରାତିରୁ ତାଙ୍କର ପତ୍ତା ମିଳୁନାହିଁ। ପରିବାର ଲୋକେ ଗବିଭିନ୍ନ ଆଡେ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କର ସନ୍ଧାନ ପାଇନାହାନ୍ତି। ଏ ନେଇ ମଙ୍ଗଳାବାଗ ଥାନା ଆଇଆଇସି ଅରୁଣ କୁମାର ସ୍ୱାଇଁଙ୍କୁ ପଚାରିବାରୁ ରୋଗୀ ନିଖୋଜ ନେଇ ଅଭିଯୋଗ ହୋଇ ନ ଥିବା କହିଥିଲେ।









1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ଆଗରୁ ଦେଇ ନ ଥିଲେ ଏବେ ପାଇପାରିବନି। ତେଣୁ ପାଇବାର ଉତ୍କୃଷ୍ଟ ଉପାୟ ହେଉଛି ଦେବା। ସଞ୍ଚୟରେ ମଣିଷର ସ୍ପର୍ଦ୍ଧା ବଢ଼େ, ତ୍ୟାଗରେ ବଢ଼େ ମହତ୍ତ୍ୱ। -ଶିରିଡ଼ି ସାଇ



## ସଂକ୍ଷେପରେ

### ପତିତପାବନଙ୍କ ବାର୍ଷିକୋତ୍ସବ



**ନେମାଳ,୨୧।୯(ଡି.ଏନ.ଏ.):** ନିଶ୍ଚିନ୍ତକୋଇଲି ବ୍ଲକ ନେମାଳର ମାଳିଗାଁ ରତ୍ନାକର ବାରିକଙ୍କ ବାସଭବନରେ ସୁନିଆଁ ବାମନ ଜନ୍ମ ଓ ପତିତପାବନଙ୍କ ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପୂର୍ବ ନିର୍ଦ୍ଧାରିତ ସମୟ ଅନୁସାରେ ସମସ୍ତ ସେବାପୂଜା କରାଯାଇଥିଲା। ସନ୍ଧ୍ୟାରେ ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ସେବକ ପଦ୍ମନାଭ ପୂଝାରୀଙ୍କ ତତ୍ତ୍ୱାବଧାନରେ ଅଚ୍ୟୁତାନନ୍ଦଙ୍କ ବ୍ରହ୍ମଏକାକ୍ଷରୀ ମେଳା ଅନୁଷ୍ଠିତ ହୋଇଥିଲା। ଏଥିସହ ଭଜନ, କୀର୍ତ୍ତନ ଓ ରାହାସ ଉତ୍ସବ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଶତ୍ରୁଘ୍ନ ଦାସ, ଆଲୋକ ଦତ୍ତ, ଅନନ୍ତରାମ ଦାସଙ୍କ ସମେତ ବହୁ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ।

### ସାପ କାମୁଡ଼ାରେ ଯୁବକଙ୍କ ମୃତ୍ୟୁ

**ବାଙ୍କୀ,୨୧।୯(ସ୍ୱ.ପ୍ର.):** ସାପ କାମୁଡ଼ାରେ ବାଙ୍କୀ ଥାନା ଅଧୀନ ବିଲିପଡ଼ା ଗ୍ରାମର ଜଣେ ଯୁବକଙ୍କ ଶୁକ୍ରବାର ମୃତ୍ୟୁ ଘଟିଛି। ମୃତ ଯୁବକ ହେଲେ ଗ୍ରାମର ନିବାସ ସ୍ୱାଇଁଙ୍କ ପୁଅ ଭଗବାନ ସ୍ୱାଇଁ (୪୬)। ଗୁରୁବାର ଅପରାହ୍ନରେ ଭଗବାନ ବିଲକୁ ସାର ପକାଇବା ପାଇଁ ଯାଇଥିବା ବେଳେ ଏକ ବିଷଧର ସାପ ତାଙ୍କୁ କାମୁଡ଼ି ଦେଇଥିଲା। ଏ ସମ୍ପର୍କରେ ସେ ସଙ୍ଗେସଙ୍ଗେ ଆସି ଘରେ ଜଣାଇଥିଲେ। ପରିବାର ଲୋକେ ଏହା ଜାଣିବା ପରେ ତାଙ୍କୁ ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଅବସ୍ଥା ଗୁରୁତର ହେବାରୁ ପରେ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। କଟକରେ ଚିକିତ୍ସିତ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟରେ ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ମୃତକ ଜଣେ ଗରିବ ଶ୍ରେଣୀର ହୋଇଥିବାରୁ ତାଙ୍କ ପରିବାରକୁ ଆର୍ଥିକ ସହାୟତା ଯୋଗାଇ ଦେବାକୁ ସାମାଜିକ କର୍ମୀ ଉତ୍କଳ ମନ୍ତ୍ରୀ ଓ ସ୍ଥାନୀୟ ଜନସାଧାରଣ ପ୍ରଶାସନ ନିକଟରେ ଅନୁରୋଧ କରିଛନ୍ତି।

### ବାଙ୍କୀ କଲେଜରେ ପ୍ଲାଷ୍ଟିକ ବର୍ଜନ ସଚେତନତା କାର୍ଯ୍ୟକ୍ରମ

**ବାଙ୍କୀ,୨୧।୯(ସ୍ୱ.ପ୍ର.):** ବାଙ୍କୀ କଲେଜରେ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ଶୁକ୍ରବାର ପ୍ଲାଷ୍ଟିକ ବର୍ଜନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହାକୁ ପ୍ରାଧାପକ ମନୋଜ କୁମାର ମହାପାତ୍ର ଉଦ୍‌ଘାଟନ କରିବା ସହ ପ୍ଲାଷ୍ଟିକ ପଦାର୍ଥ ବର୍ଜନ ଉପରେ ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ। କାର୍ଯ୍ୟକ୍ରମକୁ ଅଧ୍ୟାପକ ସତ୍ୟଜିତ୍ ଦାଶ୍ ପରିଚାଳନା କରିଥିଲେ। ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀମାନେ ସାମିଲ୍ ହୋଇଥିଲେ।

### ବିଦ୍ୟାଳୟରୁ ମଧ୍ୟାହ୍ନଭୋଜନ ଚାଉଳ ଚୋରି

**ମାହାଙ୍ଗା,୨୧।୯(ସ୍ୱ.ପ୍ର.):** ମାହାଙ୍ଗା ଥାନା ନହଙ୍ଗସ୍ଥିତ ଗିରିଧାରୀ ପ୍ରାଥମିକ ବିଦ୍ୟାଳୟରୁ ଗୁରୁବାର ରାତିରେ ମଧ୍ୟାହ୍ନଭୋଜନ ଚାଉଳ ଚୋରି ହୋଇଛି। ଏ ଥରକୁ ମିଶାଇ ଉକ୍ତ ବିଦ୍ୟାଳୟରୁ ମୋଟ୍ ୪ଥର ଚାଉଳ ଚୋରି ହୋଇଥିବା ଜଣାପଡିଛି। ରାତିରେ ଦୁର୍ବୃତ୍ତମାନେ ବିଦ୍ୟାଳୟ ତାଲା ଭାଙ୍ଗି ମହଜୁଦ ଥିବା ୩ କୁଇଣ୍ଟାଲ ଚାଉଳ ମଧ୍ୟରୁ ୨ କୁଇଣ୍ଟାଲ ଚୋରି କରି ନେଇଛନ୍ତି। ଚାଉଳ ଚୋରି ସମୟରେ ଦୁର୍ବୃତ୍ତ ଆଣିଥିବା ବାଇକ୍ କାନ୍ଥରେ ପିଟିହୋଇ ପଛ ଲାଇଟ କାଚ ଭାଙ୍ଗି ତଳେ ପଡିଥିବା ଦେଖାଯାଇଛି। ମେ'୨୯, ଜୁନ ୭ ଓ ୧୩ ତାରିଖରେ ଚାଉଳ ଚୋରି ହୋଇଥିବା ଅଭିଯୋଗ ହୋଇଥିଲା। ହେଲେ ଏ ପର୍ଯ୍ୟନ୍ତ ଅଭିଯୁକ୍ତ ଧରା ପଡ଼ିନାହାନ୍ତି। ପୁଣି ଚୋରି ହେବାରୁ ଶୁକ୍ରବାର ପ୍ରଧାନଶିକ୍ଷୟିତ୍ରୀ ସସ୍ମିତା ପ୍ରଧାନ ମାହାଙ୍ଗା ଥାନାରେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ବିଦ୍ୟାଳୟରୁ ବାରମ୍ବାର ଚାଉଳ ଚୋରି ହେଉଥିବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏହି ଘଟଣାକୁ ପୋଲିସ ଗୁରୁତର ସହ ନେଇ ତଦନ୍ତ କରିବାକୁ ଦାବି ହୋଇଛି। ଖବର ଲେଖାହେବା ବେଳକୁ ଥାନାରେ ମାମଲା ରୁଜୁ ହୋଇ ନ ଥିବା ଜଣାପଡ଼ିଛି।

■ ଭାଷା ପ୍ରୟୋଗଶାଳା ଗଠନ

# ଘରୋଇ ସଂସ୍ଥାକୁ ଅନୁଗ୍ରହ ଦେଖାଇଛି ଉଚ୍ଚଶିକ୍ଷା ବିଭାଗ

**ଭୁବନେଶ୍ୱର, ୨୧।୯(ବ୍ୟୁରୋ)**

■ଉଦ୍ଦେଶ୍ୟ ସଫଳ ହୋଇନାହିଁ ବୋଲି ସିଏଜି ତାଙ୍କ ରିପୋର୍ଟରେ ପ୍ରକାଶ କରିଛନ୍ତି

ଉଚ୍ଚଶିକ୍ଷା ବିଭାଗ ରାଜ୍ୟର ସମସ୍ତ ସରକାରୀ କଲେଜ ଏବଂ ସରକାରୀ ସହାୟତାପ୍ରାପ୍ତ ୧୦୮ କଲେଜରେ ଭାଷା ପ୍ରୟୋଗଶାଳା ଗଠନ କରିବାକୁ ନିଷ୍ପତ୍ତି ନେଇଥିଲା। ବିଭାଗ ମନୋନୟନ ଭିତ୍ତିରେ ସେଣ୍ଟର ଫର୍ ଆଡ୍‌ଭାନ୍ସ କମ୍ୟୁନିକେଶନ(ସିଏସି) ନାମକ ସଂସ୍ଥାକୁ ଅନୁଗ୍ରହ ଦେଖାଇ ପ୍ରକଳ୍ପ କାର୍ଯ୍ୟ କରିବାକୁ ଦେଇଥିଲା। ୨୨.୮୮ କୋଟି ଟଙ୍କା ବ୍ୟୟ କରାଯାଇ ଭାଷା ପ୍ରୟୋଗଶାଳା ଗଠନ ହୋଇଥିଲେ ମଧ୍ୟ ୫୬ଟି କଲେଜରେ ନାମଲେଖା ହୋଇ ନ ଥିଲା। ଫଳରେ ଭାଷା ପ୍ରୟୋଗଶାଳା ଗଠନର ଉଦ୍ଦେଶ୍ୟ ହାସଲ ହୋଇପାରିନାହିଁ ବୋଲି ସିଏଜି(କମ୍ପ୍‌ଟ୍ରୋଲର ଆଣ୍ଡ ଅଡିଟର ଜେନେରାଲ) ତାଙ୍କ ରିପୋର୍ଟରେ ପ୍ରକାଶ କରିଛନ୍ତି।

ରାଜ୍ୟର ସମସ୍ତ ସରକାରୀ ବିଶ୍ୱବିଦ୍ୟାଳୟ, ସରକାରୀ କଲେଜ ଏବଂ କିଛି ଅନୁଦାନପ୍ରାପ୍ତ ବେସରକାରୀ କଲେଜରେ ଭାଷା ପ୍ରୟୋଗଶାଳା ଗଠନ କରିବାକୁ ଉଚ୍ଚଶିକ୍ଷା ବିଭାଗ ୨୦୧୨ ଜାନୁୟାରୀରେ ନିଷ୍ପତ୍ତି ନେଇଥିଲା। ଛାତ୍ରୀଛାତ୍ରଙ୍କୁ ଭାଷା ଉପରେ ଅଧିକ ଜ୍ଞାନ ଯୋଗାଇଦେବା ଥିଲା ଏହାର ଲକ୍ଷ୍ୟ ଥିଲା। ଏଥିପାଇଁ କଲେଜ ଏବଂ ବିଶ୍ୱବିଦ୍ୟାଳୟରେ ୩୦ ଜଣ ବସିବା ଭଳି କ୍ଷମତା ବିଶିଷ୍ଟ କୋଠରୀ ନିର୍ମାଣ କରିବାକୁ ସ୍ଥିର ହୋଇଥିଲା। ଏଥିରେ ବୈଦ୍ୟୁତିକ ସାଜ ସରଞ୍ଜାମ, ଆଭ୍ୟନ୍ତରିଣ ସାଜସଜ୍ଜା ସହିତ କୋଠରୀଗୁଡିକରେ କମ୍ପ୍ୟୁଟର ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ଉପକରଣ ରହିବ।

ଉଚ୍ଚଶିକ୍ଷା ବିଭାଗ ସିଏସିକୁ କେନ୍ଦ୍ର ସରକାରଙ୍କ ବୈଷୟିକ ଅନୁଷ୍ଠାନ ଆଇଆଇଟି ଖଡଗପୁରର ଏକ ୟୁନିଟ୍ ଦର୍ଶାଇ କାର୍ଯ୍ୟ କରିବା କ୍ଷମତା ଦେଇଥିଲା। କିନ୍ତୁ ସିଏସି ଏକ ବେସରକାରୀ ସଂସ୍ଥା। ଏହାର ପ୍ରଶାସନିକ ଏବଂ ଆର୍ଥିକ ସମ୍ପର୍କ ଆଇଆଇଟି ଖଡଗପୁର ସହିତ ନ ଥିଲା। ତେଣୁ ଆଇଆଇଟି ଖଡଗପୁର ଆଳରେ ସିଏସିକୁ କାର୍ଯ୍ୟ କରିବା କ୍ଷମତା ଦେବା ଅନୈତିକ ବୋଲି ସିଏଜି ରିପୋର୍ଟରେ ଉଲ୍ଲେଖ କରିଛନ୍ତି। ୨୦୧୩ ମାର୍ଚ୍ଚରେ ବିଭାଗ ସଂସ୍ଥା ସହିତ କାମ ଆରମ୍ଭ ନେଇ ବୁଝାମଣା ପତ୍ର ସ୍ୱାକ୍ଷର କରିଥିଲା। ୨୦୧୬ ଫେବୃୟାରୀରେ ବୁଝାମଣା ପତ୍ରର ପରିସମାପ୍ତି ହୋଇଥିଲା। ଉଚ୍ଚଶିକ୍ଷା ବିଭାଗ ତାହାକୁ ପୁଣିଥରେ ନବୀକରଣ କରିଥିଲା। ୨୦୧୭ ସୁଦ୍ଧା ୨୦ ଭାଷା ପ୍ରୟୋଗଶାଳାକୁ ସରକାର ଅନୁମୋଦନ କରିଥିଲେ। ଫଳସ୍ୱରୂପ ୪୦ ସରକାରୀ ଏବଂ ୬୮ ସରକାରୀ ସହାୟତାପ୍ରାପ୍ତ କଲେଜରେ ଭାଷା ପ୍ରୟୋଗଶାଳା କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିଲା। ମାର୍ଚ୍ଚ ୨୦୧୭ ସୁଦ୍ଧା ସିଏସିକୁ ବିଭାଗ ୨୨.୮୮ କୋଟି ଟଙ୍କା ପ୍ରଦାନ କରିଛି ବୋଲି ସିଏଜିଙ୍କ ରିପୋର୍ଟ କହୁଛି। ୧୦୨ କଲେଜରେ ଭାଷା ପ୍ରୟୋଗଶାଳା ପ୍ରତିଷ୍ଠା ହୋଇଛି। ୫୬ କଲେଜରେ ନାମଲେଖା ହୋଇନାହିଁ। ସେହିପରି ୩ ବର୍ଷ ପୂର୍ବରୁ ୪୨ କଲେଜରେ ୮.୬୪ କୋଟି ଟଙ୍କା ବ୍ୟୟରେ ଭାଷା ପ୍ରୟୋଗଶାଳା ପ୍ରତିଷ୍ଠା ହୋଇସାରିଛି। ଅବଶିଷ୍ଟ ୧୪ କଲେଜରେ ୨୦୧୬-୧୭ରେ ଭାଷା ପ୍ରୟୋଗଶାଳା ଗଠନ କରାଯାଇଛି ବୋଲି ସିଏଜି ପ୍ରକାଶ କରିଛନ୍ତି।

## ଅଜଣା ରୋଗରେ ମା'ପୁଅ ଆକ୍ରାନ୍ତ



ଅଜଣା ରୋଗରେ ଆକ୍ରାନ୍ତ ମା' ପୁଅ।

**ନରସିଂହପୁର,୨୧।୯(ସ୍ୱ.ପ୍ର.)**

■ଚିକିତ୍ସା କରିବାକୁ ଅର୍ଥ ନାହିଁ

■ସହାୟତା ପାଇଁ ପ୍ରଶାସନକୁ ଗୁହାରି

ନରସିଂହପୁର ବ୍ଲକ କୋକଳବା ପଞ୍ଚାୟତ ଖଳିସାହି ଗ୍ରାମର ନକୁଳ ଅମାନ୍ତଙ୍କ ସ୍ତ୍ରୀ ନିରୁପମା ଅମାନ୍ତ (୪୫) ଓ ପୁଅ ଦ୍ୱିତୀକୃଷ୍ଣ ଅମାନ୍ତ(୧୭) ଏକ ଅଜଣା ରୋଗରେ ଆକ୍ରାନ୍ତ ହୋଇ ବହୁ କଷ୍ଟ ପାଉଛନ୍ତି। ହେଲେ ନକୁଳଙ୍କ ନିକଟରେ ଅର୍ଥର ଅଭାବ ରହିଥିବାରୁ ସେ ମା'ପୁଅଙ୍କ ଚିକିତ୍ସା କରି ପାରୁନାହାନ୍ତି। ନକୁଳ ଦିନ ମଜୁରିଆଭାବେ କାର୍ଯ୍ୟ କରି ପରିବାର ଚଳାଉଥିବାରୁ ମା'ପୁଅଙ୍କୁ ଚିକିତ୍ସା କରାଇବା ତାଙ୍କ ପକ୍ଷେ ସମ୍ଭବ ହେଉନାହିଁ। ନକୁଳଙ୍କ କହିବା ଅନୁସାରେ, ଦେଢ ବର୍ଷ ତଳେ ସ୍ତ୍ରୀ ନିରୁପମାଙ୍କ ମୁହଁରେ ଆବୁ ବାହାରିଥିଲା। ସେତେବେଳେ ସେ ଡାକ୍ତରଙ୍କୁ ଦେଖାଇ ଚିକିତ୍ସା କରାଇଥିଲେ। ହେଲେ ଏହି ରୋଗ ଭଲ ହୋଇ ପାରିଲାନାହିଁ। ଏହାକୁ ନେଇ ସେ ଚିନ୍ତାରେ ଥିବାବେଳେ ପୁଅ ଦ୍ୱିତୀକୃଷ୍ଣଙ୍କୁ ମଧ୍ୟ ଏହି ରୋଗ ବ୍ୟାପିଥିଲା। ତାଙ୍କ ମୁହଁରେ ସେହିଭଳି ଆବୁ ବାହାରିଥିଲା। ଏହାପରେ ନକୁଳ ତାଙ୍କୁ ବିଭିନ୍ନ ସ୍ଥାନରେ ଚିକିତ୍ସା କରାଇବା ସହ ୨ଥର ଅପରେସନ କରିଛନ୍ତି। ହେଲେ ତାହା ଭଲ ହେଲାନାହିଁ। ବର୍ତ୍ତମାନ ଡାକ୍ତରଙ୍କୁ ପରାମର୍ଶ କରିବାରୁ ୩ୟ ଥର ଅପରେସନ କରାଗଲେ ତାହା କ୍ୟାନସର ଆଡ଼କୁ ଗତି କରିବ ବୋଲି କହୁଛନ୍ତି। ତେଣୁ ଏଭଳି ବିରଳ ରୋଗର ଚିକିତ୍ସା ରାଜ୍ୟ ବାହାରେ କରାଯାଇପାରିବ ବୋଲି ତାଙ୍କୁ ଡାକ୍ତର ପରାମର୍ଶ ଦେଇଛନ୍ତି। ତେବେ ନକୁଳ ଜଣେ ଗରିବ ଦିନ ମଜୁରିଆ ହୋଇଥିବାରୁ ସେ କିପରି ମା'ପୁଅଙ୍କୁ ନେଇ ବାହାର ରାଜ୍ୟରେ ଚିକିତ୍ସା କରିବେ ତାକୁ ନେଇ ଚିନ୍ତାରେ ପଡ଼ିଛନ୍ତି। ତେଣୁ ପ୍ରଶାସନ ସହାୟତା କଲେ ନକୁଳ ମା'ପୁଅଙ୍କ ଚିକିତ୍ସା କରାଇ ପାରନ୍ତେ ବୋଲି କହିଛନ୍ତି। ଏଥିପ୍ରତି ପ୍ରଶାସନ ଦୃଷ୍ଟିଦେବାକୁ ସେ ନିବେଦନ କରିଛନ୍ତି।



ବାଙ୍କୀରେ ବର୍ଷା ଯୋଗୁ ଧାନ ବିଲରେ ପାଣି ଜମି ରହିଛି।

■ ଲଘୁଚାପଜନିତ ଲଗାଣ ବର୍ଷା ଜାରି

# ଧାନ ଫସଲ ପ୍ରଭାବିତ ହେବା ଆଶଙ୍କା

**ବାଙ୍କୀ,୨୧।୯(ସ୍ୱ.ପ୍ର.)**

ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ଅବପାତ ରୂପ ନେବାପରେ ରାଜ୍ୟରେ ଲଗାଣ ବର୍ଷା ଜାରିରହିଛି। ଏଥିଯୋଗୁ ବାଙ୍କୀ ଅଞ୍ଚଳରେ ହୋଇଥିବା ଧାନ ଫସଲ ପ୍ରଭାବିତ ହେବା ଆଶଙ୍କା ସୃଷ୍ଟି ହୋଇଛି। ହେକ୍ଟର ହେକ୍ଟର ଧାନ ଜମି ବୁଡ଼ି ରହିଥିବାରୁ ଚାଷୀ ଚିନ୍ତାରେ ପଡ଼ିଛନ୍ତି। ଗତମାସରେ ମହାନଦୀରେ ବନ୍ୟା ଆସିବାରୁ ହେକ୍ଟର ହେକ୍ଟର ଜମି ଜଳମଗ୍ନ ହୋଇଥିଲା। ଯଦ୍ୱାରା ଅନେକ ସ୍ଥାନରେ ଧାନ ଏବଂ ପରିବା ଫସଲ ପ୍ରଭାବିତ ହେଇଥିଲା। ବର୍ତ୍ତମାନ ଲଗାଣ ବର୍ଷା ହେବାରୁ ପୁଣି ଚାଷୀଙ୍କ ଚିନ୍ତା ବଢ଼ିଛି। କାରଣ ଅନେକ ସ୍ଥାନରେ ଧାନ ଥୋର ବାହାରି ଥିବାରୁ ବର୍ଷାପାଣି ପଶି ରହିଲେ ତାହା ନଷ୍ଟହେବାର ଯଥେଷ୍ଟ ସମ୍ଭାବନା ରହିଛି। ସେହିପରି ଅନେକ ଚାଷୀ ବିଆଳି ଧାନ କରିଥିବାବେଳେ ତାହା ପଚିବାକୁ ଆରମ୍ଭ କଲାଣି। ଗୁରୁବାର ହୋଇଥିବା ପବନରେ ଧାନ ସବୁ ବିଲରେ ଜମି ଥିବା ପାଣିରେ ଶୋଇପଡିଛି। ବର୍ଷାଯୋଗୁ ବାଙ୍କୀ ଉପଖଣ୍ଡ ଅଧୀନ ବିଲିପଡ଼ା, ମନ୍ତ୍ରୀ ସାହି, ତାଳବସ୍ତ, ବୈଦେଶ୍ୱର, କଳାପଥର, ରତାପାଟ, ଗୋପ, ଅନୁଆରୀ, ଢ଼ଁସର, ତୁଳସୀପୁର, ବନ୍ଦାଳ, ମୋରିହା ଗହିର, ପାଇଲ ଗହିର, ରଗଡି ଓ ଗୋପାଳପୁର ଆଦି ଅଞ୍ଚଳର ବହୁ ଧାନ ଫସଲ ନଷ୍ଟ ହେବା ଆଶଙ୍କା ଦେଖାଦେଇଛି।

## ରାଧାକୃଷ୍ଣ ମନ୍ଦିରରେ ରତ୍ନମୁଦ ଉତ୍ସବ

**ବାଙ୍କୀ,୨୧।୯(ସ୍ୱ.ପ୍ର.)**

ବାଙ୍କୀ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧୀନ ଆନନ୍ଦ ନଗରରେ ନିର୍ମାଣାଧୀନ ରାଧାକୃଷ୍ଣ ମନ୍ଦିରରେ ଶୁକ୍ରବାର ରତ୍ନମୁଦ ଉତ୍ସବ ଅନୁଷ୍ଠିତ ହୋଇଛି। ପଣ୍ଡିତ ସୁଧାକର ମିଶ୍ରଙ୍କ ପରିଚାଳନାରେ ରାଜଗୁରୁ ପଣ୍ଡିତ ଭବାନୀ ଶଙ୍କର ମହାପାତ୍ର, ସନ୍ତୋଷ ମିଶ୍ର, ପ୍ରତାପ ପଣ୍ଡା ଓ ପଣ୍ଡିତ ସୁଶାନ୍ତ କୁମାର ମିଶ୍ର ପ୍ରମୁଖ ବେଦପାଠ କରିଥିଲେ। ସକାଳୁ ମା ଚର୍ଚ୍ଚିକାଙ୍କ ମନ୍ଦିରରୁ ଆଜ୍ଞାମାଳ ଅଣାଯାଇ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ବିଜ୍ଞାପିତ ଅଞ୍ଚଳ ପରିଷଦର ମୁରଲୀ ମହାପାତ୍ର, ଯାମିନୀକାନ୍ତ ମହାପାତ୍ର, ଅକ୍ଷୟ ଛାଟୋଇ, ଭାଗୀରଥି ବିଶ୍ୱାଳ, ସରୋଜ ସାମନ୍ତରାୟ, ଶ୍ୟାମ ସୁନ୍ଦର ସାହୁ, ସଚ୍ଚିଦାନନ୍ଦ ସାମଲ ଓ ରମାକାନ୍ତ ଭଞ୍ଜ ପ୍ରମୁଖ ଶହ ଶହ ଭକ୍ତ ସୁନା, ରୁପା, ଟଙ୍କା, ଧାନ ଓ ମୁଗାଦି ଶସ୍ୟ ଦାନ କରିଥିଲେ। କର୍ତ୍ତାଭାବେ ପ୍ରମୋଦ ବାରିକ ଓ ତାଙ୍କ ସ୍ତ୍ରୀ ପୂଜାରେ ବସିଥିଲେ। ଆନନ୍ଦ ଚନ୍ଦ୍ର ସାହୁ, ପ୍ରଫୁଲ୍ଲ ଚନ୍ଦ୍ର ନାୟକ, ବିବେକାନନ୍ଦ ସାମଲ, କାହ୍ନୁଚରଣ ସିଂହ, ସୁରେଶ ଚନ୍ଦ୍ର ମନ୍ତ୍ରୀ ଓ ମନ୍ଦିର ନିର୍ମାଣ କମିଟିର ସମସ୍ତ କର୍ମକର୍ତ୍ତା ଜନସାଧାରଣଙ୍କୁ ସହଯୋଗ ପାଇଁ କୃତଜ୍ଞତା ଜଣାଇଥିଲେ।

## ବାଙ୍କୀ-ବାରଙ୍ଗ ଯୁବକ ସଂଘର ଯୁବ ସଚେତନତା କାର୍ଯ୍ୟକ୍ରମ



ବାଗୁଲିଦେଇ ପୀଠରେ ଅନୁଷ୍ଠିତ ବୈଠକରେ ଯୋଗଦେଇଥିବା ଅତିଥି ଓ ଗ୍ରାମବାସୀ।

**ବାଙ୍କୀ,୨୧।୯(ସ୍ୱ.ପ୍ର.)**

ବାଙ୍କୀ-ବାରଙ୍ଗ ଯୁବକ ସଂଘ ପକ୍ଷରୁ ବାଙ୍କୀ ନିର୍ବାଚନମଣ୍ଡଳୀର ବିଭିନ୍ନ ପଞ୍ଚାୟତରେ ଯୁବ ସଚେତନତା କାର୍ଯ୍ୟକ୍ରମ କରାଯାଉଛି। ସଂଘ ଆବାହକ ତୁଷାରକାନ୍ତ ଚକ୍ରବର୍ତ୍ତୀ ବିଭିନ୍ନ ପଞ୍ଚାୟତକୁ ଯାଇ ବାଙ୍କୀରୁ ଦୁର୍ନୀତି ହଟାଇବାକୁ ଆହ୍ୱାନ ଦେଉଛନ୍ତି। ସେହିପରି ଏକ କାର୍ଯ୍ୟକ୍ରମ ବାଙ୍କୀ ବ୍ଲକ ଓସ୍ତିଆ ପଞ୍ଚାୟତ ବାଗୁଲିଦେଇ ପୀଠରେ ଅନୁଷ୍ଠିତ ହୋଇଛି। ଏଥିରେ ସାମାଜିକ କର୍ମୀ ଉତ୍କଳ ମନ୍ତ୍ରୀ ସଭାପତିତ୍ୱ କରିଥିଲେ। ଏଥିସହ ବାଙ୍କୀ ଡମପଡା ବ୍ଲକ ତାଳବସ୍ତ ପଞ୍ଚାୟତରେ ମଧ୍ୟ ଅନୁରୂପ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ବିଶ୍ୱପ୍ରସାଦ ରଥ ସଭାପତିତ୍ୱ କରିଥିଲେ। ଉଭୟ କାର୍ଯ୍ୟକ୍ରମରେ ସଂଘ ଆବାହକ ଚକ୍ରବର୍ତ୍ତୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ବାଙ୍କୀ ଜନସାଧାରଣ ଉତ୍ତମ ସ୍ୱାସ୍ଥ୍ୟସେବା ପାଇବାରୁ ବଞ୍ଚିତ ହେଉଥିବା ପ୍ରକାଶ କରିଥିଲେ। ବାଙ୍କୀ ଏକ କୃଷିପ୍ରଧାନ ଅଞ୍ଚଳ ହୋଇଥିଲେ ମଧ୍ୟ ଏଠାକାର ଚାଷୀ ଜମିକୁ ଆବଶ୍ୟକ ପରିମାଣର ପାଣି ପାଉ ନ ଥିବା ସେ ଅଭିଯୋଗ କରିଥିଲେ। ଶିକ୍ଷାକ୍ଷେତ୍ରରେ ବାଙ୍କୀ ଅନ୍ୟନ୍ୟ ଉଦାହରଣ ସୃଷ୍ଟି କରିଥିଲେ ମଧ୍ୟ ବରେନ୍ଦ୍ର କୃଷ୍ଣ ବିଦ୍ୟାପୀଠ ଏବଂ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ ଭଳି ପ୍ରତିଷ୍ଠିତ ସରକାରୀ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ପଦ ଖାଲିରହିବା ସ୍ଥାନୀୟ ନେତାଙ୍କ ଦକ୍ଷତାକୁ ସୂଚାଉଥିବା ବକ୍ତବ୍ୟ ରଖିଥିଲେ। ସାମାଜିକ କର୍ମୀ କ୍ଷେତ୍ରବାସୀ ଦାଶ, କୃଷ୍ଣରଞ୍ଜନ ରଣା, ରାଜକିଶୋର ସାହୁ, ସରୋଜମତଗଜ ସିଂ, ବାବୁଲାଲ୍ ସାହୁ, ଅମିତ ସାହୁ, କାର୍ତ୍ତିକ ଚନ୍ଦ୍ର ନାୟକ, ଫକୀର ବେହେରା, ସତ୍ୟାନନ୍ଦ ମନ୍ତ୍ରୀ ଓ ପ୍ରୀତମ୍ ନାୟକ ପ୍ରମୁଖ ଶତାଧିକ ଅଞ୍ଚଳବାସୀ କାର୍ଯ୍ୟକ୍ରମରେ ଯୋଗଦାନ କରି ଦୁର୍ନୀତି ହଟାଇବା ଦିଗରେ ଆଗେଇ ଆସିବେ ବୋଲି ମତ ରଖିଥିଲେ।

## ଗଣେଶ ପୂଜା ମହୋତ୍ସବ ଉଦ୍‌ଯାପିତ

**ନିଶ୍ଚିନ୍ତକୋଇଲି,୨୧।୯(ସ୍ୱ.ପ୍ର.)**

ନିଶ୍ଚିନ୍ତକୋଇଲି ବ୍ଲକ ସଦର ମହକୁମାର ମହାବୀର କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ଗଣେଶ ପୂଜା ମହୋତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ଗଜାନନଙ୍କ ନିକଟରେ ୩୦ କେ.ଜି.ର ଲଡୁ ସହ ଚରୁଅନ୍ନ ପ୍ରସାଦ ଲାଗି କରାଯାଇଥିଲା। ଶନିବାର ସନ୍ଧ୍ୟାରେ ଭସାଣି ଉତ୍ସବ ଅନୁଷ୍ଠିତ ହେବ। ଏହି ଉତ୍ସବରେ ପାରମ୍ପରିକ ନୃତ୍ୟଗୀତ ପରିବେଷଣ କରାଯିବ ବୋଲି ଅନୁଷ୍ଠାନ ସଭାପତି ଜ୍ୟୋତି ରଞ୍ଜନ ସାହୁ ପ୍ରକାଶ କରିଛନ୍ତି। ମହୋତ୍ସବର ପ୍ରତ୍ୟହ ସନ୍ଧ୍ୟାରେ ସ୍ଥାନୀୟ ସଂକୀର୍ତ୍ତନମଣ୍ଡଳିଙ୍କ ଦ୍ୱାରା ଭଜନ ପରିବେଷଣ କରାଯାଇଥିଲା। ନାମାଚାର୍ଯ୍ୟ ବୈରାଗୀ ପଣ୍ଡା ଓ ୧୫ ଫୁଟର ଗଣେଶ ମୂର୍ତ୍ତି ନିର୍ମାଣ କରିଥିବା ଭରତ ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଭିନ୍ନ ସଂକୀର୍ତ୍ତନମଣ୍ଡଳିର ସଙ୍ଗୀତ ବିଶାରଦଙ୍କୁ ମଧ୍ୟ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଉଦ୍‌ଯାପନୀ ଉତ୍ସବରେ ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନା, ସରପଞ୍ଚ ରବୀନ୍ଦ୍ର ସେଠୀ, ଅଶୋକ ଓଝା, ପ୍ରମୋଦ ସ୍ୱାଇଁ ଓ ପତିତପାବନ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। ଅନୁଷ୍ଠାନ ଉପସଭାପତି ମିହିର ରାଉତ, ସମ୍ପାଦକ ସନ୍ତୋଷ ଦାସ, ସହସମ୍ପାଦକ ଦିପ୍ତୀରଞ୍ଜନ ବେହେରା, କୋଷାଧ୍ୟକ୍ଷ ସନ୍ତୋଷ ସାହୁ, ଗୌରୀ ଶଙ୍କର ଦାସ, ସୁଧାଂଶୁ ଭୂୟାଁ ଓ ଗୋପାଳକୃଷ୍ଣ ବେହେରା ପ୍ରମୁଖ କର୍ମକର୍ତ୍ତା ଉତ୍ସବକୁ ପରିଚାଳନା କରିଥିଲେ।



ଉଦ୍‌ଯାପନୀ ଉତ୍ସବରେ ସମ୍ବର୍ଦ୍ଧିତ ପ୍ରତିଭା ଓ ଅନ୍ୟମାନେ।

## ବ୍ୟବସାୟୀଙ୍କ ବିୟୋଗରେ ବଜାର ବନ୍ଦ

**ମାହାଙ୍ଗା,୨୧।୯(ସ୍ୱ.ପ୍ର.)**

ମାହାଙ୍ଗା ବ୍ଲକ ଶ୍ରୀକୃଷ୍ଣପୁର ପଞ୍ଚାୟତ ଅଡ଼ମମହେଶପୁର ଗ୍ରାମ ତଥା କୁଆଁପାଳ ବଜାରର ବ୍ୟବସାୟୀ ପ୍ରଦୀପ୍ତ କୁମାର ବିଶ୍ୱାଳ(୫୭)ଙ୍କ ହୃଦ୍‌ଘାତରେ ଗୁରୁବାର ବିଳମ୍ବିତ ରାତିରେ ପରଲୋକ ଘଟିଛି। ଏହି ଖବର ଶୁକ୍ରବାର ପ୍ରଚାରିତ ହେବାପରେ କୁଆଁପାଳ ବଜାର ବନ୍ଦ କରାଯାଇ ଶୋକ ପାଳନ କରାଯାଇଛି। ବଜାର କମିଟି ସଭାପତି ଜ୍ଞାନେନ୍ଦ୍ର ପ୍ରସାଦ ତ୍ରିପାଠୀ, ସମ୍ପାଦକ ଜ୍ୟୋତିଭୂଷଣ ବିଶ୍ୱାଳ, ଉପସଭାପତି ପ୍ରଭାତ ବାରିକ, ତ୍ରୈଲୋଚନ ପରିଡ଼ା, କେଶବ ବଳ, ଯାଦବ ଚନ୍ଦ୍ର ଦାସ ଓ ଶିକ୍ଷକ ଅଭୟ ଚରଣ ପଣ୍ଡାଙ୍କ ସମେତ ବଜାରର ସମସ୍ତ ବ୍ୟବସାୟୀ ତାଙ୍କ ବାସଭବନକୁ ଯାଇ ଶେଷଦର୍ଶନ କରିବା ସହ ଶୋକ ସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି।

# କ୍ଲବ, ଅଙ୍ଗନୱାଡ଼ି କେନ୍ଦ୍ର ଉଦ୍‌ଘାଟିତ

**ନିଶ୍ଚିନ୍ତକୋଇଲି,୨୧।୯(ସ୍ୱ.ପ୍ର.)**

ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନା ଶୁକ୍ରବାର ନିଶ୍ଚିନ୍ତକୋଇଲି ବ୍ଲକ ଜିଗ୍ନିପୁର ପଞ୍ଚାୟତ ଗସ୍ତରେ ଆସି ନୂତନ ଅଙ୍ଗନୱାଡି କେନ୍ଦ୍ର ଓ ଏକ କ୍ଲବ ଗୃହର ଉଦ୍‌ଘାଟନ କରିଛନ୍ତି। ଏଥିସହ ମାଗଣା ବହୁମୁଖୀ ସ୍ୱାସ୍ଥ୍ୟସେବା ଶିବିରରେ ଯୋଗ ଦେଇଛନ୍ତି। ପୂର୍ବାହ୍ନରେ ମନ୍ତ୍ରୀ ଜେନାଙ୍କୁ କଟକ-ଚାନ୍ଦବାଲି ରାସ୍ତା ନିକଟରୁ ମାତକତପୁର ପର୍ଯ୍ୟନ୍ତ ଶୋଭାଯାତ୍ରାରେ ନିଆଯାଇଥିଲା। ସେଠାରେ ମନ୍ତ୍ରୀ ଜେନା ମହାଜନପୁର-୨ ଅଙ୍ଗନୱାଡି କେନ୍ଦ୍ରକୁ ଉଦ୍‌ଘାଟନ କରିବା ସହ ମାତକତପୁର କ୍ଲବକୁ ମଧ୍ୟ ଉଦ୍‌ଘାଟନ କରିଥିଲେ। ଉତ୍ସବରେ ବ୍ଲକ ଅଧ୍ୟକ୍ଷା ସବିତା ଓଝା, ଜିଲାପରିଷଦ ସଭ୍ୟା ସବିତା ସାମଲ, ଜିଗ୍ନିପୁର ସରପଞ୍ଚ ତିଳୋତ୍ତମା ରାଉତ ଓ ସମିତିସଭ୍ୟା ବିନୋଦିନୀ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ପରେ ପଦ୍ମାବତୀ ଭଞ୍ଜଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ ଆୟୋଜିତ ମାଗଣା ବହୁମୁଖୀ ସ୍ୱାସ୍ଥ୍ୟସେବା ଶିବିରରେ ମନ୍ତ୍ରୀ ଯୋଗ ଦେଇଥିଲେ। ଉତ୍ସବ ଚନ୍ଦ୍ର ଭଞ୍ଜଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ଦନ୍ତ, ଶିଶୁ, ଚକ୍ଷୁ, ଚର୍ମ ଓ ମଧୁମେହ ବିଭାଗର ଅଭିଜ୍ଞ ଡାକ୍ତରମାନେ ଯୋଗଦେଇ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। କେନ୍ଦ୍ରାପଡ଼ା ରେଡ୍‌କ୍ରସ ରକ୍ତ ଭଣ୍ଡାର ପକ୍ଷରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଶିବିରରେ ୩୧ଜଣ ସ୍ୱେଚ୍ଛାସେବୀ ରକ୍ତଦାନ କରିଥିଲେ। ଶିବିରକୁ ପ୍ରଦୀପ କୁମାର ଷଣ୍ଢ ପରିଚାଳନା କରିଥିଲେ। ସ୍ୱାସ୍ଥ୍ୟସେବା ଶିବିରକୁ ଅଶୋକ କୁମାର, ସୁଦର୍ଶନ ଭଞ୍ଜ ଓ କେଶବ ଚନ୍ଦ୍ର ଭଞ୍ଜ ପରିଚାଳନା କରିଥିଲେ। ଶିବିରରେ ୫୪୩ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ବ୍ଲକ ବିଜେଡି ସଭାପତି ରମାକାନ୍ତ ମହାନ୍ତି, ସମିତିସଭ୍ୟ ସଂଘ ଉପଦେଷ୍ଟା ଅଶୋକ ଓଝା, ଜ୍ଞାନରଞ୍ଜନ ରାଉତ, ଜ୍ୟୋତିରଞ୍ଜନ ସ୍ୱାଇଁ, ଯୁବ ବିଜେଡି ସଭାପତି ମିହିର ମିଶ୍ର, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ଗିରିଶ ମହାପାତ୍ର, ବିଜୁ ଯୁବବାହିନୀ ଉପଦେଷ୍ଟା ଇଂ.ପତିତପାବନ ସ୍ୱାଇଁ ଓ ସ୍ଥାନୀୟ ବିଜେଡି କର୍ମକର୍ତ୍ତା ଯୋଗଦେଇ ସହଯୋଗ କରିଥିଲେ।




ମନ୍ତ୍ରୀ ପ୍ରତାପ ଜେନା ଅଙ୍ଗନୱାଡ଼ି କେନ୍ଦ୍ର ଉଦ୍‌ଘାଟନ କରୁଛନ୍ତି।



ପ୍ରାତଃକାଳରେ ଶଯ୍ୟାତ୍ୟାଗ କଲାବେଳେ ଏବଂ ରାତ୍ରିରେ ନିଦ୍ରାଗତ ହେବାକୁ ଯିବାବେଳେ ପ୍ରତିଦିନ ଅତି କମ୍‌ରେ ପାଞ୍ଚ ମିନିଟ୍ ପାଇଁ ଭଗବାନଙ୍କୁ ପ୍ରାର୍ଥନା କର।
- ବୁଦ୍ଧଦେବ



## ସଂକ୍ଷେପରେ

### ଯୁବକଙ୍କୁ ଆକ୍ରମଣ ଘଟଣା: ଅଭିଯୁକ୍ତ ଗିରଫ

**ଫୁଲନଖରା, ୨୧।୯ (ଡି.ଏନ.ଏ.):** ଯୁବକଙ୍କୁ ଆକ୍ରମଣ କରି ଫେରାର ଥିବା ଜଣେ ଅଭିଯୁକ୍ତଙ୍କୁ କଟକ ସଦର ପୋଲିସ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ସେ ହେଲେ ଏହି ଥାନା ଅଧୀନ କାଜିପାଟଣା ଗ୍ରାମ ସାମଲ ସାହିର ମଧୁସୂଦନ ସାମଲ। ଅଭିଯୋଗ ଅନୁଯାୟୀ, ଗତ ଅଗଷ୍ଟ ୧୩ ତାରିଖରେ କାଜିପାଟଣା ଗ୍ରାମର ରଞ୍ଜନ ସାମଲଙ୍କୁ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ମଧୁସୂଦନଙ୍କ ସମେତ ଅନ୍ୟ ୩ ଜଣ ଭୁଜାଲିରେ ଆକ୍ରମଣ କରିଥିଲେ। ଏ ନେଇ ରଞ୍ଜନ ଥାନାରେ ଅଭିଯୋଗ କରିବା ପରେ ଏକ ମାମଲା(ନଂ.୩୦୭/୧୮) ରୁଜୁ ହୋଇଥିଲା। ପୂର୍ବରୁ ଏହି ଘଟଣାରେ ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବାବେଳେ ଅନ୍ୟମାନେ ଫେରାର ଥିଲେ। ତେବେ ମଧୁସୂଦନ ଘରକୁ ଆସିଥିବା ଖବରପାଇ ଏସ୍‌ଆଇ ଅଭିମନ୍ୟୁ ଡାକୁଆ ସଦଳବଳ ଶୁକ୍ରବାର ସେଠାରେ ଚଢାଉ କରି ତାଙ୍କୁ ଗିରଫ କରିଥିଲେ।

### ଟଙ୍କା ପାଇଁ ଭଉଣୀଙ୍କୁ ହତ୍ୟା ଧମକ: ଭାଇ ଗିରଫ

**କଟକ ଅଫିସ୍, ୨୧।୯:** ଟଙ୍କା ପାଇଁ ନିଜ ଭଉଣୀଙ୍କୁ ହତ୍ୟା ଧମକ ଦେବା ଅଭିଯୋଗରେ ମଙ୍ଗଳାବାଗ ପୋଲିସ ଶୁକ୍ରବାର ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଖୋର୍ଦ୍ଧା ଜିଲା ବାଲିପାଟଣା ଥାନା ଅନ୍ତର୍ଗତ ସୁମୁଡି ଅଞ୍ଚଳର ରାଜୀବ ଲୋଚନ ସ୍ୱାଇଁ ଓରଫ ରିଣ୍ଟୁଆ(୩୨)। ଏ ନେଇ ପୋଲିସ ଏକ ମାମଲା(୧୮୪/୧୮) ରୁଜୁ କରିଛି। ପୋଲିସ ସୂଚନା ଅନୁଯାୟୀ, ରିଣ୍ଟୁଆ ଜଣେ ଦୁର୍ଦ୍ଦାନ୍ତ ଅପରାଧୀ। ତାଙ୍କ ନାମରେ ବାଲିପାଟଣା, ନିମାପଡା, ପିପିଲି ଏବଂ ମଙ୍ଗଳାବାଗ ଥାନାରେ ୨୧ଟି ମାମଲା ରହିଛି। ଗତ ଅଗଷ୍ଟ ୨୮ ତାରିଖରେ ରିଣ୍ଟୁଆ ଜେଲରୁ ମୁକୁଳିଥିଲେ। ସେହିଦିନ ସେ ମଙ୍ଗଳାବାଗ ଅଞ୍ଚଳରେ ରହୁଥିବା ତାଙ୍କ ବିବାହିତ ସାନ ଭଉଣୀ ଶୁଭସ୍ମିତା ସ୍ୱାଇଁଙ୍କ ଘରକୁ ଯାଇ ୫ ଲକ୍ଷ ଟଙ୍କା ଦେବାକୁ କହିଥିଲେ। ହେଲେ ଶୁଭସ୍ମିତା ଟଙ୍କା ଦେବାକୁ ମନା କରିବାରୁ ରିଣ୍ଟୁଆ ତାଙ୍କୁ ଜୀବନରୁ ମାରି ଦେବାକୁ ଧମକ ଦେଇଥିଲେ। ଏ ନେଇ ଶୁଭସ୍ମିତା ମଙ୍ଗଳାବାଗ ଥାନାରେ ଅଭିଯୋଗ କରିଥିଲେ। ଗତ ସେପ୍ଟେମ୍ବର ୧୪ ତାରିଖରେ ନିମାପଡା ଅଞ୍ଚଳରେ ଜଣେ ଖବରଦାତାଙ୍କୁ ରିଣ୍ଟୁଆ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ଏ ନେଇ ଅଭିଯୋଗ ହେବା ପରେ ନିମାପଡା ପୋଲିସ ରିଣ୍ଟୁଆଙ୍କୁ ଖୋଜୁଥିବା ମଙ୍ଗଳାବାଗ ଥାନାଧିକାରୀ ଅରୁଣ କୁମାର ସ୍ୱାଇଁ କହିଛନ୍ତି।

### ବିମାନ ପିଣ୍ଡି ଭଙ୍ଗା ଅଭିଯୋଗ

**ଚୌଦ୍ୱାର,୨୧।୯ (ଡି.ଏନ.ଏ.):** ଚୌଦ୍ୱାର ପୌରପାଳିକାର ୧ନଂ. ୱାର୍ଡ ସ୍ଥିତ ଦୋଳଯାତ୍ରା ପଡିଆରେ ଗତବର୍ଷ ନିର୍ମାଣ ହୋଇଥିବା କଂକ୍ରିଟ ବିମାନପିଣ୍ଡିକୁ ଗତ ୧୨ ତାରିଖ ରାତିରେ କେହି ଅସାମାଜିକ ଲୋକ ଭାଙ୍ଗି ଦେଇଛନ୍ତି। ଏ ନେଇ ଚଉରାଳିଶି ମଣ୍ଡଳ ରାଜଦୋଳ ସମିତି ପକ୍ଷରୁ ଶୁକ୍ରବାର ଥାନାରେ ଅଭିଯୋଗ ହେବା ପରେ ପୋଲିସ ତଦନ୍ତ ଚଳାଇଛି। ମିଳିଥିବା ସୂଚନା ଅନୁଯାୟୀ, ସମିତିର ଏକ ଜରୁରିକାଳୀନ ବୈଠକ ସ୍ଥାନୀୟ ଶିଶୁସଦନ ପରିସରରେ ଶୁକ୍ରବାର ଅନୁଷ୍ଠିତ ହୋଇଥିଲା। ଏଥିରେ ସମସ୍ତ ଠାକୁରଙ୍କ ମାର୍ଫତଦାର, ଅନୁଷ୍ଠାନର କର୍ମକର୍ତ୍ତା ଓ ବୁଦ୍ଧିଜୀବୀ ଯୋଗଦେଇ ନିଜର ମତ ରଖିଥିଲେ। ଉକ୍ତ ପିଣ୍ଡି ଭଙ୍ଗା ଘଟଣାରେ ଥାନାରେ ଅଭିଯୋଗ ପାଇଁ କୁହାଯାଇଥିଲା। ଏ ନେଇ ୧୦ଜଣିଆ କମିଟି ଗଠନ କରାଯାଇ ଥାନା ଆଇଆଇସିଙ୍କ ସହିତ ପରାମର୍ଶ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଥିବା ସମିତି ସଭାପତି ଦୀପକ କୁମାର ମଙ୍ଗରାଜ ସୂଚନା ଦେଇଛନ୍ତି। ଏ ସମ୍ପର୍କରେ ନଗରପାଳ, କାଉନସିଲର ଓ ସ୍ଥାନୀୟ ବିଧାୟକଙ୍କୁ ଲିଖିତ ଭାବେ ଜଣାଇ ଦିଆଯାଇଛି।

### ଅମୃତବାଣୀ କାର୍ଯ୍ୟକ୍ରମ

**କଟକ ଅଫିସ,୨୧।୯:** କଟକ ଖାନ୍‌ନଗର ବାଂଶରୀ ଗୋପୀନାଥଜୀଉ ମନ୍ଦିର ପ୍ରାଙ୍ଗଣରେ ଗଣେଶ ଚତୁର୍ଥୀ ଉପଲକ୍ଷେ ଅମୃତବାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରବାଚକ ପଣ୍ଡିତ ଜିତୁ ଦାସ ପ୍ରବଚନ ଦେଇଥିବାବେଳେ ବହୁ ସଂଖ୍ୟାରେ ଜନସାଧାରଣ ଉପସ୍ଥିତ ଥିଲେ। ମଧୁ ବୈଶ୍ୟ ସମାଜର କର୍ମକର୍ତ୍ତାମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ସିଏମ୍‌ସି ମେୟର ମୀନାକ୍ଷୀ ବେହେରା ଏବଂ କଟକ ମହାନଗର ଶାନ୍ତି କମିଟି ସଭାପତି ଦେବେନ୍ଦ୍ର ସାହୁ ଯୋଗଦେଇଥିଲେ।

■ ଏସ୍‌ସିବି ଆଉଟଡୋର କୋଠା ଦୁର୍ନୀତି

# ହରିଲୁଟ ପାଇଁ ଖର୍ଚ୍ଚ ହୋଇଥିଲା କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା

**କଟକ ଅଫିସ, ୨୧।୯**

ଏସ୍‌ସିବି ମେଡିକାଲର ଆଉଟଡୋର କୋଠାକୁ ୨୦୧୬ ନଭେମ୍ବର ୧୨ରେ ବିପଦସଙ୍କୁଳ ଘୋଷଣା କରାଯାଇଥିଲା। ପୂର୍ତ୍ତବିଭାଗ ପକ୍ଷରୁ ଉକ୍ତ କୋଠାକୁ ଅସୁରକ୍ଷିତ ଘୋଷଣା କରାଯିବା ପରେ ଏହାକୁ ନେଇ ବିବାଦ ଉପୁଜିଥିଲା। ସାମାଜିକ ସଂଗଠନ ସେବକ ପକ୍ଷରୁ ଉକ୍ତ କୋଠାର ମରାମତି ପାଇଁ ହୋଇଥିବା ଟଙ୍କା ଖର୍ଚ୍ଚ ସମ୍ପର୍କରେ ଆପତ୍ତି ଉଠାଯାଇଥିଲା। ସଂଗଠନ ପକ୍ଷରୁ କଟକ ସହରର ଲୋକଙ୍କଠାରୁ ଏ ନେଇ ଏକ ଦସ୍ତଖତ ଅଭିଯାନ ଆରମ୍ଭ କରାଯାଇଥିଲା। ୫୦୦ ଦସ୍ତଖତ ସମ୍ବଳିତ ଏକ ଅଭିଯୋଗପତ୍ର ୨୦୧୭ ଜୁଲାଇରେ କଟକ ଭିଜିଲାନ୍ସ ଡିଭିଜନରେ ଦାଖଲ କରାଯାଇଥିଲା। ଇତିମଧ୍ୟରେ ଅଭିଯୋଗ ଦାଖଲ ହେବାକୁ ୧ ବର୍ଷ ୨ ମାସ ପୂରିଛି। ହେଲେ ଭିଜିଲାନ୍ସ ତଦନ୍ତ ଆରମ୍ଭ ହୋଇନାହିଁ। ଫଳରେ ଆବଶ୍ୟକସ୍ଥଳେ ଏହି ପ୍ରସଙ୍ଗକୁ ନେଇ ଭିଜିଲାନ୍ସ ଅଫିସ ଆଗରେ ଅନଶନରେ ବସିବାକୁ କହିଛନ୍ତି ସେବକର ସାଧାରଣ ସମ୍ପାଦକ ଅଚ୍ୟୁତ କୁମାର ସାହୁ। ଏ ସମ୍ପର୍କରେ ଭିଜିଲାନ୍ସ ଡିଭିଜନ ଏସ୍‌ପି ଶଶିଭୂଷଣ ମିଶ୍ର କୁହନ୍ତି, ଏଭଳି ନିର୍ଦ୍ଦିଷ୍ଟ ଅଭିଯୋଗ ବାବଦରେ ମୋର ମନେ ପଡୁନାହିଁ। କିନ୍ତୁ ଏସ୍‌ସିବିକୁ ଅନେକ ଦସ୍ତାବିଜ ମଗାଯାଇଛି। ତେବେ ସେଥିରେ ଏହି କୋଠା ପ୍ରସଙ୍ଗ ସାମିଲ ଅଛି କି ନାହିଁ ତାହା ଦେଖିବା ପରେ କହିବି ବୋଲି ମିଶ୍ର କହିଛନ୍ତି।

ସୂଚନାଥାଉକି, ଏସ୍‌ସିବି ପୁରୁଣା ଆଉଟଡୋର କୋଠାଟି ୨ ମହଲା ବିଶିଷ୍ଟ। ଗ୍ରାଉଣ୍ଡଫ୍ଲୋରରେ ଜେନେରାଲ ଆଉଟଡୋର ଯଥା ମେଡିସିନ, ସର୍ଜରି, ଅସ୍ଥିଶଲ୍ୟ ଓ ଚର୍ମ ବିଭାଗ କାର୍ଯ୍ୟ କରୁଥିଲା। ସେହିପରି ଉପରମହଲାରେ ନେଫ୍ରୋଲୋଜି, ହେପାଟୋଲୋଜି, ହେମାଟୋଲୋଜି, ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି, ଏଣ୍ଡୋକ୍ରାଇନୋଲୋଜି ଭଳି ସୁପର ସ୍ପେଶିଆଲିଟି ବିଭାଗଗୁଡ଼ିକର ଆଉଟଡୋର ଚାଲୁଥିଲା। ପୂର୍ବରୁ ଉକ୍ତ ସୁପରସ୍ପେଶିଆଲିଟି ବିଭାଗଗୁଡିକ ମେଡିକାଲର ଶିଶୁରୋଗ ବିଭାଗ ନିକଟସ୍ଥ କୋଠାରେ କାର୍ଯ୍ୟ କରୁଥିଲା। ମାତ୍ର ୨୦୧୫ ଏପ୍ରିଲରେ ସେଠାରୁ ଉକ୍ତ ବିଭାଗ ଗୁଡିକୁ ଜେନେରାଲ ଆଉଟଡୋର କୋଠାକୁ ସ୍ଥାନାନ୍ତର କରାଯାଇଥିଲା। ସ୍ଥାନାନ୍ତର ପୂର୍ବରୁ କୋଠାର ନବୀକରଣ କରାଯାଇଥିଲା। ସେ ସମୟରେ ବିଭିନ୍ନ ସାମାଜିକ ସଂଗଠନ ପକ୍ଷରୁ ଏଭଳି କାର୍ଯ୍ୟର ପ୍ରତିବାଦ କରାଯାଇଥିଲା। କେବଳ ଟଙ୍କା ହରିଲୁଟ କରିବା ଉଦ୍ଦେଶ୍ୟରେ ଏଭଳି କାମ କରାଯାଇଥିବା ସାମାଜିକ ସଂଗଠନଗୁଡ଼ିକ ପକ୍ଷରୁ ମେଡିକାଲ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ ହୋଇଥିଲା। ମାତ୍ର ଅଭିଯୋଗ ପ୍ରତି କେହି କର୍ଣ୍ଣପାତ କରି ନ ଥିଲେ। ବହୁ ବର୍ଷ ତଳର ଏସ୍‌ସିବି ମେଡିକାଲର ପୁରୁଣା ଆଉଟଡୋର କୋଠାର ପୁନରୁଦ୍ଧାର ଓ ନବୀକରଣ ନାମରେ ବ୍ୟାପକ ଅର୍ଥ ହରିଲୁଟ ହୋଇଥିବା ସେବକ ସଂଗଠନ ପକ୍ଷରୁ ଭିଜିଲାନ୍ସରେ ଅଭିଯୋଗ ହୋଇଥିଲା। ପୂର୍ତ୍ତ ବିଭାଗର କେତେକ ମୁନାଫାଖୋର ଯନ୍ତ୍ରୀଙ୍କ ସହିତ ଏସ୍‌ସିବି ମେଡିକାଲର ତତ୍କାଳୀନ କେତେଜଣ ଅଧିକାରୀଙ୍କ ଅସାଧୁ ମେଣ୍ଟ ପାଇଁ ସରକାରଙ୍କ ପାଖାପାଖି ୧ କୋଟି ଟଙ୍କା ଅଯଥାରେ ଖର୍ଚ୍ଚ ହୋଇଥିଲା। ୨୦୧୫ରେ କୋଠାର ନବୀକରଣ ଓ ପୁନରୁଦ୍ଧାର କରାଯାଇଥିଲା। ଠିକ୍ ବର୍ଷକ ପରେ ଅର୍ଥାତ୍ ୨୦୧୬ ଶେଷ ଭାଗରେ କୋଠାକୁ ଅସୁରକ୍ଷିତ ଘୋଷଣା କରାଯାଇଥିଲା। ଏପରିକି ତୁରନ୍ତ ଉକ୍ତ କୋଠାରେ ରୋଗୀସେବା ବନ୍ଦ କରିବାକୁ ମଧ୍ୟ ପୂର୍ତ୍ତ ବିଭାଗ ପକ୍ଷରୁ ମେଡିକାଲ କର୍ତ୍ତୃପକ୍ଷଙ୍କୁ ଚିଠି କରାଯାଇଥିଲା। କେବଳ ସେତିକି ନୁହେଁ, ପୂର୍ତ୍ତ ବିଭାଗ କୋଠାର ମରାମତି କରିବା ପରେ ଜିଇଡି ଓ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମଧ୍ୟ କୋଠାରେ ବିଦ୍ୟୁତ୍, ପାଣି ସଂଯୋଗ ବ୍ୟବସ୍ଥା ନିମନ୍ତେ ଅର୍ଥ ଖର୍ଚ୍ଚ କରାଯାଇଥିଲା।

#### ଭିଜିଲାନ୍ସରେ ଅଭିଯୋଗକୁ ବର୍ଷେ ପୂରିଲା

ଏ ସମ୍ପର୍କରେ ପୂର୍ତ୍ତ ବିଭାଗର ନିର୍ବାହୀ ଯନ୍ତ୍ରୀ ଏମ୍.ଆର୍. ଖାନ କୁହନ୍ତି, ସେ ସମୟରେ ମୁଁ ଦାୟିତ୍ୱରେ ନ ଥିଲି। ତେଣୁ ମୋ ପାଖରେ କୋଠା ନବୀକରଣ ବାବଦରେ କୌଣସି ତଥ୍ୟ ନାହିଁ। ସୂଚନାଥାଉକି, ପୁରୁଣା ଆଉଟଡୋର କୋଠା ୧୮୦୦ ମସିହାରେ ନିର୍ମାଣ କରାଯାଉଥିଲା। କଡି ବର୍ଘା ଛାତ ଓ ଟାଇଲ ଟେରାସରେ ଉକ୍ତ ଛାତ ନିର୍ମାଣ କରାଯାଇଥିଲା। ସେ ସମୟରେ ଉକ୍ତ କୋଠାରେ ଏକ ଡିସପେନସାରି ସ୍ଥାପନ କରାଯାଇଥିଲା। ପୁରୀକୁ ଯାଉଥିବା ଭକ୍ତମାନଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇଦେବା ପାଇଁ ସେ ସମୟରେ ଏହି ବ୍ୟବସ୍ଥା କରାଯାଇଥିଲା। ଏହାପରେ ୧୮୭୫ରେ ଉକ୍ତ ଡିସପେନସାରିକୁ ଓଡ଼ିଶା ମେଡିକାଲ ସ୍କୁଲ୍ ଓ ପରବର୍ତ୍ତୀ ସମୟରେ ୧୯୪୪ ମସିହାରେ ଓଡ଼ିଶା ମେଡିକାଲ କଲେଜ ନାମରେ ନାମିତ କରାଯାଇଥିଲା। ୧୯୫୧ରେ ଓଡ଼ିଶା ମେଡିକାଲ କଲେଜ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ନାମରେ ପରିବର୍ତ୍ତିତ ହୋଇଥିଲା। ୧୯୪୪ରେ ଅର୍ଥାତ ବର୍ତ୍ତମାନର ଆଉଟ୍‌ଡୋର ଜାଗାରେ ମେଡିକାଲ କଲେଜ ଚାଲୁଥିଲା।



ଶୁକ୍ରବାର କଟକ ତୁଳସୀପୁର ରିଂବନ୍ଧ ରାସ୍ତାରେ ଲଘୁଚାପଜନିତ ବର୍ଷା ସମୟର ଦୃଶ୍ୟ।

### ବନ୍ଧୁକ ଜବତ : ଅଭିଯୁକ୍ତ ଗିରଫ

**କଟକ ଅଫିସ୍, ୨୧।୯**

ଭାରତରେ ଚାଇନାର ଅଧିକାଂଶ ସାମଗ୍ରୀ ବିକ୍ରି ହେଉଛି। କମ୍ ମୂଲ୍ୟରେ ଚାଇନା ସାମଗ୍ରୀ ମିଳୁଥିବାରୁ ଭାରତୀୟ ବଜାରରେ ଏହାର ଚାହିଦା ରହିଛି। ଏବେ ଭାରତ ବଜାରକୁ ପ୍ରବେଶ କରିଛି ଚାଇନା ବନ୍ଧୁକ। ବେଆଇନ ଭାବେ ବନ୍ଧୁକ ରଖିବା ଘଟଣାରେ ଶୁକ୍ରବାର ମାଲଗୋଦାମ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ବାଙ୍କୀ ଥାନା ଅନ୍ତର୍ଗତ ଗୋପାଳପୁର ଅଞ୍ଚଳର ସୁନୀଲ କୁମାର ନାୟକ ଓରଫ ସିଲୁ (୨୪)। ସେ ମାଲଗୋଦାମ ଥାନା ଅନ୍ତର୍ଗତ ଯୋବ୍ରା ନୂଆସାହି ଅଞ୍ଚଳରେ ଭଡାରେ ରହୁଥିଲେ। ଏ ନେଇ ଆର୍ମ୍ସ ଆକ୍ଟ ୨୫ରେ ପୋଲିସ ଏକ ମାମଲା(୧୯୪/୧୮) ରୁଜୁ କରିଛି। ଶୁକ୍ରବାର ସକାଳେ ମାଲଗୋଦାମ ପୋଲିସ ଯୋବ୍ରା ଅଞ୍ଚଳରେ ପାଟ୍ରୋଲିଂ କରୁଥିବାବେଳେ ସେଠାରେ ବେଆଇନ ବନ୍ଧୁକ କାରବାର ହେଉଥିବା ସୂଚନା ପାଇଥିଲା। ପରେ ପୋଲିସର ଏକ ସ୍ୱତନ୍ତ୍ର ଟିମ୍ ଯୋବ୍ରା ତଉବଙ୍ଗ ଅଞ୍ଚଳରେ ଚଢାଉ କରି ସିଲୁଙ୍କଠାରୁ ଏକ ବନ୍ଧୁକ ଜବତ କରିଥିଲା। ସିଲୁଙ୍କୁ ବନ୍ଧୁକ ଲାଇସେନ୍ସ ଦେଖାଇବାକୁ ପୋଲିସ କହିବାରୁ ସେ ଦେଖାଇ ପାରି ନ ଥିଲେ। ଫଳରେ ପୋଲିସ ତାଙ୍କୁ ଗିରଫ କରିଥିଲା। ବନ୍ଧୁକ ଉପରେ ମେଡ୍ ଇନ୍ ଚାଇନା ବୋଲି ଉଲ୍ଲେଖ ରହିଛି। ଫଳରେ ଏହି ବନ୍ଧୁକ ଚାଇନାରେ ତିଆରି ହୋଇ ଓଡ଼ିଶାକୁ ଚାଲାଣ ହେଉଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି।

■ ଖୁଦୁରୁକୁଣୀ ଭସାଣି ପ୍ରସ୍ତୁତି ବୈଠକ

## ମୁତୟନ ହେବେ ୧୦ ପ୍ଲାଟୁନ୍ ପୋଲିସ ଫୋର୍ସ

**କଟକ ଅଫିସ୍, ୨୧।୯**

ଆସନ୍ତା ୨୬ ତାରିଖରେ କଟକରେ ଖୁଦୁରୁକୁଣୀ ଭସାଣି ଉତ୍ସବ ଅନୁଷ୍ଠିତ ହେବ। ଏଥିପାଇଁ କମିଶନରେଟ୍ ପୋଲିସ ପକ୍ଷରୁ ଶୁକ୍ରବାର ଚାଉଳିଆଗଞ୍ଜ ଅଞ୍ଚଳରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କଟକର ବିଭିନ୍ନ ଅଞ୍ଚଳରୁ ୧୭ଟି ମେଢ ଭସାଣି ଶୋଭାଯାତ୍ରାରେ ସାମିଲ ହେବାର କାର୍ଯ୍ୟକ୍ରମ ରହିଛି। ମୂର୍ତ୍ତି ବିସର୍ଜନ ପାଇଁ ଚାଉଳିଆଗଞ୍ଜ ଥାନା ଅନ୍ତର୍ଗତ ନୂଆବଜାର ପୋତାପୋଖରୀ ଅଞ୍ଚଳରେ ଅସ୍ଥାୟୀ ପୋଖରୀ ଖୋଳାଯାଇଛି। ଭସାଣି ଉତ୍ସବକୁ ସୁରୁଖୁରୁରେ ପରିଚାଳନା କରିବା ପାଇଁ ୧୦ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯିବ ବୋଲି ପୋଲିସ ସୂଚନା ଦେଇଛି। ବୈଠକରେ କଟକ ଡିସିପି ଅଖିଳେଶ୍ୱର ସିଂ ଯୋଗଦେଇ ପୂଜା କମିଟିର ସଦସ୍ୟମାନଙ୍କ ସହ ଆଲୋଚନା କରିଥିଲେ। ବିଶେଷକରି ଟ୍ରାଫିକ ବ୍ୟବସ୍ଥା ପରିଚାଳନା ସମ୍ପର୍କରେ ଆଲୋଚନା ହୋଇଥିଲା। ମୁଖ୍ୟତଃ ପାରାଦୀପ-କଟକ ରାସ୍ତାରେ ଅଧିକ ମାତ୍ରାରେ ଟ୍ରାଫିକ ସମସ୍ୟା ଦେଖାଦେବା ଆଶଙ୍କା ଥିବାରୁ ସେହି ଅଞ୍ଚଳରେ ବ୍ୟାପକ ପୋଲିସ ମୁତୟନ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ସମସ୍ତ ଥାନା ଅଧିକାରୀଙ୍କୁ ଉକ୍ତ ଦିନ ସଜାଗ ରହିବାକୁ କୁହାଯାଇଛି।

## ଡ୍ରିମ୍‌ସରେ ବିଶ୍ୱ ଆଲଝିମର ଦିବସ





କାର୍ଯ୍ୟକ୍ରମରେ ଡା. ସଞ୍ଜୟ ପାଣିଙ୍କୁ ସମ୍ମାନିତ କରାଯାଉଛି।

**କଟକ ଅଫିସ, ୨୧।୯**

ଡ୍ରିମ୍‌ସ ସ୍କୁଲ ଆଣ୍ଡ କଲେଜ ଅଫ ନର୍ସିଂ ପକ୍ଷରୁ 'ବିଶ୍ୱ ଆଲଝିମର ଦିବସ' ପାଳିତ ହୋଇଛି। କ୍ୟାମ୍ପସ ପରିସରସ୍ଥ ରାଣୀଦେବୀ ଅଡିଟୋରିୟମରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଶିକ୍ଷାନୁଷ୍ଠାନର ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଆୟୋଜିତ ଆଲୋଚନାଚକ୍ରରେ ବକ୍ତା ଭାବେ ଯୋଗଦେଇ ଏସ୍‌ସିବି ମେଡିକାଲ କଲେଜ ମାନସିକ ସ୍ୱାସ୍ଥ୍ୟ ପ୍ରତିଷ୍ଠାନର ସହକାରୀ ପ୍ରାଧ୍ୟାପକ ଡା. ସଞ୍ଜୟ ପାଣି ଆଲଝିମର ରୋଗର କାରଣ, ଉପଶମ ଓ ସଚେତନତା ଉପରେ ଆଲୋଚନା କରିଥିଲେ। ଏମଏସସି ଛାତ୍ରୀ ରଶ୍ମିତା ସ୍ୱାଇଁ, ଶାଶ୍ୱତୀ ଦାସ, ସ୍ମିତାରେଖା ରାଉତ, ରଶ୍ମିତା ପି. ସାମଲ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ଆଲଝିମର ରୋଗୀର ସେବା ଓ ଯତ୍ନ ସମ୍ପର୍କରେ ଆଲୋକପାତ କରିଥିଲେ। ଅଧ୍ୟକ୍ଷା ପ୍ରଫେସର ଅନସୂୟା ପଟ୍ଟନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଆଲୋଚନାଚକ୍ରକୁ ପ୍ରାଧ୍ୟାପକ ଅଜିଜ୍. ପି ସଂଯୋଜନା, ଛାତ୍ରୀ ନିକିତା ପ୍ରିୟଦର୍ଶିନୀ ଓ ଦେବସ୍ମିତା ଗାୟନ ଏହାକୁ ଉପସ୍ଥାପନା କରିଥିଲେ। ଉପାଧ୍ୟକ୍ଷା ଏନ୍. ପ୍ରେମଲତା ଦେବୀ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଓଡ଼ିଶୀ ନୃତ୍ୟ ପରିବେଷିତ ହୋଇଥିଲା।

## ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ

**କଟକ ଅଫିସ୍, ୨୧।୯**

ମାଲ୍‌ଗୋଦାମ ଥାନା ଅନ୍ତର୍ଗତ ରାଣୀହାଟ ଛକରେ ଶୁକ୍ରବାର ରାତିରେ ଜଣେ ଯୁବକଙ୍କୁ କେତେଜଣ ଦୁର୍ବୃତ୍ତ ଭୁଜାଲିରେ ସଂଘବଦ୍ଧ ଆକ୍ରମଣ କରିଛନ୍ତି। ସେ ହେଲେ ମାଲଗୋଦାମ ଥାନା ଅନ୍ତର୍ଗତ ରାଣୀହାଟ କେନାଲ ରୋଡ ଅଞ୍ଚଳର ରାମ ମୁର୍ମୁ। ଗୁରୁତର ଅବସ୍ଥାରେ ତାଙ୍କୁ କଟକ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଯାଇଛି। ଏ ନେଇ କୌଣସି ଅଭିଯୋଗ ହୋଇ ନ ଥିବା ବେଳେ ପୋଲିସ ନିଜ ଆଡୁ ମାମଲା ରୁଜୁ କରି ତଦନ୍ତ କରିବ ବୋଲି ଥାନା ଅଧିକାରୀ ଦେବୀ ପ୍ରସାଦ ପାତ୍ର କହିଛନ୍ତି। ସୂଚନା ଅନୁଯାୟୀ, ଶୁକ୍ରବାର ରାତି ୧୧ଟା ବେଳେ ମୁର୍ମୁ ରାଣୀହାଟ ବଜାରରୁ ଘରକୁ ଫେରୁଥିବାବେଳେ ଦୁର୍ବୃତ୍ତମାନେ ତାଙ୍କୁ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ସ୍ଥାନୀୟ ଲୋକେ ମୁର୍ମୁଙ୍କୁ ଉଦ୍ଧାର କରି ମେଡିକାଲ ନେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଏକ ଭୁଜାଲି ଜବତ କରିବା ସହ ତଦନ୍ତ ଆରମ୍ଭ କରିଛି। ମୁର୍ମୁଙ୍କ ସହିତ ଆକ୍ରମଣକାରୀଙ୍କ ପୂର୍ବରୁ ଗଣ୍ଡଗୋଳ ହୋଇଥିଲା। ମୁର୍ମୁ ଏବଂ ତାଙ୍କ ବାପା ସେମାନଙ୍କୁ ମାଡ ମାରିଥିଲେ। ଏହାର ପ୍ରତିଶୋଧ ନେବାକୁ ଯାଇ ସେମାନେ ଆକ୍ରମଣ କରିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି।

#### ଗୁରୁତର ଅବସ୍ଥାରେ ଏସ୍‌ସିବିରେ ଭର୍ତ୍ତି

ପ୍ରଶାସନ ଉପରେ ଦେଢ଼ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବାକି

## ଶିଶୁ ଶ୍ରମିକ ପ୍ରକଳ୍ପରେ ଅର୍ଥ ଖର୍ଚ୍ଚ କରି ଏନ୍‌ଜିଓ ହତାଶ

**କଟକ ଅଫିସ, ୨୧।୯**

ଶିଶୁ ଶ୍ରମିକ ପ୍ରକଳ୍ପରେ ଅର୍ଥ ଖର୍ଚ୍ଚ କରି ଏନ୍‌ଜିଓଗୁଡ଼ିକ ହତାଶ। ପାଖାପାଖି ଦେଢ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଜିଲା ପ୍ରଶାସନ ଉପରେ ବାକି ପଡ଼ିଛି। ଏ ନେଇ କଟକ ଜିଲା ସ୍ୱେଚ୍ଛାସେବୀ ସମନ୍ୱୟ ସମିତିର ସଭାପତି ଅମୀୟ ଭୂଷଣ ବିଶ୍ୱାଳଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଗୁରୁବାର ଜିଲାପାଳଙ୍କୁ ଭେଟି ଆଲୋଚନା କରିଛନ୍ତି। ବିଶ୍ୱାଳଙ୍କ କହିବାନୁଯାୟୀ, ଉଚ୍ଚତମ ନ୍ୟାୟାଳୟଙ୍କ ନିର୍ଦ୍ଦେଶକ୍ରମେ ଜିଲାରେ ଶିଶୁ ଶ୍ରମିକ ପ୍ରକଳ୍ପ ଖୋଲାଯାଇଥିଲା। ବ୍ୟବସ୍ଥା ଅନୁସାରେ ଏନ୍‌ଜିଓଗୁଡିକ ପ୍ରଥମେ ପ୍ରକଳ୍ପ ବାବଦକୁ ଅର୍ଥ ଖର୍ଚ୍ଚ କରିସାରିଲା ପରେ ପ୍ରତି ୬ ମାସରେ ଥରେ ପଇସା ପାଉଥିଲେ। ଜିଲାରେ ପ୍ରାୟ ୩୩ଟି କେନ୍ଦ୍ର ସୁରୁଖୁରୁରେ ଚାଲୁଥିବାବେଳେ ହଠାତ୍ କେନ୍ଦ୍ରଗୁଡ଼ିକ ବନ୍ଦ କରି ଦିଆଗଲା। କିନ୍ତୁ ଏନ୍‌ଜିଓଗୁଡିକ ନିଜ ହାତରୁ ଖର୍ଚ୍ଚ କରିଥିବା ଅର୍ଥ ଦୀର୍ଘ ୪ ବର୍ଷ ହେଲା ତାଙ୍କୁ ପ୍ରଦାନ କରାଯାଇନାହିଁ। ଏହା ଭିତରେ କିଛି ସଂଗଠନ ଋଣ କରି ଦେବାଳିଆ ଅବସ୍ଥାରେ ପହଞ୍ଚିଛନ୍ତି। ଜିଲାପାଳ ଅରବିନ୍ଦ ଅଗ୍ରୱାଲ ଅଭିଯୋଗଗୁଡ଼ିକୁ ଶୁଣି ଏହା ଉପରେ ତୁରନ୍ତ ପଦକ୍ଷେପ ନେବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେବା ସହିତ ଆଗାମୀ ଦିନରେ ଏନ୍‌ଜିଓମାନଙ୍କ ସହିତ ମିଶି କାର୍ଯ୍ୟ କରିବାର ପ୍ରତିଶ୍ରୁତି ପ୍ରଦାନ କରିଥିଲେ। ଉକ୍ତ ପ୍ରତିନିଧି ଦଳରେ ଶ୍ରୀତମ ଦାସ, ଦିବେନ ଓଝା, ନରେନ୍ଦ୍ର ମହାରଣା, ପୁଷ୍ପିତା ମହାନ୍ତି, ଶଶିକାନ୍ତ ମହାନ୍ତି, ବରେନ୍ଦ୍ର ବେହେରା, ମଳୟ କୁମାର ଷଡଙ୍ଗୀ ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ଅସୁବିଧା ଉପରେ ଜିଲାପାଳଙ୍କ ସହ ଆଲୋଚନା କରିଥିଲେ। ବର୍ତ୍ତମାନର ଶିଶୁ ଶ୍ରମିକ ପ୍ରକଳ୍ପରେ ଥିବା ଅଧିକାରୀ ସୂଚନା ଅଧିକାର ଆଇନ ବଳରେ ମଗାଯାଉଥିବା ତଥ୍ୟ ଠିକ୍ ଭାବରେ ପ୍ରଦାନ କରୁ ନ ଥିବା ଓ କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରୁ ନ ଥିବା ନେଇ ଏନ୍‌ଜିଓମାନେ କ୍ଷୋଭ ପ୍ରକାଶ କରିଛନ୍ତି। ଯଦି ଜିଲାପାଳ ଏ ଦିଗରେ ଆଗାମୀ ୧୫ ଦିନ ମଧ୍ୟରେ କୌଣସି ଆଖିଦୃଶିଆ ପଦକ୍ଷେପ ନ ନିଅନ୍ତି ତେବେ ଏନ୍‌ଜିଓ ସମନ୍ୱୟ ସମିତି ତରଫରୁ ଉଚ୍ଚ ନ୍ୟାୟାଳୟର ଆଶ୍ରୟ ନିଆଯିବ ବୋଲି ବିଶ୍ୱାଳ କହିଛନ୍ତି।



ଆସୁଛି ଦଶହରା: କଟକ ଚାନ୍ଦିନୀଚୌକ ଦୁର୍ଗା ମଣ୍ଡପରେ ଚାନ୍ଦି ଅଳଙ୍କାରଗୁଡ଼ିକୁ ପୂଜାରେ ବ୍ୟବହାର ପୂର୍ବରୁ ସଫା କରାଯାଉଛି।



କଟକ ଫିରିଙ୍ଗି ବଜାର ଅଞ୍ଚଳରେ ମେଢ଼ ଶିଳ୍ପୀ ପୂର୍ଣ୍ଣଚନ୍ଦ୍ର ସିଂ ଜରିରେ ମୁକୁଟ ପ୍ରସ୍ତୁତ କରୁଛନ୍ତି।



ଆଗରୁ ଦେଇ ନ ଥିଲେ ଏବେ ପାଇପାରିବନି। ତେଣୁ ପାଇବାର ଉତ୍କୃଷ୍ଟ ଉପାୟ ହେଉଛି ଦେବା। ସଞ୍ଚୟରେ ମଣିଷର ସ୍ପର୍ଦ୍ଧା ବଢ଼େ, ତ୍ୟାଗରେ ବଢ଼େ ମହତ୍ତ୍ୱ।

-ଶିରିଡ଼ି ସାଇ



## ସଂକ୍ଷେପରେ

### ନିଖୋଜ ଛାତ୍ରୀ ନାଗପୁରରୁ ଉଦ୍ଧାର

**କଟକ ଅଫିସ୍, ୨୧।୯-** ଚାଉଳିଆଗଞ୍ଜ ଥାନା ମହାନଦୀ ବିହାର ଅଞ୍ଚଳରୁ ବୁଧବାର ନିଖୋଜ ହୋଇଥିବା ଜଣେ ଛାତ୍ରୀଙ୍କୁ ଶୁକ୍ରବାର ମହାରାଷ୍ଟ୍ରର ନାଗପୁର ସହରରୁ ପୋଲିସ ଉଦ୍ଧାର କରିଛି। ପରେ ତାଙ୍କୁ ସ୍ଥାନୀୟ ଶିଶୁ ସୁରକ୍ଷା କମିଟିରେ ଛାଡିବା ସହ ପରିବାର ଲୋକଙ୍କୁ ଏ ସମ୍ପର୍କରେ ସୂଚନା ଦେଇଛି। ଛାତ୍ରୀ ଜଣଙ୍କ ଚାଉଳିଆଗଞ୍ଜ ଥାନା ଅଞ୍ଚଳରେ ଥିବା ଏକ ଘରୋଇ ସ୍କୁଲରେ ନବମ ଶ୍ରେଣୀରେ ପଢୁଛନ୍ତି। ପୋଲିସ ସୂଚନା ଅନୁଯାୟୀ, ଥ୍ରୀଡି ଆନିମେଶନ ଏବଂ ଫଟୋଗ୍ରାଫି କୋର୍ସ କରିବାକୁ ଛାତ୍ରୀ ଜଣଙ୍କ ପରିବାର ଲୋକଙ୍କୁ ଅନେକ ଥର କହିଥିଲେ। ହେଲେ ପରିବାର ଲୋକେ ତାଙ୍କୁ ଏହି କୋର୍ସ କରିବାକୁ ମନା କରିଥିଲେ। ଫଳରେ ସେ ଘର ଛାଡି କୋର୍ସ କରିବା ପାଇଁ ରାଜ୍ୟ ବାହାରକୁ ଯିବାକୁ ନିଷ୍ପତ୍ତି ନେଇଥିଲେ। ତାଙ୍କର ଜଣେ ସାଙ୍ଗଙ୍କ ସହ ଆଲୋଚନା କରିବା ପରେ ବୁଧବାର ଟ୍ରେନ୍ ଯୋଗେ ନାଗପୁର ଯାଇଥିଲେ। ସେଠାରେ କୋର୍ସ କରିବା ପାଇଁ ଏକ କଲେଜ ସହ ଯୋଗାଯୋଗ କରିଥିଲେ ବୋଲି ପୋଲିସ ସୂଚନା ଦେଇଛି। ସୂଚନାଯୋଗ୍ୟ, ଛାତ୍ରୀ ଜଣଙ୍କ ନିଖୋଜ ହୋଇଯାଇଥିବା ନେଇ ଗୁରୁବାର ତାଙ୍କ ପରିବାର ଲୋକେ ଚାଉଳିଆଗଞ୍ଜ ଥାନାରେ ଅଭିଯୋଗ କରିଥିଲେ।

### କେନାଲ ବନ୍ଧ ରାସ୍ତା ଖୋଲାଯିବାରୁ ଯାତାୟାତ ବାଧାପ୍ରାପ୍ତ

**କଟକ ସଦର, ୨୧।୯ (ଡି.ଏନ.ଏ.)-** ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ କଟକ ଗ୍ରାମ୍ୟ ଉନ୍ନୟନ ଡିଭିଜନ ଅଧୀନ ବିରିବାଟୀ- ଅଥଙ୍ଗା ମାଛଗାଁ କେନାଲ ବନ୍ଧ ରାସ୍ତା କାର୍ଯ୍ୟ ଚାଲିଛି। ବିରିବାଟୀ ନିକଟ ରେଳ ପୋଲତଳେ ୨ ମାସ ହେବ ରାସ୍ତାକୁ ଖୋଲି ଅଧାପନ୍ତରିଆ ଅବସ୍ଥାରେ ରଖାଯାଇଛି। ଫଳରେ ବର୍ଷା ହେଲେ ସେଠାରେ ପାଣି ଜମି ରହୁଥିବାରୁ ଯାତାୟାତରେ ବାଧା ସୃଷ୍ଟି ହେଉଛି। ପ୍ରତିଦିନ ଏହି ରାସ୍ତାରେ ବହୁସଂଖ୍ୟକ ଯାନବାହନ ଚଳାଚଳ କରୁଛି। ପାଣି ଜମି ରହିବା ଦ୍ୱାରା ଖାଲ ଜଣାପଡୁ ନ ଥିବାରୁ ୨/୩ ଚକିଆ ଯାନଗୁଡିକ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଏହି ସ୍ଥାନରେ ୩୦ ଫୁଟ ଲମ୍ବ ପୋଲତଳ ରାସ୍ତାକୁ କଂକ୍ରିଟ୍ କରାଯିବାର ଥିଲା। ମାଟି ଖୋଳାଯାଇ ସମତୁଲ କାର୍ଯ୍ୟବେଳେ କେତେଜଣ ଲୋକ ଅଧିକ ଗଭୀର କରିବା ପାଇଁ ଜିଦ୍ ଧରିଥିଲେ। କାରଣ ଉଚ୍ଚ ଯାନଗୁଡିକ ଏହି ବାଟରେ ପରମହଂସଆଡକୁ ଯିବାବେଳେ ଉପର ରେଳ ପୋଲ ଲାଗୁଛି। ସେଥିପାଇଁ ଗଭୀର କଲେ ଗାଡି ପୋଲତଳେ ସହଜରେ ଯାଇପାରିବ ବୋଲି ଲୋକମାନେ ଯୁକ୍ତି କରିଛନ୍ତି। ଆଜିପର୍ଯ୍ୟନ୍ତ ଏହାର ସମାଧାନ ହେଉ ନ ଥିବାରୁ ରାସ୍ତା ପୂର୍ବଭଳି ଖୋଲା ଅବସ୍ଥାରେ ରହିଛି। ଲଗାଣ ବର୍ଷାବେଳେ ରାସ୍ତାର ଅବସ୍ଥା ଅଧିକ ଶୋଚନୀୟ ହୋଇପଡୁଛି। ଏ ସମ୍ପର୍କରେ ନିର୍ବାହୀଯନ୍ତ୍ରୀ ନୀଳମାଧବ ସାହୁଙ୍କୁ ପଚାରିବାରୁ ଶୀଘ୍ର ରାସ୍ତାକୁ ଯାତାୟାତ ଉପଯୋଗୀ କରାଯିବ ବୋଲି କହିଥିଲେ।

### ରଘୁନାଥଜୀଉ ମନ୍ଦିରରେ ସୁନିଆ ପାଳିତ



**କଟକ ଅଫିସ, ୨୧।୯-** ତେଲେଙ୍ଗା ବଜାରସ୍ଥ ରଘୁନାଥଜୀଉ ମନ୍ଦିରଠାରେ ଓଡ଼ିଶାର ମହାନ୍ ପ୍ରାଚୀନ ରାଜକୀୟ ପର୍ବ ସୁନିଆ ପାଳିତ ହୋଇଯାଇଛି। ଡା. ରବି ରଞ୍ଜନ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ସଙ୍ଗଠନ ସମ୍ପାଦକ ନରସିଂହ ମହାପାତ୍ର ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଚଳିତବର୍ଷ ୬୧ ଅଙ୍କ ପ୍ରବେଶ ଅବସରରେ ଉତ୍କଳୀୟ ସଂସ୍କୃତି ପରମ୍ପରା ଓ ଐତିହ୍ୟ ଭରି ରହିଥିବା ଏହି ପର୍ବର ସାମାଜିକ, ରାଜନୈତିକ ଓ ସାଂସ୍କୃତିକ ପ୍ରଭାବ ରହିଛି ବୋଲି ବକ୍ତାମାନେ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟୁତ୍ ଲାଲା, ବନଲତା ସିଂ, ମାଧବ ମିଶ୍ର, ବିଚିତ୍ରାନନ୍ଦ ମିଶ୍ର, ଉତ୍ତମ ପ୍ରଧାନ, ଜ୍ୟୋତ୍ସ୍ନା ପାଣି, ଶକ୍ତି ଶଙ୍କର ରାଜ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ମୁକେଶ ସୋନୀ ଧନ୍ୟବାଦ ଦେଇଥିଲେ।

■ ଭାଷା ପ୍ରୟୋଗଶାଳା ଗଠନ

# ଘରୋଇ ସଂସ୍ଥାକୁ ଅନୁଗ୍ରହ ଦେଖାଇଛି ଉଚ୍ଚଶିକ୍ଷା ବିଭାଗ

**ଭୁବନେଶ୍ୱର, ୨୧।୯(ବ୍ୟୁରୋ)**

ଉଚ୍ଚଶିକ୍ଷା ବିଭାଗ ରାଜ୍ୟର ସମସ୍ତ ସରକାରୀ କଲେଜ ଏବଂ ସରକାରୀ ସହାୟତାପ୍ରାପ୍ତ ୧୦୮ କଲେଜରେ ଭାଷା ପ୍ରୟୋଗଶାଳା ଗଠନ କରିବାକୁ ନିଷ୍ପତ୍ତି ନେଇଥିଲା। ବିଭାଗ ମନୋନୟନ ଭିତ୍ତିରେ ସେଣ୍ଟର ଫର୍ ଆଡ୍‌ଭାନ୍ସ କମ୍ୟୁନିକେଶନ(ସିଏସି) ନାମକ ସଂସ୍ଥାକୁ ଅନୁଗ୍ରହ ଦେଖାଇ ପ୍ରକଳ୍ପ କାର୍ଯ୍ୟ କରିବାକୁ ଦେଇଥିଲା। ୨୨.୮୮ କୋଟି ଟଙ୍କା ବ୍ୟୟ କରାଯାଇ ଭାଷା ପ୍ରୟୋଗଶାଳା ଗଠନ ହୋଇଥିଲେ ମଧ୍ୟ ୫୬ଟି କଲେଜରେ ନାମଲେଖା ହୋଇ ନ ଥିଲା। ଫଳରେ ଭାଷା ପ୍ରୟୋଗଶାଳା ଗଠନର ଉଦ୍ଦେଶ୍ୟ ହାସଲ ହୋଇପାରିନାହିଁ ବୋଲି ସିଏଜି(କମ୍ପ୍ଟ୍ରୋଲର ଆଣ୍ଡ ଅଡିଟର ଜେନେରାଲ) ତାଙ୍କ ରିପୋର୍ଟରେ ପ୍ରକାଶ କରିଛନ୍ତି।

ରାଜ୍ୟର ସମସ୍ତ ସରକାରୀ ବିଶ୍ୱବିଦ୍ୟାଳୟ, ସରକାରୀ କଲେଜ ଏବଂ କିଛି ଅନୁଦାନପ୍ରାପ୍ତ ବେସରକାରୀ କଲେଜରେ ଭାଷା ପ୍ରୟୋଗଶାଳା ଗଠନ କରିବାକୁ ଉଚ୍ଚଶିକ୍ଷା ବିଭାଗ ୨୦୧୨ ଜାନୁୟାରୀରେ ନିଷ୍ପତ୍ତି ନେଇଥିଲା। ଛାତ୍ରୀଛାତ୍ରଙ୍କୁ ଭାଷା ଉପରେ ଅଧିକ ଜ୍ଞାନ ଯୋଗାଇଦେବା ଥିଲା ଏହାର ଲକ୍ଷ୍ୟ ଥିଲା। ଏଥିପାଇଁ କଲେଜ ଏବଂ ବିଶ୍ୱବିଦ୍ୟାଳୟରେ ୩୦ ଜଣ ବସିବା ଭଳି କ୍ଷମତା ବିଶିଷ୍ଟ କୋଠରୀ ନିର୍ମାଣ କରିବାକୁ ସ୍ଥିର ହୋଇଥିଲା। ଏଥିରେ ବୈଦ୍ୟୁତିକ ସାଜ ସରଞ୍ଜାମ, ଆଭ୍ୟନ୍ତରିଣ ସାଜସଜ୍ଜା ସହିତ କୋଠରୀଗୁଡିକରେ କମ୍ପ୍ୟୁଟର ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ଉପକରଣ ରହିବ।

ଉଚ୍ଚଶିକ୍ଷା ବିଭାଗ ସିଏସିକୁ କେନ୍ଦ୍ର

**ଉଦ୍ଦେଶ୍ୟ ସଫଳ ହୋଇନାହିଁ**

ସରକାରଙ୍କ ବୈଷୟିକ ଅନୁଷ୍ଠାନ ଆଇଆଇଟି ଖଡଗପୁରର ଏକ ୟୁନିଟ୍ ଦର୍ଶାଇ କାର୍ଯ୍ୟ କରିବା କ୍ଷମତା ଦେଇଥିଲା। କିନ୍ତୁ ସିଏସି ଏକ ବେସରକାରୀ ସଂସ୍ଥା। ଏହାର ପ୍ରଶାସନିକ ଏବଂ ଆର୍ଥିକ ସମ୍ପର୍କ ଆଇଆଇଟି ଖଡଗପୁର ସହିତ ନ ଥିଲା। ତେଣୁ ଆଇଆଇଟି ଖଡଗପୁର ଆଳରେ ସିଏସିକୁ କାର୍ଯ୍ୟ କରିବା କ୍ଷମତା ଦେବା ଅନୈତିକ ବୋଲି ସିଏଜି ରିପୋର୍ଟରେ ଉଲ୍ଲେଖ କରିଛନ୍ତି। ୨୦୧୩ ମାର୍ଚ୍ଚରେ ବିଭାଗ ସଂସ୍ଥା ସହିତ କାମ ଆରମ୍ଭ ନେଇ ବୁଝାମଣା ପତ୍ର ସ୍ୱାକ୍ଷର କରିଥିଲା। ୨୦୧୬ ଫେବୃୟାରୀରେ ବୁଝାମଣା ପତ୍ରର ପରିସମାପ୍ତି ହୋଇଥିଲା। ଉଚ୍ଚଶିକ୍ଷା ବିଭାଗ ତାହାକୁ ପୁଣିଥରେ ନବୀକରଣ କରିଥିଲା। ୨୦୧୭ ସୁଦ୍ଧା ୨୦ ଭାଷା ପ୍ରୟୋଗଶାଳାକୁ ସରକାର ଅନୁମୋଦନ କରିଥିଲେ। ଫଳସ୍ୱରୂପ ୪୦ ସରକାରୀ ଏବଂ ୬୮ ସରକାରୀ ସହାୟତାପ୍ରାପ୍ତ କଲେଜରେ ଭାଷା ପ୍ରୟୋଗଶାଳା କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିଲା। ମାର୍ଚ୍ଚ ୨୦୧୭ ସୁଦ୍ଧା ସିଏସିକୁ ବିଭାଗ ୨୨.୮୮ କୋଟି ଟଙ୍କା ପ୍ରଦାନ କରିଛି ବୋଲି ସିଏଜିଙ୍କ ରିପୋର୍ଟ କହୁଛି। ୧୦୨ କଲେଜରେ ଭାଷା ପ୍ରୟୋଗଶାଳା ପ୍ରତିଷ୍ଠା ହୋଇଛି। ୫୬ କଲେଜରେ ନାମଲେଖା ହୋଇନାହିଁ। ସେହିପରି ୩ ବର୍ଷ ପୂର୍ବରୁ ୪୨ କଲେଜରେ ୮.୬୪ କୋଟି ଟଙ୍କା ବ୍ୟୟରେ ଭାଷା ପ୍ରୟୋଗଶାଳା ପ୍ରତିଷ୍ଠା ହୋଇସାରିଛି। ଅବଶିଷ୍ଟ ୧୪ କଲେଜରେ ୨୦୧୬-୧୭ରେ ଭାଷା ପ୍ରୟୋଗଶାଳା ଗଠନ କରାଯାଇଛି ବୋଲି ସିଏଜି ପ୍ରକାଶ କରିଛନ୍ତି।





କଟକସ୍ଥିତ ଖପୁରିଆ ସରକାରୀ ପ୍ରେସ୍‌କୁ ଯିବା ରାସ୍ତାରେ ସୃଷ୍ଟି ହୋଇଥିବା ଖାଲରେ ଜମି ରହିଥିବା ବର୍ଷାଜଳ।

## ବର୍ଷାରେ ହାଟ ଅବସ୍ଥା ଶୋଚନୀୟ



ହାଟରାସ୍ତାରେ ଜମି ରହିଥିବା ବର୍ଷାପାଣି।

**କଟକ ସଦର, ୨୧।୯ (ଡି.ଏନ.ଏ.)**

କିଶନ ନଗର ତହସିଲ ଅଧୀନ କିଶୋର ନଗର ହାଟର ଅବସ୍ଥା ଶୋଚନୀୟ ହୋଇପଡିଛି। ବର୍ଷାଯୋଗୁ ହାଟପଡିଆ କର୍ଦ୍ଦମାକ୍ତ ହୋଇଥିବାରୁ ପରିବାର ବ୍ୟବସାୟୀମାନେ ହନ୍ତସନ୍ତ ହେଉଛନ୍ତି। କିଶୋର ନଗର ପଞ୍ଚାୟତ ନିୟନ୍ତ୍ରଣରେ ଥିବା ଉକ୍ତ ହାଟର ଅବସ୍ଥା ସୁଧାରିବା ପାଇଁ ସ୍ଥାନୀୟ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ଜୋର୍ ଧରିଛି। ସପ୍ତାହର ସୋମବାର ଓ ଶୁକ୍ରବାର ଉକ୍ତ ପରିବା ହାଟକୁ ଦୂରଦୂରାନ୍ତରୁ ବ୍ୟବସାୟୀମାନେ କୃଷି ସାମଗ୍ରୀ ବିକ୍ରି ପାଇଁ ଆସିଥାନ୍ତି। ତଦନୁଯାୟୀ ସତେଜ ପରିବା ମିଳୁଥିବାରୁ ଖାଉଟିମାନଙ୍କର ମଧ୍ୟ ଭିଡ ଜମେ। ମାତ୍ର ହାଟପଡିଆରେ ବହୁ ଲୋକ ଚଳପ୍ରଚଳ ହେବା ଦ୍ୱାରା କାଦୁଅ ହୋଇଯାଉଛି। ଏପରି କି ବର୍ଷାଜଳ ନିଷ୍କାସନ ପାଇଁ ଡ୍ରେନ୍ ମଧ୍ୟ ନାହିଁ। ସମସ୍ୟା ସମ୍ପର୍କରେ ସରପଞ୍ଚ ରଞ୍ଜିତା ମହାନ୍ତିଙ୍କୁ ପଚାରିବାରୁ ହାଟପଡିଆରେ ବାଲି ପକାଇବା ପାଇଁ ବ୍ୟବସ୍ଥା କରାଯାଇଛି ବୋଲି କହିଥିଲେ। ମାତ୍ର ମହାନଦୀରେ ପାଣି ଚାଲୁଥିବାରୁ ଘାଟରୁ ବାଲି ଉଠାଇବା ସମ୍ଭବ ହେଉ ନାହିଁ ବୋଲି ସେ ସଫେଇ ଦେଇଥିଲେ।

## ପ୍ଲାଷ୍ଟିକ ବର୍ଜନ: କର୍ପୋରେଟର ନେବେ ସ୍ୱତନ୍ତ୍ର ତାଲିମ

**କଟକ ଅଫିସ, ୨୧।୯**

କଟକ ମହାନଗର ନିଗମ(ସିଏମ୍‌ସି)ର ୫୯ ଜଣ କର୍ପୋରେଟରଙ୍କ ସମେତ ସମସ୍ତ ଷ୍ଟାଫ ପ୍ଲାଷ୍ଟିକ ବର୍ଜନ ସମ୍ପର୍କିତ ସ୍ୱତନ୍ତ୍ର ତାଲିମ ନେବେ। ଆସନ୍ତା ୨୫ ତାରିଖରେ ଏହି ଟ୍ରେନିଂ ପ୍ରୋଗ୍ରାମ ହେବ। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ କାର୍ଯ୍ୟାଳୟର କେତେଜଣ ଏହି ଟ୍ରେନିଂ ଦେବେ। ସମସ୍ତ କର୍ପୋରେଟର ଓ ଷ୍ଟାଫ ଏହି ତାଲିମ ନେଲେ ସେମାନେ ୱାର୍ଡ ସ୍ତରରେ ସଚେତନତା କାର୍ଯ୍ୟକ୍ରମକୁ ଆହୁରି ବ୍ୟାପକ କରିପାରିବେ, ଯଦ୍ୱାରା ପ୍ଲାଷ୍ଟିକ ବର୍ଜନ ଅଭିଯାନ ବହୁମାତ୍ରାରେ ସଫଳ ହେବ ବୋଲି ଆଶା ରଖିଛି ସିଏମ୍‌ସି। ସ୍ୱଚ୍ଛ ଭାରତ ଯୋଜନାରେ ଏହି ପ୍ଲାଷ୍ଟିକ ବର୍ଜନ କାର୍ଯ୍ୟକ୍ରମ ହାତକୁ ନେଇଛି ସିଏମ୍‌ସି। ତେବେ ଦୀର୍ଘଦିନ ଧରି ପ୍ଲାଷ୍ଟିକ ମଣିଷ ଜୀବନର ଏକ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ପାଲଟିଛି। ତେଣୁ ପ୍ରଥମେ ଦେଖିବାକୁ ହେବ, କେଉଁ ପ୍ରକାର ପ୍ଲାଷ୍ଟିକର ବ୍ୟବହାର ସବୁଠାରୁ ଅଧିକ। ସକାଳଠାରୁ ରାତି ଯାଏ ସହରର ବିଭିନ୍ନ ଦୋକାନ ବଜାରଠାରୁ ଆରମ୍ଭ କରି ପରିବା ମାର୍କେଟ ପର୍ଯ୍ୟନ୍ତ ପ୍ଲାଷ୍ଟିକ କ୍ୟାରିବ୍ୟାଗ୍ ବହୁଳମାତ୍ରାରେ





ବ୍ୟବହାର ହେଉଛି। ଏହି କ୍ୟାରିବ୍ୟାଗ୍ ପ୍ରାୟତଃ ଥରେ ଦୁଇଥର ବ୍ୟବହାର ହେବା ପରେ ଲୋକେ ରାସ୍ତାକୁ ଫିଙ୍ଗି ଦେଉଛନ୍ତି। ସେହିପରି ବିବାହ, ବ୍ରତଘର ଆଦି କାର୍ଯ୍ୟକ୍ରମରେ ବ୍ୟାପକ ମାତ୍ରାରେ ପ୍ଲାଷ୍ଟିକ୍ ନିର୍ମିତ ଗ୍ଲାସ୍, କପ୍, ପ୍ଲେଟ୍ ଆଦି ବ୍ୟବହୃତ ହେଉଛି। ଗୋଟିଏ ଦିନ ପରେ ତାହା ରାସ୍ତାରେ ଗଡୁଛି। ୫୦୦ ମିଲିଲିଟର ତଳକୁ ମିଳୁଥିବା ତରଳ ପଦାର୍ଥର ପ୍ଲାଷ୍ଟିକ ବୋତଲକୁ ମଧ୍ୟ ଲୋକେ ଏଣେତେଣେ ଫିଙ୍ଗି ଦେଉଛନ୍ତି। ଏଗୁଡିକ ନାଳନର୍ଦ୍ଦମା ମିଶି ତାହାକୁ ଜାମ୍ କରୁଥିବାବେଳେ କେତେକ ପ୍ରାଣୀଙ୍କ ପେଟକୁ ମଧ୍ୟ ଯାଉଛି। ତେଣୁ ଏସବୁର ବିକ୍ରି ଓ ବ୍ୟବହାର ବନ୍ଦ କରିବାକୁ ହେବ। ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଜଣେ ଅଧିକାରୀ କହିଛନ୍ତି, କର୍ପୋରେଟର ହୁଅନ୍ତୁ ଅବା ଫିଲ୍ଡଷ୍ଟାଫ, ସେମାନେ ପ୍ରଥମେ ନିଜେ ବୁଝିବା ଦରକାର ଯେ କିଭଳି ଲୋକଙ୍କ ପାଖକୁ ଯାଇ ପ୍ଲାଷ୍ଟିକ ବର୍ଜନ ଅଭ୍ୟାସ କରିବାକୁ ବୁଝାଇବେ। ଅନ୍ୟପକ୍ଷରେ ଅକ୍ଟୋବର ୨ ଗାନ୍ଧୀଜୟନ୍ତୀରୁ ପ୍ଲାଷ୍ଟିକ ବର୍ଜନ ଆରମ୍ଭ ହେବାକୁ ଯାଉଥିବା ବେଳେ ସିଏମ୍‌ସି ପକ୍ଷରୁ ଏଯାଏ ଗୋଟିଏ ହେଲେ ସଚେତନତା କାର୍ଯ୍ୟକ୍ରମ କରାଗଲା ନାହିଁ। କେବଳ ଜିଲା ପ୍ରଶାସନ ସହାୟତାରେ କିଛି ସାମାଜିକ ସଂଗଠନ ପକ୍ଷରୁ ର୍‌ୟାଲି କରାଯାଇଛି। ସିଏମ୍‌ସି କମିଶନର କୁହନ୍ତି, ବାଲିଯାତ୍ରା ଭଳି ବଡ଼ ବଡ଼ କାର୍ଯ୍ୟକ୍ରମରେ ବହୁମାତ୍ରାରେ ପଲିଥିନ ବ୍ୟବହାର ହେଉଛି। ଏହିସବୁ କାର୍ଯ୍ୟକ୍ରମରେ ବହୁମାତ୍ରାରେ ଲୋକଙ୍କୁ ସଚେତନ କରାଯାଇପାରିବ। ଏସ୍ଏସ୍‌ଜି ଗ୍ରୁପଗୁଡିକୁ ମଧ୍ୟ ଏହାରି ଭିତରେ ପର୍ଯ୍ୟାପ୍ତ ପରିମାଣର ପେପର ବ୍ୟାଗ ଯୋଗାଇବାକୁ କୁହାଯାଇଛି। କର୍ପୋରେଟର ଗିରିବାଳା ବେହେରା କହିଛନ୍ତି, କର୍ପୋରେଟରମାନେ ପ୍ଲାଷ୍ଟିକ ବର୍ଜନ ନେଇ ସ୍ୱତନ୍ତ୍ର ତାଲିମ ପାଇ ନିଜ ଅଞ୍ଚଳର ଲୋକଙ୍କୁ ସଚେତନ କରାଇବେ। ହେଲେ ଦୋକାନ ବଜାରରେ ବହୁଳ ମାତ୍ରାରେ ପଲିଥିନ ବ୍ୟବହାରକୁ ନିଷିଦ୍ଧ କରିବା ଏବଂ ତା ପ୍ରତିବଦଳରେ ଆବଶ୍ୟକ କାଗଜ ବ୍ୟାଗ ଉପଲବ୍ଧ କରାଇବା ସବୁଠାରୁ ବଡ଼ ଚ୍ୟାଲେଞ୍ଜ ହେବ।

## ଓଭରବ୍ରିଜ ରାସ୍ତା ମଝିରେ କଣ୍ଟେନର: ଗାଡି ଚଳାଚଳ ବାଧାପ୍ରାପ୍ତ

**ଫୁଲନଖରା, ୨୧।୯(ଡି.ଏନ୍.ଏ.)**

ଭୁବନେଶ୍ୱରସ୍ଥିତ ଖଣ୍ଡଗିରି ଛକ ନିକଟରେ ଶୁକ୍ରବାର ଏକ କାର(ଓଡି ୦୨ଏସ ୬୧୦୨)କୁ ଏକ କଣ୍ଟେନର(ଏନ୍ଏଲ ୦୧ଏଏ ୧୦୭୯)ପଛ ପଟୁ ଧକ୍କା ଦେଇ ଘଟଣାସ୍ଥଳରୁ ପଳାଇ ଆସିଥିଲା। ମାତ୍ର କାର ଡ୍ରାଇଭର ଉକ୍ତ କଣ୍ଟେନରକୁ ପିଛା କରି ଫୁଲନଖରା ଫ୍ଲାଏ ଓଭରବ୍ରିଜ ଉପରେ ଅଟକାଇବା ସହ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ କଣ୍ଟେନର ଡ୍ରାଇଭର ରାସ୍ତା ମଝିରେ ଗାଡିକୁ ଆଡ ପକାଇ ପଳାଇଯାଇଥିଲେ। ଫଳରେ ଭୁବନେଶ୍ୱରରୁ କଟକ ଅଭିମୁଖେ

**■ଖଣ୍ଡଗିରି ଛକ ନିକଟରେ ଘଟିଥିଲା ଦୁର୍ଘଟଣା**

ଆସୁଥିବା ସମସ୍ତ ଗାଡି ରାତି ୭ଟା ୩୦ରୁ ସାଢେ ୮ଟା ପର୍ଯ୍ୟନ୍ତ ଅଟକି ରହିଥିଲା। ଖବରପାଇ ଫୁଲନଖରା ଟ୍ରାଫିକ ପୋଲିସ ଘଟଣାସ୍ଥଳରେ ପହଞ୍ଚି କଣ୍ଟେନରକୁ ସାଇଡ କରିବାରୁ ଗାଡି ଚଳାଚଳ ସ୍ୱାଭାବିକ ହୋଇଥିଲା। କଣ୍ଟେନର ଡ୍ରାଇଭର ଫେରାର ଥିବା ବେଳେ ପୋଲିସ ଦୁର୍ଘଟଣାଗ୍ରସ୍ତ କାର ଓ କଣ୍ଟେନରକୁ ଜବତ କରିଛି।

## ଧନନ୍ତରୀ ଦେବ, ହନୁମାନଜୀଉଙ୍କୁ ଲାଗି ହେଲା ନବାନ୍ନ

**ଖୁଣ୍ଟୁଣୀ, ୨୧।୯(ଡି.ଏନ୍.ଏ.)**

ପବିତ୍ର ନୁଆଁଖିଆ ଅବସରରେ ଶୁକ୍ରବାର ମଧ୍ୟାହ୍ନରେ କୁଲାଇଲୋସ୍ଥିତ ଅସ୍ଥି ଚିକିତ୍ସା କେନ୍ଦ୍ର ପରିସରରେ ଥିବା ଶ୍ରୀ ଧନନ୍ତରୀ ଦେବ ଓ ହନୁମାନଜୀଉଙ୍କ ନିକଟରେ ନବାନ୍ନ ଲାଗି କରାଯାଇଛି। ଏହାପରେ ୩ଶହରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କୁ ଏହା ବଣ୍ଟନ କରାଯାଇଥିଲା। ମନ୍ଦିର ତତ୍ତ୍ୱାବଧାରକ ଡ. ପ୍ରତାପ ରୁଦ୍ର ବେଉରାୟଙ୍କ ତତ୍ତ୍ୱାବଧାନରେ ପ୍ରଶାନ୍ତ ବେଉରାୟ ଓ ଗିରିଶ ଚନ୍ଦ୍ର ବେଉରାୟ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏହି ଉତ୍ସବରେ ଲୋକସେବକ ମଣ୍ଡଳ ଅଧକ୍ଷ ନିରଞ୍ଜନ ରଥ, ପ୍ରାଣକୃଷ୍ଣ ଦାସ, ଅଦ୍ୱୈତ ପଣ୍ଡା, ଜଗଦାନନ୍ଦ ତ୍ରିପାଠୀ, ବ୍ରଜକିଶୋର ରାୟ ପ୍ରମୁଖ ଉପସ୍ଥିତ ଥିଲେ।

## ଗ୍ରାମୀଣ ଗୃହ ନିର୍ମାଣ ଯୋଜନାରୁ ବାଦ୍ ହିତାଧିକାରୀ

**କଟକ ସଦର, ୨୧।୯(ଡି.ଏନ୍.ଏ.)**

୨୦୧୭ ମସିହାରେ ଗ୍ରାମୀଣ ଗୃହ ନିର୍ମାଣ ଯୋଜନାରେ ସାମିଲ ହେବା ପାଇଁ କଟକ ସଦର ବ୍ଲକ ଅଧୀନ ୨୩ଟି ପଞ୍ଚାୟତରେ ୨୨ ହଜାର ଦରଖାସ୍ତ ଲୋକଙ୍କଠାରୁ ଗ୍ରହଣ କରାଯାଇଥିଲା। ପରେ ତଦନ୍ତ ସହ ବିଭିନ୍ନ ଦିଗରୁ ଦରଖାସ୍ତ ଉପରେ ସମୀକ୍ଷା କରାଯାଇଥିଲା। ଏଥିରୁ ୧୬,୦୦୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ବାଦ୍ ପଡିଥିବା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର କାର୍ଯ୍ୟାଳୟରୁ ଜଣାପଡିଛି। ସଚେତନତା ଅଭାବରୁ ବହୁସଂଖ୍ୟକ ଆବେଦନକାରୀ ଭୁଲ୍ ଫର୍ମ ପୂରଣ କରିବାରୁ ଏପରି ହେଲା ବୋଲି ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ଜଣେ ବରିଷ୍ଠ ଅଧିକାରୀ ନିଜ

**■ସଚେତନତା ଅଭାବ**

ପରିଚୟ ଗୋପନ ରଖି କହିଛନ୍ତି। ୨୦୧୭ ମେ'ରେ ଗ୍ରାମୀଣ ଆବାସରେ ସାମିଲ ପାଇଁ ଆବେଦନ କରିବାକୁ ଧଳା ଓ ନୀଳରଙ୍ଗର ଫର୍ମ ଦିଆଯାଇଥିଲା। ନୀଳରଙ୍ଗର ଫର୍ମରେ ଯେଉଁମାନେ ୨୦୧୧ ମସିହା ସାମାଜିକ, ଅର୍ଥନୈତିକ ଓ ଜାତିଗତ ସର୍ବେକ୍ଷଣରେ ସାମିଲ ହୋଇ ନ ଥିଲେ ସେହିମାନେ ଆବେଦନ କରିବା କଥା। ଯେଉଁମାନେ ୨୦୧୧ ସର୍ବେକ୍ଷଣରେ ସାମିଲ ହୋଇଥିଲେ ମଧ୍ୟ ତ୍ରୁଟି ବିଚ୍ୟୁତି ପାଇଁ ଆବାସ ପାଇବାରୁ ବଞ୍ଚିତ ହୋଇଛନ୍ତି, ସେମାନେ ଏହାର ସଂଶୋଧନ ପାଇଁ ଧଳାଫର୍ମରେ ଦରଖାସ୍ତ କରିଥାନ୍ତେ। ମାତ୍ର ସର୍ବେକ୍ଷଣ ତାଲିକାରେ ନାମ ଥିବା ବ୍ୟକ୍ତିମାନଙ୍କ ମଧ୍ୟରୁ ଶତକଡା ୯୦ ଭାଗ ନୀଳରଙ୍ଗର ଫର୍ମରେ ଆବେଦନ କରିଥିବା ଜଣାପଡିଥିଲା। ଫଳରେ ସଚେତନତା ଅଭାବରୁ ଅନେକ ଯୋଗ୍ୟ ବ୍ୟକ୍ତି ଗ୍ରାମୀଣ ଗୃହ ନିର୍ମାଣ ଯୋଜନାରୁ ବାଦ୍ ପଡିଥିବା କୁହାଯାଉଛି। ରାଜ୍ୟ ସରକାର ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଇ ତାଲିକା ସଂଶୋଧନର ବ୍ୟବସ୍ଥା ନ କଲେ ସରକାରଙ୍କ ଲକ୍ଷ୍ୟ ପୂରଣ ହୋଇପାରିବ ନାହିଁ ବୋଲି ଚର୍ଚ୍ଚା ହେଉଛି। ଆବେଦନର ନିର୍ଦ୍ଧାରିତ ତାରିଖ ଅତିକ୍ରାନ୍ତ ହୋଇଯାଇଥିବାରୁ ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପିଡିଙ୍କଠାରୁ ଆରମ୍ଭ କରି ବିଡିଓଙ୍କ ପର୍ଯ୍ୟନ୍ତ କେହି ମତାମତ ଦେବା ପାଇଁ ଅନିଚ୍ଛା ପ୍ରକାଶ କରିଥିଲେ।

## ପୌର ପରିଷଦ ସଭାଗୃହ ଉଦ୍‌ଘାଟିତ

**ଚୌଦ୍ୱାର, ୨୧।୯(ଡି.ଏନ.ଏ.)**

ଚୌଦ୍ୱାର ପୌରପାଳିକା କାର୍ଯ୍ୟାଳୟ ପରିସରରେ ୪୦ ଲକ୍ଷ ଟଙ୍କା ବ୍ୟୟରେ ନବ ନିର୍ମିତ ସଭାଗୃହ ଶୁକ୍ରବାର ଉଦ୍‌ଘାଟିତ ହୋଇଛି। ମୁଖ୍ୟଅତିଥି କଟକ ଏମ୍‌ପି ଭର୍ତ୍ତୃହରି ମହତାବ ଏହାକୁ ଉଦ୍‌ଘାଟନ କରିଥିଲେ। ପୌରାଧ୍ୟକ୍ଷ କୈଳାସ ଚନ୍ଦ୍ର ପୃଷ୍ଟିଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଚୌଦ୍ୱାର-କଟକ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ, ସୁମିତା ସରକାର, ପୂର୍ବତନ ନଗରପାଳ ପ୍ରେମଚାନ୍ଦ ନାୟକ, କୈଳାସ ଚନ୍ଦ୍ର ବେହେରା, ହିନ୍ଦ୍ ସେବକ ସଂଘ ରାଷ୍ଟ୍ରୀୟ ସଭାପତି ଦାମୋଦର ସାହୁ ପ୍ରମୁଖ ଯୋଗଦେଇଥିଲେ। ନିର୍ବାହୀ ଅଧିକାରୀ ପ୍ରାଣକୃଷ୍ଣ ଜେନା ବିବରଣୀ ପ୍ରଦାନ ଓ ଇଂ. ବାସୁଦେବ ମହାପାତ୍ର ଧନ୍ୟବାଦ ଦେଇଥିଲେ। କାଉନସିଲର ତଥା ଯୋଜନାବୋର୍ଡ଼ ସଦସ୍ୟ ଶୁଭେନ୍ଦୁ ସାମଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ଶ୍ରେଷ୍ଠ ଏମ୍‌ପି ଭାବେ ମହତାବ ଓ ଶ୍ରେଷ୍ଠ ବିଧାୟକ ଭାବେ ବିଶ୍ୱାଳଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ସମସ୍ତ କାଉନସିଲର, ପୌର କର୍ମଚାରୀ, ବରିଷ୍ଠ ନାଗରିକ ଓ ଜନସାଧାରଣ ଉପସ୍ଥିତ ଥିଲେ ।



ସଭାଗୃହ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଏମ୍‌ପି, ବିଧାୟକ ଓ ଅନ୍ୟମାନେ।

■ ଇନ୍ଦୁ ପୂର୍ଣ୍ଣିମା ମହୋତ୍ସବ ପ୍ରସ୍ତୁତି ବୈଠକ

## ପୂଜା, ଭସାଣି ବେଳେ ନିଶା ସେବନ ନିଷେଧ

**ଚୌଦ୍ୱାର, ୨୧।୯ (ଡି.ଏନ.ଏ.)**





ବୈଠକରେ ଏସିପି, ଥାନାଧିକାରୀଙ୍କ ସହ ଅନ୍ୟମାନେ।

ଆସନ୍ତା ୨୭ ଓ ୨୮ ତାରିଖରେ ସ୍ଥାନୀୟ ଅଞ୍ଚଳରେ ଇନ୍ଦୁ ପୂର୍ଣ୍ଣିମା ମହୋତ୍ସବ ପାଳନ କରାଯିବ। ଏହାକୁ ସୁରୁଖୁରୁରେ ସମ୍ପନ୍ନ କରିବା ପାଇଁ କମିଶନରେଟ୍ ପୋଲିସ ତରଫରୁ ଶୁକ୍ରବାର ଚୌଦ୍ୱାର ପୌରପାଳିକାର ୧୫ନଂ. ୱାର୍ଡ ସ୍ଥିତ ଗନ୍ଧର୍ବନାଥ ମନ୍ଦିର ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଚୌଦ୍ୱାର ଥାନାଧିକାରୀ ଯତୀନ୍ଦ୍ର ନାଥ ସେଠୀଙ୍କ ଅଧକ୍ଷତାରେ ଆୟୋଜିତ ବୈଠକରେ ବିଭିନ୍ନ ପୂଜା କମିଟିର ପ୍ରତିନିଧି ଯୋଗଦେଇଥିଲେ। ପୂଜା ଓ ଭସାଣି ଉତ୍ସବକୁ ଶୃଙ୍ଖଳାର ସହ କରିବା ପାଇଁ ବୈଠକରେ ଆଲୋଚନା ହୋଇଥିଲା। ଆସନ୍ତା ୨୭ ତାରିଖରେ ମେଢଗୁଡିକ ମଣ୍ଡପ ଛାଡି ଯାତ୍ରା ପଡିଆରେ ଏକତ୍ରିତ ହେବେ। ୨୮ ତାରିଖରେ ଭସାଣି ଉତ୍ସବ ଅନୁଷ୍ଠିତ ହେବ। ଚଳିତବର୍ଷ ରାତି ୧୦ଟା ପର୍ଯ୍ୟନ୍ତ ଡାକବାଜି ଯନ୍ତ୍ର ବ୍ୟବହାର କରାଯିବା ଓ ସାଉଣ୍ଡର ମାତ୍ରା ୬୫ ଡେସିବଲରେ ସୀମିତ ରଖିବା, ଭସାଣି ଶୋଭାଯାତ୍ରା ପାରମ୍ପରିକ ବାଦ୍ୟର ବ୍ୟବହାର, ପୂଜା ଓ ଭସାଣି ଉତ୍ସବରେ ନିଶା ସେବନକୁ ସମ୍ପୂର୍ଣ୍ଣ ଭାବେ ନିଷେଧ କରିବା ପାଇଁ ପୋଲିସ ପକ୍ଷରୁ ପୂଜା କମିଟି ପ୍ରତିନିଧିମାନଙ୍କୁ ପରାମର୍ଶ ଦିଆଯାଇଛି। ପୂଜା ପାଇଁ ଚାନ୍ଦା ଆଦାୟ କରୁଥିବା ବ୍ୟକ୍ତି କିମ୍ବା ଅନୁଷ୍ଠାନ ନାମରେ ଅଭିଯୋଗ ଆସିଲେ ମାମଲା ରୁଜୁ ସହ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବୈଠକରେ ଅତିଥିଭାବେ ଯୋଗଦେଇଥିବା ଏସିପି ତ୍ରିନାଥ ମିଶ୍ର ସୂଚନା ଦେଇଛନ୍ତି। ପରିମଳ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦିଆଯିବ। ସେହିପରି ସ୍ଥାନୀୟ ଚଷାପଡା ସ୍କୁଲ ନିକଟରେ ଅସ୍ଥାୟୀ ପୋଖରୀ ନିର୍ମାଣ କରାଯାଇ ମୂର୍ତ୍ତି ବିସର୍ଜନ କରାଯିବ ବୋଲି ପୌରାଧ୍ୟକ୍ଷ କୈଳାସ ଚନ୍ଦ୍ର ପୃଷ୍ଟି କହିଛନ୍ତି। ଉତ୍ସବ ସମୟରେ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ବ୍ୟବସ୍ଥା କରାଯିବ ବୋଲି ସେସୁ ଏସ୍‌ଡିଓ ବେଣୁଧର ଦାସ ସମ୍ମତି ପ୍ରଦାନ କରିଥିଲେ। ବ୍ରଜେନ୍ଦ୍ର ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ପ୍ରଭାକର ମହାପାତ୍ର, ନରେନ୍ଦ୍ର ମହାପାତ୍ର, ଅଜୟ ବେହେରା, ସୁଧାକର ମହାପାତ୍ର ଓ ହରିହର ଭୂୟାଁଙ୍କ ସମେତ ଗ୍ରାମ ମୁରବି,ସରପଞ୍ଚ ପ୍ରମୁଖ ଯୋଗଦେଇ ସୁଚିନ୍ତିତ ମତାମତ ରଖିଥିଲେ। ଫାଣ୍ଡି ଅଧିକାରୀ ନିରଞ୍ଜନ ମଲ୍ଲିକ ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ବାଇକ୍ ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

**ବାଲୁଗାଁ,୨୧।୯(ଡ଼ି.ଏନ.ଏ.):** ଶୁକ୍ରବାର ସ୍ଥାନୀୟ ନିମିକ୍ଷେତା ଗ୍ରାମ ରାସ୍ତାରେ ଏକ ବାଇକ୍ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବାଲୁଗାଁ ଥାନା ବିଧାରପୁର ଗ୍ରାମର ବାପି ପଲାଇ (୨୩)। ଅପରାହ୍ନ ପ୍ରାୟ ୩ଘଟିକା ସମୟରେ ବାପି କୌଣସି କାମରେ ନିମିକ୍ଷେତା ଗ୍ରାମର ଅଜା ବଂଶୀଧର ବିଶ୍ୱାଳଙ୍କ ଘରକୁ ଯାଇଥିଲେ। କାମ ସାରି ଏକ ସ୍କୁଟି ଯୋଗେ ଗ୍ରାମକୁ ଫେରୁଥିବା ବେଳେ ନିମିକ୍ଷେତା ଗ୍ରାମ ପାର୍ଶ୍ୱରେ ଥିବା ଏକ ପଥରରେ ସ୍କୁଟି ପିଟି ହୋଇଯାଇଥିଲା। ଫଳରେ ବାପି ତଳେ ପଡ଼ିଯାଇଥିବା ବେଳେ ତାଙ୍କ ମୁଣ୍ଡରେ ଶକ୍ତ ଆଘାତ ଲାଗିଥିଲା। ସଙ୍ଗେ ସଙ୍ଗେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ହସ୍ପିଟାଲ୍ ନେବା ବେଳକୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ରିପୋର୍ଟ ଲେଖାହେବା ବେଳକୁ ଏ ନେଇ ଥାନାରେ ଅଭିଯୋଗ ହୋଇନାହିଁ।

### ପୋକ୍‌ଲିନ ଚାପାରେ ଅପରେଟର ମୃତ

**ପାରାଦୀପ,୨୧।୯(ସ୍ୱ.ପ୍ର.):** ପାରାଦୀପ ବନ୍ଦର ନିଷିଦ୍ଧାଞ୍ଚଳରେ ଶୁକ୍ରବାର ସନ୍ଧ୍ୟା ୮ଟାରେ ଦୁର୍ଘଟଣା ଘଟିଛି। ଏକ ପୋକ୍‌ଲିନ ଚାପାରେ ଜଣେ ଅପରେଟରଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଦୁଃଶାସନ ପ୍ରଧାନ। ତାଙ୍କ ଘର ଖୋର୍ଦ୍ଧା ଜିଲା ବୋଲଗଡ଼ ଥାନା ଅନ୍ତର୍ଗତ ଅସନାପାଲି ଗ୍ରାମରେ। ସେ ଓଏସ୍‌ଏଲ କମ୍ପାନୀରେ ଅପରେଟର ଭାବେ କାମ କରୁଥିଲେ। ନିଷିଦ୍ଧାଞ୍ଚଳରେ କୌଣସି କାରଣ ବଶତଃ ଦୁର୍ଘଟଣା ହେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଛି। ଏ ନେଇ ସେଠାରେ ଉତ୍ତେଜନା ପ୍ରକାଶ ପାଇଛି। ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ଅନ୍ୟ ଅପରେଟରମାନେ ମୃତଦେହ ଅଟକ ରଖି ପ୍ରତିବାଦ ଜଣାଇଛନ୍ତି। ପୋଲିସ, ସିଆଇଏସ୍‌ଏଫ୍ ଓ ବନ୍ଦର ଟ୍ରାଫିକ ବିଭାଗ ଅଧିକାରୀମାନେ ପହଞ୍ଚି ସେଠାରେ ପରିସ୍ଥିତି ନିୟନ୍ତ୍ରଣ କରିଥିଲେ।

### ଖୋର୍ଦ୍ଧା ଲିଗ୍ ଫୁଟବଲ୍ ମ୍ୟାଚ୍ ଡ୍ର

**ଖୋର୍ଦ୍ଧା ଅଫିସ,୨୧।୯:** ଜୟଦୁର୍ଗା କ୍ଲବ ଆନୁକୂଲ୍ୟରେ ସ୍ଥାନୀୟ ଷ୍ଟାଡିୟମରେ ଚାଲୁ ରହିଥିବା ଖୋର୍ଦ୍ଧା ଲିଗ୍ ଟୁର୍ଣ୍ଣାମେଣ୍ଟର ଅଷ୍ଟମ ଦିବସ ଶୁକ୍ରବାର ମ୍ୟାଚ ଡ୍ର ରହିଛି। ପ୍ରଥମାର୍ଦ୍ଧ ଖେଳର ୮ତମ ମିନିଟ୍‌ରେ ସୌରୀ କ୍ଲବ ଛିଆମର ଖେଳାଳି ମାନସ ନାୟକ ଗୋଲ ସ୍କୋର କରି ଦଳକୁ ଅଗ୍ରଣୀ ରଖିଥିଲେ। ୨ୟାର୍ଦ୍ଧରେ କେରଙ୍ଗ ଦଳ ପକ୍ଷରୁ ଦିଲୀପ ପ୍ରଧାନ ଗୋଲ କରି ଖେଳକୁ ବରାବର ସ୍ଥିତିକୁ ଆଣିଥିଲେ। ଉଭୟ ଦଳ ୧ ପଏଣ୍ଟ ପାଇ ସମାନ ସ୍ଥିତିରେ ରହିଛନ୍ତି। ପ୍ରଫୁଲ୍ଲ ବେହେରା ଖେଳ ପରିଚାଳନା କରିଥିବାବେଳେ ରବି ନାରାୟଣ ରଣା, ଅମଜାଦ ଖାଁ, ଅରୁଣ ଦାସ ସହାୟତା କରିଥିଲେ।

### ବେଗୁନିଆ ବ୍ଲକ: ଲଗାଣ ବର୍ଷାରେ ଧନଜୀବନ ଅସ୍ତବ୍ୟସ୍ତ

**ବେଗୁନିଆ,୨୧।୯(ଡି.ଏନ.ଏ.):** ବେଗୁନିଆ ବ୍ଲକ ଅଞ୍ଚଳରେ ଗତ ୨ ଦିନ ହେଲା ଦେଖାଦେଇଥିବା ସାମୁଦ୍ରିକ ଝଡ଼ ଡାଏ ଯୋଗୁ ଧନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ଗୁରୁବାର ୩୩ ମିମି ଏବଂ ଶୁକ୍ରବାର ୧୩ ମିମି ବର୍ଷା ହେବା ସହ ୫୦ରୁ ୬୦ କିମି ବେଗରେ ପବନ ବହିଥିବା ବ୍ଲକ କାର୍ଯ୍ୟାଳୟ ସୂତ୍ରରୁ ସୂଚନା ମିଳିଛି। ଏଥିଯୋଗୁ ବିଦ୍ୟୁତ୍ ସରବରାହ ପ୍ରାୟ ୧୨ ଘଣ୍ଟା ବନ୍ଦ ରହିଥିଲା। ବ୍ୟାପକ ପରିବା ଫସଲ ନଷ୍ଟ ହୋଇଥିବା ବେଳେ ବହୁ ସ୍ଥାନରେ ଛୋଟ ବଡ଼ ଗଛ ମଧ ଭାଙ୍ଗିପଡିଥିଲା। ଏଥିସହ କିରାଡିଲୋ ରାଜସ୍ୱ କାର୍ଯ୍ୟାଳୟ ଅଧୀନ ଭୋଗଡା ଗ୍ରାମର ବାବୁଲା ଜେନାଙ୍କ ଗୁହାଳ କାନ୍ଥ ଭାଙ୍ଗିପଡି ୬ଟି ଛେଳି ମୃତ ହୋଇଥିବା ତହସିଲ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି। ସେହିପରି ବେଗୁନିଆ ଏବଂ ସିକୋ ଆର୍‌ଆଇ ସର୍କଲର ୨ ଜଣ ଲୋକଙ୍କର ବାସଗୃହ ଆଂଶିକ କ୍ଷତି ହୋଇଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ତହସିଲଦାର ବିବେକାନନ୍ଦ ପରିଡ଼ା କୁହନ୍ତି, ଚଳିତ ସାମୁଦ୍ରିକ ଝଡ଼ ଯୋଗୁ ଏହି ତହସିଲ ଅଞ୍ଚଳରେ ବିଶେଷ କିଛି କ୍ଷୟକ୍ଷତି ହୋଇ ନ ଥିବା ଆମ ଅନୁଧାନରୁ ଜଣାପଡିଛି। ତଥାପି ଯଦି କୌଣସି ବ୍ୟକ୍ତିଙ୍କର ହାନି ହୋଇଥାଏ, ତେବେ ଅନୁଧାନ ପରେ ସହାୟତା ପାଇଁ ଜିଲାପାଳଙ୍କୁ ଚିଠି କରିବୁ।

## ବାରମ୍ବାର ବନ୍ୟା ଦାଉ ସାଧିଲା

# ଉଜୁଡ଼ିଲା ୧୧୦୭ ହେକ୍ଟର ଧାନ

### ପଡ଼ିଆ ପଡ଼ିଲା ଖୋର୍ଦ୍ଧା, ଜଟଣୀ ଓ ବେଗୁନିଆ ବ୍ଲକର ୮ ପଞ୍ଚାୟତର ଜମି

**ଖୋର୍ଦ୍ଧା ଅଫିସ,୨୧।୯**

ଚଳିତବର୍ଷ ଲଘୁଚାପ ବର୍ଷା ଓ ବର୍ଷା ନ ଥାଇ ମହାନଦୀ ବନ୍ୟାଜଳ ଯୋଗୁ ଜିଲାର ଖୋର୍ଦ୍ଧା, ଜଟଣୀ ଓ ବେଗୁନିଆ ଆଦି ୩ ବ୍ଲକର ଫସଲହାନି ଘଟିଛି। ଏଠାର ୮ ପଞ୍ଚାୟତର ୧୧୦୭ ହେକ୍ଟର ଧାନ ଫସଲ ନଷ୍ଟ ହୋଇଛି। ପ୍ରଥମ ବନ୍ୟାରେ ନଷ୍ଟ ହେବା ପରେ ସ୍ଥାନୀୟ ଅଞ୍ଚଳର ଚାଷୀ ପୁଣି ଧାନ ରୋଇଥିଲେ। ହେଲେ ୨ୟ ବନ୍ୟାରେ ତାହା ଉଜୁଡି ଗଲା। ଏଣୁ ସ୍ଥାନୀୟ ଚାଷୀ ଆଉ ଧାନ ନ ରୋଇ ଜମିକୁ ପଡିଆ ପକାଇବାକୁ ବାଧ ହୋଇଛନ୍ତି।

ବର୍ଷାଋତୁରେ ଖୋର୍ଦ୍ଧା ଏବଂ ପୁରୀ ଜିଲାର କଣାସ ବ୍ଲକ ଅଞ୍ଚଳର ଚାଷୀଙ୍କ ଲାଗି ଦୟା ନଦୀର ଉପନଦୀ ରାଜୁଆ ଦାଉ ସାଧୁଛି। ଏହି ନଦୀରେ ବନ୍ୟା ଆସିବା ଫଳରେ ଖୋର୍ଦ୍ଧା ବ୍ଲକର ହିରିମୂଳ, ଓରମି, ଧବଳପୁର, ବଳପୁର, କୁରୁମପଡା, ନରଣଗଡ଼, ଷଢ଼େଇଗଡ଼, ହାଡ଼ପଦା, ଡିହଖଳା, ଶରଧାପୁର, ରାମଚଣ୍ଡୀ, ଦୁର୍ଗାପ୍ରସାଦ ଏବଂ କଣାସ ବ୍ଲକର ଗଡ଼ସାନପୁଟ୍, ଗଡ଼ବଡ଼ପୁଟ, ତିଗିରିଆ ଓ ହଳଦିଆପଡା ଆଦି ଅଞ୍ଚଳର ଶହ ଶହ ଏକର ଚାଷଜମି ବନ୍ୟାଜଳ ପ୍ଲାବିତ ହୋଇଥାଏ। ଜୁଲାଇ ୨୪ରୁ ପ୍ରାୟ ୫ ଦିନ ପର୍ଯ୍ୟନ୍ତ ବନ୍ୟା ପରିସ୍ଥିତି ଲାଗି ରହିଥିଲା। ଏଣୁ ସ୍ଥାନୀୟ ଅଞ୍ଚଳର ଚାଷଜମି ଉପରେ ବନ୍ୟାଜଳ ମାଡି ରହିଥିଲା। ପ୍ରାୟ ୧୫ରୁ ଊର୍ଦ୍ଧ୍ୱ ଦିନ ଧରି ପାଣି ଜମିରହିବା କାରଣରୁ ଧାନଗଛ ସବୁ ନଷ୍ଟ ହୋଇଯାଇଥିଲା। ବନ୍ୟା ଛାଡିବା ପରେ ଚାଷୀ ପୁଣି ଧାନ ତଳି ସଂଗ୍ରହ କରି ରୋଇଥିଲେ। ଅଗଷ୍ଟ ଶେଷ ସପ୍ତାହର ବନ୍ୟା ପୁଣି ଧାନ ଫସଲ ନଷ୍ଟ କରି ଦେଇଥିଲା। ଅଗଷ୍ଟ ଶେଷରେ କିନ୍ତୁ ବର୍ଷା ନ ଥାଇ ମଧ ବନ୍ୟା ହୀରାକୁଦରୁ ଗେଟ୍ ଖୋଲିବା ଯୋଗୁ ହୋଇଥିଲା। ଏଣୁ ଖରିଫ ଋତୁରେ ଚାଷୀଙ୍କ ପାଇଁ ଖରିଫ୍ ଫସଲ ଉଜୁଡି ଯାଇଥିଲା। ଏଠାକାର ଚାଷୀ ଆଉ ଧାନ ନ ରୋଇ ଜମିକୁ ପଡିଆ ପକାଇ ଦେଇଛନ୍ତି। ଏଭଳିସ୍ଥଳେ ସରକାରୀ ରିପୋର୍ଟରେ ଖୋର୍ଦ୍ଧା ବ୍ଲକର ୬ ପଞ୍ଚାୟତ କ୍ଷୟକ୍ଷତି ତାଲିକାରେ ରହିଛି। ୬ ପଞ୍ଚାୟତରୁ ରାଜୁଆ ନଦୀର ପ୍ରକୋପରେ ନରଣଗଡ଼, ବ୍ରଜମୋହନପୁର, ଓରବରସିଂହ ପଞ୍ଚାୟତ କ୍ଷତିଗ୍ରସ୍ତ ହୋଇଛି। ନରଣଗଡ଼ରେ ୪୭୧ ହେକ୍ଟରରୁ ୮୦ ହେକ୍ଟର, ବ୍ରଜମୋହନପୁରର ୭୫୫ରୁ ୧୫୫ ହେକ୍ଟର ଓ ଓରବରସିଂହ ପଞ୍ଚାୟତର ୫୯୪ ହେକ୍ଟରରୁ ୩୧୫ ହେକ୍ଟରର ଫସଲ ଉଜୁଡି ଯାଇଛି। ଅନ୍ୟପକ୍ଷେ ରଣା ନଦୀର ବନ୍ୟା ପ୍ରକୋପରେ ହଳଦିଆରେ ୧୫ ହେକ୍ଟର ଅନୁରୂପ ଭାବେ ଉଜୁଡିଛି। ଜଟଣୀ ବ୍ଲକର ଜଟଣୀରେ ସେହିପରି ୧୮୨ ହେକ୍ଟରରୁ ୧୫୦ ହେକ୍ଟର ଫସଲ ନଷ୍ଟ ହୋଇଛି। ଅପରପକ୍ଷେ ବେଗୁନିଆ ବ୍ଲକର ପୋଡାଡିହ ପଞ୍ଚାୟତର ବଡ଼ ତୁଳସୀପୁରରେ ୨୮ ହେକ୍ଟର, ସାନ ତୁଳସୀପୁରରେ ୪୦ ହେକ୍ଟର, ଭୋଗଡାରେ ୨୦ ହେକ୍ଟର, ପାଇକସାହିରେ ୩୨ ହେକ୍ଟର, ଦିନିଆରିରେ ୨୦ ହେକ୍ଟର, ନୀଳକଣ୍ଠପୁରରେ ୨୪ ହେକ୍ଟର, ବରସାହିରେ ୨୦ ହେକ୍ଟର, ସିମୋର ପଞ୍ଚାୟତ ଗଁପୁରରେ ୨୦ ହେକ୍ଟର ଓ ସିମୋରରେ ୮ ହେକ୍ଟର, ସାରୁଅ ପଞ୍ଚାୟତର କାଠଖୁଣ୍ଟିଆର ୨୦ ହେକ୍ଟର ଓ ପତନିବରର ୧୬୦ ହେକ୍ଟର ଏପରି ମୋଟରେ ୩୯୨ ହେକ୍ଟର ଫସଲ ଅନୁରୂପ ଭାବେ ଉଜୁଡିଛି। ଏ ନେଇ ଉପକୃଷିନିର୍ଦ୍ଦେଶକ ଭାସ୍କର ବେହେରା କୁହନ୍ତି, ଜିଲାରେ ବନ୍ୟାର ପ୍ରଭାବରେ ୮ ପଞ୍ଚାୟତର ୧୧୦୭ ହେକ୍ଟର ଧାନ ଫସଲ ଉଜୁଡିଥିବା ରିପୋର୍ଟ ସଂଗ୍ରହ ହୋଇଛି। କ୍ଷତିଗ୍ରସ୍ତ ଚାଷୀଙ୍କ ସମ୍ପର୍କରେ ସରକାରଙ୍କୁ ଅବଗତ କରାଯାଇଛି।



ଜଟଣୀରେ ଶୁକ୍ରବାର ମୁସଲମାନ ସମ୍ପ୍ରଦାୟ ପକ୍ଷରୁ ମହରମ୍ ପାଳିତ ହୋଇଥିଲା। ଶିୟାଙ୍କ ପକ୍ଷରୁ ମାତମ୍ ଶୋଭାଯାତ୍ରାରେ ଯାଉଥିବା ଯୁବକମାନେ ନିଜ ଦେହକୁ କ୍ଷତାକ୍ତ କରି ସ୍ଥାନୀୟ ବାଲିଛକ ସାହି ମସଜିଦ୍‌ରୁ ରାଜା ବଜାର ପର୍ଯ୍ୟନ୍ତ ପରିକ୍ରମା କରିଥିଲା। ସୁନ୍ନିଙ୍କ ପକ୍ଷରୁ ତାଜିଆ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା।

## ମାଛଧରାକୁ କେନ୍ଦ୍ରକରି ଆକ୍ରମଣ, ଜଣେ ଗୁରୁତର



ଆହତ କାର୍ତ୍ତିକ ପଲେଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି।

**କୃଷ୍ଣପ୍ରସାଦ,୨୧।୯(ଡି.ଏନ.ଏ.)**

କୃଷ୍ଣପ୍ରସାଦ ବ୍ଲକ ପାଇକରାୟପୁର ଗ୍ରାମର କାଦକୋଣୀ, ଚିନାମାଳି, ଚିଲିକା ଅଞ୍ଚଳରେ ମାଛଧରାକୁ କେନ୍ଦ୍ରକରି ଶୁକ୍ରବାର ସକାଳ ୫ ଟାରେ ଏକ ଗଣ୍ଡଗୋଳ ଘଟିଛି। ଏ ଘଟଣାରେ ଜଣେ ବ୍ୟକ୍ତି ଗୁରୁତର ଭାବେ ହୋଇଛନ୍ତି। ସେ ହେଲେ କାର୍ତ୍ତିକ ପଲେଇ। ତାଙ୍କ କହିବା ଅନୁସାରେ କାଦକୋଣୀ–ଚିଲିକାରୁ ସେ କିଛି ବର୍ଷ ଧରି ମାଛ ଧରୁଥିଲେ। ତେବେ ପାଇକରାୟପୁର ଗ୍ରାମର ରାଜ ଦଳେଇ ମାଛ ଧରିବା କାମକୁ ଲିଜ୍‌ରେ ନେବା ପାଇଁ କାର୍ତ୍ତିକକୁ ବାଧ କରିଥିଲେ। କାର୍ତ୍ତିକ ଏହା ନ ମାନିବାରୁ ରାଜ ଏବଂ ତାଙ୍କ ପୁଅ ୨ ଜଣ ମିଶି କାର୍ତ୍ତିକଙ୍କୁ ଠେଙ୍ଗାରେ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଆହତ କାର୍ତ୍ତିକ ସ୍ଥାନୀୟ ଲୋକଙ୍କ ସହଯୋଗ କ୍ରମେ ପ୍ରଥମେ କୃଷ୍ଣପ୍ରସାଦ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଛତ୍ରପୁର ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଘଟଣା ନେଇ ମାଲୁଦ ଫାଣ୍ଡିରେ ୨ ଅଭିଯୁକ୍ତଙ୍କୁ ପୋଲିସ ଅଟକ ରଖିଛି।

## କୂଳ ଲଙ୍ଘୁଛି ଚିଲିକା

# ଆତଙ୍କିତ ଅବସ୍ଥାରେ ଗ୍ରାମବାସୀ

**କୃଷ୍ଣପ୍ରସାଦ,୨୧।୯(ଡି.ଏନ.ଏ.)**

କୃଷ୍ଣପ୍ରସାଦ ଅଞ୍ଚଳରେ ୨ ଦିନ ଧରି ଲଘୁଚାପ ଜନିତ ଲଗାଣ ବର୍ଷା ଚାଲିଛି। ଝଡ଼ତୋଫାନରେ ବ୍ୟାପକ କ୍ଷୟକ୍ଷତି ମଧ ଘଟିଛି। ତେବେ ପ୍ରବଳ ବର୍ଷା ଯୋଗୁ ଚିଲିକା ଏହାର କୂଳ ଲଙ୍ଘିଥିବା ଦୃଷ୍ଟିଗୋଚର ହେଉଛି। ବିଭିନ୍ନ ସ୍ଥାନରେ ବନ୍ୟା ଯୋଗୁ ଚିଲିକାର ଜଳସ୍ତର ବୃଦ୍ଧି ପାଇ ତାର ସୀମା ଲଂଘନ କରିଥିବା ଜଣାଯାଇଛି। ଝଡ଼ତୋଫାନ ଫଳରେ ବନ ବିଭାଗ ଦ୍ୱାରା ରୋପଣ କରାଯାଇଥିବା ଅନେକ ବୃକ୍ଷ ଭାଙ୍ଗି ଯାଇଛି। ଏହା ସହିତ ବିଦ୍ୟୁତ ଖୁଣ୍ଟ ଭାଙ୍ଗିଯିବା ଦ୍ୱାରା ବ୍ଲକ ଅଧୀନ ୧୪ ଟି ପଞ୍ଚାୟତ ଅନ୍ଧାରରେ ରହିଛି। ମୋବାଇଲ ସେବା ବ୍ୟାହତ ହୋଇଛି। ଏଥିଯୋଗୁ ପ୍ରଶାସନ ତରଫରୁ ସତର୍କ ସୂଚନା ମିଳିପାରୁନାହିଁ। ତେବେ ଏଭଳି ବିପର୍ଯ୍ୟୟ ପରିସ୍ଥିତି ବେଳେ ପୁରୀ ଜିଲାପାଳଙ୍କ କଡା ନିର୍ଦ୍ଦେଶ ସତ୍ତ୍ୱେ ବହୁ ସରକାରୀ ଅଧିକାରୀ ଓ କର୍ମଚାରୀ ଅନୁପସ୍ଥିତ ଥିବା ଅଭିଯୋଗ ହୋଇଛି। ବଡଅଁଳ ପଞ୍ଚାୟତସ୍ଥ ଶ୍ରୀରାମପୁର ଗ୍ରାମର ୩୦ ପରିବାର ଘରେ ଚିଲିକା ପାଣି ପଶିଯାଇଛି। ପାଇଖାନାଗୁଡ଼ିକ ପାଣି ମଧ୍ୟରେ ବୁଡ଼ିରହିଥିଲେ ମଧ ପ୍ରଶାସନ ପାଖରେ କୌଣସି ଖବର ନ ଥିବା ଅଭିଯୋଗ ହୋଇଛି। ସେହିଭଳି ପାଟନାସୀ, ରସକୁଦୀ, କୁମାରପୁର ଆଦି ଅନେକ ଗ୍ରାମବାସୀ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ଏ ପରିସ୍ଥିତିରେ ସରକାରଙ୍କ ତରଫରୁ ଉପଯୁକ୍ତ ପଦକ୍ଷେପ ଗ୍ରହଣ ନ ହେଲେ ଅନେକ ଗ୍ରାମ ଚିଲିକାର ଜଳରାଶିରେ ଲୀନ ହୋଇଯିବା ଆଶଙ୍କା ସୃଷ୍ଟି ହୋଇଛି।

## ବାଘମାରୀ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର

# ରୋଗୀସେବା ବ୍ୟାହତ, ଜନଅସନ୍ତୋଷ

### ଜିଲାପାଳଙ୍କ ନିର୍ଦ୍ଦେଶ କାମ ଦେଲାନି

**ବେଗୁନିଆ, ୨୧।୯ (ଡି.ଏନ.ଏ.)**

ବେଗୁନିଆ ବ୍ଲକ ବୋତଲମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ ବାଘମାରୀ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଶୁକ୍ରବାର ରୋଗୀସେବା ବ୍ୟାହତ ହୋଇଛି। ଏଠାରେ ଥିବା ଡାକ୍ତର ଜଣଙ୍କ ଅନୁପସ୍ଥିତ ଥିବାରୁ ଫାର୍ମାସିଷ୍ଟ ରୋଗୀଙ୍କୁ ସେବା ଯୋଗାଇଥିଲେ। ଫଳରେ ଅସନ୍ତୋଷ ଦେଖାଦେଇଥିଲା। ଅନ୍ୟପକ୍ଷରେ ଝଡ଼ ଯୋଗୁ ଖୋର୍ଦ୍ଧା ଜିଲାପାଳ ସମସ୍ତ ଜରୁରିକାଳୀନ ବିଭାଗକୁ ଦପ୍ତର ଛାଡି ନ ଯିବାକୁ ନିର୍ଦ୍ଦେଶ ଦେଇଥିଲେ। ଶୁକ୍ରବାର ମହରମ ପର୍ବ ଲାଗି ଥିବା ଛୁଟିକୁ ମଧ ବାତିଲ କରାଯାଇଥିଲା। ୨୦ ସେପ୍ଟେମ୍ବରରେ ଚିଠି ନଂ.୧୪୭୦୭ ଯୋଗେ ନିର୍ଦ୍ଦେଶନାମା ପ୍ରକାଶ ପାଇଥିଲା। ହେଲେ କେଉଁ ପରିପ୍ରେକ୍ଷୀରେ ଡାକ୍ତର ନିଜ କାର୍ଯ୍ୟରେ ଯୋଗ ନ ଦେଇ ଅନୁପସ୍ଥିତ ରହିଥିଲେ ତାହା ହିଁ ଜିଲାପାଳ ଅନୁଧ୍ୟାନ କରିବାକୁ ସ୍ଥାନୀୟ ଜନସାଧାରଣ ନିବେଦନ କରିଛନ୍ତି। ଡାକ୍ତର ଜଣଙ୍କ ବାଘମାରୀରେ ସିନା ଅନୁପସ୍ଥିତ ଥିଲେ ହେଲେ ସେ ବୋତଲମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ବହିର୍ବିଭାଗରେ କାର୍ଯ୍ୟଭାର ତୁଲାଉଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶୁକ୍ରବାର ବହିର୍ବିଭାଗରେ କାର୍ଯ୍ୟ ତୁଲାଇବାକୁ ଯେଉଁ ଡାକ୍ତର ରହିବା କଥା ସେ ଗଲେ କୁଆଡେ ବୋଲି ଏଠି ପ୍ରଶ୍ନବାଚୀ ସୃଷ୍ଟି କରୁଛି। କେବଳ ସେତିକି ନୁହେଁ, ଶୁକ୍ରବାର ମଧ ବ୍ଲକର ବିଭିନ୍ନ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଅନ୍ୟ କର୍ମଚାରୀମାନେ ଅନୁପସ୍ଥିତ ରହିଥିଲେ। ଡିଙ୍ଗର, ହଜ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ମହିଳା ସ୍ୱାସ୍ଥ୍ୟକର୍ମୀ ଏବଂ ଡାକ୍ତର ଅନୁପସ୍ଥିତ ରହିଥିବା ବେଳେ କଣ୍ଟାବାଡ଼ରେ ମଧ ଏଲୋପାଥିକ ଡାକ୍ତର ପଦବୀ ଖାଲି ରହିଥିଲା। ଏ ସମ୍ପର୍କରେ ବୋତଲମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଦାୟିତ୍ୱରେ ଥିବା ମୁଖ୍ୟ ଚିକିତ୍ସା ଅଧିକାରୀ ତନ୍ମୟ ତ୍ରିପାଠୀ କୁହନ୍ତି, ବୋତଲମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସେବା ଯୋଗାଇବା ପାଇଁ ଶୁକ୍ରବାର ଆବଶ୍ୟକତାଠାରୁ ଅଧିକ ଜଣେ ଡାକ୍ତର ଦରକାର ପଡୁଥିଲେ। ମାତ୍ର ଏଠାର ଜଣେ ଡାକ୍ତର ଅନୁପସ୍ଥିତ ରହିଥିବାରୁ ତାଙ୍କ ବଦଳରେ ବାଘମାରୀ ଡାକ୍ତରଙ୍କୁ ଆଣି ସେବା ଯୋଗାଇ ଦିଆଯାଇଥିଲା। ତେବେ ବୋତଲମାରେ ଡାକ୍ତର ଜଣଙ୍କ କେତେଦିନ ହେଲା ଅନୁପସ୍ଥିତ ରହିଲେଣି, ଏଥିସହ ଆଉ କେତେଜଣ ଡାକ୍ତର ଏଠାରେ ରହିଛନ୍ତି, ହେଲେ ସେମାନେ କ'ଣ ପାଇଁ ଦୀର୍ଘଦିନ ହେଲା ଏଠାକୁ ଆସୁନାହାନ୍ତି ବୋଲି ପ୍ରଶ୍ନ ପଚାରିବାରୁ ତ୍ରିପାଠୀ ମୁହଁ ଖୋଲିବାକୁ ମନା କରି ଦେଇଥିଲେ।

## ଡକାୟତି ଉଦ୍ୟମ ପଣ୍ଡ

# ମାରଣାସ୍ତ୍ର ସହ ୫ ଡକାୟତ ଗିରଫ

**ଖୋର୍ଦ୍ଧା ଅଫିସ,୨୧।୯**

ଖୋର୍ଦ୍ଧା ଟାଉନ ଥାନା ପୋଲିସ ଖୋର୍ଦ୍ଧା ସହରରୁ ଡକାୟତି ଉଦ୍ୟମ ପଣ୍ଡ କରିଥିବାବେଳେ ଗୁରୁବାର ବିଳମ୍ବିତ ରାତିରେ ଗ୍ୟାଙ୍ଗର ୫ ଜଣ ଡକାୟତଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ଭୁଜାଲି, ଲଙ୍କା ଗୁଣ୍ଡ, ମୋବାଇଲ ଓ ମହମବତି ଜବତ କରିଛି। ଅନ୍ୟପକ୍ଷେ ନଂ. ୩୬୮/୧୮ରେ ମାମଲା ରୁଜୁ କରି ପୁରୀ ଜିଲା ପିପିଲି ଥାନା ଧାନ ଗହୀର ଗାଁର ଆସିଫ ଅଫତର ଖାଁ(୨୨), ଏମ.ଡି. ମହମ୍ମଦ ସିଫୁର ଓରା ଓରଫ ବାବୁନିଆ(୫୨) ଓ ଅବଦୁଲ ବସର(୨୦), ଜଟଣୀ ଥାନା ଜୋରକଣି ଗାଁର ସୁମନ୍ତ ବିଶ୍ୱାଳ(୩୨) ଏବଂ ବେଗୁନିଆ ଥାନା ଧଳାପଥର ଗାଁର ସଞ୍ଜୟ ବେହେରା(୩୪)ଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବା ପରେ ୫ ଡକାୟତଙ୍କୁ ଖୋର୍ଦ୍ଧା ଜେଲକୁ ପଠାଇ ଦିଆଯାଇଛି। ପ୍ରାପ୍ତ ସୂଚନା ଅନୁସାରେ, ଗୁରୁବାର ରାତି ପ୍ରାୟ ସାଢେ ଗୋଟାଏରୁ ଦୁଇଟା ମଧ୍ୟରେ ୫ ଜଣ ଡକାୟତ ଡକାୟତି ପାଇଁ ଖୋର୍ଦ୍ଧା ସହରର ଗାନ୍ଧୀ ପଡିଆରେ ଏକତ୍ର ହୋଇ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରୁଥିଲେ। ଠିକ୍ ସେହି ସମୟରେ ଟାଉନ ଥାନା ପକ୍ଷରୁ ପାଟ୍ରୋଲିଂ ଚାଲୁଥିଲା। ଖବରପାଇ ଇନ୍ସପେକ୍ଟର ବ୍ରହ୍ମାନନ୍ଦ ସ୍ୱାଇଁ ଚଢ଼ାଉ କରି ୫ଜଣଙ୍କୁ ନିଜ କବଜାକୁ ନେଇଥିଲେ।

# ବାଲୁଗାଁରେ ବାତ୍ୟା ପ୍ରଭାବ: ଭାଙ୍ଗି ପଡ଼ିଲା ଗଛ

**ବାଲୁଗାଁ,୨୧।୯(ଡ଼ି.ଏନ.ଏ.)**

ଗୁରୁବାର ମଧ୍ୟରାତ୍ରରେ ବାତ୍ୟା ପ୍ରକୋପରେ ବାଲୁଗାଁ ଓ ଏହାର ଆଖପାଖ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ଘଟିଛି। ପୂର୍ବାହ୍ନରେ ପ୍ରଶାସନ ତରଫରୁ ଉପକୂଳବର୍ତ୍ତୀ ଅଞ୍ଚଳରେ ସତର୍କ ସୂଚନା ଦିଆଯିବା ସହ କିଛି ଲୋକଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଥିଲା। ମାତ୍ରାଧିକ ବେଗରେ ପବନ ବହିବା ଯୋଗୁ ୧୬ନଂ ଜାତୀୟ ରାଜପଥରେ ଯାତାୟାତ କରୁଥିବା କିଛି କାର ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ଚିଲିକା ବ୍ଲକ୍ ଡୁଙ୍ଗମାଳ ଗ୍ରାମର ୩୦ଜଣ ଓ ଅଠରବାଟିଆ ଗ୍ରାମର ୧୫ଜଣ ବାସହୀନ ପରିବାରଙ୍କୁ ପ୍ରଶାସନ ତରଫରୁ ନିକଟସ୍ଥ ସରକାରୀ ବିଦ୍ୟାଳୟକୁ ସ୍ଥାନାନ୍ତର କରାଯାଇଛି। ଚିଲିକା ଅଶାନ୍ତ ଥିବା ହେତୁ ମତ୍ସ୍ୟଜୀବୀମାନେ ବହୁ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ୫ନଂ. ଜାତୀୟ ରାଜପଥର କେତେକ ସ୍ଥାନରେ ବଡ଼ ବଡ଼ ଗଛ ଉପୁଡ଼ିପଡିଥିବାରୁ ଯାତାୟାତ ବ୍ୟାହତ ହୋଇଥିଲା। ଖବର ପାଇ ବାଲୁଗାଁ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ଗଛଗୁଡ଼ିକୁ କାଟି ରାସ୍ତା ସଫା କରିଥିଲେ। ଶୁକ୍ରବାର ଦିନତମାମ ଲଗାଣ ବର୍ଷା ଯୋଗୁ ଜନସାଧାରଣ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ସମ୍ଭାବ୍ୟ ବାତ୍ୟା ଯୋଗୁ ସରକାର ଛୁଟି ବାତିଲ କରିବା ସହ ସମସ୍ତ ସରକାରୀ କର୍ମଚାରୀଙ୍କୁ ସଜାଗ ରହିବା ପାଇଁ ନିର୍ଦ୍ଦେଶ ଥିବାବେଳେ ବାଲୁଗାଁ ଏନ୍‌ଏସିରେ କୌଣସି କର୍ମଚାରୀ ନ ଥିବା ଦେଖିବାକୁ ମିଳିଥିଲା। ଏ ସମ୍ପର୍କରେ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସୁରେନ୍ଦ୍ରନାଥ ଖୁଣ୍ଟିଆଙ୍କୁ ପଚାରିବାରୁ ସେ ଏହାକୁ ଅସ୍ୱୀକାର କରିବା ସହ ଜନସାଧାରଣଙ୍କ ଅସୁବିଧା ଦୂର କରିବା ପାଇଁ ଦିନତମାମ କର୍ମଚାରୀମାନେ ଚିଲିକା କୂଳବର୍ତ୍ତୀ ଅଞ୍ଚଳରେ ସଜାଗ ରହିଥିବା ଜଣାଇଥିଲେ।



ରାସ୍ତା ଉପରେ ଭାଙ୍ଗିପଡ଼ିଥିବା ଗଛକୁ ଅଗ୍ନିଶମ ବିଭାଗ କର୍ମଚାରୀମାନେ କାଟୁଛନ୍ତି।



ରାସ୍ତା ପାର୍ଶ୍ୱକୁ କାର୍ ଚାଲିଯାଇଛି।

## ଜଟଣୀ ଗଣେଶ ପୂଜା ସମୟରେ ବାରମ୍ବାର ବିଦ୍ୟୁତ୍ କାଟ

# ଅଧିକାରୀଙ୍କ ପ୍ରତିଶ୍ରୁତି ପାଣିରେଗାର

**ଜଟଣୀ,୨୧।୯(ଡି.ଏନ.ଏ.)**

ପ୍ରସିଦ୍ଧ ଜଟଣୀ ଗଣେଶ ପୂଜା ପୂର୍ବ ପ୍ରସ୍ତୁତି ବୈଠକରେ ମୁଖ୍ୟତଃ ଦୁଇଟି ପ୍ରମୁଖ ସମସ୍ୟା ବିଦ୍ୟୁତ୍ କାଟ୍ ଓ ଅନିୟମିତା ଜଳଯୋଗାଣ ଉପରେ ସମସ୍ତେ ଦୃଷ୍ଟି ଆକର୍ଷଣ କରିଥିଲେ। ଉତ୍ସବ ସମୟରେ ଏହି ସମସ୍ୟା ଯେପରି ନ ଉପୁଜିବ ସେଥିପାଇଁ ଗୁରୁତ୍ୱ ଦିଆଯିବା ନେଇ ଉପସ୍ଥିତ ବିଭାଗୀୟ କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେଇଥିଲେ। ହେଲେ ସବୁ ପ୍ରତିଶ୍ରୁତି ପାଣିରଗାର ସଦୃଶ ହୋଇଛି। ଦୈନିକ ଘନ ଘନ ବିଦ୍ୟୁତ୍‌କାଟ୍ ହେଉଛି। ଶୁକ୍ରବାର ପୂର୍ବାହ୍ନ ୧୦ରୁ ସନ୍ଧ୍ୟା ସାଢ଼େ ସାତଟା ପର୍ଯ୍ୟନ୍ତ ବିଦ୍ୟୁତ୍ କାଟ୍ ହୋଇଥିଲା। ସେହିପରି ଦୁଇଦିନ ହେବ ଜନସ୍ୱାସ୍ଥ୍ୟ ବିଭାଗର ଜଳଯୋଗାଣ ମଧ ବନ୍ଦ ରହିଛି। ଜଟଣୀରେ ଦୀର୍ଘଦିନ ହେବ ଘଣ୍ଟା ଘଣ୍ଟା ଧରି ବିଦ୍ୟୁତ୍‌କାଟ ଓ ନିୟମିତ ଜଳଯୋଗାଣ ହେଉ ନ ଥିବା ନେଇ ସ୍ଥାନୀୟ ଜନସାଧାରଣଙ୍କ ପକ୍ଷରୁ ବହୁବାର ଆପତ୍ତି ଅଭିଯୋଗ ହେଉଥିଲେ ମଧ କିଛି ସୁଫଳ ମିଳୁନାହିଁ। ଅତିକମ୍‌ରେ ଗଣେଶ ଚତୁର୍ଥୀରୁ ୧୨ଦିନ ଧରି ଏଠାରେ ଅନୁଷ୍ଠିତ ଉତ୍ସବ ସମୟରେ ଏପରି ସମସ୍ୟା ଯେପରି ନ ଉପୁଜେ ସେଥିପାଇଁ ଧ୍ୟାନ ଦେବାକୁ ବିଭିନ୍ନ ପୂଜା କମିଟି କର୍ମକର୍ତ୍ତା ଓ ସ୍ଥାନୀୟ ଜନସାଧାରଣଙ୍କ ପକ୍ଷରୁ ପୂର୍ବ ପ୍ରସ୍ତୁତି ବୈଠକରେ ଅନୁରୋଧ କରାଯିବା ସହ ଦାବି କରାଯାଇଥିଲା। ମ୍ୟୁନିସିପାଲିଟି ଓ କମିଶନରେଟ୍ ପୋଲିସ ପକ୍ଷରୁ ଅନୁଷ୍ଠିତ ଦୁଇଟି ପୃଥକ୍ ପ୍ରସ୍ତୁତି ବୈଠକରେ ଏହି ସମସ୍ୟା ନେଇ ମୁଖ୍ୟତଃ ଆଲୋଚନା ହୋଇଥିଲା। ହେଲେ ଆଲୋଚନା, ପ୍ରସ୍ତାବ ଓ ପ୍ରତିଶ୍ରୁତିରେ ସବୁ ରହିଗଲା। ପୂଜା ଆରମ୍ଭରୁ ବିଦ୍ୟୁତ୍‌କାଟ୍ ଲାଗି ରହିଛି। ଏ ସମ୍ପର୍କରେ ପଚାରିଲେ ବିଦ୍ୟୁତ୍ ବିଭାଗ ଯନ୍ତ୍ରୀ ୧୧ କେଭି କାମ ହେଉଛି, ଆଉ କେତେବେଳେ ଗ୍ରୀଡ଼ରୁ କଟିଥିବା ଉତ୍ତର ଦେଉଛନ୍ତି। ସେହିପରି ଜଳଯୋଗାଣ ବନ୍ଦ ନେଇ ବିଦ୍ୟୁତ୍ ବିଭାଗ ଉପରେ ଦୋଷ ଲଦୁଛି ଜନସ୍ୱାସ୍ଥ୍ୟ ବିଭାଗ। ସ୍ଥାନୀୟ ଜନସାଧାରଣଙ୍କ ଏପରି ଅସନ୍ତୋଷକୁ ଦୃଷ୍ଟିରେ ରଖି

### ଜଳଯୋଗାଣ ବନ୍ଦ

ଜଟଣୀ ଥାନା ପରିସରରେ ଏକ କଣ୍ଟ୍ରୋଲ ରୁମ୍ ବ୍ୟବସ୍ଥା କରିବାକୁ କମିଶନରେଟ୍ ପୋଲିସ ପକ୍ଷରୁ ଆୟୋଜିତ ପ୍ରସ୍ତୁତି ବୈଠକରେ ଉପସ୍ଥିତ ଥିବା ଡିସିପି ଅନୁପ ସାହୁ ନିର୍ଦ୍ଦେଶ ଦେଇଥିଲେ। ବିଦ୍ୟୁତ୍ ଓ ପାଣି ଭଳି ଅତ୍ୟାବଶ୍ୟକ ବିଭାଗର କର୍ମଚାରୀମାନେ ଏହି କଣ୍ଟ୍ରୋଲ ରୁମ୍‌ରେ ଦୈନିକ ଉପସ୍ଥିତ ରହି ଲୋକଙ୍କ ସମସ୍ୟା ଦୂର କରିବା ଦିଗରେ ଦୃଷ୍ଟି ଦେବାକୁ ନିଷ୍ପତ୍ତି ହୋଇଥିଲା। ଥାନା ପରିସରରେ ଏକ କଣ୍ଟ୍ରୋଲ ରୁମ୍ ମଧ ହୋଇଛି। ହେଲେ ଏହି କଣ୍ଟ୍ରୋଲ ରୁମ୍‌କୁ ଯୋଗାଯୋଗ କରିବାକୁ ସ୍ୱତନ୍ତ୍ର ଟେଲିଫୋନ୍ ନମ୍ବର ବ୍ୟବସ୍ଥା ନ ଥିବା ବେଳେ କୌଣସି ବିଭାଗର କର୍ମଚାରୀଙ୍କ ଏଠାରେ ଉପସ୍ଥିତି ଦେଖିବାକୁ ମିଳୁନାହିଁ। ଏ ନେଇ ଜଟଣୀ ବ୍ୟବସାୟୀ ମହାସଂଘର ସଭାପତି ସୁଦର୍ଶନ ସୁନ୍ଦରାୟ କୁହନ୍ତି, ଏତେବଡ଼ ଉତ୍ସବ ସମୟରେ ବାରମ୍ବାର ବିଦ୍ୟୁତ୍‌କାଟ୍ ଓ ଜଳଯୋଗାଣ ବନ୍ଦ ହେବା ଘଟଣା ଦୁଃଖଦାୟକ ଅଟେ। ଜଟଣୀ ମ୍ୟୁନିସିପାଲିଟି ପୌରାଧ୍ୟକ୍ଷ ସଂଗ୍ରାମ କେଶରୀ ରାଉତରାୟ କୁହନ୍ତି, ଦାୟିତ୍ୱରେ ଥିବା ବିଭାଗୀୟ ଅଧିକାରୀଙ୍କ ଚରମ ଅବହେଳାରୁ ଜନସାଧାରଣ ଏହାଦ୍ୱାରା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହିପରି ଅଧ୍ୟାପକ ତପନ ମିଶ୍ର କୁହନ୍ତି, ସନ୍ଧ୍ୟା ସମୟରେ ବିଭିନ୍ନ ପୂଜା ପେଣ୍ଡାଲ ଓ ମହୋତ୍ସବସ୍ଥଳରେ ହଜାର ହଜାର ଲୋକଙ୍କ ସମାଗମ ହେଉଛି। ହେଲେ ବାରମ୍ବାର ବିଦ୍ୟୁତକାଟ ଯୋଗୁ ବିଶେଷ କରି ମହିଳା ଓ ଛୋଟ ପିଲାମାନେ ଭୟଭୀତ ହୋଇପଡୁଛନ୍ତି। ଏଣୁ ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେବା ଆବଶ୍ୟକ। ଏ ନେଇ ସେସୁର ନିର୍ବାହୀଯନ୍ତ୍ରୀ ମନୋଜ ଦାସ କେବଳ ଶୁକ୍ରବାର ବିଦ୍ୟୁତ୍‌କାଟ ଉପରେ କୁହନ୍ତି, କଣ୍ଟ୍ରୋଲ ରୁମ୍ ପ୍ୟାନେଲ ମଏଶ୍ଚର ହୋଇ ଶର୍ଟସର୍କିଟ୍ ହେବାରୁ ଏପରି ସମସ୍ୟା ଦେଖାଦେଇଥିଲା। ତେବେ ଅଳ୍ପଦିନ ବିଦ୍ୟୁତ୍‌କାଟ୍ ନେଇ ସେପରି କିଛି କହି ନ ଥିଲେ।



ପ୍ରାତଃକାଳରେ ଶଯ୍ୟାତ୍ୟାଗ କଲାବେଳେ ଏବଂ ରାତ୍ରିରେ ନିଦ୍ରାଗତ ହେବାକୁ ଯିବାବେଳେ ପ୍ରତିଦିନ ଅତି କମ୍‌ରେ ପାଞ୍ଚ ମିନିଟ୍ ପାଇଁ ଭଗବାନଙ୍କୁ ପ୍ରାର୍ଥନା କର।
-ବୁଦ୍ଧଦେବ



## ସଂକ୍ଷେପରେ

### ଛାତ୍ରୀଛାତ୍ରଙ୍କ ଗୀତା ଆବୃତ୍ତି ଓ ଯୋଗାଭ୍ୟାସ

**ପୁରୀ ଅଫିସ, ୨୧।୯:** ବିଶ୍ୱମ୍ଭର ବିଦ୍ୟାପୀଠରେ ଶୁକ୍ରବାର ଏକ ଆଧ୍ୟାତ୍ମିକ ପରିବେଶ ଦେଖିବାକୁ ମିଳିଥିଲା। ବିଶ୍ୱମ୍ଭର ବିଦ୍ୟାପୀଠ ଆଲୁମ୍‌ନି ଆସୋସିଏଶନ ଓ ଚିନ୍ମୟ ମିଶନର ମିଳିତ ଆନୁକୂଲ୍ୟରେ ସ୍କୁଲ ପରିସରରେ ଆୟୋଜିତ ହୋଇଥିଲା ଭାଗବତ ଗୀତା ଓ ଯୋଗ ଶିବିର। ଶତାଧିକ ଛାତ୍ରୀଛାତ୍ର ଗୀତା ଆବୃତ୍ତି କରିଥିଲେ। ପରେ ଯୋଗ ଓ ପ୍ରାଣାୟାମ ଆୟୋଜିତ ହୋଇଥିଲା। ପିଲାମାନେ ସାମୂହିକ ଭାବେ ସୂର୍ଯ୍ୟ ନମସ୍କାର, ବିଭିନ୍ନ ମୁଦ୍ରା ଏବଂ ଆସନ କରିଥିଲେ। ଯୋଗଗୁରୁ ରମାବଲ୍ଲଭ ମହାପାତ୍ର ଯୋଗର ବିଭିନ୍ନ ଉପକାର ବିଷୟରେ ଆଲୋକପାତ କରିଥିଲେ। ଦୈନିକ ସୂର୍ଯ୍ୟ ନମସ୍କାର କରିବା ଲାଗି ପିଲାଙ୍କୁ ପରାମର୍ଶ ଦେଇଥିଲେ। ଚିନ୍ମୟ ମିଶନର ପ୍ରଧାନାଚାର୍ଯ୍ୟ ବ୍ରହ୍ମଚାରୀ ନୀଳାଦ୍ରି ଚୈତନ୍ୟ ପିଲାମାନଙ୍କୁ ଗୀତା ଆବୃତ୍ତି ଶିକ୍ଷା ଦେଇଥିଲେ।

### ଶିକ୍ଷକ ସଂଘର ନୂତନ କର୍ମକର୍ତ୍ତା ଚୟନ

**ପୁରୀ ଅଫିସ, ୨୧।୯:** ନିଖିଳ ଉତ୍କଳ ଜାତୀୟ ଓ ରାଜ୍ୟ ପୁରସ୍କାରପ୍ରାପ୍ତ ଶିକ୍ଷକ ସଂଗଠନ ପକ୍ଷରୁ ଶୁକ୍ରବାର ସ୍ଥାନୀୟ କୁଳମଣି ଭବନରେ ଏକ ସାଂଗଠନିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ସଂଘର ରାଜ୍ୟ ସମ୍ପାଦକ ସଚ୍ଚିଦାନନ୍ଦ ମହାନ୍ତି ମୁଖ୍ୟଅତିଥି ଏବଂ ଯୁଗ୍ମ ସମ୍ପାଦକ ରବୀନ୍ଦ୍ର ନାଥ ସ୍ୱାଇଁ, ନିରଞ୍ଜନ ପ୍ରସାଦ ବାରିକ, ଉଲ୍ଲାସବାଳା ଦାଶ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସଂଘର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହି ଅବସରରେ ସଂଘର ନୂତନ କର୍ମକର୍ତ୍ତା ଚୟନ ହୋଇଥିଲା। ଶିକ୍ଷାବିତ୍ ରଘୁନାଥ ମହାପାତ୍ର, ହରିପ୍ରିୟା ଦେଇ ଓ ସୁରେନ୍ଦ୍ର କୁମାର ଦାସ ଉପଦେଷ୍ଟା ରହିଛନ୍ତି। ଶିକ୍ଷୟିତ୍ରୀ ଉଲ୍ଲାସବାଳା ଦାଶ ସଭାପତି, ବସନ୍ତ କୁମାର ସ୍ୱାଇଁ କାର୍ଯ୍ୟକାରୀ ସଭାପତି, ପ୍ରତାପ କୁମାର ରାଉତ ସମ୍ପାଦକ, ଚାରୁଲତା ମିଶ୍ର କାର୍ଯ୍ୟକାରୀ ସମ୍ପାଦକ, ସ୍ୱର୍ଣ୍ଣଲତା ତ୍ରିପାଠୀ ଓ କାମଦେବ ପ୍ରଧାନ ଯୁଗ୍ମ ସମ୍ପାଦକ, ମହେନ୍ଦ୍ର କୁମାର ଦାଶ କୋଷାଧ୍ୟକ୍ଷ ଭାବେ ଚୟନ ହୋଇଛନ୍ତି। ସେହିପରି କାର୍ଯ୍ୟକାରୀ ସଦସ୍ୟ ଭାବେ ମାନସ ମିଶ୍ର, ଈଶ୍ୱର ଚନ୍ଦ୍ର ନାୟକ, କ୍ରିଷ୍ଣା ମହାପାତ୍ର, ମିନତି ପଟ୍ଟନାୟକ, ଆଶାଲତା ଦେଇ, ଦୁର୍ଗାବତୀ ପ୍ରଧାନ, ବିଦ୍ୟାଧର ମିଶ୍ର ମନୋନୀତ ହୋଇଛନ୍ତି।

### ଛୁରୀ ଦେଖାଇ ଲୁଟିଲେ ମୋବାଇଲ୍

**ନିମାପଡ଼ା,୨୧।୯(ଡି.ଏନ୍.ଏ.):** ନିମାପଡ଼ାସ୍ଥିତ ଜୟଗୁରୁ ଆଶ୍ରମ ନିକଟ କେନାଲ ବନ୍ଧ ରାସ୍ତାରେ ଜଣେ କଲେଜ ଛାତ୍ରୀଙ୍କଠାରୁ ମୋବାଇଲ ଲୁଟ୍ ହୋଇଥିବା ନେଇ ଶୁକ୍ରବାର ଅଭିଯୋଗ ହୋଇଛି। ନିମାପଡ଼ା ସ୍ୱୟଂ ଶାସିତ ମହାବିଦ୍ୟାଳୟର ଅଧ୍ୟୟନରତ ଯୁକ୍ତ ୩ର ଛାତ୍ରୀ ଏକ କୋଚିଂ ସେଣ୍ଟରରୁ ହଷ୍ଟେଲକୁ ଫେରୁଥିଲେ। ଜଣେ ଅଜଣା ଯୁବକ ଛାତ୍ରୀଙ୍କ ପେଟରେ ଛୁରି ଲଗାଇବା ସହ ମାରିଦେବାକୁ ଧମକ ଦେଇଥିଲେ। ଏହାପରେ ଛାତ୍ରୀଙ୍କ ପାଖରେ ଥିବା ମୋବାଇଲକୁ ନେଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ।

# ପୁରୀ ଜିଲା ସଂଗ୍ରହାଳୟରେ କୀର୍ତ୍ତିରାଜି ନଷ୍ଟ

**ପୁରୀ ଅଫିସ,୨୧।୯ :**

- ରକ୍ଷଣାବେକ୍ଷଣ ଅଭାବ, ଝୁଲୁଛି ତାଲା
- ୩୮ ବର୍ଷ ହେବ ଭଡ଼ାଘରେ ଚାଲୁଛି
- ତିକ୍ତ ଅନୁଭୂତି ନେଇ ଫେରୁଛନ୍ତି ପର୍ଯ୍ୟଟକ

ବହୁ ପୁରାତନ ସାମଗ୍ରୀ, ଐତିହ୍ୟ, କଳାକୃତି, ଭାସ୍କର୍ଯ୍ୟକୁ ସାଇତି ରଖିଥିବା ପୁରୀ ଜିଲା ସଂଗ୍ରହାଳୟ ଆଜି ଅଲୋଡ଼ା। ବିଶେଷକରି ଶ୍ରୀଜଗନ୍ନାଥ ସଂସ୍କୃତି ସହ ଜଡ଼ିତ କୀର୍ତ୍ତିରାଜି ଏଠାରେ ରହିଛି। ମାତ୍ର ରକ୍ଷଣାବେକ୍ଷଣ ଅଭାବରୁ ଅଧିକାଂଶ ନଷ୍ଟ ହୋଇଗଲାଣି। ତେବେ ରାଜ୍ୟ ସରକାରଙ୍କ ଅଣଦେଖା ଓ ସଂସ୍କୃତି ବିଭାଗ ଏବଂ ଜିଲା ପ୍ରଶାସନର ଦାୟିତ୍ୱହୀନତା ଯୋଗୁ କିଛିମାସ ହେବ ଏହି ସଂଗ୍ରହାଳୟରେ ତାଲା ଝୁଲୁଛି। ଫଳରେ ପ୍ରତିଦିନ ପର୍ଯ୍ୟଟକମାନେ ଏଠାକୁ ଆସି ତିକ୍ତ ଅନୁଭୂତି ନେଇ ନିରାଶରେ ଫେରୁଛନ୍ତି।

ଆଧ୍ୟାତ୍ମିକ ତଥା ସାଂସ୍କୃତିକ ସହର ହେଉଛି ଶ୍ରୀକ୍ଷେତ୍ର ପୁରୀ। ଶ୍ରୀମନ୍ଦିର ସମେତ ବହୁ ପ୍ରାଚୀନ ମଠ ଓ ଧର୍ମପୀଠ ରହିଛି। ଏଠାକାର କଳା ଓ ସଂସ୍କୃତିକୁ ଉଜ୍ଜୀବିତ ଲକ୍ଷ୍ୟ ନେଇ ଜିଲା ସଂଗ୍ରହାଳୟ ପରିକଳ୍ପନା କରାଯାଇଥିଲା। ୧୯୮୦ରେ ଚକ୍ରତୀର୍ଥ ରୋଡ୍‌ର ଏକ ଭଡା ଘରେ ଆରମ୍ଭ ହୋଇଥିଲା ପୁରୀ ଜିଲା ସଂଗ୍ରହାଳୟ। ୧୯୮୩ରେ ଦଇତାପଡା ସାହି, ୧୯୮୬ରେ ରମା ବଲ୍ଲଭ ରୋଡ୍,୧୯୯୦ରେ ରେଡ୍‌କ୍ରସ୍ ରୋଡକୁ ସ୍ଥାନାନ୍ତରିତ ହୋଇଥିଲା। ୧୯୯୨ ଅଗଷ୍ଟ ୨୭ରୁ ଜିଲା ସ୍କୁଲ ରୋଡ୍‌ର ଭଡା ଘରେ ଚାଲୁଛି। ଏଥିରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଭିନ୍ନ ବେଶର ପ୍ରତିରୂପ ସ୍ଥାନ ପାଇଛି। ସାକ୍ଷୀଗୋପାଳଙ୍କ ପ୍ରତିମୂର୍ତ୍ତି ଓ ନନ୍ଦିଘୋଷ ରଥର ପ୍ରତିକୃତି ସଂଗ୍ରହାଳୟର ଶୋଭାବର୍ଦ୍ଧନ କରୁଛି। ପୁରୀ ଜିଲାର ସାହିଯାତ ପରମ୍ପରା, କଳା, ସଂସ୍କୃତି, ରଘୁରାଜପୁରରୁ ନିର୍ମିତ କଳାକୃତି ରହିଛି। ଏଥିସହିତ ମୟୂରଭଞ୍ଜର ଟେରାକୋଟା ଓ ପଥରରେ ସୂକ୍ଷ୍ମ କାରୁକାର୍ଯ୍ୟ ଖୋଦିତ ସ୍ଥାପତ୍ୟ ମଧ୍ୟ ଏଠାରେ ପ୍ରଦର୍ଶିତ ହେଉଛି। କିନ୍ତୁ ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ଏହା ଏବେ ନଷ୍ଟ ହେବାରେ ଲାଗିଛି। ବହୁ ପଥର ଖୋଦିତ ମୂର୍ତ୍ତି ଭାଙ୍ଗିରୁଜି ଗଲାଣି। କାହାର ହାତ ନାହିଁ ତ ଆଉ କାହାର ଗୋଡ଼, ମୁଣ୍ଡ ଭାଙ୍ଗିଲାଣି।

ଗତ ୪ ବର୍ଷ ହେବ ସଂଗ୍ରହାଳୟ କେୟାରଟେକର ପଦବୀ ଖାଲିପଡିଛି। ଦୁଇଜଣ ପିଅନ ଆବଶ୍ୟକ ଥିବାବେଳେ ୨୦୧୪ରୁ ଜଣେ କାର୍ଯ୍ୟ କରୁଥିଲେ। ହେଲେ ଏବେ ତାଙ୍କୁ ମଧ୍ୟ ଏଠାରୁ ଜିଲା ସଂସ୍କୃତି କାର୍ଯ୍ୟାଳୟକୁ ନିଆଯାଇଛି। ପ୍ରତିଦିନ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ସଂଗ୍ରହାଳୟ ଖୋଲା ରହିଥାଏ। କିନ୍ତୁ ଗତ କିଛି ମାସ ହେବ ତାଲା ଝୁଲୁଥିବା ଦେଖିବାକୁ ମିଳୁଛି। କିନ୍ତୁ ଘର ଭଡ଼ା ବାବଦକୁ ସଂସ୍କୃତି ବିଭାଗ ମାସକୁ ୧୨ହଜାର ଟଙ୍କା ଗଣୁଛନ୍ତି। ସବୁଠାରୁ ବିଡ଼ମ୍ବନାର ବିଷୟ ହେଲା, ୩୮ ବର୍ଷ ହେବ ଭଡ଼ା ଘରେ ଚାଲୁଥିବା ଜିଲା ସଂଗ୍ରହାଳୟ ସମ୍ପର୍କରେ ଅଧିକାଂଶ ସହରବାସୀ ଓ ପର୍ଯ୍ୟଟକ ଜାଣିପାରୁନାହାନ୍ତି। କାରଣ ଦୁଇ ମହଲା କୋଠା ଉପରେ ରହିଥିବା ଏହି ସଂଗ୍ରହାଳୟ ଉପରେ ସର୍ବସାଧାରଣଙ୍କ ଦୃଷ୍ଟି ଗୋଚର ହେଲା ଭଳି କୌଣସି ଆକର୍ଷଣୀୟ ବୋର୍ଡ ଲଗାଯାଇନାହିଁ। ଛୋଟିଆ ବୋର୍ଡଟିଏ ଟାଙ୍ଗି ଦେଇ ଜିଲା ସଂସ୍କୃତି ବିଭାଗ ଆରାମ କରୁଛି। ଫଳରେ ପ୍ରତିଦିନ ପୁରୀକୁ ଆସୁଥିବା ତୀର୍ଥଯାତ୍ରୀଙ୍କ ସମେତ ବାହାର ଗବେଷକ ତଥ୍ୟ ପାଇବାରୁ ବଞ୍ଚିତ ହେଉଛନ୍ତି।

ଐତିହ୍ୟ ଗବେଷକ ଡ. ସୁରେନ୍ଦ୍ର କୁମାର ମିଶ୍ର କୁହନ୍ତି, ପୁରୀକୁ ଦୈନିକ ହଜାର ହଜାର ଭକ୍ତ, ପର୍ଯ୍ୟଟକ ଓ ଗବେଷକ ଆସନ୍ତି। ମାତ୍ର ଏଠାରେ ଏକ ଉନ୍ନତମାନର ସଂଗ୍ରହାଳୟର ଅଭାବ ରହିଛି। ବିଶେଷକରି ଐତିହ୍ୟ ସଂଗ୍ରହାଳୟ ଲାଗି ରାଜ୍ୟ ପର୍ଯ୍ୟଟନ ଓ ସଂସ୍କୃତି ବିଭାଗ ଗୁରୁତ୍ୱ ଦେବା ଉଚିତ। ଜିଲା ସଂଗ୍ରହାଳୟକୁ ନବୀକରଣ କରାଯିବା ସହ ଏକ ସ୍ୱତନ୍ତ୍ର ସ୍ଥାନରେ ସ୍ଥାୟୀ ଭାବେ ଖୋଲାଯିବା ଦରକାର। ତେବେ ଏ ସଂକ୍ରାନ୍ତରେ ଜିଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସଙ୍କ ମତାମତ ମିଳିପାରିନାହିଁ।



ପୁରୀ ଜିଲା ସଂଗ୍ରହାଳୟରେ ଥିବା ଭଗ୍ନ ମୂର୍ତ୍ତି।

# ଆମିକସ୍ କ୍ୟୁରିଙ୍କୁ ୬ ସଙ୍ଗଠନର ସ୍ମାରକପତ୍ର

**ପୁରୀ ଅଫିସ,୨୧।୯:**

ଶ୍ରୀମନ୍ଦିର ପରିଚାଳନାଗତ ସଂସ୍କାରକୁ ନେଇ ୬ଟି ସଙ୍ଗଠନ ପକ୍ଷରୁ ଆମିକସ୍ କ୍ୟୁରି ଗୋପାଳ ସୁବ୍ରମଣ୍ୟମ୍‌ଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏଥିରେ ସମୁଦାୟ ୧୩ଟି ପ୍ରସ୍ତାବ ଦିଆଯାଇଛି। ବଂଶାନୁକ୍ରମିକ ସେବା ପ୍ରଥାରେ ପରିବର୍ତ୍ତନ କରାଯାଇ ସ୍କୁଲ, କଲେଜମାନଙ୍କରେ ସେବକଙ୍କ ପାଇଁ ଉଦ୍ଦିଷ୍ଟ ବେଦପାଠ, ସଂସ୍କୃତି, ନୀତି ଓ ପରମ୍ପରା ଶିକ୍ଷା ପ୍ରଚଳନ କରାଯାଉ। ଅନ୍ନଦାନ ଆଟିକା ଦାନ ବ୍ୟବସ୍ଥା ବନ୍ଦ କରାଯାଉ। ରୋଷଘର ଓ ଚୁଲାର ତଦାରଖ ହେଉ। ଶ୍ରୀମନ୍ଦିରର ୪ ଦ୍ୱାରରେ ସ୍ୱତନ୍ତ୍ର ଶୌଚାଳୟ ବ୍ୟବସ୍ଥା କରାଯାଉ। ଧାଡ଼ି ଦର୍ଶନ ବ୍ୟବସ୍ଥା ହେଉ। ଆୟବ୍ୟୟର ହିସାବ ଜଣେ ସ୍ୱୀକୃତିପ୍ରାପ୍ତ ସମୀକ୍ଷକଙ୍କ ଦ୍ୱାରା କରାଯାଇ ଏହାକୁ ଗୁପ୍ତ ରଖାଯାଉ। ସ୍ୱତନ୍ତ୍ର ଏସ୍‌ପି ପଦବୀ ସୃଷ୍ଟି କରାଯାଉ, ଯାହାଙ୍କ ଅଧୀନରେ ଶ୍ରୀମନ୍ଦିରରେ ସୁରକ୍ଷା ବ୍ୟବସ୍ଥା ନ୍ୟସ୍ତ ରହିବ। ଜେଟିପି, ଜେଟିଏସ୍ ଏବଂ ସ୍ୱତନ୍ତ୍ର ପୋଲିସ ତାଙ୍କ ଅଧୀନରେ କାମ କରିବେ। ସେବାୟତଙ୍କ ପାଇଁ ପରିଚୟପତ୍ରର ବ୍ୟବସ୍ଥା ହେଉ। ଶ୍ରୀମନ୍ଦିରର ନୀତି ଏବଂ ସଂସ୍କୃତି ସମ୍ପର୍କରେ ଅବଗତ ଥିବା ଗାଇଡଙ୍କୁ ନିଯୁକ୍ତ କରାଯାଉ। ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ଏବଂ ଗଜପତି ମହାରାଜାଙ୍କ ମତାମତ ନିଆଯାଇ ଶ୍ରୀମନ୍ଦିର ସ୍ୱତ୍ୱଲିପିରେ ପରିବର୍ତ୍ତନ କରାଯାଉ ଭଳି ୧୩ଟି ପ୍ରସ୍ତାବ ରଖିଛନ୍ତି। ଓଡ଼ିଶା ବୁଦ୍ଧିଜୀବୀ ମଞ୍ଚ ପକ୍ଷରୁ ଡ. ସୌରେନ୍ଦ୍ର ମହାପାତ୍ର, ରାମରାଜ୍ୟ ପରିଷଦ ଓଡ଼ିଶା ପକ୍ଷରୁ ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର, ଜଗନ୍ନାଥ ସୁରକ୍ଷା ମଞ୍ଚ ପକ୍ଷରୁ ଡ. ପ୍ରଫୁଲ୍ଲ ରଥ, ହିନ୍ଦୁ ଜାଗରଣ ମଞ୍ଚ ପକ୍ଷରୁ ଅଜିତ୍ ପଟ୍ଟନାୟକ, ଅଖିଳ ଭାରତ ହିନ୍ଦୁ ମହାସଭା ପକ୍ଷରୁ ଉପସଭାପତି ସଞ୍ଜୀବ ଦାଶ ଏବଂ ବିଶ୍ୱହିନ୍ଦୁ ପରିଷଦ ପକ୍ଷରୁ କାର୍ଯ୍ୟକାରୀ ସଭାପତି ଡ. ବଦ୍ରିନାଥ ପଟ୍ଟନାୟକ ଏହି ସ୍ମାରକପତ୍ର ପ୍ରଦାନ କରିଛନ୍ତି।

# ସୁନିଆରେ ମା'ମଙ୍ଗଳାଙ୍କୁ ଲାଗିହେଲା ଚୁଡ଼ାଘଷା, କାକରା

**କାକଟପୁର, ୨୧।୯(ଡି.ଏନ୍.ଏ.)**

ପବିତ୍ର ସୁନିଆ ଅବସରରେ ଶୁକ୍ରବାର କାକଟପୁରର ଅଧିଷ୍ଠାତ୍ରୀ ଦେବୀ ମା'ମଙ୍ଗଳାଙ୍କ ନିକଟରେ ନୂଆ ଧାନରୁ ପ୍ରସ୍ତୁତ ଚୁଡାଘଷା ଓ କାକରା ଭୋଗ ଲାଗି କରାଯାଇଛି। ମଙ୍ଗଳା ମନ୍ଦିରରେ ପୁରୀ ଶ୍ରୀମନ୍ଦିର ପରି ୧୨ମାସରେ ୧୩ ପର୍ବ ଭକ୍ତି ଓ ନିଷ୍ଠାର ସହିତ ପାଳନ କରାଯାଉଥିବା ମା'ଙ୍କ ସେବକ ପ୍ରଦୀପ ପଣ୍ଡା କହିଛନ୍ତି। ଚୁଡ଼ାରେ ନଡିଆ, ଘିଅ, ଚିନି ପକାଯାଇ ସ୍ୱତନ୍ତ୍ର ଭାବେ ଚୁଡାଘଷା ପ୍ରସ୍ତୁତ କରାଯାଇଥିଲା। ଚୁଡାଘଷା ସହିତ କାକରା ପିଠା, ଦହି, ଖଇ, ନିସୁଡି ପ୍ରଭୃତିକୁ ପୂଜାପଣ୍ଡା ପ୍ରକାଶଚନ୍ଦ୍ର ପଣ୍ଡା ମା'ଙ୍କ ବଲ୍ଲଭ ଭୋଗରେ ମା'ଙ୍କୁ ଲାଗି କରିଥିଲେ। ଏହାପରେ ଶ୍ରଦ୍ଧାଳୁ, ସେବକଙ୍କ ପରିବାର ପକ୍ଷରୁ ନୂଆ ଚୁଡାରେ ଚୁଡାଘଷା କରାଯାଇ ମା'ଙ୍କ ନିକଟରେ ଭୋଗ ଲାଗି କରାଯାଇଥିଲା। ସୁନିଆ ପାଇଁ ମନ୍ଦିରରେ ଭକ୍ତଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା।



ମଙ୍ଗଳାଙ୍କ ପାଖରେ ଲାଗି ହୋଇଥିବା ଭୋଗ।

■ ୱିନିଙ୍ଗ ସ୍ପୋର୍ଟିଂ କ୍ଲବର କଲ୍‌ଚରାଲ କାର୍ନିଭାଲ

# ମନ ମୋହିଲା ନବଦୁର୍ଗା



ପୌରସଦନଠାରେ ଆୟୋଜିତ କଲଚରାଲ କାର୍ନିଭାଲ କାର୍ଯ୍ୟକ୍ରମରେ କଳାକାରମାନେ ନୃତ୍ୟ ପ୍ରଦର୍ଶନ କରୁଛନ୍ତି।

**ପୁରୀ ଅଫିସ, ୨୧।୯:**

ୱିନିଙ୍ଗ ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ କଲ୍‌ଚରାଲ କାର୍ନିଭାଲ- ୨୦୧୮ ଶୁକ୍ରବାର ପୌର ସଦନଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପୁରୀ ଜିଲାର ମେଧାବୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷା, ସାହିତ୍ୟ, ସମାଜସେବା, ଶିଶୁ ପ୍ରତିଭା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଲାଗି ଏକାଧିକ ଯୁବକ ସମ୍ମାନିତ ହୋଇଥିଲେ।

ଅନୁଷ୍ଠାନର ସଭାପତି ଇଂ. ସୂର୍ଯ୍ୟ ରଥଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ପୁରୀ ଏମ୍‌ପି ପିନାକୀ ମିଶ୍ର ମୁଖ୍ୟ ଅତିଥି, ନଗରପାଳ ଜୟନ୍ତ ଷଡ଼ଙ୍ଗୀ, ପୂର୍ବତନ ନଗରପାଳ ଗୌରହରି ପ୍ରଧାନ, ସାମାଜିକ କର୍ମୀ ଭରତ ନାୟକ, ଅରୁଣିମା ନନ୍ଦ, ଯୁବ ନେତା ଶୁଭାଶିଷ ଖୁଣ୍ଟିଆ, ସ୍ମୃତି ପତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅନୁଷ୍ଠାନର ସମ୍ପାଦକ ନବ କିଶୋର ପ୍ରଧାନ, କାର୍ଯ୍ୟକାରୀ ସଭାପତି ନାରାୟଣ ଦାଶ କାର୍ଯ୍ୟକ୍ରମ ଏବଂ ସାଂସ୍କୃତିକ ସଙ୍ଗଠକ ସଞ୍ଜୀବ ରଥ ଶର୍ମା ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ସାଂସ୍କୃତିକ ଅନୁଷ୍ଠାନ ନବ ପ୍ରତିଭାର କଳାକାରମାନେ ମଙ୍ଗଳାଚରଣ, ଗୁରୁବନ୍ଦନା ପରେ ନବଦୁର୍ଗା ପରିବେଷଣ କରିଥିଲେ। ଶେଷରେ ନାଟକ କୋଣାର୍କ କାନ୍ଦୁଛି ପରିବେଷିତ ହୋଇଥିଲା।

### ଛାତ୍ରୀ ମୋନାଲିସା ରାଜ୍ୟସ୍ତରକୁ ମନୋନୀତ

**ପୁରୀ ଅଫିସ,୨୧।୯:**

ପୁରୀ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଶୁକ୍ରବାର ଜିଲାସ୍ତରୀୟ ବିଜ୍ଞାନ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାରେ ଗ୍ରାମାଞ୍ଚଳ ଓ ସହରାଞ୍ଚଳରୁ ୧୧ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଔଦ୍ୟୋଗିକ କ୍ରାନ୍ତି ସଂକ୍ରାନ୍ତରେ ଛାତ୍ରୀଛାତ୍ରମାନେ ନିଜସ୍ୱ ମତ ରଖିଥିଲେ। ବିଶ୍ୱମ୍ଭର ବିଦ୍ୟାପୀଠର ନବମ ଶ୍ରେଣୀ ଛାତ୍ରୀ ମୋନାଲିସା ଜେନା ରାଜ୍ୟସ୍ତରକୁ ମନୋନୀତ ହୋଇଛନ୍ତି।

# ଅଶୋକ ବଜାର ଗାଣପତ୍ୟ ସମିତି ଭସାଣି ଉତ୍ସବ

**ପୁରୀ ଅଫିସ, ୨୧।୯:**

ବଡ଼ଦାଣ୍ଡସ୍ଥିତ ଅଶୋକ ବଜାର ଗାଣପତ୍ୟ ସମିତିର ଭସାଣି ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସକାଳ ୯ଟାରେ ପୂଜାମଣ୍ଡପରେ ବିସର୍ଜନ ହୋମ ସମ୍ପନ୍ନ ହୋଇଥିଲା। ଅଶୋକ ବଜାରର ସମସ୍ତ ବ୍ୟବସାୟୀ ଅପରାହ୍ନରେ ପୂର୍ଣ୍ଣାହୁତିରେ ଯୋଗ ଦେଇଥିଲେ। ସନ୍ଧ୍ୟା ୬ଟାରେ ଏକ ସୁସଜ୍ଜିତ ରଥରେ ଗଣେଶଙ୍କୁ ବିଜେ କରାଇ ବାଦ୍ୟବାଜଣା ସହ ବିସର୍ଜନ ଶୋଭାଯାତ୍ରାରେ ବାହାରିଥିଲେ। ପ୍ରଥମେ ଶ୍ରୀମନ୍ଦିର ନିକଟରେ ପହଞ୍ଚି ସେଠାରୁ ବାଜା ରୋଶଣିରେ ମରିଚିକୋଟ ଛକ, ମାର୍କେଟ ଛକ ଦେଇ ଦେବୀଘାଟରେ ମୂର୍ତ୍ତି ବିସର୍ଜନ କରିଥିଲେ। ଏଥିସହିତ ଅଶୋକ ବଜାର ଗାଣପତ୍ୟ ସମିତି ପକ୍ଷରୁ ଗତ ୯ଦିନ ଧରି ଚାଲିଥିବା ଗଣେଶ ପୂଜାର ସମାପ୍ତ ହୋଇଛି। ଚଳିତବର୍ଷ ସମିତି ପକ୍ଷରୁ ବାହୁବଳି ତୋରଣ ପ୍ରସ୍ତୁତ ହୋଇଥିଲା। ଏହାସହିତ ପୂଜାମଣ୍ଡପରେ ମୁଷୁରାସ୍ୱର ବଧ ଡିଜାଇନ୍‌ର ଗଣେଶ ପୂଜା ପାଇଥିଲେ। ଆକର୍ଷଣୀୟ ତୋରଣ ସାଙ୍ଗକୁ ଠାକୁରଙ୍କୁ ଦେଖିବା ଲାଗି ନବଦିନ ବ୍ୟାପୀ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ଭସାଣି ଶୋଭାଯାତ୍ରାରେ ସଭାପତି ଜାନକୀ ନନ୍ଦନ ମହାନ୍ତି, ସମ୍ପାଦକ କୃଷ୍ଣଚନ୍ଦ୍ର ସାହୁ, ଉପସଭାପତି ପ୍ରଭାକର ପଣ୍ଡା, ସହସମ୍ପାଦକ ଅଶୋକ କୁମାର ପୃଷ୍ଟି, କୋଷାଧ୍ୟକ୍ଷ ରାଜେନ୍ଦ୍ର କୁମାର ସାହୁ, କାର୍ଯ୍ୟକାରୀ ସଦସ୍ୟ ଶଙ୍କର ପ୍ରସାଦ ନାୟକ, ପ୍ରଧାନଙ୍କ ସମେତ ବଜାରର ସମସ୍ତ ବ୍ୟବସାୟୀ ଯୋଗଦେଇଥିଲେ।



# ଓଡ଼ିଆ ସାହିତ୍ୟ, ସଂସ୍କୃତି ପରିଷଦର ସାରସ୍ୱତ ସମାରୋହ

**ପୁରୀ ଅଫିସ, ୨୧।୯:**

ସାରସ୍ୱତ ସାହିତ୍ୟାନୁଷ୍ଠାନ ଓଡ଼ିଆ ସାହିତ୍ୟ ଓ ସଂସ୍କୃତି ପରିଷଦର ଦଶମ ସାମ୍ବତ୍ସରିକ ସାରସ୍ୱତ ସମାରୋହ ଶୁକ୍ରବାର ସ୍ଥାନୀୟ ଗୋପବନ୍ଧୁ ଆୟୁର୍ବେଦ କଲେଜ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତି ଡ. ହରିହର ମିଶ୍ର ଏଥିରେ ଅଧ୍ୟକ୍ଷତା କରିଥିଲେ। ପରିଷଦର ସଭାପତି ତଥା ସାହିତ୍ୟିକା ପ୍ରତିମା ମିଶ୍ର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ସମାରୋହରେ ସାହିତ୍ୟ ଏକାଡେମୀ ସଚିବ ଜୟନ୍ତୀ ରଥ, ବିଶିଷ୍ଟ ସାରସ୍ୱତ ସାଧିକା ଡ. ମନୋରମା ବିଶ୍ୱାଳ ମହାପାତ୍ର, ଭାଷାବିତ୍ ଡ. କୈଳାସ ଚନ୍ଦ୍ର ଟିକାୟତରାୟ, ଶିକ୍ଷାବିତ୍ ଡ. ଭଗବାନ ଜୟସିଂ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।

ଏହି ଅବସରରେ କବି ଗୁରୁ ପ୍ରସାଦ ମହାନ୍ତିଙ୍କ ଆଧୁନିକ ଓଡ଼ିଆ କବିତାକୁ ଅବଦାନ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ବହୁ କବି ଯୋଗଦେଇ କବିତା ପାଠ କରିଥିଲେ। ଏହି ଅବସରରେ ଅନୁଷ୍ଠାନର ମୁଖପତ୍ର 'ସାତପାହାଚ' ଏବଂ ଆର୍ତ୍ତତ୍ରାଣ ମାନସିଂହଙ୍କ 'ଝଲକାଏ ନୀଳାଜ୍ୟୋସ୍ନା' କବିତା ସଂକଳନ ଲୋକାର୍ପିତ ହୋଇଥିଲା। ଏଥିସହିତ ବନଜ ଦେବୀଙ୍କୁ ସାରସ୍ୱତ ସମ୍ମାନ ଏବଂ ସଙ୍ଗୀତ ନିର୍ଦ୍ଦେଶକ ବିପିନ ବାରିକଙ୍କୁ ସଂସ୍କୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ଶିଶୁ ସାହିତ୍ୟିକ ବୀରେନ୍ଦ୍ର ମହାନ୍ତି ଓ ଶ୍ୟାମପ୍ରକାଶ ସେନାପତି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଦ୍ୱିତୀୟ ଅଧିବେଶନରେ ସାହିତ୍ୟିକ ପ୍ରଫେସର ଅଦ୍ୱୈତ ଚରଣ ଧଳଙ୍କ ଅଧ୍ୟକ୍ଷତାରେ କବିତା ପାଠ ହୋଇଥିଲା। କ୍ରିଷ୍ଣା ମହାପାତ୍ର, ମହେନ୍ଦ୍ର ଦାଶ, ହେମାଙ୍ଗିନୀ ମହାନ୍ତି, ସୁଶ୍ରୀ ହରପ୍ରିୟା ସାହୁ ପ୍ରମୁଖ କବିତା ପାଠ କରିଥିଲେ।



ଅତିଥିମାନଙ୍କ ଗହଣରେ ସମ୍ବର୍ଦ୍ଧିତ ପ୍ରତିଭା।

# ଦିନରେ ବାମନ, ରାତିରେ ରାଜବେଶରେ ଦର୍ଶନ ଦେଲେ ସାକ୍ଷୀଗୋପାଳ

**ସାକ୍ଷୀଗୋପାଳ, ୨୧।୯(ଡି.ଏନ୍.ଏ.)**

ଭାଦ୍ରବ ଶୁକ୍ଳ ଦ୍ୱାଦଶୀ ତିଥିରେ ପରମ୍ପରା କ୍ରମେ ସାକ୍ଷୀଗୋପାଳ ମନ୍ଦିରରେ ଶୁକ୍ରବାର ବାମନଜନ୍ମ ଓ ସୁନିଆ ପର୍ବ ପାଳିତ ହୋଇଯାଇଛି। ଅପରାହ୍ନରେ ସିଂହଦ୍ୱାରରେ ଆମ୍ବଡାଳ, କଦଳୀଗଛ ଓ ଦୁଇ ପାର୍ଶ୍ୱରେ ଦୁଇଟି ପୂର୍ଣ୍ଣକୁମ୍ଭ କଳସ ରଖାଯାଇଥିଲା। ଦ୍ୱିପ୍ରହର ଧୂପରେ ସାକ୍ଷୀଗୋପାଳ ଠାକୁରଙ୍କୁ ବାମନ ବେଶରେ ଓ ସନ୍ଧ୍ୟା ଧୂପରେ ରାଜ ବେଶରେ ସଜ୍ଜିତ କରାଯାଇଥିଲା। ଦୈନନ୍ଦିନ ଦେବନୀତି ସହିତ ବାମନ ବେଶରେ ଠାକୁର ନୂତନ ଧଳାଧୋତି ଆଣ୍ଠୁ ଉପରକୁ ପିନ୍ଧିଥିବା ବେଳେ ଧଳା ଦୋଶଡାର ଉତ୍ତରୀୟ ପରିଧାନ କରିଥିଲେ। ମଥାରେ ଓ ଭୁଜରେ ତ୍ରିପୁଣ୍ଡକ ଚନ୍ଦନ ଚିତାଲାଗି ହୋଇଥିଲେ। ସେହିପରି ଗୋଧନ ବାହୁଡା ଭୋଗ ଅନ୍ତେ ସନ୍ଧ୍ୟା ଧୂପ ବେଶ ସମୟରେ ଠାକୁରଙ୍କ ରାଜବେଶ ଅନୁଷ୍ଠିତ ହୋଇଥିଲା। ଏହି ବେଶରେ ଠାକୁର ପାଟ, ପିତାମ୍ବରୀ, ସୁବର୍ଣ୍ଣ ମୁକୁଟ, ବଂଶୀ, ମକର କୁଣ୍ଡଳ, ଚାପସରୀ, ନୁଦୁକ, ହୀରା ମୁଦ୍ରିକା, ବେଙ୍ଗପାଟିଆ, ବାଙ୍କି ନୂପୁର ଓ ଫୁଲମାଳ ଆଦି ପରିଧାନ କରିଥିଲେ। ପାରମ୍ପରିକ ସୁନିଆ ଭେଟି ଦେବାପାଇଁ ଗୋପାଳପୁର ପାଟଣା ଗ୍ରାମରୁ ମହାଜନମାନଙ୍କ ସହିତ ବିଭିନ୍ନ ବର୍ଗର ପ୍ରଜା ଓ ଭକ୍ତବୃନ୍ଦ ମଶାଲ ଜଳାଇ ମନ୍ଦିରରେ ପହଞ୍ଚିଥିଲେ। ସାଙ୍ଗରେ ଫୁଲମାଳ ଭୋଗ ନୈବେଦ୍ୟ ଓ ସର ଲବଣୀ ଭାର ଠାକୁରଙ୍କ ପାଇଁ ଆଣିଥିବା ଦେଖାଯାଇଥିଲା। ଉପସ୍ଥିତ ପ୍ରଜା ଓ ଭକ୍ତମାନେ ଠାକୁରଙ୍କ ଦର୍ଶନ କରିବା ସହିତ ସମ୍ମୁଖରେ ରଖାଯାଇଥିବା ଥାଳିରେ ସୁନିଆ ଭେଟି (ଅର୍ଥ) ପକାଇଥିଲେ। ଏହିପର୍ବରେ ବିଭିନ୍ନ ବର୍ଗର ସେବାୟତମାନେ ନିଜେନିଜେ ତିଆରି କରିଥିବା କଟିରି, ପନିକି, କୋରଣା, ପିଢା, ରୁଖା ଆଦି ବର୍ଷକୁ ଥରେ ମନ୍ଦିରରେ ବ୍ୟବହାର ନିମନ୍ତେ ଅର୍ପଣ କରିଥିଲେ। ସୁନିଆ ଭେଟି ନିମନ୍ତେ ମନ୍ଦିର ସୁପରଭାଇଜର ବିଶ୍ୱନାଥ ମହାପାତ୍ର ଶ୍ରଦ୍ଧାଳୁମାନଙ୍କର ତାଲିକା ପଢ଼ିବାପରେ ଜଣଜଣ କରି ଭେଟି ପ୍ରଦାନ କରିଥିବା ଦେଖିବାକୁ ମିଳିଥିଲା।



ଶ୍ରଦ୍ଧାଳୁମାନେ ସୁନିଆ ଭେଟି ଦେବାକୁ ସାକ୍ଷୀଗୋପାଳ ମନ୍ଦିରକୁ ଯାଉଛନ୍ତି।



ଆଗରୁ ଦେଇ ନ ଥିଲେ ଏବେ ପାଇପାରିବନି । ତେଣୁ ପାଇବାର ଉତ୍କୃଷ୍ଟ ଉପାୟ ହେଉଛି ଦେବା । ସଞ୍ଚୟରେ ମଣିଷର ସ୍ପର୍ଦ୍ଧା ବଢ଼େ, ତ୍ୟାଗରେ ବଢ଼େ ମହତ୍ତ୍ୱ । -ଶିରିଡ଼ି ସାଇ



## ସଂକ୍ଷେପରେ

### ମାଛଧରାକୁ କେନ୍ଦ୍ରକରି ଆକ୍ରମଣ, ଜଣେ ଗୁରୁତର



କୃଷ୍ଣପ୍ରସାଦ,୨୧।୯(ଡି.ଏନ.ଏ.) କୃଷ୍ଣପ୍ରସାଦ ବ୍ଲକ ପାଇକରାୟପୁର ଗ୍ରାମର କାଦକୋଣୀ, ଚିନାମାଳି, ଚିଲିକା ଅଞ୍ଚଳରେ ମାଛଧରାକୁ କେନ୍ଦ୍ରକରି ଶୁକ୍ରବାର ସକାଳ ୫ ଟାରେ ଏକ ଗଣ୍ଡଗୋଳ ଘଟିଛି। ଏ ଘଟଣାରେ ଜଣେ ବ୍ୟକ୍ତି ଗୁରୁତର ଭାବେ ହୋଇଛନ୍ତି। ସେ ହେଲେ କାର୍ତ୍ତିକ ପଲେଇ। ତାଙ୍କ କହିବା ଅନୁସାରେ କାଦକୋଣୀ-ଚିଲିକାରୁ ସେ କିଛି ବର୍ଷ ଧରି ମାଛ ଧରୁଥିଲେ। ତେବେ ପାଇକରାୟପୁର ଗ୍ରାମର ରାଜ ଦଳେଇ ମାଛ ଧରିବା କାମକୁ ଲିଜ୍‌ରେ ନେବା ପାଇଁ କାର୍ତ୍ତିକକୁ ବାଧ କରିଥିଲେ। କାର୍ତ୍ତିକ ଏହା ନ ମାନିବାରୁ ରାଜ ଏବଂ ତାଙ୍କ ପୁଅ ୨ ଜଣ ମିଶି କାର୍ତ୍ତିକଙ୍କୁ ଠେଙ୍ଗାରେ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଆହତ କାର୍ତ୍ତିକ ସ୍ଥାନୀୟ ଲୋକଙ୍କ ସହଯୋଗ କ୍ରମେ ପ୍ରଥମେ କୃଷ୍ଣପ୍ରସାଦ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଛତ୍ରପୁର ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଘଟଣା ନେଇ ମାଲୁଦ ଫାଣ୍ଡିରେ ୨ ଅଭିଯୁକ୍ତଙ୍କୁ ପୋଲିସ ଅଟକ ରଖିଛି।

### ନନ୍ଦନକାନନରେ ପଶୁପକ୍ଷୀ ଅଦଳବଦଳ ପ୍ରକ୍ରିୟା ଆରମ୍ଭ

### ମହୀଶୂର ଗଲେ ୩ ଗୁରାଣ୍ଡି, ଆସିବ ଧୂସର ଗଧିଆ

ବାରଙ୍ଗ,୨୧।୯(ଡି.ଏନ୍.ଏ.)- କିଛିଦିନର ବ୍ୟବଧାନ ପରେ ପୁଣିଥରେ ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ପଶୁପକ୍ଷୀ ଅଦଳବଦଳ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ଏଥର ମହୀଶୂର ଚିଡ଼ିଆଖାନା ସହ ପଶୁପକ୍ଷୀ ଅଦଳବଦଳରେ ନନ୍ଦନକାନନକୁ ଆସିବ ଏକ ଯୋଡ଼ା ଧୂସର ଗଧିଆ। ଏଥିନିମନ୍ତେ ଗତ କିଛିମାସ ତଳେ କେନ୍ଦ୍ରୀୟ ଚିଡ଼ିଆଖାନା କର୍ତ୍ତୃପକ୍ଷ(ସିଜେଡ୍‌ଏ) ସ୍ୱୀକୃତି ପ୍ରଦାନ କରିସାରିଥିଲେ। କେବଳ ଉଭୟ ଚିଡ଼ିଆଖାନା କର୍ତ୍ତୃପକ୍ଷଙ୍କ ମଧ୍ୟରେ ଆଲୋଚନା ହୋଇ ଅଦଳବଦଳ ଲାଗି ଉପଯୁକ୍ତ ସମୟ ଧାର୍ଯ୍ୟ କରାଯିବା କଥା ବାକି ରହିଥିଲା। ତେବେ ଶୁକ୍ରବାର ନନ୍ଦନକାନନର ଏକ ୭ଜଣିଆ ଟିମ୍ ମହୀଶୂର ଅଭିମୁଖେ ଯାତ୍ରା କରିଛି। ଏହି ଟିମ୍ ନିଜ ଦାୟିତ୍ୱରେ ଗୋଟିଏ ମାଈ ଓ ଦୁଇଟି ଅଣ୍ଡିରା ଗୁରାଣ୍ଡି ସାଙ୍ଗରେ ନେଇ ଯାଇଛି। ମହୀଶୂର ଚିଡ଼ିଆଖାନାରୁ ଏକ ଯୋଡ଼ା ଭାରତୀୟ ଧୂସର ଗଧିଆ ଧରି ଟିମ୍ ଆସନ୍ତା ୨୮ ତାରିଖ ସୁଦ୍ଧା ନନ୍ଦନକାନନରେ ଆସି ପହଞ୍ଚିବ ବୋଲି ନନ୍ଦନକାନନ ଉପ-ନିର୍ଦ୍ଦେଶକ ଜୟନ୍ତ କୁମାର ଦାସ କହିଛନ୍ତି।

### ପିପିଲି କଲେଜର ୪୦ତମ ପ୍ରତିଷ୍ଠା ଦିବସ

ପିପିଲି, ୨୧।୯(ଡି.ଏନ୍.ଏ.)-ପିପିଲି କଲେଜର ୪୦ତମ ପ୍ରତିଷ୍ଠା ଦିବସ କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଡିଗ୍ରୀ କଲେଜର ଅଧକ୍ଷ ଭୀମସେନ କର, ସମ୍ମାନିତ ଅତିଥି ଭାବେ ଜୁନିୟର କଲେଜ ଅଧକ୍ଷ ଭାନୁ ପଟ୍ଟନାୟକ ଯୋଗଦେଇଥିଲେ। ଅତିଥିମାନେ ୧୯୭୮ ମସିହାରେ ପିପିଲି ଅଞ୍ଚଳର କେତେକ ବଦାନ୍ୟ ବ୍ୟକ୍ତି କଲେଜ ଆରମ୍ଭ କରିଥିବା ସମ୍ପର୍କରେ ସୂଚନା ଦେବା ସହ ବର୍ତ୍ତମାନ କଲେଜ କିପରି ଅଧିକ ଉନ୍ନତି କରିବ, ସେ ଦିଗରେ ଧ୍ୟାନ ଦେବାକୁ ଅଧାପିକା ଓ ଅଧାପକମାନଙ୍କ ସହଯୋଗ କାମନା କରିଥିଲେ। ବରିଷ୍ଠ ପ୍ରଶାସକ ଶିବ ପ୍ରସାଦ ମିଶ୍ର କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। କଲେଜ ଆରମ୍ଭ ସମୟରେ ଅଧାପନା କରୁଥିବା ଅଧାପକମାନେ ନିଜ ନିଜର ଅନୁଭୂତି ବର୍ଣ୍ଣନା କରିଥିଲେ। ଏଥିରେ ଛାତ୍ରୀଛାତ୍ର, ଅଧାପିକା, ଅଧାପକ ଏବଂ କର୍ମଚାରୀମାନେ ଉପସ୍ଥିତ ଥିଲେ।

### ଏସ୍‌ସିବିରୁ ରୋଗୀ ନିଖୋଜ

କଟକ ଅଫିସ, ୨୧।୯- ଏସ୍‌ସିବି ମେଡିକାଲରୁ ଜଣେ ରୋଗୀ ନିଖୋଜ ହୋଇଯାଇଛନ୍ତି। ତାଙ୍କ ନାମ ଯଶୋମନ୍ତ ଘଡେଇ(୨୮) ଓ ଘର ବାରିପଦା ଅଞ୍ଚଳରେ। ୪ ଦିନ ତଳେ ସେ କିରୋସିନ ପିଇଦେବାରୁ ଗୁରୁତର ହୋଇପଡିଥିଲେ। ଚିକିତ୍ସା ଲାଗି ତାଙ୍କୁ ଏସ୍‌ସିବି ମେଡିକାଲର ମେଡିସିନ ବିଭାଗରେ ଭର୍ତ୍ତି କରାଯାଇଥିଲା। ହେଲେ ଗୁରୁବାର ବିଳମ୍ବିତ ରାତିରୁ ତାଙ୍କର ପତ୍ତା ମିଳୁନାହିଁ।

■ ଭାଷା ପ୍ରୟୋଗଶାଳା ଗଠନ

# ଘରୋଇ ସଂସ୍ଥାକୁ ଅନୁଗ୍ରହ ଦେଖାଇଛି ଉଚ୍ଚଶିକ୍ଷା ବିଭାଗ

ଭୁବନେଶ୍ୱର, ୨୧।୯(ବ୍ୟୁରୋ)

ଉଚ୍ଚଶିକ୍ଷା ବିଭାଗ ରାଜ୍ୟର ସମସ୍ତ ସରକାରୀ କଲେଜ ଏବଂ ସରକାରୀ ସହାୟତାପ୍ରାପ୍ତ ୧୦୮ କଲେଜରେ ଭାଷା ପ୍ରୟୋଗଶାଳା ଗଠନ କରିବାକୁ ନିଷ୍ପତ୍ତି ନେଇଥିଲା। ବିଭାଗ ମନୋନୟନ ଭିତ୍ତିରେ ସେଣ୍ଟର ଫର୍ ଆଡ୍‌ଭାନ୍ସ କମ୍ୟୁନିକେଶନ(ସିଏସି) ନାମକ ସଂସ୍ଥାକୁ ଅନୁଗ୍ରହ ଦେଖାଇ ପ୍ରକଳ୍ପ କାର୍ଯ୍ୟ କରିବାକୁ ଦେଇଥିଲା। ୨୨.୮୮ କୋଟି ଟଙ୍କା ବ୍ୟୟ କରାଯାଇ ଭାଷା ପ୍ରୟୋଗଶାଳା ଗଠନ ହୋଇଥିଲେ ମଧ୍ୟ ୫୬ଟି କଲେଜରେ ନାମଲେଖା ହୋଇ ନ ଥିଲା। ଫଳରେ ଭାଷା ପ୍ରୟୋଗଶାଳା ଗଠନର ଉଦ୍ଦେଶ୍ୟ ହାସଲ ହୋଇପାରିନାହିଁ ବୋଲି ସିଏଜି(କମ୍ପ୍‌ଟ୍ରୋଲର ଆଣ୍ଡ ଅଡିଟର ଜେନେରାଲ) ତାଙ୍କ ରିପୋର୍ଟରେ ପ୍ରକାଶ କରିଛନ୍ତି।

**ଉଦ୍ଦେଶ୍ୟ ସଫଳ ହୋଇନାହିଁ**

ରାଜ୍ୟର ସମସ୍ତ ସରକାରୀ ବିଶ୍ୱବିଦ୍ୟାଳୟ, ସରକାରୀ କଲେଜ ଏବଂ କିଛି ଅନୁଦାନପ୍ରାପ୍ତ ବେସରକାରୀ କଲେଜରେ ଭାଷା ପ୍ରୟୋଗଶାଳା ଗଠନ କରିବାକୁ ଉଚ୍ଚଶିକ୍ଷା ବିଭାଗ ୨୦୧୨ ଜାନୁୟାରୀରେ ନିଷ୍ପତ୍ତି ନେଇଥିଲା। ଛାତ୍ରୀଛାତ୍ରଙ୍କୁ ଭାଷା ଉପରେ ଅଧିକ ଜ୍ଞାନ ଯୋଗାଇଦେବା ଥିଲା ଏହାର ଲକ୍ଷ୍ୟ ଥିଲା। ଏଥିପାଇଁ କଲେଜ ଏବଂ ବିଶ୍ୱବିଦ୍ୟାଳୟରେ ୩୦ ଜଣ ବସିବା ଭଳି କ୍ଷମତା ବିଶିଷ୍ଟ କୋଠରୀ ନିର୍ମାଣ କରିବାକୁ ସ୍ଥିର ହୋଇଥିଲା। ଏଥିରେ ବୈଦ୍ୟୁତିକ ସାଜ ସରଞ୍ଜାମ, ଆଭ୍ୟନ୍ତରିଣ ସାଜସଜ୍ଜା ସହିତ କୋଠରୀଗୁଡିକରେ କମ୍ପ୍ୟୁଟର ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ଉପକରଣ ରହିବ।

ଉଚ୍ଚଶିକ୍ଷା ବିଭାଗ ସିଏସିକୁ କେନ୍ଦ୍ର ସରକାରଙ୍କ ବୈଷୟିକ ଅନୁଷ୍ଠାନ ଆଇଆଇଟି ଖଡଗପୁରର ଏକ ୟୁନିଟ୍ ଦର୍ଶାଇ କାର୍ଯ୍ୟ କରିବା କ୍ଷମତା ଦେଇଥିଲା। କିନ୍ତୁ ସିଏସି ଏକ ବେସରକାରୀ ସଂସ୍ଥା। ଏହାର ପ୍ରଶାସନିକ ଏବଂ ଆର୍ଥିକ ସମ୍ପର୍କ ଆଇଆଇଟି ଖଡଗପୁର ସହିତ ନ ଥିଲା। ତେଣୁ ଆଇଆଇଟି ଖଡଗପୁର ଆଳରେ ସିଏସିକୁ କାର୍ଯ୍ୟ କରିବା କ୍ଷମତା ଦେବା ଅନୈତିକ ବୋଲି ସିଏଜି ରିପୋର୍ଟରେ ଉଲ୍ଲେଖ କରିଛନ୍ତି। ୨୦୧୩ ମାର୍ଚ୍ଚରେ ବିଭାଗ ସଂସ୍ଥା ସହିତ କାମ ଆରମ୍ଭ ନେଇ ବୁଝାମଣା ପତ୍ର ସ୍ୱାକ୍ଷର କରିଥିଲା। ୨୦୧୬ ଫେବୃୟାରୀରେ ବୁଝାମଣା ପତ୍ରର ପରିସମାପ୍ତି ହୋଇଥିଲା। ଉଚ୍ଚଶିକ୍ଷା ବିଭାଗ ତାହାକୁ ପୁଣିଥରେ ନବୀକରଣ କରିଥିଲା। ୨୦୧୭ ସୁଦ୍ଧା ୨୦ ଭାଷା ପ୍ରୟୋଗଶାଳାକୁ ସରକାର ଅନୁମୋଦନ କରିଥିଲେ। ଫଳସ୍ୱରୂପ ୪୦ ସରକାରୀ ଏବଂ ୬୮ ସରକାରୀ ସହାୟତାପ୍ରାପ୍ତ କଲେଜରେ ଭାଷା ପ୍ରୟୋଗଶାଳା କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିଲା। ମାର୍ଚ୍ଚ ୨୦୧୭ ସୁଦ୍ଧା ସିଏସିକୁ ବିଭାଗ ୨୨.୮୮ କୋଟି ଟଙ୍କା ପ୍ରଦାନ କରିଛି ବୋଲି ସିଏଜିଙ୍କ ରିପୋର୍ଟ କହୁଛି। ୧୦୨ କଲେଜରେ ଭାଷା ପ୍ରୟୋଗଶାଳା ପ୍ରତିଷ୍ଠା ହୋଇଛି। ୫୬ କଲେଜରେ ନାମଲେଖା ହୋଇନାହିଁ। ସେହିପରି ୩ ବର୍ଷ ପୂର୍ବରୁ ୪୨ କଲେଜରେ ୮.୬୪ କୋଟି ଟଙ୍କା ବ୍ୟୟରେ ଭାଷା ପ୍ରୟୋଗଶାଳା ପ୍ରତିଷ୍ଠା ହୋଇସାରିଛି। ଅବଶିଷ୍ଟ ୧୪ କଲେଜରେ ୨୦୧୬-୧୭ରେ ଭାଷା ପ୍ରୟୋଗଶାଳା ଗଠନ କରାଯାଇଛି ବୋଲି ସିଏଜି ପ୍ରକାଶ କରିଛନ୍ତି।

## ବିଶ୍ୱାମିତ୍ର ଆଶ୍ରମରେ ଶ୍ରୀବାମନ ଜନ୍ମୋତ୍ସବ ପାଳିତ

କାକଟପୁର, ୨୧।୯(ଡି.ଏନ୍.ଏ.)



ଆଶ୍ରମରେ ପୂଜା ପାଉଥିବା ଶ୍ରୀ ବାମନ ଠାକୁର ।

କାକଟପୁର ବ୍ଲକ ଛକସ୍ଥିତ ବିଶ୍ୱାମିତ୍ର ଆଶ୍ରମରେ ଶୁକ୍ରବାର ଶ୍ରୀବାମନ ଜନ୍ମୋତ୍ସବ ପାଳିତ ହୋଇଯାଇଛି। ଆଶ୍ରମର ପରିଚାଳକ ଜଟାବାବା ପ୍ରାଚୀ ନଦୀରୁ ଶୁଦ୍ଧ ଜଳ ଆଣି ପୂଜା ପାଉଥିବା ବାମନ ଠାକୁରଙ୍କୁ ମାର୍ଜଣା କରିବା ସହିତ ଫଳମୂଳ ଭୋଗ ଲାଗି କରିଥିଲେ। ଏହାପରେ ଶ୍ରୀମଦ ଭାଗବତର ଅଷ୍ଟମ ସ୍କନ୍ଧ ପଠନ କରାଯାଇଥିଲା। ଏହି ଅବସରରେ ଆଶ୍ରମ ପରିସରରେ ଅଖଣ୍ଡ ନାମ ସଂକୀର୍ତ୍ତନ ଅନୁଷ୍ଠିତ ହୋଇଥିଲା। ଶେଷରେ ନୂଆ ଧାନରୁ ପ୍ରସ୍ତୁତ ଚାଉଳରେ ଖେଚୁଡି ଓ କ୍ଷୀରୀ ତିଆରି କରାଯାଇ ସୁନିଆ ପର୍ବ ପାଇଁ ଠାକୁରଙ୍କୁ ଭୋଗ ଲାଗି କରାଯାଇଥିଲା। ଉପସ୍ଥିତ ଭକ୍ତ, ନିମନ୍ତ୍ରିତ ଅତିଥିଙ୍କୁ ଏହି ଭୋଗ ବଣ୍ଟନ କରାଯାଇଥିଲା। ପଣ୍ଡିତ ତ୍ରିଲୋଚନ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶ୍ରୀବାମନ ଜନ୍ମୋତ୍ସବ ପାଳିତ ହୋଇଥିବାବେଳେ ଶତାଧିକ ଶ୍ରଦ୍ଧାଳୁ ଯୋଗଦାନ କରିଥିଲେ।



ଶ୍ରୀକ୍ଷେତ୍ରରେ ପାର୍ବଣ ପାଇଁ ଦେବୀମାନଙ୍କ ଜରିମେଢ ପ୍ରସ୍ତୁତ କରାଯାଉଛି ।

## ଚଢ଼ା ଦରରେ ବିକୁଛନ୍ତି ବ୍ୟବସାୟୀ: ଚିନ୍ତାରେ ଚାଷୀ

ଗୋପ, ୨୧।୯(ଡି.ଏନ୍.ଏ.)

ଗୋପ ଅଞ୍ଚଳରେ ଏକ ସପ୍ତାହରୁ ଊର୍ଦ୍ଧ୍ୱ ହେବ ୟୁରିଆ ସହିତ ଆଉ କେତେକ ସାର ପାଇବାରୁ ଚାଷୀମାନେ ବଞ୍ଚିତ ହେଉଛନ୍ତି। ରିଟେଲରମାନେ ୟୁରିଆ ସାର ଠାରୁ ଆରମ୍ଭ କରି ଆଉ କେତେକ ସାର କଳାବଜାର କରିବା ପାଇଁ ଚାଷୀମାନଙ୍କୁ ଦେଉ ନ ଥିବା ଭଳି ଅଭିଯୋଗ ହେଉଛି। ଚଳିତ ଖରିଫ୍ ଋତୁରେ ଗୋପ ଅଞ୍ଚଳରେ ପ୍ରାୟ ୧୫ହଜାର ହେକ୍ଟର ଚାଷ ଜମିରେ ଧାନ ଚାଷ କରାଯାଇଥିବାବେଳେ ଏବେ ୟୁରିଆ ସମେତ କେତେକ କିସମର ସାରର ଅଭାବ ଯୋଗୁ ଧାନ ଫସଲ କ୍ଷତି ହେବାର ଆଶଙ୍କା ଦେଖାଦେଇଛି।

**ଗୋପରେ ମିଳୁନି ସାର**

କେତେକ ସରକାରୀ ଅଧିକୃତ ରିଟେଲରଙ୍କ ନିକଟରେ ସରକାରଙ୍କ ଦ୍ୱାରା ଧାର୍ଯ୍ୟ କରାଯାଇଥିବା ଦରରେ ସାର ଉପଲବ୍ଧ ହେଉ ନ ଥିବା ବେଳେ କଳାବଜାର ହୋଇ ଏହି ସାର ଚଢ଼ା ଦରରେ ବିକ୍ରି ହେଉଥିବା କୃଷି ବିଭାଗ ନିକଟରେ ଅଭିଯୋଗ ହେଉଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। ଫଳରେ କଳାବଜାରୀଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଉଥିବାବେଳେ ଚାଷୀମାନେ ଅଧିକ ଦରରେ ସାର କିଣିବା ପାଇଁ ବାଧ ହେଉଛନ୍ତି। ସାର ବିକ୍ରି ପାଇଁ ସରକାର କେତେକ ରିଟେଲରଙ୍କୁ ଅନୁମତି ପ୍ରଦାନ କରିଥିବାବେଳେ ସାରର କଳାବଜାର ଯୋଗୁ ଏହା ରିଟେଲରଙ୍କ ପାଖରେ ଉପଲବ୍ଧ ନ ହୋଇ କଳାବଜାରରେ ଚଢ଼ା ଦରରେ ବିକ୍ରି ହେଉଛି। ଏପରି କି ବସ୍ତା ପିଛା ୨୦୦ରୁ ୩୦୦ ଟଙ୍କା ପର୍ଯ୍ୟନ୍ତ ଅଧିକ ନିଆଯାଉଥିବା ବେଦପୁରର ଚାଷୀ କୃଷ୍ଣଚନ୍ଦ୍ର ପୃଷ୍ଟି, ସତ୍ୟପ୍ରିୟ ପ୍ରଧାନ, ବାଲୁଙ୍କେଶ୍ୱର ସାହୁ, ନବଘନ ବେହେରା, କରୁଣାକର ସାହୁ, ପ୍ରହ୍ଲାଦ ସ୍ୱାଇଁ ପ୍ରମୁଖ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଗୋପ କୃଷି ବିଭାଗ ଉପନିର୍ଦ୍ଦେଶକ ନବକିଶୋର ତାଡ଼ଙ୍କୁ ଯୋଗାଯୋଗ କରିବାରେ ସେ ଏଥିପ୍ରତି ଦୃଷ୍ଟି ଦେବେ ବୋଲି କହିଥିଲେ।

## ଗ୍ରାହକ ସେବାକେନ୍ଦ୍ର ପରିଚାଳକଙ୍କ ବିରୋଧରେ ଠକେଇ ଅଭିଯୋଗ

ନିମାପଡ଼ା,୨୧।୯(ଡି.ଏନ୍.ଏ.)

ନିମାପଡ଼ା ବ୍ଲକ ଅନ୍ତର୍ଗତ ଅରିଷଣ୍ଡ ପଞ୍ଚାୟତରେ ସେଣ୍ଟ୍ରାଲ ବ୍ୟାଙ୍କର ଏକ ଗ୍ରାମୀଣ ଶାଖା ରହିଛି। ଗ୍ରାମାଞ୍ଚଳର ଉପଭୋକ୍ତାଙ୍କୁ ବ୍ୟାଙ୍କ ସମ୍ପର୍କରେ ଅବଗତ କରି ବ୍ୟାଙ୍କ ସେବା ଯୋଗାଇଦେବାକୁ ରହିଛି ଗ୍ରାହକ ସେବା କେନ୍ଦ୍ର। ଏହି ଗ୍ରାହକ ସେବା କେନ୍ଦ୍ର ଜରିଆରେ ଅରିଷଣ୍ଡ ଗ୍ରାମର ଚାଷୀ ଗଙ୍ଗାଧର ପ୍ରଧାନ ସେଣ୍ଟ୍ରାଲ ବ୍ୟାଙ୍କ ଗ୍ରାମୀଣ ଶାଖାରେ ୫୦ହଜାର ଟଙ୍କା ଜମା ରଖିଥିଲେ। ମାତ୍ର କିଛିଦିନ ପରେ ଗଙ୍ଗାଧରଙ୍କ ଅଜ୍ଞାତରେ ଜମା ଖାତାରୁ ଗ୍ରାହକ ସେବାକେନ୍ଦ୍ରର ପରିଚାଳକ ରାହୁଲ ନାୟକ ଚଞ୍ଚକତା କରି ୫୦ହଜାର ଟଙ୍କା ଉଠାଇନେଇଥିବା ଅଭିଯୋଗ ହୋଇଛି। ଏ ନେଇ ଗୁରୁବାର ନିମାପଡ଼ା ଥାନା ଓ ସେଣ୍ଟ୍ରାଲ ବ୍ୟାଙ୍କର ଶାଖା ପରିଚାଳକଙ୍କ ନିକଟରେ ଗଙ୍ଗାଧର ଲିଖିତ ଅଭିଯୋଗ କରିଛନ୍ତି। ଗଙ୍ଗାଧର ଏ ସମ୍ପର୍କରେ ଜନସେବା କେନ୍ଦ୍ରର ପରିଚାଳକ ରାହୁଲଙ୍କୁ ପଚାରିବାରୁ ସେ କ୍ରୋଧାନ୍ୱିତ ହୋଇ ତାଙ୍କୁ ଗାଳି କରିବା ସହ ଧମକ ଦେଇଥିବା ସେ ତାଙ୍କ ଅଭିଯୋଗ ପର୍ଦ୍ଦରେ ଦର୍ଶାଇଛନ୍ତି। ଅଭିଯୋଗକୁ ଭିତ୍ତିକରି ପୋଲିସ ଘଟଣାର ତଦନ୍ତ ଚଳାଇବା ସହ ବ୍ୟାଙ୍କ ଶାଖା ପରିଚାଳକଙ୍କୁ ଏହି ଘଟଣା ସମ୍ପର୍କରେ ଜଣାଇଛନ୍ତି। ଏ ସମ୍ପର୍କରେ ଗ୍ରାହକ ସେବା କେନ୍ଦ୍ରର ପରିଚାଳକ ରାହୁଲ କୁହନ୍ତି, ଭୁଲବଶତଃ ଗଙ୍ଗାଧରଙ୍କ ଜମାବହିରୁ ଟଙ୍କା ଉଠିଯାଇଥିଲା। କିନ୍ତୁ ପରେ ତାଙ୍କ ଜମା ବହିରେ ଉକ୍ତ ଟଙ୍କା ଜମା କରାଯାଇ ଘଟଣାର ସମାଧାନ ହୋଇଯାଇଥିବା ସେ କହିଥିଲେ। ଅନ୍ୟପକ୍ଷରେ ରାହୁଲଙ୍କ ବିରୋଧରେ ବ୍ୟାଙ୍କ କର୍ତ୍ତୃପକ୍ଷ ଓ ପୋଲିସ ପକ୍ଷରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଦାବି ହୋଇଛି। ଏ ନେଇ ସୋମବାର ଶତାଧିକ ଚାଷୀ, ହିତାଧିକାରୀ, ଜମାକାରୀମାନେ ଗଣ ଆନ୍ଦୋଳନ କରିବେ ବୋଲି ଖବରଦାତାଙ୍କୁ କହିଛନ୍ତି।

## ମୁଖ୍ୟମନ୍ତ୍ରୀ କୃଷି ଯନ୍ତ୍ରପାତି ସମ୍ମାନ ସଚେତନତା ଶିବିର

ସାକ୍ଷୀଗୋପାଳ, ୨୧।୯(ଡି.ଏନ୍.ଏ.)

ମୁଖ୍ୟମନ୍ତ୍ରୀ କୃଷି ଯନ୍ତ୍ରପାତି ସମ୍ମାନର ଅଧିକାରୀ ହେବା ନିମନ୍ତେ ସ୍ଥାନୀୟ କୃଷକମାନେ ନିଜକୁ କିଭଳି ପ୍ରସ୍ତୁତ କରିବେ ଏଥିପାଇଁ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ସତ୍ୟବାଦୀ ଆତ୍ମା କମିଟି ପକ୍ଷରୁ କୃଷିଫାର୍ମ ପରିସରରେ ଗୁରୁବାର ଏହି ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ସହକାରୀ କୃଷି ଅଧିକାରୀ ଶିବିରରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବରେ ଆତ୍ମା କମିଟି ସଭାପତି ବେବୀଲାଲ ମିଶ୍ର, ବିଟିଏମ ସୋଲେଶ ଦାସ ଓ ପିପିଲି ବ୍ଲକ ଅଧିଦର୍ଶକ ମମତାମୟୀ ଦାସ ଏବଂ ସମସ୍ତ କୃଷି କର୍ମଚାରୀ ଓ କୃଷକମାନେ ଏହି ଶିବିରରେ ଯୋଗ ଦେଇଥିଲେ। ନିଜସ୍ୱ ଜ୍ଞାନ କୌଶଳରେ ଉନ୍ନତ ଓ ଅଭିନବ କୃଷି ଯନ୍ତ୍ରପାତି ପ୍ରସ୍ତୁତ ଏବଂ ବ୍ୟବହାର କରିଥିବା କୃଷକମାନେ ଏହି ସମ୍ମାନପାଇଁ ଆବେଦନ କରିପାରିବେ। ଏଥି ନିମନ୍ତେ ସାକ୍ଷୀଗୋପାଳ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟରେ ଏକ ବାକ୍ସ ରଖାଯାଇଥିବା ଶିବିରରେ ସୂଚନା ଦିଆଯାଇଥିଲା।

■ ବକୁଳବନରେ ଓଡ଼ିଆ ବିଶ୍ୱବିଦ୍ୟାଳୟ

## ପ୍ରସ୍ତାବିତ ଜମିର ମୂଲ୍ୟ ଆକଳନ କଲେ ଦେବୋତ୍ତର ନିରୀକ୍ଷକ

ସାକ୍ଷୀଗୋପାଳ, ୨୧।୯(ଡି.ଏନ୍.ଏ.)

ଓଡ଼ିଆ ବିଶ୍ୱବିଦ୍ୟାଳୟ ପାଇଁ ହସ୍ତାନ୍ତର କରାଯିବାକୁ ଅନୁମତି ଲୋଡାଯାଇଥିବା ସତ୍ୟବାଦୀ ଗୋପୀନାଥ ଦେବଙ୍କ ବକୁଳବନ ଓ ସଂଲଗ୍ନ ଜମିର ଶୁକ୍ରବାର ମୂଲ୍ୟ ଆକଳନ କାମ ଆରମ୍ଭ ହୋଇଛି। ଦେବୋତ୍ତର ବିଭାଗର ପୁରୀଶାଖା ନିରୀକ୍ଷକ ବସନ୍ତ କୁମାର ପ୍ରଧାନ, ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ କୈଳାସ ଚନ୍ଦ୍ର ମିଶ୍ର, ବଗିଚା ସୁପରଭାଇଜର ମନୋରଞ୍ଜନ ମହାନ୍ତି ବକୁଳବନ ଓ ସଂଲଗ୍ନ ଜମିରେ ରହିଥିବା ନଡିଆ, ଆମ୍ବ, ଚାକୁଣ୍ଡା, ଆକାଶିଆ, ବଉଳ ଆଦି ଶହଶହ ସଂଖ୍ୟାରେ ଗଛ ଏବଂ ୨୯ ଏକର ବଗାୟତ, ଘରଡିହ ଓ ଜଳାଶୟ କିସମ ଜମିର ମୂଲ୍ୟ ଆକଳନ କରିଥିଲେ। ସତ୍ୟବାଦୀ ସବ୍‌ରେଜିଷ୍ଟ୍ରାରଙ୍କୁ ଉକ୍ତ ଜମିର ସରକାରୀ ଦର, କେତେ ଦରରେ ବର୍ତ୍ତମାନ କିଣାବିକା ଚାଲିଛି ଆଦି ରିପୋର୍ଟ ମଗାଯାଇଛି। ସବିଶେଷ ତଥ୍ୟ ସଂଗ୍ରହ କରାଯିବା ପରେ ରାଜ୍ୟ ଦେବୋତ୍ତର କମିଶନରଙ୍କୁ ପ୍ରଦାନ କରାଯିବ ବୋଲି ନିରୀକ୍ଷକ କହିଥିଲେ। ସୂଚନାଯୋଗ୍ୟ ଯେ, ଓଡ଼ିଆ ବିଶ୍ୱବିଦ୍ୟାଳୟ ନିମନ୍ତେ ସତ୍ୟବାଦୀ ଗୋପୀନାଥ ଦେବ ମନ୍ଦିର ଟ୍ରଷ୍ଟବୋର୍ଡ ନିଷ୍ପତ୍ତି ଗ୍ରହଣ କରିବା ପରେ ମନ୍ଦିର କାର୍ଯ୍ୟନିର୍ବାହୀ ଦେବୋତ୍ତର ଆଇନର ୧୯ଧାରା ଦରଖାସ୍ତ ରାଜ୍ୟ ଦେବୋତ୍ତର କମିଶନରଙ୍କ ନିକଟରେ ଦାଖଲ କରିବା ପରେ ଏହି ପ୍ରକ୍ରିୟା ଆରମ୍ଭ ହୋଇଛି।



ହରିଦାସ ଠାକୁରଙ୍କ ତିରୋଧାନ ଦିବସ ଅବସରରେ ପୁରୀ ସିଦ୍ଧବକୁଳ ମଠରେ ଶୁକ୍ରବାର ଅନୁଷ୍ଠିତ ସଂକୀର୍ତ୍ତନ ଶୋଭାଯାତ୍ରା ।

## ଜୀବିକା ମିଶନ ମହାସଂଘ କର୍ମକର୍ତ୍ତା ନିର୍ବାଚନ

ପିପିଲି, ୨୧।୯(ଡି.ଏନ୍.ଏ.)

ଓଡ଼ିଶା ଜୀବିକା ମିଶନ ପକ୍ଷରୁ ପିପିଲି ବ୍ଲକ ଅନ୍ତର୍ଗତ ଓରକଳ ପଞ୍ଚାୟତ କାର୍ଯ୍ୟାଳୟରେ ଶୁକ୍ରବାର ପଞ୍ଚାୟତରେ ଥିବା ସ୍ୱୟଂସହାୟକ ଗୋଷ୍ଠୀଙ୍କୁ ନେଇ ମହାସଂଘ ଗଠନ ହୋଇଥିଲା। ଏଥିରେ ସଭାପତି ଭାବେ ମୀନାକ୍ଷୀ ପ୍ରଧାନ, ସମ୍ପାଦିକା ସସ୍ମିତା ନାୟକ, କୋଷାଧକ୍ଷ ରଜନୀ ପ୍ରଧାନ, ଉପସଭାପତି ବାସନ୍ତୀ ବେହେରା, ସହସମ୍ପାଦିକା ଭାବେ ପ୍ରଭାତି ପରିଡ଼ା ନିର୍ବାଚିତ ହୋଇଛନ୍ତି। ଉକ୍ତ ପଞ୍ଚାୟତର ୬୫ଟି ସ୍ୱୟଂ ସହାୟିକା ଗୋଷ୍ଠୀକୁ ନେଇ ୯ଟି ଆଞ୍ଚଳିକ ମଞ୍ଚ ଗଠନ କରାଯାଇଥିଲା। ବ୍ଲକ ଉପାଧକ୍ଷ ଯୁଧିଷ୍ଠିର ସ୍ୱାଇଁ ଓରକଳ ପଞ୍ଚାୟତକୁ ଆଦର୍ଶ ଗ୍ରାମ ପଞ୍ଚାୟତ ରୂପେ ଗଢ଼ି ତୋଳିବା ପାଇଁ ଉଦ୍ୟମ ଜାରି ରଖିଥିବା କହିଥିଲେ। ମହିଳା ବିକାଶ ଅଧିକାରୀ ଗଣେଶ ଚନ୍ଦ୍ର ସ୍ୱାଇଁ, ବିଏଲ୍‌ସି ବେବିନା ସ୍ୱାଇଁ, ଜୀବିକା ମିଶନର ବରିଷ୍ଠ ସିଆର୍‌ପି ଅନିତା ଜେନାଙ୍କ ଉପସ୍ଥିତିରେ କର୍ମକର୍ତ୍ତା ଚୟନ କରାଯାଇଥିଲା। ଏଥିରେ ପଞ୍ଚାୟତର ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।



ବୈଠକରେ ଉପସ୍ଥିତ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ।

## ବଦଳି ପରେ ବି ସ୍ଥାନ ଛାଡୁନାହାନ୍ତି ସିଡିପିଓ

ଗୋପ, ୨୧।୯(ଡି.ଏନ୍.ଏ.)

ଗୋପ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ପ୍ରତିଭା ଶିଶୁ ଗୋସ୍ୱାମୀଙ୍କ ନାମରେ ଅନିୟମିତତା ଅଭିଯୋଗ ଆସିବା ପରେ ତାଙ୍କୁ ଅନ୍ୟତ୍ର ବଦଳି କରାଯାଇଛି। ବଦଳିର ୧୦ଦିନ ପରେ ମଧ୍ୟ ପୁରୀ ଜିଲାପାଳ ଜ୍ୟୋତିପ୍ରକାଶ ଦାସ ରିଲିଭ୍ ନ କରିବା ଫଳରେ ଗୋପ ମହିଳା ମହାସଂଘ ଆନ୍ଦୋଳନ କରିବା ସହିତ ରାଜରାସ୍ତାକୁ ଆସିବ ବୋଲି ଶୁକ୍ରବାର ମହିଳା ମହାସଂଘ ପକ୍ଷରୁ ଏକ ଅଭିଯୋଗ ପତ୍ର ବିଭାଗୀୟ ମନ୍ତ୍ରୀ ଓ ସ୍ଥାନୀୟ ବିଧାୟକଙ୍କୁ ଦିଆଯାଇଥିବା ଗୋପ ବ୍ଲକ୍ ମହିଳା ମହାସଂଘ ସଭାନେତ୍ରୀ ମୀନାକ୍ଷୀ ପୃଷ୍ଟି କହିଛନ୍ତି।

ପ୍ରକାଶ ଯେ, ଗୋପ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ପ୍ରାୟ ୮ମାସ ତଳେ ଗୋପରେ ଯୋଗ ଦେଇଥିବାବେଳେ ତାଙ୍କ କାର୍ଯ୍ୟକାଳ ସମୟରେ ଛତୁଆ ଯୋଗାଣ ସଂସ୍ଥା ଚୟନ, ଖେଳଣା କିଣାରେ ଅନିୟମିତତା ସହ ଠିକ୍ ଭାବରେ ଅଙ୍ଗନୱାଡ଼ି ସେଣ୍ଟର ପରିଚାଳନା ନ କରିପାରିବା ଭଳି ଗୁରୁତର ଅଭିଯୋଗ ହୋଇଥିଲା। ଏହି ଅଭିଯୋଗକୁ ନେଇ ଜିଲାପାଳଙ୍କ ନିର୍ଦ୍ଦେଶରେ ତତ୍କାଳୀନ ବିଡିଓ ତଦନ୍ତ କରିବାରୁ ସମସ୍ତ ବିଷୟ ପଦାକୁ ଆସିଥିଲା। ଏ ସମ୍ପର୍କରେ ଜିଲାପାଳ ରାଜ୍ୟ ସରକାରଙ୍କୁ ଏକ ରିପୋର୍ଟ ପ୍ରଦାନ କରିବା ପରେ ରାଜ୍ୟ ସରକାର ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ବଦଳି ଅର୍ଡ଼ର ନଂ ଓଡ଼ି୪୪/୨୦୧୭/୫୭୫୯ରେ ନିର୍ଦ୍ଦେଶନାମା ଜାରି କରିଥିଲେ। ମାତ୍ର ଏହି ବଦଳିକୁ ୧୦ଦିନ ବିତିଯାଇଥିଲେ ମଧ୍ୟ ଅତିରିକ୍ତ ଶାସନ ସଚିବଙ୍କ ନିର୍ଦ୍ଦେଶକୁ ବେଖାତିର କରି ଜିଲାପାଳ ସିଡିପିଓ ଗୋସ୍ୱାମୀଙ୍କୁ ରିଲିଭ୍ କରୁ ନ ଥିବାରୁ ଏ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏପରି କି ବଦଳି ଅର୍ଡରକୁ ରଦ୍ଦ କରିବା ପାଇଁ ଉଦ୍ୟମ ହେଉଥିବା ମହିଳା ମହାସଂଘ ଅଭିଯୋଗ ଆଣିଛି। ସିଡିପିଓଙ୍କୁ ୩ଦିନ ଭିତରେ ରିଲିଭ୍ କରା ନ ଗଲେ ମହିଳା ମହାସଂଘ ପକ୍ଷରୁ ସିଡିପିଓଙ୍କ କାର୍ଯ୍ୟାଳୟରେ ତାଲା ପକାଯିବା ସହ ଗୋପ-କୋଣାର୍କ ରାସ୍ତା ଅବରୋଧ କରାଯିବ ବୋଲି ମହିଳା ମହାସଂଘ ସଭାନେତ୍ରୀ ମୀନାକ୍ଷୀ ପୃଷ୍ଟି ଓ କୋଷାଧ୍ୟକ୍ଷ ଯାମିନୀ ଦଳାଇ ବିଭାଗୀୟ ମନ୍ତ୍ରୀ ଓ ଗୋପ ବ୍ଲକ ଅଧୀନରେ ଥିବା ନିମାପଡ଼ା, କାକଟପୁର, ପୁରୀ ସଦର ବିଧାୟକମାନଙ୍କୁ ଅବଗତ କରିଛନ୍ତି। ଏ ସମ୍ପର୍କରେ ଜିଲାପାଳ ଜ୍ୟୋତିପ୍ରକାଶ ଦାଶଙ୍କୁ ପଚାରିବାରେ କଣାସ ସିଡିପିଓଙ୍କୁ ରିଲିଭ୍ କରାଯାଇଛି। ଖୁବ୍ ଶୀଘ୍ର ଗୋପ ସିଡିପିଓଙ୍କୁ ରିଲିଭ୍ କରାଯିବ ବୋଲି ସେ କହିଥିଲେ।

**■ ବୃଦ୍ଧି ପାଉଛି ଅସନ୍ତୋଷ**

**■ ରାଜରାସ୍ତାକୁ ଆସିବ ମହିଳା ମହାସଂଘ**